# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨୦/୨୦୨୦ (୨୦ ପୃଷ୍ଠା) | Bhubaneswar, Thursday, February 20/2020 | ★★★★★★

୪୬ଶ ଭାଗ ୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ରେସ୍‌ଲର୍ ହର୍‌ଦୀପଙ୍କୁ ବ୍ରୋଞ୍ଜ

ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ର ୯୭ କିଗ୍ରା ଗ୍ରୀକୋ-ରୋମାନ ବିଭାଗରେ ଭାରତର ହର୍‌ଦୀପ ବ୍ରୋଞ୍ଜ ପଦକ ଜିତିଛନ୍ତି।

୧୯

୦୭

## ଫିଲ୍ମ '୮୩'ରେ ଦୀପିକା

୧୯୮୩ କ୍ରିକେଟ ବିଶ୍ୱକପ୍ ବିଜେତା କପିଲ ଦେବଙ୍କ ଉପରେ ନିର୍ମିତ ଫିଲ୍ମ '୮୩'ରେ ଅଭିନେତ୍ରୀ ଦୀପିକା ପାଦୁକୋନ ତାଙ୍କ ସ୍ତ୍ରୀ ରୋମିଙ୍କ ଚରିତ୍ରରେ ନଜର ଆସିବେ।



# ପ୍ରତି ଜିଲାରେ ଖୋଲିବ ମଡେଲ ଧାନମଣ୍ଡି

- ୪୫ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି: ମନ୍ତ୍ରୀ
- ଅଫିସରଙ୍କୁ ଲାଞ୍ଚ ଦେଉଛନ୍ତି ମିଲର, ଚାଷୀଙ୍କ ଧାନ କାଟ କରାଯାଉଛି: ବିରୋଧୀ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ରାଜ୍ୟର ପ୍ରତି ଜିଲାରେ ମଡେଲ ଧାନମଣ୍ଡି ନିର୍ମାଣ ହେବ। ଏ ନେଇ ବିଧାୟକମାନଙ୍କଠାରୁ ମତାମତ ନିଆଯିବ। ମଡେଲ ମଣ୍ଡିର ରୂପରେଖ କିଭଳି ହେବ ସେ ନେଇ ବିଭାଗ ପକ୍ଷରୁ ଏକ ବୈଷୟିକ ଟିମ୍ ଅନ୍ୟ ରାଜ୍ୟକୁ ଗସ୍ତ କରିବ। ବିଧାୟକଙ୍କ ମତାମତ ଓ ଟିମ୍‌ର ରିପୋର୍ଟ ଆଧାରରେ ମଡେଲ ମଣ୍ଡି ସ୍ଥାପନ କରାଯିବ। ବୁଧବାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମୟରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ମନ୍ତ୍ରୀ କହିଛନ୍ତି ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୫.୨୨ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। ଆହୁରି ଏକମାସ ଦଶଦିନ ସମୟ ରହିଛି। ସମସ୍ତ ଧାନ ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି।

ମୂଳ ପ୍ରଶ୍ନରେ ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ ୨୦୧୯-୨୦ ଖରିଫ ଧାନକ୍ରୟ ପାଇଁ କେଉଁ ଜିଲାକୁ କେତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି, ବର୍ତ୍ତମାନ ସୁଦ୍ଧା କେତେ ପରିମାଣର ଏଫ୍‌ଏକ୍ୟୁ ଓ ନନ୍‌ଏଫ୍‌ଏକ୍ୟୁ ମାନର ଧାନ କିଣାଯାଇଛି, କେଉଁ ମଣ୍ଡିରେ ଚାଷୀମାନେ ପାଇଥିବା ଟୋକନ ☞ପୃଷ୍ଠା-୪

# ନକଲି ପ୍ରଶ୍ନପତ୍ର ଭାଇରାଲ

## ମାଟ୍ରିକ ପରୀକ୍ଷା



- ସ୍ପଷ୍ଟ କଲେ ବୋର୍ଡ କର୍ତ୍ତୃପକ୍ଷ
- କପି କରି ଧରାପଡ଼ିଲେ ୬୯

କଟକ ଅଫିସ/ଭୁବନେଶ୍ୱର(ବ୍ୟୁରୋ)/ ଧର୍ମଗଡ଼,୧୯।୨(ଡି.ଏନ.ଏ.)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ସାରା ରାଜ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଯାଇଛି ମାଟ୍ରିକ ପରୀକ୍ଷା। ହେଲେ ଆରମ୍ଭ ଦିନରେ ନକଲି ଓଡ଼ିଆ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରୀକ୍ଷା ଶେଷ ହେବାର ଅଧଘଣ୍ଟା ପୂର୍ବରୁ ଓଡ଼ିଆ ସବ୍‌ଜେକ୍ଟିଭ୍ ପ୍ରଶ୍ନପତ୍ର ସେଟ୍-ବି'ର ଅନେକ ପୃଷ୍ଠା ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଓ କଳାହାଣ୍ଡି ଜିଲାର ଧର୍ମଗଡ଼ ଅଞ୍ଚଳରୁ ହ୍ୱାଟ୍‌ସଆପ୍‌ରେ ଭାଇରାଲ ହୋଇଥିବା ଚର୍ଚ୍ଚା ହୋଇଥିଲା। କିନ୍ତୁ ଏଭଳି ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ବୋର୍ଡ ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତିଙ୍କ କହିବାନୁଯାୟୀ, ଯେଉଁ ଫଟୋ ଭାଇରାଲ ହୋଇଛି ତାହା ବୋର୍ଡର ପ୍ରଶ୍ନପତ୍ର ନୁହେଁ। ପରୀକ୍ଷା ସୁରୁଖୁରୁରେ ଶେଷ ହୋଇଛି। ଭାଇରାଲ ଫଟୋ ବୋର୍ଡ ପ୍ରଶ୍ନପତ୍ରର ଏକ ନକଲ। କେହି ଜାଣିଶୁଣି ବୋର୍ଡକୁ ବଦନାମ କରିବା ପାଇଁ ଚେଷ୍ଟା କରିଛନ୍ତି। ପ୍ରତ୍ୟେକ ପ୍ରଶ୍ନପତ୍ରରେ ଏକ ସିକ୍ୟୁରିଟି କୋଡ୍ ଦିଆଯାଇଛି। କୋଡ୍‌ଟି ଖାଲି ଆଖିରେ ଦେଖାଯିବ ନାହିଁ। ହେଲେ ଏହାର ଫଟୋ ଉଠାଇଲେ ତାହା କେଉଁ କେନ୍ଦ୍ରର ପ୍ରଶ୍ନପତ୍ର, ସହଜରେ ଜଣାପଡ଼ିଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ମହାନ୍ତି କହିଛନ୍ତି। ସେପଟେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ପ୍ରଶ୍ନପତ୍ର ଭାଇରାଲ ହୋଇଥିଲେ ତଦନ୍ତ ହେବ। ଏଥିରେ ଯିଏ ସମ୍ପୃକ୍ତ ଥିବ ତା' ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର କହିଛନ୍ତି ଯେ, ପ୍ରଶ୍ନପତ୍ର ଭାଇରାଲ ଚର୍ଚ୍ଚା ହେବା ପରେ ଜିଲାର ସମସ୍ତ ୧୩ ବ୍ଲକରେ ଯାଞ୍ଚ କରାଯାଇଥିଲା। କିନ୍ତୁ କୌଣସି ପ୍ରମାଣ ମିଳି ନାହିଁ ବୋଲି ଚୋପଦାର କହିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନର ଓଡ଼ିଆ ପ୍ରଶ୍ନପତ୍ର ସାଙ୍ଗକୁ ଗଣିତ ଓ ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ତାହାକୁ ବୋର୍ଡ କର୍ତ୍ତୃପକ୍ଷ ସ୍ୱୀକାର କରିଥିଲେ। ଭାଇରାଲ୍‌କୁ ରୋକିବା ପାଇଁ ଚଳିତବର୍ଷ ବୋର୍ଡ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବା ସହ ୧୦୦୦ କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି। ପ୍ରତି ପ୍ରଶ୍ନପତ୍ରରେ କୋଡ୍‌ର ବ୍ୟବସ୍ଥା କରାଯାଇଛି।

ସୂଚନାଥାଉ କି, ବୁଧବାର ସକାଳ ୯ଟାରୁ ପରୀକ୍ଷା କେନ୍ଦ୍ରର ଗେଟ୍ ଖୋଲିଥିଲା। ତ୍ରିସ୍ତରୀୟ ଯାଞ୍ଚ ପରେ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ର ଭିତରକୁ ଛଡ଼ାଯାଇଥିଲା। ସ୍ଥାନୀୟ ପ୍ରଶାସନିକ, ପୋଲିସ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ
ଶିଶୁ ଓ ଶାକାହାର

## କିଛି ତଥ୍ୟ
୨୦୧୮ରେ ଭାରତ ୪୦ ବିଲିୟନ ଡଲାରର ବୟନ ଏବଂ ଫ୍ୟାଶନ ପ୍ରଡକ୍ଟ ବିଦେଶକୁ ରପ୍ତାନି କରିଛି।
– ବାଣିଜ୍ୟ ମନ୍ତ୍ରଣାଳୟ


ଗାଡିରୁ ଘର-ଖଟିରୁ ବଜାର
ସବୁଠି 91.9 ସାର୍ଥକ FM ର ସ୍ୱର
91.9 ସାର୍ଥକ FM
ଏଥର ଜମିଲା...
୨୪ଘଣ୍ଟା Super Hit ଓଡିଆ ଗୀତ

Vencobb Fresh Chicken — Taste the difference!
19.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 47 | 89 | 99 |
| CTC | 50 | 93 | 103 |
| DKL | 52 | 96 | 106 |
| BDK | 55 | 100 | 110 |
| BLS | 57 | 102 | 112 |
| ANG | 51 | 94 | 104 |
| BHM | 46 | 88 | 98 |

Issued in the Interest of Consumers
*Conditions Apply

Please Visit! Please Visit!! Please Visit!!!
Government of Odisha
boyanika STALL
at NATIONAL LEVEL HANDLOOM EXPO 2020
IDCO EXHIBITION GROUND, UNIT-III, BHUBANESWAR
Exclusive Designs of National Awadee
Avail Special Rebate 10% + 20%
FRESH ARRIVALS
4 DAYS LEFT


# ସମ୍ମାନଜନକ 'ଇଟି ନାଓଁ ବିଜ୍‌ନେସ୍ ଲିଡର ଅଫ୍ ଦି ଇୟର୍' ପୁରସ୍କାର ପାଇଲେ ସଂଜୟ ହଂସ

ଦକ୍ଷ ନେତୃତ୍ୱ ସବୁବେଳେ ସଫଳତାର ଚାବିକାଠି ହୋଇଥାଏ, ଏଥିରେ ଦ୍ୱିମତ ନାହିଁ। ଖୁସି ଲାଗେ, ଯେତେବେଳେ ଏଭଳି ନେତୃତ୍ୱକୁ ପରିଚୟ ତଥା ସ୍ୱୀକୃତି ମିଳେ। ଲାଲ୍‌ଚାନ୍ଦ୍ ଜୁଏଲର୍ସରେ ଖୁସିର ଲହରୀ ଖେଳିଯାଇଥିଲା ଫେବୃଆରୀ ୧୬ ତାରିଖରେ, ଯେତେବେଳେ ଲାଲ୍‌ଚାନ୍ଦ୍‌ର ପ୍ରତିଷ୍ଠାତା ଶ୍ରୀ ସଂଜୟ ହଂସଙ୍କୁ ଗୋଟିଏ ନୁହେଁ ଦୁଇଟି ପୁରସ୍କାର ମିଳିଥିଲା ମୁମ୍ବାଇରେ ଆୟୋଜିତ ହୋଇଥିବା ସମ୍ମାନଜନକ ବିଜ୍‌ନେସ୍ ଲିଡର ଅଫ୍ ଦି ଇୟର ପୁରସ୍କାର ମହୋତ୍ସବରେ।

ମୁମ୍ବାଇର ପଞ୍ଚତାରକା ହୋଟେଲ୍ 'ତାଜ୍ ଲାଣ୍ଡ୍‌ସ୍ ଏଣ୍ଡ'ରେ ଇ.ଟି. ନାଓଁ ଦ୍ୱାରା ଆୟୋଜିତ ହୋଇଥିଲା ଏହି ମର୍ଯ୍ୟାଦାଜନକ ପୁରସ୍କାର ଉତ୍ସବ। ଅଳଙ୍କାର ବ୍ୟବସାୟିକ କ୍ଷେତ୍ର ତଥା ଗ୍ରାହକ କୈନ୍ଦ୍ରିକ କ୍ଷେତ୍ରରେ ଉଚ୍ଚ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ମିଳିଥିଲା। ଲାଲ୍‌ଚାନ୍ଦ୍‌ର ପ୍ରତିଷ୍ଠାତା ଶ୍ରୀ ସଂଜୟ ହଂସ କାର୍ଯ୍ୟ ବ୍ୟସ୍ତତା ଯୋଗୁ ମୁମ୍ବାଇ ଯାଇପାରିନଥିଲେ। ତାଙ୍କ ତରଫରୁ ଲାଲ୍‌ଚାନ୍ଦ୍‌ର ନିର୍ଦ୍ଦେଶକ ଅଜିତ୍ ହଂସ ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ପ୍ରଦାନ କରିଥିଲେ ଜନପ୍ରିୟ ଆଧ୍ୟାତ୍ମିକ ଗୁରୁ ଗୌର ଗୋପାଳ ଦାସ।

ଇନ୍‌ଫୋସିସ୍, ଡାଲମିଆଁ, ବାଇଜୁସ୍, ସାଇ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଏବଂ ୟୁଏନ୍ ଏକାଡେମୀ ମଧ୍ୟ ସ୍ୱ-କ୍ଷେତ୍ରରେ ଉଚ୍ଚତମ ପ୍ରଦର୍ଶନ ପାଇଁ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି।

ଅଜିତ୍ ହଂସ କହିଲେ - 'ସଂଜୟ ସାର୍ ଅନ୍ୟାନ୍ୟ ପୂର୍ବନିର୍ଦ୍ଧାରିତ କାର୍ଯ୍ୟ ଯୋଗୁଁ ଉତ୍ସବରେ ଯୋଗ ଦେଇପାରୁନାହାନ୍ତି। ତାଙ୍କ ତରଫରୁ ମୁଁ ଉତ୍ସବର ଆୟୋଜକ ତଥା ଏଠାରେ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଉଛି। ମୁଁ ଏହି ପୁରସ୍କାର ଗ୍ରହଣ କରି ଖୁବ୍ ଗର୍ବ ଓ ଆନନ୍ଦ ଅନୁଭବ କରୁଛି'।

ଅନେକ ବାଣିଜ୍ୟ ସମୀକ୍ଷକଙ୍କ ମତରେ ଏକାବେଳେ ଏଭଳି ଦୁଇଟି ପୁରସ୍କାର ହାସଲ କରିବା ଅନେକଙ୍କ କଳ୍ପନାର ବାହାରେ। ପ୍ରକୃତରେ ଏହି ପୁରସ୍କାର ସଂଜୟ ଏବଂ ଲାଲ୍‌ଚାନ୍ଦ୍‌ର ସଫଳତାର କାହାଣୀ ବର୍ଣ୍ଣନା କରେ।

ସ୍ୱର୍ଗତ ଲାଲ୍‌ଚାନ୍ଦ୍ ହଂସଙ୍କ କନିଷ୍ଠ ପୁତ୍ର ସଂଜୟ ଏକ ବ୍ୟବସାୟୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ରକ୍ଷଣଶୀଳ, ଅନୁଶାସନ ପ୍ରିୟ ତଥା ମାଟିର ମଣିଷ ଥିଲେ ଲାଲ୍‌ଚାନ୍ଦ୍ ହଂସ। ବାଲ୍ୟକାଳରେ ପିତାଙ୍କ ଚରିତ୍ର ଦ୍ୱାରା ବେଶ୍ ଅନୁପ୍ରାଣିତ ହୋଇଥିଲେ ସଂଜୟ। ଏହି ମୂଲ୍ୟବୋଧ ହିଁ ତାଙ୍କୁ ଭବିଷ୍ୟତରେ ନିଜସ୍ୱ ଉଦ୍ୟମରେ ଜଣେ ସଫଳ ଉଦ୍ୟୋଗପତି ହେବା ପାଇଁ ପ୍ରେରଣା ଯୋଗାଇଥିଲା।

ପ୍ରାୟ ତିନି ଦଶନ୍ଧି ତଳେ କିଶୋର ସଂଜୟ ନିଜ ପରିବାର ଦ୍ୱାରା ପରିଚାଳିତ ଯୋଗାଣ ବ୍ୟବସାୟରୁ ବାହାରି ନିଜସ୍ୱ ଉଦ୍ୟମରେ ନୂଆ କିଛି କରିବାର ଲକ୍ଷ ନେଇ ଆରମ୍ଭ କରିଥିଲେ ଗୋଟିଏ ଛୋଟିଆ ରୂପା ଅଳଙ୍କାର ପ୍ରତିଷ୍ଠାନ। ପ୍ରାରମ୍ଭରେ ସେ ଅନେକଙ୍କ କଟାକ୍ଷର ଶିକାର ହୋଇଥିଲେ। ରୂପା ବ୍ୟବସାୟରେ ତୁମର କିଛି ଅଭିଜ୍ଞତା ନାହିଁ ବୋଲି ମଧ୍ୟ କିଛି ଲୋକ ତାଙ୍କୁ ଅନେକ ବାର ସୂଚାଇ ଦେଇଥିଲେ। କିନ୍ତୁ, ସଂଜୟଙ୍କୁ ଲକ୍ଷ ପଥରୁ ବିଚ୍ୟୁତ କରିପାରିନଥିଲେ। ନିଜ ନିଷ୍ଠା ଓ ଅଭିଜ୍ଞତା ବଳରେ ସେ ମାତ୍ର ୬ ମାସ ମଧ୍ୟରେ ରୂପା ବ୍ୟବସାୟକୁ ସଫଳତାର ସହିତ ପରିଚାଳନା କରିବା ସହିତ ସୁନା ଅଳଙ୍କାର ବ୍ୟବସାୟରେ ପ୍ରବେଶ କରିବା ପାଇଁ ପାଦ ବଢ଼ାଇଲେ।

ସେ ପୂର୍ବାପେକ୍ଷା କଠିନରୁ କଠିନତର ପରିଶ୍ରମ କରିଚାଲିଲେ। ସ୍ୱର୍ଣ୍ଣ ଅଳଙ୍କାର ବ୍ୟବସାୟର ପ୍ରତ୍ୟେକ ସୂତ୍ର ସେ ଧିରେ ଧିରେ ଆୟତ୍ତ କରିବାକୁ ଲାଗିଲେ। ସ୍ୱର୍ଣ୍ଣର ମାନ ପରୀକ୍ଷା କରିବା ଠାରୁ ଆରମ୍ଭ କରି ଅଳଙ୍କାର ସୋଲ୍‌ଡରିଂ କରିବା ପର୍ଯ୍ୟନ୍ତ ସବୁ ବିଦ୍ୟା ହାସଲ କଲେ। ମାତ୍ର ବର୍ଷକ ମଧ୍ୟରେ ସେ ଭୁବନେଶ୍ୱରରେ ହଜାରେ ବର୍ଗଫୁଟ ପରିମିତ ସ୍ୱର୍ଣ୍ଣ ଅଳଙ୍କାର ସୋରୁମ୍ ପ୍ରତିଷ୍ଠା କଲେ।

କିନ୍ତୁ ସେ ସେତିକିରେ ଅଟକି ଗଲେ ନାହିଁ। ପ୍ରତିଯୋଗିତାପୂର୍ଣ୍ଣ ବଜାରରେ ନିଜର ସ୍ଥାନ ସୁଦୃଢ କରିବା ପାଇଁ ସେ ଆଧୁନିକ ଓ ପାରମ୍ପରିକ ଅଳଙ୍କାରର ବିଶାଳ ରେଞ୍ଜ୍ ବଜାରକୁ ଆଣିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ଅଳଙ୍କାର ଡିଜାଇନ୍‌ମାନ ଓଡ଼ିଶା ବଜାରକୁ ଆଣିଲେ, ଯାହାକି ପୂର୍ବରୁ କେବେ ଦେଖାଯାଇନଥିଲା। ଏହିପରି ଭାବରେ ଓଡ଼ିଶାରେ ସେ ପ୍ରଥମକରି ୨୨ କ୍ୟାରେଟ୍ କେ.ଡି.ଏମ୍. ଅଳଙ୍କାରର ବିକ୍ରୟ ଆରମ୍ଭ କଲେ।

ଓଡ଼ିଶାରେ କେ.ଡି.ଏମ୍. ଅଳଙ୍କାର ବିକ୍ରୟ ପୂର୍ବରୁ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ଅଳଙ୍କାର ନାଁରେ ୨୦ କ୍ୟାରେଟ୍ ଅଳଙ୍କାର ବିକ୍ରି ହେଉଥିଲା। କାରଣ ଏଥିରେ ଝଳେଇ ତମ୍ବାରେ କରାଯାଉଥିଲା। ଯାହାଫଳରେ ଗ୍ରାହକମାନେ ୨୨ କ୍ୟାରେଟ୍‌ର ମୂଲ୍ୟ ଦେଉଥିଲେ କିନ୍ତୁ ବାଇବ୍ୟାକ୍ କରିବା ସମୟରେ ୨୦ କ୍ୟାରେଟ୍ ପାଉଥିଲେ। ଯାହାଫଳରେ ସେମାନଙ୍କୁ ଅଯଥାରେ ୧୦ ପ୍ରତିଶତ ମୂଲ୍ୟ ହରାଇବାକୁ ପଡୁଥିଲା। ସଂଜୟ ଏହିସବୁକୁ ଲକ୍ଷକରି କେ.ଡି.ଏମ. ଅଳଙ୍କାରର ବିକ୍ରି ଆରମ୍ଭ କଲେ ଏବଂ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ମେଡ଼ିଆ କ୍ୟାମ୍ପେନ୍ ମଧ୍ୟ କରାଇଥିଲେ। ଯେଉଁଥିରେ ଗ୍ରାହକମାନେ ୨୨ କ୍ୟାରେଟ୍‌ର ମୂଲ୍ୟ ଦେଇ ୨୨ କ୍ୟାରେଟ୍ ହିଁ ପାଉଥିଲେ। ଯାହାଫଳରେ ଲାଲ୍‌ଚାନ୍ଦ୍ ଓଡ଼ିଶାରେ ବହୁଳ ଭାବରେ ଲୋକପ୍ରିୟ ହୋଇପାରିଲା।

ଏହାପରେ ସରକାର ବି.ଆଇ.ଏସ୍. ହଲ୍‌ମାର୍କ ବ୍ୟବସ୍ଥା ପ୍ରଚଳନ କରିବା ଆରମ୍ଭ କଲେ। ଏହି ବ୍ୟବସ୍ଥା ସେତେବେଳେ ଠିକ୍ ଭାବେ ଲାଗୁ ହୋଇନଥିଲା ଓ ଓଡ଼ିଶାରେ ହଲ୍‌ମାର୍କିଂ କେନ୍ଦ୍ର ମଧ୍ୟ ନଥିଲା। ବି.ଆଇ.ଏସ୍. ହଲ୍‌ମାର୍କକୁ ସଂଜୟ ହିଁ ପ୍ରଥମେ ଓଡ଼ିଶାରେ ଆରମ୍ଭ କରିଥିଲେ। ସେତେବେଳେ ସେ ସବୁ ଅଳଙ୍କାର ଦିଲ୍ଲୀକୁ ନେଇ ସେଠାରେ ଥିବା ହଲ୍‌ମାର୍କିଂ କେନ୍ଦ୍ରରେ ପରୀକ୍ଷା କରି ମାର୍କିଂ କରି ଭୁବନେଶ୍ୱରରେ ବିକ୍ରି କରୁଥିଲେ। ଗ୍ରାହକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଗୋଟିଏ ବର୍ଷ ଗଣମାଧ୍ୟମରେ ବ୍ୟୟବହୁଳ ପ୍ରଚାର ମଧ୍ୟ କରିଥିଲେ। ତାଙ୍କର ଉଦ୍ଦେଶ୍ୟ ଥିଲା ଲୋକେ ହଲ୍‌ମାର୍କିଂ ବ୍ୟବସ୍ଥାକୁ ବୁଝିପାରିବେ ଏବଂ ଠକାମୀରୁ ବଞ୍ଚିପାରିବେ।

ତାଙ୍କର ପରିଶ୍ରମ ଫଳପ୍ରଦ ହେଲା। ଗ୍ରାହକମାନେ ଉତ୍ତମ ମାନ ସହ ସୁନ୍ଦର ଡିଜାଇନ୍‌ର ଅଳଙ୍କାର ପାଇପାରିଲେ। ସେ ନିରବଚ୍ଛିନ୍ନ ଭାବେ ଦେଶର ବିଭିନ୍ନ ପ୍ରାନ୍ତରେ ଅନୁଷ୍ଠିତ 'ଟ୍ରେଡ୍ ଫେୟାର୍' ମାନଙ୍କରେ ଯୋଗ ଦେବାକୁ ଲାଗିଲେ, ଯେପରି ଅଳଙ୍କାର କାରିଗରୀର ପରିସର ଦିନକୁ ଦିନ ବ୍ୟାପକ ହେବ। ଫଳସ୍ୱରୂପ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲା। ଏବେ ଲାଲ୍‌ଚାନ୍ଦ୍ ପୂର୍ବଭାରତରେ ନିର୍ବିବାଦୀୟ ଏକ ନମ୍ବର ସ୍ଥାନ ହାସଲ କରିପାରିଛି।

ନବେ ଦଶକରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ସଫଳତାର ଅନେକ ସୋପାନ ଅତିକ୍ରମ କଲା। ୧୯୯୯ ମସିହା ବେଳକୁ ଲାଲ୍‌ଚାନ୍ଦ୍ ଜୁଏଲର୍ସ ୨୦ ହଜାର ବର୍ଗଫୁଟର ସୋରୁମ୍‌ରେ ପରିଣତ ହୋଇସାରିଥିଲା। ୨୦୧୫ ବେଳକୁ ଲାଲ୍‌ଚାନ୍ଦ୍ ସୋରୁମ୍ ୨୫ ହଜାର ବର୍ଗଫୁଟ ପରିମିତ ସ୍ଥାନ ଅଧିକାର କରିଥିଲା ଏବଂ ପୂର୍ବଭାରତର ବୃହତ୍ତମ ସୋରୁମ୍ ହେବାର ଗୌରବ ଲାଭ କରିଥିଲା। ସେହିବର୍ଷ ଲାଲ୍‌ଚାନ୍ଦ୍ ୨୦ହଜାର ବର୍ଗଫୁଟ ପରିମିତ ଦ୍ୱିତୀୟ ସୋରୁମ୍ ଖୋଲିଥିଲେ କଟକର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍‌ରେ। ମାଷ୍ଟରକ୍ୟାଣ୍ଟିନ୍ ଛକ ସ୍ଥିତ ସୋରୁମ୍ ଭଳି ଏଠାରେ ମଧ୍ୟ ଉପଲବ୍ଧ ହେଉଛି ବି.ଆଇ.ଏସ୍. ହଲ୍‌ମାର୍କ ଯୁକ୍ତ ସ୍ୱର୍ଣ୍ଣ ଅଳଙ୍କାର, ପ୍ରମାଣିତ ହୀରା ଅଳଙ୍କାର, ଅନ୍ତର୍ଜାତୀୟ ବ୍ରାଣ୍ଡର ହାତଘଣ୍ଟା ଏବଂ ଫେସନ୍ ଜୁଏଲାରୀ। ତା' ସହିତ ସବୁଠାରୁ ଖାସ୍ ହେଲା ଏଠାରେ ମିଳୁଥିବା ରୌପ୍ୟ ଅଳଙ୍କାର। ଏଭଳି କାରିଗରୀ ଅନନ୍ୟ ତଥା ବିରଳ।

ଓଡ଼ିଶାର ପ୍ରାଚୀନ ରୂପା ତାରକସୀ କାରିଗରୀକୁ ପୁନଃ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ସଂଜୟଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ। ଅନେକ କାରିଗର ଆଧୁନିକ ଏବଂ ପାରମ୍ପରିକ ରୂପା ଅଳଙ୍କାର ପ୍ରସ୍ତୁତ କରୁଛନ୍ତି ଯାହା ଆଜିର ନାରୀମାନଙ୍କ ନିକଟରେ ବୟସ ନିର୍ବିଶେଷରେ ବେଶ୍ ଆଦୃତ ହୋଇଛି।

ଅଳଙ୍କାର ଶିଳ୍ପ ପ୍ରତି ସଂଜୟଙ୍କ ଏଭଳି ଅବଦାନ ପାଇଁ ଦିନକୁ ଦିନ ଲାଲ୍‌ଚାନ୍ଦ୍ ଜୁଏଲର୍ସର ସୁନାମ ବଢ଼ିଛି ଏବଂ ସଫଳତାର ପାହାଚ ଅତିକ୍ରମ କରିବାରେ ସହାୟକ ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ହେଲା ଗତବର୍ଷ ନନ୍ଦନକାନନ ରୋଡ୍, ରଘୁନାଥପୁର ଠାରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଖୋଲିଥିବା ନୂଆ ଫ୍ଲାଗସିପ୍ ସୋରୁମ୍। ରାଜଧାନୀରେ ଏହା ବିଶାଳ ୩୦ ହଜାର ବର୍ଗଫୁଟ ପରିମିତ ଏକ 'ଷ୍ଟେଟ୍-ଅଫ୍-ଦି-ଆର୍ଟ' ସୋରୁମ୍ ଯାହା ଗ୍ରାହକମାନଙ୍କୁ ଅଭିଭୂତ କରିଛି। କେବଳ ଏହାର ବିଶାଳତା ବା ଚାକଚକ୍ୟ ନୁହେଁ, ଏହାର ଅଳଙ୍କାର ମାନ ଓ କାରିଗରୀ ଦର୍ଶକମାନଙ୍କୁ ବିଭୋର କରିଛି।

ଲାଲ୍‌ଚାନ୍ଦ୍‌ର ତିନିଟି ଯାକ ସୋରୁମ୍‌ରେ ପ୍ରାୟ ୪୦ ହଜାର ପ୍ରକାର ଡିଜାଇନ୍ ଉପଲବ୍ଧ ହେବା ସହ ଏଥିରେ ପ୍ରାୟ ୧୦୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିଛି। ସଂଜୟଙ୍କ ଦୃଢ ନେତୃତ୍ୱ, ନୂତନତ୍ୱ ଆଣିବାରେ ଦକ୍ଷତା ଅନେକ ବ୍ୟବସାୟ ବିଶାରଦଙ୍କୁ ଚମତ୍କୃତ କରିଛି। କିନ୍ତୁ ସେ ସବୁବେଳେ ସଫଳତାର ଶ୍ରେୟ ଗ୍ରାହକମାନଙ୍କୁ ଦିଅନ୍ତି। ଏଥର ମଧ୍ୟ ଅଲଗା ହୁଅନ୍ତା କିପରି? ମୁମ୍ବାଇରେ ପୁରସ୍କାର ଜିତିବା ପରେ ଯେତେବେଳେ ତାଙ୍କୁ ବନ୍ଧୁ ପରିଜନ ତଥା ଗଣମାଧ୍ୟମ ତରଫରୁ ପଚରା ଗଲା, ସେ ଚିରାଚରିତ ଢଙ୍ଗରେ କହିଲେ - ''ଗ୍ରାହକମାନଙ୍କର ଆସ୍ଥା ଓ ଭଲପାଇବା ବ୍ୟତୀତ କୌଣସି ସଫଳତାର କିଛି ମୂଲ୍ୟ ନାହିଁ। ମୁଁ ସବୁବେଳେ କହିଆସିଛି- ଗ୍ରାହକମାନେ ହିଁ ଭଗବାନ୍। ସେମାନେ ଆମର ପରିବାରର ଅଂଶବିଶେଷ। ଯେଉଁମାନଙ୍କ ପାଇଁ ଲାଲ୍‌ଚାନ୍ଦ୍ ଆଜି ଘରେ ଘରେ ପରିଚିତି ଲାଭ କରିପାରିଛି।''

ସେ କହିଲେ ''ମୁଁ ଇ.ଟି. ନାଓଁ ବିଜ୍‌ନେସ୍ ଲିଡର ଅଫ୍ ଦି ଇୟର୍' ପୁରସ୍କାର ପାଇ ଯେଉଁ ଆନନ୍ଦ ଲାଭ କରିଛି ତାହା ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ବିଶେଷ କରି ଗ୍ରାହକ କୈନ୍ଦ୍ରିକ ଉତ୍କର୍ଷତା କ୍ଷେତ୍ରରେ ଯେଉଁ ପୁରସ୍କାର ମିଳିଛି ସେଥିପାଇଁ ମୁଁ ଗର୍ବିତ। କାରଣ ସେହି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ମୁଁ ସବୁବେଳେ ଚେଷ୍ଟା କରୁଛି। ଦୀର୍ଘ ୩୨ ବର୍ଷ ଧରି ଏ କ୍ଷେତ୍ରରେ ଯେଉଁ କାର୍ଯ୍ୟ କରିଆସୁଛି, ସେଥିପାଇଁ ଏହା ଆହୁରି ଅନୁପ୍ରାଣିତ କରିବ। ଏହି ପୁରସ୍କାର ମୋର କର୍ମଚାରୀମାନଙ୍କ ପ୍ରତି ଉତ୍ସର୍ଗୀକୃତ, ଯେଉଁମାନେ ଦୀର୍ଘବର୍ଷ ଧରି ମୋତେ ସହଯୋଗ କରିଆସିଛନ୍ତି।''

ଏଇଥିରୁ ହିଁ ଜଣାପଡ଼େ ଲାଲ୍‌ଚାନ୍ଦ୍ ଜୁଏଲର୍ସ ତ୍ରୁଟିଶୂନ୍ୟ ଗ୍ରାହକସେବା ଯୋଗାଇଦେବା ପାଇଁ କେତେ ଯତ୍ନବାନ। ଲାଲ୍‌ଚାନ୍ଦ୍ ଜୁଏଲର୍ସ ଓଡ଼ିଶାବାସୀଙ୍କ ନିକଟରେ ଆଦୃତ ହୋଇପାରିଛି ଏଥିରେ କୌଣସି ଦ୍ୱିମତ ନାହିଁ। ଲାଲ୍‌ଚାନ୍ଦ୍ ଜୁଏଲର୍ସର ବିଶ୍ୱସ୍ତରୀୟ କର୍ମସଂସ୍କୃତି ପାଇଁ ସଂଜୟଙ୍କ ଅବଦାନ ପ୍ରଶଂସନୀୟ। ଅନେକ ପୁରସ୍କାର ପରେ ସଂଜୟଙ୍କୁ ମିଳିଥିବା ଏହି ଦୁଇଟି ପୁରସ୍କାର ହିଁ ସଂଜୟଙ୍କ ସଫଳତାର କାହାଣୀ ବର୍ଣ୍ଣନା କରେ।



କ୍ୱାଣ୍ଟମ୍ ଲାଇଫ୍ ୟୁନିଭର୍ସିଟି ଫାଉଣ୍ଡର୍ ଚେୟାରମ୍ୟାନ୍ ଡଃ କୋଣ୍ଡାବାଟି ନିଉଟନ୍ ଏବଂ ଡାଇରେକ୍ଟର ଡଃ ଲକ୍ଷ୍ମୀ, ଶ୍ରୀ ଅଜିତ୍ ହଂସ, ନିର୍ଦ୍ଦେଶକ, ଲାଲ୍‌ଚାନ୍ଦ୍ ଜୁଏଲର୍ସ ଓ ଆଧ୍ୟାତ୍ମିକ ଗୁରୁ ଗୌର ଗୋପାଳ ଦାସ

## ଓଡ଼ିଆ ଯୁବଦ୍ୟୋଗୀଙ୍କ ସଫଳତାର ଗାଥା ବର୍ଣ୍ଣିତ ହେଲା ମୁମ୍ବାଇରେ



ଲାଲ୍‌ଚାନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଶ୍ରୀଯୁକ୍ତ ସଂଜୟ ହଂସ



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ଫେବୃୟାରୀ ,୨୦୨୦



ବିହାରର ଗୟା ଜିଲା ଅନ୍ତର୍ଗତ ବାଙ୍କେ ବଜାର ପୋଲିସ ଷ୍ଟେଶନ ଅଧୀନ ଏକ ସ୍କୁଲ ବିଲ୍ଡିଂକୁ ସନ୍ଦିଗ୍ଧ ମାଓବାଦୀମାନେ ବିସ୍ଫୋରଣ କରି ଉଡ଼ାଇ ଦେଇଛନ୍ତି। ଏହା ପରେ ସେଠାରେ ସେମାନେ କିଛି ପୋଷ୍ଟର ମାରି ସିଏଏ, ଏନ୍‌ପିଆର୍ ଓ ଏନ୍‌ସିଆରକୁ ବିରୋଧ କରି ଫାସୀବାଦରେ ବିଶ୍ୱାସ କରୁଥିବା ଭାଜପା ସରକାରକୁ ସମାଲୋଚନା କରିଥିବା ବରିଷ୍ଠ ପୋଲିସ ଅଧିକାରୀ ସଞ୍ଜୀବ ମିଶ୍ର କହିଛନ୍ତି।



# ଶାହିନବାଗରେ ହାଇଡ୍ରାମା

ନୂଆଦିଲ୍ଲୀ,୧୯।୨



ଶାହିନବାଗରେ ମଧ୍ୟସ୍ଥ ସଞ୍ଜୟ ହେଗଡେଙ୍କ ସହ ସାଧନା ରାମଚନ୍ଦ୍ରନ୍।

- ବିକ୍ଷୋଭସ୍ଥଳରେ ପ୍ରବଳ ହୋହଲ୍ଲା
- ଫେରିଗଲେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥ
- ମଧ୍ୟସ୍ଥଙ୍କ ମଧ୍ୟରେ ଫାଟ ନେଇ ଚର୍ଚ୍ଚା
- ଆଜି ପୁଣି ହେବ ଆଲୋଚନା

କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଦିଲ୍ଲୀର ଶାହିନବାଗରେ ଚାଲିଥିବା ଆନ୍ଦୋଳନ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ମଧ୍ୟ ଥମିନାହିଁ। ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ମଧ୍ୟସ୍ଥ ଭାବେ ନିଯୁକ୍ତି ପାଇଥିବା ଦୁଇ ବରିଷ୍ଠ ଆଇନଜୀବୀ ସଞ୍ଜୟ ହେଗ୍‌ଡେ ଓ ସାଧନା ରାମଚନ୍ଦ୍ରନ୍ ବୁଧବାର ବିକ୍ଷୋଭକାରୀମାନଙ୍କୁ ବୁଝାଇବା ପାଇଁ ଯାଇଥିଲେ। ହେଲେ ସେଠାରେ ପ୍ରବଳ ହୋହଲ୍ଲା ଓ ପାଟିତୁଣ୍ଡ ହେବାରୁ ଉଭୟେ ଫେରିଯାଇଛନ୍ତି। ଗୁରୁବାର ଦୁଇ ମଧ୍ୟସ୍ଥ ପୁନର୍ବାର ଶାହିନବାଗ ଯାଇ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

ଡିସେମ୍ବର ୧୪। ଏଇଟା ହେଉଛି ସେହି ତାରିଖ, ଯେବେଠୁ ଦକ୍ଷିଣ ଦିଲ୍ଲୀର ଶାହିନବାଗ ପାଲଟିଛି ସିଏଏ ବିରୋଧୀ ବିକ୍ଷୋଭର କେନ୍ଦ୍ରସ୍ଥଳ। ସିଏଏ ପ୍ରତ୍ୟାହାର ଦାବିରେ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ଧରି ଲୋକେ ବିଶେଷକରି ମହିଳାମାନେ ଦିଲ୍ଲୀ ଓ ନୋଏଡାକୁ ସଂଯୋଗ କରୁଥିବା ଶାହିନବାଗର ରାସ୍ତାକୁ ଅବରୋଧ କରି ଆନ୍ଦୋଳନ ଚଳାଇଛନ୍ତି। ଅଚଳାବସ୍ଥାକୁ ନେଇ କେତେକ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଛି। ଜଷ୍ଟିସ୍ ସଞ୍ଜୟ କୌଲ ଏବଂ କେ.ଏମ୍. ଜୋସେଫ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୧୬ ତାରିଖରେ ସେଗୁଡ଼ିକର ଶୁଣାଣି କରି ସଞ୍ଜୟ ହେଗ୍‌ଡେ ଓ ସାଧନା ରାମଚନ୍ଦ୍ରନ୍‌ଙ୍କୁ ବାର୍ତ୍ତାକାର ଭାବେ ନିଯୁକ୍ତ କରିଥିଲେ। ବିକ୍ଷୋଭ କରିବା ସେମାନଙ୍କ ଅଧିକାର କିନ୍ତୁ ବିକ୍ଷୋଭ ଅନ୍ୟ ନାଗରିକମାନଙ୍କୁ ପ୍ରଭାବିତ କରିବା ଅନୁଚିତ ବୋଲି ଅଦାଲତ କହିଥିଲେ। ଏହାସହ ଲୋକଙ୍କୁ କାଳିନ୍ଦୀ କୁଞ୍ଜ ରାସ୍ତାରୁ ବିକ୍ଷୋଭକୁ ଅନ୍ୟତ୍ର (ରାମଲୀଲା ମଇଦାନ କିମ୍ବା ଯନ୍ତରମନ୍ତର ଭଳି ସ୍ଥାନକୁ) ସ୍ଥାନାନ୍ତର କରିବା ଲାଗି ବୁଝାଇବା ସକାଶେ ମଧ୍ୟସ୍ଥଙ୍କୁ ପରାମର୍ଶ ଦେଇଥିଲେ। ଆଲୋଚନାର ନିଷ୍କର୍ଷ ଆସନ୍ତା ୨୪ ତାରିଖ ସୁଦ୍ଧା କୋର୍ଟରେ ଦାଖଲ କରିବାକୁ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ରହିଛି। ତେଣୁ ମଙ୍ଗଳବାର ଦୁଇ ମଧ୍ୟସ୍ଥ ପ୍ରଥମଥର ପାଇଁ ବିକ୍ଷୋଭସ୍ଥଳରେ ପହଞ୍ଚିଥିଲେ। ଉଭୟେ କହିଥିଲେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଆମେ ଆସିଛୁ। ସମସ୍ତଙ୍କ ସହ କଥା ହେବୁ ଓ ସଭିଙ୍କ କଥା ଶୁଣିବୁ। ସମସ୍ତଙ୍କ ସହଯୋଗରେ ସୁଫଳ ମିଳିବ ବୋଲି ଆଶା। ଅଦାଲତ ଆପଣମାନଙ୍କ ବିକ୍ଷୋଭ କରିବାର ଅଧିକାରକୁ କାଏମ ରଖିଛନ୍ତି। କିନ୍ତୁ ଅନ୍ୟମାନଙ୍କ ଅଧିକାର ମଧ୍ୟ ବଜାୟ ରହିବା ଉଚିତ ବୋଲି କହିଥିଲେ। ସଞ୍ଜୟ ସୁପ୍ରିମକୋର୍ଟଙ୍କ ରାୟକୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିବାବେଳେ ସାଧନା ତାକୁ ହିନ୍ଦୀରେ ବୁଝାଇଥିଲେ। ଇତିମଧ୍ୟରେ ବିକ୍ଷୋଭକାରୀମାନେ ହୋହଲ୍ଲା କରିବାରୁ ଅଧିକ ସମୟ ଆଲୋଚନା ହୋଇପାରି ନାହିଁ। କେତେଜଣ ମହିଳା କାନ୍ଦିବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାର ସିଏଏ ସହ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆରସି) ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ପ୍ରତ୍ୟାହାର କଲେ ଯାଇ ସେମାନେ ବିକ୍ଷୋଭସ୍ଥଳରୁ ହଟିବେ ବୋଲି କହିଥିଲେ। ଖବରଦାତାମାନେ ସେଠାରେ ଉପସ୍ଥିତ ରହି ଆଲୋଚନାର ରେକର୍ଡିଂ କରନ୍ତୁ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ଶେଷରେ ମିଡିଆ ବିକ୍ଷୋଭସ୍ଥଳ ଛାଡ଼ି ଚାଲିଯିବ ଓ ବୈଠକ ପରେ ବିକ୍ଷୋଭକାରୀମାନେ ଗଣମାଧ୍ୟମକୁ ନିଷ୍କର୍ଷ ସମ୍ପର୍କରେ ଅବଗତ କରାଇବେ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ପାଟିତୁଣ୍ଡ ଭିତରେ ଦୁଇ ମଧ୍ୟସ୍ଥ ସେଠାରୁ ଚାଲିଯାଇଛନ୍ତି। ଦୁହେଁ ଗୁରୁବାର ପୁଣି ଶାହିନବାଗ ଯାଇ ବିକ୍ଷୋଭକାରୀଙ୍କ ସହ କଥା ହେବେ ବୋଲି କହିଛନ୍ତି। ସଞ୍ଜୟ ଓ ସାଧନା ସେଠାରୁ ଚାଲିଯିବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ତୃତୀୟ ମଧ୍ୟସ୍ଥ ୱାଜାହତ ହବିବୁଲ୍ଲା ପହଞ୍ଚିଥିଲେ। ଏହାକୁ ଦେଖି ଗଣମାଧ୍ୟମ କର୍ମୀମାନେ ବିସ୍ମିତ ହୋଇଥିଲେ। ପୃଥକ୍ ଭାବେ ଆସିଥିବାରୁ ସେମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଛି ନା ଏହା ଏକ ସୁଚିନ୍ତିତ ରଣନୀତି ବୋଲି ଅନେକେ ଚର୍ଚ୍ଚା କରିଥିଲେ। ଏନେଇ ପୂର୍ବତନ ମୁଖ୍ୟ ସୂଚନା କମିଶନର ହବିବୁଲ୍ଲା କହିଛନ୍ତି, ମଧ୍ୟସ୍ଥ ଟିମ୍‌ରେ ତାଙ୍କୁ ସାମିଲ କରାଯିବା ନେଇ ଆନୁଷ୍ଠାନିକ ଭାବେ ଅବଗତ କରାଯାଇନାହିଁ।

## ସଞ୍ଜୟ କୋଠାରୀ ହେବେ ସିଭିସି



### ବିମଳ ଜୁଲ୍‌କା ନୂଆ ସିଆଇସି





ନୂଆଦିଲ୍ଲୀ,୧୯।୨(ପି.ଟି.)

ରାଷ୍ଟ୍ରପତିଙ୍କ ସଚିବ ଥିବା ସଞ୍ଜୟ କୋଠାରୀ ଦେଶର ପରବର୍ତ୍ତୀ ମୁଖ୍ୟ ଭିଜିଲାନ୍ସ କମିଶନର (ସିଭିସି) ନିଯୁକ୍ତ ହେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ନୂଆ ସିଭିସି ଭାବେ କୋଠାରୀଙ୍କୁ ଚୟନ କରିଛି। ସେହିପରି ପୂର୍ବତନ ସୂଚନା ଓ ପ୍ରସାରଣ ସଚିବ ବିମଳ ଜୁଲ୍‌କାଙ୍କୁ ନୂଆ ମୁଖ୍ୟ ସୂଚନା କମିଶନର (ସିଆଇସି) ଭାବେ କମିଟି ମନୋନୀତ କରିଛି। ଜୁଲ୍‌କା ଏବେ ସୂଚନା କମିଶନର ଭାବେ କାର୍ଯ୍ୟ କରୁଛନ୍ତି। ଉଭୟ କୋଠାରୀ ଓ ଜୁଲ୍‌କା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବେ ଅବସର ଗ୍ରହଣ କରିଛନ୍ତି।

ସରକାରଙ୍କ ନିଷ୍ପତ୍ତିକୁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ବିରୋଧ କରିଥିବାବେଳେ କମିଟିର ଅନ୍ୟ ସଦସ୍ୟମାନେ ଏହାକୁ ସମର୍ଥନ କରିଛନ୍ତି। ସୁରେଶ ପଟେଲଙ୍କୁ ଭିଜିଲାନ୍ସ କମିଶନର ଏବଂ ଅନୀତା ପାଣ୍ଡୋଭଙ୍କୁ ସୂଚନା କମିଶନର ଭାବେ ନିଯୁକ୍ତି ଦେବା ଲାଗି କମିଟି ସଂଖ୍ୟାଧିକ ମତରେ ନିଷ୍ପତ୍ତି ନେଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ପରେ ସେମାନଙ୍କ ନିଯୁକ୍ତି ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ।

## 'ଗୁଳି କଲେ ବି ଘୁଞ୍ଚିବୁ ନାହିଁ'

ତୁମେ ଗୁଳି ଚଳାଇଲେ ବି ଆମେ ପଛକୁ ଘୁଞ୍ଚିବୁ ନାହିଁ। ଗୋଟିଏ ଇଞ୍ଚ ତ ଦୂରର କଥା, କେଶାଗ୍ରେ ସ୍ଥାନ ଛାଡ଼ିବୁ ନାହିଁ। ସିଏଏକୁ ନେଇ ସରକାର ଏକ ଇଞ୍ଚ ଘୁଞ୍ଚିବେ ନାହିଁ ବୋଲି ଯଦି ସ୍ୱରାଷ୍ଟ୍ରମନ୍ତ୍ରୀ କହୁଛନ୍ତି ତେବେ ଆମେ ମଧ୍ୟ କେଶ ଅଗ୍ର ସମ ଭୂଇଁରୁ ହଟିବୁ ନାହିଁ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥମାନେ ଆଲୋଚନା ପାଇଁ ଦକ୍ଷିଣ ଦିଲ୍ଲୀର ଶାହିନବାଗରେ ପହଞ୍ଚିଥିବାବେଳେ ସିଏଏ ବିରୋଧୀ ବିକ୍ଷୋଭର ପ୍ରତୀକ ପାଲଟିଥିବା ବିଲ୍‌କିସ୍ ବାନୋ ଏପରି ଚେତାବନୀ ଦେଇଛନ୍ତି।



## ଚୋରି କରିବାକୁ ଯାଇଥିଲେ, ମଦ ପିଇ ଫେରିଆସିଲେ

କୋଚି,୧୯।୨(ଆଇଏଏନ୍‌ଏସ୍)

### 'ମୋତେ କ୍ଷମା କରିଦେବେ ଅଫିସର'

ଏକ ଘରକୁ ଚୋରି କରିବା ପାଇଁ ଜଣେ ଚୋର ଯାଇଥିଲେ। ଘରେ ଆର୍ମି କ୍ୟାପ୍ ଦେଖି ତାହା ଜଣେ ପୂର୍ବତନ ସୈନିକଙ୍କ ଘର ବୋଲି ଜାଣିବା ପରେ ସେ ଚୋରି ନ କରିବାକୁ ନିଷ୍ପତ୍ତି ନେଇଥିଲେ। ଫେରିଆସିବା ପୂର୍ବରୁ ଚୋର ସେଠାରେ ଥିବା ମଦ ପିଇଦେଇଥିଲେ। ଏପରି କୌତୂହଳପୂର୍ଣ୍ଣ ଘଟଣା ଘଟିଛି କେରଳର କୋଚିସ୍ଥିତ ତ୍ରିପୁନିଥୁରାରେ। ବୁଧବାର ସକାଳେ ଶ୍ରମିକମାନେ ସମ୍ପୃକ୍ତ ପୂର୍ବତନ ସେନା ଅଧିକାରୀଙ୍କ ଘର ମରାମତି କରିବାବେଳେ ଏହି ଘଟଣା ସାମ୍ନାକୁ ଆସିଛି। ଘର ସାମ୍ନାପଟ କବାଟକୁ ଭାଙ୍ଗିଦିଆଯାଇଛି। କାନ୍ଥରେ ଚୋର ଲେଖିଥିବା କଥା ପଢ଼ି ସମସ୍ତେ ବିସ୍ମିତ ହୋଇଯାଇଛନ୍ତି। ଚୋର ଲେଖିଛନ୍ତି, ଏହା ଜଣେ ସେନା ଅଧିକାରୀଙ୍କ ଘର ବୋଲି ମୁଁ ଜାଣି ନ ଥିଲି। ହେଲେ ତାଙ୍କର ଟୋପି ଦେଖିବା ପରେ ଚୋରି କରିବା ନିଷ୍ପତ୍ତି ବଦଳାଇଦେଲି। ଅଫିସର, ଦୟାକରି ମୋତେ କ୍ଷମା କରିଦିଅନ୍ତୁ। ଅନ୍ୟ ଏକ ସ୍ଥାନରେ ସେ ପୁଣି ଲେଖିଛନ୍ତି, ନିକଟସ୍ଥ ଏକ ଦୋକାନରୁ ସେ ଟଙ୍କା ଓ ବ୍ୟାଗ୍ ଚୋରି କରିଛନ୍ତି। ସେ ଯେହେତୁ ଟଙ୍କା ନେଇସାରିଛନ୍ତି, ବ୍ୟାଗ୍‌ଟିକୁ ଦୋକାନୀଙ୍କୁ ଫେରସ୍ତ କରାଯିବା ଉଚିତ। ସମ୍ପ୍ରତି ମଧ୍ୟପ୍ରାଚ୍ୟରେ କାର୍ଯ୍ୟରତ ଘର ମାଲିକ ଇସାକ୍ ମନି କହିଛନ୍ତି, ଏହି ଘଟଣା ପରେ ତାଙ୍କ ପାଖକୁ ଅନେକ ଫୋନ୍ କଲ ଆସିବାରେ ଲାଗିଛି।

## 'ମସ୍‌ଜିଦ ପାଇଁ ବି ଟ୍ରଷ୍ଟ ଗଠନ କରୁ କେନ୍ଦ୍ର'



**ଲକ୍ଷ୍ନୌ,୧୯।୨(ଆଇଏଏନ୍‌ଏସ୍):** କେନ୍ଦ୍ର ସରକାର ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ଟ୍ରଷ୍ଟ ଗଠନ କରିଛନ୍ତି। ସେହିପରି ମସ୍‌ଜିଦ ଲାଗି ମଧ୍ୟ ଏକ ଟ୍ରଷ୍ଟ ଗଠନ କରନ୍ତୁ। ମସ୍‌ଜିଦ ନିର୍ମାଣ ପାଇଁ ପାଣ୍ଠି ମଧ୍ୟ ଯୋଗାଇ ଦିଅନ୍ତୁ ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଦାବି କରିଛନ୍ତି। ଲକ୍ଷ୍ନୌରେ ଏନ୍‌ସିପିର ରାଜ୍ୟସ୍ତରୀୟ ସମ୍ମିଳନୀକୁ ସମ୍ବୋଧିତ କରି ପାୱାର ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି। ଏହି ଦଳ ଧର୍ମ ଆଧାରରେ ଲୋକଙ୍କୁ ବିଭାଜନ କରୁଛି। ଯଦି ସରକାର ମନ୍ଦିର ପାଇଁ ଟ୍ରଷ୍ଟ ଗଠନ କରିପାରିଲେ ତେବେ ମସ୍‌ଜିଦ ଲାଗି ପାଣ୍ଠି ଯୋଗାଇ ଆଉ ଏକ ଟ୍ରଷ୍ଟ କାହିଁକି ଗଠନ କରିପାରିବେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଶାହାଙ୍କୁ ଭେଟିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୧୯।୨ (ପି.ଟି.)



ଦିଲ୍ଲୀ ବିଧାନସଭା ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ବୁଧବାର ପ୍ରଥମ ଥର ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ୨୦ ମିନିଟ୍ ଆଲୋଚନା କରିଛନ୍ତି। ଶାହାଙ୍କ ବାସଭବନରେ ଉଭୟେ ଦିଲ୍ଲୀ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ କଥା ହୋଇଥିଲେ। ଦିଲ୍ଲୀର ବିକାଶ ପାଇଁ ଏକାଠି କାର୍ଯ୍ୟ କରିବାକୁ ସେମାନେ ରାଜି ହୋଇଥିବା କେଜ୍‌ରିୱାଲ ଟୁଇଟ୍ କରିଛନ୍ତି।

ଅନ୍ୟପକ୍ଷରେ କେଜ୍‌ରିୱାଲ ବୁଧବାର ତାଙ୍କ କ୍ୟାବିନେଟ ସହକର୍ମୀମାନଙ୍କ ସହ ଏକ ବୈଠକରେ ଜନସାଧାରଣଙ୍କୁ ଦିଆଯାଇଥିବା ୧୦ ଗ୍ୟାରେଣ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ଏହାର କାର୍ଯ୍ୟକାରିତା ଲାଗି ଯୋଜନା ପ୍ରସ୍ତୁତ କରିବାକୁ ସେ ମନ୍ତ୍ରୀ ଓ ଅଫିସରମାନଙ୍କୁ କହିଥିଲେ।

## ସିଏଏ ହିଂସାକୁ ନେଇ ଯୋଗୀଙ୍କ ବିବାଦୀୟ ମନ୍ତବ୍ୟ

**ଲକ୍ଷ୍ନୌ,୧୯।୨:** ଉତ୍ତରପ୍ରଦେଶରେ ଗତ ଡିସେମ୍ବର ମାସରେ ସିଏଏ ବିରୋଧୀ ହିଂସାରେ ପ୍ରାୟ ୨୦ ଜଣଙ୍କ ମୃତ୍ୟୁ ଘଟିଥିଲା। ତେବେ ବୁଧବାର ରାଜ୍ୟ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କର ଏ ସମ୍ପର୍କିତ ମନ୍ତବ୍ୟକୁ ନେଇ ବିବାଦ ମୁଣ୍ଡ ଟେକିଛି। ଯଦି କେହି ମରିବା ଉଦ୍ଦେଶ୍ୟ ନେଇ ରାସ୍ତାକୁ ଓହ୍ଲାଏ ତେବେ ତାଙ୍କୁ କିପରି ଜୀବିତ ରଖାଯାଇପାରିବ ବୋଲି ଆଦିତ୍ୟନାଥ କହିଥିଲେ। କୌଣସି ବିକ୍ଷୋଭକାରୀ ପୋଲିସ ଗୁଳିରେ ମରିନାହାନ୍ତି। ଯେଉଁମାନେ ମରିଛନ୍ତି, ସେମାନେ ଦଙ୍ଗାକାରୀଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି ବୋଲି ୟୁପି ମୁଖ୍ୟମନ୍ତ୍ରୀ ଗୃହରେ କହିଥିଲେ। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଦୀର୍ଘଦିନ ଧରି ଚାଲିଥିବା ଆନ୍ଦୋଳନକୁ ଆଦିତ୍ୟନାଥ ସମାଲୋଚନା କରିଥିଲେ।



## 'ହୁନର ହାଟ'ରେ ମୋଦି

ନୂଆଦିଲ୍ଲୀ,୧୯।୨(ପି.ଟି.)





ନୂଆଦିଲ୍ଲୀର ରାଜପଥରେ ଚାଲିଥିବା 'ହୁନର ହାଟ'ରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଚାନକ ପହଞ୍ଚି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ସେଠାରେ ସେ କାରିଗରମାନଙ୍କ ସହ ଭାବ ବିନିମୟ କରିବା ସହ ଲିଚ୍ଛି-ଚୋଖା ଏବଂ ମାଟିପାତ୍ରରେ ଚା'ର ମଜା ନେଇଥିଲେ। କ୍ୟାବିନେଟ ବୈଠକ ଶେଷ ହେବା ପରେ ମୋଦି ସିଧା ହୁନର ହାଟକୁ ଚାଲିଥିଲେ। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏହି ହାଟ ଆୟୋଜନ କରାଯାଇଛି। ମୋଦିଙ୍କୁ ହଠାତ୍ ଦେଖି ମନ୍ତ୍ରଣାଳୟର ଅଧିକାରୀମାନେ ହତବତେଇ ଯାଇଥିଲେ। ପ୍ରଧାନମନ୍ତ୍ରୀ ସେଠାରେ ଲିଚ୍ଛି ଚୋଖା ଖାଇ ୧୨୦ ଟଙ୍କା ଦେଇଥିଲେ। ପରେ ସେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁଖ୍‌ତାର ଆବ୍ବାସ ନକ୍‌ଭିଙ୍କ ସହ ମାଟିପାତ୍ରରେ ଚା' ପିଇଥିଲେ ଓ ୪୦ ଟଙ୍କା ଦେଇଥିଲେ।

### ଅଚାନକ ଯାଇ ଲିଚ୍ଛି-ଚୋଖାର ମଜା ନେଲେ

## ୩ ହିଜ୍‌ବୁଲ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୯।୨(ପି.ଟି.):** ଜମ୍ମୁ-କଶ୍ମୀରର କୁଲ୍‌ଗ୍ରାମା ଜିଲା ଅନ୍ତର୍ଗତ ଟ୍ରାଲ୍ ସେକ୍ଟରରେ ଜଣେ ହିଜ୍‌ବୁଲ କମାଣ୍ଡରଙ୍କ ସମେତ ୩ ଆତଙ୍କବାଦୀ ବୁଧବାର ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି। ମଙ୍ଗଳବାର ରାତିରୁ ଏହି ଅଞ୍ଚଳରେ ଆତଙ୍କବାଦୀମାନେ ଥିବା ଖବର ପାଇ ସୁରକ୍ଷାକର୍ମୀ କର୍ଡନ କରି ସର୍ଚ୍ଚ ଅପରେଶନ ଜୋର୍‌ଦାର କରିଥିଲେ। ଆତଙ୍କବାଦୀଙ୍କ ପକ୍ଷରୁ ଗୁଳିମାଡ଼ କରାଯିବା ପରେ ସୁରକ୍ଷାକର୍ମୀମାନେ ଏହାର ଜବାବ୍ ଦେଇଥିଲେ। ଡିଜିପି ଦିଲ୍‌ବାଗ ସିଂ ଏନେଇ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ନିହତ ୩ ଆତଙ୍କବାଦୀମାନେ ହେଲେ ଆତ୍ମଘୋଷିତ କମାଣ୍ଡର ଜେହାଙ୍ଗିର ଅହମଦ ୱାନି, ରାଜା ଉମର ମକ୍‌ବୁଲ ଓ ସଦାତ୍ ଅହମଦ ଠୋକର୍। ଏନ୍‌କାଉଣ୍ଟର ସ୍ଥାନରୁ ୨ ଏକେ ରାଇଫଲ୍ସ, ପିସ୍ତଲ୍, ୨ ଗ୍ରେନେଡ୍ ଆଦି ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଗତ ମାସରୁ ଏପର୍ଯ୍ୟନ୍ତ ୨୩ ଆତଙ୍କବାଦୀ ନିହତ ହୋଇଥିବା ସେ କହିଛନ୍ତି।

## ୨ ବିମାନ ଧକ୍କା: ୪ ମୃତ

**ମେଲ୍‌ବୋର୍ନ,୧୯।୨:** ଅଷ୍ଟ୍ରେଲିଆ ଆକାଶରେ ବୁଧବାର ଦୁଇଟି ହାଲୁକା ବିମାନ ମଧ୍ୟରେ ଧକ୍କା ହେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ବିମାନ ଦୁଇଟିର ଭଗ୍ନାବଶେଷ ମେଲବୋର୍ନର ଗ୍ରାମାଞ୍ଚଳରେ ବିକ୍ଷିପ୍ତ ଭାବେ ପଡ଼ିଥିଲା। ପ୍ରତି ବିମାନରେ ଜଣେ ପାଇଲଟ ଓ ଜଣେ ଯାତ୍ରୀ ଥିଲେ। ୪୦୦୦ ଫୁଟ୍ ଉଚ୍ଚରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି।

## [ଇତିହାସର ଆଇନାରେ]

### ଫେବୃୟାରୀ ୨୦ର ପ୍ରମୁଖ ଘଟଣା

୧୯୨୦ ଫେବୃୟାରୀ ୨୦ରେ ଜର୍ଜିଆରେ ଭୂକମ୍ପ ହେବାରୁ ଏଥିରେ ୧୨୦ ବ୍ୟକ୍ତି ପ୍ରାଣ ହରାଇଥିଲେ। ପ୍ରାୟ ୫୦୦ ଲୋକ ଆହତ ହୋଇଥିବାବେଳେ ଅନେକ ଘର ଭାଙ୍ଗିଯାଇଥିଲା। ଗୋରି ସହର ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୨ ଥିଲା।

୧୯୭୯ ଫେବୃୟାରୀ ୨୦ରେ ଇଣ୍ଡୋନେସିଆର କେନ୍ଦ୍ରୀୟ ଜାଭାରେ ଭୂକମ୍ପରୁ ଅଗ୍ନି ଉଦ୍‌ଗୀରଣ ହାଇ ବିଷାକ୍ତ ଗ୍ୟାସ ବାହାରିବାରୁ ୧୫୦ ଲୋକଙ୍କ ପ୍ରାଣହାନି ଘଟିଥିଲା।

## ୧୦୦ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତରୁ ୧୧

ଲଣ୍ଡନ,୧୯।୨(ପି.ଟି.)

ବିଶ୍ୱର ବିକାଶଶୀଳ ଅର୍ଥନୀତି ମଧ୍ୟରୁ ବଛାଯାଇଥିବା ୧୦୦ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତରୁ ୧୧ଟି ସ୍ଥାନ ପାଇଛି। ଟାଇମ୍ସ ହାୟର ଏଜୁକେଶନ୍ସ ଇମର୍ଜିଂ ଇକୋନୋମିକ୍ ୟୁନିଭର୍ସିଟି ର୍ୟାଙ୍କିଂ ୨୦୨୦ରୁ ଏହା ଜଣାପଡିଛି। ମୋଟ ୪୭ଟି ଦେଶର ୫୩୩ ବିଶ୍ୱବିଦ୍ୟାଳୟକୁ ନେଇ ଏହି ସର୍ଭେ କରାଯାଇଥିବାବେଳେ ସେଥିରେ ଭାରତରୁ ୫୬ଟି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଥିଲା। ଶ୍ରେଷ୍ଠ ବିବେଚିତ ୧୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚାଇନାରୁ ସର୍ବାଧିକ ୩୦ଟି ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ଭାରତ ରହିଛି। ଏହି ତାଲିକାରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସାଇନ୍ସ (ଆଇଆଇଏସ୍‌ସି) ୧୬ତମ ସ୍ଥାନରେ ରହିଥିବାବେଳେ ଏହା ପଛକୁ ରହିଛି ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି)। ଭାରତୀୟ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଦେଖାଇଛନ୍ତି। ଭାରତ ସରକାର ୨୦୧୭ରେ ଇନ୍‌ଷ୍ଟିଚ୍ୟୁଟ୍ସ ଅଫ ଏମିନେନ୍ସ ପ୍ରତିଷ୍ଠା କରିଥିଲେ। ଏଥିରେ ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟ ଅମୃତ ବିଶ୍ୱ ବିଦ୍ୟାପୀଠମ୍ ପ୍ରଥମ ଥର ପାଇଁ ଶ୍ରେଷ୍ଠ ୧୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ଖଡ଼ଗପୁର ୨୩ ସ୍ଥାନ ଉପରକୁ ଉଠି ୩୨ତମ ସ୍ଥାନରେ ପହଞ୍ଚିଥିବାବେଳେ ଆଇଆଇଟି ଦିଲ୍ଲୀ ୩୮ତମ, ଆଇଆଇଟି ମାଡ୍ରାସ ୬୩ତମ ସ୍ଥାନରେ ରହିଛି। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି ରୋପଡ୍ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ କେମିକାଲ ଟେକ୍‌ନୋଲୋଜି ପ୍ରଥମ ଥର ଏହି ର୍ୟାଙ୍କିଂରେ ପ୍ରବେଶ କରି ଶ୍ରେଷ୍ଠ ୧୦୦ ମଧ୍ୟରେ ସ୍ଥାନ ପାଇଛନ୍ତି।

## ନୃପେନ୍ଦ୍ର ମିଶ୍ର ରାମମନ୍ଦିର ନିର୍ମାଣ କମିଟି ମୁଖ୍ୟ

ନୂଆଦିଲ୍ଲୀ,୧୯।୨



ନୃପେନ୍ଦ୍ର ମିଶ୍ର

- ମହନ୍ତ ନୃତ୍ୟଗୋପାଳ ଟ୍ରଷ୍ଟ ଅଧ୍ୟକ୍ଷ
- ଚମ୍ପତ୍ ରାୟ ସାଧାରଣ ସମ୍ପାଦକ, ଗୋବିନ୍ଦ ଗିରି କୋଷାଧ୍ୟକ୍ଷ ନିର୍ବାଚିତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବତନ ପ୍ରମୁଖ ସଚିବ ନୃପେନ୍ଦ୍ର ମିଶ୍ର ରାମ ଜନ୍ମଭୂମି ଟ୍ରଷ୍ଟର ମନ୍ଦିର ନିର୍ମାଣ କମିଟି ମୁଖ୍ୟ ନିର୍ବାଚିତ ହୋଇଛନ୍ତି। ବୁଧବାର ସନ୍ଧ୍ୟାରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ପ୍ରଥମ ବୈଠକ ବସି ମହନ୍ତ ନୃତ୍ୟଗୋପାଳ ଦାସଙ୍କୁ ଟ୍ରଷ୍ଟ ଅଧ୍ୟକ୍ଷ ଏବଂ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ନେତା ଚମ୍ପତ୍ ରାୟଙ୍କୁ ସାଧାରଣ ସମ୍ପାଦକ ନିର୍ବାଚନ କରାଯାଇଛି। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କାର୍ଯ୍ୟର ତଦାରଖ କରିବ ଟ୍ରଷ୍ଟ। ବୈଠକରେ ନୃତ୍ୟଗୋପାଳ ଓ ଚମ୍ପତ୍‌ଙ୍କୁ ସର୍ବସମ୍ମତିକ୍ରମେ ଟ୍ରଷ୍ଟ ସଦସ୍ୟ ନିଯୁକ୍ତ କରାଯିବା ପରେ ଟ୍ରଷ୍ଟର ଅଧ୍ୟକ୍ଷ ତଥା ପରିଚାଳନା ଟ୍ରଷ୍ଟି ଏବଂ ସାଧାରଣ ସମ୍ପାଦକ ନିର୍ବାଚିତ କରାଯାଇଥିଲା। ପୂର୍ବରୁ ନୃତ୍ୟଗୋପାଳ ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା ଗଠିତ ରାମଜନ୍ମଭୂମି ନ୍ୟାସର ମୁଖ୍ୟ ଥିବାବେଳେ ଚମ୍ପତ୍ ଭିଏଚ୍‌ପି ଉପାଧ୍ୟକ୍ଷ ଥିଲେ। ସେହିପରି ଗୋବିନ୍ଦ ଗିରିଙ୍କୁ କୋଷାଧ୍ୟକ୍ଷ ନିର୍ବାଚିତ କରାଯାଇଛି। ବରିଷ୍ଠ ଆଇନଜୀବୀ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଟ୍ରଷ୍ଟ ଅଧ୍ୟକ୍ଷ କେ. ପରାଶରନ୍‌ଙ୍କ ଦିଲ୍ଲୀ ଗ୍ରେଟର କୈଳାସସ୍ଥିତ ବାସଭବନରେ ଏହି ବୈଠକ ୨ ଘଣ୍ଟା ଧରି ଚାଲିଥିଲା। ଆଗାମୀ ୧୫ ଦିନ ମଧ୍ୟରେ ଟ୍ରଷ୍ଟର ଆଉ ଏକ ବୈଠକ ବସି ଅଯୋଧ୍ୟାରେ ବିଶାଳ ରାମମନ୍ଦିର ନିର୍ମାଣ ସମ୍ପର୍କରେ ଘୋଷଣା କରାଯିବ। ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଜ୍ଞାନେଶ କୁମାର, ଉତ୍ତରପ୍ରଦେଶ ସରକାରଙ୍କ ପ୍ରତିନିଧି ଅବିନାଶ ଅୱସ୍ଥି, ଅଯୋଧ୍ୟା ଜିଲାପାଳ ଅନୁଜ୍ କୁମାର ଝା ପ୍ରମୁଖ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀର ଗ୍ରେଟର କୈଳାଶ-୧ରେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାମ ଜନ୍ମଭୂମି ନ୍ୟାସ ମୁଖ୍ୟ ମହନ୍ତ ନୃତ୍ୟଗୋପାଳ ଦାସ (ମଝି) ଓ ଅନ୍ୟ ସଦସ୍ୟମାନେ।

# ୩ ଦିନ ରିମାଣ୍ଡରେ ଗଲେ ଅନୁପ

ଝାରସୁଗୁଡ଼ା ଅଫିସ,୧୯।୨

## କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣା



କୋର୍ଟ ପରିସରରେ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ଓ ଅନୁପ ସାଏ।

- ବର୍ଦ୍ଧନ ଟପ୍ପୋଙ୍କୁ ଗୋଟିଏ ଦିନ ରିମାଣ୍ଡ
- ଆଜି ହେବ ନାର୍କୋ ଓ ଡିଏନ୍‌ଏ ଟେଷ୍ଟ ପାଇଁ ଆବେଦନ

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲି ହତ୍ୟା ଘଟଣାରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଛତିଶଗଡ଼ ଚକ୍ରଧରନଗର ପୋଲିସ ତନାଘନା ଚଳାଇଛି। ଗିରଫ ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ରିମାଣ୍ଡରେ ନେବା ପାଇଁ ପୋଲିସ ରାୟଗଡ଼ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମଙ୍ଗଳବାର ଆବେଦନ କରିଥିଲା। କୋର୍ଟ ଆବେଦନକୁ ବିଚାର କରି ଦିନକ ପାଇଁ ରାୟ ସ୍ଥଗିତ ରଖିଥିଲେ। ତେବେ ବୁଧବାର ଅପରାହ୍ନ ପ୍ରାୟ ୫ଟା ୧୫ ମିନିଟ୍‌ରେ ଚକ୍ରଧରନଗର ପୋଲିସ ଉଭୟଙ୍କୁ କୋର୍ଟରେ ହାଜର କରିବା ସହ ଉଭୟଙ୍କୁ ୭ ଦିନ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା। ପୋଲିସର ଆବେଦନ ଓ ମାମଲାକୁ ଅନୁଧ୍ୟାନ କରି କୋର୍ଟ ଅନୁପଙ୍କୁ ତିନି ଦିନ ଏବଂ ବର୍ଦ୍ଧନଙ୍କୁ ଦିନକ ପାଇଁ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ସେହିପରି ଅନୁପଙ୍କ ନାର୍କୋ ଓ ଡିଏନ୍‌ଏ ଟେଷ୍ଟ କରିବା ନେଇ ପୋଲିସ ପକ୍ଷରୁ ଗୁରୁବାର କୋର୍ଟରେ ଆବେଦନ କରାଯିବ। କୋର୍ଟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ଅନୁପ ଦର୍ଶାଇଛନ୍ତି ବୋଲି ସରକାରୀ ଓକିଲ ବେଦପ୍ରକାଶ ପଟେଲ କହିଛନ୍ତି। ଅନ୍ୟପକ୍ଷେ ଏହି ହତ୍ୟା ଘଟଣାରେ ଅନୁପଙ୍କ ଇନୋଭା ଗାଡ଼ି ବ୍ୟବହାରକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ବୁଧବାର ଉକ୍ତ ଗାଡ଼ିକୁ ଚକ୍ରଧରନଗର ଥାନାରେ ହାଜର କରାଯାଇଥିବା ଜଣାପଡ଼ିଛି।

ଉଲ୍ଲେଖନୀୟ, ପୋଲିସ ଅନୁପ ଓ ବର୍ଦ୍ଧନଙ୍କୁ ଗିରଫ କରି ପଚରାଉଚୁରା ବେଳେ ସେମାନେ ନିଜ ଦୋଷ ସ୍ୱୀକାର କରିଥିଲେ। ତେବେ ହତ୍ୟାକାଣ୍ଡରେ ବ୍ୟବହୃତ ଅସ୍ତ୍ର ଓ ଗାଡ଼ି ଏଯାଏ ଜବତ ହୋଇପାରିନାହିଁ। ପୂର୍ବରୁ ଉଭୟଙ୍କୁ ପଚରାଉଚୁରା ବେଳେ ଭିନ୍ନ ଭିନ୍ନ ତଥ୍ୟ ସାମ୍ନାକୁ ଆସିଥିଲା। ଅଧିକାଂଶ ସମୟରେ ଦୁଇ ଅଭିଯୁକ୍ତ ପୋଲିସକୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଥିଲେ। ସେଥିପାଇଁ ଦୁଇ ଜଣଙ୍କୁ ରିମାଣ୍ଡରେ ଆଣି ସାମ୍ନାସାମ୍ନି ବସାଇ ଜେରା କରିବାକୁ ପୋଲିସ ଯୋଜନା ରଖିଛି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀକୁ କୋର୍ଟ ଜିମା ଦେଇ ପ୍ରମାଣ କରିବା ଏବଂ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ଅଧିକ ପଚରାଉଚୁରା ପାଇଁ ରିମାଣ୍ଡ ଆବେଦନ କରିଥିବା କୁହାଯାଇଛି।

ସୂଚନାଯୋଗ୍ୟ ଯେ, ୨୦୧୬ ମସିହା ମେ ୬ ତାରିଖରେ ହୋଇଥିବା ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଦର୍ଶାଇ ରାୟଗଡ଼ ପୋଲିସ ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଗତ ୧୨ ତାରିଖରେ ବ୍ରଜରାଜନଗରରୁ ଉଠାଇ ନେଇଥିଲା। ସେଠାରେ ପଚରାଉଚୁରା ବେଳେ ସେ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଏବଂ ତାଙ୍କୁ ଏଥିରେ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ସହଯୋଗ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ପୋଲିସ ଗତ ୧୪ ତାରିଖ ରାତିରେ ବର୍ଦ୍ଧନଙ୍କୁ ତାଙ୍କ ଘରୁ ନେଇଯାଇଥିଲା । ଏହାପରେ ବର୍ଦ୍ଧନ ପୋଲିସ ଆଗରେ ଦୋଷ ସ୍ୱୀକାର କରି ଡେମୋ ଦେଖାଇବାକୁ ରାଜି ହୋଇଥିଲେ। ୧୬ ତାରିଖରେ ହତ୍ୟାକାଣ୍ଡ ସ୍ଥଳରେ ପୋଲିସ ପକ୍ଷରୁ ମଣିଷ ସଦୃଶ ଦୁଇଟି ପୁତୁଳା ପକାଯାଇଥିଲା। ସେଠାରେ ଡ୍ରାଇଭର ବର୍ଦ୍ଧନ ପୋଲିସକୁ ସୂଚନା ଦେଇ କହିଥିଲେ, କଳ୍ପନା ଓ ବବ୍‌ଲିଙ୍କୁ ହତ୍ୟା କରିବା ପରେ ଗୋଟିଏ ନୁହେଁ ଦୁଇଟି ଗାଡ଼ି ସେମାନଙ୍କ ଉପରେ ଚଢ଼ାଯାଇଥିଲା। ପ୍ରଥମେ ଏକ ବୋଲେରୋ ଓ ପରେ ଏକ ଇନୋଭା ଗାଡ଼ି ଚଢ଼ାଯାଇଥିଲା ବୋଲି କହିବା ସହିତ ଏହାର ଡେମୋ ମଧ୍ୟ କରି ସେ ଦେଖାଇଥିଲେ। ଏହାପରେ ଅନୁପ ଓ ବର୍ଦ୍ଧନଙ୍କ ବ୍ୟତୀତ ଏକାଧିକ ଲୋକ ଏହି ଘଟଣାରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା ପୋଲିସ। ପରେ ପୋଲିସ ଏହାକୁ ଗୁରୁତ୍ୱ ଦେଇ ଉଭୟଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚୁରା କରିବା ପାଇଁ ପଦକ୍ଷେପ ନେଇଥିଲା।







# ତଦନ୍ତ ପରେ ଫେରିଲା ଛତିଶଗଡ଼ ପୋଲିସ

## ଆବଶ୍ୟକ ପଡ଼ିଲେ ଅନୁପଙ୍କୁ ଓଡ଼ିଶା ନିଆଯିବ: ରାୟଗଡ଼ ଏସ୍‌ପି

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲିଙ୍କୁ ହତ୍ୟା ଘଟଣାରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଭୁବନେଶ୍ୱରରେ ୩ଦିନ ଧରି ତଦନ୍ତ ଚଳାଇଥିଲା ଛତିଶଗଡ଼ ପୋଲିସ। ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବା ପରେ ଛତିଶଗଡ଼ ପୋଲିସ ବୁଧବାର ଫେରିଯାଇଛି। ଏହି ଡବଲ ମର୍ଡର ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଗାଡ଼ିଚାଳକ ବର୍ଦ୍ଧନ ଟପ୍ପୋଙ୍କୁ ଗିରଫ କରାଯାଇଛି। ଅନୁପ ଓ ବର୍ଦ୍ଧନଙ୍କୁ ଯଥାକ୍ରମ ୩ଦିନ ଓ ଦିନକ ପାଇଁ ରିମାଣ୍ଡରେ ନେବାକୁ ଛତିଶଗଡ଼ ପୋଲିସକୁ କୋର୍ଟ ଅନୁମତି ଦେଇଛନ୍ତି। ହତ୍ୟାକାଣ୍ଡରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଥିବା ନେଇ ତଦନ୍ତ ଚାଲିଛି। ଆବଶ୍ୟକ ପଡ଼ିଲେ ମୁଖ୍ୟ ଅଭିଯୁକ୍ତ ଅନୁପଙ୍କୁ ଓଡ଼ିଶା ନିଆଯିବ ବୋଲି ଛତିଶଗଡ଼ର ରାୟଗଡ଼ ଏସ୍‌ପି ସନ୍ତୋଷ ସିଂ କହିଛନ୍ତି। ଘଟଣା ସମ୍ପର୍କରେ ଏସ୍‌ପି ସିଂଙ୍କ ସହ ମୋବାଇଲ ଫୋନରେ କଥାବାର୍ତ୍ତାବେଳେ ସେ କହିଛନ୍ତି ଯେ, ଅଭିଯୁକ୍ତମାନଙ୍କୁ ରିମାଣ୍ଡ ସମୟରେ ଜେରା କରାଯାଇ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡ଼, ଗାଡ଼ି ଓ ଅନ୍ୟମାନଙ୍କ ସମ୍ପୃକ୍ତି ବିଷୟରେ ତଥ୍ୟପ୍ରମାଣ ଯୋଗାଡ଼ କରାଯିବ। ଦରକାର ପଡ଼ିଲେ ଅନୁପଙ୍କୁ ଭୁବନେଶ୍ୱର, ବ୍ରଜରାଜନଗର ଓ ଘଟଣାସ୍ଥଳ(ଛତିଶଗଡ଼ ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲ)କୁ ନିଆଯିବ ବୋଲି ଏସ୍‌ପି ସିଂ କହିଛନ୍ତି।

ହତ୍ୟାକାଣ୍ଡରେ ବ୍ୟବହୃତ ବୋଲେରୋର ମାଲିକାନାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ୨୦୧୫ରେ ମାଲିକାନା ପରିବର୍ତ୍ତନ ସମ୍ପର୍କିତ ତଥ୍ୟ ଭୁବନେଶ୍ୱର ଆରଟିଓ-୧କୁ ମାଗିଛି ଛତିଶଗଡ଼ ପୋଲିସ। ଅନୁରୂପ ଭାବେ ବବ୍‌ଲି ପଢୁଥିବା ସ୍କୁଲକୁ ଯାଇ ପୋଲିସ ତଦନ୍ତ କରିଥିଲା। ସ୍କୁଲରେ ବବ୍‌ଲିଙ୍କ ଉପସ୍ଥାନ ଓ ଅନ୍ୟ କେତେକ ତଥ୍ୟ ପୋଲିସ ସଂଗ୍ରହ କରିନେଇଥିବା ଜଣାପଡ଼ିଛି। ସେହିପରି ଅନୁପ ଓ କଳ୍ପନା ଏକାଠି ବିମାନ ଯାତ୍ରା କରିବା ସମ୍ପର୍କିତ ତଥ୍ୟ ପୋଲିସ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ମାଗିବା ସହ ସୁନ୍ଦରପଦା ଫ୍ଲାଟ୍ କିଣାବିକା ତଥ୍ୟ ମଧ୍ୟ ସଂଗ୍ରହ କରିଛି।

### ପରିବାର ଲୋକ ମାନସିକ ନିର୍ଯାତନା ଭୋଗୁଛନ୍ତି

ଅନୁପଙ୍କ ନାମରେ ମିଥ୍ୟା ଓ ଅତିରଞ୍ଜିତ ଖବର ପ୍ରସାରିତ ହେଉଥିବା ନେଇ ଅଭିଯୋଗ କରିଛନ୍ତି ତାଙ୍କ ବଡ଼ଭାଇ ପ୍ରମୋଦ କୁମାର ସାଏ। ଏହାଦ୍ୱାରା ସମ୍ପୂର୍ଣ୍ଣ ପରିବାର ମାନସିକ ଯନ୍ତ୍ରଣା ଭୋଗିବା ସହ ଭୟଭୀତ ହୋଇ ରହିଥିବା ନେଇ ସେ ବ୍ରଜରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଅତିରଞ୍ଜିତ ଖବର ପରିବେଷଣ ନ କରିବାକୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପ୍ରେସ କାଉନସିଲ୍ ଅଫ୍ ଇଣ୍ଡିଆ, ଓଏଚ୍‌ଆର୍‌ସି, ଝାରସୁଗୁଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ଚିଠିଲେଖି ନିବେଦନ କରିଛନ୍ତି।

# ପିଏମଏୱାଇ-ବିପିଜିଏୱାଇ ଝଗଡ଼ା

- ଲୋଗୋକୁ ନେଇ ବିଜେଡି-ଭାଜପା ଟଣାଓଟରା
- ହିତାଧିକାରୀଙ୍କ ଘର ଦୁଆରେ ଲାଗିବ କେନ୍ଦ୍ର, ରାଜ୍ୟର ଲୋଗୋ




ଭୁବନେଶ୍ୱର,୧୯।୨(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମଏୱାଇ-ଜି) ପାଇଁ କେନ୍ଦ୍ର ସରକାର ପଇସା ଦେଉଛନ୍ତି। ସେହି ଘର ଆଗରେ ବିଜୁ ବାବୁଙ୍କ ଲୋଗୋ କାହିଁକି ଲଗାଯିବ। ଏହାକୁ ନେଇ ଭାଜପା ଘୋର ଆପତ୍ତି ଉଠାଇଛି। ଏ ପ୍ରସଙ୍ଗରେ ବୁଧବାର ମୁଲତବୀ ପ୍ରସ୍ତାବ ଆଣି ବିଧାନସଭାରେ ସରକାରଙ୍କୁ ଘେରିଛନ୍ତି ଭାଜପା। ଭାଜପାର ଅଭିଯୋଗ ହେଉଛି ପିଏମଏୱାଇ କେନ୍ଦ୍ର ସରକାରଙ୍କ ଯୋଜନା। ଏଥିପାଇଁ କେନ୍ଦ୍ର ରାଜ୍ୟ ସରକାରଙ୍କୁ ପର୍ଯ୍ୟାପ୍ତ ଅର୍ଥ ଦେଉଛନ୍ତି। ସେଥିରେ ବିଜୁବାବୁଙ୍କ ଲୋଗୋ କାହିଁକି ଲାଗିବ। ସରକାର ପ୍ରଥମ ପର୍ଯ୍ୟାୟରେ ପିଏମଏୱାଇ ଘର ଆଗରେ ୧୩ ହଜାର ୧୩୧ ଟି ଲୋଗୋ ଲଗାଇବାକୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ ଚିଠି କରାଯାଇଛି। ଯାହାକୁ ଭାଜପା ବିରୋଧ କରୁଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଏହାର ଜବାବ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ଘର ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀଙ୍କ ଘର କବାଟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋଗୋ ରହିବ। ଯେଉଁ ହିତାଧିକାରୀ ପିଏମ୍‌ଏୱାଇ ଘର ପାଇବେ ସେମାନଙ୍କ କବାଟରେ ଉଭୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାର ଲୋଗୋ ଲଗାଯିବ। ଏହାର ସମ୍ପୂର୍ଣ୍ଣ ଯଥାର୍ଥତା ରହିଛି। ପ୍ରଧାନମନ୍ତ୍ରୀ ଆବାସ ଏବଂ ବିଜୁ ପକ୍କାଘର ଯୋଜନାକୁ ମିଶାଇ ଏଥର ବଜେଟ କରାଯାଇଛି। ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବାଂଲା ଆବାସ ଯୋଜନା କରାଯାଇଥିବା ବେଳେ ହିତାଧିକାରୀଙ୍କ ଦୁଆରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଫଟୋ ଲଗାଯାଉଛି। ସିକିମ୍‌ରେ ମଧ୍ୟ ହିତାଧିକାରୀଙ୍କ ଘର ଆଗରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହୁଛି। ସେହିପରି ତାମିଲନାଡୁରେ ମଧ୍ୟ ତାଙ୍କ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହୁଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ୬୦ପ୍ରତିଶତ ଅର୍ଥ ଦେଉଥିବାବେଳେ ରାଜ୍ୟ ସରକାର ୪୦ପ୍ରତିଶତ ଅର୍ଥ ଦେଉଛନ୍ତି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ସରକାରୀ ଖର୍ଚ୍ଚ ଆହୁରି ୧୦ପ୍ରତିଶତ ଅଧିକ ଲାଗୁଛି। ସେହିପରି ଯେଉଁ ହିତାଧିକାରୀ ୪ ମାସରେ ଘର କାମ ଶେଷ କରୁଛନ୍ତି ସେମାନଙ୍କୁ ରାଜ୍ୟ ସରକାର ୨୦ହଜାର ଟଙ୍କା ବୋନସ ଆକାରରେ ପ୍ରଦାନ କରୁଛନ୍ତି। ଏହାସହ ୬ ମାସରେ ଘର କାମ ସମ୍ପୂର୍ଣ୍ଣ କରିଦେଉଥିବା ହିତାଧିକାରୀଙ୍କୁ ବୋନସ ଆକାରରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏଥିପାଇଁ ରାଜ୍ୟ ସରକାର ୬୩୮ କୋଟି ଟଙ୍କା ଅଧିକ ଖର୍ଚ୍ଚ କରିସାରିଲେଣି। ଏ ସମସ୍ତ ଖର୍ଚ୍ଚର ଅନୁପାତ ମିଶାଇଲେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୬ ପ୍ରତିଶତ ଅର୍ଥ ପ୍ରଦାନ କରୁଥିବା ମନ୍ତ୍ରୀ କହିଛନ୍ତି।

ଏନ୍‌ଡିଏ ସରକାର କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ଇନ୍ଦିରା ଆବାସ ଯୋଜନା ନାମ ବଦଳାଯାଇ ପ୍ରଧାନମନ୍ତ୍ରୀ ଆବାସ କରାଯାଇଛି। ଏକ ନୂଆ ସରକାର ଶାସନ କ୍ଷମତାକୁ ଆସିଲେ ରାଜ୍ୟବାସୀ କିଛି ଉପକାର ପାଇବେ ବୋଲି ଆଶା ଥିଲା। ମାତ୍ର ଏ ସରକାର ଶାସନ କ୍ଷମତାକୁ ଆସିବାପରେ ପୂର୍ବରୁ ଇନ୍ଦିରା ଆବାସ ଯୋଜନାରେ କେନ୍ଦ୍ର ୭୫ପ୍ରତିଶତ ଅର୍ଥ ଦେଉଥିବା ବେଳେ ଏନ୍‌ଡିଏ ସରକାର ତାହାକୁ ୬୦ପ୍ରତିଶତକୁ ଖସାଇ ଦେଲେ। ରାଜ୍ୟ ମୁଣ୍ଡରେ ଅଧିକ ବୋଝ ଲଦିଦେଲେ। ନିୟମାନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାକୁ ଯେଉଁ ହିତାଧିକାରୀ ସକ୍ଷମ ନ ହେବେ ତାଙ୍କୁ ପକ୍କାଘର ଯୋଗାଇ ଦେବାକୁ ରାଜ୍ୟ ସରକାର ବିଜୁ ପକ୍କାଘର ଯୋଜନା ଆଣିଛନ୍ତି। ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ୩ଲକ୍ଷ ୬୦ ହଜାର ବିଜୁ ପକ୍କାଘର ଦେଇଛନ୍ତି। ରାଜ୍ୟରେ ସର୍ବମୋଟ ୨୫ଲକ୍ଷ ହିତାଧିକାରୀ ପକ୍କାଘର ପାଇଛନ୍ତି।



**ଆଜିର ମନ୍ତବ୍ୟ**
“କରୋନା ଭାଇରସ୍ ବିଶ୍ୱର ଅଭିବୃଦ୍ଧିକୁ ମନ୍ଥର କରିବ। ଭାରତ ଉପରେ ଏହାର ପ୍ରଭାବ ସୀମିତ ରହିବ।
-ଶକ୍ତିକାନ୍ତ ଦାସ, ଆର୍‌ବିଆଇ ଗଭର୍ନର


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଦ୍ୟାଶା
ପରିବାରବର୍ଗ


ଅର୍ପିତା (ସୋନା)
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶିକ୍ଷକଙ୍କୁ ୪ ବର୍ଷ ଜେଲ

**ଫୁଲବାଣୀ ଅଫିସ, ୧୯।୨**

ଏକ ସ୍କୁଲ ଘର ନିର୍ମାଣ କାମରେ ଅର୍ଥ ତୋଷାରପାତ ମାମଲାର ବିଚାର କରି ଫୁଲବାଣୀ ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତି ସତ୍ୟପୀର ମିଶ୍ର ଅଭିଯୁକ୍ତ ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରି୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବା ପାଇଁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଶିକ୍ଷକ ହେଲେ ମନୋଜ ବେହେରା।

ମାମଲାର ବିବରଣୀ ଅନୁଯାୟୀ, ୨୦୧୨-୧୩ ଆର୍ଥିକ ବର୍ଷରେ ଫୁଲବାଣୀ ବ୍ଲକ ବେଲପଦର ନୂତନ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣ ପାଇଁ ୧୦ ଲକ୍ଷ ୨୭ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ୭ ଲକ୍ଷ ୫୦ ହଜାର ଟଙ୍କା ବିଦ୍ୟାଳୟ ଆକାଉଣ୍ଟକୁ ଆସିଥିଲା । ମନୋଜ ଏହି ଟଙ୍କା ଉଠାଇ କାମ କରିଥିଲେ। ହେଲେ ସେ ଟଙ୍କା ଆତ୍ମସାତ୍ କରିଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଡିଏସ୍‌ପି ହରେକୃଷ୍ଣ ବେହେରା ଘଟଣା ସମ୍ପର୍କରେ ଏତଲା କରିବା ପରେ ନଂ.୪୨/୧୫ରେ ମାମଲା ରୁଜୁ ହୋଇଥିଲା । ଇନ୍ସପେକ୍ଟର ପୁଲସ୍ତି ଛତ୍ରିଆଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ତଦନ୍ତ ବେଳେ ୩ ଲକ୍ଷ ୫୨ ହଜାର ୪୬୦ ଟଙ୍କା ଆତ୍ମସାତ ହୋଇଥିବା ଜଣାପଡିଥିଲା। ଏହାପରେ ମନୋଜ ଆତ୍ମସାତ କରିଥିବା ଅର୍ଥକୁ ମିଶାଇ ଅଧିକ ଟଙ୍କାର କାମ କରି ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ ।

## ପ୍ରଥମ ପୃଷ୍ଠାରୁ...

### ପ୍ରତି ଜିଲାରେ ଖୋଲିବ...

ଯାନ୍ତ୍ରିକ ତ୍ରୁଟି ଯୋଗୁ ଉଭାନ ହୋଇଯାଇଛି ବୋଲି ପଚାରିଥିଲେ। ବିଜେଡି ସଭ୍ୟ ନୃସିଂହ ଚରଣ ସାହୁ ଓ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ମଧ୍ୟ ସମାନ ପ୍ରଶ୍ନ ପଚାରିଥିବାରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉତ୍ତର ଦେବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୃସିଂହ କହିଥିଲେ, ମଣ୍ଡିଗୁଡ଼ିକ ଦୂର ଜାଗାରେ ହୋଇଥିବାରୁ ଚାଷୀମାନଙ୍କୁ ଧାନନେବାକୁ କଷ୍ଟ ହେଉଛି। ପ୍ରତ୍ୟେକ ପଞ୍ଚାୟତରେ ମଣ୍ଡି ଖୋଲିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଚାଷୀଙ୍କଠାରୁ ନିଆଯାଉଥିବା ଧାନରୁ କାଟ କରାଯିବା ନେଇ ସେ ମନ୍ତ୍ରୀଙ୍କୁ ଘେରିଥିଲେ। ସେ ଅଭିଯୋଗ କରିଥିଲେ ଯେ, ମିଲ ମାଲିକ ବିଭାଗୀୟ ବଡ଼ ଅଫିସରଙ୍କୁ ମାସିକ ୨ ଲକ୍ଷ ଟଙ୍କା ଦେଉଛନ୍ତି। ସେଥିପାଇଁ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୭ରୁ ୧୦ କିଲୋ ପର୍ଯ୍ୟନ୍ତ ଧାନକୁ ନିମ୍ନମାନର ଦର୍ଶାଇ କାଟିଦିଆଯାଉଛି। ଦରକାର ପଡ଼ିଲେ ମୁଁ ଏହାର ପ୍ରମାଣ ଦେଇପାରିବି। ସରକାର ୫-ଟି ମାଧ୍ୟମରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ସବୁ ଚାଷୀଙ୍କ ପାଖରୁ ଧାନ କିଣିବା ପାଇଁ ସରକାର ବ୍ୟବସ୍ଥା କରନ୍ତୁ। ବିଜେଡି ସଭ୍ୟ ରୋହିତ ପୂଜାରୀ, ଭୂପିନ୍ଦର ସିଂ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର ପ୍ରମୁଖ ଧାନ କିଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଯେଉଁ ଚାଷୀ ଟୋକନ ପାଉନାହାନ୍ତି ସେମାନେ ଧାନ ବିକ୍ରି କରିପାରୁନାହାନ୍ତି। ଧାନ ଦୀର୍ଘଦିନ ଧରି ମଣ୍ଡି ନିକଟରେ ପଡ଼ିରହୁଛି।

ମନ୍ତ୍ରୀ କହିଥିଲେ ଯେ, ଗତବର୍ଷ ୧୨ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଚଳିତବର୍ଷ ୧୨ ଲକ୍ଷ ୩୫ହଜାର ୧୦୩ଜଣ ଚାଷୀଙ୍କୁ ପଞ୍ଜୀକୃତ କରାଯାଇଛି। ଆହୁରି ଏକମାସ ଦଶଦିନ ସମୟ ବାକି ଅଛି। ସମସ୍ତଙ୍କଠାରୁ ଧାନ କିଣାଯିବ। ଜିଲାସ୍ତରରେ ଧାନକିଣା କମିଟି ରହିଛି। ବିଧାୟକମାନେ ଏହାର ସଦସ୍ୟ ଅଛନ୍ତି। ଯେଉଁଠି ଅସୁବିଧା ହେଉଛି, ସେମାନେ ଆଲୋଚନା କରିପାରିବେ। ଆଜି ଯାଏ ବିନା ଟୋକନରେ ଧାନ କିଣା ହେଉଥିଲା। ଟୋକନ ବ୍ୟବସ୍ଥା ଲାଗୁହେବା ପରେ ଧାନକିଣା ଆହୁରି ବ୍ୟବସ୍ଥିତ ହୋଇପାରିଛି। ୮ ଲକ୍ଷ ୧୩ ହଜାର ୭୩୬ ଚାଷୀଙ୍କୁ ଟୋକନ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୮ ଲକ୍ଷ ୧୩ ହଜାର ୭୩ ଜଣ ଚାଷୀ ଧାନ ବିକ୍ରି କରି ସାରିଛନ୍ତି। ୧୨ ଲକ୍ଷ ୩୫ ହଜାର ୧୦୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ୫୦ ହଜାର ୯୯୬ ଜଣ ଚାଷୀଙ୍କର ଆଧାର ମେଳ ଖାଉ ନାହିଁ। ଅଖା ଫେରସ୍ତ ହେଉ ନ ଥିଲେ ମିଲରମାନେ ଚାଷୀଙ୍କୁ ଖୋଟ ଅଖା ବାବଦରେ ୧୦ ଟଙ୍କା, ଜରି ଅଖା ବାବଦରେ ୫ ଟଙ୍କା ଦେବାକୁ କୁହାଯାଇଛି। ଅଖା ପଇସା ପାଇବା ନେଇ ପ୍ରାଥମିକ ସମବାୟ ସମିତି ଉତ୍ତରଦାୟୀ ରହିବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ କୌଣସି ଟୋକନ ଉଭାନ ହୋଇନାହିଁ। ଚାଷୀଙ୍କୁ ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୧୮୧୫ ଟଙ୍କା ଏବଂ ଗ୍ରେଡ-ଏ ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୧୮୩୫ ଟଙ୍କା ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

### ନକଲି ପ୍ରଶ୍ନପତ୍ର ...

ଅଧିକାରୀ ଏବଂ ଶିକ୍ଷାଧିକାରୀମାନେ ଉପସ୍ଥିତ ରହି ପରୀକ୍ଷାର ସୁପରିଚାଳନା କରିଛନ୍ତି। ପରୀକ୍ଷାର ଦ୍ୱିତୀୟ ଦିବସଠାରୁ ସକାଳ ୯ଟା ୨୦ରେ ପରୀକ୍ଷା କେନ୍ଦ୍ର ଖୋଲିବ। ପ୍ରଥମ ଦିନରେ ପିଲାମାନେ ମାତୃଭାଷା ପରୀକ୍ଷା ଦେଇଛନ୍ତି। ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ସାଢ଼େ ୧୨ଟାରେ ଶେଷ ହୋଇଥିଲା। ପ୍ରଥମ ଦିବସରେ ୬୯ଜଣ କପି କରି ଧରାପଡ଼ିବା ସହ ମାଲପ୍ରାକ୍ଟିସ ହୋଇଛନ୍ତି। ସେଥିମଧ୍ୟରୁ ମାଟ୍ରିକ ପରୀକ୍ଷାର ୪୪, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ୨୪ ଓ ମଧ୍ୟମାର ଜଣେ ପରୀକ୍ଷାର୍ଥୀ ଅଛନ୍ତି। ଉପରୋକ୍ତ ୩ଟି ଯାକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି, ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା। ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସହ ସଫଳତା କାମନା କରୁଛି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ପରୀକ୍ଷାର୍ଥୀମାନଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇବା ସହିତ ଛାତ୍ରଛାତ୍ରୀଙ୍କ ସଫଳତା କାମନା କରିଛନ୍ତି।

# ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କଲେ ଶ୍ରଦ୍ଧାଳୁ


ଶ୍ରୀଲୋକନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

## ଲୋକନାଥଙ୍କ ପୀଠରେ ପଙ୍କୋଦ୍ଧାର ଏକାଦଶୀ

**ପୁରୀ ଅଫିସ, ୧୯।୨**

ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ବର୍ଷତମାମ୍ ଠାକୁରଙ୍କ ପ୍ରତ୍ୟକ୍ଷ ଲିଙ୍ଗ ସର୍ବଦା ପାଣିରେ ବୁଡ଼ି ରହିଥାନ୍ତି। ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଦର୍ଶନ କରିଥାନ୍ତି। ପଙ୍କୋଦ୍ଧାର ଏକାଦଶୀରେ ଗମ୍ଭୀରାରୁ ପଙ୍କ ବାହାର କରାଯାଏ। ବର୍ଷକରେ ଏହି ଗୋଟିଏ ଦିନ ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥାନ୍ତି। ବୁଧବାର ଥିଲା ପବିତ୍ର ପଙ୍କୋଦ୍ଧାର ଏକାଦଶୀ। ପଙ୍କୋଦ୍ଧାର ପରେ ମଧ୍ୟାହ୍ନ ସାଢେ ୧୨ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରଭୁ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥିଲେ।

ପଙ୍କୋଦ୍ଧାର ଏକାଦଶୀ ନୀତି ଓ ଦର୍ଶନ ଶୃଙ୍ଖଳିତ ଲାଗି ମଙ୍ଗଳବାର ରାତି ସାଢେ ୨ଟାରେ ମନ୍ଦିର ଦ୍ୱାର ଫିଟି ଥିଲା। ଏହାପରେ ଠାକୁରଙ୍କ ମଙ୍ଗଳ ଆଳତି ଓ ଅବକାଶ ଆଦି ନୀତି ବଢିଥିଲା। ପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ, ସକାଳ ଧୂପ ବଢି ପୂର୍ବାହ୍ନ ୮ଟାରୁ ପଙ୍କୋଦ୍ଧାର ନୀତି ଆରମ୍ଭ ହୋଇଥିଲା। ସେବାୟତମାନେ ଗମ୍ଭୀରାରୁ ପଙ୍କ ବାହାର କରିଥିଲେ। ମଧ୍ୟାହ୍ନ ୧୨ଟା ସୁଦ୍ଧା ପଙ୍କୋଦ୍ଧାର ସରି ମହାପ୍ରଭୁଙ୍କ ମାଘସ୍ନାନ ନୀତି ବଢିଥିଲା। ବିଗତବର୍ଷ ଭଳି ଏବର୍ଷ ମଧ୍ୟ ଗର୍ଭଗୃହ ଦର୍ଶନ ବନ୍ଦ ରହିଛି। ଭକ୍ତମାନେ ଭିତରକାଠ ନିକଟରୁ ଠାକୁରଙ୍କୁ ଦର୍ଶନ କରିଥିଲେ। ପ୍ରାୟ ୮ ଘଣ୍ଟା ଧରି ଏହି ଦର୍ଶନ ଚାଲିଥିଲା। ଏହାପରେ ମଧ୍ୟାହ୍ନ ଧୂପ, ସନ୍ଧ୍ୟାଧୂପ, ଅନ୍ୟାନ୍ୟ ନୀତି ବଢି ମହାପ୍ରଭୁଙ୍କ ବଡ଼ସିଂହାର ବେଶ ହୋଇଥିଲା। ଏହି ଅବସରରେ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ୪୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ବେଲପତ୍ର, କଦଳୀ, ଛାଚି, ଫୁଲ, ରୁପାର ଅଙ୍ଗ ଯାହା ମହାପ୍ରଭୁଙ୍କୁ ଭକ୍ତ ପ୍ରଦାନ କରିଥିଲେ ତାହା ଗମ୍ଭୀରାରେ ବର୍ଷସାରା ରହି ପଙ୍କରେ ପରିଣତ ହୋଇଥାଏ। ଏହି ଗୋଟିଏ ଦିନ ପଙ୍କ ଉଦ୍ଧାର କରାଯାଇ ଗମ୍ଭୀରାକୁ ସମ୍ପୂର୍ଣ୍ଣ ପରିଷ୍କାର କରାଯାଏ। ଫଳରେ ମୁଖ୍ୟ ଗମ୍ଭୀରାରେ ଭକ୍ତମାନେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଲିଙ୍ଗ କିଛି ସମୟ ପାଇଁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ମହାପ୍ରଭୁଙ୍କ ମସ୍ତକରୁ ଝରୁଥିବା ଗଙ୍ଗାଜଳରେ ପୁନଶ୍ଚ ଗମ୍ଭୀରା ପୂର୍ଣ୍ଣ ହୋଇଥାଏ। ତେଣୁ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗଙ୍କ ଦୁର୍ଲଭ ଦର୍ଶନ କରିବା ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥାଏ।

# ନକଲି ପରୀକ୍ଷାର୍ଥୀ ଅଟକ

**ବସ୍ତା,୧୯।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ରାଧାନାଥ ଉଚ୍ଚ ବିଦ୍ୟାଳୟ ପାଉଶଁକୁଲି କେନ୍ଦ୍ରରୁ ଜଣେ ନକଲି ପରୀକ୍ଷାର୍ଥୀଙ୍କୁ କେନ୍ଦ୍ର ନିରୀକ୍ଷକ ଧରି ସିଂଲା ପୋଲିସକୁ ହସ୍ତାନ୍ତର କରିଛନ୍ତି। ତାଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି।

ବୁଧବାର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲା। ପିଲାମାନେ ପରୀକ୍ଷା ହଲ୍‌ରେ ବସିଥିଲେ। ପରୀକ୍ଷା ଚାଲିଥିବା ବେଳେ ଜଣେ ଛାତ୍ରଙ୍କ ଉପରେ ସନ୍ଦେହ ହେବାରୁ ପରୀକ୍ଷା ନିୟନ୍ତ୍ରକ ତାଙ୍କର ନାମ ପଚାରିଥିଲେ। ଛାତ୍ର ଜଣକ ହିମାଂଶୁ ବେହେରା ବୋଲି କହିଥିଲେ। ଏହି ଛାତ୍ରଙ୍କ ପ୍ରବେଶପତ୍ରରେ ଥିବା ଫଟୋ ଓ ଦସ୍ତଖତରେ ତାଙ୍କ ନାମ ପ୍ରକାଶ ବେହେରା ଲେଖାଥିବାରୁ ତାଙ୍କୁ ଅଟକ ରଖାଯାଇଥିଲା। ପରେ ପରୀକ୍ଷା ନିୟନ୍ତ୍ରକ କେନ୍ଦ୍ର ଦାୟିତ୍ୱରେ ଥିବା ଓବଜରଭରଙ୍କୁ ଜଣାଇବା ସହିତ ସିଂଲା ପୋଲିସକୁ ଖବର ଦେଇଥିଲେ। ତାଙ୍କୁ ଥାନାକୁ ନେଇ ଅଟକ ରଖାଯାଇଥିଲା। ଛାତ୍ର ଜଣକ ଜଳେଶ୍ୱର ଥାନା ଆରଆରପୁର ଅଞ୍ଚଳର ହୋଇଥିବା ବେଳେ ସେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ବୋଲି ପୋଲସ ପ୍ରାରମ୍ଭିକ ତଦନ୍ତରୁ ଜାଣିପାରିଛି । ଏହି ଘଟଣା ନେଇ ସ୍କୁଲ ପରୀକ୍ଷା ନିୟନ୍ତ୍ରକ ମନୋରଞ୍ଜନ କୁମାର ସାମଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଅନୁକୂଳ ଗ୍ରହସ୍ଥିତି ସାଙ୍ଗକୁ ଶୁକ୍ର ନକ୍ଷତ୍ରସ୍ଥ ଚନ୍ଦ୍ର ପାରିବାରିକ କ୍ଷେତ୍ରରେ ମତାନ୍ତର ଥାଇ ମଧ୍ୟ କାମବେଳକୁ ସମସ୍ତେ ଏକ ମନ ନେଇ କାମ କରିପାରିବେ। ସାମାଜିକ ସ୍ତରରେ ସ୍ୱାର୍ଥସାଧନ ଆଶା ରଖି ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବାରେ କୌଣସି ଅସୁବିଧା ରହିବନାହିଁ।

**ବୃଷ**
ତୃତୀୟାଧିପଙ୍କ ପାପସମ୍ବନ୍ଧ ବନ୍ଧୁଙ୍କ ସ୍ୱାର୍ଥସମ୍ବଳିତ କାର୍ଯ୍ୟକୁ ନେଇ ଅସନ୍ତୋଷ ସୃଷ୍ଟି କରିବ। ଧର୍ମଭାବରେ ଆଧାମ୍ନିକ ଗ୍ରହ ଶନି ଧାର୍ମିକ ବାତାବରଣ ମଧ୍ୟରେ ଆପଣଙ୍କ ସମୟକୁ ନିୟୋଜିତ କରିବେ। ବ୍ୟବସାୟ, ପରିବହନ, କଚେରି ମାମଲାରେ ମନସ୍ତାପ କରିପାରନ୍ତି। ନିକଟ ସମ୍ପର୍କୀୟଙ୍କ ସାହାଯ୍ୟରେ ଜମିଜମା ବିବାଦର ସମାଧାନ ପାଇଁ ଆଲୋଚନା କରିପାରନ୍ତି।

**ମିଥୁନ**
ଦେହ ଭଲ ରହିଲେ ମଧ୍ୟ ପୁରୁଣା ରୋଗରେ କଷ୍ଟ ପାଇବା ସହ କାମରେ ପଛେଇ ରହିପାରନ୍ତି। କାର୍ଯ୍ୟକ୍ଷେତ୍ରରେ କିମ୍ବା ନିଜ ପରିସରରେ ତର୍କ ବିତର୍କ କାରଣରୁ ସମ୍ପର୍କ ହାନି ଘଟିପାରେ। କିନ୍ତୁ ଆନୁଷ୍ଠାନିକ କାମରେ ରାଜନୈତିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବାଣିଜ୍ୟ କ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ**
କ୍ରନିକ୍ ରୋଗ ଜନିତ ଶାରୀରିକ ଦୁର୍ବଳତା ରହିଥିଲେ ମଧ୍ୟ କର୍ମକ୍ଷେତ୍ର ଯଥାରୀତି ସମ୍ପନ୍ନ ହେବ। ଦୀର୍ଘ ଦିନରୁ ରହି ଆସିଥିବା ବିବାଦର ସମାଧାନ ହୋଇଯିବ। ଅର୍ଥସଂକଟ କିମ୍ବା ଅସହଯୋଗ କାରଣରୁ ପ୍ରତିକୂଳ ପରିସ୍ଥିତି ଜନିତ କେତେକ ଘରୋଇ ସମସ୍ୟା ଦେଖାଦେଇପାରେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ।

**ସିଂହ**
ପରିବାରରରେ ସାଧାରଣ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ଆଜି ଦୀର୍ଘଦିନର ଆଶା ଫଳବତୀ ହେବ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି। ବ୍ୟବସାୟ, ପରିବହନ, ସଭାସମିତି, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଗୃହୋପକରଣ ସାମଗ୍ରୀ କ୍ରୟ କରିବାକୁ ପଡ଼ିପାରେ।

**କନ୍ୟା**
ଦୁଃସ୍ଥାନସ୍ଥ କର୍ମାଧିପ ହେତୁ କର୍ମକ୍ଷେତ୍ରରେ ସାହାଯ୍ୟ, ସହଯୋଗ ପାଇବା କଷ୍ଟକର ହୋଇପଡ଼ିବ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାତ୍ରା, ବାଣିଜ୍ୟ ପାଇଁ ଭଲ ଏବଂ ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା**
ଉଚ୍ଚସ୍ଥ ଶୁକ୍ରଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ଠିକ୍ ଥିଲେ ମଧ୍ୟ କେତେକ ସ୍ଥଗିତ କାର୍ଯ୍ୟ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପିଲାଙ୍କ ଆଚରଣକୁ କେନ୍ଦ୍ରକରି କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ବିଛା**
ଧନସ୍ଥାନରେ ଏକାଧିକ ଆର୍ଥିକସ୍ଥିତିକୁ ଉନ୍ନତ କଲେ ମଧ୍ୟ ଚନ୍ଦ୍ରଙ୍କ ସ୍ଥିତି ମାନସିକ ସ୍ତରକୁ ବିକ୍ଷିପ୍ତ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଅନୁରୋଧରେ ମନୋରଞ୍ଜନରେ ଆଗ୍ରହୀ ହୋଇପାରନ୍ତି। ତଥାପି କେତେକ ବ୍ୟତିକ୍ରମ କାରଣରୁ କରୁଥିବା କାମ ସକାଶେ ମଧ୍ୟାହ୍ନରେ ଟେନସନ୍ ବଢ଼ିପାରେ।

**ଧନୁ**
ସାଧାରଣ କଥାକୁ କେନ୍ଦ୍ରକରି ବିବାଦ କିମ୍ବା ଯାତ୍ରା, ବ୍ୟବସାୟରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କୌଣସି ନୂତନ କର୍ମାରମ୍ଭ ସକାଶେ ବିଭିନ୍ନ ପ୍ରକାରର ଯୋଜନା କଲେ ଅବଶ୍ୟ ଉପକୃତ ହେବେ। ତରବରିଆ ଭାବରେ ଆଜି ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି ନ ପାରି ଦ୍ୱନ୍ଦ୍ୱରେ ପଡ଼ିବେ।

**ମକର**
ବଳବାନ୍ ଶନି ଓ ଭାଗ୍ୟସ୍ଥାନକୁ ଶୁକ୍ରଙ୍କ ଦୃଷ୍ଟି ପ୍ରଭାବରେ ପାରିପାର୍ଶ୍ୱିକ ପରିସ୍ଥିତି ବଦଳିଯିବା କାରଣରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ଆଶା କରୁଥିବା ଅର୍ଥ,ବନ୍ଧୁମିଳନ, ଦୂରଯାତ୍ରା କ୍ଷେତ୍ରରେ ଆପଣ ନିରାଶ ହେବେନାହିଁ । ଦୂରେଇ ଯାଇଥିବା ବନ୍ଧୁଟି ସହ ପୁନଶ୍ଚ ପୂର୍ବସମ୍ପର୍କ ଫେରି ଆସିବ। ଆଲୋଚନା ସୁରୁଖୁରୁରେ ସମ୍ପନ୍ନ ହେବାର ଆଶା କରାଯାଇପାରେ।

**କୁମ୍ଭ**
ଆଜିର ଜୀବନଚର୍ଯ୍ୟା ଭିତରେ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭରୁ କେତେକ ଘରୋଇ ସମସ୍ୟା ସମାଧାନର ମାର୍ଗଦର୍ଶନ ମିଳିବ। ଅର୍ଥସଂକଟ, ସହକର୍ମୀଙ୍କ ଅସହଯୋଗ,ପ୍ରଶାସନିକ ଦ୍ୱନ୍ଦ୍ୱ ଓ ଦୂରଯାତ୍ରା କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ସଭାସମିତି, ସଙ୍ଗୀତ ସମାରୋହ, ସଭାସମିତି ଓ ବାଣିଜ୍ୟ, ବ୍ୟବସାୟ ବାଧାପ୍ରାପ୍ତ ହେବନି।

**ମୀନ**
ଦୀର୍ଘଦିନରୁ ପଡ଼ିରହିଥିବା କାମଟି ସମ୍ପନ୍ନ କରି ଏକପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଉତ୍ତରଭାଦ୍ରପଦ୍ ନକ୍ଷତ୍ରର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି। ବ୍ୟବସାୟ ମନ୍ଦ ହେବନି କିନ୍ତୁ ବ୍ୟସ୍ତ, ବିବ୍ରତତା ମଧ୍ୟରେ ଆଜିର ସମୟ ଅତିବାହିତ ହେବ।

ଆଜି ଫାଲ୍‌ଗୁନ କୃଷ୍ଣ ଦ୍ୱାଦଶୀ ଗୁରୁବାର, ଫେବୃୟାରୀ ୨୦ ତାରିଖ, ବିଶ୍ୱ ସାମାଜିକ ନ୍ୟାୟ ଦିବସ, ଦିବା ଘ୭।୫୯ମି. ଗତେ, ରାଶିନକ୍ଷତ୍ର- ଉତ୍ତରାଷାଢ଼ା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ୧୦।୩୫ମି. ଗତେ ଘ୧୨।୦୧ମି. ମଧ୍ୟେ ଅମୃତବେଳା । ସକାଳ ଘ୭।୪୩ମି. ମଧ୍ୟେ, ଘ୧୨।୦୧ମି. ଗତେ ଘ୧।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୨୬ମି. ଗତେ ଘ୨।୫୨ମି. ମଧ୍ୟେ ରାହୁକାଳ।

## ‘କାଜୁ ଉତ୍ପାଦନ ସହ ପ୍ରକ୍ରିୟାକରଣକୁ ଗୁରୁତ୍ୱ’

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃର ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ୩ ଦିନିଆ କୋରାପୁଟ ଗସ୍ତରେ ଯାଇଛନ୍ତି। ଏହି ଜିଲାରେ ଥିବା ନିଗମ କାର୍ଯ୍ୟାଳୟ ଓ ନର୍ସରୀ ପରିଦର୍ଶନ କରିବା ସହ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ନିଗମ ପକ୍ଷରୁ କାଜୁ ଉତ୍ପାଦନ ବୃଦ୍ଧି କରାଯିବା ସହ ପ୍ରକ୍ରିୟାକରଣ କରାଯିବ। ତେଣୁ ଏଥିରେ କୋରାପୁଟର ଭାଗୀଦାରି ଯେପରି ବୃଦ୍ଧି ପାଇବ, ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଅଧ୍ୟକ୍ଷ ଅମରେନ୍ଦ୍ର କହିଛନ୍ତି। ଜିଲାରେ ହୋଇଥିବା ବୈଠକରେ ମୁଖ୍ୟତଃ ଆୟ ବୃଦ୍ଧି, ବଗିଚାର ରକ୍ଷଣାବେକ୍ଷଣ ଏବଂ ଅଧିକ ଅମଳକ୍ଷମ ଚାରା ଉତ୍ପାଦନ ପାଇଁ ସେ ପରାମର୍ଶ ଦେଇଛନ୍ତି। ନିଗମ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ସେହିପରି ଦୁଇ ସପ୍ତାହ ପୂର୍ବେ ନିଗମ ପକ୍ଷରୁ କୋଚିସ୍ଥିତ କାଜୁ ଓ କୋକା ନିର୍ଦ୍ଦେଶାଳୟ ସହଯୋଗରେ ଖୋର୍ଦ୍ଧା ଜିଲାର ଇହଙ୍ଗାଠାରେ ଏକ ଜିଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ କାଜୁ ଚାଷ ସମ୍ବନ୍ଧୀୟ ଉନ୍ନତ ଜ୍ଞାନକୌଶଳ ସହ ଏହାର ପ୍ରଚାର ପ୍ରସାର ପାଇଁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସାରା ରାଜ୍ୟରେ ଏପରି କାର୍ଯ୍ୟକ୍ରମ ନିଆଯିବ ବୋଲି ଜଣାପଡ଼ିଛି।


# classifieds Everyday
0674-2580101, 2549302

**real estate**
**SALE**

Bhubaneswar Patia KIIT University ନିକଟରେ BDA yellowzone plot 30’road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130. D-68480

CV Raman College ପାଖରେ NH-316କୁ ଲାଗି 31000sqft. plot ବିକ୍ରିହେବ। Contact- 9778928492. D-68337

New Ready to move 2BHK flat sale at Srusti Mansion, Sundarpada main road side @ 25lakh- 9937097791. D-68492

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30’ ପିଚୁରୋଡ୍‌କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

5Acres sthitiban land for sale 27 lakhs @ acre. Location- 3kms from Chhatabar Chhak. 1.1acres sthitiban land near Gangua Canal. 2lakhs per guntha (brokers are not allowed). Mob: 6371297190. D-16792

2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746. D-68491

ସୁନ୍ଦରପଦା Hitech Plaza ପାଖରେ 30’ରାସ୍ତା, ଘରବାରି, boundary, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। 6370292040. D-68495

**to-let**

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪

**healthcare**

Ayurvedic full body massage ladies and gents. Contact: 9861064981. D-68789

Elite Unisex Salon- A complete family Spa. Male to male and female to female- 7326977966. D-69207

Sai herbal spa refresh your body with smart, expert therapist. 7608062524. D-69205

Ayurvedic full body massage ladies/gents smart experts therapist:- 8480939300. D-68790

Full body herbal massage with refreshment expert therapist. 7381239385, 06742540855. D-69213

Experience full body massage with us (expert). Call: 7377048581, 06742597822. D-69214

Herbal full body massage by smart / expert therapist. Contact: 8338067247. D-69215

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

**ଜନ୍ମଦିନ ଶୁଭେଚ୍ଛା**


ଆଦ୍ୟାଶା ମହାନ୍ତି (ମାମୁନ୍)
ଆଜି ତୋର ଦ୍ୱାଦଶ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋର ଚଲାପଥ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ, ବିଦୁଷୀ ଓ ଯଶସ୍ୱୀ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେ, ଜେଜେମା’, ବାବା, ମାମା, ଅଜା, ଆଈ, ବଡବାପା, ବଡମା’, ସାନ ବଡବାପା, ଅପା, ପିଇସା, ଭାଇ, ଭଉଣୀ, ମାମୁ, ମାଇଁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୬୭୯୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ପୋଲିସ-ମାଓବାଦୀ ଗୁଳି ବିନିମୟ: ଯବାନ ଶହୀଦ

**ମାଲକାନଗିରି,୧୯।୨(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ସୁକୁମା ଜିଲାରେ ବୁଧବାର ପୋଲିସ-ଲାଲବାହିନୀ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆଇଇଡି ବିସ୍ଫୋରଣରେ ଜଣେ ଯବାନ ଶହୀଦ୍ ହୋଇଛନ୍ତି। ଶହୀଦ ଯବାନଙ୍କ ନାମ କନେୟା ମାଝି । ସୁକୁମା ଏସପି ପ୍ରଲ୍ଲବଙ୍କ ସୂଚନା ଅନୁଯାୟୀ ବୁଧବାର କିଷ୍ଟାରାମ ଅଞ୍ଚଳରେ କୋବ୍ରା ଓ ଏସଟିଏଫ ବାହିନୀ ପକ୍ଷରୁ କୋମ୍ବିଂ ଅପରେଶନ ଚାଲିଥିଲା। ଏହି ସମୟରେ ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା । ଏଥିରେ ୨୦୮ କୋବ୍ରା ବାଟାଲିୟାନ୍‌ର କନେୟା ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ବୁଧବାର ଛତିଶଗଡ଼ର ସୁକୁମା ଜିଲା ନିକଟସ୍ଥ ତାଡ୍ମାମାର୍କା ଜଙ୍ଗଲରେ ବୁଧବାର ପୋଲିସ କୋମ୍ବିଂ ଅପରେଶନ ବେଳେ ଏନ୍‌କାଉଣ୍ଟରରେ ଜଣେ ମାଓବାଦୀ କମାଣ୍ଡର ନିହତ ହୋଇଛନ୍ତି। ତାଙ୍କ ପରିଚୟ ଜଣାପଡ଼ିନାହିଁ।

### ବିଜୁ ଜୟନ୍ତୀ ଉପଲକ୍ଷେ ବାଗ୍ମିତା, ପ୍ରବନ୍ଧ ପ୍ରତିଯୋଗିତା

**ଭୁବନେଶ୍ୱର,୧୯।୨(ବ୍ୟୁରୋ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ଓଡ଼ିଶା ବିଧାନସଭା ତରଫରୁ ଆସନ୍ତା ମାର୍ଚ୍ଚ ୧ ତାରିଖ (ରବିବାର) ପୂର୍ବାହ୍ନ ୧୧ ଘଟିକା ସମୟରେ ବିଧାନସଭା ସୌଧର ନୂତନ ସମ୍ମିଳନୀ କକ୍ଷରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ଓଡ଼ିଆ ଭାଷାରେ ବାଗ୍ମିତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୪ ଜଣ ମନୋନୀତ ଛାତ୍ରୀଛାତ୍ରଙ୍କ ନାମ ବିଧାନସଭା ସଚିବଙ୍କ ନିକଟକୁ ଇ-ମେଲ (OLA@NIC.IN), ଫ୍ୟାକ୍ସ (୦୬୭୪-୨୩୯୬୬୭୮) କିମ୍ବା ପତ୍ର ମାଧ୍ୟମରେ ପଠାଇବା ନିମନ୍ତେ ମହାବିଦ୍ୟାଳୟର ଅଧ୍ୟକ୍ଷା/ଅଧ୍ୟକ୍ଷ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ/ପ୍ରଧାନ ଶିକ୍ଷକଙ୍କୁ ବିଧାନସଭା ସଚିବ ଦାଶରଥୀ ଶତପଥୀ ଅନୁରୋଧ କରିଛନ୍ତି।

# ସ୍କୁଲ ଅଟୋରିକ୍ସାରୁ ଖସି ପ୍ରଥମ ଶ୍ରେଣୀ ଛାତ୍ର ମୃତ

**ଦିଗପହଣ୍ଡି,୧୯।୨(ଡି.ଏନ.ଏ.)**

■ ଟାୟାର ଜାଳି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

■ ମୁଖ୍ୟ ରାସ୍ତାରେ ୫ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ



ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି।

ଅଜୟଙ୍କ ଫାଇଲ୍ ଫଟୋ ▸

ଗଞ୍ଜାମ ଜିଲା ଦିଗପହଣ୍ଡି ସହର ଉପକଣ୍ଠ ବିଦ୍ୟୁତ ଷ୍ଟେଶନ ନିକଟ ମୁଖ୍ୟ ରାସ୍ତାରେ ବୁଧବାର ସ୍କୁଲ ଅଟୋ ରିକ୍ସାରୁ ଖସି ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଗୁଡ଼ିଆଳି ଗାଁର ବୁଲୁ ପ୍ରଧାନଙ୍କ ପୁଅ ଅଜୟ (୬)। କ୍ଷତିପୂରଣ ଦାବିରେ ଲୋକେ ମୃତଦେହ ରଖି ପ୍ରାୟ ୫ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ପୋଲିସ, ପ୍ରଶାସନ ଓ ଶିଶୁ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଛି।

ଅଜୟ ଦିଗପହଣ୍ଡି ଥାନା ତିଳେଶ୍ୱର ଗାଁରେ ମାମୁ ହରିକୃଷ୍ଣ ବିଷୋୟୀଙ୍କ ଘରେ ରହି ପାଠ ପଢୁଥିଲେ। ସବୁଦିନ ଭଳି ବୁଧବାର ସକାଳ ପ୍ରାୟ ସାଢ଼େ ୯ଟାରେ ସ୍କୁଲ ଅଟୋରିକ୍ସାରେ ସେ ପୁଞ୍ଜିକିଆଁ ଛକ ନିକଟ ସରସ୍ୱତୀ ଶିଶୁ ମନ୍ଦିରକୁ ଆସୁଥିଲେ। ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଅଜୟ ଅଟୋ ରିକ୍ସାରୁ ଖସି ପଡ଼ି ଗୁରୁତର ହୋଇଥିଲେ। ଚାଳକ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଅଜୟଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ।

ସାମାଜିକ କର୍ମୀ ଇଂ.ଉତ୍ତମ କୁମାର ସ୍ୱାଇଁ, ପରେଶ ଚନ୍ଦ୍ର ରଥ, ଭବାନୀ ଶଙ୍କର ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ବିଶ୍ୱନାଥ ବରାଡ, ଜିଲା ପରିଷଦ ସଦସ୍ୟ ଗଦାଧର ସ୍ୱାଇଁ, ସମିତିସଭ୍ୟ ତୋଫାନ ସ୍ୱାଇଁ, ପୂର୍ବତନ ଉପନଗରପାଳ ପ୍ରଦୀପ୍ତ ପଟ୍ଟନାୟକ ପ୍ରମୁଖଙ୍କ ନେତୃତ୍ୱରେ ରାସ୍ତା ଅବରୋଧ ହୋଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ୧ଟା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ନ ପହଞ୍ଚିବାରୁ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଞ୍ଜିକିଆଁ ଛକରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିବା ଯୋଗୁ ଚିକିଟି-ଦିଗପହଣ୍ଡି ମୁଖ୍ୟରାସ୍ତାରେ ପ୍ରାୟ ୩ ଟା ଯାଏଁ ଗାଡି ଚଳାଚଳ ବନ୍ଦ ରହିଥିଲା। ପରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ଥାନା ଆଇଆଇସି ବସନ୍ତ କୁମାର ସେଠୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଓ ଶିଶୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୧ ଲକ୍ଷ ଟଙ୍କା ଓ ଜିଲା ପରିଷଦ ସଭ୍ୟ ଗଦାଧର ସ୍ୱାଇଁ ୫ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ନଂ.୩୪/୨୦ରେ ଏକ ମାମଲା ରୁଜୁ କରାଯାଇଛି। ଅଜୟଙ୍କ ବିୟୋଗରେ ଶିଶୁ ମନ୍ଦିରରେ ଶୋକସଭା କରାଯାଇ ଛୁଟି କରାଯାଇଛି।

## ଜିଲା ଚିଠି
## ଯାଜପୁର



### ସଙ୍କଟରେ ଶିଳ୍ପ

**କ**ଳିଙ୍ଗନଗରରେ ସମ୍ପ୍ରତି ଇସ୍ପାତ ଶିଳ୍ପର ଅବସ୍ଥା ଭଲ ନାହିଁ। ଋଣ ପରିଶୋଧ କରି ନ ପାରିବାରୁ ମେସ୍କୋ(ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ଲିଃ) ମାଲିକାନାରେ ଥିବା ମୈଥାନ ଇସ୍ପାତ କାରଖାନାକୁ ନିକଟରେ ୭ଟି ବ୍ୟାଙ୍କ କର୍ତ୍ତୃପକ୍ଷ ନିଜ ଦଖଲକୁ ନେଇଛନ୍ତି। ଏହାବାଦ ଜରିମାନା ଖିଲାପି ଅଭିଯୋଗରେ ଉକ୍ତ କାରଖାନାର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ କେନ୍ଦୁଝର ଜିଲାପାଳଙ୍କ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ରୋହିତ ଫେରୋଟେକ, କେଜେ ଇସ୍ପାତ, ଭିସା ଷ୍ଟିଲ, ନୀଳାଚଳ ଇସ୍ପାତ ନିଗମ କାରଖାନାର ଆର୍ଥିକ ଅବସ୍ଥା ମଧ୍ୟ ଠିକ ନ ଥିବାରୁ ପରିସ୍ଥିତି ଦୋହଲିବାରେ ଲାଗିଛି। ଯେଉଁଥିପାଇଁ ଶତାଧିକ ସ୍ଥାୟୀ କର୍ମଚାରୀ ଓ ଠିକାଶ୍ରମିକଙ୍କୁ ଛଟେଇ ମଧ୍ୟ କରାଯାଇଛି। ଏପରି କି ମୈଥାନ, ନୀଳାଚଳ ଓ ମେସ୍କୋ ଷ୍ଟିଲ୍‌ର କର୍ମଚାରୀମାନେ ଦରମା ଦାବିରେ ଆନ୍ଦୋଳନରେ ବସୁଛନ୍ତି। ପ୍ରାୟ ଅଧିକାଂଶ କାରଖାନାରେ ଶ୍ରମିକ ଓ କର୍ମଚାରୀ ଅସନ୍ତୋଷ ବଳବତ୍ତର ରହିଛି। ଗତ ୨ ବର୍ଷ ମଧ୍ୟରେ ୨୫ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଛଟେଇ ହୋଇ ସାରିଛନ୍ତି। ରାଜ୍ୟର ଶିଳ୍ପ ଉପରେ ଟିକସ ଗଡ଼ିବା ସହ ଋଣର ମାତ୍ରା ବଢୁଥିବାରୁ ରାଜକୋଷ ଦୋହଲିବାରେ ଲାଗିଛି। ବିଶ୍ୱ ବଜାରରେ ଆର୍ଥିକ ମାନ୍ଦାବସ୍ଥା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। କମ୍ ମୂଲ୍ୟରେ ବାହାର ଦେଶର ଷ୍ଟିଲ୍‌ର ବହୁଳ ଭାବରେ ବିକ୍ରି ଯୋଗୁ ଦେଶର ଅନେକ କର୍ପୋରେଟ ସେକ୍ଟର ହାତ ଟେକି ଦେଇଛନ୍ତି। ଏପରି କି କିଛି କର୍ପୋରେଟ ସେକ୍ଟର ସମୂହ ପୁଞ୍ଜିନିବେଶ ଯୋଜନାକୁ ସାମୟିକ ସ୍ଥଗିତ ରଖିବାକୁ ବାଧ୍ୟ ହେଲେଣି। ଏହାର ପ୍ରଭାବ ଷ୍ଟିଲ୍ ସିଟି କଳିଙ୍ଗନଗରରେ ଅନୁଭୂତ ହେଲାଣି। ବିଶେଷ କରି ବର୍ତ୍ତମାନ କଳିଙ୍ଗନଗରରେ ଟାଟା ଷ୍ଟିଲ, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ଓ ବିଆର୍‌ପିଏଲ୍‌କୁ ବାଦ ଦେଲେ ଅନ୍ୟ ସମସ୍ତ ଶିଳ୍ପ କମ୍ପାନୀ ସେମାନଙ୍କ କ୍ଷତିକୁ ବଞ୍ଚାଇବା ପାଇଁ ଚେଷ୍ଟା କଲେଣି। ରୋହିତ ଫେରୋଟେକ କାରଖାନା ମଧ୍ୟ ଖୁବଶୀଘ୍ର ବ୍ୟାଙ୍କ ଦ୍ୱାରା ଜବତ ହେବ ବୋଲି ଶୁଣିବାକୁ ମିଳିଛି। ଏଭଳିସ୍ଥିତିରେ କର୍ମଚାରୀ ଛଟେଇ ସାମାଜିକ ଅସ୍ଥିରତା ସୃଷ୍ଟି କରୁଛି। ରାଜ୍ୟରେ ଅର୍ଥନୀତିର ମାନ୍ଦାବସ୍ଥାର ପ୍ରଭାବ, ଷ୍ଟିଲ ଓ ସ୍ପଞ୍ଜଆଇରନ କ୍ଷେତ୍ରକୁ ବହୁଳମାତ୍ରାରେ ପ୍ରଭାବିତ କରିଛି। ସରକାର ଅନେକ ଶିଳ୍ପ ସଂସ୍ଥାକୁ ପୁଞ୍ଜି ବିନିଯୋଗ କରିବାକୁ ଆହ୍ୱାନ ଦେଉଥିଲେ ମଧ୍ୟ ଅନେକ ପଛଘୁଞ୍ଚା ଦେଉଛନ୍ତି। ଶିଳ୍ପସଂସ୍ଥା ଠିକ୍‌ଭାବେ ଚାଲିଲେ, ଏହା ଉପରେ ନିର୍ଭର କରି ଚଳୁଥିବା ହଜାର ହଜାର କର୍ମଚାରୀ ଓ ଶ୍ରମିକ ଗୋଷ୍ଠୀର ଜୀବନ ମାନରେ ଉନ୍ନତି ଆସିବ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

**– ହର୍ଷବର୍ଦ୍ଧନ ବେହେରା**

# ୧୪ ଦିନ ଜାପାନ ଜାହାଜରେ ବ୍ରହ୍ମପୁରର ଇଞ୍ଜିନିୟର

**ବ୍ରହ୍ମପୁର ଅଫିସ,୧୯।୨**

**କରୋନା ଆତଙ୍କ**


ଜାହାଜରେ ଫସି ରହିଥିବା ବ୍ରହ୍ମପୁରର ଯୁବ ଇଞ୍ଜିନିୟର ଶିବାଶିଷ।

■ ପୁଅକୁ ଫେରାଇ ଆଣିବା ପାଇ ସରକାରଙ୍କୁ ନିବେଦନ

ସାରା ବିଶ୍ୱରେ ଏବେ କରୋନା ଆତଙ୍କ ସମସ୍ତଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏବେ ଜାପାନର ୟୋକୋହମା ଜଳ ଜାହାଜରେ ଗଞ୍ଜାମ ଜିଲା ବ୍ରହ୍ମପୁର ପନ୍ଦରା ସାହିର ଜଣେ ଯୁବ ଇଞ୍ଜିନିୟର ଫସିଛନ୍ତି। ସେ ହେଉଛନ୍ତି ଲିଙ୍ଗରାଜ ନାୟକଙ୍କ ସାନ ପୁଅ ଶିବାଶିଷ। ସେ ୧୪ ଦିନ ହେଲା ଉକ୍ତ ଜାହାଜରେ ପଣବନ୍ଦୀ ଭାବେ ଫସି ରହିଛନ୍ତି। ଉକ୍ତ ଜାହାଜରେ ୧୬୦ ଭାରତୀୟଙ୍କ ସମେତ ବିଭିନ୍ନ ଦେଶର ୩୫୦୦ ଯାତ୍ରୀ ଅଛନ୍ତି।

ଜାପାନ ସରକାରଙ୍କ ପ୍ରତିଷେଧମୂଳକ ପଦକ୍ଷେପରେ ଇଞ୍ଜିନିୟର ଶିବାଶିଷ ଏବେ ଭୋକ ଉପାସରେ ଜାହାଜ ଭିତରେ ପଡି ରହିଛନ୍ତି। ଏଣୁ ଭାରତ ଓ ଓଡ଼ିଶା ସରକାର ଏହି ସମ୍ବେଦନଶୀଳ ଘଟଣାରେ ହସ୍ତକ୍ଷେପ କରି ସେଠାରୁ ଶିବାଶିଷଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କ ବାପା ଲିଙ୍ଗରାଜ ନିବେଦନ କରିଛନ୍ତି। ଅନ୍ୟପଟେ ଲିଙ୍ଗରାଜଙ୍କ କହିବା ଅନୁଯାୟୀ, ତାଙ୍କ ପୁଅ ଗୁରଗାଓଁରେ ଥିବା ହ୍ୟୁଗ୍‌ସ ସାଇସଟେକ ପ୍ରାଇଭେଟ ଲିମିଟେଡର ଜଣେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। କମ୍ପାନୀ ନିର୍ଦ୍ଦେଶ ଅନୁସାରେ ଜାନୁୟାରୀ ୧୦ ରେ ଶିବାଶିଷ ଓ ଅନ୍ୟ ୫ ଜଣ ସହଯୋଗୀ ମାଲେସିଆ ଅଭିମୁଖେ ବିମାନ ଯୋଗେ ଯାଇଥିଲେ। ସେଠାରୁ କାମ ସାରି ଡାଏମଣ୍ଡ ପ୍ରିନ୍‌ସେସ୍ ଜାହାଜରେ ଚୀନମେ ୱେ ଅଫ ଭିଏତ୍‌ନାମରୁ ଯାତ୍ରା ଆରମ୍ଭ କରିଥିଲେ। ଜାହାଜରେ ଯାତ୍ରା କରୁଥିବା ୩୭୦୦ ଯାତ୍ରୀଙ୍କ ମଧ୍ୟରୁ ଜଣେ କରୋନା ଭୂତାଣୁରେ ସଂକ୍ରମିତ ଥିବା ଜଣାପଡିଥିଲା। ଜାନୁୟାରୀ ୨୫ରେ ସେହି ଯାତ୍ରୀଙ୍କୁ ହଂକଂରେ ଓହ୍ଲାଇ ଦିଆଯାଇଥିଲା। ସେହି ସମୟରେ ଜାହାଜଟି ୟୋକୋହମାରେ ପହଞ୍ଚି ସେଠାରୁ ଗନ୍ତବ୍ୟସ୍ଥଳ ଅଭିମୁଖେ ବାହାରିବାର ଥିଲା। କିନ୍ତୁ ସନ୍ଦିଗ୍ଧ କରୋନା ଭୂତାଣୁ ଯୋଗୁ ଉକ୍ତ ଜାହାଜକୁ ଜାପାନ ସରକାରଙ୍କ ନିର୍ଦ୍ଦେଶରେ ଅଟକାଇ ଦିଆଯାଇଥିଲା। ୧୪ ଦିନ ଭିତରେ ସବୁ ଯାତ୍ରୀଙ୍କ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୧୮ ଜଣ ଯାତ୍ରୀ ଓ କର୍ମଚାରୀଙ୍କ ଦେହରେ କରୋନା ଭୂତାଣୁ ପଜିଟିଭ ଥିବା ଜଣାପଡିଥିଲା। ପରେ ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଥିମଧ୍ୟରେ ୩ ଜଣ ଭାରତୀୟଙ୍କ ଦେହରେ ଏହି ଭୂତାଣୁ ଥିବା ଚିହ୍ନଟ ହୋଇଛି। ଜାହାଜରେ ଥିବା ଆମେରିକା ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ସେଠାକାର ସରକାର ନେଇଯିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଉକ୍ତ ଜାହାଜରେ ପଣବନ୍ଦୀ ଜୀବନ ବିତାଉଥିବା ଯାତ୍ରୀମାନଙ୍କୁ ଉଦ୍ଧାର ପାଇଁ ସରକାରଙ୍କୁ ନିବେଦନ କରାଯାଉଛି ବୋଲି ଶିବାଶିଷ ଫୋନ ଜରିଆରେ ସୂଚନା ଦେଇଛନ୍ତି। ଏହାସହିତ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏ ଦିଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ସେ ନିବେଦନ କରିଛନ୍ତି। ଉକ୍ତ ଜାହାଜର ଏକ ବନ୍ଦ କୋଠରିରେ ସେ ଦୀର୍ଘ ୧୪ ଦିନ ନିର୍ବାସନ ଭଳି ଜୀବନ ବିତାଉଛନ୍ତି। ସେଠାରେ ଯାତ୍ରୀମାନେ କାହା ସହିତ କିଏ କଥା ନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଦିନ ରାତି ମୁଖା ପିନ୍ଧି ଜାହାଜ ଭିତରେ ସେ ରହୁଥିବା କୋଠରିରେ ରହୁଛନ୍ତି। ତାଙ୍କ ଅନ୍ୟ ୫ ସହଯୋଗୀ ମଧ୍ୟ ଏବେ ପୃଥକ୍ ପୃଥକ୍ କୋଠରିରେ ରହୁଛନ୍ତି। ଆମିଷ ଓ ନିରାମିଷ ଖାଦ୍ୟ ଜାହାଜରେ ମିଳୁଥିବା ବେଳେ ସେ ସବୁ କିଛି ଖାଉନାହାନ୍ତି। କେବଳ ଫଳ ଓ ନୁଡୁଲ୍‌ସ ଖାଇ ସେ ସେଠାରେ ରହୁଛନ୍ତି। ପୁଣି ଥରେ ଜାପାନ ସରକାର ଚଳିତମାସ ୧୮ ତାରିଖରୁ ୧୪ ଦିନ ପାଇଁ ସବୁ ଯାତ୍ରୀଙ୍କ ପରୀକ୍ଷା ନିରୀକ୍ଷା କରାଯିବାକୁ ଘୋଷଣା କରିଛନ୍ତି। ଶିବାଶିଷ ଓ ତାଙ୍କ ସହଯୋଗୀମାନେ ସେଠାରୁ କେବେ ମୁକ୍ତ ତାହା ଏବେ ଅନିଶ୍ଚିତ ହୋଇପଡିଛି। ଶିବାଶିଷ ଓ ତାଙ୍କ ସହଯୋଗୀଙ୍କ ସାମ୍ପୁଲ ଟେଷ୍ଟରେ କରୋନା ଭାଇରସ ନେଗେଟିଭି ବାହାରିଛି ବୋଲି ସେ ଫୋନ ଯୋଗେ 'ଧରିତ୍ରୀ'କୁ କହିଛନ୍ତି।

# ପ୍ୟାକେଟରୁ ମିଳିଲା ଅଧିକ ପ୍ରଶ୍ନପତ୍ର

**ପୁରୀ ଅଫିସ, ୧୯।୨:** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ ପରୀକ୍ଷାକୁ ଶୃଙ୍ଖଳିତ ଓ ସ୍ୱଚ୍ଛ କରିବା ଲାଗି ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ତେବେ ପରୀକ୍ଷାର ପ୍ରଥମ ଦିନରେ ପୁରୀ ସଦରସ୍ଥ ଭୋଳାନାଥ ବିଦ୍ୟାପୀଠରେ ଏକ ତ୍ରୁଟି ଦେଖିବାକୁ ମିଳିଥିଲା। ପ୍ରଶ୍ନପତ୍ର ଖୋଲା ଯିବାବେଳେ ପ୍ୟାକେଟରେ ଅଧିକ କିଛି ପ୍ରଶ୍ନପତ୍ର ରହିଥିବା ଜଣେ ଶିକ୍ଷକଙ୍କ ନଜରକୁ ଆସିଥିଲା। ସେ ତୁରନ୍ତ ଏ ନେଇ ପରୀକ୍ଷାକେନ୍ଦ୍ର ଅଧୀକ୍ଷକଙ୍କୁ ଜଣାଇଥିଲେ। କେନ୍ଦ୍ର ଅଧୀକ୍ଷକ ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଏବଂ ଶିକ୍ଷକଙ୍କୁ ଏଥିଲାଗି ପ୍ରଶଂସା କରିଥିଲେ। ଜିଲା ଶିକ୍ଷାଧିକାରୀ ସାହୁ କହିଛନ୍ତି, ଅତି ଯତ୍ନର ସହିତ ପ୍ରଶ୍ନପତ୍ର ପ୍ୟାକେଟ ସିଲ୍ କରାଯାଇଥାଏ। ତେବେ ଭୁଲବଶତଃ ଗୋଟିଏ ପ୍ୟାକେଟରେ ଅଧିକ କେତୋଟି ପ୍ରଶ୍ନପତ୍ର ରହିଯାଇଥିଲା। ଏହାକୁ ତୁରନ୍ତ ଅପସାରଣ କରାଯାଇଛି। ଏ ନେଇ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି।

**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**ସାର୍ବଜନିକ ସୂଚନା**

ଜନସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି । ଏହି ନିଲାମ ଦିନାଙ୍କ 25.02.2020 କୁ ସକାଳ/ସନ୍ଧ୍ୟା-10.00 ଘଟିକାରେ (ଠିକଣା) Plot no-44, Ashok Nagar, Unit-II, Bhubaneswar, Khordha ରେ ହେବ। ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି । ନିଲାମର ସୂଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି । ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।

**Loan Nos: BHUBANESWAR (BUU) - 1576046, 1397043, 1399861, 1569593, 1664155, 1565987, 1379388, 1403112, 1648365. CUTTACK (CTK) - 1530992, 1579048, 1732521, 1373758, 1466801, 1467349.**

For more details, please contact : **Mr. Tirumalo Rao - 7994432993**

*(Reserves the right to alter the number of accounts to be auctioned &/ postpone / cancel the auction without any prior notice.)*

## ନିରଞ୍ଜନଙ୍କ ଗସ୍ତ ପୂର୍ବରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ

# ପଦାରେ ପଡ଼ିଲା କଂଗ୍ରେସର ଗୋଷ୍ଠୀ କନ୍ଦଳ

**ଭଦ୍ରକ ଅଫିସ, ୧୯।୨**


କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଭିଡ଼।

ପୁରୀରେ ରାଜ୍ୟ ପ୍ରଭାରୀ ଓ ପିସିସି ମୁଖିଆଙ୍କ ଉପସ୍ଥିତିରେ କଂଗ୍ରେସର ଦୁଇଗୋଷ୍ଠୀ ହାତାହାତି ହୋଇଥିଲେ। ଏହି ଘଟଣାର ସମାଧାନ ନ ହେଉଣୁ ବୁଧବାର ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଗସ୍ତ ପୂର୍ବରୁ ମଧ୍ୟାହ୍ନରେ ଜିଲା କାର୍ଯ୍ୟାଳୟରେ କଂଗ୍ରେସର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ପୂର୍ବତନ ଜିଲା ଛାତ୍ର ସଭାପତି ବଳରାମ ରାଉତ ଆହତ ହୋଇଛନ୍ତି। ଏ ନେଇ ଟାଉନ ଥାନାରେ ସେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ କଂଗ୍ରେସର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଛି ବୋଲି ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାର ଥିଲା। ଏଥିରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଦୀପ ମାଝୀ, ସହପ୍ରଭାରୀ ରୁଦ୍ର ରାଜୁ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ସେମାନଙ୍କ ଗସ୍ତ ପୂର୍ବରୁ କାର୍ଯ୍ୟାଳୟ ପରିସରରେ ପୂର୍ବତନ ଜିଲା ଛାତ୍ର କଂଗ୍ରେସ ସଭାପତି ବଳରାମ ଓ ତାଙ୍କ ସମର୍ଥକଙ୍କ ଉପରେ ବିପକ୍ଷ ଗୋଷ୍ଠୀ ଆକ୍ରମଣ କରିଥିଲେ। କଂଗ୍ରେସର ଅନ୍ୟ ଏକ ଗୋଷ୍ଠୀ ମାଡ଼ ମାରିଥିଲେ। ଆକ୍ରମଣରେ ବଳରାମଙ୍କ ସମେତ ଅନ୍ୟମାନଙ୍କ ଶାର୍ଟ ଓ ପ୍ୟାଣ୍ଟ ଚିରି ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି। ପିସିସି ସଭାପତି ପହଞ୍ଚିବା ପରେ ଚାନ୍ଦବାଲିର କେତେଜଣ ନେତା ଓ କର୍ମୀ ପ୍ରଭାରୀ ଜିତେନ୍ଦ୍ରଙ୍କୁ ସଭାପତିଙ୍କ ବିରୋଧରେ ଫେରାଦ ହେବାକୁ ଯାଉଥିବାବେଳେ ସେମାନଙ୍କୁ ମଧ୍ୟ ଠେଲାପେଲା କରାଯାଇଥିଲା। ଅନ୍ୟପକ୍ଷେ ମଙ୍ଗଳବାର ରାତିରେ ଭଦ୍ରକ ଟାଉନରେ କଂଗ୍ରେସ ବିରୋଧରେ ହୋର୍ଡିଂ ମରାଯାଇଥିବା ଦେଖିବାକୁ ମିଳିଥିଲା। ନିରଞ୍ଜନ ହଟାଓ, କଂଗ୍ରେସ ବଞ୍ଚାଓ ଏବଂ ନିରଞ୍ଜନ ଗୋ ବ୍ୟାକ ଲେଖାଯାଇଥିବା କିଛି ହୋର୍ଡିଂ ବିଭିନ୍ନ ସ୍ଥାନରେ ମରାଯାଇଥିଲା। ଏଥିରୁ କଂଗ୍ରେସର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଥିବା ଚର୍ଚ୍ଚା ହେଉଥିବାବେଳେ ସଭାପତି ନିରଞ୍ଜନ ଏହାକୁ ଖଣ୍ଡନ କରିଛନ୍ତି। ଏହା ଦଳ ବାହାର ଲୋକଙ୍କ କାମ ବୋଲି ସେ କହିଛନ୍ତି। ଦଳୀୟ କର୍ମୀଙ୍କୁ ତୃଣମୂଳସ୍ତରରୁ ସୁଦୃଢ଼ ହେବାକୁ କହି ସେ ଏହାକୁ ହାଲୁକା ଭାବେ ଗ୍ରହଣ କରିଛନ୍ତି।

**ALLAHABAD BANK**
इलाहाबाद बैंक
(भारत सरकार का उपक्रम)
विश्वास की परम्परा
(A Govt. of India Undertaking)
*A tradition of trust*
**www.allahabadbank.in**
**STAFF TRAINING CENTRE**
**N.B. Tower, 2260, Nayapalli, Bhubaneswar-751012**
**Ph.No.: (0674) 2560023, Fax : (0674) 2560351,**
**e-mail: stc.bbsr@allahabadbank.in**

**TENDER NOTICE**

Allahabad Bank, invites Sealed Bids from eligible bidders for Catering Services for the Staff Training Centre, Bhubaneswar. For details please visit Bank's, website: **www.allahabadbank.in** or **Contact: 0674-2560023.**

**Chief Manager**

# ରାଜ୍ୟରେ ୨୦ହଜାର ମେଟ୍ରିକ୍ ଟନ୍ ଲିଚୁ ଉତ୍ପାଦନ ହେଉଛି: ମନ୍ତ୍ରୀ

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

■ ବିହାର, ପଶ୍ଚିମବଙ୍ଗରୁ ଲିଚୁ ଆମଦାନି ହୁଏ

■ ଉତ୍ପାଦନ ବଢ଼ାଇବା ଲାଗି ଗବେଷଣାଗାର, ତାଲିମ ଦେବାକୁ ଦାବି

ଲିଚୁ ଚାଷ ପାଇଁ ଆର୍ଦ୍ର ଉପକ୍ରାନ୍ତୀୟ ଜଳବାୟୁ ଅତ୍ୟନ୍ତ ଉତ୍କୃଷ୍ଟ। ଓଡ଼ିଶାରେ ପ୍ରାୟ ୪,୪୭୭ ହେକ୍ଟର ଜମିରେ ଲିଚୁ ଚାଷ କରାଯାଇ ୨୦,୪୩୧ ମେଟ୍ରିକ୍ ଟନ୍ ଉତ୍ପାଦିତ ହେଉଛି। ଓଡ଼ିଶାରେ ସମ୍ବଲପୁର ଜିଲାର କୁଚିଣ୍ଡା, ସୁନ୍ଦରଗଡ଼ ଜିଲାର ପାନପୋଷ, ବଣାଇ, ଖଣ୍ଡାଧାର, ଦେବଗଡ଼ ଜିଲାର ବାରକୋଟ, ତିଳେଇବଣି, ଗଜପତି ଜିଲାର ରା.ଉଦୟଗିରି, ଅନୁଗୋଳ ଜିଲାର ପାଲଲହଡ଼ା, କିଶାନନଗର, କନ୍ଧମାଳ ଜିଲାର ଟିକାବାଲି, ଜି.ଉଦୟଗିରି, ରାଇକିଆ, କୋଟଗଡ଼, କୋରାପୁଟ ଜିଲାର ଲକ୍ଷ୍ମୀପୁର, ଯଶବନ୍ତପୁର, କୋରାପୁଟ, ରାୟଗଡ଼ା ଜିଲାର କାଶୀପୁର, ବିଷମକଟକ, କଳାହାଣ୍ଡି ଜିଲାର ଥୁଆମୂଳା ରାମପୁର, ବଲାଙ୍ଗୀର ଜିଲାର ନାନ୍ଦୁପଲା ଅଞ୍ଚଳରେ ଲିଚୁ ଚାଷ କରାଯାଉଛି। ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ନାକଚିଠାରେ ଏକ ଉଦ୍ୟାନ କୃଷି ଫାର୍ମ ରହିଛି। ସେଠାରେ ପ୍ରାୟ ୧୬ଶହ ଲିଚୁ ଗଛ ରହିଛି। ସେହି ଗଛରୁ କଲମୀ କରାଯାଇ ଉତ୍କୃଷ୍ଟ ଚାରା ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯୋଗାଇ ଦିଆଯାଉଛି। ବୁଧବାର ବିଧାନସଭାରେ ପ୍ରଶ୍ନୋତ୍ତର ବେଳେ କୃଷି ଓ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି।

ମୂଳପ୍ରଶ୍ନରେ ବିଜେଡି ସଭ୍ୟ ରମେଶ ଚନ୍ଦ୍ର ସାଏ ରାଜ୍ୟର କେଉଁ ଜିଲାର କେଉଁ ଅଞ୍ଚଳରେ ଲିଚୁ ଚାଷ କରାଯାଉଛି। ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ନାକଚିସ୍ଥିତ ଉଦ୍ୟାନ କୃଷି ଫାର୍ମକୁ ଉନ୍ନତୀକରଣ କରି ଏକ ଲିଚୁ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେବେ କି ବୋଲି ପଚାରିଥିଲେ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ଭାଜପା ସଭ୍ୟ ସୁବାସ ପାଣିଗ୍ରାହୀ, ବିଜେଡି ସଭ୍ୟ ଉମାକାନ୍ତ ସାମନ୍ତରାୟ ଏବଂ ସିପିଆଇଏମ୍ ସଭ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ଲିଚୁ ଚାଷ ନେଇ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ସେନେଇ ପ୍ରଶ୍ନ କରିଥିଲେ। ଡେରାଶ ଫାର୍ମ, ଝୁମୁକା ଓ କମାରପତି ଫାର୍ମରେ ଆଗରୁ ବହୁ ଲିଚୁ ଚାଷ ହେଉଥିଲା। ଜମି ଓ ପାଣି ଅଛି। ଲିଚୁ ଚାଷ ପାଇଁ ଯୁବତୀଯୁବକଙ୍କୁ ଟ୍ରେନିଂ ଦେବା ଦରକାର। ଏକ ଗବେଷଣାକେନ୍ଦ୍ର ସ୍ଥାପନ କରି ଏହି ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ପଦକ୍ଷେପ ନେବେ କି? ଦେବଗଡ଼ ଜିଲାରେ ଏକ ଗବେଷଣାଗାର, ସାକ୍ଷୀଗୋପାଳ ଫାର୍ମର ପୁନରୁଦ୍ଧାର କରିବା ଲାଗି ସଦସ୍ୟମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଏହାର ଉତ୍ତର ରଖି ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୨୦,୪୩୧ ମେଟ୍ରିକ୍ ଟନ୍ ଲିଚୁ ଉତ୍ପାଦନ ହୁଏ। ଆବଶ୍ୟକ ପଡ଼ିଲେ ବିହାର ଓ ପଶ୍ଚିମବଙ୍ଗରୁ ଆମଦାନି କରାଯାଏ। ଲିଚୁ ଚାଷ ପାଇଁ ଟ୍ରେନିଂ ଦେବାର ବ୍ୟବସ୍ଥା କରାଯିବ। ଡେରାଶ ଫାର୍ମ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି। ୧୪୦ ହେକ୍ଟର ବିଶିଷ୍ଟ ସାକ୍ଷୀଗୋପାଳ ଫାର୍ମକୁ ପୁନରୁଦ୍ଧାର କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

**ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି**

**ନଂ. ୨୦୧୯/ଡବ୍ଲ୍ୟୁପି/ବିଜିପିଏଲ୍/ଇଏନ୍‌ଜିଜି/ଡବ୍ଲ୍ୟୁଟି-୧୪ (ଖୋଲା)**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଇ-ଟେଣ୍ଡର (ଖୋଲା) ଆମନ୍ତ୍ରଣ କରାଯାଉଛି: **୧. କାର୍ଯ୍ୟର ନାମ ଓ ଏହାର ଅବସ୍ଥିତି:** ବାଘୁଆପାଳ, ପୂର୍ବତଟ ରେଳପଥଠାରେ ସିସି ପରୀକ୍ଷା ସୁବିଧା ସଂକ୍ରାନ୍ତରେ ଫୁଟ୍ ଓଭରବ୍ରିଜ୍, ଆର୍‌ସିସି ବକ୍ସ ବ୍ରିଜ୍ ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ବିଲ୍ଡିଂ (ସର୍ଭିସ୍ ବିଲ୍ଡିଂ, ଇଲେକ୍ଟ୍ରିକ୍ ସବ୍ ଷ୍ଟେଶନ ଇତ୍ୟାଦି), ଜଳ ଯୋଗାଣ ପ୍ରଣାଳୀ, ଡ୍ରେନେଜ୍ ପ୍ରଣାଳୀ, ଟ୍ରାକ୍ କାର୍ଯ୍ୟ, ରାସ୍ତା କାର୍ଯ୍ୟ, ବିଦ୍ୟୁତୀକରଣ ଏବଂ ଆଲୋକୀକରଣ କାର୍ଯ୍ୟ ତଥା ତତ୍ ସଂକ୍ରାନ୍ତୀୟ ଟେଲିକମ୍ କାର୍ଯ୍ୟ ସମ୍ବଳିତ କମ୍ପୋଜିଟ୍ କାର୍ଯ୍ୟ (ସିଭିଲ, ଇଲେକ୍ଟ୍ରିକାଲ, ମେକାନିକାଲ ଓ ଟେଲିକମ୍)। **୨. କାର୍ଯ୍ୟର ଆନୁମାନିକ ମୂଲ୍ୟ:** ଟ.୨୨,୭୦,୩୯,୯୪୧.୫୮, **୩. ଜମା କରାଯିବାକୁ ଥିବା ଅମାନତ ରାଶି:** ଟ.୧୨,୮୦,୨୦୦.୦୦, **୪. ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୧।୦୩।୨୦୨୦ରିଖ ୧୩.୦୦ ଘଟିକାରେ । **୫. ୱେବ୍‌ସାଇଟ୍ ସୂଚନା ଏବଂ** ନୋଟିସ୍ ବୋର୍ଡ ଅବସ୍ଥିତି ଯେଉଁଠାରେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ: ଟେଣ୍ଡର କେବଳ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ www.ireps.gov.inରୁ ଡାଉନ୍‌ଲୋଡ୍ କରାଯାଇପାରିବ। ଅନ୍ୟ କୌଣସି ସୂଚନା ପାଇଁ ଦୟାକରି ଚିଫ୍ ଇଞ୍ଜିନିୟର୍-I/ୱାର୍କସପ୍ ପ୍ରୋଜେକ୍ଟସ୍, ଭାରତୀୟ ରେଳପଥ, ଚାମ୍ବର୍ ଭବନ, ୪ର୍ଥ ମହଲା (ଇଞ୍ଜିନିୟରିଂ ବିଭାଗ) ଜେ.ସି. ରୋଡ୍, ପାଟନା-୮୦୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସିଏଓ/ଡବ୍ଲ୍ୟୁପି ଚାମ୍ବର ଭବନ,**
**ଜେ.ସି. ରୋଡ୍, ପାଟନା**
**PR/02266/WPO/ENGG/T/19-20/40**

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**PLOT NO : C-71, SECTOR-7, C.D.A, CUTTACK, ODISHA**
**O.A. NO. 141 of 2019**

**HDFC BANK LIMITED** ...............................Applicant
-Versus-
**PAPUN K CHAKRA** ............................Defendant

To,
**Papun K Chakra, S/o - Niranjan Chakra, Village/Ward-Saras, GP/Town - Sirishapal, Near Siba Temple, PS/Town / Dist.- Keonjhar, Odisha-758002.**

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A No. 141/2019 in the court of the Debts Recovery Tribunal, Cuttack for recovery of **Rs.14,02,562.37** only together with current and future interest costs and the other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent in support of his defense to show cause within 30 days from the date of publication or on **19th March, 2020** at 10.30 am as to why reliefs prayed for should not granted.

Take notice that in case of default the applicant will be heard and determined in his absence.

Given under my hand and seal of this Tribunal on this 24th day of January, 2020.

Sd/-
Registrar

> ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ।
> –ଶ୍ରୀମା

# ଶିଶୁ ଓ ଶାକାହାର



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ମୋ ନାତୁଣୀ ଅନସୂୟାର ବୟସ ୫ ବର୍ଷ। ସେ ଶାକାହାରୀ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଖାଏ। ପରିବା ବିଶେଷ କରି ବ୍ରକୋଲି ଖାଇବାକୁ ସେ ଭଲପାଏ। କେକ୍ ସମେତ ମଇଦାରେ ତିଆରି ଯେ କୌଣସି ଖାଦ୍ୟ ସେ ଖାଇବାକୁ ପସନ୍ଦ କରେନି। ଆଇସ୍‌କ୍ରିମ ଖାଇବାକୁ ପସନ୍ଦ କରେ, କିନ୍ତୁ ଖୁବ୍ କମ୍ ଖାଏ। ଗୋଟିଏ ସମୟରେ ମୋ ପୁଅ ତାକୁ ଲଲିପପ୍ ଦେଉଥିଲା। ସେ ତା' ବାପାଙ୍କୁ ଖୁସି କରିବା ପାଇଁ ନେଉଥିଲା ସିନା କିନ୍ତୁ ଖାଉ ନ ଥିଲା। ତା' ଚିନ୍ତାଧାରାରେ ଅଧିକ ସାଲାଡ, ଦୁଇଟି ରୁଟି ଓ ଅଳ୍ପ ଭାତ, ଡାଲି, ଛତୁ ଏବଂ ପରିବା ହିଁ ଥିଲା ସବୁଠୁ ଭଲ ଭୋଜନ।

କିଛି ସପ୍ତାହ ପୂର୍ବେ ମୋ ବନ୍ଧୁଙ୍କ ମା' ତାକୁ ଗୋଟିଏ ଅଣ୍ଡା ଦେଇଥିଲେ ଓ ସେ ତାକୁ ଖାଇଥିଲା। ସେ ମୋତେ ଏକଥା କହିଲା ଓ ମୁଁ ରାଗିଗଲି। ମୁଁ ଯେତେବେଳେ ଏ ଘଟଣା ତାଙ୍କୁ ଜଣାଇଲି ସେ ମୋତେ କହିଲେ, ଅନସୂୟା ପୂରା ପତଳା ଏବଂ ସେ ପ୍ରୋଟିନ ଆବଶ୍ୟକ କରୁଛି। ଏହାପରେ ସେ ସାଧାରଣ ଭାବେ ଦୋଷ ଦେଇ କହିଲେ, ତୁମେ କିପରି ଜଣେ ପିଲାକୁ ଶାକାହାରୀ ହେବାକୁ ବାଧ କରୁଛ। ସେ ଯାହା ଚାହିଁବ ତାହା ଖାଇବାକୁ ଅନୁମତି ଦେବା ଉଚିତ। ଯାହା ତୁମେ କରୁଛ ତାହା ସମସ୍ତଙ୍କ ପାଇଁ ଗ୍ରହଣୀୟ ନୁହେଁ ଓ ଏହା ପିଲା ପାଇଁ କ୍ଷତିକାରକ। ଏହା ସବୁଠୁ ବିରକ୍ତିକର ଯୁକ୍ତି ଓ ଦୁର୍ବଳ ମାନସିକତାର ପରିଚୟ। ଅନ୍ୟମାନେ ସେମାନଙ୍କ ଶିଶୁଙ୍କୁ ପ୍ରତ୍ୟେକ ମିଲ୍‌ରେ ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟ ଦେଉଥିବାବେଳେ ଶାକାହାରୀ ଓ ଶୁଦ୍ଧଶାକାହାରୀମାନେ ସେମାନଙ୍କ ପିଲାଙ୍କୁ ଏମିତି ଖାଇବାକୁ ଦେବା ଲାଗି ନିଶ୍ଚିତ ସଂକୋଚ ପ୍ରକାଶ କରିବେ।

ଆମେ ଜନ୍ମ ହେବା ଦିନଠାରୁ ନାମ ଓ ଧର୍ମରୁ ଆରମ୍ଭ କରି ସବୁ କ୍ଷେତ୍ରରେ ମାତାପିତା ସେମାନଙ୍କ ପସନ୍ଦକୁ ଆମ ଉପରେ ଲଦି ଦିଅନ୍ତି। ପ୍ରତ୍ୟେକ ଅଭିଭାବକ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଖାଇବାକୁ ବାଧ କରନ୍ତି। କିନ୍ତୁ ଯେଉଁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଯୁବାବସ୍ଥାରେ ମାଂସ ଖାଇବାକୁ ବାଧ କରନ୍ତି ସେମାନେ ପିଲାମାନଙ୍କର ଅତ୍ୟଧିକ କ୍ଷତି କରିଥାନ୍ତି। କାରଣ, ସେମାନେ ପ୍ରଥମରୁ ପିଲାର ସ୍ୱାସ୍ଥ୍ୟ କ୍ଷୟ କରିବା ଆରମ୍ଭ କରିଥାନ୍ତି ଏବଂ ମେଦବହୁଳତା ଓ ଅଙ୍ଗ ଅଚଳ ହେବାର ମୂଳଦୁଆ ପକାଇଥାନ୍ତି। ଜନ୍ମରୁ ପିଲାଟି ମନରେ ସୃଷ୍ଟିର ଅନ୍ୟସବୁ ବସ୍ତୁ ପ୍ରତି ଥିବା ପ୍ରାକୃତିକ ସମ୍ବେଦନଶୀଳତାକୁ ସେମାନେ ଦୂରେଇ ଦିଅନ୍ତି।

ଗୋଟିଏ ପରିବାର ଖାଦ୍ୟରେ ଏକାଠି ରହିଥାଏ। ସବୁ ସଂସ୍କୃତି, ସବୁ କାର୍ଯ୍ୟ ଖାଦ୍ୟ ପସନ୍ଦରୁ ହିଁ ଆରମ୍ଭ ହୋଇଛି। ମୁଁ ଜାଣେ ଯଦି ମୋ ପୁଅ ମାଂସ ଖାଇଥାନ୍ତା ତେବେ ଏହା ହୁଏତ ଆମ ପରିବାରିକ ସମ୍ବନ୍ଧରେ ଚାପ ପକାଇଥାନ୍ତା। କିନ୍ତୁ ସେ ଶାକାହାରୀ ହୋଇ ବଡ଼ ହୋଇଛି ଏବଂ ଏହା ତାକୁ ଜଣେ ଭଲ ମଣିଷ ଭାବେ ଗଢ଼ିତୋଳିଛି। ମୋ ଦେଖିବା ଭିତରେ ଅନସୂୟା ହେଉଛି ସବୁଠୁ ନମ୍ର। ରାସ୍ତାରେ ଚାଲୁଥିବା ଗେଣ୍ଡାଗୁଡ଼ିକ ଉପରେ ଯେପରି ଗାଡ଼ି ଚଢ଼ି ନ ଯାଏ ସେଥିପ୍ରତି ଦୃଷ୍ଟି ରଖି ସେଗୁଡ଼ିକୁ ରାସ୍ତାର ଗୋଟିଏ ପାଖକୁ ନେଇଆସେ। ଏହା ଆମେ ତାକୁ ଶିକ୍ଷା ଦେଇନୁ। ଏପରିକି ତା' ଶିକ୍ଷକମାନେ କୁହନ୍ତି, ପ୍ରତ୍ୟେକଙ୍କୁ ସମ୍ମାନ ଦେବାରେ ସେ ଭିନ୍ନ। ମୋତେ ଲାଗୁଛି ଓ ଏହାର ମୂଳକଥା ହେଉଛି, ଆମେ ତାକୁ ଶାକାହାରୀ ହେବାକୁ ଦେଇଛୁ ଏବଂ ତାକୁ ଦୁଇ ବର୍ଷ ବୟସରୁ ଖାଦ୍ୟ ସମ୍ପର୍କରେ ବୁଝାଇଛୁ। କେତେଜଣ ଅଭିଭାବକ ସେମାନଙ୍କ ପିଲାଙ୍କୁ ଖାଦ୍ୟ ସମ୍ପର୍କରେ ବୁଝାଉଛନ୍ତି? କେତେଜଣ ପୌଷ୍ଟିକ ଆହାର ସମ୍ପର୍କରେ ବୁଝିଛନ୍ତି?

ପିଲାଙ୍କ ଉପରେ ଲଦି ଦିଆଯାଉଥିବା ଆପଣଙ୍କ ପସନ୍ଦର ପ୍ରତ୍ୟେକ କାର୍ଯ୍ୟ ଭଲ, ଯୁକ୍ତିସଙ୍ଗତ କି ନାହିଁ ନିଶ୍ଚିତ ହୁଅନ୍ତୁ ଏବଂ ପରେ ପିଲାକୁ ତାହା କରିବାକୁ ଦିଅନ୍ତୁ। ମୋ ପୁଅର ଆଇକ୍ୟୁ ୧୫୦। ଅନସୂୟା ଅନେକ ଚେସ୍ ଚାମ୍ପିୟନଶିପ୍‌ରେ ପ୍ରଥମ ହୋଇଛି ଏବଂ ବହୁବାର ଶ୍ରେଣୀରେ ପ୍ରଥମ ହୋଇଛି। ଯଦି ଆପଣ ଜଣେ ମା' ହୋଇ ପିଲାଠାରେ କିଛି ଅଦ୍ଭୁତ ଦକ୍ଷତା ଦେଖିବାକୁ ଆଶା ରଖିଛନ୍ତି, ତେବେ ତାଙ୍କ ଶରୀର ଓ ମନ ଦରକାର କରୁଥିବା ସ୍ୱାସ୍ଥ୍ୟକର ଖାଦ୍ୟ ଦେବା ଆରମ୍ଭ କରନ୍ତୁ।

ମୋ ଜାଣିବାରେ ଅନେକ ଅଭିଭାବକ ଅଛନ୍ତି ଯେଉଁମାନେ ଗର୍ବର ସହ କୁହନ୍ତି, ମୋ ପିଲା ପରିବା ତରକାରିକୁ ଘୃଣା କରେ। ବାସ୍ତବରେ ପିଲାଙ୍କୁ ଲାଳନପାଳନ କରିବାର ଏହା ଏକ ଖରାପ ଉଦାହରଣ। ଯଦି ତିନିବର୍ଷର ପିଲାଟିଏ କୌଣସି ଏକ ପରିବା ଖାଇବାକୁ ମନା କରେ ସେମାନେ ପ୍ରଥମେ ତାହାକୁ ତା'ର ଖାଦ୍ୟ ତାଲିକାରୁ ବାହାର କରିଦିଅନ୍ତି। କିନ୍ତୁ ଆଜି ପିଲା ଯେଉଁ ଖାଦ୍ୟ ଖାଇବାକୁ ମନା କରୁଛି, ତିନି-ଚାରିଥର ଚେଷ୍ଟା କଲେ ସେ ଖାଦ୍ୟକୁ ସେ ଗ୍ରହଣ କରିନେବ। (ଏଠାରେ ମୁଁ ଚିନି କଥା ଆଦୌ କହୁନାହିଁ।) ଏମାନେ ସେହି ଅଭିଭାବକ ଯେଉଁମାନେ ନିଜେ ସମ୍ଭବତଃ ପରିବା ଖାଇବାକୁ ଭଲ ପାଆନ୍ତିନି ଏବଂ ସେମାନେ ଖାଉଥିବା ଖାଦ୍ୟ ପିଲାମାନଙ୍କୁ ଖାଇବା ପାଇଁ ବାଧ କରିଥାନ୍ତି।

ଯଦି ତୁମ ପିଲା ମେଦବହୁଳତା କିମ୍ବା ମଧୁମେହର ଶିକାର ହୋଇଛି, ତେବେ ସେମାନଙ୍କୁ ସପ୍ତାହରେ ଦୁଇଥର ପିଜା, ମିଠା ଜିନିଷ, ବର୍ଗର ଖାଇବାକୁ ଦେବା କିମ୍ବା ମାଇକ୍ରୋୱେଭରେ ଖାଦ୍ୟ ଗରମ କରି ଖୁଆଇବା ଏହାର ମୁଖ୍ୟ କାରଣ। ଅଭିଭାବକମାନେ ପିଲାମାନଙ୍କୁ ମ୍ୟାକ୍‌ଡୋନାଲ୍ଡ୍‌ସ୍, ଜଙ୍କଫୁଡ୍ ଓ ମିଠା, ଅଧିକ ଚିକେନ କିମ୍ବା ମିଟ୍ ସ୍ୟାଣ୍ଡୱିଚ୍ ଖାଇବାକୁ ବାଧ କରିବା ଉଚିତ ନୁହେଁ। ଏ କ୍ଷେତ୍ରରେ ଅଭିଭାବକମାନେ ସେମାନଙ୍କ ପିଲାକୁ ଶୁଦ୍ଧଶାକାହାରୀ ରଖିପାରନ୍ତି ନାହିଁ। ସେମାନେ ତାକୁ କେବଳ ଫଳ ଖାଇବାକୁ ଦେବା ସ୍ୱାସ୍ଥ୍ୟ ଲାଗି ହାନିକାରକ ଚିକେନ ସୁପ୍ (ପରୀକ୍ଷାଗାରରେ ବ୍ୟାକ୍ଟେରିଆ ବୃଦ୍ଧି କରିବା ଲାଗି ଚିକେନ୍ ସୁପ୍ ବ୍ୟବହାର କରାଯାଏ) ଦେବା ପରି ମୂର୍ଖତା। ଭାରତରେ ବହୁ ପିଲା ସ୍ୱତଃସ୍ଫୂର୍ତ୍ତ ଭାବେ ଶୁଦ୍ଧଶାକାହାରୀ। ଦେଖନ୍ତୁ ସେମାନେ କେତେ ଭଲ କରୁଛନ୍ତି। ପିଲାଙ୍କ ମେଦବହୁଳତା କଥା ସବୁବେଳେ କୁହାଯାଉଛି, କିନ୍ତୁ ଏଥିପାଇଁ ଲଜ୍ଜା ଲାଗୁନି। ଖରାପ ଖାଦ୍ୟ ଖାଇ ଅଙ୍ଗ ଅଚଳ ହେବା ଯୋଗୁ ମୃତ୍ୟୁ ଘଟିଥିବା ପିଲାର ଅଭିଭାବକଙ୍କ ଉପରେ ଖବରକାଗଜରେ ପ୍ରକାଶିତ ଏକ ପ୍ରବନ୍ଧ ପାଇବାକୁ ଚେଷ୍ଟା କରନ୍ତୁ ତ। ଦେଖିବେ ଏହା କେବେ ବି ପ୍ରକାଶ ପାଇ ନ ଥିବ।

ଲୋକଙ୍କ ମଧ୍ୟରେ ଆଉ ଏକ ଅଦ୍ଭୁତ କଥା ମୁଁ ଦେଖେ ଯେ, ଯଦି ଧାର୍ମିକ କାରଣରୁ ପିଲାଟି ଶାକାହାରୀ ହୋଇଛି ତେବେ ଭଲ। କିନ୍ତୁ ଆପଣ ଯଦି ପିଲାର ସ୍ୱାସ୍ଥ୍ୟ, ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ପ୍ରାଣୀ ନିର୍ଯ୍ୟାତନାକୁ ଦୃଷ୍ଟିରେ ରଖି ପିଲାକୁ ଶାକାହାରୀ କରିଛନ୍ତି ତେବେ ମୌଳବାଦୀ ଭାବେ ଗଣାଯିବେ। ନୈତିକ ନିଷ୍ପତ୍ତିଠାରୁ ଧାର୍ମିକ ନିଷ୍ପତ୍ତିକୁ ସମାଜ ଗୁରୁତ୍ୱଦେବା ବାସ୍ତବରେ କେତେ ଅଜବ।

ପୃଥିବୀ ବଦଳୁଛି। ଆଗେ ଶୁଦ୍ଧଶାକାହାରୀଙ୍କୁ ଲୋକେ ପୁରୁଣାକାଳିଆ ଓ ପାଗଳ ବୋଲି ବେଶି ଭାବୁଥିଲେ। ଏବେ କିନ୍ତୁ ଶୁଦ୍ଧ ଶାକାହାରବାଦୀମାନେ ଏକ ଶ୍ରେଷ୍ଠ ଶ୍ରେଣୀର ବ୍ୟକ୍ତିଙ୍କ ସମାହାର ଭାବେ ଗଣା ହେଉଛନ୍ତି। ପୃଥିବୀ ପ୍ରତି ପ୍ରତିବଦ୍ଧତା, ସେମାନଙ୍କ ପାଇଁ ଓ ସେମାନଙ୍କ ପିଲାଙ୍କ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ଆଗ୍ରହ ପ୍ରକାଶ କରିଛି ଶାକାହାରବାଦ। ମାଂସାହାରୀମାନେ ଏବେ ପଛରେ ରହିଯାଇଛନ୍ତି। ନିଜର ସ୍ୱାସ୍ଥ୍ୟ ନଷ୍ଟ ସହ ଅନ୍ୟ ଜୀବଙ୍କୁ ନଷ୍ଟ କରିବା ଆଉ ବେଶି ଦିନ ଚଳିବନି। ଯେତେବେଳେ ପିଲାଙ୍କୁ ଖୁଆଉଛନ୍ତି, ବାଇବେଲର ସେହି 'ଦୟାଳୁ ବ୍ୟକ୍ତି ଧନ୍ୟ କାରଣ ସେମାନେ ଈଶ୍ୱରଙ୍କ ଦୟା ପ୍ରାପ୍ତ ହୁଅନ୍ତି' (Blessed are the merciful, for they will be shown mercy.) ପରି ଅମୃତ ବାଣୀକୁ ସବୁବେଳେ ମନେ ପକାନ୍ତୁ।

Email: gandhim@nic.in

# ଗଣ ପରିବହନ



ଡ. ସୁବାସ ଚନ୍ଦ୍ର ପାତ୍ର

ବିଗତ ୧୫/୨୦ ବର୍ଷ ଭିତରେ ଭାରତ ବିଶେଷକରି ଓଡ଼ିଶାର ଲୋକମାନଙ୍କ ପରିବହନ ଶୈଳୀ ନିରୀକ୍ଷଣ କଲେ ତା' ଭିତରେ ହାଲୁକା ପୁଞ୍ଜିବାଦର ଛାପ ଦେଖିବାକୁ ମିଳେ। ଉଦାରୀକରଣ ପରେ ମଧ୍ୟବିତ୍ତଙ୍କ ଆର୍ଥିକ ସ୍ୱଚ୍ଛଳତା ବଢ଼ିଛି। ତେଣୁ ଯେଉଁମାନେ ସାଇକେଲ ଚଢୁଥିଲେ, ସେମାନେ ବାଇକ ଚଢ଼ିଲେ। ଯେଉଁମାନେ ବାଇକ ଚଢୁଥିଲେ ସେମାନଙ୍କ ମଧ୍ୟରୁ କିଛି କାର୍ ଚଢ଼ିଲେ। ବ୍ୟକ୍ତିଗତ ଗାଡ଼ିରେ ଯିବା ସ୍ୱାଭିମାନ ଓ ସାମାଜିକ ପରିଚୟର ପ୍ରଶ୍ନ ହେଲା। ବ୍ୟକ୍ତିର ମାନସିକ, ଆର୍ଥିକ ସ୍ତରରେ ଏହି ପ୍ରକାର ପରିବର୍ତ୍ତନ ଘଟୁଥିଲା ବେଳେ ସରକାର ତାଙ୍କ ଦାୟିତ୍ୱରୁ ଓହରିଗଲେ ଅର୍ଥାତ୍ ସରକାର ଗଣପରିବହନ କ୍ଷେତ୍ର ବିଶେଷତଃ ବସ୍‌ରେ ଯାତ୍ରୀ ପରିବହନ ବ୍ୟବସ୍ଥାରୁ ଅଦୃଶ୍ୟ ହୋଇଗଲେ।

ଏବେ ସମସ୍ତେ ପରିବେଶ ସଂରକ୍ଷଣ ପାଇଁ ଚିନ୍ତିତ। ବାୟୁମଣ୍ଡଳରେ ଧୂଆଁ, ଧୂଳିର ମାତ୍ରା ବଢ଼ିବା ନେଇ ରାତିଦିନ ବ୍ୟଗ୍ରତା ପ୍ରକାଶ କରାଯାଉଛି। ପେଟ୍ରୋଲିୟମ୍ ଆମଦାନୀ ବିଲ୍ ଦିନକୁ ଦିନ ବଢୁଛି। ଦିଲ୍ଲୀରେ ଯୁଗ୍ମ, ଅଯୁଗ୍ମ ଗାଡ଼ି ନମ୍ବର ନେଇ ବେଶ୍ ଖେଳକସରତ ଚାଲିଛି କିନ୍ତୁ ନା କେନ୍ଦ୍ରୀୟସ୍ତରରେ ନା ପ୍ରାଦେଶିକସ୍ତରରେ ଗଣପରିବହନ ବା ପରିବେଶମୂଳକ ପରିବହନ ପାଇଁ କୌଣସି ନିଷ୍ଠାପର ଉଦ୍ୟମ କରାଯାଉଛି।

ସିଙ୍ଗାପୁରରେ ବାହାର ଖାଦ୍ୟର ମାନ, ଗୁଣାତ୍ମକତା ଓ ବିବିଧତା ଯୋଗୁ ଲୋକେ ଘର ଖାଦ୍ୟ ଅପେକ୍ଷା ବାହାର ଖାଦ୍ୟ ଅଧିକ ପସନ୍ଦ କରୁଥିଲା ଭଳି ଏପିରି କି ଅନେକ ଘର ନକ୍ସାରୁ ରୋଷେଇ ବଖରାଟିଏ ଅନ୍ତର୍ହିତ ହୋଇଯାଇଥିଲା ଭଳି ଆମକୁ ଗଣପରିବହନ ବ୍ୟବସ୍ଥାକୁ ଏପରି ଆକର୍ଷଣୀୟ କରିବାକୁ ହେବ ଯେ ଅଧିକରୁ ଅଧିକ ଲୋକ ନିଜର ବ୍ୟକ୍ତିଗତ ପରିବହନ ବ୍ୟବସ୍ଥା ଛାଡ଼ି ବସ୍, ଟ୍ରେନ ବା ଯନ୍ତ୍ରଚାଳିତ ବୋଟରେ ଯିବାକୁ ଅଧିକ ପସନ୍ଦ କରିବେ। ପ୍ରଥମ ପଦକ୍ଷେପ ସ୍ୱରୂପ ରାସ୍ତାଗୁଡ଼ିକ ଯଥାସମ୍ଭବ ସିଧାସଳଖ କରିବାକୁ ପଡ଼ିବ, ଯାହା ବିକଶିତ ଦେଶରେ ଦେଖାଯାଏ। ଖାଲଖମାପୂର୍ଣ୍ଣ ଅଙ୍କାବଙ୍କା ରାସ୍ତାରେ ଯାତ୍ରା ଖାଲି ବିପଦପୂର୍ଣ୍ଣ ନୁହେଁ, ଏହା ଅଧିକ ସମୟସାପେକ୍ଷ। ତା' ଛଡ଼ା ପରିବେଶ ଦୃଷ୍ଟିରୁ ଅହିତକର, କାରଣ ବାରମ୍ବାର ଗାଡ଼ିର ଗତି ପରିବର୍ତ୍ତନ ସହ ଅଧିକ ଧୂଆଁ ନିର୍ଗମନ ହୋଇଥାଏ। ବିଦେଶରେ ଜଣେ ଗାଡ଼ିଚାଳକ ସିଧାସଳଖ ତଥା ଉଚ୍ଚମାନର ରାସ୍ତା ଯୋଗୁ ଦିନକୁ ଯେତିକି ସମୟ ଗାଡ଼ି ଚଳାଇ ଯେତିକି ଦୂର ଅତିକ୍ରମ କରେ ଭାରତବର୍ଷରେ ଗାଡ଼ିଚାଳକମାନେ ସେତିକି ସମୟ ଗାଡ଼ି ଚଳାଇ ପାରନ୍ତି ନାହିଁ କି ସେତିକି ଦୂର ଅତିକ୍ରମ କରିପାରନ୍ତି ନାହିଁ। ଏଥିଯୋଗୁ ଖାଲି ପରିବେଶ ଅଧିକ ପ୍ରଦୂଷିତ ହୁଏ ତା' ନୁହେଁ, ଅଧିକ 'ମାନବ ସମୟ' (ମ୍ୟାନ୍ ଆୱାର) ଏବଂ ଅଧିକ ମାନବ ସମ୍ବଳ କ୍ଷୟହୁଏ।

ଗଣପରିବହନକୁ ଉତ୍ସାହିତ କରିବାକୁ ହେଲେ ରାସ୍ତାର ଉନ୍ନତି ସହିତ କମ୍ ସମୟ ଭିତରେ, କମ୍ ଖର୍ଚ୍ଚରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ହେବ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି କରିବାକୁ ପଡ଼ିବ। ଯଦି ସମୟ, ଅର୍ଥ ସହିତ ପରିବହନକାରୀ ଯାନର ଗୁଣବତ୍ତା ଉତ୍ତମ ରହେ ଲୋକେ ଆପଣାଛାଏଁ ସାଧାରଣ ପରିବହନ ପ୍ରତି ଆକୃଷ୍ଟ ହେବେ। ଯେହେତୁ ଆମ ସମାଜରେ ଯେତେ ଯାହା କଲେ ବି ବିଭିନ୍ନ ଦୃଷ୍ଟିରୁ ବର୍ଗୀକରଣ ରହୁଛି, ପରିବହନ ପାଇଁ ଉଦ୍ଦିଷ୍ଟ ଯାନର ବର୍ଗୀକରଣ କରାଯାଇ ଉଚ୍ଚ ମଧ୍ୟବିତ୍ତ ଲୋକଙ୍କୁ ଏ ବ୍ୟବସ୍ଥା ପ୍ରତି ଆକର୍ଷିତ କରାଯାଇପାରେ।

ସହରୀ ପରିବହନକୁ ଅଧିକ ସମୟାନୁବର୍ତ୍ତୀ, ଅଧିକ ବାଧାମୁକ୍ତ କରିବା ପାଇଁ ବେଶି ଫ୍ଲାଇଓଭର ନିର୍ମାଣ କରିବାକୁ ପଡ଼ିବ ଏବଂ 'ମୋ ବସ୍'ରେ ଯେପରି ସରକାରଙ୍କ ତରଫରୁ ଖବରକାଗଜ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି, ତା' ନ ହେଲେ ବି ମୋବାଇଲ ଚାର୍ଜ ପଏଣ୍ଟ, ୱାଇଫାଇ, ସଙ୍ଗୀତ ଓ ଦୂରଗାମୀ ବସରେ ଶୌଚାଳୟର ବ୍ୟବସ୍ଥା କରାଯାଇପାରେ। ଫଳରେ ଜନସାଧାରଣରେ ପ୍ରତୀୟମାନ ହେବ ଯେ ବ୍ୟକ୍ତିଗତ ବା ଘରୋଇ ପରିବହନ ଅପେକ୍ଷା ଗଣପରିବହନ ଅଧିକ ଉତ୍ତମ ବିକଳ୍ପ। ରେଳ ଷ୍ଟେଶନରେ ଏକ ନିର୍ଦ୍ଦିଷ୍ଟ ସମୟରେ ଗାଡ଼ି ପହଞ୍ଚିବା ଓ ଛାଡ଼ିବା ପରି ଷ୍ଟପେଜଗୁଡ଼ିକରେ ଯଦି ସେପରି ଏକ ସୁସଂହତ ବ୍ୟବସ୍ଥା କରାଯାଇପାରନ୍ତା ଲୋକେ ସମୟାନୁବର୍ତ୍ତିତାକୁ ଏକ ଅଧିକାର ହିସାବରେ ସାବ୍ୟସ୍ତ କରନ୍ତେ ଏବଂ ଠିକ୍ ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ନେଇ ଲୋକେ ଆଶଙ୍କାରେ ରହନ୍ତେ ନାହିଁ।

ଯେହେତୁ ଗଣପରିବହନ ଏକ ପରିବେଶ ଉପଯୋଗୀ କାର୍ଯ୍ୟ, ଏଥିରେ ସରକାରଙ୍କୁ ଆବଶ୍ୟକତାଠୁ ଅଧିକ ସକ୍ରିୟ ହେବାକୁ ପଡ଼ିବ। କାରଣ ଘରୋଇ କମ୍ପାନୀ ବିନା ଲାଭରେ କିଛି କରିବେ ନାହିଁ। ଏଥିରେ ଗୋଟିଏ ପ୍ରଦେଶ ବା ଦେଶର ଦୀର୍ଘମିଆଦୀ ମାନବୀୟ ସ୍ୱାର୍ଥ ନିହିତ ଥିବାରୁ ଜନସାଧାରଣ ତଥା ରାଷ୍ଟ୍ର ବା ରାଜ୍ୟକୁ ବଞ୍ଚେଇ ରଖିବା ନ୍ୟାୟରେ ସରକାରଙ୍କୁ ପ୍ରଥମ ଅବସ୍ଥାରେ ଏହାକୁ ସାମାଜିକ କଲ୍ୟାଣ ଯୋଜନା ହିସାବରେ ପ୍ରଚଳନ କରିବାକୁ ପଡ଼ିବ।

ଖାଲି ଟ୍ରେନ କି ବସ୍ ନୁହେଁ ଜଳ ପରିବହନ ଏକ ପରିବେଶ ଅନୁକୂଳ, ଟ୍ରାଫିକମୁକ୍ତ, ଅଳ୍ପ ବ୍ୟୟସାପେକ୍ଷ, ମନୋରମ ପରିବହନ ବ୍ୟବସ୍ଥା। ଜଳ ପରିବହନ ପ୍ରାକୃତିକ ପରିବେଶରେ ଭ୍ରମଣର ଆନନ୍ଦ ହେଉଥିବାରୁ ଏହାକୁ ସୁସଂହତ କରିପାରିଲେ ଏହା ସମ୍ପୃକ୍ତ ଅଞ୍ଚଳ ପାଇଁ ଜୀବନରେଖା ପାଲଟି ପାରିବ। କେରଳ ଏ ଦିଗରେ ମାର୍ଗଦର୍ଶକ। ଉଭୟ ପର୍ଯ୍ୟଟନ ଓ ଯାତ୍ରୀପରିବହନ କ୍ଷେତ୍ରରେ କେରଳରେ ଭୂପୃଷ୍ଠ ପରିବହନ ଅପେକ୍ଷା ଜଳପରିବହନ ଅଧିକ ଆକର୍ଷଣୀୟ ଓ ଗ୍ରହଣୀୟ ହୋଇପାରିଛି। ଓଡ଼ିଶାର ନଦନଦୀ, କେନାଲ, ଡ୍ୟାମ୍‌କୁ ଏ ଦିଗରେ ବ୍ୟବହାର କରାଯାଇପାରେ। କେନାଲ ଦୃଷ୍ଟିରୁ ଦେଖିଲେ ସବୁଠୁ ବଡ଼ ସୁଯୋଗ ରହିଛି ଅବିଭକ୍ତ ବାଲେଶ୍ୱର ଜିଲାର ଭୋଗରାଇଠୁ ବାସୁଦେବପୁର ନିକଟବର୍ତ୍ତୀ ମନ୍ତେଇ ନଦୀ ପର୍ଯ୍ୟନ୍ତ ପାଖାପାଖି ୯୦ କିମି ଜଳପଥ। ବ୍ରିଟିଶ ଅମଳରେ ତିଆରି ଖଣ୍ଡାପରି ସିଧା ଏହି ଜଳପଥକୁ ବିକଶିତ କରିପାରିଲେ ଏହା ପରିବହନ, ପର୍ଯ୍ୟଟନ, ଜଳସେଚନ, ମତ୍ସ୍ୟଚାଷ କ୍ଷେତ୍ରରେ ବିରାଟ ଭୂମିକା ନିଭେଇ ପାରିବ। ପରିବେଶ ସୁରକ୍ଷା ପାଇଁ ସରକାରଙ୍କ ସହିତ ଜନସାଧାରଣ ମଧ୍ୟ ଆଗେଇ ଆସିବା ଆବଶ୍ୟକ।

ଜେଲ୍‌ରୋଡ଼, ବାଲେଶ୍ୱର, ମୋ:୯୪୩୭୩୭୬୨୧୧୯

## ଏଇ ଭାରତରେ

ଗାଈ ମୃତ୍ୟୁ ସହ ଏକ ଅଜବ ବିଶ୍ୱାସ ଯୋଡିହୋଇ ରହିଛି ମଧ୍ୟପ୍ରଦେଶର ବିଦିଶା ଅଞ୍ଚଳରେ। ଏହି ଅଞ୍ଚଳର ପାଥରି ଥାନା ଅନ୍ତର୍ଗତ ଏକ ଗାଁରେ ଜଣେ ବ୍ୟକ୍ତିଙ୍କ ଭୁଲ୍ ଯୋଗୁ ଗୋଟିଏ ବାଛୁରିର ମୃତ୍ୟୁ ଘଟିଥିଲା। ଏହା ପରେ ପଞ୍ଚାୟତ ବୈଠକ ଡକାଯାଇଥିଲା। ଏହି ବୈଠକରେ ବ୍ୟକ୍ତି ଜଣଙ୍କୁ ପ୍ରାୟଶ୍ଚିତ୍ତ ନିମନ୍ତେ ତାଙ୍କ ନାବାଳିକା କନ୍ୟାର ବାହାଘର କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ବ୍ୟକ୍ତି ଜଣକ ମୋଟର ସାଇକେଲ୍‌ରେ ଯାଉଥିବା ସମୟରେ ବାଛୁରିଟି ହଠାତ୍ ରାସ୍ତାକୁ ଚାଲି ଆସିବାରୁ ଧକ୍କାରେ ତା'ର ମୃତ୍ୟୁ ହୋଇଥିଲା। ପରେ ପାପ କ୍ଷୟ ଲାଗି ସେହି ବ୍ୟକ୍ତି ଗଙ୍ଗା ସ୍ନାନ କରି ଗ୍ରାମବାସୀଙ୍କୁ ଭୋଜି ଦେବାକୁ ପ୍ରସ୍ତୁତ ହୋଇଯାଇଥିଲେ, କିନ୍ତୁ ଗ୍ରାମବାସୀ ଏଥିରେ ରାଜି ନ ହୋଇ ତାଙ୍କ ନାବାଳିକା କନ୍ୟାର ବାହାଘର କରିବା ଲାଗି ପଞ୍ଚାୟତ ବୈଠକରେ କହିଥିଲେ। ପଞ୍ଚାୟତର ନିର୍ଦ୍ଦେଶକ୍ରମେ ଝିଅର ବାହାଘର କରିବା ପାଇଁ ବ୍ୟକ୍ତି ଜଣକ ରାଜି ହୋଇ ଯୋଗାଡ଼ରେ ଲାଗିଗଲେ। କିନ୍ତୁ ପଞ୍ଚାୟତର ଫଇସଲା ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପାଖରେ ପହଞ୍ଚିବା ପରେ ପୋଲିସ ବାହାଘର ବନ୍ଦ କରିଥିଲା। ପରେ କନ୍ୟାଙ୍କୁ ୧୮ ବର୍ଷ ହେବା ଯାଏ ବାହାଘର ନ କରିବା ଲାଗି ପରିବାରଠାରୁ ଲିଖିତ ପ୍ରତିଶ୍ରୁତି ନିଆଯାଇଥିଲା। କୁହାଯାଏ କି, ମଧ୍ୟପ୍ରଦେଶର ଗ୍ରାମାଞ୍ଚଳଗୁଡ଼ିକରେ ଯଦି କାହାର ଭୁଲ୍ ଯୋଗୁ ଗାଈ ମରିଯାଏ ତେବେ ତାଙ୍କ ଉପରେ ସବୁ ପ୍ରକାର ସାମାଜିକ ପ୍ରତିବନ୍ଧକ ଲାଗୁ କରାଯାଏ। ତାଙ୍କୁ ଗଙ୍ଗାସ୍ନାନ କରିବା ଲାଗି କୁହାଯାଏ। ଏମିତିକି ଗ୍ରାମବାସୀଙ୍କୁ ଭୋଜି ଦେବା ସହ ନାବାଳିକାର ବାହାଘର କରିବା ଲାଗି ତାଙ୍କୁ କୁହାଯାଏ। ପାପରୁ ମୁକ୍ତି ପାଇବା ଲାଗି କନ୍ୟାଦାନ ଏକମାତ୍ର ଉପାୟ ବୋଲି ସେମାନଙ୍କ ବିଶ୍ୱାସ ରହିଛି।

## ଚିରନ୍ତନୀ

ଚଳ ଚଳ ଚିତ୍ରୋତ୍ପଳା ହସ ହସ ମୁଖ
ତରଳ ଅନ୍ତରେ ତୋର ନଚାଇ ମୟୁଖ,
ନୀଳ ହେଲା ତୋର ଜଳ
ଧୋଇ ସେ କାହା କୁନ୍ତଳ ?
ସେ ମୋର ପ୍ରେୟସୀ ମୋର ଚିର ଦୁଃଖସୁଖ। (ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଫେବୃୟାରୀ ୧୯୯୫

- ସାତବର୍ଷରୁ କମ ବୟସର ପିଲାମାନେ ଫ୍ଲୋରାଇଡଯୁକ୍ତ ଟୁଥପେଷ୍ଟ ବ୍ୟବହାର କରିବା ଉପରେ କେନ୍ଦ୍ର ସରକାରଙ୍କ କଟକଣା।
- ଚଳିତବର୍ଷ ଏପ୍ରିଲ ମାସରେ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟମ ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଙ୍ଗଠନ (ସାର୍କ)ର ଶୀର୍ଷ ବୈଠକ ପାକିସ୍ତାନର ଅନୁରୋଧ କ୍ରମେ ସ୍ଥଗିତ ରଖାଯାଇଛି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | | | 8 | | | 4 | | | | D | | | 5 |
| 6 | | | B | | 7 | | | A | | C | | | 0 | |
| | | | | | 3 | | C | | 1 | 5 | | E | | 9 |
| | 8 | | | | C | 5 | | 2 | B | | | | 4 | 1 |
| | | 5 | | 2 | 0 | | | | | A | 3 | C | | |
| | C | | 1 | | | 0 | | | A | 2 | | | 8 | |
| | | | | B | | | | 9 | | | | | 3 | 6 |
| | 5 | 2 | 7 | | A | 1 | | 6 | 3 | | | | D | 4 |
| | | | | C | | | 8 | B | | | | | | |
| 0 | | 1 | | 4 | | | 3 | | | 9 | | | | |
| B | | | | E | | | | | | D | | | | |
| E | 9 | A | | | | 6 | | | | | | | 5 | D |
| C | 3 | | | 6 | | | | | | | 5 | | 7 | 0 |
| | 7 | 8 | | | | | | 4 | | 0 | | 3 | C | |
| | | | | 3 | | | 0 | 5 | | E | 4 | | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 5 | C | 9 | 0 | 4 | 3 | A | 7 | 6 | B | 1 | D | E | 2 |
| 6 | 3 | 4 | 8 | 2 | 1 | 9 | 5 | D | A | E | 0 | C | 7 | B |
| 7 | A | 2 | 5 | D | 6 | B | E | 1 | C | 9 | 8 | 0 | 4 | 3 |
| 0 | D | 1 | E | B | A | 2 | 6 | C | 7 | 3 | 4 | 5 | 9 | 8 |
| E | 9 | B | C | 7 | 3 | 4 | 8 | 0 | D | 5 | 2 | A | 6 | 1 |
| A | 2 | 5 | 6 | 4 | 7 | D | 1 | 9 | E | 8 | B | 3 | 0 | C |
| 3 | E | 0 | 1 | 5 | B | C | 4 | 8 | 2 | 6 | 9 | 7 | D | A |
| 9 | B | 6 | D | C | 8 | A | 7 | E | 0 | 1 | 3 | 2 | 5 | 4 |
| C | 7 | 8 | 3 | E | 0 | 5 | 2 | B | 4 | D | A | 6 | 1 | 9 |
| 1 | 4 | D | 2 | A | 9 | 6 | 0 | 3 | 5 | C | 7 | B | 8 | E |
| D | 8 | 3 | 0 | 9 | E | 7 | B | 6 | 1 | A | C | 4 | 2 | 5 |
| 5 | C | 7 | 4 | 6 | D | 8 | 9 | A | B | 2 | E | 1 | 3 | 0 |
| B | 0 | 9 | A | 3 | 5 | 1 | D | 2 | 8 | 4 | 6 | E | C | 7 |
| 4 | 1 | A | 7 | 8 | 2 | E | C | 5 | 3 | 0 | D | 9 | B | 6 |
| 2 | 6 | E | B | 1 | C | 0 | 3 | 4 | 9 | 7 | 5 | 8 | A | D |

ଗତକାଲିର ଉତ୍ତର

# ରାଜ୍ୟ ବଜେଟ: ୨୦୨୦-୨୧



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃୟାରୀ ୧୮ରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ପ୍ରଥମଥର ପାଇଁ ଅର୍ଥମନ୍ତ୍ରୀ ଇ-ବଜେଟ ଉପସ୍ଥାପନ କରିଛନ୍ତି। ଫଳରେ ବଜେଟ ପୁସ୍ତିକା ଛପାଜନିତ ବ୍ୟୟ ଓ ସମସ୍ୟାରୁ ରାଜ୍ୟ ମୁକ୍ତିପାଇଛି। ବଜେଟକୁ ନେଇ ମିଶ୍ର ପ୍ରତିକ୍ରିୟା ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବଜେଟ ଓଡ଼ିଶା ଗଠନ ପ୍ରକ୍ରିୟାରେ ସହାୟକ ହେବ ବୋଲି କହିଲା ବେଳେ ବିରୋଧୀ ଦଳ ଏହାକୁ ନୈରାଶ୍ୟଜନକ, ନୂତନତ୍ୱବିହୀନ ଏବଂ ଏଥିରେ ଲୋକଙ୍କୁ ରୋଜଗାର ଦେବାର ଉଦ୍ୟମ ନାହିଁ ବୋଲି କହିଛନ୍ତି। ଅର୍ଥମନ୍ତ୍ରୀଙ୍କ କହିବାନୁସାରେ ବଜେଟରେ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଶିକ୍ଷା, ଖେଳ, ପର୍ଯ୍ୟଟନ, ପରିବେଶର ଉନ୍ନତି ପାଇଁ ଧ୍ୟାନ ଦିଆଯାଇଛି। ମୋ ସରକାରର ୫-ଟି ମନ୍ତ୍ର ଏଥିରେ ପ୍ରତିଫଳିତ ହୋଇଛି, ଯାହା ଅର୍ଥନୀତିକୁ ପ୍ରଗତି ପଥରେ ନେଇଯିବ। ବିଭିନ୍ନ ସାମାଜିକ ତଥା ଆର୍ଥିକ କ୍ଷେତ୍ରରେ ଅଧିକ ବିନିଯୋଗ ଯୋଗୁ ରାଜ୍ୟର ଆର୍ଥିକ ଅଭିବୃଦ୍ଧି, ପ୍ରଗତି ତ୍ୱରାନ୍ୱିତ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ପୂର୍ବପରି ଏଥର ମଧ୍ୟ ଅର୍ଥମନ୍ତ୍ରୀ ସ୍ୱତନ୍ତ୍ର କୃଷି ବଜେଟ ଓ ସାଧାରଣ ବଜେଟ ଉପସ୍ଥାପନ କରିଛନ୍ତି। ଏହା ସହିତ ୟୁନିସେଫ୍ ସହାୟତା, ଶିଶୁ ବଜେଟ, ଜେଣ୍ଡର ବା ଲିଙ୍ଗ ବଜେଟ, ଜଳବାୟୁ ବଜେଟ, ପୁଷ୍ଟି ବଜେଟ ଉପସ୍ଥାପନ କରିଛନ୍ତି। ଭାରତବର୍ଷରେ ଜଳବାୟୁ ଓ ପୁଷ୍ଟି ସମ୍ପର୍କିତ ବଜେଟ ଉପସ୍ଥାପନ କରିବାରେ ଓଡ଼ିଶା ପ୍ରଥମ। ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରିବା ସ୍ୱାଗତଯୋଗ୍ୟ। କିନ୍ତୁ ଆର୍ଥିକ ସର୍ବେକ୍ଷଣ ପରି ଗୋଟିଏ ପୁସ୍ତିକାରେ ସବୁଯାକ ସନ୍ନିବେଶିତ କରିଥିଲେ କମ୍ ସମୟରେ ଡାଉନଲୋଡ କରିବା ଓ ଅଧ୍ୟୟନ କରିବା ସହଜ ହୋଇଥାନ୍ତା। ପୁନଶ୍ଚ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ ଅର୍ଥ ନୁହେଁ ସେହି କ୍ଷେତ୍ରରେ ଅଧିକ ବ୍ୟୟବରାଦ ଆପେ ଆପେ ହୋଇଯିବ। ସାଧାରଣତଃ ଏକ ବଜେଟକୁ ଯେତେବେଳେ ସମୀକ୍ଷା କରାଯାଏ, ନୋମିନାଲ ମୂଲ୍ୟରେ କେତେ ବୃଦ୍ଧି ପାଇବ ତାହା ବିଚାର କରାଯାଏ ନାହିଁ। କାରଣ ଏହା ପ୍ରତ୍ୟେକ ବର୍ଷ ବୃଦ୍ଧି ପାଇଥାଏ। ଏଣୁ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ କେତେ ବ୍ୟୟ ଅଟକଳ ବୃଦ୍ଧି ପାଇଛି, ତାହା ସମୀକ୍ଷା ହେବାକଥା। ରାଜ୍ୟ ଜିଡିପି ଅନୁସାରେ ମୋଟ ବ୍ୟୟ ତଥା ବିଭିନ୍ନ କ୍ଷେତ୍ରରେ ବ୍ୟୟ, ରାଜସ୍ୱ, ଅଣରାଜସ୍ୱ କେତେ ବୃଦ୍ଧି ପାଇଛି ତାହାକୁ ବିଚାରକୁ ନିଆଯାଇଥାଏ। ବଜେଟ ଉପସ୍ଥାପନ ସମୟରେ ଅର୍ଥମନ୍ତ୍ରୀ ୨୦୨୦-୨୧ ବର୍ଷରେ ନୋମିନାଲ ଜିଏସ୍‌ଡିପି ୧୧.୭% ବୃଦ୍ଧି ପାଇବ ବୋଲି ଧାର୍ଯ୍ୟ କରିଛନ୍ତି। ଅର୍ଥାତ୍ ବାସ୍ତବ ଜିଏସ୍‌ଡିପି ବୃଦ୍ଧି ୭% ହେବ ବୋଲି ଆକଳନ କରାଯାଇଥିବା ବେଳେ ମୁଦ୍ରାସ୍ଫୀତି ୪.୭% ହେବ ବୋଲି ଆଶା କରାଯାଇଛି। ଅର୍ଥାତ୍ ନୋମିନାଲ ଜିଏସ୍‌ଡିପି ଯାହା ୨୦୧୯-୨୦ ଆର୍ଥିକ ବର୍ଷରେ ଧାର୍ଯ୍ୟ ଅଟକଳ ଅନୁସାରେ ୫,୪୦,୮୧୨ କୋଟି ଟଙ୍କା ଏବଂ ସଂଶୋଧିତ ଅଟକଳରେ ହ୍ରାସ ପାଇ ୫,୩୩,୮୨୨ କୋଟି ଟଙ୍କା ହୋଇଥିଲା, ତାହା ବୃଦ୍ଧି ପାଇ ୨୦୨୦-୨୧ ବର୍ଷରେ ୫,୯୬,୨୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହାକୁ ଭିତ୍ତିକରି ସେ ୨୦୨୦-୨୧ ବର୍ଷ ପାଇଁ ମୋଟ ବଜେଟ ବ୍ୟୟ ଅଟକଳ ୧,୫୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରିଛନ୍ତି। ପୂର୍ବ ଆର୍ଥିକ ବର୍ଷରେ ଏହା ୧,୩୯,୦୦୦ କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା ବେଳେ ସଂଶୋଧିତ ଅଟକଳରେ ଏହା ୧,୩୫,୦୦୦ କୋଟି ଟଙ୍କା ହୋଇଛି। ଅର୍ଥାତ୍ ୨୦୧୯-୨୦ର ସଂଶୋଧିତ ଅଟକଳ ଉପରେ ୨୦୨୦-୨୧ ବର୍ଷର ବ୍ୟୟବରାଦ ବା ବଜେଟ ଅଟକଳ ୧୧.୧୧% ଅଧିକ।

ଏହା ସତ୍ତ୍ୱେ ଯେତେବେଳେ ଅଭିବୃଦ୍ଧି ହାର ହ୍ରାସ ପାଉଛି ସେତେବେଳେ ଅଧିକ ଅଭିବୃଦ୍ଧି କିପରି ହେବ ତାହା ଅର୍ଥମନ୍ତ୍ରୀ କହିନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୧୮-୧୯ରେ ଆର୍ଥିକ ଅଭିବୃଦ୍ଧି ୮.୨୪% ଧାର୍ଯ୍ୟ କରାଯାଇଥିବା ବେଳେ ବାସ୍ତବରେ ଏହା ୭.୯% ହୋଇଛି। ସେହିପରି ୨୦୧୯-୨୦ରେ ବାସ୍ତବ ଅଭିବୃଦ୍ଧି ୭.୬% ଏବଂ ନାମାଙ୍କନ ଅଭିବୃଦ୍ଧି ୧୧% ହେବ ବୋଲି ଧାର୍ଯ୍ୟ କରାଯାଇଥିବା ବେଳେ ବାସ୍ତବରେ ଏହା ଯଥାକ୍ରମେ ୬.୧% ଏବଂ ୭.୬୬% ହୋଇଛି। ବାସ୍ତବ ଏବଂ ନାମାଙ୍କନ ଅଭିବୃଦ୍ଧି ମଧ୍ୟରେ ପାର୍ଥକ୍ୟ ମାତ୍ର ୧.୫୬% ହେବା ଯୋଗୁ ତଥ୍ୟ ନେଇ ମନରେ କିଛିଟା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅବଶ୍ୟ ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଗତ ୭ ବର୍ଷରେ ଜାତୀୟ ସ୍ତରରେ ଅଭିବୃଦ୍ଧି ହାର ମାତ୍ର ୬% ହୋଇଥିବା ବେଳେ ଓଡ଼ିଶା କ୍ଷେତ୍ରରେ ଏହା ୮%।

ବଜେଟରେ ମୋଟ ବ୍ୟୟବରାଦ ବୃଦ୍ଧି ସହିତ ତାଳଦେଇ ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦ ବୃଦ୍ଧି ପାଇଛି। କିଛି କ୍ଷେତ୍ରରେ ନାମାଙ୍କନ ମୂଲ୍ୟରେ ମଧ୍ୟ ହ୍ରାସ ପାଇଛି। ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ କିଛି କ୍ଷେତ୍ରରେ ମଧ୍ୟ ହ୍ରାସ ପାଇଛି। ପ୍ରଶାସନିକ ବ୍ୟୟ ୨୦୧୯-୨୦ରେ ୫୭,୩୧୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଏହା ସଂଶୋଧିତ ଅଟକଳରେ ୫୫,୪୯୦ କୋଟି ଟଙ୍କାକୁ ହ୍ରାସ ପାଇଛି। କିନ୍ତୁ ଏହି ବଜେଟରେ ଏହା ୬୫,୬୫୫ କୋଟି ଟଙ୍କା ହେବ ବୋଲି ଧାର୍ଯ୍ୟ କରାଯାଇଛି। ସେହିପରି କାର୍ଯ୍ୟକ୍ରମ ବ୍ୟୟ ଯାହା ୨୦୧୯-୨୦ ବର୍ଷରେ ୭୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା, ତାହା ସଂଶୋଧିତ ଅଟକଳରେ ୬୮,୦୦୦ କୋଟି ଟଙ୍କାକୁ ହ୍ରାସ ପାଇଛି। କିନ୍ତୁ ଏହି ବଜେଟରେ ଏହା ୭୪,୦୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୩୨୦୦ କୋଟି ଟଙ୍କା ଏବଂ ଲୋକାଲ ବଡିଜ୍ ଓ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ପାଇଁ ୭୧୪୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଏହା ବ୍ୟତୀତ ବଜେଟ ବାହାରେ ୬୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମ ବ୍ୟୟ ମଧ୍ୟରୁ ରାଜ୍ୟ ଯୋଜନା ପାଇଁ ୪୪୯୮.୧୦କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ କେନ୍ଦ୍ରୀୟ ଯୋଜନା ପାଇଁ ୪୫୬.୨୦ କୋଟିଟଙ୍କା ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ୨୮୫୫୫.୭୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି।

ସାଧାରଣତଃ ପୁଞ୍ଜି ବ୍ୟୟ ଅଧିକ ହେବା ଭଲ। କାରଣ ଏହା ସମ୍ପଦ ସୃଷ୍ଟି କରିବା ସହିତ ଅଭିବୃଦ୍ଧିରେ ସହାୟକ ହୋଇଥାଏ। ବଜେଟରେ ଏହା ବୃଦ୍ଧି ପାଇଛି। ୨୦୧୯-୨୦ରେ ସଂଶୋଧିତ ଅଟକଳ ୨୩୬୫୫.୨୪ ଟଙ୍କା ହୋଇଥିଲାବେଳେ ଏହି ବଜେଟ୍‌ରେ ଏହା ୨୬୫୧୩.୪ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି, ଯାହା ରାଜ୍ୟ ଜିଏସ୍‌ଡିପିର ୪.୫%। କାର୍ଯ୍ୟକ୍ରମ ବ୍ୟୟର ମୁଖ୍ୟ ଅଂଶ ପୁଞ୍ଜିବ୍ୟୟ ଆଡକୁ ନିଆଯାଇଛି। କିନ୍ତୁ ବେଶି ଚିନ୍ତାର ବିଷୟ ହେଉଛି ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା ଓ ମୁଦ୍ରାସ୍ଫୀତିର କୁପ୍ରଭାବ ରାଜ୍ୟ ଉପରେ ଅନୁଭୂତ ହୋଇଛି। ରାଜ୍ୟର ୨୦୧୯-୨୦ ବର୍ଷରେ ଧାର୍ଯ୍ୟ ବ୍ୟୟବରାଦ ଏବଂ ମୋଟ ରାଜସ୍ୱ ପ୍ରାପ୍ତି ୪୦୦୦ କୋଟି ଟଙ୍କା ସଂଶୋଧିତ ଅଟକଳରେ ହ୍ରାସପାଇଛି। ମୋଟ ରାଜସ୍ୱ ପ୍ରାପ୍ତି ୧,୧୫,୨୬୬କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲାବେଳେ ସଂଶୋଧିତ ଅଟକଳରେ ଏହା ୧୧୧୭୦.୨୫ କୋଟି ଟଙ୍କାକୁ ହ୍ରାସ ପାଇଛି। କିନ୍ତୁ ରାଜ୍ୟର ଏହି ହ୍ରାସ ପାଇଁ କେନ୍ଦ୍ର ଦାୟୀ। କେନ୍ଦ୍ରୀୟ ଟିକସ ହ୍ରାସ ପାଇବା ଯୋଗୁ କେନ୍ଦ୍ରରୁ ରାଜ୍ୟଗୁଡ଼ିକ ଅର୍ଥ କମିଶନ ସୁପାରିସ ଅନୁଯାୟୀ ଯେଉଁ ପାଣ୍ଠି ପାଇଥାନ୍ତି ତାହା ହ୍ରାସ ପାଇଛି। ୨୦୧୯-୨୦ ବର୍ଷରେ ରାଜ୍ୟ ଏ ବାବଦରେ କେନ୍ଦ୍ରରୁ ୩୯୨୦୬.୫୯ କୋଟି ଟଙ୍କା ପାଇବ ବୋଲି ଧାର୍ଯ୍ୟ କରାଯାଇଥିବା ବେଳେ ବାସ୍ତବରେ ୩୦୪୫୩.୨୫ କୋଟି ଟଙ୍କା ମାତ୍ର ପାଇଛି। ରାଜ୍ୟର ନିଜସ୍ୱ ଅଣଟିକସ ଏବଂ କେନ୍ଦ୍ରର ଅନୁଦାନ ପରିମାଣ ବୃଦ୍ଧି ଯୋଗୁ ଏହା କିଛିଟା ଭରଣା ହୋଇଛି।

ରାଜ୍ୟ ସରକାର ସର୍ବଦା ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନ କରୁଛନ୍ତି। କିନ୍ତୁ ଏଥର ପୂର୍ବ ବର୍ଷ ଅପେକ୍ଷା ବ୍ୟୟବରାଦ ହ୍ରାସ ପାଇଛି। ଗତ ବଜେଟରେ ଏହା ୨୦,୭୧୬ କୋଟି ଟଙ୍କା ଥିଲାବେଳେ ଏହି ବଜେଟରେ ୧୯,୪୦୮ କୋଟି ଟଙ୍କାକୁ ହ୍ରାସ ପାଇଛି। ଆର୍ଥିକ ସର୍ବେକ୍ଷଣ ଅନୁଯାୟୀ ଜଳସେଚନ ଅଭାବ ଯୋଗୁ ଚାଷୀମାନେ ବୀତସ୍ପୃହ ହୋଇ କୃଷି କାର୍ଯ୍ୟ ଛାଡୁଛନ୍ତି। ଏବେ ସୁଦ୍ଧା ଅନେକ ଦ୍ରବ୍ୟ ପାଇଁ ଓଡ଼ିଶା ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ରାଜସ୍ୱ ଆଦାୟ ବୃଦ୍ଧି ପାଇଁ ଅଧିକ ଧ୍ୟାନ ଦେବା ଆବଶ୍ୟକ। କିନ୍ତୁ ବେକାରି ସମସ୍ୟାର ସମାଧାନ, ନିଯୁକ୍ତି ବୃଦ୍ଧି, କୃଷି ସଂକଟର ସମାଧାନ, ରୁଗ୍‌ଣ ଶିଳ୍ପର ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ।

ମୋ-୯୪୩୭୨୦୮୭୬୨

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତି ଉପରୁ ହଟିବା ଦରକାର

ମହାଶୟ,

ସରକାର ଅନେକ ସମୟରେ କର୍ମଚାରୀମାନଙ୍କ ଆୟବହିର୍ଭୂତ ସମ୍ପତ୍ତି ଠାବ କରୁଛନ୍ତି, ସେଥିପାଇଁ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରୁଛନ୍ତି। ଏହା ନିଶ୍ଚିତ ଉତ୍ତମ ପଦକ୍ଷେପ। କିନ୍ତୁ ସେହି ସରକାର କାହିଁକି ଜନପ୍ରତିନିଧିମାନଙ୍କ ପାଇଁ ସେଇ ଏକା ମନୋଭାବ ପୋଷଣ କରୁନାହାନ୍ତି। ନିର୍ବାଚନରେ ଅଂଶଗ୍ରହଣ କରିଥିବା ତିନି ଚତୁର୍ଥାଂଶ ଜନପ୍ରତିନିଧି କୋଟିପତି। ସେମାନଙ୍କ ସତ୍ୟପାଠରେ ସେମାନେ ନିଜେ ତାହା ପ୍ରକାଶ କରିଛନ୍ତି। ସରକାର ଭାବିବେ କି ରାଜନୀତି କ୍ଷେତ୍ରକୁ ଆସିବା ପୂର୍ବରୁ ସେମାନଙ୍କ ସମ୍ପତ୍ତି କେତେ ଥିଲା ଓ ଗୋଟିଏ ଗୋଟିଏ ଅବଧିରେ ତାହା କେତେ ପରିମାଣରେ ବୃଦ୍ଧି ପାଉଛି ଏବଂ ସେଥିରୁ କେତେ ଆୟବହିର୍ଭୂତ ? କେବଳ ଆୟକର ଦେବା କୌଣସି ସମ୍ପତ୍ତିର ବୈଧତା ପ୍ରମାଣପତ୍ର ନୁହେଁ। ତା'ର ଉତ୍ସ ସ୍ୱଚ୍ଛ ହେବା ଉଚିତ। କେବଳ ଦୁର୍ବଳ ଓ ତଳିଆ କର୍ମଚାରୀଙ୍କ ପ୍ରତି ସରକାର କଠୋର ହେଲେ ଆର୍ଥିକ ସ୍ୱଚ୍ଛତା ଆସିବ ନାହିଁ କି ଭ୍ରଷ୍ଟାଚାର କମିଯିବ ନାହିଁ।

ପ୍ରଭାତ କୁମାର ଦାସ, ୫୮ ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର

### ପଛସିଟ୍‌ବାଲା ପାଇଁ ହେଲ୍‌ମେଟ କଟକଣା

ଜଣେ ବାଇକ୍ ଚାଳକ ନିଜ ସୁରକ୍ଷା ଦୃଷ୍ଟିରୁ ହେଲ୍‌ମେଟ ପିନ୍ଧିବା ଆବଶ୍ୟକ। କିନ୍ତୁ ତା' ପଛ ସିଟ୍‌ରେ ବସୁଥିବା ଲୋକ ପାଇଁ ହେଲ୍‌ମେଟ ପିନ୍ଧିବାକୁ ବାଧ୍ୟତାମୂଳକ କରିବା ମୋ ମତରେ ଠିକ୍ ନୁହେଁ। କାରଣ ପଛ ସିଟ୍‌ରେ ସବୁବେଳେ କେହି ବସନ୍ତିନି। ହୁଏତ ବାଟରେ କିଏ ଜଣେ ବନ୍ଧୁ ଦେଖାହେଲା ଓ କହିଲା ଭାଇ ମୁଁ ତୋ ଗାଡ଼ିରେ ଟିକେ ବସିକି ଯିବି। ସେତେବେଳେ ତା' ପାଇଁ ଆଉ ଗୋଟାଏ ହେଲମେଟ କେଉଁଠୁ ଆସିବ ?

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ଫେବୃୟାରୀ ,୨୦୨୦



ଆଖି ବନ୍ଦ ସମୟରେ ସ୍ୱପ୍ନ ତ ନିଶ୍ଚିତ ଆସେ। କିନ୍ତୁ ଏହି ସ୍ୱପ୍ନକୁ ପୂରା କରିବା ପାଇଁ ଆଖିର ଆବଶ୍ୟକତା ଢେର୍ ଅଧିକ। ଆଖି ନ ଥାଇ ସ୍ୱପ୍ନକୁ ସାକାର କରିଛନ୍ତି ଜଣେ ଦିବ୍ୟାଙ୍ଗ ବାଳକ। ତାଙ୍କର ଚକ୍ଷୁ ନ ଥାଇ ମଧ ୩୦ ମିନିଟ୍‌ରେ ୬୦୦ ମିଟର ନଦୀ ପାର୍ ହେବାରେ ସେ ସକ୍ଷମ ହୋଇଛନ୍ତି। ୬ଷ୍ଠ ଶ୍ରେଣୀରେ ପଢୁଥିବା ଦିବ୍ୟାଙ୍ଗ ଆର୍. ମନୋଜ ମଙ୍ଗଳବାର ମାତ୍ର ୩୦ ମିନିଟ୍‌ରେ ୬୦୦ ମିଟରର ଏକ ନଦୀ ପାରିହୋଇ ରେକର୍ଡ ସୃଷ୍ଟି କରିଛନ୍ତି।



# ବର୍ଜ୍ୟରୁ ପବିତ୍ର ବସ୍ତ୍ର

# ପ୍ଲାଷ୍ଟିକ ପ୍ରେମରେ ବୌଦ୍ଧ ଭିକ୍ଷୁ

**ବ୍ୟାଙ୍କକ୍:** କେଇ ଦଶନ୍ଧି ଧରି ଜରୁରୀ ବ୍ୟବହାର୍ଯ୍ୟ ସାମଗ୍ରୀ ପାଲଟିଥିବା ପ୍ଲାଷ୍ଟିକ୍ ଏବେ ପରିବେଶ ପାଇଁ ସାଜିଛି ଭସ୍ମାସୁର। ସିଙ୍ଗଲ ୟୁଜ୍ଡ (ଥରେ ବ୍ୟବହାର ଉପଯୋଗୀ) ପ୍ଲାଷ୍ଟିକର ସୁପରିଚାଳନା, ପୁନଃଚକ୍ରଣ ଏବେ ସାରା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଛି। ଏଥିରୁ ମୁକୁଳିବାକୁ ଅନେକ ଦେଶ ପ୍ଲାଷ୍ଟିକଜାତ ସାମଗ୍ରୀକୁ ବ୍ୟାନ୍ କରିସାରିଲେଣି। ହେଲେ ଥାଇଲାଣ୍ଡର ବୌଦ୍ଧ ଭିକ୍ଷୁମାନେ ଦାନ ସୂତ୍ରରେ ଗ୍ରହଣ କରୁଛନ୍ତି ବର୍ଜ୍ୟ ପ୍ଲାଷ୍ଟିକ୍। ସବୁଠାରୁ ରୋଚକ କଥା ରେଶମ, ପଶମ ଭଳି ପ୍ଲାଷ୍ଟିକ୍‌ରୁ ବାହାରୁଛି ସୂତା। ଏଥିରୁ ବୌଦ୍ଧ ଭିକ୍ଷୁଙ୍କ ପାଇଁ ପ୍ରସ୍ତୁତ ହେଉଛି ପବିତ୍ର ପୋଷାକ। ବର୍ଜ୍ୟରୁ ବସ୍ତ୍ର ତିଆରି କରି ଭିନ୍ନ ଉଦାହରଣ ସୃଷ୍ଟି କରିଛି 'ୱାଟ ଚକ୍ ଡାଏଙ୍ଗ' ବୌଦ୍ଧ ମନ୍ଦିର।

ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ଠାରୁ ମାତ୍ର ୩୦ କିମି ଦୂରରେ ରହିଛି 'ୱାଟ ଚକ୍ ଡାଏଙ୍ଗ' ବୌଦ୍ଧ ବିହାର। ଏଠାକାର ଭିକ୍ଷୁମାନେ ଧର୍ମ ଚର୍ଚ୍ଚାଠାରୁ ପରିବେଶ ସୁରକ୍ଷା ଉପରେ ବେଶି ଧ୍ୟାନ କେନ୍ଦ୍ରୀଭୂତ କରୁଛନ୍ତି। ମନ୍ଦିରର ଦୈନନ୍ଦିନ ନୀତିରେ ସାମିଲ ହୋଇଛି ପରିବେଶ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ। ସାରା ଦୁନିଆରେ ରହୁଥିବା ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇବା ଦିଗରେ



କାର୍ଯ୍ୟ କରୁଛି 'ୱାଟ ଚକ୍ ଡାଏଙ୍ଗ'। ଏହାର ଅଧିକ ପ୍ରଚାର ପ୍ରସାର କରିବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଠାକୁ ଆମନ୍ତ୍ରିତ ହୋଇ ଆସୁଛନ୍ତି ସେଲିବ୍ରିଟି, ଏନ୍‌ଜିଓର କର୍ମକର୍ତ୍ତା। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଦାନ ସୂତ୍ରରେ ଟଙ୍କା ସମେତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଦେଇଥାନ୍ତି। ଏହି ସମୟରେ ଥାଳି ଧରି ବୌଦ୍ଧ ଭିକ୍ଷୁମାନେ ମାଗିଥାନ୍ତି ପ୍ଲାଷ୍ଟିକ୍ ନିର୍ମିତ ବର୍ଜ୍ୟ ସାମଗ୍ରୀ।

ମନ୍ଦିରର ୫୬ ବର୍ଷୀୟ ଭିକ୍ଷୁ ଫ୍ରା ଟିପାକୋର୍ନ ଏରିୟୋ କୁହନ୍ତି, ପ୍ଲାଷ୍ଟିକରୁ ସୂତା ବାହାର କରି ଭିକ୍ଷୁଙ୍କ ଲାଗି ଗେରୁଆ ରଙ୍ଗର ବସ୍ତ୍ର ବୁଣାଯାଉଛି। ଧର୍ମୀୟ ଭାବନା ସହ ଜଡ଼ିତ ଥିବାରୁ ପ୍ଲାଷ୍ଟିକ୍ ଦାନ ପାଇଁ ଲୋକେ ଆଗ୍ରହୀ ହେଉଛନ୍ତି। ଅଦ୍ୟାବଧି ୪୦ ଟନ ପ୍ଲାଷ୍ଟିକ୍ ରିସାଇକେଲ କରା ସରିଲାଣି। ୩ବର୍ଷ ତଳେ ମନ୍ଦିରକୁ ଆସିଥିବା ଜଣେ ବ୍ୟକ୍ତି ନିଜେ ପିନ୍ଧିଥିବା ପୋଷାକ ଦେଖାଇଥିଲେ, ଯାହା ପ୍ଲାଷ୍ଟିକ୍ ସୂତାରେ ନିର୍ମିତ ହୋଇଥିଲା। ଏହାପରେ ଏପରି ମହତ୍ ବିଚାରକୁ କାର୍ଯ୍ୟକାରୀ କରିବା ଭାବନା ମନକୁ ଜୁଟିଥିଲା। ଏଥିଲାଗି ମନ୍ଦିରରେ ବିଶାଳକାୟ ରିସାଇକ୍ଲିଂ ମେଶିନ ସ୍ଥାପନ କରାଯାଇଛି, ଯେଉଁଥିରୁ ଖୁବ୍ ସହଜରେ ପ୍ଲାଷ୍ଟିକ୍‌ରୁ ସୂତା ବାହାର କରାଯାଇପାରୁଛି। ଏହାକୁ ସିଲାଇ କରିବା ଲାଗି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତ କରାଯାଇଛି। ବିଭିନ୍ନ କମ୍ପାନୀ ସହିତ ମିଶି ପେନ୍‌ସିଲଠାରୁ ଆରମ୍ଭ କରି ନୌକା, ସେଡ୍ ମଧ ପ୍ରସ୍ତୁତ କରାଯାଉଛି। ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସି ପ୍ଲାଷ୍ଟିକ୍ ପରିଚାଳନା ସମ୍ପର୍କରେ ବହୁ କଥା ଜାଣିବାକୁ ଆଗ୍ରହୀ ହେଉଛନ୍ତି।

# ଦାରିଦ୍ର୍ୟ ହଟାଇବ ସାମାଜିକ ନ୍ୟାୟ

ପ୍ରତିବର୍ଷ ଫେବୃୟାରୀ ୨୦ରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ କରାଯାଉଛି। ବିଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରି,ମାନବାଧିକାର ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ମଣିଷ ମଣିଷ ଭିତରେ ଏପରି କି ଦେଶ ଦେଶ ମଧରେ ଶାନ୍ତି, ସହାବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ବୟସ, ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ସାମାଜିକ ବାଧାକୁ ହଟାଇ ଦେବା ଦ୍ୱାରା ଆମେ ସହଜରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ଏଥିପାଇଁ ୨୬ ନଭେମ୍ବର,୨୦୦୭ରେ ଜାତିସଂଘ ସାଧାରଣ ପରିଷଦ ୨୦ ଫେବୃୟାରୀକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିବାପରେ ୨୦୦୯ରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ଏକ ନିଷ୍ପକ୍ଷ ଜଗତୀକରଣ ପାଇଁ ସାମାଜିକ ନ୍ୟାୟ ଉପରେ କରାଯାଇଥିବା ଘୋଷଣାନାମାକୁ ଆନ୍ତର୍ଜାତିକ ଶ୍ରମ ସଂଘ( ଆଇଏଲ୍‌ଓ) ଗ୍ରହଣ କରିବା ଦ୍ୱାରା ସାମାଜିକ ନ୍ୟାୟ ପ୍ରତି ଜାତିସଂଘର ପ୍ରତିବଦ୍ଧତା ପ୍ରତିପାଦିତ ହୋଇଛି। ଏହି ଘୋଷଣାନାମା ୧୦ ଜୁନ୍,୨୦୦୮ରେ କରାଯାଇଥିଲା। ସମସ୍ତଙ୍କ ପାଇଁ ନିଯୁକ୍ତି, ସାମାଜିକ ସୁରକ୍ଷା, ସାମାଜିକ ବକ୍ତବ୍ୟ ଏବଂ ମୌଳିକ ନୀତି ଓ ଅଧିକାର ଉପରେ ଏହା ଗୁରୁତ୍ୱ ଦିଏ। ପୂର୍ବରୁ ଆଇଏଲ୍‌ଓ ଦ୍ୱାରା ୧୯୪୪ ଏବଂ ୧୯୯୮ରେ ଦୁଇଟି ଘୋଷଣା କରାଯାଇଥିଲେ ମଧ ୨୦୦୮ ଘୋଷଣାନାମା ଜଗତୀକରଣ ଯୁଗରେ ଏକ ନୂଆ ଦିଶା ଦେଖାଇଛି। ଏକ ଜଟିଳ ରାଜନୈତିକ ଅଭିଯାନ ଦ୍ୱାରା ଏହା ସମ୍ଭବ ହୋଇଥିଲା ଓ ଏଥିପାଇଁ ଏକ ବିସ୍ତୃତ ସହମତି ପ୍ରକାଶ ପାଇଥିଲା। ବିଶ୍ୱରେ ୨୦୦୮ ପରେ ନିଯୁକ୍ତି ହାର ବାର୍ଷିକ ୦.୧ ପ୍ରତିଶତ ବୃଦ୍ଧି ପାଉଛି। ଏହା ୨୦୦୦ରୁ ୨୦୦୭ ମଧରେ ଥିଲା ୦.୯ ପ୍ରତିଶତ। ଏବେ ସୁଦ୍ଧା ୬୦ ପ୍ରତିଶତ ଶ୍ରମିକଙ୍କ ପାଖରେ କୌଣସି ପ୍ରକାର କାମ ଉପଲବ୍ଧ ହୋଇପାରିନି। ୪୫ ପ୍ରତିଶତରୁ ସାମାନ୍ୟ ଅଧିକ ଶ୍ରମିକ ସ୍ଥାୟୀ ଓ ପୂରା ଦରମା



## ବିଶ୍ୱ ସାମାଜିକ ନ୍ୟାୟ ଦିବସ

ପାଉଛନ୍ତି ଏବଂ ଏହା ମଧ ହ୍ରାସ ପାଇବାରେ ଲାଗିଛି। ନିଯୁକ୍ତି ପାଇବା ଯୋଗ୍ୟ ବୟସରେ ୨୦୧୮ରେ ୨୦୧ ମିଲିୟନ ଲୋକ କାମ ପାଇ ନ ଥିବାବେଳେ ୨୦୧୯ରେ ୨୧୨ ମିଲିୟନ ଲୋକ କାମ ନ ପାଇ ରହିଛନ୍ତି। ଏଣୁ ୨୦୩୦ ସୁଦ୍ଧା ୬୦୦ ମିଲିୟନ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସାମାଜିକ ନ୍ୟାୟ ଦ୍ୱାରା ଏହା ସମ୍ଭବ ହୋଇପାରିବ। ବିଶ୍ୱରେ ୫ ଜଣରେ ଜଣେ ଶ୍ରମିକ ଏବେ ଘୋର ଦାରିଦ୍ର୍ୟ ମଧରେ ବଞ୍ଚୁଛନ୍ତି। ଏଣୁ ୨୦୨୦ରେ ଏହି ଦିବସର ସ୍ଲୋଗାନ୍ ରହିଛି ' ସାମାଜିକ ନ୍ୟାୟ ପାଇବା ପାଇଁ ଅସମାନତା ଦୂର କରିବା'। ଗରିବମାନେ ଅର୍ଥନୈତିକ ବିକାଶରୁ ସମାନ ଭାବେ ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି। ଦେଶ- ଦେଶ ଓ ମଣିଷ -ମଣିଷଙ୍କ ଭିତରେ ଥିବା ଅସମାନତା ସାମାଜିକ ଏକତା ଦୁର୍ବଳ କରିବାରେ ଲାଗିଛି। ଏହା ସେମାନଙ୍କୁ ସେମାନଙ୍କ ଅଧିକାର ପାଇବାରେ ବାଧା ସୃଷ୍ଟି କରୁଛି ଓ ଅର୍ଥନୀତି ଉପରେ ମଧ ବୋଝ ପାଲଟୁଛି। ଏଣୁ ଅସମାନତା ଦୂର କରି ସାମାଜିକ ନ୍ୟାୟ ପ୍ରତିଷ୍ଠା କରାଯାଇପାରିଲେ ଦାରିଦ୍ର୍ୟ ହଟିଯିବ। ତା' ପାଇଁ ସମୟ ଏବେ ଉପନୀତ। ବିଶ୍ୱର ବିକାଶ ଓ ମାନବିକତାର ପ୍ରତିଷ୍ଠା ପାଇଁ ବିଶ୍ୱ ସମୁଦାୟ ଯତ୍ନବାନ୍ ହେବା ଦରକାର।




# ମା' ହେବାକୁ ୧୫ କିଲୋ ଓଜନ ବଢ଼ାଇଲେ କ୍ରିତି

**ମୁମ୍ବାଇ:** ସୋସିଆଲ ମିଡିଆରେ ଭାଇରାଲ ହେଉଛି ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍‌ଙ୍କ ଫଟୋ। ଏମିତିରେ ବି-ଟାଉନ ତାରକାଙ୍କ ଫଟୋ ଭାଇରାଲ ହେବା କିଛି ନୂଆ କଥା ନୁହେଁ। ତେବେ ଚର୍ଚ୍ଚାର କାରଣ ଫଟୋରେ କ୍ରିତିଙ୍କ ବେବି ବମ୍ପ୍ ଦେଖିବାକୁ ମିଳିଛି। ଆପଣ ଦ୍ୱନ୍ଦ୍ୱରେ ପଡ଼ିଗଲେ କି? ତେବେ କ୍ରିତିଙ୍କ ଏହି ବେବି ବମ୍ପ୍‌ର ରହସ୍ୟ ଆମେ ଆପଣଙ୍କୁ କହିଦେଉଛୁ।

ବଲିଉଡ୍ ଫିଲ୍ମ 'ବରେଲୀ କି ବର୍ଫି', 'ଲୁକା ଛିପି', 'ହାଉସ୍‌ଫୁଲ-୪' ଆଦିରେ ବବ୍‌ଲି ଝିଅ ଭୂମିକାରେ ନଜରକୁ ଆସିଥିବା କ୍ରିତିଙ୍କୁ ପ୍ରଥମଥର ପାଇଁ ମା'ଭୂମିକାରେ ଦେଖିବାକୁ ମିଳିବ। ଲକ୍ଷଣ ଉତେକରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ମିମି'ରେ ସେ 'ସରୋଗେଟ୍ ମଦର' ଭୂମିକାରେ ନଜରକୁ ଆସିବେ। ଏହି ପରିପ୍ରେକ୍ଷୀରେ ଶୁଟିଂ ସେଟ୍‌ରୁ କ୍ରିତିଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କ୍ରିତିଙ୍କ ଫ୍ୟାନ୍ ପେଜ୍ ହ୍ୟାଣ୍ଡେଲ ଟୁଇଟର୍‌ରେ ଫଟୋଟି ଶେୟାର କରିବା ପରେ ଫିଲ୍ମକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେବେ ଶୁଟିଂ କରିବା ସମୟର ଏହି ଫଟୋ ବୋଲି କ୍ୟାପ୍‌ଶନରେ କୁହାଯାଇଛି। ଏଥିରେ କ୍ରିତିଙ୍କ ବେବି ବମ୍ପ୍ ସ୍ପଷ୍ଟ ଜଣାପଡୁଛି। ତେବେ ପରଦାରେ ମା' ହେବାକୁ ଅର୍ଥାତ୍ ଏଭଳି ଏକ ଚ୍ୟାଲେଞ୍ଜିଂ ଚରିତ୍ରରେ ଅଭିନୟ କରିବାକୁ ସେ ୧୫ କିଲୋ ଓଜନ ବଢ଼ାଇଥିବା କୁହାଯାଉଛି। ଏହା ପୂର୍ବରୁ ମଧ ଫିଲ୍ମ 'ମିମି' ଚର୍ଚ୍ଚାରେ ରହିଆସିଛି। ରାଜସ୍ଥାନର ଚୁରୁଠାରେ ପ୍ରଥମେ ଫିଲ୍ମର ଶୁଟିଂ ଚାଲିଥିଲା। ହେଲେ ଫିଲ୍ମ ଶୁଟିଂ ପାଇଁ ପୂର୍ବରୁ ଅନୁମତି ନିଆଯାଇ ନ ଥିବାରୁ ପୋଲିସ ଶୁଟିଂ ଅଟକାଇ ଦେଇଥିଲା। କ୍ରିତିସାନନ୍‌ଙ୍କ ଅଭିନୀତ ଫିଲ୍ମ 'ମିମି' ହେଉଛି ୨୦୧୧ରେ ରିଲିଜ୍ ହୋଇଥିବା ମରାଠୀ ଫିଲ୍ମ 'ମାଲା ଆଇ ହ୍ୱାୟଚେ'ର ହିନ୍ଦୀ ଭର୍ସନ। ଫିଲ୍ମଟି ନ୍ୟାଶ୍‌ନାଲ ଆୱାର୍ଡ ହାସଲ କରିଥିଲା। ଏଭଳି ଏକ ଚ୍ୟାଲେଞ୍ଜିଂ ଫିଲ୍ମରେ ଅଭିନୟ କରିବାର ସୁଯୋଗ ପାଇଥିବାରୁ କ୍ରିତି ଖୁବ୍ ଉତ୍ସାହିତ ଅଛନ୍ତି। ତାଙ୍କ କ୍ୟାରିୟର୍‌ର ଏହା ସବୁଠାରୁ ଭଲ୍ ସ୍କ୍ରିପ୍ଟ ବୋଲି ସେ କହିଛନ୍ତି। ଫିଲ୍ମରେ କ୍ରିତିଙ୍କ୍ ବ୍ୟତୀତ ପଙ୍କଜ ତ୍ରିପାଠୀ, ସୁପ୍ରିୟା ପାଠକ ଏବଂ ମନୋଜ ପାହୱାଙ୍କ ଭଳି ଅଭିଜ୍ଞ କଳାକାରଙ୍କୁ ଦେଖିବାକୁ ମିଳିବ। ଜୁଲାଇରେ ଏହାକୁ ରିଲିଜ୍ କରିବାକୁ ଯୋଜନା ରହିଛି।

# ମନ୍ଦିରରେ ଝିଅ ବାହାକଲେ ମୁସ୍‌ଲିମ୍ ଦମ୍ପତି

**କାସାରଗଡ଼:** କେରଳରେ ଏକ ମୁସ୍‌ଲିମ୍ ପରିବାର ଝିଅର ବିବାହ ହିନ୍ଦୁ ପରମ୍ପରା ଅନୁଯାୟୀ କରାଇ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। କାସାରଗଡ଼ ଜିଲାର କହ୍ନାଂଗଡ଼ ଭଗବତୀ ମନ୍ଦିରରେ ରାଜେଶ୍ୱରୀଙ୍କ ବିବାହ ବିଷ୍ଣୁପ୍ରସାଦ ନାମକ ଯୁବକଙ୍କ ସହ ଅନୁଷ୍ଠିତ ହୋଇଯାଇଛି। ମୁସ୍‌ଲିମ୍ ଦମ୍ପତିଙ୍କ କହିବା ହେଲା, ରାଜେଶ୍ୱରୀଙ୍କ ବାପା ମୁସ୍‌ଲିମ୍ ଦମ୍ପତିଙ୍କ ଘରେ ଏବଂ ଫାର୍ମରେ କାମ କରୁଥିଲେ। ହେଲେ ରାଜେଶ୍ୱରୀଙ୍କୁ ଯେତେବେଳେ ୭ ବର୍ଷ ହୋଇଥିଲା, ତାଙ୍କ ମା'ବାପାଙ୍କ ମୃତ୍ୟୁ ଘଟିଥିଲା। ଏହା ପରଠାରୁ ମୁସ୍‌ଲିମ୍ ଦମ୍ପତି ରାଜେଶ୍ୱରୀଙ୍କୁ ଘରେ ରଖି ପାଳିଥିଲେ। ନିଜ ୩ ପୁଅଙ୍କ ଭଳି ତାଙ୍କୁ ମଧ ସମାନ ସ୍ନେହ ଦେଉଥିଲେ। ଇତିମଧରେ ଝିଅକୁ ୨୨ ବର୍ଷ ହୋଇଥିବାବେଳେ ପରିବାର ଲୋକେ ତାଙ୍କ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ଲ୍ୟାବ୍ ଟେକ୍ନିସିଆନ୍‌ଭାବେ କାମ କରୁଥିବା ବିଷ୍ଣୁ ପ୍ରସାଦଙ୍କ ସହ ଝିଅର ବିବାହ ଠିକ୍ କରିଥିଲେ।



ବର ଘର ଲୋକେ ମନ୍ଦିରରେ ବିବାହ ପାଇଁ ଇଚ୍ଛାପ୍ରକାଶ କରିବାରୁ ଉଭୟ ପରିବାରର ଉପସ୍ଥିତିରେ ମନ୍ଦିରରେ ବିବାହ ଅନୁଷ୍ଠିତ ହୋଇଛି। ରାଜେଶ୍ୱରୀଙ୍କୁ ପାଳିଥିବା ମୁସ୍‌ଲିମ୍ ପରିବାର ବିବାହ ବେଦିଠାରୁ ଦୂରରେ ରହିଥିଲେ ମଧ ବିବାହ ସମୟରେ ବରଙ୍କ ପରିବାର ଲୋକେ ସେମାନଙ୍କୁ କନ୍ୟା-ବରଙ୍କ ନିକଟକୁ ସ୍ୱାଗତ କରିଥିଲେ। ବିବାହ ପରେ ରାଜେଶ୍ୱରୀ ଏବଂ ତାଙ୍କ ସ୍ୱାମୀ ପାଳିଥିବା ମା'ବାପାଙ୍କ ପାଦ ଛୁଇଁ ଆଶୀର୍ବାଦ ମଧ ନେଇଥିଲେ। ଏଭଳି ଏକ ନିଆରା ବିବାହକୁ ଅନେକ ଲୋକ ପସନ୍ଦ କରିବା ସହ ସାମ୍ପ୍ରଦାୟିକ ସଦ୍‌ଭାବର ଏହା ଏକ ନିଛକ ନମୁନା ବୋଲି ମତପ୍ରକାଶ ପାଇଛି।

# ନିଲାମ ହେବ ଆଇନ୍‌ଷ୍ଟାଇନଙ୍କ ପିଲାଦିନର ଖେଳନା

**ନ୍ୟୁୟର୍କ:** ଆଲ୍‌ବର୍ଟ ଆଇନ୍‌ଷ୍ଟାଇନଙ୍କ ପିଲାଦିନର ପ୍ରିୟ ଖେଳନା ମୋଜାଇକ୍ ପର୍ଲ ଗେମ୍ ଆସନ୍ତା ମାସରେ ନିଲାମ ହେବ। ଏହା ୬୦ ହଜାର ଡଲାର ଅର୍ଥାତ୍ ୪୨.୯୨ ଲକ୍ଷ ଟଙ୍କାରେ ନିଲାମ ହେବ। ଏହି ଖେଳନାରେ ୫୨୦ଟି ରଙ୍ଗୀନ ମୋତି ଏବଂ ଛୋଟ ବଲ୍ ରହିଛି। ଯାହା ପାର୍ଟନ ତିଆରି କରିବାରେ ପାଞ୍ଚଟି ହୋଲ୍ ଫ୍ରେମ୍‌ରେ ରଖାଯାଇଛି। ବିକ୍ରେତା ବୋହ୍ନମ୍ସ ନ୍ୟୁୟର୍କରେ କହିଛନ୍ତି, ଆଇନ୍‌ଷ୍ଟାଇନଙ୍କ ଏହି ଖେଳନା ଦୁର୍ଲଭ ଅଟେ। ଏହା ଯୁବପିଢ଼ିଙ୍କ ପାଇଁ ବହୁ ଜରୁରୀ। ଏହାର ଆକାର ୭.୩ ମିଟର ଏବଂ ଚଉଡ଼ା ୧.୫ ମିଟର। ୬ ମାର୍ଚ୍ଚରେ ଏହା ବିକ୍ରି ହେବ। ଏକ ରିପୋର୍ଟରୁ ପ୍ରକାଶ, ଏହାକୁ ଆଇନ୍‌ଷ୍ଟାଇନ୍ ନିଜ ପାଖରେ ଶେଷ ଜୀବନ ପର୍ଯ୍ୟନ୍ତ ରଖିଥିଲେ। ତାଙ୍କ ନିଧନ ସମୟରେ ଏହାକୁ ଉପହାର ସଦୃଶ ଦିଆଯାଇଥିଲା। ପିଲାଦିନେ ଆଇନ୍‌ଷ୍ଟାଇନ ଏହି ଖେଳ ଖେଳିବାକୁ ବହୁ ପସନ୍ଦ କରୁଥିଲେ ବୋଲି




ତାଙ୍କ ଭଉଣୀ ମେଜା ଏପ୍‌ସିଷ୍ଟିନ୍ ଏକ ସାକ୍ଷାତକାରରେ କହିଛନ୍ତି। ଏହି ଖେଳରେ ଅଧିକ ପଜଲ୍ ବା ପହଳିକା, ବିଲ୍ଡିଂ ବ୍ଲକ୍‌ସ ଆଦି ରହିଛି। ଏହି ଖେଳନା ଗୋଟିଏ ବର୍ଷ ସଂଗ୍ରହାଳୟରେ ଥିଲା। ୧୯୫୫ ଏପ୍ରିଲ ୧୮ରେ ତାଙ୍କ ମୃତ୍ୟୁ ପରେ ଜଣେ ବନ୍ଧୁଙ୍କୁ ଏହା ଉପହାର ସଦୃଶ ଦିଆଯାଇଥିଲା। ଆଲବର୍ଟ ଆଇନ୍‌ଷ୍ଟାଇନ ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକଙ୍କ ମଧ୍ୟରୁ ଅନ୍ୟତମ। ୧୮୭୯ ମାର୍ଚ୍ଚ ୧୪ରେ ଜର୍ମାନୀରେ ତାଙ୍କର ଜନ୍ମ ହୋଇଥିଲା। ୧୯୧୬ରେ ଆଇନ୍‌ଷ୍ଟାଇନଙ୍କ 'ଜେନେରାଲ ଥିଓରୀ ଅଫ୍ ରିଲେଟିଭିଟି'ରେ ଏହା ପ୍ରକାଶପାଇଥିଲା।ମାତ୍ର୨୬ବର୍ଷବୟସରେଆଇନ୍‌ଷ୍ଟାଇନଏହିବହିଲେଖିଥିଲେ।ଏଥିପାଇଁତାଙ୍କୁ୧୯୨୧ରେ ଗ୍ଲୋବାଲ ପୁରସ୍କାର ମିଳିଥିଲା। ପିଲାଦିନେ ଖେଳ ଏବଂ ସଂଗୀତରେ ଆଇନ୍‌ଷ୍ଟାଇନଙ୍କ ଅଧିକ ରୁଚି ଥିଲା।

**ମାଡ୍ରିଡ୍:** ବିଶ୍ୱର କେତେକ ଦେଶରେ ଲୋକଙ୍କ ଖାଦ୍ୟ-ପାନୀୟ ମଧ ଭିନ୍ନ ହୋଇଥାଏ। ଜୀବନ ଜିଇଁବାଠାରୁ ଆରମ୍ଭ କରି ମରଣ ପର୍ଯ୍ୟନ୍ତ ସବୁ ଧର୍ମର ପ୍ରଥା ପରମ୍ପରା ଅଲଗା ହୋଇଥାଏ। ପରିବର୍ତ୍ତିତ ସମାଜରେ ଲୋକଙ୍କ ରହିବା ଢ଼ଙ୍ଗ ବଦଳୁଛି। ଏଥିସହ ନିଜ ଲୋକଙ୍କ ପ୍ରତି ଥିବା ପ୍ରେମ, ସ୍ନେହକୁ ଜାହିର କରିବା ପାଇଁ ଲୋକେ ନିଆରା ଅନ୍ଦାଜ୍ ମଧ ଆପଣାଉଥିବା ଦେଖିବାକୁ ମିଳେ। ସୋସିଆଲ ମିଡିଆରେ ଏକ ଚକିତ କରିଦେବା ଭଳି ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଜଣେ ବ୍ୟକ୍ତିଙ୍କ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ଭଳି ଦେଖାଯାଉଥିବା ଏକ କେକ୍ ତିଆରି କରାଯାଇଥିଲା। ମୃତକ ବ୍ୟକ୍ତିଙ୍କ ପ୍ରତି ଥିବା ପ୍ରେମ ଓ ଭାବାବେଗକୁ ଦେଖାଇବା ପାଇଁ ପରିବାରବର୍ଗ ଓ ସମ୍ପର୍କୀୟ ଉକ୍ତ ବ୍ୟକ୍ତିଙ୍କ ଭଳି ଉଚ୍ଚ ଓ ଲମ୍ବାର କେକ୍ ତିଆରି କରିଥିଲେ। ପ୍ରଥମେ ଏହାକୁ ଦେଖିଲେ ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବେ। କିନ୍ତୁ କିଛି ସମୟ ନିରିଖି ଦେଖିଲେ ଏହା କେକ୍ ବୋଲି ଜଣାପଡ଼ିବ। ଭିଡିଓଟିରେ ଜଣେ ମୃତବ୍ୟକ୍ତିଙ୍କୁ ଟେବୁଲରେ ରଖାଯାଇଥିବା ଭଳି ଦେଖାଯାଉଥିବା ବେଳେ କିଛି ସମୟ ପରେ କେତେକ ଛୋଟ ପିଲା ଏହାକୁ କାଟି ଖାଉଥିବାର ଦେଖିବାକୁ ମିଳିଛି। ଏହାପରେ ସେଠାରେ ଉପସ୍ଥିତ ଥିବା ଅନ୍ୟଲୋକ ମଧ ଉକ୍ତ କେକ୍‌କୁ କାଟି ଖାଇଥିଲେ। ଏହି ଭିଡିଓଟି ସ୍ପେନ୍‌ର କୁହାଯାଉଥିବା ବେଳେ ଏହା ଏବେ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଏହି ଭିଡିଓକୁ ଏପର୍ଯ୍ୟନ୍ତ ୧ ବିଲିଅନରୁ ଉର୍ଦ୍ଧ୍ୱ ୟୁଜର୍ସ ଦେଖିଥିବା ବେଳେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



# ଶ୍ରାଦ୍ଧବାର୍ଷିକୀରେ ପ୍ରସ୍ତୁତ ହେଲା ମୃତଦେହ ଭଳି କେକ୍

# ଫିଲ୍ମ '୮୩'ରେ ଦୀପିକାଙ୍କ ପ୍ରଥମ ଫଟୋ ଜାରି

**ମୁମ୍ବାଇ:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ୧୯୮୩ ମସିହା ବିଶ୍ୱକପ ବିଜେତା କପିଲ ଦେବଙ୍କ ଉପରେ ନିର୍ମାଣ ହୋଇଛି ଫିଲ୍ମ '୮୩'। ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ ରଣବୀର ସିଂହ। ଏହି ଫିଲ୍ମର ଗୋଟିଏ ପରେ ଗୋଟିଏ କଳାକାରଙ୍କ ନାମ ସାମ୍ନାକୁ ଆସିବାରେ ଲାଗିଛି। ଚଳଚ୍ଚିତ୍ରରେ ଦୀପିକା ପାଦୁକୋନ କପିଲ ଦେବଙ୍କ ସ୍ତ୍ରୀ ରୋମି ଦେବଙ୍କ ଚରିତ୍ରରେ ନଜର ଆସିବେ। ଫିଲ୍ମରେ ଦୀପିକାଙ୍କ ପ୍ରଥମ ଫଟୋ ଜାରି କରାଯାଇଛି। କବୀର ଖାନଙ୍କ ନିର୍ଦ୍ଦେଶିତ '୮୩' ଚଳଚ୍ଚିତ୍ର ୧୯୮୩ରେ କ୍ରିକେଟ ବିଶ୍ୱକପରେ ଭାରତର ବିଜୟ ଉପରେ ଆଧାରିତ। ବିବାହ ପରେ ରଣବୀର ଏବଂ ଦୀପିକା ପ୍ରଥମଥର ପାଇଁ ଫିଲ୍ମରେ ଏକାଠି ନଜର ଆସିବେ। ଏହି ଯୋଡିକୁ ଅନ୍‌ସ୍କ୍ରିନ ଦେଖିବା ପାଇଁ ଦର୍ଶକଙ୍କ ଉତ୍ସୁକତା ବଢିବାରେ ଲାଗିଛି। ଫିଲ୍ମଟି ଚଳିତବର୍ଷ ଏପ୍ରିଲ ୧୦ ରିଲିଜ ହେବ ବୋଲି ଜଣାପଡିଛି।





ଜାତି ଓ ମାତୃଭୂମିର ଉନ୍ନତି ବିନା ଦେଶର ଉନ୍ନତି ଅସମ୍ଭବ।

- ବିଜୁ ପଟ୍ଟନାୟକ



## ସଂକ୍ଷେପରେ

### ଲିଙ୍ଗରାଜ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବାଲିଅନ୍ତା,୧୯।୨(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଗଡ଼-ନହରକଣ୍ଟା ଗ୍ରାମର ବିଶ୍ୱବିଜୟୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଫ୍ଲଡଲାଇଟ୍ ୮ମ ବାର୍ଷିକ ଲିଙ୍ଗରାଜ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ପପକନ୍ କିଲର ଚାମ୍ପିୟନ ହୋଇଥିବା ବେଳେ କଟକର ରକ୍‌ଷ୍ଟାର ରନର୍ସ ଅପ ହୋଇଥିଲା। ସେହିପରି ଥ୍ରୋବଲ କ୍ରିକେଟ ପ୍ରତିଯୋଗିତାରେ ନହରକଣ୍ଟାର ଫାଇଟର ଇଲେଭେନ ଚାମ୍ପିୟନ ହୋଇଥିବା ବେଳେ ପାଣ୍ଡରାର ମା' ଦୁଲାଦେଇ କ୍ରିକେଟ ଟିମ୍ ରନର୍ସ ଅପ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପାତ୍ର, ରୁଦ୍ର ସାମନ୍ତରାୟ, ସାଇବାଲ କୁମାର ମିତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

### ଅମରେଶ ନାୟକ ହତ୍ୟା ଘଟଣା: ଆଉ ଜଣେ ଗିରଫ

**ଭୁବନେଶ୍ୱର,୧୯।୨(ବ୍ୟୁରୋ):** ବହୁ ଚର୍ଚ୍ଚିତ ଅମରେଶ ନାୟକ ହତ୍ୟା ଘଟଣାର ୩ ମାସ ପରେ ସମ୍ପୃକ୍ତ ଆଉଜଣେ ଅଭିଯୁକ୍ତଙ୍କୁ ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସୁନ୍ଦରପଦା ତଳ ସାହିର ରୋଷନ ଜେନା। ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ରୋଷନଙ୍କୁ ଝାରପଡା ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଦୀପାବଳି ରାତିରେ ପୁରୁଣା ଭୁବନେଶ୍ୱରର ହରଚଣ୍ଡିସାହିର ଶଙ୍କର ବସ୍ତିଆ ସମର୍ଥକଙ୍କ ସହ ମିଶି ଅମରେଶ ନାୟକଙ୍କୁ କାଠ ଫାଳିଆ ଓ ପଥରରେ ଛେଚି ହତ୍ୟା କରିଥିଲେ। ଏହି ମାମଲାରେ ପୋଲିସ ପୂର୍ବରୁ ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ରୋଷନଙ୍କୁ ମିଶାଇ ଏହି ସଂଖ୍ୟା ୯ରେ ପହଞ୍ଚିଛି। ସମ୍ପୃକ୍ତ ଆଉକେତେଜଣ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଥିବା ସୂଚନା ମିଳିଛି।

### ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

**ଭୁବନେଶ୍ୱର,୧୯।୨(ବ୍ୟୁରୋ):** ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ବୁଧବାର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଭୁବନେଶ୍ୱର ମଧ ବିଧାୟକ ତଥା ବିଏମ୍‌ସିର ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନାଙ୍କୁ ସଂଘର ସଭାପତି ଭାବେ ଚୟନ କରାଯାଇଥିବାବେଳେ ବ୍ରଜସୁନ୍ଦର ପଣ୍ଡାଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି। ମାଉସୀ ମା' ମନ୍ଦିରରେ ବସିଥିବା ସଂଘର ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ସଂଘର ସାଧରଣ ସମ୍ପାଦକ ବ୍ରଜସୁନ୍ଦର ପଣ୍ଡା ସୂଚନା ଦେଇଛନ୍ତି। ସମିତା ରାୟଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଚୟନ କରାଯାଇଛି। ସେହିପରି ବିନାୟକ ରଥ, ନରେନ୍ଦ୍ର ମହାପାତ୍ର ଓ ନରସଂହ ଖୁଣ୍ଟିଆଙ୍କୁ ଉପଦେଷ୍ଟା, ଲିଙ୍ଗରାଜ ରଥ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଉପସଭାପତି ଓ ସହସମ୍ପାଦକ ଭାବେ ରମାନନ୍ଦ ଶତପଥୀ, ବୈକୁଣ୍ଠ ନାଥ ସାହୁ ଓ କୋଷାଧକ୍ଷ ଭାବେ ଦୋଳଗୋବିନ୍ଦ ବେହେରା ଓ ସହ-କୋଷାଧକ୍ଷ ଭାବେ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ଚୟନ କରାଯାଇଛି। ଏମାନଙ୍କ ବ୍ୟତୀତ ୧୨ ପୂର୍ବତନ କର୍ମଚାରୀଙ୍କୁ ସଂଘର କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ କରାଯାଇଛି।

# କାର୍ଯ୍ୟକ୍ଷମ ହେଉନି ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ପରିଷଦ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମଗ୍ରିକ ବିକାଶ ନିମନ୍ତେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଢାଞ୍ଚାରେ ୨୦୧୮ ମାର୍ଚ୍ଚରେ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦ ଗଠନ କରାଯାଇଥିଲା। ରାଜ୍ୟ ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ପରିସରରେ ମୁଖ୍ୟମନ୍ତ୍ରୀ ଏହାର ଉଦ୍‌ଘାଟନ କରିଥିଲେ। ଇତିମଧ୍ୟରେ ୨ବର୍ଷ ପୂରିବାକୁ ବସିଲାଣି। ହେଲେ ଏ ପର୍ଯ୍ୟନ୍ତ ନା ଏହା କାର୍ଯ୍ୟକ୍ଷମ ହୋଇପାରିଛି ନା ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ବିକାଶରେ ଲାଗି ପାରିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ପ୍ରାୟ ସମସ୍ତ ନିଗମ, ବୋର୍ଡ ଓ ପରିଷଦର ପରିଚାଳନା କମିଟି ଗଠନ କରାଯାଇଥିବା ବେଳେ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦର ପରିଚାଳନା ବୋର୍ଡ ଗଠନ କରାଯାଉନାହିଁ। ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ରାଜ୍ୟର ଲକ୍ଷାଧିକ ଶିଳ୍ପୀ ଏବଂ ବୁଣାକାର। ଏଥିଲାଗି ଭୁବନେଶ୍ୱରରେ ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପୋଷ୍ଟକାର୍ଡ ଲେଖା ଓ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦକୁ ପୁନଃ ସକ୍ରିୟ କରିବା ଏବଂ ମୁଖ୍ୟମନ୍ତ୍ରୀ ଶିଳ୍ପୀ ଓ ବୁଣାକାରଙ୍କ ପାଇଁ ଘୋଷଣା କରିଥିବା ମାସିକ ଆର୍ଥିକ ସହାୟତା ରାଶି ତୁରନ୍ତ ପ୍ରଦାନ କରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି।

**ଓଡ଼ିଶା ଶିଳ୍ପୀ ମହାସଂଘ ଆରମ୍ଭ କଲା ଦସ୍ତଖତ ଅଭିଯାନ**

ଓଡ଼ିଶା ଶିଳ୍ପୀ ମହାସଂଘର ଅନୁରୋଧକ୍ରମେ ରାଜ୍ୟ ସରକାର ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦ ଗଠନ କରିଥିଲେ। ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ସାହୁଙ୍କ ଅଧ୍ୟକ୍ଷତାରେ ୧୮ ଜଣ ଶିଳ୍ପୀ, ବୁଣାକାର ଏବଂ ୩ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ୨୨ ଜଣିଆ ପରିଚାଳନା ବୋର୍ଡ ଗଠନ କରାଯାଇଥିଲା। ଏହି ବୋର୍ଡକୁ ଗତ ଜୁନ୍‌ରେ ଭାଙ୍ଗି ଦିଆଯାଇଛି। ସେହିଭଳି ରାଜ୍ୟ ଶିଳ୍ପୀ ଓ ବୁଣାକାରଙ୍କ ବିକାଶ ପାଇଁ ୨୦୧୮ ବଜେଟରେ ପରିଷଦକୁ ୨୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ମାତ୍ର ବିକାଶ ପରିଷଦ ବୈଠକରେ ଅନୁମୋଦନ ସତ୍ତ୍ୱେ ମିଳିଥିବା ଅର୍ଥରାଶିରୁ ଟଙ୍କାଟିଏ ବି ଖର୍ଚ୍ଚ କରାଯାଇ ନ ଥିବା ମହାସଂଘ ଅଭିଯୋଗ କରିଛି। ପ୍ରଳୟଙ୍କରୀ ବାତ୍ୟା ଫନୀରେ ଶିଳ୍ପୀ ଓ ବୁଣାକାରଙ୍କ ବିପୁଳ କ୍ଷତି ହୋଇଥିଲେ ମଧ୍ୟ ବିକାଶ ପରିଷଦ ପକ୍ଷରୁ କୌଣସି ସାହାଯ୍ୟ କରାଗଲା ନାହିଁ ବୋଲି କୁହାଯାଇଛି। ଜୟଦେବ ବିହାରସ୍ଥିତ ମହାସଂଘର ରାଜ୍ୟ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ସୁଦର୍ଶନ ସାହୁ ଶୁଭାରମ୍ଭ କରିଥିଲେ। ରାଜ୍ୟର ଲକ୍ଷେ ଶିଳ୍ପୀ ଓ ବୁଣାକାରଙ୍କୁ ଏଥିରେ ସାମିଲ କରାଯିବ ବୋଲି ମହାସଂଘ ସଭାପତି ଉଦୟ ମହାନ୍ତି କହିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ସହ ଅନ୍ୟମାନେ।

ବାଲିଅନ୍ତା,୧୯।୨(ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡ ଅଧୀନ ନହରକଣ୍ଟାସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୨ମହଲା ବିଶିଷ୍ଟ ନୂତନ ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପାତ୍ର, କୁନମୁନ ମହାନ୍ତି, ଦୀପକ କୁମାର ସାମନ୍ତରାୟ, ଅକ୍ଷୟ କୁମାର ଲେଙ୍କା, ସାଗର ଜେନା, ସୁରେନ୍ଦ୍ର ଖୁଣ୍ଟିଆ, ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ସୌମ୍ୟ ପ୍ରତୀକ ଦୋରା ଓ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଶେଖ ନସରୁଲା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭୁବନେଶ୍ୱର ଉତ୍ତର ଉନ୍ନୟନ ପରିଷଦ ପକ୍ଷରୁ ଏକ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

# ୮ ଦଫା ଦାବି ନେଇ ରାଜ୍ୟ ସମବାୟ କର୍ମଚାରୀଙ୍କ ଧାରଣା



ରାଜ୍ୟ ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ରାଜ୍ୟ ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ବୁଧବାର ୮ ଦଫା ଦାବି ନେଇ ସ୍ଥାନୀୟ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। ରାଜ୍ୟ ପ୍ରାଥମିକ ସମବାୟ ସମିତି ଓ ଲ୍ୟାମ୍ପସ୍‌ଗୁଡ଼ିକରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ୭ମ ବେତନ ଆଧାରରେ ବେତନ, ପ୍ରଶାସନିକ ପାଣ୍ଠି କାର୍ଯ୍ୟକାରୀ କରିବା, ବଜେଟ୍‌ରେ ସବୁ ବର୍ଗର କର୍ମଚାରୀଙ୍କ ପାଇଁ ୩୦୦ କୋଟିର ବଜେଟ୍ ରଖିବା ପରି ମୋଟ ୮ଟି ଦାବି ନେଇ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ଗୁରୁବାର ମଧ୍ୟ ଏହି ଧାରଣା ଜାରି ରହିବାକୁ ଥିବାବେଳେ ପୂର୍ବାହ୍ନରେ ୯ତାଲା ନିକଟରେ ଥିବା ନିବନ୍ଧକ ସମବାୟ ସମିତି ସମ୍ମୁଖରେ ଧାରଣା ଦିଆଯିବ ବୋଲି ମହାସଂଘ ସଭାପତି ସୀତାରାମ ପ୍ରଧାନ ପ୍ରକାଶ କରିଛନ୍ତି। ଆୟୋଜିତ ଧାରଣାରେ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# କଲୋନୀରେ ଟାୱାର ବସାଇବାକୁ ବିରୋଧ

ପୁରୁଣା ଭୁବନେଶ୍ୱର, ୧୯।୨ (ଡି.ଏନ.ଏ.)

ଧଉଳି ଥାନା ଅଧୀନ ଲିଙ୍ଗିପୁର ମୌଜାର ଇନ୍ଦିରା କଲୋନୀରେ ଏକ ଘରୋଇ ଟେଲିଫୋନ କମ୍ପାନୀର ଟାୱାର ବସାଇବାକୁ ବାସିନ୍ଦା ବିରୋଧ କରିଛନ୍ତି। ଟାୱାରଟି ବସାଗଲେ ଏଠାରେ ବସବାସ କରୁଥିବା ବରିଷ୍ଠ ନାଗରିକମାନଙ୍କ ସମେତ ଅନ୍ୟମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଭିନ୍ନ ସରକାରୀ କଟକଣାକୁ ଅଣଦେଖା କରି ଜନବସତିରେ ଟାୱାର ବସାଇବାକୁ କଲୋନୀବାସୀ ବିରୋଧ କରିଛନ୍ତି। ୧୦ଦିନ ମଧ୍ୟରେ କଲୋନୀବାସୀ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଭୁବନେଶ୍ୱର ବିଡିଓ, ଲିଙ୍ଗିପୁର ସରପଞ୍ଚ ଓ ପୋଲିସ କମିଶନରଙ୍କୁ ଅବଗତ କରାଇଥିଲେ। ହେଲେ ଏ ପର୍ଯ୍ୟନ୍ତ ପ୍ରଶାସନର ସ୍ଥାଣୁତା ନେଇ କଲୋନୀବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ପରୋକ୍ଷରେ କାମ ବନ୍ଦ କରିବା ବଦଳରେ ଆଗେଇ ଚାଲିଥିବା ନେଇ ଅଭିଯୋଗ କରିଛନ୍ତି। ଏ ନେଇ ଭୁବନେଶ୍ୱର ବିଡିଓ ତ୍ରିଲୋଚନ ମହାନ୍ତିଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗ ଅନୁଯାୟୀ ଆମେ ତଦନ୍ତ ଚଳାଇଛୁ। ତେବେ ରାତ୍ରିରେ କାମ ହେଉଥିବା କଲୋନୀ ବାସିନ୍ଦା ଜଣାଇଛନ୍ତି ବୋଲି ସେ କହିଥିଲେ।

# ୯୦ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ନାହିଁ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

- **୧୧୫ ବିଦ୍ୟାଳୟର ନାହିଁ ନିଜସ୍ୱ ଗୃହ**
- **୪୭୦ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ**
- **୨୫୮୫ ବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ ପ୍ରଧାନ ଶିକ୍ଷକ**

ରାଜ୍ୟର ୯୦ଟି ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ଗୃହ ନାହିଁ। ପିଲାମାନେ ବାହାରେ ବସି ପାଠ ପଢୁଛନ୍ତି। ୧୧୫ ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ। ୩୧୫ ବିଦ୍ୟାଳୟରେ ସର୍ବନିମ୍ନ ସଂଖ୍ୟକ ୧୦ରୁ କମ୍ ପିଲା ପାଠ ପଢୁଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବୁଧବାର ବିଧାନସଭାରେ ବିଧାୟକ ମୋହନ ଚରଣ ମାଝୀ ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ କରିଥିଲେ। ଓଡ଼ିଶାରେ କେତେ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ନାହିଁ, କେତେ ସଂଖ୍ୟକ ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ, କେତେ ବିଦ୍ୟାଳୟରେ ସର୍ବନିମ୍ନ ସଂଖ୍ୟକ ପିଲା ନାହାନ୍ତି, କେତେ ସଂଖ୍ୟକ ହାଇସ୍କୁଲରେ କମ୍ପ୍ୟୁଟର ଥିଲେ ମଧ୍ୟ ବିଦ୍ୟୁତ୍ ନାହିଁ ଓ କେତେ ସଂଖ୍ୟକ ବିଦ୍ୟାଳୟରେ ପାଠାଗାର ନାହିଁ ବୋଲି ବିଧାୟକ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ କହିଥିଲେ, ପ୍ରାୟ ୧୦୪୮ ହାଇସ୍କୁଲରେ କମ୍ପ୍ୟୁଟର ନାହିଁ। ୨୮ଟି କମ୍ପ୍ୟୁଟର ଥିବା ହାଇସ୍କୁଲରେ ବିଦ୍ୟୁତ୍ ସଂଯୋଗ ଥିବାବେଳେ ବିଦ୍ୟୁତ୍ କାର୍ଯ୍ୟକାରୀ ହେଉନାହିଁ। ୨୬୧୦ ବିଦ୍ୟାଳୟରେ ପାଠାଗାର ନାହିଁ ଓ ୪୭୦ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ସେହିଭଳି ବିଧାୟକ ଅମର ଶତପଥୀ ରାଜ୍ୟରେ କେତେ ସଂଖ୍ୟକ ଉଚ୍ଚ ବିଦ୍ୟାଳୟ ଅଛି, କେତୋଟିରେ ପ୍ରଧାନଶିକ୍ଷକ ନାହାନ୍ତି ଏବଂ ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ ପଦବୀ ପୂରଣ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ, ରାଜ୍ୟରେ ମୋଟ ୮୦୭୬ ଉଚ୍ଚ ବିଦ୍ୟାଳୟ ଥିବାବେଳେ ୨୫୮୫ ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲି ରହିଛି। ନ୍ୟାୟାଳୟରେ ମାମଲା ପଡ଼ିଥିବାରୁ ପଦୋନ୍ନତି ହୋଇପାରୁନି କି ଖାଲି ପଦବୀ ପୂରଣ ହୋଇପାରୁନି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

# ଅନିଶ୍ଚିତତାରେ ବିଜୁବାବୁଙ୍କ ଦଳିତ ଉତ୍‌ଥାନ ଯୋଜନା

ପୁରୁଣା ଭୁବନେଶ୍ୱର, ୧୯।୨ (ଡି.ଏନ.ଏ.)

ସମାଜରେ ଦଳିତ, ଶୋଷିତ ବର୍ଗର ଉତ୍‌ଥାନ ଓ ସାମାଜିକ, ଆର୍ଥିକ ଅଭିବୃଦ୍ଧି ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ହୋଇଥିବା ଯୋଜନା ଅନିଶ୍ଚିତତା ଦେଇ ଗତି କରୁଛି। ସମାଜର ମୁଖ୍ୟସ୍ରୋତରେ ଦଳିତମାନେ କିଭଳି ସମସ୍ତଙ୍କ ସହ ତାଳ ଦେଇ ଆଗେଇ ଚାଲିବେ ତାଙ୍କ ଲକ୍ଷ୍ୟ ଥିଲା। ମାତ୍ର ତାଙ୍କ ସ୍ୱପ୍ନ କିଭଳି ପ୍ରତିପତିଶାଳୀ ଓ ଜବରଦଖଲକାରୀଙ୍କ ଯୋଗୁ ଧୂଳିସାତ୍ ହେଉଛି ତାହା ଦେଖିବାକୁ ମିଳିଛି ପୁରୁଣା ଭୁବନେଶ୍ୱର ଅଞ୍ଚଳରେ। ବିଭିନ୍ନ ସରକାରୀ ବିଭାଗ ଓ କର୍ମଚାରୀଙ୍କ ଅବହେଳା ପ୍ରମାଣିତ କରୁଛି। ୧୯୯୩ରେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ହୁଡାସାହି ଯାହାକି ବିଜୁବାବୁଙ୍କ ପତ୍ନୀ ନାମରେ ନାମିତ କରାଯାଇ ଜ୍ଞାନ ନଗର ରଖା ଯାଇଥିଲା। ଏଠାରେ ଏକ କମ୍ୟୁନିଟି ମ୍ୟାନେଜମେଣ୍ଟ ଗ୍ରୁପ୍ ମାଧ୍ୟମରେ ସାମିଲ କରାଯାଇ ୧୫ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଓରମାସ ସହାୟତାରେ ବିଏମସି, ବିଡିଏ ଓ ଜିଏ ଡିପାର୍ଟମେଣ୍ଟ ବିଜୁବାବୁଙ୍କର ଗୋଟିଏ ଇଙ୍ଗିତରେ ମନି ମାର୍କେଟ ନିର୍ମାଣ କରାଇଥିଲେ। ୧୯୯୪ରେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବିଜୁ ପଟ୍ଟନାୟକ ଏହି ଗୋଷ୍ଠୀର ସମ୍ପାଦକଙ୍କୁ ପ୍ରଶଂସିତ କରି ମାନପତ୍ର ଦେଇଥିଲେ। ଦୀର୍ଘ ୨୦ବର୍ଷ ହେବ କେତେଜଣ ଜମି ମାଫିଆଙ୍କ ପାଇଁ ରାଜଧାନୀର କେନ୍ଦ୍ରସ୍ଥଳ ଏହି ସ୍ଥାନଟି ଏକ ଅସାମାଜିକଙ୍କ ଆଡ୍ଡା ପାଲଟି ଯାଇଛି। ଏଠାରେ ନିର୍ମାଣ କରାଯାଇଥିବା ୧୫ ଗୋଟି କିଓସ୍କର ଚିହ୍ନବର୍ଣ୍ଣ ଆଉ ନାହିଁ। ଦୀର୍ଘଦିନ ହେବ ଅସୁସ୍ଥତା କାରଣରୁ ଏହି ଗୋଷ୍ଠୀର ସମ୍ପାଦକ ପ୍ରଫୁଲ୍ଲ କୁମାର ଭୋଇ ଏହାର ଦେଖାଶୁଣା କରି ପାରୁନାହାନ୍ତି। ଅନ୍ୟ ହିତାଧିକାରୀ ଅଳ୍ପ ଶିକ୍ଷିତ ହୋଇଥିବାରୁ ଏଠାରେ ଏହି ଜବରଦଖଲକାରୀଙ୍କୁ ସାମ୍ନା କରି ନ ପାରି ସ୍ୱାବଲମ୍ବୀ ହେବା ବଦଳରେ ବାଧହୋଇ ମୂଲ ଲାଗି ପେଟ ପୋଷୁଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ଓରମାସ୍ ଖୋର୍ଦ୍ଧା ଜିଲା ଅଧିକାରୀ ଗୁଣ୍ଡିଚା ବେହେରାଙ୍କୁ ପଚାରିବାରୁ ଓରମାସ୍ କେବଳ ମନିଟରିଂ କାର୍ଯ୍ୟ କରିଥାଏ। ମାତ୍ର ନିର୍ମାଣ, ପରିମଳ, ବିଦ୍ୟୁତ୍ ଓ ପାଣି ସମସ୍ତ କାର୍ଯ୍ୟ ବିଏମସି ତତ୍ତ୍ୱାବଧାନରେ ହୋଇଥାଏ। ତଥାପି ଲିଖିତ ଭାବେ ଜଣାଇଲେ ପୁନର୍ବାର ଏମାନଙ୍କୁ ଥଇଥାନ ନେଇ ଆମ ପକ୍ଷରୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇପାରେ ବୋଲି ସେ କହିଛନ୍ତି। ଏ ନେଇ ବିଏମସି ଡେପୁଟି କମିଶନର ଅଶୋକ ମହାନ୍ତିଙ୍କୁ ପଚାରିବାରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଅନେକ ସମୟରେ ବଦଳିଥାନ୍ତି। ଏଣୁ ଏ ପ୍ରକାର ଅବ୍ୟବସ୍ଥା ହୋଇଯାଇ ଥାଇ ପାରେ। ଲିଖିତ ଭାବେ ସମସ୍ତ ଦସ୍ତାବିଜ ସହ ହିତାଧିକାରୀ ଆମକୁ ଜଣାଇଲେ ଆବଶ୍ୟକ ସ୍ଥଳେ ଜବରଦଖଲ ଉଚ୍ଛେଦ କରାଯିବା ସହ ସେମାନଙ୍କୁ ଥଇଥାନ ନେଇ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ରାଜ୍ୟରେ ଆର୍ଥିକ ଭିତ୍ତିରେ ୧୦% ସଂରକ୍ଷଣ ଦାବିରେ ଧାରଣା

ଭୁବନେଶ୍ୱର,୧୯।୨(ବ୍ୟୁରୋ)




କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୯ ଫେବୃୟାରୀ ପହିଲାରୁ ଗରିବ ସାଧାରଣବର୍ଗ ପିଲାଙ୍କ ପାଇଁ ଆର୍ଥିକ ଭିତ୍ତିରେ ଲାଗୁ କରାଯାଇଥିବା ୧୦% ସଂରକ୍ଷଣ ଏ ପର୍ଯ୍ୟନ୍ତ ଓଡ଼ିଶାରେ ନିଯୁକ୍ତି କ୍ଷେତ୍ରରେ ଲାଗୁ ହୋଇନାହିଁ। ଏ ନେଇ କ୍ରାନ୍ତିବୀର ଫାଉଣ୍ଡେଶନ ଏବଂ ଓଡ଼ିଶା ଆର୍ଥିକ ଦୁର୍ବଳ ଶ୍ରେଣୀ ମଞ୍ଚ ପକ୍ଷରୁ ବୁଧବାର ବିଧାନସଭା ସମ୍ମୁଖରେ ଧାରଣା ଦିଆଯାଇଥିଲା। ରାଜ୍ୟ ସରକାର ଚଳିତ ବିଧାନସଭା ସତ୍ରରେ ଏହି ଆର୍ଥିକ ଆଧାରିତ ୧୦% ଆରକ୍ଷଣକୁ ତୁରନ୍ତ ଲାଗୁ କରିବା ପାଇଁ ଘୋଷଣା କରିବାକୁ ମଞ୍ଚର ସଭାପତି କୁଳମଣି ମିଶ୍ର ଆହ୍ୱାନ ଦେଇଛନ୍ତି। ଏ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମ ଜରିଆରେ ସ୍ୱର ଉତ୍ତୋଳନ ପରେ ବି ରାଜ୍ୟ ସରକାର ଶୁଣୁ ନାହାନ୍ତି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରାନ୍ତିବୀର ଫାଉଣ୍ଡେସନର ପ୍ରମୁଖ ସଦସ୍ୟ ଇଂ ଦୀପକ ଜେନା, ଦୀନବନ୍ଧୁ ଷଡ଼ଙ୍ଗୀ, ଡ. କୈଳାସ ଚନ୍ଦ୍ର ବିଶ୍ୱାଳ, ଉଦ୍ଧବ କର, ଶୁଭ୍ରଜିତ ଦାଶ, ପ୍ରକାଶ ମାଝୀ ପ୍ରମୁଖ ଯୋଗଦେଇଥିଲେ।

# ମାଈ ଗୟଳ ନାକରୁ ପଡୁଛି ରକ୍ତ

ବାରଙ୍ଗ,୧୯।୨(ଡି.ଏନ୍.ଏ.)




ଗତ କିଛିଦିନର ବ୍ୟବଧାନ ପରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପୁଣିଥରେ ଜଣେ ଜୀବ ଅସୁସ୍ଥ ହୋଇପଡ଼ିଛି। ଚଳିତ ଫେବୃୟାରୀ ମାସରେ ମାଣ୍ଡାରିନ ଡକ୍, ନୀଳରଙ୍ଗର ଏଣ୍ଡୁଅ, ବଳିଆ କୁକୁର ମୃତ୍ୟୁବରଣ କରିଥିବାବେଳେ ଗତ ସାତଦିନ ହେବ ଏକ ଦଶବର୍ଷର ମାଈ ଗୟଳଟି ଅସୁସ୍ଥ ହୋଇ ନାକରୁ ରକ୍ତସ୍ରାବ ହେବାରେ ଲାଗିଛି। ପ୍ରଥମରୁ ମାଈ ଗୟଳଟିର ଡାହାଣ ଗୋଡ଼ରେ କୌଣସି ମାଡ଼ ହୋଇ ଛୋଟେଇବା ଆରମ୍ଭ କରିଥିଲା। ଏହାପରେ ନନ୍ଦନକାନନର ଡାକ୍ତରମାନେ ଚିକିତ୍ସା କରିବାରୁ ସେ ସୁସ୍ଥ ହୋଇଯାଇଥିଲା। ଶନିବାର ଭେଟନାରି କଲେଜରୁ ଏକ ଡାକ୍ତରୀଦଳ ଆସି ଅସୁସ୍ଥଥିବା ଗୟଳର ସ୍ୱାସ୍ଥ୍ୟାବସ୍ଥାକୁ ପରଖିଥିଲେ। କିନ୍ତୁ ବୁଧବାର ସକାଳେ ଏନକ୍ଲୋଜରରେ ମାଈ ଗୟଳଟି ବିଚରଣ କରୁଥିବାବେଳେ ହଠାତ ତା'ର ନାକରୁ ରକ୍ତ ପଡୁଥିବାର କର୍ମଚାରୀମାନେ ଦେଖି ଡାକ୍ତରଙ୍କୁ ଜଣାଇଥିଲେ। ଡାକ୍ତରମାନେ ଆସି ଗୟଳକୁ ଅଲଗାକରି ଇଞ୍ଜେକ୍ସନ ଦେବା ପରେ ରକ୍ତସ୍ରାବ ବନ୍ଦ ହୋଇଯାଇଥିଲା। କିନ୍ତୁ ଅପରାହ୍ନରେ ପୁଣି ସେହି ସମସ୍ୟା ଦେଖାଦେଇଥିଲା। ଏହାର ପ୍ରକୃତ କାରଣ ଜାଣିବାପାଇଁ ଗୟଳର ରକ୍ତନମୁନାକୁ ଭେଟନାରି କଲେଜକୁ ପଠାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଣ୍ଡିଗଡ଼ର ଛତବିର ଚିଡ଼ିଆଖାନାରୁ ୪ ପାଣିଗୋଧି, ୪ ଚଉସିଙ୍ଗା, ୪ ଧଳା ବାଜେଣୀ ବଦଳରେ ନନ୍ଦନକାନନକୁ ଆସିଥିଲା ହଳେ ଗୟଳ। ୧୬ ମେ ୨୦୧୫ରେ ନନ୍ଦନକାନନର ଏକ ପ୍ରତିନିଧି ଦଳ ସେଠାକୁ ଯାଇ ୨୫ରେ ଗୟଳକୁ ଆଣିବା ପରେ ୧୮ଜୁନରେ ଗୋଟିଏ ଛୁଆକୁ ଜନ୍ମ ଦେଇଥିଲା। କିନ୍ତୁ ୪ ଜୁଲାଇ ୨୦୧୬ରେ ଜନ୍ମିତ ଛୁଆଟିର ମୃତ୍ୟୁ ହୋଇଥିଲା। ଏହାପରେ ୨୦୧୬ରେ ଗୋଟିଏ, ୨୦୧୭ରେ ଦୁଇଟି ଓ ୨୦୧୯ମସିହାରେ ଗୋଟିଏ ଛୁଆ ଜନ୍ମ ହୋଇ ଏବେ ସେମାନଙ୍କ ସଂଖ୍ୟା ୫ରେ ପହଞ୍ଚିଛି।

# ନିର୍ଦ୍ଧାରିତ ସମୟରେ ପାଠ୍ୟକ୍ରମ ସାରିବାକୁ ମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ଜ୍ଞାନର ପରିସୀମା ବୃଦ୍ଧି ଘଟୁଥିବା ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡୁଛି। ଏହା ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ। ଏହାର ସଫଳତା ପାଇଁ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନର ବିକାଶ, ଗବେଷଣା ଓ ଦକ୍ଷତା ବିକାଶ ଆଦିକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଅନେକଗୁଡ଼ିଏ ପରିବର୍ତ୍ତନକାରୀ ସଂସ୍କାର ଆଣିଛନ୍ତି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ବୁଧବାର କୃଷି ଭବନଠାରେ ଆୟୋଜିତ ବିଶ୍ୱବ୍ୟାଙ୍କ ସହାୟତାରେ ଓଡ଼ିଶା ହାୟର ଏଜୁକେଶନ୍ ପ୍ରୋଗ୍ରାମ ଫର୍ ଏକ୍ସିଲେନ୍ସି ଆଣ୍ଡ ଇକ୍ୱିଟି କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଦିଗ୍‌ଦର୍ଶନ କର୍ମଶାଳାରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଏହା କହିଥିଲେ। ଶିକ୍ଷାରେ ବିନିଯୋଗ ହେଉଥିବା ଅର୍ଥ ହେଉଛି ମାନବ ପାଇଁ ଶ୍ରେଷ୍ଠ ପୁଞ୍ଜିଲଗାଣ। ତେଣୁ ବିଶ୍ୱବ୍ୟାଙ୍କ ସହାୟତାରେ ପରିଚାଳିତ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ କରି ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣି ଛାତ୍ରୀଛାତ୍ରଙ୍କୁ ଏହାର




କର୍ମଶାଳାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଉଦ୍‌ବୋଧନ ଦେଉଛନ୍ତି।

ସୁଫଳ ଯୋଗାଇଦେବାକୁ ପଡ଼ିବ। ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଲାଗି ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା ରହିଛି। ଶିକ୍ଷାନୁଷ୍ଠାନରେ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି କରି ଶିକ୍ଷାଦାନ ସହିତ ନିର୍ଦ୍ଧାରିତ ସମୟରେ ପାଠ୍ୟକ୍ରମ ଶେଷ କରି ପରୀକ୍ଷା ଓ ପରୀକ୍ଷା ଫଳ ପ୍ରକାଶ କରିବାକୁ ମନ୍ତ୍ରୀ କର୍ମଶାଳାରେ ଯୋଗଦେଇଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ଏବଂ ବିଶ୍ୱବିଦ୍ୟାଳୟ ପ୍ରତିନିଧିମାନଙ୍କୁ କହିଥିଲେ।

ଏହି କାର୍ଯ୍ୟକ୍ରମ ଜରିଆରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଶାସନିକ ଦକ୍ଷତା ବୃଦ୍ଧି ଏବଂ ଆର୍ଥିକ ପରିଚାଳନାରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ପ୍ରଶାସନିକ ଦକ୍ଷତା ବୃଦ୍ଧି, ଶିକ୍ଷାନୁଷ୍ଠାନ ଆର୍ଥିକ ପରିଚାଳନାରେ ଉନ୍ନତି ଓ ସ୍ୱଚ୍ଛତା ଆଣିବା ସହ ଅନ୍‌ଲାଇନ୍ କ୍ୟାସ୍‌ବୁକ୍ ଲେଖିବା ପାଇଁ ଏକ ସ୍ୱତନ୍ତ୍ର ସଫ୍ଟୱେୟାର ପ୍ରଚଳନ, ଅଧ୍ୟାପକମାନଙ୍କୁ ପ୍ରଶିକ୍ଷଣ ବ୍ୟବସ୍ଥା, ଶିକ୍ଷାନୁଷ୍ଠାନର ନାକ୍ ମାନ୍ୟତା ହାସଲ, ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗ ବୃଦ୍ଧି ଆଦି ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶା ହାୟର ଏଜୁକେଶନ୍ ପ୍ରୋଗ୍ରାମ ଫର୍ ଏକ୍ସିଲେନ୍ସି ଆଣ୍ଡ ଇକ୍ୱିଟି କାର୍ଯ୍ୟକ୍ରମର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପରମେଶ୍ୱରନ୍ ବି. କର୍ମଶାଳା ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ଫେବୃୟାରୀ, ୨୦୨୦



ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ନୀତି ଆୟୋଗର ପୂର୍ବତନ ସିଇଓ ସିନ୍ଧୁଶ୍ରୀ ଖୁଲାର ଓ ଅନ୍ୟମାନଙ୍କୁ ଦିଲ୍ଲୀର ଏକ ଅଦାଲତ ବୁଧବାର ଜାମିନ ମଞ୍ଜୁର କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ଓ ତାଙ୍କ ପୁଅ କାର୍ତ୍ତୀ ଏବେ ଜାମିନରେ ଅଛନ୍ତି। ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାର ଏହି ମାମଲାରେ ଅର୍ଥମନ୍ତ୍ରୀଙ୍କ ପୂର୍ବତନ ଓଏସ୍‌ଡି ପ୍ରଦୀପ କୁମାର ବାଗା ଏବଂ ପୂର୍ବତନ ଏଫଆଇପିବି ନିର୍ଦ୍ଦେଶକ ପ୍ରବୋଧ ସାକ୍ସେନାଙ୍କୁ ମଧ୍ୟ ଜାମିନ ପ୍ରଦାନ କରିଛନ୍ତି।



## ସଂକ୍ଷେପରେ

### ମହାଶିବରାତ୍ରି ତିଥିକୁ ନେଇ ଦ୍ୱନ୍ଦ୍ୱ

ପୁରୀ ଅଫିସ,୧୯।୨: ପବିତ୍ର ମହାଶିବରାତ୍ରି ତିଥିକୁ ନେଇ ଦ୍ୱନ୍ଦ୍ୱ ରହିଛି। ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏଭଳି ଅଭିଯୋଗ କରିଛନ୍ତି ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର। ମିଶ୍ର ଉଲ୍ଲେଖ କରିଛନ୍ତି ଯେ, ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ରାଧାରମଣ ପ୍ରେସ୍ ପଞ୍ଜିକାରେ ୨୧ ତାରିଖରେ ସ୍ମାର୍ତ୍ତସମ୍ମତ ଓ ୨୨ ତାରିଖରେ ବୈଷ୍ଣବସମ୍ମତ ମହାଶିବରାତ୍ରି ନିର୍ଦ୍ଧାରଣ ଭକ୍ତଙ୍କୁ ବିଭ୍ରାନ୍ତ କରୁଛି। ମହାଶିବରାତ୍ରି ଦିନ ଓଡ଼ିଶାରେ ହରିହର ଭେଟ ନୀତି ଥିବାରୁ ଏହା ଗୋଟିଏ ଦିନରେ ପାଳନୀୟ ବୋଲି ଅନ୍ୟ ସମସ୍ତ ପଞ୍ଜିକାରେ ନିର୍ଣ୍ଣୟ ରହିଛି। ତେଣୁ ଏଭଳି ତ୍ରୁଟିପୂର୍ଣ୍ଣ ନିର୍ଣ୍ଣୟ ଓଡ଼ିଶାରେ ଧର୍ମ ବ୍ୟବସ୍ଥାର ବାଧକ ବୋଲି ପଞ୍ଜିକା ସମୀକ୍ଷକ ମିଶ୍ର ଦର୍ଶାଇଛନ୍ତି। ଏ ସମ୍ପର୍କରେ ରାଧାରମଣ ପ୍ରେସ୍‌ର ସୁବ୍ରତ ଗରାବଡୁ କହିଛନ୍ତି, ପଞ୍ଜିକାର ପାଣ୍ଡୁଲିପି ମୁକ୍ତିମଣ୍ଡପ ପଣ୍ଡିତ ସଭାରେ ଆଲୋଚନା ପରେ ମହାଶିବରାତ୍ରି ତିଥି ପାଳନ ସମ୍ବନ୍ଧରେ ନିର୍ଣ୍ଣୟ କରାଯାଇଛି। ଏ ସଂକ୍ରାନ୍ତରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସଭାପତି ଆଦିତ୍ୟ ହୃଦୟ ମିଶ୍ରଙ୍କୁ ପଚାରିବାରେ କହିଛନ୍ତି, ପଣ୍ଡିତମାନେ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ପରେ ମହାଶିବରାତ୍ରି ତିଥି ନିର୍ଣ୍ଣୟ କରାଯାଇଛି। ତେଣୁ ଏହା ସମ୍ପୂର୍ଣ୍ଣ ଠିକ୍ ଅଛି।

# ଧନୀଙ୍କୁ ମିଳୁଛି ପ୍ରଧାନମନ୍ତ୍ରୀ ଆବାସ

ଭୁବନେଶ୍ୱର,୧୯।୨(ବ୍ୟୁରୋ)



■ ମୁଲତବୀ ଆଲୋଚନା ବେଳେ ବିରୋଧୀଙ୍କ ଅଭିଯୋଗ
■ ବିଧାୟକମାନଙ୍କ ହାତରେ ଘର ବାଣ୍ଟିବା ବ୍ୟବସ୍ଥା ରଖିବାକୁ ଦାବି

ଆମେମାନେ ଜନ ପ୍ରତିନିଧି । ଲୋକଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ରହୁଛୁ। ଯେଉଁ ଗରିବ ଲୋକ ଘର ଖଣ୍ଡେ ପାଇ ନାହାଁନ୍ତି ସେମାନେ ଆମକୁ ଅଭିଯୋଗ କରୁଛନ୍ତି। ଆମେ ସେମାନଙ୍କ ପାଇଁ କିଛି କରି ପାରୁ ନାହୁଁ। ଲୋଗୋ ପଛେ ଯାହାର ଲାଗୁଛି ଲାଗୁ ବିଧାୟକମାନଙ୍କୁ କିଛି ଘର ବାଣ୍ଟିବାର ଅଧିକାର ଦିଆଯାଉ। ବୁଧବାର ବିଧାନସଭା ମୁଲତବୀ ଆଲୋଚନା ବେଳେ ସରକାରଙ୍କୁ ବିରୋଧୀ ଦଳ ସଦସ୍ୟମାନେ ଗୁହାରି କରିଛନ୍ତି । 'ସରକାର ତୁମେ ଏ କି କଲ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କାଘର କାହିଁକି କଲ' ଶୀର୍ଷକ ମୁଲତବୀ ଆଲୋଚନାରେ ଅଂଶ ଗ୍ରହଣ କରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଥିଲେ ଯେ ହିତାଧିକାରୀଙ୍କୁ ଘର ଦେଇ ମାର୍ବଲରେ କେବଳ ପ୍ରଧାନମନ୍ତ୍ରୀଙ୍କ ଫଟୋ କାହିଁକି ସେଥିରେ ବିଜୁ ପକ୍କାଘର ଲୋଗୋ ମଧ୍ୟ ଲଗାଯାଉ। ବିଜୁ ପଟ୍ଟନାୟକଙ୍କ ଲୋଗୋ ମଧ୍ୟ ଲଗାଇ ଦିଆଯାଉ ସେଥିରେ କିଛି ଅସୁବିଧା ନାହିଁ ହେଲେ ବିଧାୟକମାନଙ୍କ ହାତରେ କିଛି ଘର ବାଣ୍ଟିବାର ସୁବିଧା ରଖାଯାଉ। ବିରୋଧୀ ଦଳ ନେତାଭାବେ କାହା ଘର ପୋଡ଼ିଗଲେ କିମ୍ବା କୌଣସି କାରଣରୁ ଭାଙ୍ଗିଗଲା ପରେ ସେମାନଙ୍କ ପାଖରେ ପହଞ୍ଚୁଛୁ । ଗରିବ ଲୋକମାନେ ଭାବୁଛନ୍ତି ଏତେବଡ଼ ନେତା ଆସିଛନ୍ତି । ଆମକୁ ଘର ମାଗି ଦେଉଛନ୍ତି ମାତ୍ର ଆମେ ଅସହାୟ ହୋଇଯାଉଛୁ। ତେଣୁ ଏସବୁକୁ ଗୁରୁତ୍ୱ ଦେଇ ଆମ ହାତରେ ୩୦୦ଘର ବାଣ୍ଟିବାର ବ୍ୟବସ୍ଥା କରାଯାଉ। ସରକାର ଏ ଦିଗରେ ଗୁରୁତର ସହ ବିଚାର କରନ୍ତୁ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ବ୍ୟାପକ ଦୁର୍ନୀତି ହେଉଛି। ଉତ୍ତର ଓଡ଼ିଶାର ବହୁ ନେତା ଗରିବଙ୍କୁ ବାଦ୍ ଦେଇ ଧନୀଙ୍କୁ ସରକାରୀ ଘର ବଣ୍ଟନ କରୁଛନ୍ତି। ଏମିତି ବହୁତ ଅଭିଯୋଗ ଆସି ସାରିଛି। ପଶ୍ଚିମ ଓଡ଼ିଶା ନେତାମାନେ କେବେ ହେଲେ ଏମିତି କରିବେ ନାହିଁ। ଅଯୋଗ୍ୟଙ୍କୁ ବାଦ୍‌ଦେଇ ଯୋଗ୍ୟ ହିତାଧିକାରୀ ଚୟନ ଠିକ୍ ଢଙ୍ଗରେ କରାଯାଉ ବୋଲି ପ୍ରସ୍ତାବ ଦେଇଛନ୍ତି। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ, ଗାଁ ଗହଳିରେ ଲୋକମାନେ ଏବେ ମଧ୍ୟ ଗୋଟିଏ ନାଁ କହୁଛନ୍ତି ତାହା ହେଲା ଇନ୍ଦିରା ଆବାସ ଯୋଜନା। କେବଳ ଓଡ଼ିଶା ନୁହେଁ ସବୁ ରାଜ୍ୟର ଲୋକଙ୍କ ମୁଣ୍ଡରେ ଅଛି ଇନ୍ଦିରା ଆବାସ ଯୋଜନା ଦରକାର। କେନ୍ଦ୍ରରେ ଉପା ସରକାର ଥିବାବେଳେ କେନ୍ଦ୍ର ୭୫ ପ୍ରତିଶତ ଅଂଶଧନ ଏବଂ ରାଜ୍ୟକୁ ୨୫ପ୍ରତିଶତ ଅଂଶ ଧନ ଦେବାକୁ ପଡୁଥିଲା। ଭାଜପା ସଦସ୍ୟମାନେ ଏଠି ଲୋଗୋ ବାବଦରେ କଳି କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିପରି ଅଂଶଧନ ୯୦ ପ୍ରତିଶତ ଏବଂ ରାଜ୍ୟର ୧୦ପ୍ରତିଶତ ହେବ ସେ ଦିଗରେ ଦାବି କରନ୍ତୁ। ନାଁ ପାଇଁ ବିଜେଡି ଓ ଭାଜପା ଯେତେ କଳି କଲେ ମଧ୍ୟ ଲୋକେ ଇନ୍ଦିରା ଆବାସ ଯୋଜନା ବୋଲି କହିବେ। ଆବାସ ଯୋଜନାରେ ଲୋକମାନେ ଠିକ୍ ସମୟରେ ଅର୍ଥ ପାଉନାହାନ୍ତି ବ୍ୟାଙ୍କ ଆଗରେ ଦୌଡି ଦୌଡି ହଇରାଣ ହେଉଛନ୍ତି। ବହୁ ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ୍ ପଡୁଛନ୍ତି। ଘର ମିଳିବା କଥା ଉଠିଲେ ସମସ୍ତେ ଆବେଦନ କରିବାକୁ ବାଦ୍ ପଡୁଛନ୍ତି। ବହୁ ଗରିବ ଘର ଖଣ୍ଡେ ନ ପାଇ ବିଧାୟକଙ୍କ ପାଖକୁ ଆସୁଛନ୍ତି। ଆଗରୁ ବିଧାୟକଙ୍କ ହାତରେ ୨୦୦ଖଣ୍ଡ ଘର ବାଣ୍ଟିବାର ସୁବିଧା ଥିଲା। ମାତ୍ର ବର୍ତ୍ତମାନ ତାହା ଉଠାଇ ଦିଆଯାଇଛି। ଏବେ ସେମିତି ସୁବିଧା ରଖାଯାଉ। ରାଜନେତା ଯେମିତି ମନଇଚ୍ଛା ଅଯୋଗ୍ୟ ହିତାଧିକାରୀଙ୍କୁ ନ ଦେଇପାରିବେ ସେଥିଲାଗି ଏକ ଗାଇଡ ଲାଇନ ପ୍ରସ୍ତୁତ ହେଉ ବୋଲି ସାଲୁଜା କହିଛନ୍ତି। ଭାଜପା ସଦସ୍ୟ ମୋହନ ମାଝୀ, ମୁକେଶ ମହାଲିଙ୍ଗ ପ୍ରମୁଖ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଦୁର୍ନୀତି କଥା କହି ସରକାରଙ୍କ ଉପରେ ବର୍ଷିଥିଲେ । ଯୋଗ୍ୟ ହିତାଧିକାରୀ କିପରି ଏଥିରେ ସାମିଲ ହୋଇପାରିବେ ସେଦିଗରେ ସରକାର ସଚେତନ ହୁଅନ୍ତୁ ବୋଲି କହିଥିଲେ। ଭାସ୍କର ମଢ଼ାଇ କହିଲେ ପଞ୍ଚାୟତସ୍ତରରେ ରହୁଥିବା ଗରିବ ଏବଂ ଆଦିବାସୀମାନେ ସଚେତନତା ଅଭାବରୁ ଶୋଷଣର ଶିକାର ହେଉଛନ୍ତି। ବହୁ ସାଧାରଣ ଲୋକ ଏସ୍‌ଇସିସି ତାଲିକାରୁ ବାଦ୍ ପଡିଛନ୍ତି। ସେମାନଙ୍କୁ ତାଲିକାରେ ସାମିଲ କରାଯାଉ ନଚେତ୍ ଗରିବଙ୍କ ଅଭିଶାପ ପଡିଯିବ ବୋଲି ସେ କହିଛନ୍ତି। କଂଗ୍ରେସ ସଦସ୍ୟ ମହମ୍ମଦ ମୋକିମ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନା ନେଇ ଲଢ଼େଇ ଚାଲୁ ସେଥିରେ କିଛି କଥା ନାହିଁ ମାତ୍ର ଯୋଗ୍ୟ ହିତାଧିକାରୀ ଉପକୃତ ହେଉଛନ୍ତି କି ନାହିଁ ତାହା ଗୁରୁତ୍ୱପୂର୍ଣ୍ଣ। ଭାଜପା ସଦସ୍ୟମାନେ ଯଦି ନାଁକୁ ନେଇ ଲଢ଼େଇ କରୁଛନ୍ତି ତେବେ ଏହି ଯୋଜନାରେ ଅନୁଦାନ ବୃଦ୍ଧି ପାଇଁ ମଧ୍ୟ କେନ୍ଦ୍ର ନିକଟରେ ଦାବି କରନ୍ତୁ। ବିଜେଡି ଯଦି ନିଜ ଯୋଜନାର ଲୋଗୋ ଲଗାଇବାକୁ ଏତେ ବ୍ୟାକୁଳ ତେବେ ହିତାଧିକାରୀ ଚୟନରେ ସ୍ୱଚ୍ଛତା ରଖିବାକୁ ଚେଷ୍ଟା କରୁ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ମଧ୍ୟ ବିଧାୟକଙ୍କ ହାତରେ ୫୦୦ ଘର ବାଣ୍ଟିବାର ବ୍ୟବସ୍ଥା କରିବା ଲାଗି ଦାବି କରିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ମାସଲ, ଧ୍ରୁବ ସାହୁ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ଅଂଶଧନ ସମ୍ପର୍କରେ ବିବରଣୀ ଦେଇ ପଲଟା ଟାର୍ଗେଟ କରିଥିଲେ। ଏହାସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜୁ ପକ୍କାଘର ଲୋଗୋ ଲଗାଇବା ଯଥାର୍ଥ ବୋଲି ଯୁକ୍ତି ବାଢ଼ିଛନ୍ତି।

## ମାର୍ଚ୍ଚ ଯାଏ ବଢ଼ିବନି ତାତି

■ ୨୨ରୁ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଫେବୃୟାରୀ ଶେଷ ଯାଏ ପାଗ ଅନୁକୂଳ ରହିବ। ଅଧିକ ଗରମ ଅନୁଭୂତ ହେବ ନାହିଁ। ଉତ୍ତର ପଶ୍ଚିମ ଦିଗରୁ ଭୂପୃଷ୍ଠରୁ ୧୨ କି.ମି ଉଚ୍ଚତାରେ ଥଣ୍ଡା ବାୟୁ ଘଣ୍ଟାକୁ ୧୦୦ କି.ମି ବେଗରେ ବହୁଛି। ଏଥିଯୋଗୁ ରାଜ୍ୟରେ ଗରମ ଅନୁଭୂତ ହେବ ନାହିଁ। ଦିନର ତାପମାତ୍ରା ୩୦ରୁ ୩୧ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ। ରାତ୍ରିରେ ଥଣ୍ଡା ଅନୁଭୂତ ହେବ। ଆସନ୍ତା ୨୨ରୁ ୨୬ ତାରିଖ ଯାଏ ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ନୟାଗଡ଼, ବଲାଙ୍ଗୀର, କୋରାପୁଟ, ଖୋର୍ଦ୍ଧା, କଟକ, ଭଦ୍ରକ ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି। ସେହିପରି ଏହି ସମୟ ମଧ୍ୟରେ ଅନୁଗୋଳ, ସୋନପୁର, ବୌଦ୍ଧ, ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଥଣ୍ଡା ବାୟୁ ପ୍ରବାହିତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏ ନେଇ ଏଲୋଓ୍ୱାର୍ନିଂ ଜାରି କରାଯାଇଛି।

### ହୀରାକୁଦ୍ ଡ୍ୟାମ୍ ପୁରସ୍କୃତ

■ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୯।୨(ବ୍ୟୁରୋ): ସମ୍ବଲପୁର ସ୍ଥିତ ହୀରାକୁଦ୍ ଡ୍ୟାମ୍‌କୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ଉତ୍ତମ ଭିତ୍ତିଭୂମି ପାଇଁ ପୁରସ୍କୃତ କରାଯାଇଛି। କେନ୍ଦ୍ରୀୟ ଜଳସେଚନ ଓ ଶକ୍ତି ବୋର୍ଡ (ସିବିଆଇପି)ପକ୍ଷରୁ ଓଡ଼ିଶାକୁ ଏହି ସମ୍ମାନ ମିଳିଛି। ଏଥିପାଇଁ ଜଳସମ୍ପଦ ବିଭାଗକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର ସିବିଆଇପି କର୍ତ୍ତୃପକ୍ଷଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିବା ଜଣାପଡ଼ିଛି।

## ଆଟେଣ୍ଡାନ୍ସ ଖାତାରେ ପୂର୍ବତନ ବିଧାୟକଙ୍କ ନାମ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

**ଉଦ୍‌ବେଗ ପ୍ରକାଶ କଲେ ପାଲଲହଡ଼ା ବିଧାୟକ**

ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ପ୍ରଥମଥର ବିଧାୟକ ହୋଇଛନ୍ତି। ଯେତେବେଳେ ବିଧାନସଭାର ଅଧିବେଶନରେ ଯୋଗ ଦେବାକୁ ଆସୁଛନ୍ତି ବିଧାୟକଙ୍କ ଅଟେଣ୍ଡାନ୍ସ ଖାତାରେ ରହିଛି ପୂର୍ବତନ ବିଧାୟକଙ୍କ ନାମ। ଥରେ ନୁହେଁ କି ଦୁଇ ଥର ନୁହେଁ ୩ ଥର ଏଭଳି ଅଜବ ଅବସ୍ଥା ଦେଖି ସେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବୁଧବାର ଶୂନ୍ୟକାଳରେ ସେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ବିଧାନସଭା ଅଧିବେଶନ ବେଳେ ଯେତେବେଳେ ଉପସ୍ଥାନ ଖାତାରେ ଦସ୍ତଖତ କରିବାକୁ ଯାଉଛି ସେତେବେଳେ ସେଠାରେ ପୂର୍ବତନ ବିଧାୟକଙ୍କ ନାମ ଲେଖା ହୋଇଛି। ଏହା ବିଧାୟକଙ୍କ ପ୍ରତି ଅପମାନ ନୁହେଁ କି ବୋଲି ସେ ପ୍ରଶ୍ନ କରିଥିଲେ। ବାରମ୍ବାର ଏଭଳି କରାଯାଉଛି ବୋଲି ସେ ଅଭିଯୋଗ ଆଣିଥିଲେ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଆଶ୍ୱାସନା ଦେଇ କହିଥିଲେ ଯେ ଆଉ ସେ ଭୁଲ ହେବ ନାହିଁ। ବିଧାନସଭା ସଚିବଙ୍କୁ ଏ ନେଇ ନିର୍ଦ୍ଦେଶ ଦେବି ବୋଲି କହିଥିଲେ।

## କଂଗ୍ରେସ ଗଡ଼ରେ ବାଜିଲା ଶଙ୍ଖ

**ଜିଲା ପରିଷଦ ଅଧକ୍ଷ ପଦ ହାତେଇଲେ ବିଜେଡିର ଗଙ୍ଗାଧର ପୁଆଲା**



ବିଜୟ ପରେ ବିଜେଡି ନେତା ଓ କର୍ମୀମାନେ ଖୁସି ମନାଉଛନ୍ତି ।

ରାୟଗଡ଼ା ଅଫିସ,୧୯।୨

କଂଗ୍ରେସ ଗଡ଼ରେ ବାଜିଲା ଶଙ୍ଖ। ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ବୁଧବାର ହୋଇଥିବା ଉପନିର୍ବାଚନରେ ବିଜେଡିର ଗଙ୍ଗାଧର ପୁଆଲା ବିଜୟୀ ହୋଇଛନ୍ତି । କଂଗ୍ରେସ ପାଖରେ ସଂଖ୍ୟା ବଳ ଥିଲା। ବିଜେଡି ପାଖରେ ଥିଲେ ମାତ୍ର ୭ ସଦସ୍ୟ। କିନ୍ତୁ ଏହା ସତ୍ତ୍ୱେ ଗଙ୍ଗାଧର ୧୩ ଖଣ୍ଡ ଭୋଟ ପାଇ ଅଧକ୍ଷ ପଦ ହାତେଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଆଶୁତୋଷ କିଲାକାଙ୍କୁ ମିଳିଛି ୫ଟି ଭୋଟ୍। ବିଜୟୀ ହେବା ପରେ ଗଙ୍ଗାଧର ପୁଆଲା କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଓ ବିଜେଡିର ଉନ୍ନୟନ କାମରେ ଭରସା ରଖି ସଦସ୍ୟମାନେ ତାଙ୍କୁ ଜିତାଇଛନ୍ତି।

ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ବୁଧବାର ନିର୍ବାଚନ ହୋଇଥିଲା। ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ପାଇଁ କଂଗ୍ରେସର କୋଲନରା ବ୍ଲକ ସମିତି ସଭ୍ୟ ଆଶୁତୋଷ କିଲାକା ଓ ବିଜେଡି ରାୟଗଡ଼ା ଜୋନର ଗଙ୍ଗାଧର ପୁଆଲା ପ୍ରାର୍ଥିପତ୍ର ଦାଖଲ କରିଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାର ଥିଲା। କିନ୍ତୁ ସକାଳ ୭ ଟାରୁ ଭାଜପା ଓ କଂଗ୍ରେସର କେତେକ ସଦସ୍ୟ ନିର୍ବାଚନ କାର୍ଯ୍ୟାଳୟରେ ପ୍ରବେଶ କରିବାରୁ ୩ ଦଳର ସଦସ୍ୟ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ସ୍ଥିତି ଶାନ୍ତ ପଡ଼ିବା ସହ ନିର୍ବାଚନ ହୋଇଥିଲା। ପୂର୍ବ ନିର୍ବାଚନରେ କ୍ରସ ଭୋଟିଂର ତିକ୍ତ ଅନୁଭୂତି ଯୋଗୁ ଭୋଟଦାନରୁ ବିରତ ରହିବା ପାଇଁ ମଙ୍ଗଳବାର ହୁଇପ୍ ଜାରି କରିଥିଲା ଭାଜପା। କିନ୍ତୁ ଦଳର ୨ ସଦସ୍ୟ ପୁଷ୍ପାଞ୍ଜଳି ମୁଢ଼ିକା ଓ ନେତ୍ରାନନ୍ଦ କୈବର୍ତ୍ତ ଏହାକୁ ନ ମାନି ଭୋଟ୍ ଦେଇଥିଲେ। ସେହିପରି କଂଗ୍ରେସର ୪ ସଦସ୍ୟ କ୍ରସ ଭୋଟିଂ କରିଛନ୍ତି। ବିଜେଡି ଘୋଡ଼ା ବେପାର କରିଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ଓ ଭାଜପା। ଉଭୟ ଦଳର ଜିଲା ସଭାପତି ଓ କର୍ମୀ ଜିଲାପାଳ ପ୍ରମୋଦ ବେହେରାଙ୍କୁ ଭେଟି ଏ ନେଇ ଅଭିଯୋଗ ରଖିଛନ୍ତି। କିନ୍ତୁ ଏନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇବାକୁ ପରାମର୍ଶ ଦେଇଛନ୍ତି ଜିଲାପାଳ। ନିର୍ବାଚନ ଅଧିକାରୀ ଅମ୍ରିତ ରତୁରାଜ କହିଛନ୍ତି, ଶୃଙ୍ଖଳାର ସହ ନିର୍ବାଚନ ସରିଛି। ୨୧ ଜଣ ସଦସ୍ୟଙ୍କ ମଧ୍ୟରୁ ୨ ଜଣ ଭୋଟଦାନରୁ ବିରତ ଥିବାବେଳେ ୧୯ ଜଣ ଭୋଟ ଦେଇଥିଲେ। ଏଥିରୁ ଗୋଟିଏ ନାକଚ ହୋଇଛି। ନିର୍ବାଚନ କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ବାଚନ ଅଧିକାରୀ ଭାବେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା, ଜିଲା ପଞ୍ଚାୟତ ଅଧିକାରୀ ରାମକୃଷ୍ଣ ଗଣ୍ଡ ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

ସୂଚନାଯୋଗ୍ୟ,୨୦୧୭ରେ ୨୨ ଜଣ ଜିଲା ପରିଷଦ ସଭ୍ୟ ଥିଲେ ।

**ନାଟକୀୟ ପରିବର୍ତ୍ତନ**

■ ହୁଇପ୍ ମାନିଲେନି ଭାଜପାର ୨ ସଦସ୍ୟ
■ କ୍ରସ୍ ଭୋଟିଂର ଫାଇଦା ନେଲା ବିଜେଡି
■ ୪ କଂଗ୍ରେସ ସଭ୍ୟ କ୍ରସ୍ ଭୋଟିଂ କରିଥିବା ଅଭିଯୋଗ
■ ବିଜେଡି ଘୋଡ଼ା ବେପାର କରିଛି: କଂଗ୍ରେସ/ଭାଜପା

କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ ୧୦ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିଲେ । ସେ ସମୟରେ କଂଗ୍ରେସର ଜଣେ ଓ ଭାଜପାର ୨ ସଦସ୍ୟ କ୍ରସ ଭୋଟିଂ କରିଥିବା ଜଣା ପଡ଼ିଥିଲା । କିନ୍ତୁ ଦୁର୍ଘଟଣାରେ ପୁରୁଷୋତ୍ତମଙ୍କ ମୃତ୍ୟୁ ହୋଇଥିଲା । ପରେ ରାଜ୍ୟ ନିର୍ବାଚନ ଅଧିକାରୀ ପୁଣି ଥରେ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ କରିବାକୁ ବିଜ୍ଞପ୍ତି ଜାରି କରିଥିଲେ ।

## ଆସନ୍ତା ବର୍ଷ ଖୋଲିବ ଶାସ୍ତ୍ରୀୟ ଓଡ଼ିଆ ପ୍ରତିଷ୍ଠାନ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

**ବିଧାନସଭାରେ ବିବୃତି ରଖିଲେ ସଂସ୍କୃତି ମନ୍ତ୍ରୀ**

କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ୨୦୧୪ ମାର୍ଚ୍ଚ ୧୧ ତାରିଖରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେବା ପରେ ଏ ପର୍ଯ୍ୟନ୍ତ ଟଙ୍କାଟିଏ ଅନୁଦାନ ଦେଇ ନାହାନ୍ତି। ଅନୁଦାନ ଦେବା ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟର ୯୦:୧୦ ଆନୁପାତିକ ସହଭାଗିତା ତଥ୍ୟ ବିଭାଗରେ ଉପଲବ୍ଧ ନାହିଁ। ଓଡ଼ିଶା ସରକାର ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୃଷ୍ଟି କରିବା ସହ ପ୍ରଶାସନିକ ଶବ୍ଦକୋଷର ପ୍ରଣୟନ, କାର୍ଯ୍ୟାଳୟ ନଥି ପ୍ରସ୍ତୁତି ଆଦି ଅନେକ କିଛି କରିଛନ୍ତି। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ପରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ୨୦୦୪ ନଭେମ୍ବର ୧ ତାରିଖରେ ପ୍ରକାଶିତ ସଂକଳ୍ପରେ ଉଲ୍ଲେଖ ଥିବା ବ୍ୟବସ୍ଥା ଅନୁଯାୟୀ ପଦକ୍ଷେପ ନେଉଛନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ମଙ୍ଗଳବାର ଉଠାଇଥିବା ପ୍ରସଙ୍ଗ ଉପରେ ବୁଧବାର ବିଧାନସଭାରେ ବିବୃତି ଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ ଏହା କହିଛନ୍ତି। ଭୁବନେଶ୍ୱରଠାରେ ଏକ ଶାସ୍ତ୍ରୀୟ ଓଡ଼ିଆ ପ୍ରତିଷ୍ଠାନ ନାମରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ଉତ୍କଳ ବିଶ୍ୱ ବିଦ୍ୟାଳୟର ପୁରୁଣା କ୍ୟାମ୍ପସ, ସର୍ଦ୍ଦାର ପଟେଲ କମ୍ପ୍ଲେକ୍ସରେ କାର୍ଯ୍ୟ କରିବ। ସେଥିପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବାର ସମ୍ଭାବନା ରହିଛି। ଏହି କେନ୍ଦ୍ର ପ୍ରତିଷ୍ଠା ହେବା ପରେ କେନ୍ଦ୍ର ସରକାରଙ୍କୁ ଆର୍ଥିକ ଅନୁଦାନ ପାଇଁ ଯୋଗାଯୋଗ କରାଯିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସରକାର ଅଙ୍ଗୀକାରବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।

## ଯୁବକଙ୍କୁ ନିର୍ମମ ହତ୍ୟା

■ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଲେ
■ ପୂର୍ବଶତ୍ରୁତା ସନ୍ଦେହ, ଚାପା ଉତ୍ତେଜନା



ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସର ତଦନ୍ତ।

ଢେଙ୍କାନାଳ ଅଫିସ, ୧୯।୨

ଢେଙ୍କାନାଳ ସହରସ୍ଥିତ ଦୋଳମଣ୍ଡପ ସାହି ନିକଟରେ ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ସ୍ଥାନୀୟ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ବେହେରା ଓରଫ ମିଛୁ (୪୭)। କେତେଜଣ ଯୁବକ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ହତ୍ୟା ପଛର କାରଣ ପୂର୍ବଶତ୍ରୁତା ବୋଲି ଅନୁମାନ କରାଯାଉଛି। ଘଟଣା ପରେ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଦୋଳମଣ୍ଡପ ସାହି ନିକଟ ଏକ ବରଗଛ ତଳେ ପୂର୍ଣ୍ଣଚନ୍ଦ୍ର ବସିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସେ ଜୀବନ ବଞ୍ଚାଇବାକୁ ଦୌଡ଼ି ଦୌଡ଼ି ପଳାଇଯିବାକୁ ଚେଷ୍ଟା କରୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଖଣ୍ଡାରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। କ୍ଷତାକ୍ତ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ର ଏକ ବାଲିଗଦାରେ ପଡ଼ିଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ଟାଉନ ଥାନା ଏବଂ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବର ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ଧାନ କିଣାକୁ ନେଇ ଉଦ୍‌ବେଗ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

**ଗୃହକୁ ରିପୋର୍ଟ ଦେବାକୁ ଯୋଗାଣ ମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ**

ଟୋକନ ବ୍ୟବସ୍ଥା ଓ ଧାନ କିଣାକୁ ନେଇ ବୁଧବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ବିରୋଧୀ ଏବଂ ଶାସକ ଦଳର ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଶୂନ୍ୟକାଳରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ। ସେ ଅଭିଯୋଗ କରିଥିଲେ ଯେ କଳାହାଣ୍ଡି ଜିଲାରେ ଧାନ ଗଜା ହେଲାଣି। ମନ୍ତ୍ରୀ କହୁଛନ୍ତି ସବୁ ଧାନ କିଣାଯାଉଛି। ଧାନ ରଖି ଚାଷୀ କରିବେ କ'ଣ। ସରକାର ସବୁ ପାଇଁ ଉତ୍ତରଦାୟୀ । ସରକାର ନିଜ ଏଜେନ୍ସି ଜରିଆରେ ଧାନ କଣିବା ଦରକାର। ଚାଷୀମାନେ କିଛି କହି ପାରୁ ନାହାନ୍ତି। ଆମକୁ ପଠାଇଛନ୍ତି କହିବାକୁ। ଆମେ କହିଲେ ଯଦି ଆପଣ ନଶୁଣିବେ। ଖାଲି କହି ନିଜେ ଖୁସି ହେଲେ କ'ଣ ହେବ। ସମସ୍ୟା ସମାଧାନ ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ। ସମସ୍ତ ଧାନ ଯେପରି କିଣା ହେବ ସେ ନେଇ ବ୍ୟବସ୍ଥା କରନ୍ତୁ ବୋଲି ବିରୋଧୀ ଦଳ ନେତା କହିଥିଲେ। ବିଜେଡି ସଭ୍ୟ କିଶୋର ମହାନ୍ତି, ରାଜେନ୍ଦ୍ର ସାହୁ, ଭାଜପା ସଭ୍ୟ କୁସୁମ ଟେଟେ ପ୍ରମୁଖ ଧାନ କିଣାକୁ ନେଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଦସ୍ୟମାନଙ୍କର ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଧାୟକମାନଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବା ସହିତ ଗୃହକୁ ରିପୋର୍ଟ ଦେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପୋଲ ଗାର୍ଡ଼ୱାଲ ଉପରେ ଚଢ଼ିଗଲା ବସ୍

ପାଟପୁର,୧୯।୨

ଗଞ୍ଜାମ-ଗଜପତି ସୀମାନ୍ତ ଟି.ଗୋବିନ୍ଦପୁର ପଞ୍ଚାୟତ ଖେମୁଣ୍ଡିଖୋଲ ନିକଟରେ ବୁଧବାର ପୂର୍ବାହ୍ନ ପ୍ରାୟ ସାଢେ ୯ଟାରେ ଏକ ଯାତ୍ରିବାହୀ ବସ୍ ପୋଲ ଗାର୍ଡ଼ୱାଲ୍ ଉପରକୁ ଚଢ଼ିଯାଇଥିଲା। ବସ୍‌ଟି ତଳକୁ ନ ଖସି ଲାଗି ରହିଯିବାରୁ ଏଥିରେ ଥିବା ୫୫ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ଗଜପତି ଜିଲା ଜିରାଙ୍ଗରୁ ବ୍ରହ୍ମପୁର ଅଭିମୁଖେ 'ବିକ୍ରାନ୍ତ' ନାମକ ଏକ ଘରୋଇ ବସ ୫୫ ଜଣ ଯାତ୍ରୀଙ୍କୁ ନେଇ ଆସୁଥିଲା। ଖେମୁଣ୍ଡିଖୋଲ ନିକଟ ବୁଲାଣୀରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକକୁ ସାଇଡ୍ ଦେବାକୁ ଯାଇ ବସ୍‌ଟି ପୋଲ ଗାର୍ଡ଼ୱାଲ୍ ଉପରକୁ ଚଢ଼ିଯାଇଥିଲା। ତେବେ ବସ୍‌ଟି ପୋଲ ତଳକୁ ନ ଖସି ପାର୍ଶ୍ୱରେ ଅଟକି ରହିଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି। ଉକ୍ତ ପୋଲଟି ରାଜପଥଠାରୁ ଅତି ସଂକୀର୍ଣ୍ଣ ଥିବାରୁ ସେଠାରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।



ଆଜିର ଲକ୍ଷ୍ୟ କାହାରି ଅନିଷ୍ଟ ନ କରି, କାହାକୁ ପୀଡ଼ା ନ ଦେଇ ସ୍ୱଚ୍ଛନ୍ଦ ଜୀବନଯାପନର କଳାକୁ ଆୟତ୍ତ କରିବା। ଏ ଲକ୍ଷ୍ୟ ସାଧନ ପାଇଁ ସମସ୍ତେ ଲାଗିଲେ ସମାଜରୁ ଦୁଃଖ ଓ ଦୁରାଚାର ଯିବ, ସମସ୍ତେ ସୁଖୀ ହେବେ।
- ରମାଦେବୀ



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧ୍ୟାହ୍ନ ୧୨ଟା।
- ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଟ୍ରଫି ଉନ୍ମୋଚନ, କିଟ୍ ରଗ୍‌ବୀ ପଡ଼ିଆ, ଅପରାହ୍ନ ୨ଟା ୪୫।
- ଏଫଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ପାଇଁ ଭାରତ ଓ ଅଷ୍ଟ୍ରେଲିଆ ଦଳର ଅଭ୍ୟାସ, କଳିଙ୍ଗ ଷ୍ଟାଡିୟମ, ଅପରାହ୍ନ ୫ଟା।
- ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ଆସର, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।

କଟକ
- ଖ୍ରୀଷ୍ଟ କଲେଜ ପକ୍ଷରୁ କ୍ୟାରିୟର କଲେଜ କାଉନସେଲିଂ କାର୍ଯ୍ୟକ୍ରମ, କଲେଜ ପରିସର, ପୂର୍ବାହ୍ନ ୧୦ଟା।



ଉଚ୍ଛେଦକୁ ବିରୋଧ କରୁଛନ୍ତି ସାଲିଆସାହି ଅଧୀନ ୪ ବସ୍ତିର ବାସିନ୍ଦା।



ବିକ୍ଷୋଭକାରୀଙ୍କ ସହ ଟ୍ରାଫିକ୍ ଡିସିପି ଆଲୋଚନା କରୁଛନ୍ତି।



ଉଚ୍ଛେଦକାରୀ ଟିମ୍‌ର ବାଟ ଓଗାଳିଛନ୍ତି ବସ୍ତିବାସିନ୍ଦା।

# ଠେଙ୍ଗାବାଡ଼ିରେ ରୋକିଲେ ବସ୍ତି ଉଚ୍ଛେଦ

**ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ନିର୍ମାଣ ପ୍ରସଙ୍ଗ**

- ମିଳିତ ଉଚ୍ଛେଦ ଟିମ୍‌କୁ ପିଲାଛୁଆ ଧରି ଘେରିଲେ ୪ ବସ୍ତିର ବାସିନ୍ଦା
- ମାଟ୍ରିକ୍ ପରୀକ୍ଷା ପରେ ହେବ ବସ୍ତିବାସିନ୍ଦାଙ୍କ ଘର ଉଚ୍ଛେଦ
- ଏବେ ଖାଲି ହେବ ଦୋକାନ ବଜାର ଓ ବ୍ୟବସାୟିକ ସ୍ଥାନ
- ୨୨୩ ପରିବାରକୁ ମିଳିବ ୨୫/୧୨ ବର୍ଗଫୁଟର ଜମି, ୨୫ହଜାର ଟଙ୍କା କ୍ଷତିପୂରଣ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ସମାନ୍ତରାଳ ରାସ୍ତା ପାଇଁ ଉଚ୍ଛେଦବେଳେ ସାଲିଆସାହିରେ ବୁଧବାର ତୀବ୍ର ବିରୋଧର ସମ୍ମୁଖୀନ ହୋଇଛି ପୋଲିସ ଓ ମିଳିତ ଉଚ୍ଛେଦକାରୀ ଟିମ୍। ୬ଶହ ବର୍ଗଫୁଟର ଜମି ପଟ୍ଟା ଓ ଜଙ୍ଗଲ ଜମିରୁ ବଳପୂର୍ବକ ଉଚ୍ଛେଦର ପ୍ରତିବାଦ କରି କିଛିଦିନ ଧରି ଆନ୍ଦୋଳନକୁ ଓହ୍ଲାଇଥିବା ୪ ବସ୍ତିର ବାସିନ୍ଦା ହାତରେ ଠେଙ୍ଗା, ବାଡ଼ି ଧରି ବାଟ ଓଗାଳିଛି। ଘର ଭାଙ୍ଗିବାକୁ ଯାଇଥିବା ବୁଲ୍ ଡୋଜର ଆଗରେ ଶୋଇ ରହି ବିକ୍ଷୋଭ ପ୍ରଦର୍ଶନ ସହ ନାନା ନାରାବାଜି ଦେଇଥିଲେ। ଅଧିକାରୀମାନେ ବୁଝାଶୁଝା କରିଥିଲେ ମଧ୍ୟ ବସ୍ତି ବାସିନ୍ଦାମାନେ ନିଜ ଜିଦ୍‌ରେ ଅଟଳ ରହି ଦୀର୍ଘ ସମୟ ଧରି ମୁହାଁମୁହିଁ ହୋଇଥିଲେ। ଶେଷରେ ମୁଣ୍ଡ ନୁଆଁଇଥିଲା ଉଚ୍ଛେଦକାରୀ ଟିମ୍। ଏହାକୁ ନେଇ ସକାଳୁ ଅପରାହ୍ନ ଯାଏ ସାଲିଆସାହିରେ ଉତ୍ତେଜନା ଲାଗି ରହିଥିଲା।

ସୂଚନାଯୋଗ୍ୟ, ଜୟଦେବ ବିହାରରୁ ବାରଙ୍ଗ ରାସ୍ତାରେ ଟ୍ରାଫିକ ଜାମ୍ ସମସ୍ୟା ଦୂର କରିବା ପାଇଁ ରାସ୍ତାର ଦୁଇପାର୍ଶ୍ୱରେ ସମାନ୍ତରାଳ ଭାବେ ଦୁଇଟି ରାସ୍ତା ନିର୍ମାଣ ଚାଲିଛି। ସିଆର୍‌ପିଏଫ୍ ଛକରୁ ସାଲିଆସାହି ଓ ଇନଫୋସିସ୍ ଦେଇ ବାରଙ୍ଗ ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ସିଆର୍‌ପିଏଫ୍ ଛକରୁ ବାହାରି ସାଲିଆସାହି ଓ ଇନ୍‌ଫୋସିଟି ଦେଇ ବାରଙ୍ଗକୁ ଛୁଇଁବ। ଡାହାଣ ପାର୍ଶ୍ୱ ସମାନ୍ତରାଳ ରାସ୍ତା ଆଚାର୍ଯ୍ୟ ବିହାରରୁ ଭୁବନେଶ୍ୱର ନ୍ୟୁ ରେଲ୍‌ୱେ ଷ୍ଟେଶନ ଦେଇ ବାରଙ୍ଗ ପର୍ଯ୍ୟନ୍ତ ଯିବ। ଏହି ୨ଶହ ଫୁଟିଆ ରାସ୍ତା ପାଇଁ ଏବେ ଜମି ଅଧିଗ୍ରହଣ ପ୍ରମୁଖ ସମସ୍ୟା ପାଲଟିଛି। ଇତିମଧ୍ୟରେ ବାମପାର୍ଶ୍ୱ ରାସ୍ତା ନିର୍ମାଣ ଅଧାରୁ ଅଧିକ ସରିଥିବାବେଳେ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ କେତେକ ସ୍ଥାନରେ ଅଟକି ରହିଛି। ଘରୋଇ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାବେଳେ ସରକାରୀ ଜମିରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ସାଲିଆସାହିର ଗୌଡ଼ ବସ୍ତି, ବୀରବସ ବସ୍ତି, ଶ୍ରୀକ୍ରିଷ୍ଣାନଗର ବସ୍ତି ଓ ଲକ୍ଷ୍ମୀପୁର ବସ୍ତି ଉଚ୍ଛେଦ ହେବାର ଆବଶ୍ୟକତା ରହିଛି। ତେଣୁ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ କମିଶନରେଟ ପୋଲିସର ମିଳିତ ଉଚ୍ଛେଦକାରୀ ଟିମ୍ ସୁରକ୍ଷା ପାଇଁ ୧୦ ପ୍ଲାଟୁନ ପୋଲିସ ଫୋର୍ସ ସହ ବୁଧବାର ପୂର୍ବାହ୍ନରେ ଉଚ୍ଛେଦ ପାଇଁ ନାଲ୍‌କୋ ଛକ ଆଡୁ ଘଟଣାସ୍ଥଳ ଅଭିମୁଖେ ଯାଉଥିଲା। କଳିଙ୍ଗ ହସ୍ପିଟାଲ ଦେଇ ହୋଟେଲ ସୂର୍ଯ୍ୟାଂଶୁ ନିକଟରେ ଉଚ୍ଛେଦ ହେବାକୁ ଥିବା ସାଲିଆସାହିର ୪ ବସ୍ତିର ବାସିନ୍ଦା ସେମାନଙ୍କୁ ଘେରିଯାଇଥିଲେ। ପ୍ରଥମେ ୬ଶହ ବର୍ଗଫୁଟ ଜମିର ପଟ୍ଟା ଦିଅ, ତା'ପରେ ଆମକୁ ଉଚ୍ଛେଦ କର ବୋଲି କହି ବୁଲ୍ ଡୋଜର ଆଗରେ ୫ଶହ ମହିଳା ଓ ପୁରୁଷ ସେମାନଙ୍କ ପିଲାଛୁଆ ଧରି ବସି ଯାଇଥିଲେ। ସେମାନେ ହାତର ଠେଙ୍ଗାବାଡ଼ି ଓ ହୋର୍ଡିଂ ଧରି ବିରୋଧ କରିଥିଲେ।




ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ, ଡିସିପି ଅନୁପ ସାହୁ, ଟ୍ରାଫିକ ଡିସିପି ସାଗରିକା ନାଥ, ବିଡିଏ ଅତିରିକ୍ତ କମିଶନର ହରିଶଚନ୍ଦ୍ର ନାୟକ, ବିଏମ୍‌ସି ଅତିରିକ୍ତ କମିଶନର ଅବନୀକାନ୍ତ ପଟ୍ଟନାୟକ ପ୍ରମୁଖ ବରିଷ୍ଠ ପଦାଧିକାରୀ ପହଞ୍ଚି ବସ୍ତିବାସିନ୍ଦାଙ୍କୁ ବୁଝାଶୁଝା କରିଥିଲେ। ହେଲେ ସେମାନେ ଉଚ୍ଛେଦ କରାଇ ଦେବେନି ବୋଲି ଜିଦ୍ ଧରି ଥିଲେ। ଏହାପରେ ସେଠାରେ ବୈଠକ ବସି ଆଲୋଚନା ହୋଇଥିଲା। ବର୍ତ୍ତମାନ ପିଲାଙ୍କର ମାଟ୍ରିକ ପରୀକ୍ଷା ଚାଲିଛି। ତେଣୁ ବର୍ତ୍ତମାନ କୌଣସି ଘର ଭଙ୍ଗା ହେବନି। କେବଳ ଖାଲି ସ୍ଥାନ ଓ ଦୋକାନ ବଜାର ଭାଙ୍ଗିବାକୁ ସେମାନେ ସହମତି ପ୍ରକାଶ କରିଥିଲେ। ମାଟ୍ରିକ୍ ପରୀକ୍ଷା ସରିଲେ ବସ୍ତିବାସିନ୍ଦାଙ୍କୁ ସାଲିଆ ସାହିର ଅନ୍ୟତ୍ର ଥଇଥାନ କରାଯିବା ପରେ ଉଚ୍ଛେଦ ହେବ ବୋଲି ସହମତି ପ୍ରକାଶ ପାଇଥିଲା। ବିଏମ୍‌ସି କମିଶନର ଚୌଧାରୀ କହିଥିଲେ, ବିଏମ୍‌ସି ଦ୍ୱାରା କ୍ଷତିପୂରଣ ବାବଦକୁ ପରିବାର ପିଛା ୨୫ ହଜାର ଟଙ୍କା ଓ ୭ ଦିନର ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ। ୨୦/୩୦ ବର୍ଗଫୁଟ ନୁହେଁ, ୨୨୩ ପରିବାରକୁ ୨୫/୧୨ ବର୍ଗଫୁଟ ଲେଖାଏ ଜମି ଦିଆଯିବ। ସଫଳ ଆଲୋଚନା ପରେ ବସ୍ତିବାସିନ୍ଦା ପ୍ରତିବାଦସ୍ଥଳରୁ ଉଠିଥିଲେ।

## ବିସ୍ଥାପନ ପୂର୍ବରୁ ଥଇଥାନ କର: ଓଏଚ୍‌ଆର୍‌ସି

**କଟକ ଅଫିସ, ୧୯।୨:** ବସ୍ତିବାସିନ୍ଦାଙ୍କୁ ବିସ୍ଥାପନ ପୂର୍ବରୁ ଥଇଥାନ କରିବାକୁ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ବୁଧବାର ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ ଏ ସମ୍ବନ୍ଧୀୟ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାର ଶୁଣାଣି ଆସନ୍ତା ମାର୍ଚ୍ଚ ୧୯ ତାରିଖ ହେବ। ଏ ନେଇ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲର ଦ୍ୱିତୀୟ କ୍ୟାମ୍ପସ ପାଇଁ ବସ୍ତିଗୁଡ଼ିକ ଉଚ୍ଛେଦ କରାଯାଇଥିଲା। ସେମାନଙ୍କୁ ଠିକ୍ ଭାବେ ଥଇଥାନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରା ନ ଯାଇ ଜୋର ଜବରଦସ୍ତ ବସ୍ତି ଉଚ୍ଛେଦ କରାଯାଇଥିଲା। ବିସ୍ଥାପନ ପୂର୍ବରୁ ଥଇଥାନ କରିବାକୁ ମଞ୍ଚର କର୍ମକର୍ତ୍ତାମାନେ ଗତ ୩ ତାରିଖରେ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ।

## ୭ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଭୁବନେଶ୍ୱର,୧୯।୨(ବ୍ୟୁରୋ):** ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବୁଧବାର ସ୍ଥାନୀୟ ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯିବା ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୭ଦଫା ସମ୍ବଳିତ ଏକ ଦାବିପତ୍ର ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସମିତି ପକ୍ଷରୁ ଦିଆଯାଇଥିବା ଦାବିଗୁଡ଼ିକ ହେଲା, ୨୦୧୯ ଜୁଲାଇରୁ ୫% ମହଙ୍ଗା ଭତ୍ତା ୨୦୨୦ ଫେବୃୟାରୀ ଦରମାରେ ପ୍ରଦାନ କରିବା, ଅନୁକମ୍ପାମୂଳକ ନିଯୁକ୍ତି ନିମନ୍ତେ ପ୍ରକାଶିତ ଆଦେଶକୁ ବାତିଲ କରି ପୂର୍ବଭଳି ନିଯୁକ୍ତି ପ୍ରକ୍ରିୟା ଚାଲୁ ରଖିବା, ୨୦୧୬ରୁ ସଂଶୋଧିତ ଘରଭଡ଼ା ଭତ୍ତା ଦେବା, ୨୦୦୫ ପରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ସ୍ଥିରୀକୃତ ପେନ୍‌ସନ ଦେବା ଆଦି ଦାବିରେ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିଲା। ସମସ୍ୟାଗୁଡ଼ିକୁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ସହ ଏହାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ ନିମନ୍ତେ ଆଶୁ ପଦକ୍ଷେପ ନେବା ପାଇଁ ସମିତି ଦାବି କରିଛି। ଗତ କିଛି ଦିନ ପୂର୍ବେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ୭ ଦଫା ଦାବି ପୂରଣ ପାଇଁ ରାଜଧାନୀ ଶାଖାର ସଭାପତି ଅକ୍ଷୟ ଜେନା, ସମ୍ପାଦକ କାହ୍ନୁଚରଣ ମଲ୍ଲିକ, ସଭାପତି (ଯାନ୍ତ୍ରିକ), ରାଜ୍ୟ ଜଳ ଯାନ୍ତ୍ରିକ କର୍ମଚାରୀ ସଂଘ ପ୍ରଶାନ୍ତ ମହାନ୍ତି ପ୍ରମୁଖ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ବିନ୍ଦୁସାଗରରେ ବିଦେଶାଗତ ପକ୍ଷୀ



ପୁରୁଣା ଭୁବନେଶ୍ୱର, ୧୯।୨ (ଡି.ଏନ.ଏ.)

ବିନ୍ଦୁସାଗରରେ ବୁଧବାର ୫୦୦ରୁ ଊର୍ଦ୍ଧ୍ୱ ବିଦେଶାଗତ ପକ୍ଷୀ ପହଁଚୁଥିବା ଦେଖିବାକୁ ମିଳିଥିଲା। କିଛିବର୍ଷ ହେଲାଣି ଚିଲିକା ଗମନ କରୁଥିବା ପକ୍ଷୀମାନଙ୍କ ମଧ୍ୟରୁ କେତେକ ଏଠାରେ ସାମୟିକ ରହଣି କରିଥାନ୍ତି। ତେବେ ଚଳିତବର୍ଷ ଶୀତ ଛାଡ଼ି ଯାଉଥିବାବେଳେ ବହୁ ବିଳମ୍ବରେ ହେଲେ ମଧ୍ୟ ଏହି ବିଦେଶାଗତ ପକ୍ଷୀଗୁଡ଼ିକୁ ବିନ୍ଦୁସାଗରରେ ଦେଖିବା ପାଇଁ ଗହଳି ହୋଇଛି। ପକ୍ଷୀଗୁଡ଼ିକୁ ଦେଖି ପକ୍ଷୀପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ପକ୍ଷୀପ୍ରେମୀ ଅଶୋକ ଶତପଥୀ କୁହନ୍ତି, ପୂର୍ବରୁ ପୁଷ୍କରଣୀଟିରେ ପଦ୍ମନାଡ ଭର୍ତ୍ତି ହୋଇଥିବାବେଳେ ଏବେ ସମ୍ପୂର୍ଣ୍ଣ ସଫେଇ କରାଯାଇଛି। ହୁଏତ ଖାଦ୍ୟ ଅନ୍ୱେଷଣରେ ଆସୁଥିବା ପକ୍ଷୀଗୁଡ଼ିକ ପାଇଁ ଚଳିତବର୍ଷ ପାଗ ଅନୁକୂଳ ହୋଇଥିଲେ ହେଁ ଏଠାରେ ବିଚରଣ ପାଇଁ ମଣି ନ ଥିଲେ। ସିଟି ଡିଏଫ୍‌ଓ ଅଶୋକ ମିଶ୍ରଙ୍କୁ ପଚାରିବାରେ ବିଦେଶାଗତ ପକ୍ଷୀମାନଙ୍କ ଆଗମନ ପୂର୍ବବର୍ଷ ଅପେକ୍ଷା ବିଳମ୍ବ ଓ ସଂଖ୍ୟା ହ୍ରାସ ହୋଇଛି ବୋଲି ସେ କହିଛନ୍ତି।

## ନନ୍ଦନକାନନ କାର୍ଯ୍ୟ ଅନୁଧ୍ୟାନ କଲେ କାମ୍ପା ପ୍ରତିନିଧି

**ବାରଙ୍ଗ,୧୯।୨(ଡି.ଏନ୍.ଏ.):** ନନ୍ଦନକାନନରେ ହେଉଥିବା ବିଭିନ୍ନ ଟେଣ୍ଡର ଓ ନିର୍ମାଣ କାର୍ଯ୍ୟଗୁଡ଼ିକରେ ଅନିୟମିତତା ହେଉଥିବା ଅଭିଯୋଗ ହେବା ପରେ ଗତ ବୁଧବାର ଭିଜିଲାନ୍ସର ଦୁଇଜଣିଆ ଟିମ ଆସି ସମସ୍ତ କାର୍ଯ୍ୟ ବୁଲି ଦେଖିବା ସହ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ୭ଦିନ ପରେ ବୁଧବାର କାମ୍ପାର ଦୁଇଜଣିଆ ପ୍ରତିନିଧି ଦଳ ନନ୍ଦନକାନନ ଆସି କେତେକ କାମକୁ ଅନୁଧ୍ୟାନ କରି ଫେରିଛନ୍ତି। ନନ୍ଦନକାନନର ବିକାଶ କ୍ଷେତ୍ରରେ କାମ୍ପାର ଆର୍ଥିକ ଅନୁଦାନର ବିନିଯୋଗ ହେଉଥିବାରୁ ଏହାର ତର୍ଜମା କରିଛନ୍ତି ଏହି ଦଳ। କାମ୍ପାର ଅନୁଦାନରେ ରାସ୍ତା ନିର୍ମାଣ, ଦଳ ସଫା, ଚାରାରୋପଣ ସାଙ୍ଗକୁ ବିଭିନ୍ନ ଏନ୍‌କ୍ଲୋଜରର ମରାମତି କାର୍ଯ୍ୟ ହୋଇଥିବାରୁ ଏହି ପ୍ରତିନିଧି ଦଳ ଉକ୍ତ କାର୍ଯ୍ୟଗୁଡ଼ିକର ମାନ ପରଖିଥିଲେ। ନନ୍ଦନକାନନ କର୍ତ୍ତୃପକ୍ଷ ଏହି ପ୍ରତିନିଧି ଦଳଙ୍କ ସହ ରହି ହୋଇଥିବା କାର୍ଯ୍ୟଗୁଡ଼ିକୁ ଦେଖାଇଥିଲେ। ତେବେ ହଠାତ୍ ଭିଜିଲାନ୍ସ ପରେ କାମ୍ପା ପ୍ରତିନିଧିଙ୍କର ଆଗମନକୁ ନେଇ ନନ୍ଦନକାନନରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି।

## କ୍ୟାପିଟାଲ ହସ୍ପିଟାଲରେ ଜରାରୋଗୀ ୱାର୍ଡ ଉଦ୍‌ଘାଟିତ

- ରହିଛି ୧୦ ଶଯ୍ୟା
- ମିଳିବ ଉତ୍ତମ ମାନର ଚିକିତ୍ସା
- ଉପକୃତ ହେବେ ବରିଷ୍ଠ ନାଗରିକ



ଭୁବନେଶ୍ୱର, ୧୯।୨(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲର କାୟାକଳ୍ପରେ ବ୍ୟାପକ ସୁଧାର ଆସିଥିବାବେଳେ ବୁଧବାର ହସ୍ପିଟାଲ ପରିସରରେ ଜରାରୋଗୀ ୱାର୍ଡ ବା ଜେରିଆଟ୍ରିକ୍ ୱାର୍ଡ ଉଦ୍‌ଘାଟିତ ହୋଇଯାଇଛି। ବୃଦ୍ଧାବୃଦ୍ଧମାନଙ୍କ କ୍ଷେତ୍ରରେ ବୟସାଧିକ୍ୟ କାରଣରୁ ଦେଖା ଦେଉଥିବା ରୋଗର ଚିକିତ୍ସା ପାଇଁ ଏହି ୱାର୍ଡ ଖୋଲାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ୧୦ ଶଯ୍ୟା ବିଶିଷ୍ଟ ଏହି ୱାର୍ଡରେ ଉତ୍ତମ ମାନର ଚିକିତ୍ସା ସେବା ଯୋଗାଇଦେବା ଲାଗି ସମସ୍ତ ପ୍ରକାର ସୁବିଧା ରହିଛି। ଏହା ଦ୍ୱାରା ବାର୍ଦ୍ଧକ୍ୟଗ୍ରସ୍ତ ବରିଷ୍ଠ ନାଗରିକମାନେ ଗୁଣାତ୍ମକ ଚିକିତ୍ସା ସେବା ପାଇପାରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ କିଶୋର ଧଳ ଏବଂ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଅଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।

ଅପରାହ୍ନରେ ମନ୍ତ୍ରୀ ପଟିଆସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇ ସ୍ୱାସ୍ଥ୍ୟସେବାର ସ୍ଥିତି ସମୀକ୍ଷା କରିଥିଲେ। ଡାକ୍ତରଙ୍କ ସହ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଆଲୋଚନା କରିବା ସହ ଏଠାକୁ ଆସୁଥିବା ରୋଗୀମାନଙ୍କୁ କିପରି ଉପଯୁକ୍ତ ଚିକିତ୍ସାସେବା ମିଳିପାରିବ, ତା'ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ପରେ ନହରକଣ୍ଟାଠାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନବନିର୍ମିତ ବିଲ୍‌ଡିଂକୁ ଉଦ୍‌ଘାଟନ କରିଥିଲେ। ଏହିସବୁ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ୨୦ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୯।୨(ବ୍ୟୁରେ):** ଶହୀଦନଗର ଥାନା ଅନ୍ତର୍ଗତ କେଶୁରା ଅଞ୍ଚଳରେ ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଶାନ୍ତିପଲ୍ଲୀ ବସ୍ତି ଅଞ୍ଚଳର ଲୋକନାଥ ସାହୁ(୨୭)। ପୋଲିସ ତାଙ୍କଠାରୁ ଏକ ବସ୍ତାରୁ ୨୦ କେଜ ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଲୋକନାଥ କାହାରିକୁ ଗଞ୍ଜେଇ ଦେବା ପାଇଁ ରସ୍ତାକଡ଼ରେ ଅପେକ୍ଷା କରିଥିବା ବେଳେ ସୂଚନା ପାଇ ପୋଲିସ ଚଢାଉ କରିଥିଲା। ପୋଲିସ ୯୭/୨୦ରେ ମାମଲା ରୁଜୁ କରି ଲୋକନାଥଙ୍କୁ କୋର୍ଟଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଓୟୁଏଟିର ହେବ ବିକାଶ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ବିକାଶ ହେବ। ଏଥିପାଇଁ ଗତ ୧୭ତାରିଖରେ କୃଷି ଭବନଠାରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ହଷ୍ଟେଲର ଭିତ୍ତିଭୂମି, ନୂତନ ହଷ୍ଟେଲ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ଉପରେ ବୈଠକରେ ଆଲୋଚନା ହୋଇଥିଲା। କ୍ୟାମ୍ପସ ଭିତରେ ଅତିରିକ୍ତ ୧୦୦୦ ସିଟ୍‌ର ଏକ ହଷ୍ଟେଲ ନିର୍ମାଣ ହେବ। ଖାଲି ଜାଗା ଥିଲେ ଏକ ସ୍ପୋର୍ଟସ କମ୍ପ୍ଲେକ୍ସ ହେବ। ଓୟୁଏଟି, ଡିଏସ୍‌ଡବ୍ଲ୍ୟୁଓ ଏବଂ ଡିପିଏନ୍‌ଇ ନୋଡାଲ ଅଫିସର ତଥା ଭୁବନେଶ୍ୱର(ଆର୍‌ଆଣ୍ଡବି) ଡିଭିଜନ-୫ ଏକ୍ସିକ୍ୟୁଟିଭ୍ ଇଞ୍ଜିନିୟର ଶିଶିର ମିଶ୍ରଙ୍କ ନେତୃତ୍ୱରେ ପିଡବ୍ଲ୍ୟୁଡିର ଏକ ଟେକ୍ନିକାଲ ଟିମ୍ ହଷ୍ଟେଲ କାମର ତଦାରଖ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, '୫-ଟି' ସଚିବ ଭି. କେ. ପାଣ୍ଡିଆନ ଗତ ୧୭ତାରିଖ ସକାଳେ ଓୟୁଏଟିକୁ ଅଚାନକ ଗସ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ, ଲାବରେଟୋରି, ଖେଳପଡ଼ିଆ ସମେତ ଛାତ୍ରୀଛାତ୍ରଙ୍କ ହଷ୍ଟେଲ୍ ବୁଲି ଦେଖିବା ସହ ଭିତ୍ତିଭୂମିର ଅନୁଧ୍ୟାନ କରିଥିଲେ। ଓୟୁଏଟି ଭିତ୍ତିଭୂମିକୁ ଅଧିକ ସୁଦୃଢ଼ ଏବଂ ଏହାର ବିକାଶ ଲାଗି ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ସମ୍ପୃକ୍ତ ଅଧିକାରୀ ଏବଂ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ।





ଶୁକ୍ରବାର ମହାଶିବରାତ୍ରି: ଭୁବନେଶ୍ୱରର ପ୍ରସିଦ୍ଧ ଶୈବପୀଠ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଚତୁଃପାର୍ଶ୍ୱକୁ ଆକର୍ଷଣୀୟ ଢଙ୍ଗରେ ସଜାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ଫେବୃୟାରୀ, ୨୦୨୦



ଆଳସ୍ୟ ପରି ଶତ୍ରୁ କେହି ନାହିଁ। ଏହା ସମାଜର ସବୁ ସୁଖ ଶାନ୍ତିକୁ ନଷ୍ଟ କରିଦିଏ।
- ସନ୍ଥ ବିନୋବା ଭାବେ



## ମାଟ୍ରିକ ପ୍ରଶ୍ନପତ୍ର ଭାଇରାଲ ନେଇ ଏବିଭିପିର ଏତଲା

ଭୁବନେଶ୍ୱର,୧୯।୨(ବ୍ୟୁରୋ): ବୁଧବାର ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଓଡ଼ିଆ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ନେଇ ସାରା ରାଜ୍ୟରେ ଚର୍ଚ୍ଚା ହୋଇଥିଲା। ହେଲେ ଭାଇରାଲ ପ୍ରଶ୍ନପତ୍ର ଅସଲି ନୁହେଁ ନକଲି ବୋଲି ବୋର୍ଡ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। କିନ୍ତୁ ଏବିଭିପି ପକ୍ଷରୁ ପ୍ରଶ୍ନପତ୍ର ଭାଇରାଲ ସମ୍ପର୍କରେ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ପୂର୍ବରୁ ଅନେକ ଥର ପ୍ରଶ୍ନପତ୍ର ଭାଇରାଲ ହୋଇଛି। ଏଣୁ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଏତଲାରେ ଦର୍ଶାଯାଇଛି। ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମଲ୍ଲିକ, ଭୁବନେଶ୍ୱର ମହାନଗର ସମ୍ପାଦକ ସମ୍ବିତ ରାଉତ ଓ ଅନ୍ୟ କେତେଜଣ କାର୍ଯ୍ୟକର୍ତ୍ତା ଏତଲା ଦେବାକୁ ଥାନାକୁ ଯାଇଥିଲେ।

## ପରୀକ୍ଷା କେନ୍ଦ୍ର ବୁଲିଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧୯।୨(ବ୍ୟୁରୋ): ବୁଧବାର ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଦେଖିଛନ୍ତି। ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ମନ୍ତ୍ରୀ ପ୍ରଥମେ କ୍ୟାପିଟାଲ ହାଇସ୍କୁଲ ଓ ପରେ ୟୁନିଭରସିଟି ହାଇସ୍କୁଲ ପରିଦର୍ଶନ କରିଥିଲେ। ସେଠାରେ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିବା ସହ ପରୀକ୍ଷା ହଲ୍ ବୁଲିଥିଲେ।

## ଭୁବନେଶ୍ୱରରେ ପରୀକ୍ଷା ଦେଲେ ୧୧୪୯୦ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୯।୨(ବ୍ୟୁରୋ): ଭୁବନେଶ୍ୱର ବ୍ଲକ୍‌ରେ ୧୧୬୫୪ ଛାତ୍ରୀଛାତ୍ର ପରୀକ୍ଷା ଦେବା ଲାଗି ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ୧୧୪୯୦ଜଣ ପରୀକ୍ଷା ଦେଇଥିବାବେଳେ ୧୬୪ଜଣ ଅନୁପସ୍ଥିତ ଥିଲେ। ଭୁବନେଶ୍ୱର ବ୍ଲକ୍‌ରେ ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୧ ଉଚ୍ଚ ବିଦ୍ୟାଳୟ ଓ କ୍ୟାପିଟାଲ ହାଇସ୍କୁଲ ଆଦି ୩ ନୋଡାଲ୍ ସେଣ୍ଟର ହୋଇଛି। ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନରେ ମୋଟ ୪୪୨୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୟୁନିଟ୍-୧ ଉଚ୍ଚ ବିଦ୍ୟାଳୟ ଅଧୀନରେ ୨୬୭୨ ଓ କ୍ୟାପିଟାଲ ହାଇସ୍କୁଲ ଅଧୀନରେ ୪୩୮୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତେବେ ଭୁବନେଶ୍ୱର ବ୍ଲକ୍‌ରେ ମୋଟ ୪୧ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଏହି ବ୍ଲକ୍‌ରେ ପ୍ରଥମ ଦିନ ପରୀକ୍ଷା ପରିଚାଳନାରେ ସବୁକିଛି ଠିକ୍ ଥିବା ବିଇଓ ସସ୍ମିତା ମାଳି କହିଛନ୍ତି।



କଟକ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ଜଣେ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ଯାଞ୍ଚ କରାଯାଉଛି।

# ମାଟ୍ରିକ୍ ପରୀକ୍ଷା ପ୍ରଥମ ଦିନ
# ଉତ୍ସାହ ଭରିଦେଲା ସହଜ ପ୍ରଶ୍ନ



ଭୁବନେଶ୍ୱର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ କେନ୍ଦ୍ରକୁ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀମାନେ।

ଭୁବନେଶ୍ୱର, ୧୯।୨(ବ୍ୟୁରୋ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମ୍ୟାଟ୍ରିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନ ସାହିତ୍ୟ ଥିଲା। ପୂର୍ବାହ୍ନ ୧୦ଟାରେ ପରୀକ୍ଷା ଆରମ୍ଭ ହେବାକୁ ଥିବାରୁ ୯ଟାରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ପାଇଁ କୁହାଯାଇଥିଲା। ସେହି ଅନୁସାରେ ପିଲାମାନେ ୯ଟା ବେଳେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ଧାଡ଼ି କରି ପିଲାମାନେ ଭିତରକୁ ପ୍ରବେଶ କରିଥିଲେ ଓ କଡ଼ାକଡ଼ି ଭାବେ ସେମାନଙ୍କର ଯାଞ୍ଚ କରାଯାଉଥିଲା। ଆସନ୍ତା ଦିନଗୁଡ଼ିକରେ ଥିବା ପରୀକ୍ଷାଗୁଡ଼ିକ ୧୦ଟାରେ ଆରମ୍ଭ ହେବାକୁ ଥିଲେ ମଧ ୯ଟା ୨୦ରେ ପ୍ରବେଶ କରିବା ପାଇଁ କୁହାଯାଇଛି। ତେବେ ପ୍ରଥମ ଦିନ ପରୀକ୍ଷା କେଉଁଭଳି ହୋଇଛି ଓ ପରୀକ୍ଷା ପୂର୍ବରୁ ଛାତ୍ରୀଛାତ୍ରଙ୍କ ଯେଉଁ ଭୟ ଥିଲା ତାହା ଦୂରେଇଛି କି ନାହିଁ ଆସନ୍ତୁ ଜାଣିବା।



"ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରୀକ୍ଷା କେନ୍ଦ୍ରରେ ମୋଟ୍ ୪ଟି ସ୍କୁଲର ୩୦୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ପ୍ରଥମଦିନ ପରୀକ୍ଷା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। କୌଣସି ପିଲା କପି କରିନାହାନ୍ତି। ୯ଟାରେ ପରୀକ୍ଷାର୍ଥୀ ହଲକୁ ପ୍ରବେଶ କରିଥିଲେ। ୧୦ଟାରେ ପ୍ରଶ୍ନପତ୍ର ଦିଆଯାଇଥିଲା।

**- ଦୋଳଗୋବିନ୍ଦ ସାହୁ, ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ, ରେଭେନ୍‌ଶା କଲିଜିଏଟ ସ୍କୁଲ**



"ପରୀକ୍ଷା ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ଯେଉଁ ନୀତି ନିୟମ ଆସିଥିଲା, ଆମେ ତାକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିଥିଲୁ। ପ୍ରଥମ ଦିନ ପରୀକ୍ଷା ଭଲରେ ହୋଇଛି। ଓଡ଼ିଆ ପ୍ରଶ୍ନ ପତ୍ରରେ ପିଲାମାନେ ଖୁସି ଅଛନ୍ତି ଓ ଭଲ କରିଛନ୍ତି ବୋଲି ପିଲାମାନେ ମତପ୍ରକାଶ କରିଛନ୍ତି।

**- ସୋନାମିକା ରାୟ, ପ୍ରଧାନଶିକ୍ଷୟତ୍ରୀ, କ୍ୟାପିଟାଲ ହାଇସ୍କୁଲ**



"ଏଥର ପ୍ରଶ୍ନ ବହୁତ ଭଲ ପଡ଼ିଥିଲା। ଯେଉଁଭଳି ଭାବେ ପ୍ରସ୍ତୁତ ହୋଇଥିଲି ସେହିଭଳି ପ୍ରଶ୍ନ ଆସିଥିଲା। ସବ୍‌ଜେକ୍ଟିଭ୍ ଓ ଅବ୍‌ଜେକ୍ଟିଭ୍ ଦୁଇଟିଯାକ ଭଲ ଥିଲା। ଆଶା କରୁଛି ୯୦%ରୁ ଅଧିକ ରହିବ। ପରୀକ୍ଷା ପାଇଁ ସ୍କୁଲରେ ସବୁ ପ୍ରକାର ବ୍ୟବସ୍ଥା ବହୁତ ଭଲ ଥିଲା। ପରୀକ୍ଷା ପାଇଁ ଯେଉଁ ଭୟ ଥିଲା, ତାହା ପ୍ରଥମ ଦିନରୁ ପଳେଇଗଲା। ତେଣୁ ଇଂଲିଶ ପାଇଁ ଅଧିକ ଚିନ୍ତା ଲାଗୁନି। ଆଗରୁ ଯାହା ପଢ଼ିଛି ତାକୁ ରିଭାଇଜ୍ କରିବି।

**- ଶୁଭସ୍ମିତା ବାରିକ, ଛାତ୍ରୀ**



"ଭଲ ପ୍ରଶ୍ନ ପଡ଼ିଥିଲା। ତେବେ ସବ୍‌ଜେକ୍ଟିଭ୍ ମୋତେ ଅଧିକ ଭଲ ଲାଗିଲା। କିନ୍ତୁ ସବୁ ଅବ୍‌ଜେକ୍ଟିଭ୍ ପ୍ରଶ୍ନକୁ ବି ମୁଁ ଆଟେଣ୍ଡ କରିଛି। ୯୦% ରହିବ ବୋଲି ଭାବୁଛି। ଇଂଲିଶ ପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଯାଇଛି। କେବଳ ଆଉ ଥରେ ଲେଖାଏ ସବୁ ପଢ଼ିଦେଲେ ହୋଇଯିବ।

**- ଆକାଶ ପ୍ରଧାନ, ଛାତ୍ର**



"ପରୀକ୍ଷା ବହୁତ ଭଲ ହୋଇଛି। ସବୁ ପ୍ରକାର ପ୍ରଶ୍ନ ସହଜ ପଡ଼ିଥିଲା। ଆଶା କରୁଛି ୮୦% ରହିବ। ଆଗକୁ ଇଂଲିଶ ଅଛି, ସେଥିପାଇଁ ଏବେ ସେହି ବିଷୟ ପ୍ରତି ଅଧିକ ଧ୍ୟାନ ଦେବି। ପୂର୍ବରୁ ଯାହା ସବୁ ପଢ଼ିଛି, ତାକୁ ଏବେ ମନେ ପକାଇବି। ସାହିତ୍ୟ ଭଳି ଇଂଲିଶ ବିଷୟରେ ମଧ ଭଲ ହେବ ବୋଲି ମୁଁ ଆଶା କରୁଛି।

**- ପି. ମେଘନା, ଛାତ୍ରୀ**



"ପରୀକ୍ଷା ବହୁତ ଭଲ ହୋଇଛି। କାରଣ ପ୍ରଶ୍ନ ସବୁ ସହଜ ପଡ଼ିଥିଲା। ସବ୍‌ଜେକ୍ଟିଭ୍ ଓ ଅବ୍‌ଜେକ୍ଟିଭ୍ ଦୁଇଟିଯାକ ଭଲ ଥିଲା। ଗତଥର ପ୍ରଶ୍ନ ଭାଇରାଲ ହୋଇଥିଲା। ଏଥର ଯେଉଁଭଳି ଭାବେ କଡ଼ା ବ୍ୟବସ୍ଥା କରାଯାଇଛି, ପ୍ରଶ୍ନପତ୍ର ଭାଇରାଲ ହେବ ନାହିଁ ବୋଲି ଭାବିଥିଲୁ। କିନ୍ତୁ ଏଥର ବି ପ୍ରଶ୍ନ ଭାଇରାଲ ହୋଇଗଲା। ଇଂଲିଶ ପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଯାଇଛି।

**- ଅରବିନ୍ଦ ସାହୁ, ଛାତ୍ର**



"ପରୀକ୍ଷା ପାଇଁ ଟିକେ ଚିନ୍ତିତ ହୋଇପଡିଥିଲି। କିନ୍ତୁ ପ୍ରଶ୍ନପତ୍ର ଦେଖିଲା ପରେ ମନରେ ଖୁସି ଆସିଥିଲା। କାରଣ ଆଶା ଅନୁସାରେ ଉଭୟ ଅବ୍‌ଜେକ୍ଟିଭ ଓ ସବ୍‌ଜେକ୍ଟିଭ ସହଜ ପଡିଥିଲା। ସବୁ ପାଠ୍ୟକ୍ରମ ଅନୁଯାୟୀ ପ୍ରଶ୍ନ ଆସିଥିଲା। ୯୦ ପ୍ରତିଶତ ମାର୍କ ଆସିବ ବୋଲି ଆଶା ରହିଛି।

**- ପ୍ରିୟବ୍ରତ ନାୟକ, ମ୍ୟୁନିସିପାଲିଟି ସରକାରୀ ଉଚ୍ଚବିଦ୍ୟାଳୟ, ବିଡାନାସୀ**



"ପରୀକ୍ଷା ପାଇଁ ୪ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଥିଲି। ପାଠ୍ୟପୁସ୍ତକ ପଢିବା ସହିତ ବିଭିନ୍ନ ଗାଇଡରୁ ମଧ ଅଭ୍ୟାସ କରୁଥିଲି। ଏଥିସହ ଧରିତ୍ରୀ ଖବରକାଗଜରେ ପ୍ରକାଶିତ 'ମାଟ୍ରିକ ପରୀକ୍ଷା ସାଥୀ' ପ୍ରଶ୍ନପତ୍ର ଅଭ୍ୟାସ କରିଥିବାରୁ ପ୍ରଥମ ପରୀକ୍ଷାରେ ଏହା ମୋ ପାଇଁ ବେଶ୍ ସହାୟକ ହୋଇଛି।

**- ମୁକେଶ କୁମାର ସାହୁ, ଗଣପତି ଶିଶୁ ବିଦ୍ୟାମନ୍ଦିର, ଝାଞ୍ଜିରିମଙ୍ଗଳା**



"ପ୍ରଥମ ଦିନ ପରୀକ୍ଷା ବେଶ୍ ଶୃଙ୍ଖଳାର ସହ ଶେଷ ହୋଇଛି। ପ୍ରଶ୍ନ ସହଜ ଥିବାରୁ ମାର୍କ ଭଲ ଆସିବ। ଆଗକୁ ଗଣିତ ଓ ଇଂରାଜୀ ଭଳି ବିଷୟରେ ଏହିଭଳି ପ୍ରଶ୍ନ ଆସିବ ବୋଲି ଆଶା ରହିଛି।

**- ପ୍ରତିଭା ସାହୁ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କାଜିବଜାର**



"ପରୀକ୍ଷା ପାଇଁ ପ୍ରତିଦିନ ପ୍ରସ୍ତୁତି ଚଳାଇଥିଲି। ମାତୃଭାଷା ବିଷୟରେ ଆସିଥିବା ପ୍ରଶ୍ନଗୁଡିକ ଧରିତ୍ରୀ ଖବରକାଗଜରେ ପ୍ରକାଶିତ 'ମାଟ୍ରିକ ପରୀକ୍ଷା ସାଥୀ' ସହିତ ବହୁତ ସାମଞ୍ଜସ୍ୟ ରହିଥିଲା। ପରିଶ୍ରମ ଅନୁଯାୟୀ ଫଳ ମିଳିବ ବୋଲି ବିଶ୍ୱାସ ରହିଛି।

**- ଗାୟତ୍ରୀ ସାହୁ , କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ**



"ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଥିଲା। ପରୀକ୍ଷା କେନ୍ଦ୍ରରେ ପ୍ରବେଶ ବେଳେ ମନରେ ନାନା ଆଶଙ୍କା ରହିଥିଲା। ତେବେ ପ୍ରଶ୍ନପତ୍ର ଦେଖିବା ପରେ ସହଜ ଲାଗିବାରୁ ଭୟ ଓ ଆଶଙ୍କା ଦୂରେଇ ଯାଇଥିଲା। ପରୀକ୍ଷା ଭଲ ହୋଇଛି। ଆଗାମୀ ବିଷୟର ପରୀକ୍ଷାଗୁଡ଼ିକ ମଧ ଭଲ ହେବ ବୋଲି ଆଶା ରହିଛି। ମୁଁ ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଛି।

**- ସ୍ୱର୍ଣ୍ଣଲତା ପୂଜାପଣ୍ଡା, ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀ, ପୁରୀ**



"ପ୍ରଥମ ଦିନ ପରୀକ୍ଷା ଲାଗି ମନରେ କିଛି ଆଶଙ୍କା ରହିଥିଲା। ତେବେ ପରୀକ୍ଷା ଭଲ ହୋଇଛି। ଆଶା କରିଥିବା ପ୍ରଶ୍ନ ଆସିଛି। ୯୦ ପ୍ରତିଶତ ରହିବ ବୋଲି ଭାବୁଛି। ସମୟାନୁସାରେ ସମସ୍ତ ପ୍ରଶ୍ନପତ୍ର ଉତ୍ତର ରଖିବା ଲାଗି ଚେଷ୍ଟା କରିଛି। ଆଗାମୀ ସମସ୍ତ ପରୀକ୍ଷା ମଧ ଭଲ ହେବ ବୋଲି ବିଶ୍ୱାସ ରହିଛି। ଇଂଲିଶରେ ଟିକେ ଦୁର୍ବଳ ଥିବାରୁ ଅଧିକ ପରିଶ୍ରମ କରୁଛି।

**- ପ୍ରତ୍ୟୁଷା ପଟ୍ଟନାୟକ, ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀ, ପୁରୀ**



ଭୁବନେଶ୍ୱର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ୍‌ରେ ଜୋତା ଖୋଲି ଛାତ୍ରୀଙ୍କୁ ଯାଞ୍ଚ କରାଯାଉଛି।



କଟକ ରାଣୀହାଟ ହାଇସ୍କୁଲରେ ପରୀକ୍ଷା ଦେଇ ଫେରୁଥିବା ଛାତ୍ରୀଛାତ୍ର।



"ପ୍ରଥମ ଦିନ ପରୀକ୍ଷା ଲାଗି ମୁଁ ଚିନ୍ତିତ ଥିଲି। କେନ୍ଦ୍ରକୁ ଯିବା ପୂର୍ବରୁ ମାନସିକ ସ୍ତରରେ ଭାରାକ୍ରାନ୍ତ ରହିଥିଲି। ପ୍ରଶ୍ନପତ୍ର ପାଇବା ପରେ ମୁଁ ଦୁଇଥର ପଢ଼ିଥିଲି। ମାତୃଭାଷାରେ ସହଜ ପ୍ରଶ୍ନ ଆସିଥିଲା। ବହୁତ ଖୁସି ଲାଗିଲା। ବହୁ ସୁନ୍ଦର ଭାବେ ସମସ୍ତ ପ୍ରଶ୍ନର ଉତ୍ତର ଦେଇଛି। ଆଶାଜନକ ନମ୍ବର ରହିବ ବୋଲି ଅନୁମାନ କରୁଛି।

**- ଶ୍ରଦ୍ଧାଞ୍ଜଳି ସାହୁ, ପୋଲିସ ଲାଇନ ସ୍କୁଲ, ପୁରୀ**



ପୁରୀ ଜିଲା ସ୍କୁଲ ପରୀକ୍ଷା କେନ୍ଦ୍ରରୁ ଛାତ୍ରୀମାନେ ପରୀକ୍ଷା ଦେଇ ଖୁସିରେ ଫେରୁଛନ୍ତି।




ଭୁବନେଶ୍ୱର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲରେ ଛାତ୍ରୀମାନେ ରୋଲ୍ ନମ୍ବର ଯାଞ୍ଚ କରୁଛନ୍ତି।





ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ପ୍ରଶ୍ନପତ୍ରକୁ ଅପେକ୍ଷା କରିଥିବା ବେଳେ କର୍ମଚାରୀମାନେ ହଲ୍‌କୁ ପ୍ରଶ୍ନପତ୍ର ପ୍ୟାକେଟ୍ ନେଇ ଯାଉଛନ୍ତି।



ଆଜି ଯିଏ ତୁମର ନିନ୍ଦା ଗାନ କରୁଛନ୍ତି, ଆଗାମୀ କାଲି ସିଏ ତୁମର ସ୍ତୁତି ଗାନ କରିପାରେ, ସୁତରାଂ ନିଜକୁ ହୀନ ମନେ କରୁଛ କାହିଁକି?

- ବ୍ୟାସଦେବ



# ‘ଜାତୀୟ ମୁଣ୍ଡ ପିଛା ଆୟ ସହ ସମକକ୍ଷ ହେବା ଓଡ଼ିଶାର ଲକ୍ଷ୍ୟ’

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ରାଜ୍ୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ୨୦୨୦-୨୧ ବଜେଟ ପ୍ରସ୍ତୁତ କରାଯାଇଛି। ଓଡ଼ିଶା ପର୍ଯ୍ୟଟନକୁ ଏକ ନୂଆସ୍ତରକୁ ନେବାକୁ ପର୍ଯ୍ୟଟନ କ୍ଷେତ୍ରରେ ଅର୍ଥ ବରାଦକୁ ଦୁଇଗୁଣା କରାଯାଇଛି। ସେହିଭଳି ଶିଳ୍ପକ୍ଷେତ୍ରରେ ବିକାଶ ନିମନ୍ତେ ବ୍ୟୟବରାଦକୁ ବୃଦ୍ଧି କରାଯାଇଛି। ପ୍ରତି ବିଭାଗରେ ହେବାକୁ ଥିବା ଖର୍ଚ୍ଚକୁ ବିସ୍ତୃତଭାବେ ବର୍ଣ୍ଣନା କରାଯାଇଛି। ଏହି ଷ୍ଟ୍ରାଟେଜିକ୍ ବଜେଟିଂ ଦ୍ୱାରା ବିଭାଗଗୁଡ଼ିକ କେଉଁ ଯୋଜନାରେ କେତେ ଅର୍ଥ ବ୍ୟୟ କରିବେ ତାହାର ସମ୍ପୂର୍ଣ୍ଣ ଚିତ୍ର ପାଇପାରିବେ ବୋଲି ଅର୍ଥ ବିଭାଗ ସଚିବ ଅଶୋକ ମୀନା କହିଛନ୍ତି। ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶା ଇକୋନୋମିକ୍ସ ଆସୋସିଏଶନ ଓ ବିଶ୍ୱବିଦ୍ୟାଳୟ ଆନାଲିଟିକାଲ ଏବଂ ଆପ୍ଲାଏଡ୍ ଇକୋନୋମିକ୍ସ ବିଭାଗ ପକ୍ଷରୁ ମିଳିତଭାବେ ଆୟୋଜିତ ‘ଓଡ଼ିଶା ବଜେଟ୍ ୨୦୨୦-୨୧’ ଶୀର୍ଷକ ଆଲୋଚନାଚକ୍ରରେ ସଚିବ ମୀନା ବଜେଟ୍ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ରାଜ୍ୟ ସରକାର ଚଳିତ ବଜେଟ୍‌ରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପ୍ରାଥମିକତା ଦେଇଛନ୍ତି।





ଅର୍ଥ ବିଭାଗ ସଚିବ ଅଶୋକ ମୀନା ଉଦ୍‌ବୋଧନ ଦେଉଛନ୍ତି।

କଟକ ଏସ୍‌ସିବି ମେଡିକାଲ କଲେଜକୁ ଏମ୍‌ସ ପ୍ଲସ୍ ଷ୍ଟାଟ୍‌ସକୁ ଆଣିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଅଧିକ ଡାକ୍ତର, ନର୍ସ ଏବଂ ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରାଯାଇଛି। ରାଜ୍ୟରେ ଏବେ ଛାତ୍ର-ଶିକ୍ଷକ ଅନୁପାତ ଭଲ ଥିବାବେଳେ ଆଗାମୀ ଦିନରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ଅର୍ଥ କମିଶନ ଦେଇଥିବା ଟାର୍ଗେଟ୍ ଭିତରେ ରାଜ୍ୟର ଋଣ ପରିମାଣ ରହିଛି। ହେଲେ ଜାତୀୟ ମୁଣ୍ଡପିଛା ଆୟ ସହ ସମକକ୍ଷ ହେବାକୁ ଏବେ ରାଜ୍ୟ ଅଧିକ ଋଣର ଆବଶ୍ୟକତା କରୁଥିବା ମୀନା କହିଥିଲେ।

ରାଜ୍ୟର ବ୍ୟୟ ତୁଳନାରେ ଆୟ ଅଧିକ ହେଉଥିବାରୁ ସେହି ଅଧିକ ଅର୍ଥକୁ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ କରିବାକୁ ଉପସ୍ଥିତ ବକ୍ତାମାନେ ପରାମର୍ଶ ଦେଇଥିଲେ। ବିଶେଷକରି ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ସେମାନେ କହିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ ହେଉଥିବା ପ୍ରତି ୧୦୦ ଟଙ୍କାରୁ ୭୪ ଟଙ୍କା ସାଧାରଣ ଲୋକଙ୍କ ପକେଟରୁ ଯାଉଥିବାବେଳେ ମାତ୍ର ୨୬ ଟଙ୍କା ସରକାର ବହନ କରୁଛନ୍ତି। ଏଭଳିସ୍ଥଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବା ଲାଗି ଓଡ଼ିଶା ସ୍ୱାସ୍ଥ୍ୟକ୍ଷେତ୍ରରେ ଅଧିକ ଅନୁଦାନ ଆବଶ୍ୟକତା କରୁଥିବା ଉପସ୍ଥିତ ଅର୍ଥନୀତିଜ୍ଞମାନେ ମତବ୍ୟକ୍ତ କରିଥିଲେ।

ଅନ୍ୟପକ୍ଷରେ ବଜେଟ୍‌ର ଅଧିକାଂଶ ଅର୍ଥ ରାଜ୍ୟ ସରକାର ଖଣି ଶିଳ୍ପରୁ ଆଦାୟ କରିବାକୁ ଥିବାବେଳେ ଏହାକୁ ନେଇ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଥିଲେ। ପରିବେଶ ଉପରେ ମଧ୍ୟ ଏହାର କୁପ୍ରଭାବ ରହିଛି। ଏହାସହ ତାହା ଅନିଶ୍ଚିତ ଶିଳ୍ପ ହୋଇଥିବାରୁ ଏଥିରୁ କେତେ ଅର୍ଥ ଆସିବ ତାହା କହିବା ସମ୍ଭବ ନୁହେଁ। ଏନେଇ ଉତ୍ତର ଦେଇ ଅର୍ଥ ସଚିବ ସରକାରଙ୍କର ଜରୁରିକାଳୀନ ପାଣ୍ଠିରେ ଯଥେଷ୍ଟ ଟଙ୍କା ରହିଥିବା କହିଥିଲେ। ଆବଶ୍ୟକସ୍ଥଳେ ଏହି ଅର୍ଥକୁ କାମରେ ଲଗାଯାଇପାରିବ ବୋଲି ସେ କହିଥିଲେ। ଓଡ଼ିଶା ଇକୋନୋମିକ୍ସ ଆସୋସିଏଶନର ସମ୍ପାଦକ ଡ. ଅମରେନ୍ଦ୍ର ଦାସ ପ୍ରାରମ୍ଭରେ ବଜେଟ୍‌ର ବିସ୍ତୃତ ବିବରଣୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ, ଏନ୍‌ସିଡିଏସ୍ ନିର୍ଦ୍ଦେଶକ ପ୍ରଫେସର ଶ୍ରୀଜିତ୍ ମିଶ୍ର, ପ୍ରଫେସର ସତ୍ୟକାମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ମିତାଲି ଚିନାରା ସ୍ୱାଗତଭାଷଣ ଦେଇଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲିପାଟଣା,୧୯।୨(ଡି.ଏନ୍.ଏ.):** ବନମାଳିପୁର ଫାଣ୍ଡି ଅନ୍ତର୍ଗତ ଖଇରିପୁର ଗ୍ରାମରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ଏହି ଗ୍ରାମର ପ୍ରଶାନ୍ତ କୁମାର ପଣ୍ଡା। ଏ ନେଇ ବାଲିପାଟଣା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୬/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ପ୍ରଶାନ୍ତଙ୍କ ଘର ପଛ ପଟେ ଥିବା ବାଡିର ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ବନମାଳିପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ପୋଲିସ କହିଛି।

### ବାଇକ୍‌ରୁ ଖସି ବୃଦ୍ଧା ମୃତ

**ବାଲିପାଟଣା,୧୯।୨(ଡି.ଏନ୍.ଏ.):** ବାଇକ୍‌ରୁ ଖସିପଡ଼ି ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଳଙ୍ଗା ଥାନା ଅନ୍ତର୍ଗତ ତୋରିଆବନ୍ଧ ଗ୍ରାମର ଅମ୍ବିକା ଦାସ (୬୨)। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ଅମ୍ବିକା ଏକ ବାଇକ୍‌ରେ ଯାଉଥିବା ବେଳେ ହଠାତ୍ ତଳକୁ ଖସି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅମ୍ବିକାଙ୍କ ପୁଅ କୃଷ୍ଣକେଶବ ଦାସଙ୍କ ଅଭିଯୋଗକ୍ରମେ ବାଲିପାଟଣା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୦) ରୁଜୁ କରିଥିଲା। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

### ଜମି ବିକ୍ରିରେ ଜାଲିଆତି, ଜଣେ ଗିରଫ

**କଟକ ରୋଡ,୧୯।୨(ଡି.ଏନ୍.ଏ.):** ଜମି ବିକ୍ରିରେ ଜାଲିଆତି ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା କୁନା ରାଉତ। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ରହୁଥିବା ପ୍ରଭାକର ରାଉତଙ୍କ କୁନା ସମ୍ପର୍କୀୟ ଭାଇ। ପ୍ରାୟ ୧ବର୍ଷ ପୂର୍ବେ ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ପ୍ରଭାକରଙ୍କ ଏକ ଜମିକୁ କୁନା ତାଙ୍କୁ ୩୫ଲକ୍ଷ ଟଙ୍କାରେ ବିକିଥିଲେ। ପରେ ଉକ୍ତ ଜମି ପ୍ରଭାକରଙ୍କ ବୋଲି ଜଣାପଡିଥିଲା। ପ୍ରଭାକରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୭/୨୦)ରୁଜୁକରି ତଦନ୍ତ ଚଳାଇଥିଲା।

### ଏପ୍ରିଲ ପହିଲାରୁ ସ୍ୱଚ୍ଛ ଇନ୍ଧନ: କାର୍ଯ୍ୟକାରି ହେବ ବିଏସ୍-୬

**ନୂଆଦିଲ୍ଲୀ,୧୯।୨:** ଏପ୍ରିଲ ପହିଲାରୁ ସାରା ଦେଶରେ ସ୍ୱଚ୍ଛତମ ଇନ୍ଧନ ନିୟମ ଲାଗୁ କରାଯିବ। ଦେଶ ଭାରତ ଷ୍ଟେଜ(ବିଏସ୍-୪)ରୁ ବିଏସ୍-୬କୁ ଲମ୍ଫ ପ୍ରଦାନ କରୁଛି। ୩ ବର୍ଷ ସମୟ ମଧ୍ୟରେ ଏହି ସଫଳତା ହାସଲ କରିବାକୁ ଘରୋଇ ବଜାର ସକ୍ଷମ ହୋଇଛି। ବିଶ୍ୱର ପ୍ରମୁଖ ଅର୍ଥ ବ୍ୟବସ୍ଥାଗୁଡିକ କ୍ଷେତ୍ରରେ ଏଭଳି ଘଟଣା ପ୍ରାୟ ଦେଖିବାକୁ ମିଳି ନ ଥାଏ ବୋଲି ଜଣାପଡିଛି। ବିଏସ୍-୬ ଲାଗୁ କରିବା ସହ ଭାରତ ଏଭି ବର୍ଗର ପେଟ୍ରୋଲ-ଡିଜେଲ ବ୍ୟବହାର କରିବା ଦିଗରେ ଦେଶ ସମୂହଙ୍କ ମଧ୍ୟରେ ନିଜକୁ ସାମିଲ କରିବ। ଯାନ ବାହନର ପ୍ରଦୂଷଣକୁ କମ୍ କରିବା ଦିଗରେ ଏହି ପଦକ୍ଷେପ ବେଶ୍ ସହାୟକ ହେବ ବୋଲି ଶିଳ୍ପ ପକ୍ଷରୁ କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ୍ ଅଏଲ କର୍ପୋରେଶନର ଅଧ୍ୟକ୍ଷ ସଞ୍ଜୀବ ସିଂ କହିଛନ୍ତି ଯେ, ପ୍ରାୟ ସମସ୍ତ ତୈଳ ବିଶୋଧନକାରୀ କମ୍ପାନୀ ୨୦୧୯ ଶେଷ ସୁଦ୍ଧା ୟୁରୋ-୬ ବା ବିଏସ୍-୬ ପେଟ୍ରୋଲ, ଡିଜେଲ ଉତ୍ପାଦନ ଆରମ୍ଭ କରିଛନ୍ତି। ସେମାନେ ଉତ୍ପାଦନ କରୁଥିବା ପ୍ରତି ବୁନ୍ଦା ଇନ୍ଧନକୁ ନୂଆ ଗ୍ରେଡ୍‌ରେ ରୂପାନ୍ତରିତ କରିବା କାମକୁ ହାତକୁ ନିଆଯାଇଛି। ଏପ୍ରିଲ ପହିଲାରୁ ବିଏସ୍-୬ ଗ୍ରାହକଙ୍କୁ ଯୋଗାଇବା ଲାଗି ସମ୍ପୂର୍ଣ୍ଣ ଟ୍ରାକରେ ରହିଥିବା ସେ ମତ ପ୍ରକାଶ କରିଛନ୍ତି।

ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ‘ମୁଟ୍ କୋର୍ଟ’ ପ୍ରତିଯୋଗିତା ଜିତିଲେ ମିତାଲି ମଧୁସ୍ମିତା

ଭୁବନେଶ୍ୱର,୧୯।୨(ବ୍ୟୁରୋ)





ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଆଇନ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ଛାତ୍ରୀ ମିତାଲି ମଧୁସ୍ମିତା କଟକ ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ବିବୁଧେନ୍ଦ୍ର ମିଶ୍ର ଜାତୀୟସ୍ତରୀୟ ‘ମୁଟ୍ କୋର୍ଟ’ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦକୁ ତାଙ୍କୁ ୨୫ ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ମଧ୍ୟ ମିତାଲି ବିଭିନ୍ନ ରାଜ୍ୟସ୍ତରୀୟ ‘ମୁଟ୍ କୋର୍ଟ’ ପ୍ରତିଯୋଗିତାରେ ଭାଗନେଇ ବିଜୟୀ ହୋଇଥିଲାବେଳେ ଗତ ଅକ୍ଟୋବରରେ ବିଜୟୱାଡ଼ାଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ‘ମୁଟ୍ କୋର୍ଟ’ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

# ୨୧ରୁ ପୁରୀରେ ବାଏଅଫ୍

**ଭୁବନେଶ୍ୱର,୧୯।୨(ବ୍ୟୁରୋ):** ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବାର୍ଷିକ ଚଳଚ୍ଚିତ୍ର ମହୋତ୍ସବ ‘ବ୍ରିଙ୍ଗ୍ ୟୋର୍ ଓନ୍ ଫିଲ୍ମ ଫେଷ୍ଟିଭାଲ(ବାଏଅଫ୍) ଆସନ୍ତା ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ପୁରୀ ବେଳାଭୂମିରେ ଅନୁଷ୍ଠିତ ହେବ। ୫ଦିନ ବ୍ୟାପୀ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସମଗ୍ର ବିଶ୍ୱରୁ ଆସିଥିବା ଫିଲ୍ମ ପ୍ରଦର୍ଶିତ ହେବ। ମଧ୍ୟରାତ୍ରିରେ ବିଶ୍ୱର କେତେଜଣ ଖ୍ୟାତନାମା ଫିଲ୍ମମେକରଙ୍କ କ୍ଲାସିକ୍ ଫିଲ୍ମ ଏଠାରେ ଦେଖିବାକୁ ମିଳିବ। ଫିଲ୍ମ ସ୍କ୍ରିନିଂ ବ୍ୟତୀତ ଦିନତମାମ ଫିଲ୍ମ ସମ୍ପର୍କିତ ବିଭିନ୍ନ ସେମିନାର ଏବଂ ଅଧିବେଶନ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟା ୬ଟାରୁ ୮ଟା ମଧ୍ୟରେ ଓଡ଼ିଶାର ଯୁବ ତଥା ନୂତନ ପିଢିର ଚଳଚ୍ଚିତ୍ର ନିର୍ମାତାଙ୍କ ଫିଲ୍ମ ପ୍ରଦର୍ଶନ କରାଯିବ। ଏଥିରେ କେବଳ ଚଳଚ୍ଚିତ୍ର ନୁହେଁ, ଚିତ୍ରକଳା, ନୃତ୍ୟ, ସଙ୍ଗୀତ, ସ୍ଥାପତ୍ୟ, ନାଟକ, ସାହିତ୍ୟ ଏବଂ ଫଟୋଗ୍ରାଫି କ୍ଷେତ୍ରରେ ପରିଚିତ ବ୍ୟକ୍ତିତ୍ୱମାନେ ଯୋଗଦେବେ।

## ଜାତୀୟ/ଅନ୍ତର୍ଜାତୀୟ

# ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ବିବାଦ

ଅହମଦାବାଦ, ୧୯।୨

- ୪୫ ପରିବାରକୁ ସ୍ଥାନାନ୍ତର ନୋଟିସ
- ଆମେରିକା ସହ ହୋଇ ନ ପାରେ ଟ୍ରେଡ୍ ଡିଲ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତ ପୂର୍ବରୁ ବିବାଦ ଦେଖାଦେଇଛି। ଗୁଜରାଟର ଅହମଦାବାଦ ମ୍ୟୁନିସପାଲ କର୍ପୋରେଶନ ପକ୍ଷରୁ ଦେବ୍ ଶରନ୍ ବସ୍ତିରେ ରହୁଥିବା ୪୫ ପରିବାରକୁ ୭ ଦିନ ମଧ୍ୟରେ ଘର ଖାଲି କରିବାକୁ ନୋଟିସ ଦିଆଯାଇଛି। ଏହାକୁ ନେଇ ଚାପା ଉତ୍ତେଜନା ଆରମ୍ଭ ହୋଇଛି। ଏହି ବସ୍ତି ମୋଟେରୋ ଷ୍ଟାଡିୟମ୍‌କୁ ଲାଗିକରି ରହିଛି। ୨୪ରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଟ୍ରମ୍ପ ମୋଟେରୋ ଷ୍ଟାଡିୟମ୍‌ରୁ ବାହାରି ଏହି ବସ୍ତି ଦେଇ ରୋଡ୍ ଶୋ'ରେ ଯିବେ। ତେବେ ବସ୍ତି ଛାଡ଼ିବା ଲାଗି ନୋଟିସ ମିଳିବା ପରେ ୨୦୦ ବସ୍ତିବାସିନ୍ଦା ଏହାକୁ ବିରୋଧ କରିଛନ୍ତି। ସେମାନେ କହିଛନ୍ତି, ୨୨ ବର୍ଷ ଧରି ନିର୍ମାଣ ଶ୍ରମିକ ଭାବେ ଏଠାରେ ରହିଆସୁଥିବା ବେଳେ ‘ନମସ୍ତେ ଟ୍ରମ୍ପ’ କାର୍ଯ୍ୟକ୍ରମ ଲାଗି ବିଦା କରାଯାଉଛି।





ଅହମଦାବାଦରେ ‘ନମସ୍ତେ ଟ୍ରମ୍ପ’ କାର୍ଯ୍ୟକ୍ରମ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିବାବେଳେ ଶ୍ରମିକମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଥିବା ଏକ ହୋର୍ଡିଂ ଲଗାଉଛନ୍ତି।

ତେବେ କାର୍ଯ୍ୟକ୍ରମ ସହ ବସ୍ତିବାସିନ୍ଦାଙ୍କୁ ଉଠାଯିବାର କୌଣସି ସମ୍ପର୍କ ନାହିଁ ବୋଲି ଅହମଦାବାଦ ମ୍ୟୁନିସପାଲ କର୍ପୋରେଶନ ପକ୍ଷରୁ ସଫେଇ ଦିଆଯାଇଛି। ପ୍ରକାଶଥାଉ କି, ପୂର୍ବରୁ ବସ୍ତି ଦେଖା ନ ଯିବା ଲାଗି ସରକାରଙ୍କ ପକ୍ଷରୁ ପ୍ରାଚୀର ନିର୍ମାଣ କରାଯାଇଥିଲା।

ଅନ୍ୟପକ୍ଷରେ ନିଜେ ଟ୍ରମ୍ପ ଭାରତ ଗସ୍ତ ବେଳେ ବାଣିଜ୍ୟିକ ଚୁକ୍ତି ହୋଇ ନ ପାରେ ବୋଲି କହିଛନ୍ତି। ନଭେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପରେ ଏହା କରାଯାଇ ପାରେ ବୋଲି ସେ ପ୍ରକାଶ କରିଛନ୍ତି। ଭାରତ କେତେକ କାରଣରୁ ଆମକୁ ଭଲରେ ଦେଖୁନାହିଁ। କିନ୍ତୁ ମୋଦି ମତେ ଭଲ ଲାଗନ୍ତି ଓ ଆସିବା ବାଟକୁ ଚାହିଁ ରହିଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଆମେରିକା ବାଣିଜ୍ୟିକ ପ୍ରତିନିଧି ରବର୍ଟ ଲାଇଥିଜ୍‌ରେ ଟ୍ରମ୍ପଙ୍କ ସହ ଭାରତ ଗସ୍ତରେ ଆସୁ ନ ଥିବା ଜଣାପଡ଼ିଛି। ଭାରତ ବାଣିଜ୍ୟିକ ଚୁକ୍ତି ଆଶାରେ ରହିଥିବା ବେଳେ ଟ୍ରମ୍ପଙ୍କ ମନ୍ତବ୍ୟ ନିରାଶ କରିଛି। କେନ୍ଦ୍ରର ବ୍ୟାପକ ପ୍ରସ୍ତୁତି ସତ୍ତ୍ୱେ ଟ୍ରମ୍ପଙ୍କ ମନ୍ତବ୍ୟ ଭାରତକୁ ନିରାଶ କରିଛି।

## ଟ୍ରମ୍ପ କ'ଣ ଭଗବାନ

**ନୂଆଦିଲ୍ଲୀ, ୧୯।୨(ପି.ଟି.):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ନେଇ ଚାଲିଥିବା ବ୍ୟାପକ ପ୍ରସ୍ତୁତିକୁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଟ୍ରମ୍ପ କ'ଣ ଭଗବାନ ଯେ ୭୦ ଲକ୍ଷ ଲୋକ ତାଙ୍କୁ ସ୍ୱାଗତ କରିବେ? ୨୫ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ସହ ୧୦ ହଜାର ପୋଲିସ କର୍ମୀ ନିୟୋଜିତ ହେବେ? ‘ଆମେରିକା ଫାଷ୍ଟ’ ବୋଲି କହୁଥିବା ଟ୍ରମ୍ପ ଭାରତକୁ ଖୁସି ବାଣ୍ଟିବା ଲାଗି ଆସୁନାହାନ୍ତି, ସେ ନିଜର ସ୍ୱାର୍ଥ ଲାଗି ଆସୁଛନ୍ତି। ଏତେ ବଡ଼ ଆୟୋଜନ କ'ଣ ପାଇଁ ବୋଲି ଅଧୀର ରଞ୍ଜନ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି କହିଛନ୍ତି। ଶିବସେନା ପକ୍ଷରୁ ମଧ୍ୟ ମୋଦି ସରକାରଙ୍କ ଏଭଳି ପ୍ରସ୍ତୁତିକୁ ସମାଲୋଚନା କରାଯାଇଛି। ପ୍ରକାଶଥାଉ କି, ୨୪ରେ ମୋଦି ଓ ଟ୍ରମ୍ପ ଗୁଜରାଟର ମୋଟେରା ଷ୍ଟାଡିୟମ୍ ଉଦ୍‌ଘାଟନ କରିବେ। ଏହା ପରେ ଦୁହେଁ ଅହମଦାବାଦର ସାବରମତୀ ଆଶ୍ରମ ଦର୍ଶନ କରି ୨୨ କି.ମି. ରୋଡ୍ ଶୋ'ରେ ବାହାରିବେ। ପ୍ରାୟ ୭୦ ଲକ୍ଷ ଲୋକ ଟ୍ରମ୍ପଙ୍କ ସ୍ୱାଗତ ଲାଗି ଉପସ୍ଥିତ ରହିବେ।



ଅଧୀର ରଞ୍ଜନ ଚୌଧୁରୀ

# ଯୁବକଙ୍କୁ ଫାଶୀ ଦଣ୍ଡାଦେଶ

## ନାବାଳିକା ବଳାତ୍କାର, ହତ୍ୟା ମାମଲା

**ମୁମ୍ବାଇ, ୧୯।୨(ପି.ଟି.):** ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟାକରିବା ଅଭିଯୋଗରେ ମହାରାଷ୍ଟ୍ରର ପରଭାଣୀ ଜିଲା କୋର୍ଟ ଦୋଷୀ ବିଷ୍ଣୁ ଗୋରେ(୩୦)ଙ୍କୁ ବୁଧବାର ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ବଣୁଆ ପଶୁଠାରୁ ବି ନାବାଳିକାଟିକୁ ଭୟଙ୍କର ଭାବେ ବଳାତ୍କାର ପରେ ହତ୍ୟା କରାଯାଇଥିବା ସ୍ୱତନ୍ତ୍ର ବିଚାରପତି (ପୋକ୍ସୋ ମାମଲା) ଜଷ୍ଟିସ ଏସ୍.ଜି. ଇନାମ୍‌ଦାର ମତବ୍ୟକ୍ତ କରି ଦଣ୍ଡାଦେଶ ଦେଇଛନ୍ତି।

୫ ବର୍ଷୀୟା ଝିଅ ଜଣକ ପରଭାଣୀରେ ଶ୍ରମିକ ଭାବେ କାର୍ଯ୍ୟକରୁଥିବା ନିଜ ଜେଜେବାପା-ଜେଜେ ମା'ଙ୍କ ପାଖରେ ରହୁଥିଲେ। ୨୦୧୬ ଅକ୍ଟୋବର ୨୭ରେ ତାଙ୍କୁ ଘରେ ନ ପାଇବାରୁ ସେମାନେ ସୋନ୍‌ପେଟ ଥାନାରେ ରିପୋର୍ଟ ଦେଇଥିଲେ। ପରେ ପୋଲିସ ନାବାଳିକାଙ୍କ ମରଶରୀର ଏକ ବିଲରୁ ପାଇ ତଦନ୍ତ କରିଥିଲା। ଅଭିଯୁକ୍ତ ବିଷ୍ଣୁଙ୍କୁ ଗିରଫ କରାଯାଇ ମାମଲା ଚାଲିଥିଲା। ବିଷ୍ଣୁ ଜଣେ ଶ୍ରମିକ ଓ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରି ମାରି ବିଲରେ ଫିଙ୍ଗି ଦେଇଥିବା ଜଣାପଡ଼ିଥିଲା। ୨୩ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଆଧାର କରି କୋର୍ଟ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି।

## ଭାଜପା ବିଧାୟକଙ୍କ ନାଁରେ ବଳାତ୍କାର ମାମଲା

ଭାଦୋହି,୧୯।୨ (ପି.ଟି.)

ୟୁପିର ଭାଜପା ବିଧାୟକ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ବିରୋଧରେ ଜଣେ ମହିଳା ବଳାତ୍କାର ଅଭିଯୋଗ ଆଣିବା ପରେ ତାଙ୍କ ବିରୋଧରେ ବୁଧବାର ପୋଲିସ ମାମଲା ରୁଜୁ କରିଛି। ୨୦୧୭ରେ ସେ ଓ ଅନ୍ୟ ୬ ଜଣ ଉକ୍ତ ମହିଳାଙ୍କୁ ମାସେ ବ୍ୟାପୀ ବଳାତ୍କାର କରିଥିବା ଏତଲାରେ ଦର୍ଶାଯାଇଛି। ବିଧାୟକଙ୍କ ପୁତୁରା ସନ୍ଦୀପ୍ ତିୱାରୀ ତାଙ୍କୁ ବଳାତ୍କାର କରିଥିଲେ। ତେବେ ସେ ବିବାହ ପ୍ରତିଶ୍ରୁତି ଦେବାରୁ ପୂର୍ବରୁ ଅଭିଯୋଗ କରି ନ ଥିବା ସେ କହିଛନ୍ତି। ୨୦୧୭ ବିଧାନସଭା ନିର୍ବାଚନ ବେଳେ ମହିଳାଙ୍କୁ ତିୱାରୀ ଏକ ହୋଟେଲରେ ମାସେ ରଖିଥିଲେ। ଉପରୋକ୍ତ ୭ ଅଭିଯୁକ୍ତ ସେହି ହୋଟେଲକୁ ଯାଇ ତାଙ୍କୁ ବଳାତ୍କାର କରୁଥିଲେ। ପରେ ତାଙ୍କୁ ଗର୍ଭପାତ ଲାଗି ବାଧ କରାଯାଇଥିଲା ବୋଲି ସେ କହିଛନ୍ତି।



ରବୀନ୍ଦ୍ର ନାଥ ତ୍ରିପାଠୀ

## ମାଜିଷ୍ଟ୍ରେଟ୍ ସିଧା ଜିଲା ଜଜ୍ ନିଯୁକ୍ତ ହୋଇପାରିବେନି

ନୂଆଦିଲ୍ଲୀ,୧୯।୨(ପି.ଟି.)

ମାଜିଷ୍ଟ୍ରେଟ୍, ସିଭିଲ ଜଜ୍‌ଙ୍କ ଭଳି ନିମ୍ନ ବିଚାର ବିଭାଗୀୟ ସେବାର ସଦସ୍ୟ ପ୍ରତ୍ୟକ୍ଷ ନିଯୁକ୍ତି ମାଧ୍ୟମରେ ଜିଲା ଜଜ୍ ନିଯୁକ୍ତି ଲାଗି ଯୋଗ୍ୟ ବିବେଚିତ ହୋଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ବୁଧବାର କହିଛନ୍ତି। ଜଷ୍ଟିସ୍ ଅର୍ଜୁନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ଜିଲା ଜଜ୍ ପଦବୀରେ ନିଯୁକ୍ତି ପାଇଁ ଆଇନଜୀବୀଙ୍କର ବାର୍‌ରେ ଅନ୍ୟୂନ ୭ ବର୍ଷର ଅଭିଜ୍ଞତା ଥିବା ଜରୁରୀ ଓ ତାଙ୍କୁ ନିଯୁକ୍ତି ଦେବା ଲାଗି ହାଇକୋର୍ଟ ସୁପାରିସ୍ କରିବା ଆବଶ୍ୟକ। ସମ୍ବିଧାନର ଅନୁଚ୍ଛେଦ ୨୩୩ର ଉପଧାରା ୨ ଅନୁଯାୟୀ ନ୍ୟାୟିକ ସେବାର ପ୍ରାର୍ଥୀଙ୍କୁ ସିଧାସଳଖ ଜିଲା ଜଜ୍ ଭାବେ ନିଯୁକ୍ତି ଦେବାର ବ୍ୟବସ୍ଥା ନାହିଁ। ତେବେ ପଦୋନ୍ନତିରେ ନିମ୍ନ ଆଇନ ସେବା ସଦସ୍ୟଙ୍କୁ ଜିଲା ଜଜ୍ ପଦ ପାଇଁ ବିଚାର କରାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି।

# ମହିଳାଙ୍କ ପ୍ରଜନନ ଅଧିକାର ସୁରକ୍ଷା ବିଲ୍‌କୁ ମଞ୍ଜୁରୀ

ନୂଆଦିଲ୍ଲୀ,୧୯।୨(ଆଇଏଏନ୍‌ଏସ୍)



ସ୍ମୃତି ଇରାନୀ

କେନ୍ଦ୍ର କ୍ୟାବିନେଟ ବୁଧବାର ‘ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍ନୋଲୋଜି ରେଗୁଲେଶନ୍ ବିଲ୍ ୨୦୨୦’କୁ ମଞ୍ଜୁରୀ ଦେଇଛି। ମହିଳାଙ୍କ ପ୍ରଜନନ ଅଧିକାରକୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଏହି ବିଧେୟକକୁ ଏକ ଐତିହାସିକ ବିଲ୍ ଭାବେ ଅଭିହିତ କରିଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ। ସେ କହିଛନ୍ତି, ଏହି ବିଲ୍ ଦେଶର ମହିଳାମାନଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ଏକ ଜାତୀୟ ରେଜିଷ୍ଟ୍ରି (ପଞ୍ଜୀକରଣ କାର୍ଯ୍ୟାଳୟ) ପ୍ରତିଷ୍ଠା ପାଇଁ ଆଇନ ଆଣିବା ଲାଗି ଏଥିରେ ପ୍ରସ୍ତାବ ରହିଛି। ଆଇନଗତ ଚିଠା ପ୍ରସ୍ତୁତିରେ ସାହାଯ୍ୟ କରିବା ଲାଗି ଏକ ଜାତୀୟ ବୋର୍ଡ ଓ ରାଜ୍ୟ ବୋର୍ଡ ଗଠନ ହେବ। ସେହିପରି କ୍ଲିନିକ୍ ଓ ବ୍ୟାଙ୍କଗୁଡ଼ିକୁ ନେଇ ଏକ କେନ୍ଦ୍ରୀୟ ଡାଟାବେସ୍ ମଧ୍ୟ ପ୍ରସ୍ତୁତ କରାଯିବ। ଭ୍ରୁଣ ବିକ୍ରି ଓ ଚାଲାଣରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଜରିମାନା କରାଯିବ। ଆବଶ୍ୟକ ସ୍ଥଳେ ଅଭିଯୁକ୍ତଙ୍କୁ ଜେଲ୍‌ଦଣ୍ଡ ଦିଆଯିବାର ବ୍ୟବସ୍ଥା ମଧ୍ୟ ପ୍ରସ୍ତାବିତ ଆଇନରେ ରହିଛି। ମାର୍ଚ୍ଚ ୨ରୁ ଏପ୍ରିଲ ୩ ମଧ୍ୟରେ ଚାଲିବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନରେ ଏହି ବିଲ୍ ପାର୍ଲାମେଣ୍ଟରେ ଆଗତ ହେବ ବୋଲି ଇରାନୀ ସୂଚନା ଦେଇଛନ୍ତି।

## ୨୨ତମ ଲ କମିଶନକୁ କ୍ୟାବିନେଟ ମୋହର

**ନୂଆଦିଲ୍ଲୀ,୧୯।୨(ପି.ଟି.):** ୨୨ତମ ନ୍ୟାୟିକ ଆୟୋଗ (ଲ କମିଶନ) ଗଠନ ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଏହି ଆୟୋଗ ସରକାରଙ୍କୁ ଜଟିଳ ନ୍ୟାୟିକ ପ୍ରସଙ୍ଗରେ ପରାମର୍ଶ ଦେବ। ପୂର୍ବ ନ୍ୟାୟିକ ଆୟୋଗଙ୍କ କାର୍ଯ୍ୟକାଳ ଗତବର୍ଷ ଅଗଷ୍ଟରେ ଶେଷ ହୋଇଥିଲା। ନୂଆ ଗଠନ ନେଇ ଆଇନ ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶ କରିବ।

# କୃଷକଙ୍କ ପାଇଁ ଇଚ୍ଛାଧୀନ ହେବ ପିଏମ୍‌ଏଫ୍‌ବିୱାଇ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ସୁବିଧା ନେବା କୃଷକମାନଙ୍କ ପାଇଁ ଇଚ୍ଛାଧୀନ ହେବ। ବୁଧବାର କେନ୍ଦ୍ର କ୍ୟାବିନେଟ ଏହି ନିଷ୍ପତ୍ତି ନେଇଛି। ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭାରମ୍ଭ କରିଥିବା ଏହି ଯୋଜନା ଋଣ କରୁଥିବା ସବୁ ଚାଷୀଙ୍କ ପାଇଁ ବାଧ୍ୟତାମୂଳକ ଥିଲା। ଏବେ ମୋଟ ଚାଷୀଙ୍କ ମଧ୍ୟରୁ ୫୮ ପ୍ରତିଶତ ଋଣ କରୁଛନ୍ତି। କୃଷକ ସଂଗଠନ ଓ ବିଭିନ୍ନ ରାଜ୍ୟ ଏହା ଉପରେ ଚିନ୍ତାବ୍ୟକ୍ତ କରିବା ପରେ କେନ୍ଦ୍ର କ୍ୟାବିନେଟ ପିଏମ୍‌ଏଫ୍‌ବିୱାଇରେ କେତେକ ପରିବର୍ତ୍ତନ କରିଥିବା କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୩୦ ପ୍ରତିଶତ ଚାଷଜମି ଏହି ଯୋଜନାରେ ବୀମାଭୁକ୍ତ ହୋଇଥିଲା। ୬୦ ହଜାର କୋଟି ଟଙ୍କା ବୀମା ରାଶି ହିତାଧିକାରୀ ଚାଷୀଙ୍କୁ ପ୍ରଦାନ କରାଯାଇଛି।

## ରଞ୍ଜିତ ସିହ୍ନାଙ୍କ ବିରୋଧରେ ଷ୍ଟାଟସ୍ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୯।୨ (ପି.ଟି.)

କୋଇଲା ଦୁର୍ନୀତି ମାମଲାରେ ସିବିଆଇର ପୂର୍ବତନ ନିର୍ଦ୍ଦେଶକ ରଞ୍ଜିତ ସିହ୍ନାଙ୍କ ବିରୋଧରେ ତଦନ୍ତର ସାନି ଷ୍ଟାଟସ୍ ରିପୋର୍ଟ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ସୁପ୍ରିମକୋର୍ଟ ବୁଧବାର ତଦନ୍ତକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ କୋଇଲା ଦୁର୍ନୀତି ମାମଲାର ତଦନ୍ତରେ ସିହ୍ନା ତାଙ୍କ ପଦବୀର ଅପବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ ଏବଂ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ସିବିଆଇକୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। କୋଇଲା ଦୁର୍ନୀତି ସମ୍ପର୍କରେ ୨୦୧୨ରେ ସିଏଜିଙ୍କ ରିପୋର୍ଟ ପ୍ରକାଶ ପାଇବା ପରେ ତଦନ୍ତକୁ ପ୍ରଭାବିତ କରିବାକୁ ସିହ୍ନା ଉଦ୍ୟମ କରିଥିଲେ।



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ବଢ଼େ ସ୍ପର୍ଦ୍ଧା, ତ୍ୟାଗରେ ବଢ଼େ ମହତ୍ତ୍ୱ।
- ଶିରିଡି ସାଇବାବା



## ସଂକ୍ଷେପରେ

### ୪ ଲକ୍ଷ ଟଙ୍କା ଦାଦାବଟି: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୨(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ବିଭିନ୍ନ ବସ୍ତି ଓ ଅଫିସ୍‌ରେ ଦାଦାବଟି ମାଗିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଡମଣା ଅଞ୍ଚଳର ପ୍ରଭାତ କୁମାର ସେଠୀ। ପ୍ରଭାତ ଗତ ୮ ତାରିଖରେ ଚନ୍ଦ୍ରଶେଖରପୁର ମା' ମଙ୍ଗଳା ବସ୍ତି ଅଞ୍ଚଳରେ ଦୋକାନ କରିଥିବା ରବୀନ୍ଦ୍ର ପ୍ରଧାନଙ୍କୁ ୪ ଲକ୍ଷ ଟଙ୍କା ବଟି ମାଗିଥିଲେ। ରବୀନ୍ଦ୍ର ଅରାଜି ହେବାରୁ ତାଙ୍କ ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ରବୀନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮୩/୨୦ ନମ୍ବରରେ ମାମଲା ରୁଜୁ କରି ବୁଧବାର ପ୍ରଭାତଙ୍କୁ ଗିରଫ କରିଥିଲା। କୋର୍ଟରେ ତାଙ୍କର ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଜାଗରଯାତ୍ରାରେ ସ୍ୱଚ୍ଛତାକୁ ଗୁରୁତ୍ୱ

ଭୁବନେଶ୍ୱର, ୧୯।୨(ବ୍ୟୁରୋ): ଜାଗର ଯାତ୍ରା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ବିଭିନ୍ନ ବିଭାଗର ମିଳିତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯିବା ସହ ଦୁଇଟି ମୋବାଇଲ୍ ଟଏଲେଟ୍ ସହ ଏକ ସ୍ୱତନ୍ତ୍ର ସ୍ଥାନରେ ଅସ୍ଥାୟୀ ଟଏଲେଟର ସ୍ଥାପନ କରାଯାଇଛି। ଦୁଇଟି ମୋବାଇଲ ଟଏଲଟରେ ଏକକାଳୀନ ୨୦ଜଣ ଶୌଚ କରିବାର ସୁବିଧା କରାଯାଇଛି। ଶୌଚାଳୟର ତୁରନ୍ତ ପରିଚାଳନା, ଆବଶ୍ୟକୀୟ ମାତ୍ରାରେ ବ୍ଲିଚିଂ ପାଉଡର ସିଞ୍ଚନ ଆଦି ବିଏମ୍‌ସି ପକ୍ଷରୁ ନିଶ୍ଚିତ କରାଯାଇଛି। ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳାରେ ଆସି ଦର୍ଶନ ଏବଂ ମହାଦୀପ ଦର୍ଶନ କରିବେ ସେ ନେଇ ଭୂମି ସମତଳ, ଅସ୍ଥାୟୀ ସେଡ୍ କରାଯିବା ସହ ବିଏମ୍‌ସି ପକ୍ଷରୁ ଅସ୍ଥାୟୀ ଭଜନମଣ୍ଡପ ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସଙ୍କ ସମେତ ବିଏମ୍‌ସି ପକ୍ଷରୁ ୫୫ଜଣ ସିକ୍ୟୁରିଟି ଗାର୍ଡ ନିୟୋଜିତ ହେବେ। ଦିନକୁ ତିନିଥର ୧୦୦ଜଣ ସଫେଇବାଲା ଲିଙ୍ଗରାଜ ମନ୍ଦିର ବାହ୍ୟ ପରିସର ସଫା କରିବେ। ଭୂପୃଷ୍ଠ ଆବର୍ଜନା ନ ହେବାପାଇଁ ପର୍ଯ୍ୟାପ୍ତ ପରିମାଣର ଡଷ୍ଟବିନ୍ ରହିବ। ଲିଙ୍ଗରାଜ କମ୍ପ୍ଲେକ୍ସ, ବିଏମ୍ ହାଇସ୍କୁଲ ଏବଂ ସୁଭଦ୍ରା ମହତାବ ହାଇସ୍କୁଲରେ ଗାଡି ପାର୍କିଂ କରାଯିବାର ବ୍ୟବସ୍ଥା ହୋଇଛି। ଜୋତା ରଖିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଜୋତା ଷ୍ଟାଣ୍ଡ କରାଯିବା ସହ ସାଧାରଣଲୋକଙ୍କୁ ମାଗଣାରେ ଉପଲବ୍ଧ ହେବ। ଏହି ଷ୍ଟାଣ୍ଡ ଗୁଡିକୁ ଏନ୍‌ଜିଓ ସହଯୋଗରେ ପରିଚାଳନା କରାଯିବ। ପାଣି ଟ୍ୟାଙ୍କର, ସ୍ୱେଚ୍ଛାସେବୀ ଏବଂ ଆମ୍ବୁଲାନ୍ସ ସେବାକୁ ମଧ ଗୁରୁତ୍ୱ ଦିଆଯାଇଛି। ଜାଗର ଯାତ୍ରା ପରଦିନ ବିଏମ୍‌ସି ଅଧିକ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରି ପରିବେଶ ପରିଷ୍କାର କରିବ ବୋଲି ଜଣାପଡିଛି। ଏହା ସହିତ ଅଞ୍ଚଳର ସମସ୍ତ ମନ୍ଦିରକୁ ଆଲୋକୀକରଣ କରାଯିବ।

### ଅର୍ଦ୍ଧନାରୀଶ୍ୱର ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ପୁରୁଣା ଭୁବନେଶ୍ୱର, ୧୯।୨ (ଡି.ଏନ.ଏ.): ବିଶ୍ୱର କଲ୍ୟାଣ ନିମନ୍ତେ ପୁରୁଣା ଭୁବନେଶ୍ୱରର ମହତାବ ରୋଡସ୍ଥିତ ଅର୍ଦ୍ଧନାରୀଶ୍ୱର ମନ୍ଦିରରେ କମିଟି ପକ୍ଷରୁ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଛି। ସୋମବାର ଅଙ୍କୁରାରୋପଣ, କଳସ ଯାତ୍ରା କରାଯାଇଥିଲା। ବହୁ ସ୍ୱନାମଧନ୍ୟ ପ୍ରବଚକ ଯୋଗ ପ୍ରବଚନ ଦେଇଥିଲେ। ଅର୍ଦ୍ଧନାରୀଶ୍ୱର ପୂଜା କମିଟି ପକ୍ଷରୁ ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଛୋଟ ମନ୍ଦିରକୁ ଅବହେଳା

ପୁରୁଣା ଭୁବନେଶ୍ୱର, ୧୯।୨ (ଡି.ଏନ.ଏ.)

ମହାଶିବରାତ୍ରି ଉପଲକ୍ଷେ ଏକାମ୍ର କ୍ଷେତ୍ର ଚଳଚଞ୍ଚଳ ହୋଇ ଉଠିଛି। ପ୍ରଶାସନ ପକ୍ଷରୁ କଙ୍କ୍ରିଟ୍ ଟାଇଲ୍ ବିଛାଯାଇ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ମଣ୍ଡପ ଓ ଟେଣ୍ଟ ବ୍ୟବସ୍ଥା କରାଯାଇଛି। ମାତ୍ର ମିଳିତ ଉଚ୍ଛେଦ ଟିମ୍ ପକ୍ଷରୁ ସୌନ୍ଦର୍ଯ୍ୟକରଣ ଓ ବିକାଶ ଆଳରେ ମନ୍ଦିର ଚତୁଃପାର୍ଶ୍ୱରେ ରହିଥିବା ବିଭିନ୍ନ ଛୋଟ ମନ୍ଦିର ପୁନରୁଦ୍ଧାର କରିବା ଦୂରେ ଥାଉ ଏଗୁଡିକ ନିକଟରେ ନିର୍ମାଣ ଓ ଖନନ କାର୍ଯ୍ୟ ଚାଲୁଛି। ହେଲେ ଏହି ସମୟରେ କୌଣସି ସରକାରୀ ଅଧିକାରୀ ଉପସ୍ଥିତ ନ ରହିବା ଶ୍ରଦ୍ଧାଳୁ ଓ ଏକାମ୍ରବାସୀଙ୍କୁ ଏହା ବ୍ୟଥିତ କରିଛି। ଦକ୍ଷିଣ ଦ୍ୱାର ନିକଟରେ ଶ୍ରୀଲିଙ୍ଗରାଜ ମନ୍ଦିର ସମସାମୟିକ ଗଡ଼ ଗଣେଶ ମନ୍ଦିର, ଯାହାକି ଭକ୍ତକବି ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପରିସରରେ ରହିଥିଲା ଏବେ ବିଭାଗୀୟ ଅବହେଳା ଯୋଗୁ ଭୁଶୁଡି ପଡିବା ସ୍ଥିତିରେ। ଏହା ଦେଖି ବହୁ ସେବାୟତ ଓ ଶ୍ରଦ୍ଧାଳୁ ଏହି ଗଡ଼ ଗଣେଶ ସମେତ ହାଟସାହି ଅଞ୍ଚଳରେ ଏଭଳି ଅନ୍ୟୁନ ୧୦ଗୋଟିରୁ ଊର୍ଦ୍ଧ୍ୱ ମନ୍ଦିର ପୁନରୁଦ୍ଧାର କରିବାକୁ ଦାବି ହୋଇଛି। ଶହ ଶହ ବର୍ଷର ଐତିହ୍ୟ ନିକଟରେ ଶକ୍ତି ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ବସାଇ ଯାଇଛି। ଏକ ପାଖରେ ନାଳ ନିର୍ମାଣ ପରେ ସାଧାରଣ ଲୋକେ ଶୌଚ ନିମନ୍ତେ ଓ ଅଳିଆଗଦା ପରି ଏଗୁଡିକୁ ବ୍ୟବହାର କରୁଛନ୍ତି ।

**ଏକାମ୍ର କ୍ଷେତ୍ରରେ ସୌନ୍ଦର୍ଯ୍ୟକରଣ, ବିକାଶ**

ସେହିପରି ଏହି ବିକାଶ ଯୋଜନା ଆରମ୍ଭ ସମୟରେ ପ୍ରାଥମିକତା ଭିତ୍ତିରେ ଉତ୍ତରଦ୍ୱାରା ନିକଟରୁ ବିନ୍ଦୁସାଗରର ମନୋରମ ଦୃଶ୍ୟ ଚଳିତ ମହାଶିବରାତ୍ରି ପୂର୍ବରୁ ଦେଖିବା ଆଶା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କର ମଉଳି ଗଲାଣି। ସରକାରୀ ଅଧିକାରୀ ହାତ ଗଣତି କେତୋଟି ଘରୋଇ ଜମି ଦୀର୍ଘମାସ ଧରି ଅଧିଗ୍ରହଣ କରି ନ ପାରିନାହାନ୍ତି। ପୂର୍ବରୁ ଏହି ସମସ୍ତ ମାପ ଚୁପ ସମୟରେ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରାମର୍ଶରେ ସବୁ କାର୍ଯ୍ୟ କରାଯାଉଥିଲା। ଏବେ ଦୁଇଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି। ପୂର୍ବରୁ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଠାକୁର ସମ୍ପତ୍ତି ପୂର୍ବରୁ ଅନେକ ଜବରଦଖଲ ସ୍ଥାନରେ ବୋର୍ଡ ମାରି ସମ୍ପତ୍ତି ସୁରକ୍ଷା ନେଇ ପଦକ୍ଷେପ ନିଆଯାଇଥିଲା। ମାତ୍ର ଏବେ ମିଳିତ ଉଚ୍ଛେଦ ଟିମ୍‌ର ବିଏମସି ଓ ପୂର୍ତ୍ତ ବିଭାଗର ଅଧିକାରୀ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱୟଙ୍କୁ ଏକ ପ୍ରକାର କୋଣ ଠେସା କରିଦେବା ପରି ମନେହୁଏ। ଦେବୀପାଦହରା ନିକଟରେ ବିଭିନ୍ନ ଘରୋଇ ଜମି ଯେଉଁଭଳି ଉଚ୍ଛେଦ କରାଯାଇ ସୌନ୍ଦର୍ଯ୍ୟକରଣରେ ସାମିଲ କରାଯାଇ ପାରିଲା ସେହିପରି ଉତ୍ତରଦ୍ୱାରଠାରୁ ବିନ୍ଦୁସାଗର ପର୍ଯ୍ୟନ୍ତ ଘରୋଇ ଜମି ଅଧିଗ୍ରହଣ ଆଗେଇ ପାରୁନି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ମିଳିତ ଉଚ୍ଛେଦ ଟିମ୍ ସାଧାରଣ କୋଠାବାଡ଼ି ଓ ରାସ୍ତା ନିର୍ମାଣ ପରି ଖାମଖିଆଲ ଭାବେ ମନ୍ଦିର ଚତୁଃପାର୍ଶ୍ୱ ଠିକାଦାରି ଜରିଆରେ ଖନନ ଓ ନିର୍ମାଣ କାର୍ଯ୍ୟ କରୁଥିବାରୁ ଏହି ଦୁଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପୂର୍ବପରି ସମସ୍ତ ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ସାମିଲ କରିବାକୁ ସାଧାରଣରେ ଦାବି ହୋଇଛି। ଏପରି ଅବହେଳା ସମ୍ପର୍କରେ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ ଦାସଙ୍କୁ ପଚାରିବାରୁ ଏସବୁ ଏକ ସ୍ୱାଭାବିକ ପ୍ରକ୍ରିୟା। କିଏ କିଭଳି ଅନୁଭବ କରୁଛି ଆମେ କହିପାରିବୁ ନାହିଁ ବୋଲି ସେ କହିଥିଲେ।

## ବିମାନବନ୍ଦରରେ କାର୍ଯ୍ୟରତ ମହିଳାଙ୍କୁ ନିର୍ଯାତନା

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଲାଉଞ୍ଜରେ କାର୍ଯ୍ୟରତ ଜଣେ ଚୁକ୍ତିଭିତ୍ତିକ ମହିଳା କର୍ମଚାରୀଙ୍କୁ ତାଙ୍କ ଉପରିସ୍ଥ ଅଧିକାରୀ ଅବିନାଶ ନନ୍ଦ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଏୟାରପୋର୍ଟ ଥାନାରେ ଅଭିଯୋଗ ହୋଇଛି। ଏନେଇ ୪୧/୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ମହିଳା ଜଣକ ୨୦୧୯ ମାର୍ଚ୍ଚରୁ ବିମାନବନ୍ଦରରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୭ବର୍ଷ ପାଇଁ ଚାକିରି କରିବେ ବୋଲି ସ୍ଥିର ହେବା ପରେ ସେ ଅବିନାଶଙ୍କୁ ୩୦ ହଜାର ଟଙ୍କା ଦେଇଥିଲେ। ଇତିମଧ୍ୟରେ ଅବିନାଶ ମହିଳାଙ୍କୁ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ଏଭଳି ନିର୍ଯାତନା ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କ ଗହଣରେ ଆଲୋଚନା ହୋଇ ସମାଧାନ ମଧ ହୋଇଥିଲା। କିନ୍ତୁ ଅବିନାଶଙ୍କ କଥାରେ ରାଜି ହୋଇ ନ ଥିବାରୁ ଗତ ଡିସେମ୍ବର ୩୧ରେ ଚାକିରି ଅବଧିକୁ ନବୀକରଣ କରା ନ ଯାଇ ଛଟେଇ କରାଗଲା ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ମହିଳାଙ୍କ ଅଭିଯୋଗ ପୂର୍ବରୁ ଅବିନାଶ ଥାନାରେ ଅଭିଯୋଗ କରିଛନ୍ତି। ସେ ବୁଧବାର ସନ୍ଧ୍ୟାରେ ଏୟାରପୋର୍ଟରୁ ବାହାରିବାବେଳେ

**୨ ମାମଲା ରୁଜୁ**

ତାଙ୍କୁ ମହିଳା ଜଣକ ଏବଂ ତାଙ୍କ ସ୍ୱାମୀ ଓ ଭାଇ ମାରପିଟ୍ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଏୟାରପୋର୍ଟ ଥାନାରେ ୪୦/୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଅବିନାଶ କହିଛନ୍ତି ଯେ, ଚୁକ୍ତି ମୁତାବକ ମହିଳାଙ୍କ ଚାକିରି ଡିସେମ୍ବରରେ ଶେଷ ହେବାରୁ ସେ ଛଟେଇ ହେଲେ। କିନ୍ତୁ ମହିଳା ଜଣକ ଆକ୍ରୋଶମୂଳକ ଭାବେ ମୋ ବିରୋଧରେ ଅଭିଯୋଗ ଆଣିଛନ୍ତି।

## ଦରଘା ପ୍ରବେଶଦ୍ୱାର ଭଙ୍ଗାବେଳେ ଉତ୍ତେଜନା



ଦୋକାନୀଙ୍କ ସହ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଆଲୋଚନା କରୁଛନ୍ତି।



ଦରଘା ପ୍ରବେଶ ଦ୍ୱାର ଭଙ୍ଗା ଯାଉଛି।

କଟକ ଅଫିସ,୧୯।୨

ଏସ୍‌ସିବି ମେଡିକାଲର ଉନ୍ନତୀକରଣ ଏବଂ ସମ୍ପ୍ରସାରଣ ପାଇଁ ଆଖପାଖ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଯୋବ୍ରା ଅଞ୍ଚଳରେ ଉଚ୍ଛେଦବେଳେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଦର୍‌ଘା ଉଚ୍ଛେଦବେଳେ ଅଞ୍ଚଳବାସୀ ବିରୋଧ କରିଥିଲେ। ୱାକ୍‌ଫ ବୋର୍ଡ଼ର ଟ୍ରିବ୍ୟୁନାଲ୍‌ରେ ଦର୍‌ଘାର ଜମିକୁ ନେଇ ମାମଲା ବିଚାରାଧୀନ ଥିବା ଯୋଗୁ ତାହାକୁ ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ଲୋକମାନେ କହିଥିଲେ। ଏହାକୁ

**ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ପାଇଁ ଜବରଦଖଲ ଉଚ୍ଛେଦ**

ନେଇ ଅଞ୍ଚଳବାସୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତହସିଲଦାର୍ ଜମି ମାପଚୁପ କରିଥିଲେ। ଏହାପରେ ସରକାରୀ ଜମିରେ ଥିବା ଦର୍‌ଘାର ପ୍ରବେଶ ଦ୍ୱାରକୁ ଭଙ୍ଗା ଯାଇଥିଲା। କେବଳ ଦର୍‌ଘା ନୁହେଁ, ଏହା ପାଖରେ ଥିବା ୮ଟି ଦୋକାନ ଭାଙ୍ଗିବା ସମୟରେ ମଧ ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୋକାନର ମୂଲ୍ୟ ତୁଳନାରେ କ୍ଷତିପୂରଣ ରାଶି କମ୍ ଥିବାରୁ ଦୋକାନୀମାନେ ବିରୋଧ କରିଥିଲେ। ସେମାନେ ଉପଯୁକ୍ତ କ୍ଷତିପୂରଣ ଦାବି କରିବା ସହ ଉଚ୍ଛେଦକାରୀ ଦଳକୁ ଅଟକାଇ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଦୋକାନୀମାନଙ୍କ ସହ ଆଲୋଚନା କରିବା ପରେ ବିରୋଧ ପ୍ରତ୍ୟାହାର ହୋଇଥିଲା। ପରେ ଦୋକାନ ଭଙ୍ଗା ଯାଇଥିଲା। ଉଚ୍ଛେଦ ସମୟରେ ବିରୋଧ ଏବଂ ଅସନ୍ତୋଷ ପ୍ରକାଶ ପାଇବାର ଆଶଙ୍କା ଥିବାରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଅନ୍ତର୍ଜାତୀୟସ୍ତରରେ ଭାଷା, ସଂସ୍କୃତିର ପ୍ରସାର କରିବାକୁ ଉଦ୍ୟାନଙ୍କ ଆହ୍ୱାନ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ସମସ୍ତେ ମିଶି ଅନ୍ତର୍ଜାତୀୟସ୍ତରରେ ଆମ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର କରିବାକୁ ଆହ୍ୱାନ ଦେଇଛନ୍ତି ଓଡ଼ିଶା ଗସ୍ତରେ ଆସିଥିବା ସାମାଜିକକର୍ମୀ ଅଗୁସ୍ ଇନ୍ଦ୍ର ଉଦ୍ୟାନ। ଭୁବନେଶ୍ୱରସ୍ଥିତ ସାମାଜିକ ଅନୁଷ୍ଠାନ ନିଶ୍ୱାସ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଜୀବନୀ ଏବଂ ଆଦର୍ଶକୁ ସର୍ବଦା ଆମ ଜୀବନରେ ଜୀବନ୍ତ ରଖିବାକୁ ହେବ। ଏହାଦ୍ୱାରା ଆମେ ସାମାଜିକ ଏବଂ ଆଧାତ୍ମିକ ଭାବେ ଉନ୍ନତି କରିପାରିବା। ଗାନ୍ଧିଜୀଙ୍କ ପରି ଆମେ କର୍ମବୀର ହୋଇପାରିବା। ସୁଦୂର ଇଣ୍ଡୋନେସିଆରେ ଦୀର୍ଘ ଦୁଇ ଦଶନ୍ଧି ଧରି ସମାଜ ସେବାରେ ନିୟୋଜିତ ଥିବା ଇନ୍ଦ୍ର ଉଦ୍ୟାନ କଳିଙ୍ଗ-ବାଲିର ସଙ୍ଗମ ନେଇ ଅନେକ ପଦକ୍ଷେପ ନେଇଛନ୍ତି। ଏଥିଲାଗି ଚଳିତବର୍ଷ କେନ୍ଦ୍ର ସରକାର ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏଥିରେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସକ ବିବେକ ପଟ୍ଟନାୟକ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ରାଧାକୃଷ୍ଣ ନାୟକ ଇନ୍ଦ୍ର ଉଦ୍ୟାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ନାଗେଶ୍ୱର ଟାଙ୍ଗୀରୁ ହଟିଲାନି ଗଛ



ପୁରୁଣା ଭୁବନେଶ୍ୱର, ୧୯।୨ (ଡି.ଏନ.ଏ.)

**ଫନୀ ବାତ୍ୟାକୁ ୧୦ ମାସ ବିତିଲା**

ଫନୀ ବାତ୍ୟାକୁ ୧୦ ମାସ ବିତିଗଲାଣି। ହେଲେ ସ୍ମାର୍ଟସିଟିର ନାଗେଶ୍ୱର ଟାଙ୍ଗୀରେ ଅଦ୍ୟାବଧି ଏକ ପୁରୁଣା ବରଗଛ ନ କଟା ଯିବାରୁ ରାସ୍ତା ଅବରୋଧ ହୋଇରହିଛି। ପ୍ରତ୍ୟହ ଏହି ବାଟ ଦେଇ ନାଗେଶ୍ୱର ମନ୍ଦିରକୁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ପର୍ଯ୍ୟଟକମାନେ ମଧ ଯାତାୟାତ କରିଥାନ୍ତି। ସେହିଭଳି ବର୍ଷେ ଧରି ବିନା କାଉନସିଲ୍‌ରେ ବିଏମସି ଚାଲି ଥିବାରୁ ସ୍ଥାନୀୟ ଜନପ୍ରତିନିଧି ମଧ ଘଟଣାପ୍ରତି ଭ୍ରୂକ୍ଷେପ କରୁନାହାନ୍ତି, ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ସରକାର ଫନୀ ବାତ୍ୟାକୁ ଉପଯୁକ୍ତ ଢଙ୍ଗରେ ମୁକାବିଲା କରିଥିବା ନେଇ ଜାତିସଂଘରେ ପ୍ରଶଂସିତ ହୋଇଥିବାବେଳେ ରାଜଧାନୀରେ ଏହି ବ୍ୟତିକ୍ରମକୁ ନେଇ ବୁଦ୍ଧିଜୀବୀ ମହଲରେ ବିଭିନ୍ନ କଳ୍ପନା ଜଳ୍ପନା ଚାଲିଛି। ଏ ନେଇ ପୂର୍ବତନ କର୍ପୋରେଟର ନୃପେଶ ନାୟକଙ୍କୁ ପଚାରିବାରୁ ଗଛଟି ୨୦୦ବର୍ଷର। ଏ ସମ୍ପର୍କରେ ବିଏମସି ଅଧିକାରୀମାନେ ଅବଗତ ରହିଛନ୍ତି। ଜାଗାଟି ସଂକୋଚିତ ଏବଂ ଗଛଟି ବୃହତ୍ତାକାର ହୋଇଥିବାରୁ ଏଠାରେ କୌଣସି ଡ୍ରୋଜର କିମ୍ବା କ୍ରେନ ଆସିବା ସମ୍ଭବ ହୋଇପାରୁନାହିଁ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ରୁ ଊର୍ଦ୍ଧ୍ୱ କାଠୁରିଆଙ୍କୁ ଲଗାଇ ୨ ମାସ ପର୍ଯ୍ୟନ୍ତ କାଟିଥିଲେ ହେଁ କୌଣସି ପ୍ରଭାବ ପଡି ନ ଥିଲା। ଖୁବ୍‌ଶୀଘ୍ର କାଠୁରିଆଙ୍କୁ ଲଗାଇ ଗଛଟି ହଟାଯିବ ବୋଲି ସେ କହିଥିଲେ।

## ସ୍ମାର୍ଟ ଜନପଥ କାର୍ଯ୍ୟରେ ବାଧକ ସାଜିଛି ଡ୍ରେନ୍, ଭୂତଳ କେବୁଲ କାମ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

**ସମୀକ୍ଷା ବୈଠକରେ ଅସନ୍ତୋଷ**
- ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁନି

ସ୍ମାର୍ଟ ଜନପଥ କାର୍ଯ୍ୟର ଅଗ୍ରଗତି ନେଇ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ) କର୍ତ୍ତୃପକ୍ଷଙ୍କ ଏକ ଆଭ୍ୟନ୍ତରୀଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ମାର୍ଟ ଜନପଥ କାର୍ଯ୍ୟ ଆସନ୍ତା ଜୁଲାଇ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ କେତେକ ସମସ୍ୟା ଯୋଗୁ ଆଶାନୁରୂପ ଆଗେଇପାରୁନି। ଓପିଟିସିଏଲ୍ ଓ ସେସୁ ଦ୍ୱାରା ଜନପଥର ବିଭିନ୍ନ ସ୍ଥାନରେ ଭୂତଳ କେବୁଲ ବିଛାଯିବା କାମ ଚାଲିଥିବାରୁ ସ୍ମାର୍ଟ ଜନପଥ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ନେଇ ଏବେ ଅନିଶ୍ଚିତତା ସୃଷ୍ଟି ହୋଇଛି। ସେହିଭଳି ବିଏମ୍‌ସି ପକ୍ଷରୁ ଡ୍ରେନ ନିର୍ମାଣ ପାଇଁ ରାସ୍ତା ଖୋଳାଯାଇଥିବାରୁ ବାଧା ସୃଷ୍ଟି ହୋଇଛି। ଏହାକୁ ନେଇ ସମୀକ୍ଷା ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି।

ବିଏସ୍‌ସିଏଲର ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ସ୍ମାର୍ଟ ଜନପଥ କାର୍ଯ୍ୟ ଏଯାବତ୍ ମାତ୍ର ୪୦ରୁ ୪୫ ପ୍ରତିଶତ ସରିଛି। ଓପିଟିସିଏଲ୍ ପକ୍ଷରୁ କେବୁଲ ବିଛାଇବା ପାଇଁ ରାସ୍ତା ପାର୍ଶ୍ୱ ଅଧା ଖୋଳା ହୋଇ ପଡ଼ି ରହୁଥିବାରୁ ଆବଶ୍ୟକ କାର୍ଯ୍ୟ କରିହେଉନାହିଁ। ଭୂତଳ କେବୁଲ କାର୍ଯ୍ୟ କେବେ ସରିବ ସେନେଇ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଦିଆଯାଉନାହିଁ। ସେହିଭଳି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା କରାଯାଉଥିବା ନୂତନ ଡ୍ରେନେଜ୍ ପ୍ରକଳ୍ପ କାର୍ଯ୍ୟ ମଧ ଜାରି ରହିଛି। ତେଣୁ ବିଭିନ୍ନ ସ୍ଥାନରେ ହୋଇଥିବା ସ୍ମାର୍ଟ ଜନପଥ କାର୍ଯ୍ୟ ମଧ ପ୍ରଭାବିତ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ସମନ୍ୱୟର ଅଭାବ ଯୋଗୁ ଆଜି ସ୍ମାର୍ଟ ଜନପଥ କାର୍ଯ୍ୟ ପଛାଇଛି ବୋଲି ଅଧିକାରୀ ଜଣକ ପ୍ରକାଶ କରିଛନ୍ତି।

**୨୫ରେ ମଞ୍ଚେଶ୍ୱର ଭୂତଳ କେବୁଲ୍ ଚାର୍ଜ**

ଜନପଥରେ ସେସୁ ଭୂତଳ କେବୁଲ ବିଛାଉଛି। ଏଥିରେ ଓପିଟିସିଏଲ ଆନୁଷଙ୍ଗିକ ଭାବେ ସହଯୋଗ କରୁଛି। ଆସନ୍ତା ୨୫ ତାରିଖରେ ମଞ୍ଚେଶ୍ୱର ଅଞ୍ଚଳରେ ଭୂତଳ କେବୁଲ ଚାର୍ଜ ହେବ। ଏହାପରେ ଜନପଥରେ କେବୁଲ୍ ବିଛା କାର୍ଯ୍ୟ ସରିବ। ଆବଶ୍ୟକ ଯାଞ୍ଚ ପରେ ଚାର୍ଜ କରାଯିବ ବୋଲି ଓପିଟିସିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଦେଶର ନଂ.୧ ସ୍ମାର୍ଟସିଟି ଭୁବନେଶ୍ୱରରେ ଦୁଇଟି ସ୍ମାର୍ଟ ମାର୍ଗ ତିଆରି କରୁଛି ବିଏସ୍‌ସିଏଲ୍। ଜନପଥକୁ ସ୍ମାର୍ଟ ଜନପଥ ଓ ସଚିବାଳୟ ମାର୍ଗକୁ ସ୍ମାର୍ଟ ସଚିବାଳୟ ମାର୍ଗରେ ପରିଣତ ହେବ। ହେଲେ ଅନ୍ୟ ବିଭାଗୀୟ କାର୍ଯ୍ୟ ତ୍ୱରାନ୍ୱିତ ନ ହେବା, ପ୍ରାକୃତିକ ଦୁର୍ବିପାକକୁ ସାମ୍ନା କରିବା ଓ ୨୦୧୮ରେ ହୋଇଥିବା ୱାର୍ଲ୍ଡ କପ୍ ହକି ପରି ବଡ଼ ବଡ଼ ଇଭେଣ୍ଟ ପାଇଁ ସ୍ମାର୍ଟ ସିଟି କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସରିପାରୁ ନ ଥିବା ଜଣାପଡ଼ିଛି।

## 'ଅନ୍ୟ ପାଇଁ ଉଦାହରଣ ସାଜିବ ଓଡ଼ିଶା ଆଦର୍ଶ ବିଦ୍ୟାଳୟ'

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଓଡ଼ିଶାର ୩୧୪ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯେପରି ଜଣେ ଜଣେ ମଡେଲ୍ ଭାବେ ଆଗକୁ ବଢ଼ିବେ ଏବଂ ଓଡ଼ିଶା ଶିକ୍ଷା କ୍ଷେତ୍ରରେ ବେଞ୍ଚମାର୍କ ସୃଷ୍ଟି କରି ଆଗାମୀ ଦିନରେ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିବେ ତାହାକୁ ଓଡ଼ିଶା ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଉପଦେଷ୍ଟା ଡ. ବିଜୟ କୁମାର ସାହୁ କହିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବଶିକ୍ଷା ସଶକ୍ତୀକରଣ ଭାରତ ସମ୍ମାନ-୨୦୨୦ରେ ଯୋଗଦେଇ ସେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମିଶନର ସମ୍ପୂର୍ଣ୍ଣ ବିବରଣୀ ଦେଇଥିଲେ। ବୈଷୟିକ ଜ୍ଞାନକୌଶଳ, ସ୍ୱଚ୍ଛତା, ଦଳଗତ କାର୍ଯ୍ୟ, ସମୟ ଓ ପରିବର୍ତ୍ତନ ଭଳି ଦୃଷ୍ଟିକୋଣ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରାଯାଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ୍ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏବଂ ଏନ୍‌ସିଆର୍‌ଟିର ଉଚ୍ଚପଦସ୍ଥ ଅଧିକାରୀ, ରାଷ୍ଟ୍ରୀୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗ, ବିଭିନ୍ନ ସ୍କୁଲର ପ୍ରିନ୍ସିପାଲ୍, ଶିକ୍ଷାବିତ୍ ଏବଂ ଦେଶର ବିଭିନ୍ନ ଏଡୁଟେକ୍ ସଂସ୍ଥାମାନ ଯୋଗଦେଇଥିଲେ।





ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ପ୍ରଗତି ଅନୁଷ୍ଠାନ ପକ୍ଷରୁ ବୁଧବାର ଆୟୋଜିତ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ସାରେଗାମା'ରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ମହାଶିବରାତ୍ରି ପାଇଁ ଟ୍ରାଫିକ କଟକଣା

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ବା ମହାଶିବରାତ୍ରି ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ଏହାକୁ ସୁରକ୍ଷିତ ତଥା ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବୁଧବାର ଟ୍ରାଫିକ୍ କଟକଣା ଜାରି କରାଯାଇଛି। ବିଜ୍ଞପ୍ତି ଅନୁସାରେ, ମାଉସୀ ମା' ପାର୍ଶ୍ୱରୁ ଆସୁଥିବା ଚାରିଚକିଆ ଗାଡ଼ିଗୁଡିକୁ ରଥ ରୋଡ୍‌କୁ ଛଡାଯିବ ନାହିଁ। ଉକ୍ତ ଗାଡ଼ିଗୁଡ଼ିକ ବିବେକାନନ୍ଦ ମାର୍ଗରେ ସାନାଟୋରିୟମ ଛକଦେଇ କଚରାପିଣ୍ଡି ପର୍ଯ୍ୟନ୍ତ ଯାଇ କେଦାରଗୌରୀ ମନ୍ଦିର ରାସ୍ତାର ଉଭୟ ପାର୍ଶ୍ୱରେ ପାର୍କିଂ କରିବେ। ଭିଆଇପି ଗାଡ଼ିଗୁଡିକ ରଥ ରୋଡ୍‌ରେ ଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାର ପର୍ଯ୍ୟନ୍ତ ଯାଇ ତିନିମୁଣ୍ଡିଆ ଓ ବଢେଇବାଙ୍କ ଠାରେ ପାର୍କିଂ କରିବେ। ସେହିପରି ରବିଟକିଜ୍ ପଟରୁ ଆସୁଥିବା ସମସ୍ତ ଗାଡି କଚରାପିଣ୍ଡି ପର୍ଯ୍ୟନ୍ତ ଯିବେ। ସେଠାରେ ଚାରିଚକିଆ ଯାନଗୁଡିକ କେଦାର ଗୌରୀ ମନ୍ଦିର ରାସ୍ତାର ଉଭୟ ପାର୍ଶ୍ୱରେ ଓ ଦୁଇ ଚକିଆ ଯାନଗୁଡିକ କଚରାପିଣ୍ଡିରୁ କୋଟିତୀର୍ଥ ଗଳିରୁ ବାମକୁ ଯାଇ ଅନନ୍ତ ବାସୁଦେବ ମନ୍ଦିରର ରାସ୍ତା ପାର୍ଶ୍ୱରେ ପାର୍କିଂ କରିବେ। ଗ୍ୟାରେଜ ଛକ ଓ ସାମନ୍ତରାପୁର ପଟରୁ ଆସୁଥିବା ସମସ୍ତ ଗାଡ଼ି ବିଦ୍ୟୁତ୍ ସବ୍‌ଷ୍ଟେଶନ ଦେଇ ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସ ପରିସରରେ ପାର୍କିଂ କରିବେ। କେଉଟ ସାହି ପଟରୁ ଆସୁଥିବା ଗାଡିଗୁଡିକ କେଦାର ଗଳି ତାରିଣୀ ରିସର୍ଟ ଓ ସବ୍‌ଷ୍ଟେଶନ ଦେଇ ମାର୍କେଟ କମ୍ପ୍ଲେକ୍ସକୁ ଯିବେ। ଦକ୍ଷିଣ କାଳୀ ମନ୍ଦିର ରାସ୍ତା ଓ ତାରା ସୁନ୍ଦରୀ ରାସ୍ତା ପଟରୁ ଆସୁଥିବା ସମସ୍ତ ଗାଡିଗୁଡିକୁ ଏସଏମ୍ ହାଇସ୍କୁଲ ଓ ବିଏମ୍ ହାଇସ୍କୁଲ ପଡିଆରେ ପାର୍କିଂ କରିବେ। ପୁନାମା ଗେଟ୍ ପଟରୁ ଆସୁଥିବା ସମସ୍ତ ଚାରି ଚକିଆଗାଡିକୁ ରାମେଶ୍ୱର ପାଟଣା ଛକରୁ ବଢେଇବାଙ୍କ ଆଡକୁ ଛଡା ନ ଯାଇ ଆର୍‌ଆଇ କାର୍ଯ୍ୟାଳୟ ପଡିଆ ପାର୍କିଂ ସ୍ଥଳକୁ ଛଡ଼ାଯିବ। ଅନ୍ୟପକ୍ଷରେ ରଥ୍ ରୋଡକୁ ଆସୁଥିବା ସମସ୍ତ ଦୁଇ ଚକିଆ ଯାନ ବଢେଇବାଙ୍କ ଦେଇ ଏସ୍ଏମ୍ ହାଇସ୍କୁଲ ଓ ବିଏମ୍ ହାଇସ୍କୁଲ ପଡିଆରେ ପାର୍କିଂ କରିବେ। ସମସ୍ତ ବସ ଗ୍ୟାରେଜ୍ ଛକରୁ ବିଦ୍ୟୁତ୍ ସବ୍‌ଷ୍ଟେଶନ ଛକଦେଇ ମାର୍କେଟ କମ୍ପ୍ଲେକ୍ସକୁ ଯାଇ ସେଠାରେ ପାର୍କିଂ କରିବେ। ତେବେ ବିନ୍ଦୁସାଗର ପଟରୁ ଭଜନ ମଣ୍ଡପ ଆଡକୁ କୌଣସି ଯାନ ଛଡାଯିବ ନାହିଁ। ହାଟ ସାହି ଛକରୁ ଭଜନ ମଣ୍ଡପ, ଭଜନ ମଣ୍ଡପଠାରୁ ବଢେଇବାଙ୍କ ଓ ସିଂହଦ୍ୱାରଠାରୁ ବିଦ୍ୟୁତ୍ ସବଷ୍ଟେଶନ ବ୍ଲକିଂ ସ୍ଥାନ ପର୍ଯ୍ୟନ୍ତ ରାସ୍ତାଗୁଡିକୁ ପଦଚାରୀ ଜୋନ୍ ହିସାବରେ ଘୋଷଣା କରାଯାଇଛି। କେବଳ ଭିଆଇପି ଗାଡିଗୁଡିକ ଉତ୍ତର ଦ୍ୱାର ସାମ୍ନାରେ ଥିବା ନିର୍ଦ୍ଧାରିତ ସ୍ଥାନରେ (ରଥ ଖଳା ଓ ବଢେଇବାଙ୍କ ମଧ୍ୟରେ) ପାର୍କିଂ କରିବେ। ଏହି ବିଜ୍ଞପ୍ତି ଆସନ୍ତା ୨୧ତାରିଖ ସକାଳ ୨ଟାରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ତଥା ଜନସମାଗମ ଅପସାରିତ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଧରିତ୍ରୀ ଆଳାପ

# ‘ରାଉଡି’ ହେବାକୁ ଇଚ୍ଛା


ଶିବାନୀ

ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ସେ ବବ୍‌ଲି ଓ ଚୁଲ୍‌ବୁଲି ନାୟିକା। ଦିନେ ଶିଶୁ କଳାକାରଭାବେ ଦର୍ଶକଙ୍କର ଭରପୂର ମନୋରଞ୍ଜନ କରୁଥିଲେ। ଆଜି ଫିଲ୍ମର ମୁଖ୍ୟ ନାୟିକା ଭାବେ ଜବରଦସ୍ତ ଅଭିନୟରେ କେତେବେଳେ ଦର୍ଶକଙ୍କୁ ସେ ହସାଉଛନ୍ତି ତ ପୁଣି କେତେବେଳେ କନ୍ଦାଉଛନ୍ତି। ପ୍ରଥମ ଫିଲ୍ମରୁ ହିଁ ଇଣ୍ଡଷ୍ଟ୍ରୀରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଥିବା ଏହି ଅଭିନେତ୍ରୀ ହେଲେ ଶିବାନୀ ସଙ୍ଗୀତା। ‘ସିଷ୍ଟର ଶ୍ରୀଦେବୀ’, ‘ପ୍ରେମ୍ କୁମାର’ ଭଳି ହିଟ୍ ଫିଲ୍ମରେ ଅଭିନୟକରି ଦର୍ଶକଙ୍କ ନିକଟତର ହୋଇଥିବା ଶିବାନୀଙ୍କ ସହ ଆଳାପ।

**ଶିଶୁ କଳାକାରରୁ ଲିଡ୍ ଚରିତ୍ରରେ ଅଭିନୟ କରିବାର ଅନୁଭୂତି କିଭଳି ଥିଲା?**

● ଶିଶୁ କଳାକାର ଭାବେ ମୁଁ ପ୍ରଥମେ ‘ମିତରେ ମିତ’ ଫିଲ୍ମରେ ଅଭିନୟ କରିଥିଲି। ଏହା ପୂର୍ବରୁ ‘ଉତ୍ତରଦାୟୀ’, ‘ଦେବୀ’ ଓ ‘ବଧୂ’ ଭଳି କେତେକ ଧାରାବାହିକରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ‘ଉତ୍ତରଦାୟୀ’ରେ ମୋ ଅଭିନୟ ଦେଖି ପ୍ରଶାନ୍ତ ପାଢୀ ସାର୍ ‘ମିତରେ ମିତ’ ଫିଲ୍ମ ପାଇଁ ଡାକିଥିଲେ। ଏହାପରେ ‘ପହିଲି ରଜ’, ‘ଗୁଡ୍ ବୟ’, ‘ମିତ ବସିଛି ମୁଁ ଭୂତ ସାଥିରେ’, ‘ଲେଖୁ ଲେଖୁ ଲେଖିଦେଲି’ ଭଳି ଫିଲ୍ମ କରିଥିଲି। ତେବେ ‘ସିଷ୍ଟର ଶ୍ରୀଦେବୀ’ରେ ଲିଡ୍ ରୋଲ୍‌ରେ ଅଭିନୟ କରିବାର ସୁଯୋଗ ମିଳିଲା। ସେ ଅନୁଭୂତି ଭିନ୍ନ ଥିଲା।

**ପ୍ରଥମ ଫିଲ୍ମରୁ ବାବୁଶାନଙ୍କ ଭଳି ଜଣେ ସୁପରଷ୍ଟାର୍‌ଙ୍କ ସହ ଅଭିନୟ କରିବାର ସୁଯୋଗ ପାଇଥିଲେ। ସେ ନେଇ କ’ଣ କହିବେ?**

● ‘ସିଷ୍ଟର ଶ୍ରୀଦେବୀ’ ପାଇଁ ଯେତେବେଳେ ଅଶୋକ ପତି ସାର୍ ଡାକିଥିଲେ ସେବେ ମୁଁ ଷ୍ଟୋରି ବିଷୟରେ କିଛି ଜାଣି ନଥିଲି କି ହିରୋ କିଏ ବି ଜାଣିନଥିଲି। ବାବୁଶାନ୍‌ଙ୍କ ସହ କାମ କରିବାର ଅଛି ଜାଣିବା ପରେ ପ୍ରଥମେ ବହୁତ ଖୁସି ଲାଗିଥିଲା। ହେଲେ ମନରେ ଡର ଥିଲା ଯେ ଏତେ ଅଭିଜ୍ଞ କଳାକାରଙ୍କ ସହ କାମ କରିବି। ଭୁଲ୍ ହୋଇଗଲେ କ’ଣ ହେବ ଭାବିକି ଡର ଲାଗୁଥିଲା। ଫିଲ୍ମ କଲାପରେ ଜାଣିଲି ତାଙ୍କ ସହ କାମ କରିବା କେତେ ସହଜ। ବହୁତ କିଛି ଶିଖିବାକୁ ମିଳେ। ଯଦି ଆଜି ଦର୍ଶକ ଭାବୁଥାନ୍ତି ଯେ ମୁଁ ଟିକେ ଭଲ ଆର୍ଟିଷ୍ଟ ତା’ହେଲେ ସେଥିରେ ବାବୁଶାନଙ୍କର ପ୍ରମୁଖ ଅବଦାନ ରହିଛି।

**କେଉଁ ନାୟକଙ୍କ ସହ କାମ କରିବା ଏକ ଡ୍ରିମ୍?**

● ମୁଁ ବହୁତ ଭାଗ୍ୟବାନ୍ ଯେ, ଏବେସୁଦ୍ଧା ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ୩ ଜଣ ସୁପରଷ୍ଟାର୍‌ଙ୍କ ସହ କାମ କରିସାରିଛି। ବାବୁଶାନଙ୍କ ସହ ଡେବ୍ୟୁ କରିଥିଲି। ତା’ପରେ ସ୍ୱରାଜ ଓ ଅନୁଭବଙ୍କ ସହ କାମ କରିବାର ସୁଯୋଗ ମିଳିଲା। ଭଗବାନ ଓ ଦର୍ଶକଙ୍କ ଆଶୀର୍ବାଦ ଯୋଗୁ ଆଜି ମୁଁ ଏଠାରେ ପହଞ୍ଚିଛି।

**ରୋମାଣ୍ଟିକ୍, ସସ୍‌ପେନ୍ସ, କମେଡି, ଡ୍ରାମା ନା ଥ୍ରୀଲର, କେଉଁଭଳି ଫିଲ୍ମ କରିବାକୁ ଭଲଲାଗେ?**

● ରାଉଡି କ୍ୟାରେକ୍ଟର କରିବାକୁ ମୋର ବହୁତ ଇଚ୍ଛା। ଏମିତି କାନ୍ଦକଟା ଚରିତ୍ର କରିବାକୁ ବହୁତ ମିଳେ ଓ ଦର୍ଶକଙ୍କୁ ବି ତାହା ପସନ୍ଦ ହୁଏ। ହେଲେ ତାହା ସବୁବେଳେ ଚାଲିଥିବ। କିନ୍ତୁ ବୁଲେଟ୍ ଚଲାଉଥିବା, ଘୋଡ଼ା ଚଢୁଥିବା ଭଳି ଏକ ଚରିତ୍ରରେ ଅଭିନୟ କରିବାକୁ ଆଗ୍ରହ ଅଛି। ବିଲ୍‌କୁଲ ଗର୍ଲି ନ ହୋଇ ‘ଟମ୍ ବୟ’ ହେବାକୁ ଇଚ୍ଛା ଅଛି।

**ପାଟଣାଗଡ଼ ଓ ନିକଟରେ ହୋଇଥିବା କଳ୍ପନା ଦାଶ ହତ୍ୟାକାଣ୍ଡ ଭଳି କିଛି ବାସ୍ତବ ଘଟଣା ଉପରେ ଏବେ ଓଡ଼ିଆ ଫିଲ୍ମ ହେଉଛି। ସେମିତି ଯଦି ଏକ କ୍ରାଇମ୍ ଥ୍ରୀଲର୍ କିମ୍ବା ବାୟୋପିକ୍ ହୁଏ ତା’ହେଲେ କାହା ଚରିତ୍ରରେ ଅଭିନୟ କରିବାକୁ ଚାହିଁବେ?**

● ଯାହାର ଜୀବନ ସବୁଠାରୁ ଅଧିକ ଚ୍ୟାଲେଞ୍ଜିଂ ଥିବ ତାଙ୍କ ଉପରେ ଏକ ବାୟୋପିକ୍ କରିବାକୁ ଇଚ୍ଛା ଅଛି। ଦୀପିକା ପାଦୁକୋନ ଯେମିତି ‘ଛପାକ୍’ରେ ଲକ୍ଷ୍ମୀ ଅଗ୍ରୱାଲଙ୍କ ଚରିତ୍ରରେ ଅଭିନୟ କରିଥିଲେ ସେମିତି ଏକ ଚରିତ୍ରରେ ଅଭିନୟ କରିବା ମୋର ସ୍ୱପ୍ନ। ଯେଉଁ ଚରିତ୍ରରେ ଶିବାନୀ ଅଭିନୟ କରିପାରିବ ବୋଲି ଦର୍ଶକ କେବେ ଭାବି ନ ଥିବେ ସେମିତି ଏକ ଚରିତ୍ରରେ ଅଭିନୟ କରିବି।

**ଶୁଟିଂ ସେଟ୍‌ର ଏକ ସ୍ମରଣୀୟ ମୁହୂର୍ତ୍ତ?**

● ମୋର ପ୍ରତ୍ୟେକଟି ଫିଲ୍ମର ପ୍ରତ୍ୟେକଟି ଦିନ ସ୍ମରଣୀୟ। ସବୁ ଦିନ କିଛି ନା କିଛି ନୂଆ ହୁଏ ଓ ନୂଆ ଅନୁଭବ ମିଳେ। ବିଶେଷକରି ପ୍ରଥମ ଫିଲ୍ମର ପ୍ରଥମ ଦିନ ନିଶ୍ଚିନ୍ତଭାବେ ସ୍ପେଶାଲ।



**ଓଡ଼ିଆ ଫିଲ୍ମକୁ ଯେଉଁ ନବାଗତମାନେ ଆସୁଛନ୍ତି ସେମାନଙ୍କୁ କ’ଣ କହିବେ?**

● ମୁଁ ନିଜେ ଜଣେ ନ୍ୟୁକମର୍। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଅବସ୍ଥା କ’ଣ ତାହା ସମସ୍ତେ ଜାଣିଛନ୍ତି। ତେଣୁ ଏଭଳିସ୍ଥଳେ ଇଣ୍ଡଷ୍ଟ୍ରୀକୁ ଆଗକୁ ନେବାର ଦାୟିତ୍ୱ ଆମ ମୁଣ୍ଡ ଉପରେ ହିଁ ଅଛି। ମୋତେ ଯେଉଁମାନେ ପଚାରନ୍ତି ଆପଣ ବଲିଉଡ୍ କି ଟଲିଉଡ୍‌କୁ କେବେ ଯିବେ, ସେମାନଙ୍କୁ ମୁଁ କୁହେ, ଆମେ ଆମ ଇଣ୍ଡଷ୍ଟ୍ରୀକୁ ଏମିତି ସ୍ତରକୁ ନେବା ଯେମିତି ଅନ୍ୟ ଇଣ୍ଡଷ୍ଟ୍ରୀର କଳାକାରମାନେ ଓଲିଉଡ୍‌କୁ ଆସିବାକୁ ଚାହିଁବେ। ସେ ଦିନ ଦୂର ହୋଇପାରେ ଓ କଷ୍ଟ ହୋଇପାରେ, ହେଲେ ଆମକୁ ହିଁ କରିବାକୁ ପଡ଼ିବ।

**ମଡେଲିଂ ପ୍ରତି ଆପଣଙ୍କର ୱିକ୍‌ନେସ୍ ଅଛି। ଆଗକୁ ସେଥିରେ କିଛି କରିବାକୁ ଯୋଜନା ଅଛି କି?**

● ମଡେଲିଂ ପ୍ରତି ଆଗରୁ ଆଗ୍ରହ ନଥିଲା। ଏବେ ନୂଆ ନୂଆ ଜାଗ୍ରତ ହୋଇଛି। ଫ୍ୟାଶନ ଶୋ’ କରିବାର ବହୁତ ଇଚ୍ଛା ଅଛି। ଅଭିନୟ ମୋର ପ୍ରାଥମିକତା। ତେଣୁ ମଡେଲିଂରେ ଏତେ ଧ୍ୟାନ ଦେଉନି।

**ଶିବାନୀଙ୍କୁ ରୋଷେଇ କରିବା ଜଣା ଅଛି ?**

● ହଁ, କାମ ଚଳାଇ ଦେଇପାରେ। କେବଳ ମ୍ୟାଗି, ଚା’ ନୁହେଁ, ବହୁତ ଭଲ କରି ନପାରିଲେ ବି ଅଡିକମ୍‌ରେ ରୁଟି, ଡାଲ୍‌ମା କରିପାରେ।

**କ’ଣ ଖାଇବାକୁ ଭଲଲାଗେ?**

● ମୁଁ ବହୁତ ଫୁଡି। ସ୍ମୋକ୍ ଫିସ୍ ବହୁତ ପସନ୍ଦ। କଦଳୀ ପତ୍ରପୋଡ଼ା ମାଛ, ଚିକେନ୍ ଲଲିପପ୍, ପନିର୍ ମଞ୍ଚୁରିଆନ୍ ଖାଇବାକୁ ଭଲଲାଗେ। ପନିର୍‌ର ସବୁକିଛି ଭଲଲାଗେ।

**କ’ଣ ପିନ୍ଧିବା ପସନ୍ଦ?**

● ଇଣ୍ଡିଆନ୍ ୱେର୍ ମୋତେ ଭଲଲାଗେ।

– ସସ୍ମିତା ପାଇକରାୟ

ଖାଦ୍ୟ ରୁଚି

# ଲଭ୍‌ଲି କୁପ୍ତା

ପୁରୀରେ ଥିବା ବିଭିନ୍ନ ହୋଟେଲ ଏବଂ ରେସ୍ତୋରା ମାଲିକମାନେ ବିଭିନ୍ନ ପ୍ରକାର ରୁଚିପୂର୍ଣ୍ଣ ଖାଦ୍ୟକୁ ପ୍ରାଥମିକତା ଦେଇଥାନ୍ତି। ଏହିଭଳି ଏକ ହୋଟେଲ ହେଉଛି ସିଟିରୋଡ୍‌ସ୍ଥିତ ପାନ୍ଥନିବାସ ନିକଟରେ ଥିବା ଜମିଦାର ପ୍ୟାଲେସ। ଏଠାରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ। ତେବେ ନିରାମିଷ ଖାଦ୍ୟ ମଧ୍ୟରେ ଏକ ଚାହିଦାଯୁକ୍ତ ଡିଶ୍ ହେଉଛି ଲଭ୍‌ଲି କୁପ୍ତା। ଏହି ଇଣ୍ଡିଆନ ଡିଶ୍ ପ୍ଲେଟର ଦାମ୍ ୧୫୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ଜମିଦାର ପ୍ୟାଲେସର ମୁଖ୍ୟ ଶେଫ୍ ହିମାଂଶୁ ସାହାଣୀ କୁହନ୍ତି...



## ଆବଶ୍ୟକ ସାମଗ୍ରୀ

ପନିର୍: ୨୦୦ ଗ୍ରାମ୍
ମଇଦା: ୧୦ ଗ୍ରାମ୍
କର୍ନଫ୍ଲାୱାର: ୧୦ ଗ୍ରାମ୍
ଚିନି: ୫ ଗ୍ରାମ୍
ଗୁଜୁରାତି ଗୁଣ୍ଡ: ୧ ଗ୍ରାମ୍
କାଜୁ ଚପ୍: ୫ଗ୍ରାମ୍
କିସ୍‌ମିସ୍ ଚପ୍: ୫ ଗ୍ରାମ୍
ସେଓ, ଅଙ୍ଗୁର ଓ ଚେରି ଚପ୍: ୫୦ ଗ୍ରାମ୍
ଅମୁଲ କ୍ରିମ୍: ୧୦ ଗ୍ରାମ୍
ସନ୍‌ଫ୍ଲାୱାର ତେଲ: ୧୦ଗ୍ରାମ୍
ହଳଦୀଗୁଣ୍ଡ: ୫ ଗ୍ରାମ୍
ଜିରା ପାଉଡର : ୫ ଗ୍ରାମ୍
ଧନିଆ ପାଉଡର: ୫ ଗ୍ରାମ୍
ଲଙ୍କାଗୁଣ୍ଡ: ୫ ଗ୍ରାମ୍
ପିଆଜ୍ ଚପ୍: ୫୦ ଗ୍ରାମ୍
କଟା କଞ୍ଚାଲଙ୍କା: ୫ ଗ୍ରାମ୍
ଟମାଟୋ ଚପ୍: ୩୦ ଗ୍ରାମ୍
ରସୁଣ ପେଷ୍ଟ: ୧୦ ଗ୍ରାମ୍
ଅଦା ପେଷ୍ଟ: ୧୦ ଗ୍ରାମ୍
ବଟର: ୫ ଗ୍ରାମ୍
ଗରମ ମସଲା : ୫ ଗ୍ରାମ୍
କାଜୁ ଓ ଚାରୁମଗଜ ପେଷ୍ଟ: ୫୦ ଗ୍ରାମ
ସ୍ୱାଦ ଅନୁଯାୟୀ ଲୁଣ


ମୁଖ୍ୟ ଶେଫ୍ ହିମାଂଶୁ ସାହାଣୀ

ରିପୋର୍ଟ– ହେମନ୍ତ ନାୟକ
ଫଟୋ– ଯଜ୍ଞେଶ୍ୱର ମହାନ୍ତି

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗୋଟିଏ ପାତ୍ରରେ ପନିର, ମଇଦା, କର୍ନଫ୍ଲାୱାର, ଚିନି, ଗୁଜୁରାତି ପାଉଡର ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ସେଥିରେ ଚପ୍ ହୋଇଥିବା କିସ୍‌ମିସ୍, ସେଓ, ଅଙ୍ଗୁର ଓ ଚେରିକୁ ତା’ ଭିତରେ ଭରି ଗୋଲ ଗୋଲ ଆକାର କରନ୍ତୁ। ହାଲୁକା ଆଞ୍ଚରେ ଅଳ୍ପ ତେଲରେ ଏହାକୁ ଫ୍ରାଏ କରନ୍ତୁ। ଅନ୍ୟ ଏକ ଫ୍ରାଏ ପ୍ୟାନ୍ ବସାଇ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଗଲା ପରେ ପିଆଜ ଏବଂ କଞ୍ଚାଲଙ୍କା ଚପ୍ ପକାଇ ଈଷତ୍ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ସେଥିରେ ଅଦା ଏବଂ ରସୁଣ ପେଷ୍ଟ ପକାଇ ୨ ମିନିଟ୍ କଷନ୍ତୁ। ଏହାପରେ ସେଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଧନିଆଗୁଣ୍ଡ ପକାଇ ଅଳ୍ପ ପାଣି ଦେଇ ଟମାଟୋ ଚପ୍ ପକାଇ ଗୋଳାଇ ଘୋଡାଇ ଦିଅନ୍ତୁ। ପ୍ରାୟ ୫ ମିନିଟ୍ ପରେ ଘୋଡଣି ଖୋଲି କାଜୁ ଏବଂ ଚାରୁ ମଗଜ ପେଷ୍ଟ ପକାଇ କଷନ୍ତୁ। କଷା ହୋଇଗଲା ପରେ ପୂର୍ବରୁ ଫ୍ରାଏ କରାଯାଇଥିବା କୁପ୍ତାକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ ଧନିଆପତ୍ର ଚପ୍, ଗରମ ମସଲା, ବଟର ଓ ଅମୁଲ କ୍ରିମ୍ ପକାଇ ପାତ୍ରରେ କାଢିଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଲଭ୍‌ଲି କୁପ୍ତା। ଏହାକୁ ଭାତ କିମ୍ବା ତନ୍ଦୁରି ଆଇଟମ୍ ସହିତ ପରଷି ଦିଅନ୍ତୁ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


ସଞ୍ଜୟ


ତପନ


ଉମେଶ


ସାଦ୍ଦିକ


କାର୍ତ୍ତିକ


ସୌରଜିତ


ସଞ୍ଚିତା


ଅନିକେଶ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ସକାଳେ ଜୁସ୍ ସନ୍ଧ୍ୟାରେ ସୁପ୍

ଫିଟ୍‌ନେସ୍

ଓଡ଼ିଆ ସଙ୍ଗୀତ ଜଗତରେ ଅସୀମା ପଣ୍ଡା ଜଣେ ଚର୍ଚ୍ଚିତ ଚେହେରା। ଗତ କିଛି ବର୍ଷ ହେବ ଏହି କଣ୍ଠଶିଳ୍ପୀଙ୍କ ସ୍ୱର ଓଡ଼ିଆ ଶ୍ରୋତାଙ୍କୁ ମତୁଆଲା କରି ରଖିଛି। ଗୋଟିଏ ପରେ ଗୋଟିଏ ସୁପରହିଟ୍ ଗୀତ ପରିବେଷଣ କରୁଥିବା ଅସୀମା ଫିଟ୍‌ନେସ୍ ପାଇଁ ବି ସମୟ କାଢ଼ନ୍ତି। ବ୍ୟସ୍ତବହୁଳ ଜୀବନ ଭିତରୁ ନିଜକୁ ଫିଟ୍ ରଖିବା ପାଇଁ ବି ଚିନ୍ତା କରନ୍ତି..

### ଭେଜ୍ ଖାଇବାକୁ ଭଲ ପାଏ

ଅଧିକ ସମୟ ଭେଜ୍ ତରକାରି ଖାଇବାକୁ ପସନ୍ଦ କରେ। ଘରେ ମା’ଙ୍କ ହାତରନ୍ଧା ସମସ୍ତ ଭେଜ ତରକାରି ମୋର ଅତିପ୍ରିୟ। ଆମିଷ ତଥା ନନ୍‌ଭେଜ ଖାଦ୍ୟ ବହୁତ ଖାଉଥିଲି। ଆମିଷ ଖାଦ୍ୟ ପ୍ରତି ଦୁର୍ବଳତା ଅଛି। ହେଲେ କେବଳ ଘରେ ତିଆରି ହେଉଥିବା ଆମିଷ ଖାଦ୍ୟ ଖାଏ। ବାହାରେ ତେଲମସଲାରେ ଭର୍ତ୍ତି ତରକାରି ଖାଇବାକୁ ଆଦୌ ପସନ୍ଦ କରେନି। ବାହାରେ ଥିଲେ ଭେଜ୍ ଖାଇବାକୁ ପଡ଼େ।

### ନିୟମିତ ବ୍ୟବଧାନରେ ପାଣି ପିଏ

ଷ୍ଟେଜ ପ୍ରୋଗ୍ରାମ ହେଉ ଷ୍ଟୁଡ଼ିଓରେ ଡବିଂ। ଯେଉଁଠି ଥିଲେ ବି ନିୟମିତ ସମୟ ବ୍ୟବଧାନରେ ପାଣି ପିଏ। ପ୍ରଚୁର ମାତ୍ରାରେ ପାଣି ପିଇବା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ତ୍ୱଚା ମଧ୍ୟ ଉଜ୍ଜ୍ୱଳ ହୁଏ। ପାଣି ପିଇବାକୁ କେବେ ଭୁଲେନାହିଁ। ଘରୁ ବାହାରିବା ମାତ୍ରେ ମୋ ସହିତ ପାଣି ବୋତଲ ଥାଏ। କଣ୍ଠଶିଳ୍ପୀ ହୋଇଥିବାରୁ ଥଣ୍ଡା ପାଣି କି କୋଲ୍ଡ ଡ୍ରିଙ୍କସ ପିଏ ନାହିଁ। ସକାଳେ ଅଦା ମିଶା ଚା’ ପିଏ।


ଅସୀମା ପଣ୍ଡା

### ମନକୁ ତାଜା ରଖେ ଜୁସ୍, ସୁପ୍

ସକାଳେ ଉଠିବା ପରେ ଅଳ୍ପ ସମୟ ଯୋଗ କରେ। ଯୋଗ ଦ୍ୱାରା ମନକୁ ଫୁର୍ତ୍ତି ମିଳେ। ବ୍ରେକ୍‌ଫାଷ୍ଟରେ ଘର ତିଆରି ଖାଦ୍ୟ ସହିତ ଫ୍ରୁଟ୍ ଜୁସ ସାମିଲ ଥାଏ। ଏହାବ୍ୟତୀତ ସନ୍ଧ୍ୟା ସମୟରେ ଘରେ ଥିଲେ ପ୍ରାୟ ସମୟ ସୁପ୍ ପିଏ। ବାର ଅନୁସାରେ ଭେଜ୍ କିମ୍ବା ନନଭେଜ ସୁପ୍ ପିଇଥାଏ। ଚିକେନ୍ ଓ ଏଗ୍ ଫ୍ଲାୱାର ସୁପ୍ ଭଲପାଏ।

– କୁମାରଶ୍ରୀ ସାହୁ




## ବଲିଉଡ୍ ହାଲଚାଲ

▶ଅକ୍ଷୟ କୁମାରଙ୍କ ମୁହଁରେ ଏବେ କ୍ୟାଟ୍ରିନା କୈଫଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଦୁହେଁ ଏବେ ନିର୍ମାଣାଧୀନ 'ସୂର୍ଯ୍ୟବଂଶୀ'ରେ ଅଭିନୟ କରୁଛନ୍ତି।

▶ଅନୁଷ୍କା ଶର୍ମା ଏବେ ଅଧିକାଂଶ ସମୟ କ୍ରିକେଟ ପ୍ରାକ୍ଟିସ କରୁଛନ୍ତି। କାରଣ ଲୋକପ୍ରିୟ କ୍ରିକେଟ ଖେଳାଳି ତଥା ଭାରତୀୟ ମହିଳା କ୍ରିକେଟ ଟିମ୍‌ର ବୋଲର୍ ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ନିର୍ମିତ ହେଉଥିବା ହିନ୍ଦୀ ସିନେମାର ଟାଇଟଲ ଭୂମିକାରେ ସେ ଅଭିନୟ କରିବେ। ଏହାର ଟାଇଟଲ 'ଚକଧା ଏକ୍ସପ୍ରେସ' ରହିଛି ବୋଲି ଶୁଣିବାକୁ ମିଳୁଛି।

▶'ହିରୋପନ୍ତୀ-୨'ରେ ଟାଇଗର ଶ୍ରଫ ଅଭିନୟ କରିବେ ବୋଲି ଜଣାପଡିଛି।

▶'ବଣ୍ଟି ଔର ବବ୍‌ଲି-୨' ଚଳିତବର୍ଷ ଜୁନ୍ ୨୬ରେ ରିଲିଜ ହେବାକୁ ଯାଉଛି। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ସୈଫ ଅଲ୍ଲୀ ଖାଁ ଏବଂ ରାଣୀ ମୁଖାର୍ଜୀ।

▶ଶାହରୁଖ ଖାଁଙ୍କ ପ୍ରଯୋଜିତ 'କାମୟାବ'ରେ ମେଲ୍ ଲିଡ୍‌ରେ ସଞ୍ଜୟ ସିଂଙ୍କୁ ଦେଖିବାକୁ ମିଳିବ।

## ବାଜିବଲୋ ସାହାନାଇ

ଶୁଭ ବିବାହରେ ସାହାନାଇଟିଏ ଲୋଡା ପଡ଼େ। ଏହାକୁ ପେସା କରି ଚଳୁଥିବା ଲୋକଟିର ଜୀବନରେ କେମିତି କଳା ଅନ୍ଧାର ଘୋଟି ଆସେ ଆଉ ତା'ପରେ କ'ଣ ହୁଏ ତାହାକୁ ନେଇ କାହାଣୀ ଗତିଶୀଳ। ଏହି କାହାଣୀକୁ ନେଇ ଓଡ଼ିଆ ଚଳଚ୍ଚିତ୍ର 'ବାଜିବଲୋ ସାହାନାଇ'ର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବେଶ୍ କିଛିବର୍ଷ ପୂର୍ବେ ଗୌରୀ ଗଣନାଟ୍ୟ ପରିବେଷିତ ଅପେରା ନାଟକ 'ବାଜିବଲୋ ସାହାନାଇ' ସୁପରହିଟ୍ ହୋଇଥିଲା। ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକଟରେ ଭରି ରହିଥିଲା ଫୁଲ୍ ଏଣ୍ଟରଟେନମେଣ୍ଟ। ହେଲେ ଏବେ ବଡ଼ ପରଦାରେ ଆଶୁତୋଷଙ୍କ ସାହାନାଇ ପୁଣି ଥରେ ବାଜିବାକୁ ଯାଉଛି। ଅପରପକ୍ଷରେ ଏହାକୁ କିପରି ଏକ ସୁନ୍ଦର ସିନେମାଟିଏ କରାଯାଇପାରିବ ସେ ନେଇ ପୂରା ଦମ୍‌ରେ ଅଣ୍ଟା ଭିଡିଛନ୍ତି ଅପେରା ଜଗତର ଆଗଧାଡିର ନିର୍ଦ୍ଦେଶକ ଆଶୁତୋଷ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ରହିଛନ୍ତି ସମ୍ୱିତ, ଅମ୍ଲାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଏମାନଙ୍କ ବ୍ୟତୀତ ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମଧ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ ପଟ୍ଟନାୟକ (ଟିଟନ)। ଚଳଚ୍ଚିତ୍ରର ବୈଷୟିକ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ସୁରେଶ ଦାସ।






ଅଂଶୁମାନ

## ଏ ମନ ଖୋଜୁଥାଏ ଯାହା...

କିଥାରେ ଅଛି ଏମନ ଖୋଜୁ ଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଏପରି ଏକ ଦମ୍‌ଦାର ଭୂମିକା ପାଇବା ପରେ ସେ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି ପ୍ରସନ୍ନ ପୃଷ୍ଟିଙ୍କ ଆଗାମୀ ଅନଟାଇଟଲ୍‌ଡ ଫିଲ୍ମରେ ତାଙ୍କୁ ଏଭଳି ଏକ ମନଲାଖି ଭୂମିକା ମିଳିଛି। ସେ ହେଲେ ଅଂଶୁମାନ ସାମନ୍ତରାୟ। ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମର ମୁଖ୍ୟ ଖଳନାୟକ ଭାବରେ ମୁଁ ଦେଖାଦେବି। କାହାଣୀ ଏବଂ ଭୂମିକା ବିଷୟରେ ଜାଣିବା ପରେ ନିଜକୁ ଏ ନେଇ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି। ଏ ପର୍ଯ୍ୟନ୍ତ ମୁଁ ୮ଟି ଓଡ଼ିଆ ସିନେମାରେ ଭିନ୍ନ ଭିନ୍ନ ରୋଲ୍‌ରେ ଅଭିନୟ କରିଛି। ହେଲେ ଏହି ଫିଲ୍ମର ଭୂମିକା ସମ୍ପୂର୍ଣ୍ଣ ଭିନ୍ନ। ମୋ ବାପା ଆର.କେ. ସାହୁ, ମା' ନିରୁପମା ସାମନ୍ତରାୟ, ସ୍ତ୍ରୀ ରୋଜାଲିନା ଏବଂ ଝିଅ ସିଲ୍‌ଭି ଶ୍ୱେତାଲିନାଙ୍କ ପ୍ରେରଣା ମୋତେ ଆକ୍ଟିଂ ଲାଇନ୍‌ରେ ଆଗେଇବାରେ ବେଶ୍ ସହାୟକ ହୋଇଛି।' ତେବେ ଏଥର ଅଂଶୁମାନ ବଡ଼ ପରଦାରେ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ରିଲିଜ ଅପେକ୍ଷାରେ

## ପୁଷ୍ପା ଆଇ ହେଟ୍ ଟିୟର୍ସ

ଓଡିଆ ପ୍ରଯୋଜକ ଅମୂଲ୍ୟ କୁମାର ଦାସଙ୍କ ଦ୍ୱିଭାଷୀ ଫିଲ୍ମ 'ପୁଷ୍ପା ଆଇ ହେଟ୍ ଟିୟର୍ସ' ଚଳିତ ମାସ ୨୮ରେ ପରଦା ଉପରକୁ ଆସୁଛି। ସୁପରଷ୍ଟାର ରାଜେଶ ଖାନ୍ନାଙ୍କ ଚର୍ଚ୍ଚିତ ଡାଏଲଗ (ଅମର ପ୍ରେମ) 'ପୁଷ୍ପା ଆଇ ହେଟ୍ ଟିୟର୍ସ'କୁ ଆଧାର କରି ଏହାର ଶୀର୍ଷକ ରଖାଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଦୀନକର କପୁର। କ୍ରିଷ୍ଣା ଅଭିଷେକ, ଅର୍ଜୁନ ମୁଗଲ, କାର୍ତ୍ତିକ ଜୟରାମ ଏବଂ ଅନୁସ୍ମୃତି ସରକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏହି ସିନେମାଟି ଉଭୟ ହିନ୍ଦୀ ଏବଂ କନ୍ନଡ ଭାଷାରେ ନିର୍ମିତ ହୋଇଛି। ବାରିପଦାରେ ଜନ୍ମିତ ଅମୂଲ୍ୟ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଡିଗ୍ରୀ ହାସଲ ପରେ ସେ ସିନେମା ପ୍ରଯୋଜନା କ୍ଷେତ୍ରରେ ମନ ବଳାଇଥିଲେ। ତା'ପରେ ହୋମ୍ ବ୍ୟାନର 'ଫିଲ୍ମ ଆଟ୍ ଦ ରେଟ୍ ଫିଫ୍ଟି'ରେ ସେ ଏହି ସିନେମାଟିକୁ ନିର୍ମାଣ କରିଛନ୍ତି।



'ପୁଷ୍ପା ଆଇ ହେଟ୍ ଟିୟର୍ସ' ଚଳଚ୍ଚିତ୍ରର ଏକ ଦୃଶ୍ୟ।

## ଆନ୍ନାଙ୍କ ଲେଉଟାଣି

କିଛି ବର୍ଷ ପୂର୍ବରୁ ଏକ୍ସସେଲ ମୁଭିଜ ବ୍ୟାନରରେ ନିର୍ମିତ ହୋଇଥିଲା 'ଆଇନ୍ କାନୁନ୍'। ଏଥିରେ ଆନ୍ନା ଭୂମିକାରେ ଅଭିନୟ କରିଥିବା ରଫି ବେଶ୍ ଚର୍ଚ୍ଚାକୁ ଆସିଥିଲେ। ସଂଯୋଗ ବଶତଃ ପୁଣି ଥରେ ଏହି ବ୍ୟାନରରେ ନିର୍ମାଣାଧୀନ ଓଡ଼ିଆ ସିନେମା 'କିଏ ହେବ ମୋ ହିରୋଇନ'ରେ ତାଙ୍କୁ ସେହି ଏକା ଭୂମିକାରେ ଦେଖିବାକୁ ମିଳିବ। ଫରକ୍ ଏତିକି ଯେ ସେଥିର ସେ ଗୋରା ଆନ୍ନା ଭାବରେ ଦର୍ଶକଙ୍କ ସାମନାକୁ ଆସିଥିଲେ, ହେଲେ ଏବେ ତାଙ୍କର ଚରିତ୍ରଟି ହେଲା କଳା ଆନ୍ନା। ଏ ସମ୍ପର୍କରେ ରଫି କହନ୍ତି, 'କଳା ଆନ୍ନାକୁ ଗୋଟିଏ ଜିନିଷରୁ ମଜା ମିଳିଥାଏ। ତାହା ହେଲା ଆଣ୍ଟିସୋସିଆଲ କାମ। ତାହାର ଫଳ ଯାହା ହେଉନା କାହିଁକି ଏପରି କାମରେ ନିଜକୁ ନିୟୋଜିତ ରଖିବାକୁ ସେ ପଛଘୁଞ୍ଚା ଦେଇନି। ତେବେ ଏହି ଭୂମିକାରେ କ'ଣ ସ୍ପେଶାଲ ରହିଛି ତାହା ସିନେମା ଦେଖିଲେ ହିଁ ଜାଣିପାରିବେ।' ରବୀନ୍ଦ୍ର ପଣ୍ଡାଙ୍କ ପ୍ରଯୋଜିତ ଏବଂ ପ୍ରଶାନ୍ତ ଲେଙ୍କାଙ୍କ ନିର୍ଦ୍ଦେଶିତ 'କିଏ ହେବ ମୋ ହିରୋଇନ୍'ର କାହାଣୀ ରଚନା କରିଛନ୍ତି ବିଜୟଲକ୍ଷ୍ମୀ ପଣ୍ଡା, ଯାହାକୁ ଆଧାର କରି ସଂଳାପ ଲେଖିଛନ୍ତି ଓଲିଉଡ୍‌ର ଆଗଧାଡିର ଅନ୍ୟତମ ସଂଳାପକାର ଡ. ରଜନୀ ରଞ୍ଜନ। ଏହାର ମେଲ୍ ଲିଡ୍‌ରେ ଅସିତ ଅଭିନୟ କରୁଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ମହିମା।

ଅପେରା ହାଲ୍‌ଚାଲ୍

## ତାପସଙ୍କ ସଜବାଜ

ଜଲିଉଡ୍‌ର ଆଗଧାଡିର ନିର୍ଦ୍ଦେଶକ ତାପସ ସ୍ୱାଇଁ। ଚଳିତବର୍ଷ ତାଙ୍କ ନିର୍ଦ୍ଦେଶିତ ନାଟକ 'ମୁଁ ସେହି ଭଦ୍ରକିଆ ଟୋକା (ରଙ୍ଗମହଲ) ଖଣ୍ଡଗିରି ଅପେରା ମେଳାରେ ବାଜିମାତ କରିଛି। ଅନ୍ୟପକ୍ଷରେ ଆସନ୍ତା ଯାତ୍ରା ସିଜନକୁ ନେଇ ଏବେଠାରୁ ଅଣ୍ଟା ଭିଡିଲେଣି ସେ। ଆସନ୍ତାବର୍ଷ ତାଙ୍କ ହାତରେ ୬ଟି ନାଟକ ରହିଛି। ତେଣୁ ସବୁ ନାଟକକୁ କିପରି ଦର୍ଶକାଦୃତ କରାଯାଇପାରିବ ସେ ନେଇ ନିଜକୁ କିପରି ପ୍ରସ୍ତୁତ କରିଛନ୍ତି ସେ ସମ୍ପର୍କରେ ତାପସ କହନ୍ତି, 'ନାଟକର କାହାଣୀକୁ ମୁଁ ପ୍ରଥମେ ଭଲ ଭାବରେ ବିଶ୍ଳେଷଣ କରେ। ନିର୍ଦ୍ଦେଶନା ସମୟରେ ନାଟକର ପ୍ରତିଟି ବିଷୟକୁ ସରିୟସ୍‌ଲି ନେଇଥାଏ, ଯାହାଫଳରେ ମୋ ନାଟକରେ ସବୁବେଳେ ସ୍ପେଶାଲ ଚାର୍ମ ରହିଥାଏ। ଦର୍ଶକ ମୋ ନାଟକକୁ ଭଲ ରେସପନ୍ସ ଦେଉଛନ୍ତି ତାହା ମୋ ପାଇଁ ବଡ କଥା।' ଆସନ୍ତାବର୍ଷ ପାଇଁ ତାପସଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଥିବା ନାଟକଗୁଡିକ ମଧ୍ୟରେ ରହିଛି-'ଲୁହକୁ କହିଛି ରହିଯା ଟିକେ' (ରଙ୍ଗମହଲ), 'ଲାଗିଲାରେ ପ୍ରୀତି ରଙ୍ଗ ଲାଗିଲା' (ସ୍ୱର୍ଣ୍ଣମହଲ), 'କୋଟିଏ ତାରାରେ ଗୋଟିଏ ଜହ୍ନ' (ବିଶ୍ୱଦରବାର), 'ରାଜା ଝିଅ ତମେ କ'ଣ କଲ' (ତୁଳସୀ), 'କଳଙ୍କ ମୋ ପାଇଁ ଚନ୍ଦନ ଟିକା' (ଧଉଳି) ଏବଂ 'ବାଟରେ କନିଆ ହାଟରେ ବର' (ପାର୍ବତୀ)।



## ଚିକି ଚିକି ମୋର ଚିକିଣି ଗାଲ..

'ଚିକି ଚିକି ମୋର ଚିକିଣି ଗାଲ, ରଙ୍ଗବତୀ ରସବତୀ ଜାଇଫୁଲ'। ଏପରି ଏକ ଆଇଟମ୍ ଗୀତକୁ ନେଇ ଓଲିଉଡ୍‌ରେ ଚର୍ଚ୍ଚା ଜୋର୍ ଧରିଛି। ଡ. ନିର୍ମଳ ନାୟକଙ୍କ ରଚିତ ଏବଂ ଅମରେନ୍ଦ୍ର ମହାନ୍ତିଙ୍କ ସ୍ୱର ସଂଯୋଜିତ ଏହି ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା। ଖାସ୍ କଥା ହେଲା, ଏଥିରେ ଡ୍ୟାନ୍ସ ତଡକା ଲଗାଇଛନ୍ତି ଚର୍ଚ୍ଚିତ ଆଇଟମ ଗର୍ଲ ରାନୀ ପଣ୍ଡା। ଫିଲ୍ମଟି ହେଲା 'ଗାଁ ନାଁ ଗାଲୁଆପୁର'। ଅର୍ଥାତ୍, ରାନୀ ଖୁବ୍‌ଶୀଘ୍ର ବଡ଼ ପରଦାରେ ଆଇଟମ୍ ନମ୍ବରରେ ଦେଖାଦେବେ। ତାଙ୍କୁ ଏପରି ସୁଯୋଗ ଦେଇଛନ୍ତି ନିର୍ଦ୍ଦେଶକ ଜିତେନ୍ଦ୍ର ମହାପାତ୍ର। । ତାଙ୍କ ନିର୍ଦ୍ଦେଶନାରେ ଫିଲ୍ମର ଶୁଟିଂ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସ୍ୱଚ୍ଛ ଭାରତ ଅଭିଯାନ ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଏଥିରେ ପ୍ରୟାସ କରାଯାଇଛି। କାହାଣୀ ଅନୁସାରେ ଫିଲ୍ମର ନାୟକ ପପୁ ପମପମ ଜଣେ ପ୍ଲମ୍ବର ଭୂମିକାରେ ଅଭିନୟ କରୁଛନ୍ତି। ହେଲେ ସେ ଏକ ବଡ଼ ଚାକିରି କରିଛି ବୋଲି କହି ବୁଲୁଛି। ତେବେ ଏହାର ଶେଷ ପରିଣତି କ'ଣ ହେଉଛି ତାହା ନିକଟରେ ଶୁଟିଂ ଶେଷ ହୋଇଥିବା ସିନେମାରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଏପରି ଆଇଟମ ନମ୍ବରକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ରାନୀ।







## ଖବର ଟବର

▶ଖୁବ୍‌ଶୀଘ୍ର ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଯୋଡି ସବ୍ୟସାଚୀ-ଅର୍ଚ୍ଚିତାଙ୍କୁ ବଡ଼ ପରଦାରେ ପୁଣି ଥରେ ଦେଖିବାକୁ ମିଳିବ। ଏହି ଅନଟାଇଟଲ୍‌ଡ ଫିଲ୍ମର ପ୍ରାରମ୍ଭିକ କାମ ଚାଲୁରହିଛି।

▶ନୂଆ ଓଡ଼ିଆ ସିନେମା 'ମାମା ୱେଡ୍‌ସ ପାପା'ର ମହୁରତ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀହାନ୍ କ୍ରିଏସନ୍ସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ବି. ଚନ୍ଦ୍ରପ୍ରିୟା ସୁବୁଦ୍ଧି। 'ସାତ ସୁରେ ବନ୍ଧା ଏ ଜୀବନ' ଏବଂ 'ଡ୍ୟାଡି' ପରେ ଏହାର ନିର୍ଦ୍ଦେଶନା ଦେବେ ଆପୁ କାନୁନ୍‌ଗୋ। ଚିନ୍ମୟ ଦାସପଟ୍ଟନାୟକ ସଂଳାପ ରଚନା କରିଥିବା ବେଳେ ଅରୁଣ ମନ୍ତ୍ରୀଙ୍କ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆସଦ୍ ନିଜାମ୍। ଫିଲ୍ମର ବିଭିନ୍ନ ଭୂମିକାରେ ଅଙ୍କିତ, ନବାଗତା ମନସ୍ୱିନୀ ପତି, ପପୁ ପମପମ, ପୁଷ୍ପା ପଣ୍ଡା, ଐଶ୍ୱର୍ଯ୍ୟା ଏବଂ ନାଗଜା ନିରଞ୍ଜନାଙ୍କୁ ଦେଖିବାକୁ ମିଳିବ।

▶ସବ୍ୟସାଚୀଙ୍କ ଅଭିନୀତ 'ଯେତେ ଗୋରୀ ସେତେ ଷ୍ଟୋରି' ରିଲିଜ ଅପେକ୍ଷାରେ ରହିଛି।

▶ପୁଣି ଥରେ ଏକ ସତ୍ୟ ଘଟଣାକୁ ନେଇ ଆଉ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଅଣ୍ଟା ଭିଡିଛନ୍ତି ପ୍ରଯୋଜକ ଶ୍ରୀଧର ମାର୍ଥା। ରେଞ୍ଜ ରୟାଲ ସିନେ ଲ୍ୟାବ ବ୍ୟାନରରେ ଏହାର ଟାଇଟଲ ରହିଛି 'ମାୟାବିନୀ'। ଏକ ଜଘନ୍ୟ ହତ୍ୟାକାଣ୍ଡ ଉପରେ ଏହାର କାହାଣୀ ଆଧାରିତ ଏବଂ ବଲିଉଡ୍‌ର ଜଣେ ନାମୀ ନିର୍ଦ୍ଦେଶକ ଏହାର ନିର୍ଦ୍ଦେଶନା ଦେବେ ବୋଲି ପ୍ରଯୋଜକ ସୂଚନା ଦେଇଛନ୍ତି। ଏହାପୂର୍ବରୁ ସେ 'କଥା ଦେଲି ମଥା ଛୁଇଁ', 'ଯୋଗୀ' ଏବଂ ପାର୍ସଲ ବୋମା ଉପରେ ଆଧାରିତ 'ପାଟଣାଗଡ'। ନୂଆ ସିନେମାର ପ୍ରାରମ୍ଭିକ କାମ ଆରମ୍ଭ ହୋଇଯାଇଛି।



“ ମୋଦି ସରକାର ମାନ୍ଦାବସ୍ଥାର ସତ୍ୟତାକୁ ଠିକ୍ ଭାବେ ଉପସ୍ଥାପିତ କରିନାହାନ୍ତି।
– ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ



“ ଜିଏସ୍‌ଟି ଏକବିଂଶ ଶତାବ୍ଦୀର ସବୁଠାରୁ ବଡ ପାଗଳାମୀ ରହିଥିଲା।
– ସୁବ୍ରମଣ୍ୟନ ସ୍ୱାମୀ, ଭାଜପା ନେତା

# ଓଡ଼ିଶାର ପ୍ରଥମ ହିଟାଚି ହୋମ୍ ଶୋ'ରୁମ୍

ଭୁବନେଶ୍ୱର, ୧୯–୨

ହିଟାଚି ପକ୍ଷରୁ ଭୁବନେଶ୍ୱରରେ ପ୍ରଥମ ହିଟାଚି ହୋମ୍ ଶୋ'ରୁମ୍ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ନୂଆ ଶୋ'ରୁମକୁ କମ୍ପାନୀର ସି.ଏମ୍.ଡି ଗୁରୁମିତ୍ ସିଂ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନ୍ୟାଶନ୍ୟାଲ ହେଡ୍, ସେଲ୍ସ ରାଜେଶ୍ୱର ଦାଲ୍, ଆଞ୍ଚଳିକ ମୁଖ୍ୟ ପୁଣ୍ୟବ୍ରତ୍ ଭଟ୍ଟାଚାର୍ଯ୍ୟ ଏବଂ ଫ୍ରାଞ୍ଚାଇକ୍ ମୁଖ୍ୟ ସୁଜିତ୍ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରମୁଖ ବ୍ରାଣ୍ଡ ହିଟାଚି ଆପ୍ଲାଏନ୍ସ ଏବଂ ଜନ୍‌ସନ୍ କଣ୍ଟ୍ରୋଲଙ୍କ ଉଭୟଙ୍କ ମିଳିତ ଉଦ୍ୟୋଗରେ ପ୍ରସ୍ତୁତ ହୋଇଥିବା ହିଟାଚି କୁଲିଙ୍ଗ୍ ଆଣ୍ଡ୍ ହିଟିଂ ଏୟାର ଇଣ୍ଡିସନର ସଲ୍ୟୁସନ୍ ସମସ୍ତ ସ୍ଥାନରେ ଲୋକପ୍ରିୟତା ହାସଲ କରିବା ସହିତ ନିଜର ଉତ୍ପାଦର ଉତ୍କର୍ଷ ବଜାୟ ରଖିବାରେ ସଫଳ ହୋଇପାରିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ପାଖାପାଖି ୧୦୦ ବର୍ଷ ପୁରୁଣା ଏହି ଦୁଇଟି ପ୍ରମୁଖ ବ୍ରାଣ୍ଡ୍ ଗ୍ରାହକମାନଙ୍କୁ ସର୍ବଦା ସର୍ବୋତ୍ତମ ଉତ୍ପାଦ ଏବଂ ସେବା ଯୋଗାଇଦେବାର ପ୍ରତିଶ୍ରୁତିବଦ୍ଧ । ନୂଆକରି ଶୁଭାରମ୍ଭ ହୋଇଥିବା ଶୋ'ରୁମରେ କମ୍ପାନୀର ଇନ୍‌ଭର୍ଟର ସ୍ପ୍ଲିଟ୍ ଏସି, ଫିକ୍ସ ସ୍ପିଡ୍ ସ୍ପ୍ଲିଟ୍ ଏସି, ଔଣ୍ଡୋ ଏସି ଭିଆର୍ ଏଫ୍ ସିଷ୍ଟମ୍, ଡିଡକ୍ଟେଡ୍ ଏୟାର କଣ୍ଡିସନର, ଚିଲର ରେଫ୍ରିଜିରେଟର, ଏୟାର ପ୍ୟୁରିଫାୟର ଇତ୍ୟାଦି ପ୍ରଡକ୍ଟ ଉପଲବ୍ଧ ରହିଛି। ଏହି ଅବସରରେ ଜନସନ କ୍ରୋଲ୍ସ–ହିଟାଚି ଏୟାର କଣ୍ଡସନିଂ ଇଣ୍ଡିଆ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁରୁମିତ୍ ସିଂ କହିଛନ୍ତି ଯେ, ଏହି ଶୋ'ରୁମରେ ସମସ୍ତ ପ୍ରକାର ଉତ୍ପାଦ ଉପଲବ୍ଧ ରହିଛି। ଅତ୍ୟାଧୁନିତ ଉତ୍ପାଦ ଦ୍ୱାରା ଲୋକମାନଙ୍କ ଅତି ସରଳ କରିବା ପାଇଁ ଚେଷ୍ଟା କରିଥାଉ । ଭୁବନେଶ୍ୱରରେ ଏହି ଶୋରୁମ୍ ଓଡିଶାର ଲୋକମାନଙ୍କୁ ସୁବିଧାରେ ଅତ୍ୟାଧୁନିକ ସାମଗ୍ରୀ ଉପଲବ୍ଧ କରାଇବ ବୋଲି ସେ କହିଛନ୍ତି।




ନୂଆ ଶୋ ରୁମ୍ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ ।

# ହିରୋର ୩ ନୂଆ ବିଏସ୍–୬ ମଡେଲ

ଭୁବନେଶ୍ୱର, ୧୯–୨

ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ୩ ନୂଆ ବିଏସ୍–୬ ମଡେଲ ସ୍ପ୍ଲେଣ୍ଡର ପ୍ଲସ ଏବଂ ପ୍ରିମିୟମ ସ୍କୁଟର ଡେଷ୍ଟିନି ୧୨୫ ଏବଂ ମାଏଷ୍ଟ୍ରୋ ଏଜ୍ ୧୨୫ ମଡେଲ ବଜାରକୁ ଆସିଛି। ଏହା ପୂର୍ବରୁ କମ୍ପାନୀ ବିଏସ୍–୬ ସ୍ପ୍ଲେଣ୍ଡର ଆଇସ୍ମାର୍ଟ, ଏଚ୍‌ଏଫ୍ ଡିଲକ୍ସ ମୋଟର ସାଇକେଲ ଏବଂ ପ୍ଲେଜର ୧୧୦ ସ୍କୁଟର ବଜାରକୁ ଛାଡିଛି। ନୂଆ ସ୍ପ୍ଲେଣ୍ଡର ପ୍ଲସ୍‌ର ବଜାର ଦର ୫୯,୬୦୦ ଟଙ୍କା ରହିଛି। ଏଥିରେ ଗ୍ରାହକମାନେ ପ୍ରଗତିଶୀଳ, ଉଦ୍ଭାବନ ଭଳି ଫିଚର ଲାଭ କରିପାରିବେ। ନୂଆ ଡେଷ୍ଟିନି ୧୨୫ରେ ପ୍ରିମିୟମ ଏବଂ ସ୍ଥାୟିତ୍ୱ ଭଳି ସୁବିଧା ରହିଛି। ଯାହାର ବଜାର ଦର ୬୪,୩୧୦ ଟଙ୍କାରୁ ଆରମ୍ଭ ହେଉଛି। ମାଏଷ୍ଟ୍ରୋ ଏଜରେ ଅତ୍ୟାଧୁନିକ ଷ୍ଟାଇଲ ଏବଂ ରାଇଡିଂ ଫନ୍ ମିଳି ପାରିବ। ଏହାର ମୂଲ୍ୟ ୬୭,୯୫୦ ଟଙ୍କା ରହିଛି। ମଡେଲଟି ଆଲଏ ହ୍ୱିଲ ଏବଂ ଡ୍ରମ ବ୍ରେକରେ ଆସୁଛି। କମ୍ପାନୀ ଗ୍ରାହକଙ୍କୁ ଯୁବସୁଲଭ, ପ୍ରିମିୟମ ଏବଂ ଅତ୍ୟାଧୁନିକ ପ୍ରଡକ୍ଟ ଯୋଗାଣ ଦିଗରେ କାର୍ଯ୍ୟ କରୁଛି। ଏହାବାଦ ଶକ୍ତିଶାଳୀ ଏବଂ କ୍ଲିନ ଟେକ୍ନୋଲୋଜି ଦିଗରେ କମ୍ପାନୀ ଧ୍ୟାନ କେନ୍ଦ୍ରିତ କରିଛି। ପ୍ରଡକ୍ଟଗୁଡିକୁ ରାଜସ୍ଥାନର ଜୟପୁର ସହରରେ ହିରୋର ନିଜସ୍ୱ ଗବେଷଣା ଏବଂ ଉନ୍ନତୀକରଣ ହବ୍ ସେଣ୍ଟର ଅଫ୍ ଇନୋଭେସନ ଆଣ୍ଡ ଟେକ୍ନୋଲୋଜିରେ ଡିଜାଇନ ହେଉଛି। ନୂଆ ପଦକ୍ଷେପ ସହ ପ୍ରଡକ୍ଟଗୁଡିକୁ ବିଏସ୍ –୬କୁ ସ୍ଥାନାନ୍ତର କରାଯାଇଥିବା ହିରୋ ମୋଟୋକର୍ପ ଲିମିଟେଡର ଗ୍ଲୋବାଲ ପ୍ରଡକ୍ଟ ପ୍ଲାନିଂ ମୁଖ୍ୟ ମାଲୋ ଲେ ମାସନ କହିଛନ୍ତି।







# ୨୦ରୁ ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମର ବାର୍ଷିକୋତ୍ସବ

ଭୁବନେଶ୍ୱର, ୧୯–୨

ଢେଙ୍କାନାଳସ୍ଥିତ କପିଳାସ ପର୍ବତମାଳା ପାଦଦେଶରେ ପ୍ରତିଷ୍ଠିତ ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମର ବାର୍ଷିକୋତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ଆସନ୍ତା ୨୦ରୁ ୨୨ ତାରିଖ ଯାଏ ଆଶ୍ରମ ପରିସରରେ ବିଶାଳ ସାଇ ମହୋତ୍ସବ ଅନୁଷ୍ଠିତ ହେବ। ୨୦ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏହାପରେ ୨୧ ତାରିଖ ପୂର୍ବାହ୍ନ ସାଢେ ୧୦ ଟାରେ ସର୍ବଭାରତୀୟ ସାଇଭକ୍ତ ସମ୍ମିଳନୀ ପରେ ଅପରାହ୍ନରେ ପବିତ୍ର ଜ୍ୟୋତିର୍ଲିଙ୍ଗରେ ୧୦୮ ହଜାର ବାଣଲିଙ୍ଗ ଅଭିଷେକ ଓ ଅର୍ପଣ କରଯିବ। ୨୨ରେ ଅତି ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି ସହ ସମୂହ ପ୍ରସାଦ ସେବନ ଓ ଲଡ୍ଡୁ ବଣ୍ଟନର ବ୍ୟବସ୍ଥା କରାଯାଇଛି। ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମକୁ ସାରା ଦେଶରେ ବିଭିନ୍ନ ପ୍ରାନ୍ତରୁ ଶହ ଶହ ସାଇପ୍ରେମୀ ଓ ଭଗବତ୍ ବିଶ୍ୱାସୀ ଜନସାଧାରଣଙ୍କର ଆଜି ଏହା ହେଉଛି ଆଧ୍ୟାତ୍ମିକ ମହା ମିଳନ। ୨୦୦୨ ଫେବୃୟାରୀ ୨୨ ତାରିଖରେ ଏହି ବିଶାଳ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ପାର୍ଶ୍ୱରେ ରହିଛନ୍ତି ଦତ୍ତାତ୍ରେୟଙ୍କର କମନୀୟମୂର୍ତ୍ତି, ଅଷ୍ଟଧାତୁରେ ନିର୍ମିତ ଶ୍ରୀଗଣେଶ, ମାର୍ବଲର ହନୁମାନ ମୂର୍ତ୍ତି, ଶ୍ରୀରାମ ପରିବାରର ମନ୍ଦିର ସିଂହାସନ । ଆଶ୍ରମ ଟ୍ରଷ୍ଟ ପକ୍ଷରୁ ଜନସେବା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ୨୦୧୮ ମସିହାରେ ଇହଲୀଳା ସମ୍ବରଣ କରିଥିବା ଆଶ୍ରମର ସହ ପ୍ରତିଷ୍ଠାତ୍ରୀ ଆହ୍ଲାଦିନୀ ମିଶ୍ରଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଦତ୍ତାତ୍ରେୟ ସାଇ ଆଶ୍ରମର ଶାନ୍ତ ସବୁଜ ପରିବେଶ ଆଧ୍ୟାତ୍ମିକ ସାଧନାର ପୀଠଭାବେ ପ୍ରତିଷ୍ଠିତ ହୋଇଛି ବୋଲି ଆଶ୍ରମର ଆଜୀବନ ସଭ୍ୟା ସ୍ନିଗ୍ଧାମୟୀ ଶତପଥୀ ସୂଚନା ଦେଇଛନ୍ତି।

# ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ରକ୍ ବଟମ ଡ୍ରିକ୍

ଭୁବନେଶ୍ୱର, ୧୯–୨

ବ୍ରାଣ୍ଡ ଫ୍ୟାକ୍ଟ୍ରିପକ୍ଷରୁ ରକ୍ ବଟମ୍ ଡ୍ରିକ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଷ୍ଟୋର ପକ୍ଷରୁ ସାରା ବର୍ଷ ପ୍ରାୟ ୨୦୦ ବ୍ରାଣ୍ଡ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ଏହି ସମୟରେ ଗ୍ରାହକମାନେ ୨୦%ରୁ ୭୦% ଯାଏ ଅଫର ଲାଭ କରିପାରିବେ। ଫ୍ୟାଶନ ଲଭର ଗ୍ରାହକମାନେ ନିକଟସ୍ଥ ବ୍ରାଣ୍ଡ ଫ୍ୟାକ୍ଟ୍ରି ଷ୍ଟୋରକୁ ଯାଇ ଅଫରର ଲାଭ ନେବାକୁ ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ଅଫର ୨୩ ଫେବୃୟାରୀ ଯାଏ ଉପଲବ୍ଧ ହେବ। ଏହାବାଦ ଗ୍ରାହକମାନେ ଯେକୌଣସି ବ୍ରାଣ୍ଡ ଉପରେ ଫ୍ଲାଟ ୫୦% ଅଫ୍ ସୁବିଧା, ୨ ହଜାର ଟଙ୍କାର କ୍ରୟ ଉପରେ ଅତିରିକ୍ତ ୨୦% ରିହାତି, ୪ ହଜାର ଟଙ୍କାର କ୍ରୟରେ ଅତିରିକ୍ତ ୩୦% ରିହାତି ରହିଛି। ଗ୍ରାହକ ଅନ୍ୟୂନ ୨ ହଜାର ଟଙ୍କା କିଣିଲେ ୫୦୦ ଟଙ୍କାର ଗିଫ୍ଟ ଭାଉଚର ଲାଭ କରିପାରିବେ। ଏହି ସମୟରେ ଗ୍ରାହକ ଇଣ୍ଡିଗୋ ନେଶନ, ଫ୍ଲାଇଁ ମେଶିନ, ଲି, ରାଙ୍ଗଲର, ଲମ୍ୟାନ, ନାଇଟହୁଡ, ପିଟରଇଂଲଣ୍ଡ, ଜାରା, ପ୍ରିଭିଲେଜ କ୍ଲବ, ଜନମିଲର, ସ୍କଲର, ଡ୍ରିଲ୍ସ, ରଙ୍ଗ, କ୍ରକୋଡାଇଲ, ଲିକପର, ଆଡିଡାସ, ରିକ୍ୟାପ,ମିନେରାଲ, ଇକତାରା, ସୃଷ୍ଟି, ନୟାନ୍ସ, ମୋରପଙ୍ଖ, ଅତିଶା, ପିଙ୍କ ଆଣ୍ଡ ବ୍ଲୁ ଫିଲା, ଡିଜେ ଆଣ୍ଡ ସି ଭଳି ବ୍ରାଣ୍ଡ ଉପରେ ରିହାତି ସହ କ୍ରୟ କରିବାର ସୁବିଧା ପାଇ ପାରିବେ।





# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

OMM FINANCE
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟୀ
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
- ବିଜିନେସ୍ ଋଣ
- ସମ୍ପତ୍ତି ଋଣ
- ମାର୍କଶିଟ୍ ଋଣ
- ଆଧାର କାର୍ଡ ଋଣ
- ବ୍ୟକ୍ତିଗତ ଋଣ
- ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ–୬୦,୦୦,୦୦୦) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ– କୌଣସି ଟାୱାର/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ) ।
ମୋ. 9411277198

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

“ ଦୁଇ ଭାରତୀୟ ଓପ୍‌ନର୍ ମୟଙ୍କ ଅଗ୍ରୱାଲ ଓ ପୃଥ୍ୱୀ ଶ’ ଅନଭିଜ୍ଞ ହୋଇପାରନ୍ତି, କିନ୍ତୁ ଆଗାମୀ ଟେଷ୍ଟ ସିରିଜରେ ଭିନ୍ନତା ଆଣିବାର ଟ୍ୟାଲେଣ୍ଟ ସେମାନଙ୍କ ପାଖରେ ରହିଛି ।

–ଟିମ୍ ସୌଦୀ, ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର



“ ଖେଲୋ ଇଣ୍ଡିଆ ଗେମ୍ସ ଯୋଗୁ ଦେଶରେ ଅଧିକାଂଶ ପିଲା କ୍ରୀଡ଼ାକୁ ଗ୍ରହଣ କରିବା ପାଇଁ ଅନୁପ୍ରାଣିତ ହୋଇଛନ୍ତି ।

–ରାହି ସର୍ନୋବତ୍, ଭାରତୀୟ ମହିଳା ଶୁଟର୍



# ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା



ଖେଳାଳିଙ୍କ ଅପେକ୍ଷାରେ କ୍ରୀଡ଼ାଗ୍ରାମ।





କିଟ୍‌ରେ ଅନ୍ତିମ ପର୍ଯ୍ୟାୟରେ ପ୍ରସ୍ତୁତି।

(ଫଟୋ : ବିକାଶ ନାୟକ)







ଭୁବନେଶ୍ୱରରେ ପହଞ୍ଚିଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟର ଖେଳାଳିମାନେ।

## ଭାରତରେ ହେବ ୨୦୨୨ ଏଏଫ୍‌ସି ମହିଳା ଏସିଆନ୍ କପ

କୁଆଲାଲମ୍ପୁର,୧୯।୨(ପି.ଟି.)

ଭାରତରେ ୨୦୨୨ ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଦେଶରେ ମହିଳା ଫୁଟବଲର ପ୍ରସାର କରିବା ପାଇଁ ଏହି ଇଭେଣ୍ଟର ଆୟୋଜନ ଅଧିକାର ବୁଧବାର ଭାରତକୁ ଦିଆଯାଇଛି। ଏସିଆନ ଫୁଟବଲ କନଫେଡେରେଶନର ମହିଳା କମିଟି ଏହି ଅଧିକାର ପ୍ରଦାନ କରିଛି। ଟୁର୍ନାମେଣ୍ଟ ପାଇଁ ଭାରତ ବ୍ୟତୀତ ଚାଇନିଜ ତାଇପେ ଓ ଉଜବେକିସ୍ତାନ ମଧ୍ୟ ବିଡ୍ ଦାଖଲ କରିଥିଲେ। କିନ୍ତୁ ଚଳିତବର୍ଷ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜନ କରିବାକୁ ଥିବା ଭାରତରେ ଉନ୍ନତମାନର ଭିତ୍ତିଭୂମି ରହିଛି। ଭାରତ ପକ୍ଷରୁ ଡି. ୱାଇ. ପାଟିଲ ଷ୍ଟାଡିୟମ, ଟ୍ରାନ୍ସ ଷ୍ଟାଡିଆ ଏରିନା ଓ ଫାଟୋର୍ଡା ଷ୍ଟାଡିୟମକୁ ଭେନ୍ୟୁ ରୂପେ ଦାଖଲ କରାଯାଇଥିଲା। ଏହି ସମସ୍ତ ଗ୍ରାଉଣ୍ଡରେ ପୂର୍ବରୁ ଫିଫା ଟୁର୍ନାମେଣ୍ଟ ଖେଳାଯାଇସାରିଥିବା ଏଏଫ୍‌ସି ପକ୍ଷରୁ କୁହାଯାଇଛି।

## କେଆଇୟୁଜି ଟ୍ରଫି ଉନ୍ମୋଚନ ଆଜି

ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଓ କଟକରେ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ଟ୍ରଫି ଉନ୍ମୋଚନ ଉତ୍ସବ ଗୁରୁବାର ଅନୁଷ୍ଠିତ ହେବ। କିଟ୍ ପରିସରରେ ଥିବା ରଗ୍‌ବୀ ଗ୍ରାଉଣ୍ଡରେ ଅପରାହ୍ନ ୨ଟା ୪୫ରେ ଏକ ସ୍ୱତନ୍ତ୍ର ଉତ୍ସବରେ ଅତିଥିଭାବେ ଟ୍ରଫି ଉନ୍ମୋଚନ କରିବେ। ଖେଳାଳିମାନେ ରହିବା ପାଇଁ ସ୍ୱତନ୍ତ୍ର କ୍ରୀଡ଼ାଗ୍ରାମ ପ୍ରସ୍ତୁତ ହୋଇଥିବାବେଳେ ବିଭିନ୍ନ ପଡ଼ିଆ ଓ ଇନ୍‌ଡୋର ହଲ୍‌ର ପ୍ରସ୍ତୁତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଶୁକ୍ରବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ହେବ। କେଆଇୟୁଜିରେ ଭାଗ ନେବା ପାଇଁ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭୁବନେଶ୍ୱରରେ ପହଞ୍ଚିବାରେ ଲାଗିଛନ୍ତି। ଚଳିତ ମାସ ୨୨ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ପ୍ରତିଯୋଗିତା ଆୟୋଜିତ ହେବ। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ(କିସ୍) ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି(କିଟ୍)ର ପାଖାପାଖି ୫୦୦ ଛାତ୍ରୀଛାତ୍ର ଏହି କ୍ରୀଡାରେ ସ୍ୱେଚ୍ଛାସେବୀ ଦାୟିତ୍ୱ ତୁଲାଇବେ। ଏମାନଙ୍କ ମଧ୍ୟରେ ଅଧିକାଂଶ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଆଦିବାସୀ ଛାତ୍ରୀଛାତ୍ର ଅଟନ୍ତି। ‘‘ସ୍ୱେଚ୍ଛାସେବୀ ଟିମ୍‌ରେ ସାମିଲ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ପ୍ରଦର୍ଶନ କରିବାକୁ ଥିବା ଆଥ୍‌ଲେଟ୍‌ମାନଙ୍କୁ ନିକଟରୁ ଦେଖିପାରିବେ ଓ ଭବିଷ୍ୟତରେ ଖେଳକୁ କ୍ୟାରିୟର ଭାବେ ବାଛିବା ପାଇଁ ପ୍ରେରଣା ପାଇପାରିବେ। ପୂର୍ବରୁ କିଟ୍‌ରେ ହୋଇଥିବା ଅନ୍ୟ ପ୍ରତିଯୋଗିତା ଗୁଡ଼ିକରେ ମଧ୍ୟ ଏହି ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାସେବକ ଭାବେ କାର୍ଯ୍ୟ କରିଛନ୍ତି। ସ୍ୱେଚ୍ଛାସେବୀ ଟିମ୍ ପାଇଁ ଚୟନ ହୋଇଥିବା ଛାତ୍ରୀଛାତ୍ରମାନଙ୍କର ବୟସ ୧୮ ବର୍ଷରୁ ଅଧିକ ହୋଇଥିବା ବେଳେ ସେମାନେ ସମସ୍ତେ ଗ୍ରାଜୁଏଟ’’ ବୋଲି କିଟ୍‌ର କ୍ରୀଡା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି।

## ପ୍ରି-କ୍ୱାର୍ଟରରେ ସାଇନା, ଶ୍ରୀକାନ୍ତ

ବାର୍ସିଲୋନା, ୧୯।୨ (ପି.ଟି.)

ଏଠାରେ ଆରମ୍ଭ ହୋଇଥିବା ଏକ ଲକ୍ଷ ୭୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ବାର୍ସିଲୋନା ସ୍ପେନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପ୍ରଥମ ଦିନରେ ବୁଧବାର ଭାରତକୁ ମିଶ୍ରିତ ଫଳ ମିଳିଛି। ସାଇନା ନେହ୍ୱାଲ, କିଦାମ୍ବୀ ଶ୍ରୀକାନ୍ତ ଓ ଅଜୟ ଜୟରାମ ପ୍ରି-କ୍ୱାର୍ଟର ଫାଇନାଲରେ ସେମାନଙ୍କ ସ୍ଥାନ ସୁରକ୍ଷିତ କରିନେଇଛନ୍ତି। କିନ୍ତୁ ଏଚ୍.ଏସ୍. ପ୍ରଣୟ ଓ ପାରୁପଲ୍ଲୀ କାଶ୍ୟପଙ୍କୁ ନିରାଶ ହେବାକୁ ପଡ଼ିଛି। ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମ୍ୟାଚ୍‌ରେ ୨୧-୧୬, ୨୧-୧୪ ସିଧାସଳଖ ଗେମ୍‌ରେ ଜର୍ମାନୀର ଭୋନେ ଲି’ଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ପୁରୁଷ ସିଙ୍ଗଲ୍ସରେ ଶ୍ରୀକାନ୍ତ ୨୩-୨୧, ୨୧-୮ରେ ସାଥୀ ଖେଳାଳି ଶୁଭଙ୍କର ଦେ’ଙ୍କୁ ପରାସ୍ତ କରିଥିଲେ। ସେହିଭଳି ଜୟରାମ ୨୧-୧୪, ୨୧-୧୨ରେ ଫ୍ରାନ୍ସର କ୍ରିଷ୍ଟୋ ପୋପୋଭ ହରାଇଥିଲେ। ତେବେ ପ୍ରଣୟ୧୮-୨୧, ୧୫-୨୧ରେ ମାଲେସିଆର ଲିଉ ଡାରେନଙ୍କ ନିକଟରୁ ହାରିଛନ୍ତି। ମିକ୍ସଡ ଡବଲ୍ସରେ ଭାରତର ପ୍ରଣବ ଚୋପ୍ରା ଓ ଏନ୍. ସିକ୍କି ରେଡ୍ଡୀ ଯୋଡ଼ି ବିଜୟୀ ହୋଇଛନ୍ତି।

## ‘ପ୍ରତ୍ୟାବର୍ତ୍ତନ କରିବା ନେଇ ନିଶ୍ଚିତ ଥିଲି’

ଭୁବନେଶ୍ୱର,୧୯।୨ (ସ୍ପୋର୍ଟ୍ସ ବ୍ୟୁରୋ)



ହକି ପ୍ରୋ ଲିଗ୍‌ର ପ୍ରଥମ ୪ଟି ମ୍ୟାଚ୍‌ରେ ମିଡ୍‌ଫିଲ୍ଡରେ ଭାରତ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ଏହା ପଛରେ ଅବଶ୍ୟ ଟିମ୍ ମ୍ୟାନେଜମେଣ୍ଟର ସୁଚିନ୍ତିତ ଯୋଜନା ଓ ରଣନୀତି ରହିଛି। ୪ଟି ମ୍ୟାଚ୍ ଖେଳି ଭାରତ ଏପର୍ଯ୍ୟନ୍ତ ୮ ପଏଣ୍ଟ ହାସଲ କରିବା ସହ ତାଲିକାର ତୃତୀୟ ସ୍ଥାନରେ ରହିଛି। ଭାରତ ଏହି ସଫଳତା ପଛରେ ଅଭିଜ୍ଞ ମିଡ୍‌ଫିଲ୍ଡର ଚିଙ୍ଗଲେନସାନ ସିଂ କାଙ୍ଗୁଜାମଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ଚିଙ୍ଗେଲେନସାନାଙ୍କ ପ୍ରତ୍ୟାବର୍ତ୍ତନ ପରେ ଭାରତୀୟ ମିଡ୍‌ଫିଲ୍ଡରେ ଆହୁରି ଦୃଢ଼ ହୋଇଛି। ତେବେ ଏହାପୂର୍ବରୁ ୨୮ ବର୍ଷୀୟ ଏହି ମିଡ୍‌ଫିଲ୍ଡର ୨୦୧୮ ଡିସେମ୍ବରରେ ଶେଷଥର ପାଇଁ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଭାରତ ହକି ବିଶ୍ୱକପ୍‌ରେ ନେଦରଲାଣ୍ଡଠାରୁ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଥିଲା ଓ ସେ ଏହି ମ୍ୟାଚ୍‌ରେ ଖେଳିଥିଲେ। ଅର୍ଜୁନ ପୁରସ୍କାର ପ୍ରାପ୍ତ ଏହି ଖେଳାଳି ୨୦୧୯ରେ ଡାହାଣ ଗୋଇଠିରେ ଆଘାତ ପାଇବା ପରେ ସେ ଗତ ବର୍ଷ କୌଣସି ଟୁର୍ନାମେଣ୍ଟ ଖେଳିପାରି ନ ଥିଲେ।

୨୦୧୯ରେ ହକି ଇଣ୍ଡିଆ ସିନିୟର ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲା। ସେତେବେଳେ ଡାହାଣ ଗୋଇଠିରେ ସାମାନ୍ୟ ଯନ୍ତ୍ରଣା ଅନୁଭବ କରିଥିଲି। ସ୍କାନ କଲାପରେ ଫାକ୍‌ଚର ହୋଇଥିବା ଜାଣିବାକୁ ପାଇଥିଲି। ସେତେବେଳେ କିଛି ସପ୍ତାହ ମୋ ପାଇଁ ବେଶ୍ କଷ୍ଟକର ଥିଲା। ପୁଣି ଥରେ ଦେଶ ପାଇଁ ଖେଳିବା ନେଇ ସନ୍ଦେହରେ ଥିଲି। କିନ୍ତୁ ପ୍ରତ୍ୟାବର୍ତ୍ତନ କରିବା ନେଇ ଦୃଢ ନିଶ୍ଚିତ ଥିଲି। କିନ୍ତୁ ସେତେବେଳେ ସାଥୀ ଖେଳାଳି, ପରିବାର ଓ କୋଚ୍‌ମାଙ୍କଠାରୁ ସମର୍ଥନ ପାଇଥିଲି ବୋଲି ଚିଙ୍ଗଲେନସାନା କହିଛନ୍ତି। ଯେତେବେଳେ ଚିକିତ୍ସାଧୀନ ଥିଲି ସେତେବେଳେ ପିଚ୍‌ରେ ସାଥୀ ଖେଳାଳିଙ୍କୁ ଖେଳୁଥିବାର ଦେଖୁଥିଲି। ଏହା ମୋତେ ଦୁଃଖ ଦେଇଥିଲା। କାରଣ ସାରା ଜୀବନ ହକି ଖେଳିବାକୁ ସବୁବେଳେ ଭଲ ପାଇଥାଏ। ତେବେ ଧୀରେଧୀରେ ଆଘାତ ସମସ୍ୟାରୁ ମୁକୁଳିଥିଲି। ଏହାପରେ ଗତ ନଭେମ୍ବରରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ଖେଳିବାକୁ ଲକ୍ଷ୍ୟ ରଖିଥିଲି। କିନ୍ତୁ କେତେ ସମସ୍ୟା କାରଣରୁ ଏହା ହୋଇପାରି ନ ଥିଲା ବୋଲି ସେ କହିଛନ୍ତି। ଶେଷରେ ନେଦରଲାଣ୍ଡ ବିପକ୍ଷ ହକି ପ୍ରୋ ଲିଗ୍ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ପାଇଥିଲି। ଏହା ମୋ ଜୀବନର ଅନ୍ୟତମ ଶ୍ରେଷ୍ଠ ମୁହୂର୍ତ୍ତ ଥିଲା।

## ଭାରତର ପ୍ରଥମ କ୍ଲବ ଭାବେ ଗୋଆର କୃତିତ୍ୱ

ଜାମସେଦପୁର, ୧୯।୨ (ପି.ଟି.)

ଇଣ୍ଡିଆନ ସୁପର୍‌ଲିଗ୍ (ଆଇଏସ୍‌ଏଲ୍)ରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଏଫ୍‌ସି ଗୋଆ ୫-୦ ଗୋଲରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି। ଏହି ବିଜୟ ସହ ଏଫ୍‌ସି ଗୋଆ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଗ୍ରୁପ୍ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଛି। ଏସିଆ ମହାଦେଶର ଏହି ଶ୍ରେଷ୍ଠ ଫୁଟ୍‌ବଲ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିବାରେ ଏଫ୍‌ସି ଗୋଆ ଭାରତର ପ୍ରଥମ କ୍ଲବ ହେବାର ସୌଭାଗ୍ୟ ଲାଭ କରିଛି। ଆଇଏସ୍‌ଏଲ୍ ଲିଗ୍ ପର୍ଯ୍ୟାୟ ଶେଷ ହେବାପରେ ଯେଉଁ ଦଳ ପଏଣ୍ଟ ଟେବୁଲ ଶୀର୍ଷରେ ରହିବ ସେହି ଦଳ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଗ୍ରୁପ୍ ପର୍ଯ୍ୟାୟକୁ ଯୋଗ୍ୟତା ହାସଲ କରିଥାଏ। ପୂର୍ବରୁ ଭାରତୀୟ କ୍ଲବ ଭାବେ ମୋହନ ବାଗାନ ଓ ଇଷ୍ଟ ବେଙ୍ଗଲ ଏସିଆନ କ୍ଲବ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିସାରିଛନ୍ତି। କିନ୍ତୁ ଦେଶର କୌଣସି ଦଳ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ର ଗ୍ରୁପ୍ ପର୍ଯ୍ୟାୟ ଖେଳିବାର ସୌଭାଗ୍ୟ ଲାଭ କରି ନ ଥିଲେ। ଏଫ୍‌ସି ଗୋଆ ଚଳିତ ଆଇଏସ୍‌ଏଲ୍ ସିଜନରେ ୧୮ ମ୍ୟାଚ୍ ଖେଳି ୩୯ ପଏଣ୍ଟ ପାଇ ଲିଗ୍ ପର୍ଯ୍ୟାୟ ଶେଷ କରିଛି। ଦ୍ୱିତୀୟ ସ୍ଥାନରେ ରହିଥିବା ଏଟିକେ (୩୩) ଆଉ ଗୋଟିଏ ମ୍ୟାଚ୍ ଖେଳିବାକୁ ବାକି ରହିଛି। ଯଦି ଏଟିକେ ଏହାର ଅନ୍ତିମ ମ୍ୟାଚ୍ ଜିତିଲେ ମଧ୍ୟ ଗୋଆକୁ ଟପି ପାରିବ ନାହିଁ।



ଭାରତର ପ୍ରଥମ ଦଳ ଭାବେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଗ୍ରୁପ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବା ପରେ ଏଫ୍‌ସି ଗୋଆ ଖେଳାଳି ଖୁସି ମନାଉଛନ୍ତି।

## ଟେଷ୍ଟ ସିରିଜ ରୋମାଞ୍ଚକ ହେବ

ଭିଭିଏସ୍ ଲକ୍ଷ୍ମଣ

ଦିନିକିଆ ବିପର୍ଯ୍ୟୟ ପରେ ଭାରତ ଟେଷ୍ଟ ସିରିଜ ଜିତି ନ୍ୟୁଜିଲାଣ୍ଡ ଗସ୍ତ ଶେଷ କରିବାକୁ ଚାହିଁବ। ଗସ୍ତ ଆରମ୍ଭରେ ଟି୨୦ ସିରିଜରେ ଭାରତ ୫-୦ରେ କ୍ଲିନ୍ ସୁଇପ୍ କରିବା ଭଳି ଟେଷ୍ଟରେ ମଧ୍ୟ ଅନୁରୂପ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଥିବ। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ବେଶ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରୁଛି। ନ୍ୟୁଜିଲାଣ୍ଡକୁ ତା’ର ଘରୋଇ ପରିବେଶ ହରାଇବା ନିହାତି କଷ୍ଟକର ହେବ। ତେବେ ଭାରତ ଗତ କିଛି ବର୍ଷ ହେବ ବିଶ୍ୱର ସବୁ ସ୍ଥାନ ଗସ୍ତକରି ଟେଷ୍ଟରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ଭାରତୀୟ ଦ୍ରୁତ ବୋଲରମାନେ ଦମ୍‌ଦାର ପ୍ରଦର୍ଶନ କରି ବିଦେଶରେ ଭାରତ ବିଜୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ଏଥର ବ୍ୟାଟ୍ସମ୍ୟାନଙ୍କୁ ମଧ୍ୟ ଭଲ ପ୍ରଦର୍ଶନ କରିବା ସହ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ହେବ। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ଖାସ୍ କରି ଓପନର ଓ ୩ ନମ୍ବର ବ୍ୟାଟ୍ସମ୍ୟାନଙ୍କୁ କ୍ରିଜ୍‌ରେ ବେଶ୍ କିଛି ସମୟ ବିତାଇବାକୁ ପଡିବ। ବିଦେଶରେ ଭଲ ପ୍ରଦର୍ଶନ କରିବାକୁ ହେଲେ ପ୍ରଥମ ଇନିଂସରେ ବଡ଼ ସ୍କୋର ହାସଲ କରିବାକୁ ହେବ ଓ ଏପରି କରିବା ନିହାତି ଆବଶ୍ୟକ।





ପ୍ରାୟ ସବୁ ଦଳ ନ୍ୟୁଜିଲାଣ୍ଡରେ ଟେଷ୍ଟ ଖେଳିଛନ୍ତି। ତେଣୁ ନ୍ୟୁଜିଲାଣ୍ଡର ପିଚ୍, ପରିବେଶ ଓ ବୋଲିଂ ଆକ୍ରମଣ ସଂକ୍ରାନ୍ତରେ ସମସ୍ତଙ୍କର ଜ୍ଞାନ ନିଶ୍ଚିତ ଥିବ। ଓପନର ମୟଙ୍କ ଅଗ୍ରୱାଲ ଫର୍ମକୁ ଫେରିବା ନିଶ୍ଚିତ ଭାବେ ଖୁସିର କଥା। ଅଭ୍ୟାସ ମ୍ୟାଚ୍‌ର ପ୍ରଥମ ଇନିଂସରେ ବିଫଳ ହୋଇଥିଲେ ମଧ୍ୟ ଦ୍ୱିତୀୟରେ ସେ ରନ ସଂଗ୍ରହ କରି ଲୟକୁ ଫେରିଛନ୍ତି। ଅଗ୍ରୱାଲଙ୍କ ସହ ପୃଥ୍ୱୀ ଶ ଇନିଂସ ଓପନ କରିବେ। କାରଣ ୱାର୍ମ ଅପ୍ ମ୍ୟାଚ୍‌ରେ ସେ ଉଭୟ ଇନିଂସରେ ଓପନର ଦାୟିତ୍ୱ ତୁଲାଇଥିଲେ। ଟିମ୍ ମ୍ୟାନେଜମେଣ୍ଟ ମଧ୍ୟ ଯୁବ ଓପନର ଶୁଭମନ ଗିଲ୍‌ଙ୍କ ସହ କଥା ହୋଇଥିବେ। ତାଙ୍କଠାରୁ କି ପ୍ରକାର ଭୂମିକା ଆଶା କରାଯାଉଚି ସେ ସଂକ୍ରାନ୍ତରେ ଆଲୋଚନା କରିଥିବେ ବୋଲି ଆଶା କରୁଛି। ମାତ୍ର ଗୋଟିଏ ଦିନରେ ଜଣେ ଭଲ ଓପନର ହେବା ଓ ପର ଦିନ ଜଣେ କ୍ଷମତା ସମ୍ପନ୍ନ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ହେବା ସହଜ ନୁହଁ।

ହମିଲଟନରେ ଅଭ୍ୟାସ ମ୍ୟାଚ୍‌ରେ ହନୁମା ବିହରୀ ଶତକ ହାସଲ କରିବା ନେଇ ବେଶ୍ ଖୁସି ଅଛି। ଯେତେବେଳେ ଭାରତ ୫ଜଣ ବୋଲରଙ୍କୁ ଖେଳାଇଛି ବିହାରୀଙ୍କୁ ବାହାରେ ବସିବାକୁ ପଡିଛି। ତେବେ ଏହି ସିରିଜରେ ତାଙ୍କୁ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କ ମିଡଲ ଅର୍ଡରରେ ବ୍ୟାଟିଂ କରିବା ସହିତ ସମୟ ବିତାଇବାର ସୁଯୋଗ ମିଳିବ। ଛୋଟିଆ ଆଓ୍ୱେ ସିରିଜରେ ଭାରତ ୬ ଜଣ ବ୍ୟାଟ୍ସମ୍ୟାନ ସହିତ ଉଇକେଟ୍‌କିପର ହିସାବରେ ଋଦ୍ଧିମାନ ଶାହ, ୩ଜଣ ପେସରଙ୍କ ସମେତ ୪ଜଣ ବୋଲରଙ୍କୁ ଖେଳାଇବା ଉଚିତ୍ ବୋଲି ଭାବୁଛି।

ଯଦି ଟିମ୍ ମ୍ୟାନେଜମେଣ୍ଟ ଉଚିତ୍ ମନେ କରେ ତା’ହେଲେ ଅଭିଜ୍ଞ ଦ୍ରୁତ ବୋଲର ଇଶାନ୍ତ ଶର୍ମାଙ୍କୁ ଅନ୍ତିମ ଏକାଦଶରେ ସାମିଲ କରାଯିବାରେ କୌଣସି ସମସ୍ୟା ନାହିଁ। ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କ ସହ ସେ ଭାରତୀୟ ବୋଲିଂ ଆଟାକ୍‌ରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବେ। ଗତ ଦିନିକିଆ ସିରିଜରେ ଅବଶ୍ୟ ବୁମ୍‌ରା ସାମାନ୍ୟ ଲୟ ହରାଇଲା ପରି ମନେ ହେଉଥିଲେ। ତେବେ ଟେଷ୍ଟ ପ୍ରଦର୍ଶନରେ ଏହାର ପ୍ରଭାବ ପଡିବ ନାହିଁ ବୋଲି ଭାବୁଛି। ଦୀର୍ଘ ୬ ମାସ ପରେ ବୁମ୍‌ରା ଟେଷ୍ଟ ଖେଳିବାକୁ ଯାଉଛନ୍ତି। ଯଦି ବି ଇଶାନ୍ତଙ୍କ ଫିଟ୍ ନେସ୍ ନେଇ କିଛି ସମସ୍ୟା ଥାଏ ତା’ହେଲେ ଉମେଶ ଯାଦବଙ୍କୁ ସୁଯୋଗ ଦିଆଯିବାରେ କୌଣସି ଅସୁବିଧା ନାହିଁ। ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ନ୍ୟୁଜିଲାଣ୍ଡ ଅଧିକ ପଏଣ୍ଟ ହାସଲ କରିବାକୁ ଚାହିଁବ। ଭାରତ ମଧ୍ୟ ସୁଯୋଗର ସଦ୍ ଉପଯୋଗ କରିବାକୁ ଚାହିଁବ। ଫଳରେ ଏହି ସିରିଜ ବେଶ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ।

(ଗେମ୍ ପ୍ଲାନ୍)



ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଯେକୌଣସି ଟିମ୍ ଉପରେ ଚାପ ସୃଷ୍ଟି କରିପାରିବାର ଦକ୍ଷତା ଭାରତୀୟ ଦଳର ରହିଛି।

–ହରମନପ୍ରୀତ୍ କୌର, ଭାରତୀୟ ମହିଳା କ୍ରିକେଟ୍ ଅଧିନାୟିକା

ଯଦି ଆମେ କେବଳ ଯଶପ୍ରୀତ୍ ବୁମ୍‌ରାଙ୍କ ଉପରେ ଧ୍ୟାନ ନିବେଶ କରୁ ତେବେ ଅସୁବିଧାରେ ପଡ଼ିପାରୁ। ଭାରତୀୟ ଦଳର ପୂରା ବୋଲିଂ ଲାଇନ୍‌ଅପ୍ ବହୁତ ଭଲ ରହିଛି।

–ରସ୍ ଟେଲର, ଅଭିଜ୍ଞ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ମ୍ୟାଟ୍ ହେନ୍‌ରୀଙ୍କୁ ଡକରା



ୱେଲିଂଟନ,୧୯।୨- ଆସନ୍ତା ୨୧ ତାରିଖରେ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ ଲାଗି ନ୍ୟୁଜିଲାଣ୍ଡ ଦଳରେ ପେସର ମ୍ୟାଟ ହେନ୍‌ରୀ ଯୋଗ ଦେବେ। ତାଙ୍କୁ ନିଲ ୱାଗନରଙ୍କ ବଦଳ ଖେଳାଳି ଭାବେ ଡକାଯାଇଛି। ୱାଗନର ପ୍ରଥମ ଥର ପାଇଁ ବାପା ହେବାକୁ ଯାଉଛନ୍ତି। ତାଙ୍କ ଅନୁପସ୍ଥିତିରେ ନ୍ୟୁଜିଲାଣ୍ଡ ଦଳରେ ଟ୍ରେଣ୍ଟ ବୋଲ୍ଟ ଓ ଟିମ ସୌଦିଙ୍କ ଭଳି ସିନିୟର ପେସରଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ବାମହାତୀ ପେସର ୱାଗନରଙ୍କ ରେକର୍ଡ ଟେଷ୍ଟରେ ଉଲ୍ଲେଖନୀୟ ରହିଛି। ସେ ୪୭ ମ୍ୟାଚ୍‌ରେ ୨୬.୩୩ ହାରରେ ୨୦୪ ଉଇକେଟ ନେଇଛନ୍ତି। ୱାଗନର ୱେଲିଂଟନ ଟେଷ୍ଟରେ ଦଳ ସହ ଯୋଗଦେବେ ନାହିଁ। କାରଣ ସେ ଓ ତାଙ୍କ ପତ୍ନୀ ପ୍ରଥମ ସନ୍ତାନର ଜନ୍ମକୁ ଅପେକ୍ଷା କରିଛନ୍ତି। ସେ ଟାଉରଙ୍ଗାଠାରେ ଅଛନ୍ତି। ତାଙ୍କ ବଦଳରେ ହେନ୍‌ରୀ ଦଳରେ ଯୋଗଦେବେ ବୋଲି ବ୍ଲାକ କ୍ୟାପ୍ସ ପକ୍ଷରୁ ଟୁଇଟ୍ କରାଯାଇଛି। ହେନରୀ ନ୍ୟୁଜିଲାଣ୍ଡ ପକ୍ଷରୁ ୧୨ ଟେଷ୍ଟ ଓ ୫୨ ଦିନିକିଆ ଖେଳିସାରିଛନ୍ତି। ତାଙ୍କ ବାଦ୍ କାଇଲ ଜମିସନଙ୍କୁ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିବାର ସମ୍ଭାବନା ରହିଛି। ସେ ଏପର୍ଯ୍ୟନ୍ତ କ୍ରିକେଟର ଲମ୍ବା ଫର୍ମାଟରେ ପର୍ଦାପଣ କରିନାହାନ୍ତି।

ଓସିଏ ଭିଜନ ୨୦୨୪

### ଟାଉନ୍ କ୍ଲବ ୮ ଉଇକେଟରେ ବିଜୟୀ

ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)- ଓସିଏ ଭିଜନ ୨୦୨୪ ଅନ୍ତର୍ଗତ ବୁଧବାର ଅନୁଷ୍ଠିତ ସିନିୟର ଆନ୍ତଃ ଜିଲା କ୍ଲବ ଲିଗ୍ (ଭୁବନେଶ୍ୱର) ମ୍ୟାଚରେ ଟାଉନ୍ କ୍ଲବ ୮ ଉଇକେଟରେ ବାପୁଜୀ କ୍ରିକେଟ କ୍ଲବକୁ ପରାସ୍ତ କରିଛି। ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବାପୁଜି କ୍ଲବ ୨୪.୫ ଓଭରରେ ୧୦୮ ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ରବି ସାହୁ ସର୍ବାଧିକ ୩୫ ରନ କରିଥିଲେ। ପ୍ରତିପକ୍ଷ ଦଳର ଶୁଭସଙ୍କେତ ଧଳ ୪ଟି, ଶୁଭାଶିଷ ଖଣ୍ଡାୟତରାୟ ୨ଟି ଉଇକେଟ ନେଇଥିଲେ। ଜବାବରେ ଟାଉନ୍ କ୍ଲବ ୧୭.୩ ଓଭରରେ ୨ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରି ନେଇଥିଲା। ରାକେଶ କୁମାର ବେହେରା ୪୨ ଓ ପ୍ରତ୍ୟୁଷ ଦାସ ୩୬ ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଶୁଭ ସଙ୍କେତ ଧଳ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଆଜିଠାରୁ ଓଡ଼ିଶା–ବେଙ୍ଗଲ କ୍ୱାର୍ଟର ଫାଇନାଲ

ରଣଜୀ ଟ୍ରଫି

କଟକ ଅଫିସ,୧୯।୨

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ରାଉଣ୍ଡ ଗୁରୁବାରଠାରୁ ଆରମ୍ଭ ହେବ। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଶୁଭ୍ରାଂଶୁ ଶେଖର ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳର ମୁକାବିଲା ହେବ ଅଭିମନ୍ୟୁ ଈଶ୍ୱରନ୍‌ଙ୍କ ନେତୃତ୍ୱାଧୀନ ବେଙ୍ଗଲ ସହିତ। ହାତଗଣତି ତାରକା ଖେଳାଳିଙ୍କୁ ନେଇ ଆସିଥିବା ବେଙ୍ଗଲ ବିପକ୍ଷ ଏହି ମ୍ୟାଚ ରୋମାଞ୍ଚକର ହେବ। ରଣଜୀ ଇତିହାସରେ ଓଡ଼ିଶା–ବେଙ୍ଗଲ ମୋଟ୍ ୫୦ଥର ସାମ୍ନାସାମ୍ନି ହୋଇଥିବା ବେଳେ ଓଡ଼ିଶା କେବଳ ୨ଟି ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛି। କ୍ୱାର୍ଟର ମୁକାବିଲାରେ ଘରୋଇ ଗ୍ରାଉଣ୍ଡ ଓ ପରିବେଶ ଓଡ଼ିଶାକୁ ଭରପୂର ଫାଇଦା ଦେବ ବୋଲି ଆଶା କରାଯାଉଛି।



ଡ୍ରିମ୍ସ ଗ୍ରାଉଣ୍ଡରେ ଅଭ୍ୟାସରତ ବେଙ୍ଗଲ କ୍ରିକେଟ ଦଳ।

### ୪ ବର୍ଷ ପରେ ସାମ୍ନାସାମ୍ନି

ଓଡ଼ିଶା ଓ ବେଙ୍ଗଲ ଗତ ୨୦୧୫–୧୬ ରଣଜୀ ସିଜନରେ ଶେଷ ଥର ପାଇଁ ସାମ୍ନାସାମ୍ନି ହୋଇଥିଲେ। ବେଙ୍ଗଲ କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ଏହି ମ୍ୟାଚ ଖେଳାଯାଇଥିଲା। ଏକ ଲୋ–ସ୍କୋରିଂ ମ୍ୟାଚ୍‌ରେ ବେଙ୍ଗଲଠାରୁ ୧୩୩ ରନରେ ଓଡ଼ିଶା ହାରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗଲ ୧୪୨ ରନରେ ଅଲଆଉଟ ହେବା ପରେ ଓଡ଼ିଶାର ପ୍ରଥମ ଇନିଂସ ୧୦୭ ରନରେ ସୀମିତ ରହିଥିଲା। ବେଙ୍ଗଲ ଦ୍ୱିତୀୟ ଇନିଂସରେ ୧୩୫ ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ସମ୍ମୁଖରେ ୧୭୦ରନର ବିଜୟ ଲକ୍ଷ୍ୟ ଥିବା ବେଳେ ଦଳ ମାତ୍ର ୩୭ରନରେ ସମସ୍ତ ଉଇକେଟ ହରାଇଥିଲା। ଏହି ମ୍ୟାଚ୍‌ରେ ଓଡ଼ିଆ ଖେଳାଳି ପ୍ରଜ୍ଞାନ ଓଝା ବେଙ୍ଗଲ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ।

### ୧୬ ବର୍ଷର ସେମି ସ୍ୱପ୍ନ

ଗତ ୨୦୦୪ ମସିହାରେ ଓଡ଼ିଶା ଶେଷଥର ପାଇଁ ସେମି ଫାଇନାଲରେ ପ୍ରବେଶ କରିଥିଲା। ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ମଧ୍ୟପ୍ରଦେଶଠାରୁ ହାରି ଫାଇନାଲରୁ ବଞ୍ଚିତ ହୋଇଥିଲା। ୧୬ ବର୍ଷ ପରେ ପୁଣି ଥରେ ସେମିଫାଇନାଲ ଖେଳିବାର ସୁଯୋଗ ସୃଷ୍ଟି ହୋଇଛି। ବାରବାଟୀରେ ଖେଳାଯାଇଥିବା ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶାର ନେତୃତ୍ୱ ନେଉଥିଲେ ସଞ୍ଜୟ ରାଉଳ। ପ୍ରଭଞ୍ଜନ ମଲ୍ଲିକଙ୍କ ୧୪୨ରନର ଉପଯୋଗୀ ଇନିଂସ ସହାୟତାରେ ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୩୧୮ରନ କରିଥିଲା। ଜବାବରେ ମଧ୍ୟପ୍ରଦେଶ ୨୫୮ ରନରେ ଅଲଆଉଟ ହୋଇଥିଲା। ସଞ୍ଜୟ ଶତପଥୀ ୪ଟି ଓ ଦୀପକ ମଙ୍ଗରାଜ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଓଡ଼ିଶାର ଦ୍ୱିତୀୟ ଇନିଂସ ୨୫୩ ରନରେ ସୀମିତ ରହିଥିଲା। ଅଧିନାୟକ ସଞ୍ଜୟ ସର୍ବାଧିକ ୮୭ରନ କରିଥିଲେ। ୫ ଉଇକେଟ ହରାଇ ମଧ୍ୟପ୍ରଦେଶ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

### ବେଙ୍ଗଲର ଦଳଗତ ପ୍ରଦର୍ଶନ

ଚଳିତ ସିଜନରେ ବେଙ୍ଗଲର ଉଭୟ ବ୍ୟାଟିଂ ଓ ବୋଲିଂ ଲାଇନଅପକୁ ନଜର ପକାଇଲେ, ବ୍ୟକ୍ତିଗତ ପ୍ରଦର୍ଶନ ଅପେକ୍ଷା ଦଳଗତ ପ୍ରଦର୍ଶନ ହିଁ ଦଳକୁ କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପହଞ୍ଚାଇଛି। ଦଳର ତାରକା ଖେଳାଳି ମନୋଜ ତିୱାରୀ ଲିଗ ପର୍ଯ୍ୟାୟରେ ମୋଟ୍ ୬୪୧ରନ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ତ୍ରିଶତକୀୟ ଇନିଂସ ରହିଛି। ମନୋଜଙ୍କୁ ବାଦ୍ ଦେଇ ଲିଗ ପର୍ଯ୍ୟାୟରେ ଶତକ ହାସଲ କରିଥିବା ଅନ୍ୟ ବ୍ୟାଟ୍ସମ୍ୟାନ ହେଲେ ଅଭିଷେକ ରମଣ। ସେହିପରି ବୋଲିଂରେ ସାହାବାଜ ନଦିମ୍ ସର୍ବାଧିକ ୨୯ଟି ଉଇକେଟ ଅକ୍ତିଆର କରିଛନ୍ତି। ଆକାଶଦୀପ ୨୫ଟି ଉଇକେଟ ନେଇଥିବା ବେଳେ ମୁକେଶ କୁମାରଙ୍କୁ ୧୯ଟି ଉଇକେଟ ମିଳିଛି।

### ଲକି ଗ୍ରାଉଣ୍ଡ ଡ୍ରିମ୍ସ

ଲିଗ ପର୍ଯ୍ୟାୟରେ ଓଡ଼ିଶା ୪ଟି ମ୍ୟାଚ୍ ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳିଛି। ଏଠାରେ ହିଁ କ୍ୱାର୍ଟର ମୁକାବିଲା ହେବ। ୪ଟି ମ୍ୟାଚ୍‌ରୁ ଓଡ଼ିଶା ୩ଟି ଜିତିଥିବା ବେଳେ ଗୋଟିଏ ପରାସ୍ତ ହୋଇଛି। ସର୍ଭିସେସକୁ ଇନିଂସ ଓ ୧୦ରନରେ, ଉତ୍ତରାଖଣ୍ଡକୁ ୧୦ ଉଇକେଟରେ, ଆସାମକୁ ଇନିଂସ ଓ ୩ରନରେ ହରାଇଛି ଘରୋଇ ଓଡ଼ିଶା। ଜମ୍ମୁ–କଶ୍ମୀର ବିପକ୍ଷ ମ୍ୟାଚ୍‌ରେ ଦଳ ୪ ଉଇକେଟରେ ପରାସ୍ତ ହୋଇଥିଲା।

### ଦୃଢ଼ ମନୋବଳ ଫାଇଦା ଦେବ

ବେଙ୍ଗଲ ଏକ ଶକ୍ତିଶାଳୀ ଦଳ। ହେଲେ ଓଡ଼ିଶା ଖେଳାଳିଙ୍କ ଦୃଢ଼ ମନୋବଳ ଫାଇଦା ଦେବ ବୋଲି କହିଛନ୍ତି ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି। ପ୍ରତ୍ୟେକ ଖେଳାଳି ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ଘରୋଇ ପରିବେଶରେ ବେଙ୍ଗଲ ବିପକ୍ଷ ଏହି ମ୍ୟାଚ୍ ରୋମାଞ୍ଚକର ହେବ ବୋଲି ସେ ପ୍ରକାଶ କରିଛନ୍ତି।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି(ଅଧିନାୟକ), ବିପ୍ଳବ ସାମନ୍ତରାୟ(ଉପଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଅନୁରାଗ ଷଡ଼ଙ୍ଗୀ, ଦେବାଶିଷ ସାମନ୍ତରାୟ, ରଣଜିତ ସିଂ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଙ୍କିତ ଯାଦବ, ପ୍ରୀତ କନୱର ସିଂ ଚୌହାନ, ଦେବବ୍ରତ ପ୍ରଧାନ, ସୁଜିତ ଲେଙ୍କା(ଉଇକେଟ କିପର), ରାଜେଶ ଧୂପର(ଉଇକେଟ କିପର), ପପୁ ରାୟ। କୋଚ୍:ରଶ୍ମି ରଞ୍ଜନ ପରିଡ଼ା।

### ଅଲିମ୍ପିକ୍ସ ପଦକ ବିନା ସ୍ୱପ୍ନ ଅଧୁରା ରହିଥାନ୍ତା: ପେସ୍

ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)

“ମୁଁ କ୍ୟାରିୟରରେ ଅନେକ ସଫଳତା ପାଇଛି। ବର୍ଷର ୪ଟି ଗ୍ରାଣ୍ଡସ୍ଲାମ (ଅଷ୍ଟ୍ରେଲିଆନ, ଫ୍ରେଞ୍ଚ୍, ୱିମ୍ବଲଡନ, ୟୁଏସ ଓପନ) ଜିତି କ୍ୟାରିୟର ସ୍ଲାମ ହାସଲ କରିଛି। ଦୀର୍ଘ ବର୍ଷ ଖେଳିବା ମଧ୍ୟରେ ଅନେକ ପ୍ରତିଷ୍ଠିତ ଖେଳାଳିଙ୍କ ସହିତ ଖେଳିଛି, ଡେଭିସ୍ କପ୍ ଟେନିସରେ ସର୍ବାଧିକ ମ୍ୟାଚ ବିଜୟ ଏବଂ ସର୍ବାଧିକ ଅଲିମ୍ପିକ୍ସ ଖେଳିବାର ବିଶ୍ୱ ରେକର୍ଡ ବହନ କରୁଛି। ଏହା ସତ୍ତ୍ୱେ ଅଲିମ୍ପିକ୍ସରେ ପଦକ ହାସଲ କରିବା ବିନା ସ୍ୱପ୍ନ ଅଧୁରା ରହିଥାନ୍ତା” ବୋଲି ବୁଧବାର ଖବରକାଗଜ ସମ୍ପାଦର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରକାଶ କରିଛନ୍ତି କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍। ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସର ଟେନିସ ସିଙ୍ଗଲ୍ସ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଥିଲେ ଲିଆଣ୍ଡର। ଦୀର୍ଘ ୪୪ ବର୍ଷର ବ୍ୟବଧାନ ପରେ କୌଣସି ଭାରତୀୟ ଆଥଲେଟ୍‌ଭାବେ ସେ ଅଲିମ୍ପିକ୍ସର ବ୍ୟକ୍ତିଗତ ଇଭେଣ୍ଟରେ ପଦକ ଜିତି କୀର୍ତ୍ତିମାନ ସ୍ଥାପନ କରିଥିଲେ। ବିଶ୍ୱର ଏକମାତ୍ର ଖେଳାଳିଭାବେ ସେ୧୯୯୨ରୁ ୨୦୧୬ ପର୍ଯ୍ୟନ୍ତ ୭ଟି ଅଲିମ୍ପିକ୍ସ ଖେଳିବାର ରେକର୍ଡ ବହନ କରୁଛନ୍ତି। ସର୍ବାଧିକ ଅଲିମ୍ପିକ୍ସ ଖେଳିବାରେ ସେ ସ୍ପେନର ଆରାଞ୍ଚା ସାଞ୍ଚେଜ୍ ଭିକାରିଓ(୫ଟି)ଙ୍କ ରେକର୍ଡ ଅନେକ ଦିନ ଆଗରୁ ଭାଙ୍ଗି ସାରିଛନ୍ତି। ସେହିପରି ସର୍ବାଧିକ ୪୪ଟି ଡେଭିସ୍ କପ୍ ମ୍ୟାଚ ଜିତି ଇଟାଲୀର ନିକୋଲା ପିତ୍ରାଙ୍ଗେଲି(୪୨ ବିଜୟ)ଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଅବସର ନେବାକୁ ଯାଉଥିବା ଲିଆଣ୍ଡର ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଖେଳିବା ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ପରିଚାଳନା ନିର୍ଦ୍ଦେଶକ ମୋନିକା ନୈୟର ପଟ୍ଟନାୟକ ଉପସ୍ଥିତ ଥିଲେ।

## ହାଇକମିଶନରଙ୍କୁ ଭେଟିଲା ବିରାଟ ବାହିନୀ

ୱେଲିଂଟନ, ୧୯।୨

ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ଶୁକ୍ରବାରଠାରୁ ଘରୋଇ ଦଳ ବିପକ୍ଷରେ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏଥିପୂର୍ବରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବୁଧବାର ୱେଲିଂଟନରେ ଅବସ୍ଥାପିତ ଭାରତୀୟ ହାଇକମିଶନରଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଭାରତୀୟ ଦଳ ସହ ସପୋର୍ଟ ଷ୍ଟାଫ୍ ଯାଇଥିଲେ। ‘ମୁଁ ଏଠାକୁ ଆସି ବହୁତ ସମ୍ମାନିତ ମନେକରୁଛି। ଆମର ସମସ୍ତ ଗସ୍ତବେଳେ ହାଇକମିଶନରଙ୍କୁ ସାକ୍ଷାତ୍ କରିଥାଏ। ଏହା ବହୁତ ସ୍ୱତନ୍ତ୍ର ସନ୍ଧ୍ୟା ଥାଏ, କାରଣ ଆମେ ଭାରତୀୟ ଲୋକଙ୍କ ସହ ସମୟ ଅତିବାହିତ କରିଥାଉ। ପ୍ରକାଶଯୋଗ୍ୟ, ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜକୁ ଭାରତ ୩–୦ରେ କ୍ଲିନ୍‌ସୁଇପ୍ କରିବା ପରେ ଦିନିକିଆ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଦିନିକିଆ ସିରିଜକୁ ନ୍ୟୁଜିଲାଣ୍ଡ ୩–୦ରେ ଜିତି ଟି୨୦ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା।



ହାଇ କମିଶନରଙ୍କୁ ଭେଟିବାକୁ ଯାଇଥିବା ଭାରତୀୟ ଖେଳାଳିମାନେ।

## ୨ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୮ ପଦକ

ଜାତୀୟ ମାଷ୍ଟର୍ସ ଆଥଲେଟିକ୍ ମିଟ୍

ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)

ମଣିପୁରର ଇମ୍ଫାଲରେ ଗତ ୯ରୁ ୧୪ ପର୍ଯ୍ୟନ୍ତ ଆୟୋଜିତ ୪୧ତମ ଜାତୀୟ ମାଷ୍ଟର୍ସ ଆଥଲେଟିକ୍ ମିଟ୍‌ରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୮ଟି ପଦକ ମିଳିଛି। ଏହା ମଧ୍ୟରେ ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ସାମିଲ। ୪୫ ବର୍ଷରୁ ଊର୍ଦ୍ଧ୍ୱ ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଛୋଟୁ ସିଂ ଏବଂ ଏହି ବୟସ ବର୍ଗର ଜାଭେଲିନ ଥ୍ରୋରେ ମଦନ କୁମାର ଶର୍ମା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୫୫ ବର୍ଷରୁ ଊର୍ଦ୍ଧ୍ୱ ୧୦୦ ମିଟର ରେସ୍ ଓ ଲଙ୍ଗଜମ୍ପରେ କିଶୋର ଚନ୍ଦ୍ର ରଥ ୨ଟିରେ ରୌପ୍ୟ ପଦକଲାଭ କରିଛନ୍ତି। ୭୦ ବର୍ଷରୁ ଊର୍ଦ୍ଧ୍ୱ କାଟେଗୋରି ୧୦୦୦ ମିଟର ରେସ୍‌ରେ ଦୁଃଖିଶ୍ୟାମ ପାଢ଼ୀ ଓ ୪୫ ବର୍ଷରୁ ଊର୍ଦ୍ଧ୍ୱ ୪୦୦ ମିଟର ରେସ୍‌ରେ ବି.ଏସ.କେ. ସାମଲ ରୌପ୍ୟ ପଦକ ପାଇଛନ୍ତି। ୪୫ ବର୍ଷରୁ ଊର୍ଦ୍ଧ୍ୱ ୨୦୦ ମିଟର ରେସ୍‌ରେ ସୁନୀଲ କୁମାର ସ୍ୱାଇଁ ଏବଂ ୩୫ ବର୍ଷରୁ ଊର୍ଦ୍ଧ୍ୱ ଜାଭେଲିନ୍ ଥ୍ରୋରେ ସଞ୍ଜୟ କୁମାର ମହାରଣା ବ୍ରୋଞ୍ଜ ପଦକ ପାଇଛନ୍ତି। ପଦକ ବିଜେତା ଆଥଲେଟ୍‌ମାନେ ମାଷ୍ଟର୍ସ ଆଥଲେଟିକ୍ ଫେଡେରେଶନ ଅଫ ଇଣ୍ଡିଆ ଦ୍ୱାରା ବିଶ୍ୱ ମାଷ୍ଟର୍ସ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି ବୋଲି ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସନ୍ତୋଷ କୁମାର ଦାସ ପ୍ରକାଶ କରିଛନ୍ତି। ବିଶ୍ୱ ମାଷ୍ଟର୍ସ ଆଥଲେଟିକ୍ ଚାମ୍ପିୟନଶିପ କାନାଡାର ଟରଣ୍ଟୋଠାରେ ୨୦୨୦ ଜୁଲାଇ ୨୦ରୁ ଅଗଷ୍ଟ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ

### ରୋମାନିଆକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୧୯।୨ (ପି.ଟି.)

୧୭ ବର୍ଷରୁ କମ୍ ଭାରତୀୟ ମହିଳା ଦଳ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍‌ରେ ରୋମାନିଆକୁ ପରାସ୍ତ କରିଛି। ତୁର୍କୀର ତର୍କଲର ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌କୁ ଭାରତୀୟ ଦଳ ୧–୦ ଗୋଲରେ ବାଜିମାତ୍ କରିନେଇଥିଲା। ମ୍ୟାଚ୍‌ର ୨୯ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି ସୁଯୋଗକୁ କୌଣସି ତ୍ରୁଟି ନ କରି ପ୍ରିୟଙ୍କା ଦେବୀ ଦଳ ପାଇଁ ଏହି ବିଜୟସୂଚକ ଗୋଲଟି ଦେଇଥିଲେ। ପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍ ୩–୩ ଗୋଲରେ ଅମୀମାଂସିତ ରହିଥିଲା।

### କାଉଣ୍ଟି କ୍ରିକେଟ ଖେଳିବେ ପୂଜାରା

ଲଣ୍ଡନ,୧୯।୨– ଭାରତୀୟ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ବୁଧବାର ଗ୍ଲୁଷ୍ଟରଶାୟର ସହ ଚୁକ୍ତି କରିଛନ୍ତି। ସେ ଦଳ ପାଇଁ ଏପ୍ରିଲ ୧୨ ତାରିଖରୁ ଆରମ୍ଭ ହେବାକୁ ଥିବା ଇଂଲିଶ କାଉଣ୍ଟି ଚାମ୍ପିୟନଶିପର ପ୍ରଥମ ୬ ମ୍ୟାଚ୍ ଖେଳିବେ। ପୂଜାରା ଭାରତୀୟ ଟେଷ୍ଟ ଦଳର ଗୁରୁତ୍ୱପୂର୍ଣ୍ଣ ଖେଳାଳି। ତାଙ୍କ କାଉଣ୍ଟି କ୍ରିକେଟ ଅଭିଯାନ ଏପ୍ରିଲ ୧୨ରୁ ମେ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ସିଜନରେ ଗ୍ଲୁଷ୍ଟରଶାୟର ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବାରୁ ମୁଁ ଅତ୍ୟନ୍ତ ଖୁସି। କ୍ଲବର ଲମ୍ବା କ୍ରିକେଟ ଇତିହାସ ରହିଛି ବୋଲି କ୍ଲବ ପକ୍ଷରୁ ପ୍ରକାଶିତ ବିବୃତିରେ ପୂଜାରା କହିଛନ୍ତି।

ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍

## ହର୍‌ଦୀପ, ଆଦିତ୍ୟ, ଆଶୁଙ୍କୁ ବ୍ରୋଞ୍ଜ

ନୂଆଦିଲ୍ଲୀ, ୧୯।୨ (ପି.ଟି.)- ଏଠାରେ ଅନୁଷ୍ଠିତ ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ର ୨ୟ ଦିନରେ ବୁଧବାର ଭାରତୀୟ ରେସଲର୍ ୩ଟି ବ୍ରୋଞ୍ଜ ପଦକ ଜିତିଛନ୍ତି। ହର୍‌ଦୀପ ସିଂ, ଆଦିତ୍ୟ କୁଣ୍ଡୁ ଓ ଆଶୁଙ୍କୁ ବ୍ରୋଞ୍ଜ ପଦକ ସଫଳତା ମିଳିଛି। ହର୍‌ଦୀପ, ଆଦିତ୍ୟ ଓ ଆଶୁ ଯଥାକ୍ରମେ ଗ୍ରୀକୋ–ରୋମାନ ବର୍ଗର ୯୭, ୭୨ ଓ ୬୭ କିଗ୍ରା ବର୍ଗରେ ଏହି ସଫଳତା ପାଇଛନ୍ତି। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ହର୍‌ଦୀପ ୩–୧ରେ କିର୍ଗିସ୍ତାନ ରେସ୍‌ଲରଙ୍କୁ ପରାସ୍ତ କରିଥିଲେ। ୬୭ କିଗ୍ରା ଗ୍ରୀକୋ–ରୋମାନ ବର୍ଗରେ ଆଶୁ ୮–୧ରେ ସିରିଆର ଅବଦୁଲକରିମ ମହମ୍ମଦଙ୍କୁ ହରାଇଥିଲେ। ସେହିଭଳି ଆଦିତ୍ୟ ୮–୦ରେ ଏକପାଖିଆ ଭାବେ ଜାପାନର ନାଓ କୁସାଙ୍କୁ ମାତ୍ ଦେଇଛନ୍ତି। ଚଳିତ ଚାମ୍ପିୟନଶିପ୍‌ରେ ଭାରତ ଏଥିସହ ୫ମ ପଦକ ଜିତିଛି। ଏଥିପୂର୍ବରୁ ପ୍ରଥମ ଦିବସରେ ସୁନୀଲ କୁମାର (୮୭ କିଗ୍ରା) ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଅର୍ଜୁନ କାଲାକୁର୍କୀ (୫୫ କିଗ୍ରା)ଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

## ମୋଟେରା ଷ୍ଟାଡିୟମ ପ୍ରସ୍ତୁତ



ନୂଆଦିଲ୍ଲୀ, ୧୯।୨

ଅହମ୍ମଦାବାଦରେ ନବନିର୍ମିତ ମୋଟେରା କ୍ରିକେଟ୍ ଷ୍ଟାଡିୟମର ଏକ ଫଟୋ ବିସିସିଆଇ ବୁଧବାର ଏହାର ଟୁଇଟର୍ ପୃଷ୍ଠାରେ ଶେୟାର କରିଛି। ବିଶ୍ୱର ଏହାକୁ ସବୁଠାରୁ ବଡ଼ କ୍ରିକେଟ୍ ଷ୍ଟାଡିୟମ ବୋଲି କୁହାଯାଉଛି। ଏହାର ଦର୍ଶକ ଧାରଣ କ୍ଷମତା ଏକ ଲକ୍ଷ ୧୦ ହଜାର ରହିଛି, ଯାହାକି ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (୯୦ ହଜାର)ଠାରୁ ଅଧିକ। ଭାରତ ଗସ୍ତରେ ଆସିବାକୁ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ଉଦ୍‌ଘାଟନ କରିବେ ବୋଲି ଚର୍ଚ୍ଚା ହେଉଛି।

## ଭାରତ ଟେଷ୍ଟ ଜିତିବା ସମ୍ଭାବନା ରହିଛି

ଗୌତମ ଗମ୍ଭୀର

ବିଫଳତା ଓ ବିପର୍ଯ୍ୟୟକୁ ଆମେ କିଭଳି ଭାବେ ସାମ୍ନା କରୁଛେ ଓ ପ୍ରତିକ୍ରିୟା ପ୍ରକାଶ କରୁଛେ ତାହା ଆମ ଚରିତ୍ରକୁ ଦର୍ଶାଇଥାଏ। ଯେତେବେଳେ ଆମେ ହାରୁ ସେତେବେଳେ ଦଳରେ ଜଣକୁ ଦାୟୀ କରିଥାଉ। ପୂର୍ବରୁ ଏହା ଦେଖିଆସିଛି। କେତେଜଣ ଏହାକୁ ଆତ୍ମଚିନ୍ତନ କରିଥାନ୍ତି। କିନ୍ତୁ ଏହାକୁ ମୁଁ ଆତ୍ମବିଶ୍ୱାସର ଅଭାବ ବୋଲି କହିବି। ଏପରି କି ଆମେ ଏତିକିବେଳେ ସମ୍ପୂର୍ଣ୍ଣ ପ୍ରକ୍ରିୟା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥାଉ। ଏଥିପାଇଁ ବଡ଼ ପରିବର୍ତ୍ତନର ଦାବି ମଧ୍ୟ ଆରମ୍ଭ ହୋଇଯାଇଥାଏ। ଦିନିକିଆ ସିରିଜରେ ଭାରତ ୩–୦ରେ ନ୍ୟୁଜିଲାଣ୍ଡଠାରୁ ହାରିବା ପରେ ମଧ୍ୟ ଏହା ଦେଖିବାକୁ ମିଳିଥିଲା। ଟି୨୦ ସିରିଜରେ ନ୍ୟୁଜିଲାଣ୍ଡକୁ ୫–୦ରେ ହରାଇବା ସତ୍ତ୍ୱେ ମଧ୍ୟ ଦଳକୁ ସମାଲୋଚନାର ଶିକାର ହେବାକୁ ପଡିଥିଲା। ଆମେ କାହିଁକି ପ୍ରତିପକ୍ଷ ଦଳକୁ ଗ୍ରହଣ କରିପାରୁନାହୁଁ ଓ କ୍ରିକେଟର ଭବିଷ୍ୟତ ନେଇ ଚିନ୍ତା କରୁନାହୁଁ, ସେ ନେଇ ପ୍ରଶ୍ନ ଉଠେ। ପ୍ରତିପକ୍ଷ ଦଳ ଆମଠାରୁ ଭଲ ବୋଲି ଆମେ କାହିଁକି ଗ୍ରହଣ କରିପାରୁନାହୁଁ?

ଟେଷ୍ଟ ସିରିଜ ଖେଳିବା ପୂର୍ବରୁ ସେଭଳି କୌଣସ ବଡ଼ଧରଣର ପରିବର୍ତ୍ତନ ହେବନାହିଁ ବୋଲି ଭାବୁଛି। ଭୁଲ୍‌ରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ଶିକ୍ଷା କରି ବେଶ୍ ସକାରାତ୍ମକ ଭାବେ ଟେଷ୍ଟ ସିରିଜ ଖେଳିବା ମନସ୍ଥ କରିଛି। ଏହା ନିଶ୍ଚିତ ଭାବେ ଖୁସିର କଥା। ଭାରତ ଏକ ନୂଆ ଓପନିଂ ଯୋଡି ନେଇ ପଡିଆକୁ ଓହ୍ଲାଇବ। ଦୁଇ ଯୁବ ଓପନର ପୃଥ୍ୱୀ ଶ ଓ ଶୁବମନ ଗିଲ୍ କିପରି ସୁଯୋଗର ସଦ୍‌ବ୍ୟବହାର କରୁଛନ୍ତି ତାହା ନିଶ୍ଚିତ ଭାବେ ମଜାଦାର ହେବ। ମୟଙ୍କ ଅଗ୍ରୱାଲଙ୍କ ଉପରେ ମୋର ବିଶ୍ୱାସ ରହିଛି। ସେ ସ୍ୱତଃ ଜଣେ ବଡ଼ ପ୍ରତିଭାସମ୍ପନ୍ନ ଖେଳାଳି ହୋଇ ନ ଥିଲେ ମଧ୍ୟ ସେ ଜଣେ ବ୍ୟବସ୍ଥିତ ଖେଳାଳି। ବୀରେନ୍ଦ୍ର ସେହ୍ୱାଗ ଓ ଡେଭିଡ ୱାର୍ନରଙ୍କ ଭଳି ସେ ବୋଲରଙ୍କୁ ହେୟ ମନେ କରନ୍ତି ନାହିଁ। ତେବେ ଜଣେ ଓପନିଂ ବ୍ୟାଟ୍ସମ୍ୟାନ ଭାବେ ସେ ବେଶ୍ ଖୋଲା ସ୍ୱଭାବର।

ପୃଥ୍ୱୀ ଓ ଶୁବମନଙ୍କ ପାଇଁ ମୋ ପାଖରେ ବହୁତ ସମୟ ରହିଛି। ନ୍ୟୁଜିଲାଣ୍ଡ ପରିବେଶରେ ବୋଲରମାନେ ଭଲ ସହାୟତା ପାଇଥାନ୍ତି। ଏପରିସ୍ଥଳେ ବ୍ୟାଟ୍ସମ୍ୟାନମାନେ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହୋଇଥାନ୍ତି। ଏତେ ଶୀଘ୍ର ଏହି ଦୁଇ ଯୁବ ବ୍ୟାଟ୍ସମ୍ୟାନଙ୍କୁ ଆମେ ଜଜ୍ କରିବା ଠିକ୍ ହେବନାହିଁ। ମୟଙ୍କ ଓ ଚେତେଶ୍ୱର ପୂଜାରା କିପରି ଇନିଂସ ଗଢିବାରେ ସଫଳ ହେଉଛନ୍ତି ତାହା ପୃଥ୍ୱୀ ଶିକ୍ଷା କରିପାରିବେ। ଇଶାନ୍ତ ଶର୍ମା ଫେରିବା ପରେ ଭାରତୀୟ ବୋଲିଂ ଆଟାକ ଆହୁରି ଦୃଢ ହୋଇଛି। ନ୍ୟୁଜିଲାଣ୍ଡର ସଫ୍ଟ ଗ୍ରାଉଣ୍ଡ ଭାରତୀୟ ଖେଳାଳିଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ। ମୋଟାମୋଟି ଉପରେ ଦେଖିବାକୁ ଗଲେ ଟେଷ୍ଟ ସିରିଜରେ ଭାରତ ବିଜୟୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଭାବୁଛି।

(ଗେମ୍‌ପ୍ଲାନ/ ଦୀନେଶ ଚୋପ୍ରା)

#WhatDrivesYou
EXIDE

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ନନ୍ଦ କୁମାର ଚୌଧୁରୀ
ପୋଲିସ୍ ଲାଇନ୍, ପୁରୀ
ତିରୋଧାନ: ୦୨।୦୩।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ ପରିବାରବର୍ଗ:
ପତ୍ନୀ: ଡ.ବୀଣାପାଣୀ ମହାପାତ୍ର, ପୁଅ: ମନୋଜ, ବୋହୂ: ବବିତା, ଜ୍ୱାଇଁ: ଭାଗୀରଥି, ଝିଅ: ଅନିତା, ସୋନୁ ଓ ମୋନୁ (ନାତି), ପାୟଲ ଓ ନୂପୁର (ନାତୁଣୀ)
ଧ–୧୬୭୯୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଯଶଶ୍ରୀ ପାଢ଼ୀ
ବି-୮, ହାଉସିଂବୋର୍ଡ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର-୩
ଆବିର୍ଭାବ : ୨୩.୦୩.୧୯୫୦
ତିରୋଧାନ : ୧୧.୦୨.୨୦୨୦
ବିଧିର ନିର୍ଦ୍ଦେଶେ ଛାଡ଼ି ଚାଲିଗଲ
ଭୁଲି ସ୍ନେହ ପ୍ରୀତି ଅଳି
ବିଭୁ କୃପାବଳେ ଶାନ୍ତି ଲଭୁଥାଅ
ଏଇ ଆମ ଶ୍ରଦ୍ଧାଞ୍ଜଳି
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ ଏବଂ ମା' ତାରିଣୀଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ସ୍ୱାମୀ-ବଳରାମ ସାହୁ, ପୁତ୍ର-କୁନାଳ, ପୁତ୍ରବଧୂ-ସୋନୀ, ନାତି- ଆରଭ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ–୬୮୫୯୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨୦/୨୦୨୦ Bhubaneswar, Thursday, February 20/2020

# ମହାଶିବରାତ୍ରି ପାଇଁ ପ୍ରସ୍ତୁତ ଏକାମ୍ର କ୍ଷେତ୍ର

ଭୁବନେଶ୍ୱର,୧୯।୨(ବ୍ୟୁରୋ)



ମହାଶିବରାତ୍ରି ପାଇଁ ଉତ୍ସବମୁଖର ହୋଇଛି ଏକାମ୍ର କ୍ଷେତ୍ର। ପୂଜାର୍ଚ୍ଚନାରୁ ଆରମ୍ଭ କରି ମନ୍ଦିର ଉପରକୁ ମହାଦୀପ ଉଠିବା ପର୍ଯ୍ୟନ୍ତ, କେତେବେଳେ କେଉଁ ନୀତି ହେବ, ସେନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଶୈବପୀଠରେ ପରିପୂର୍ଣ୍ଣ ରାଜଧାନୀରେ ମହାଶିବରାତ୍ରି ଏକ ପ୍ରମୁଖ ଉତ୍ସବ ହୋଇଥିବା ବେଳେ ସହରବାସୀଙ୍କ ମଧ୍ୟରେ ଏନେଇ ବିଶେଷ ଉତ୍ସାହ ରହିଛି। ଦେବାଦିଦେବ ମହାଦେବଙ୍କ ଆରାଧନା ପାଇଁ କ୍ଷେତ୍ର ପ୍ରସ୍ତୁତ ଥିବାବେଳେ କେବଳ ସେହି ମହାର୍ଘ୍ୟ ମୁହୂର୍ତ୍ତକୁ ଅପେକ୍ଷା ରହିଛି।

ମହାଶିବରାତ୍ରି ପାଇଁ ଲିଙ୍ଗରାଜ ମନ୍ଦିରଠାରୁ ଆରମ୍ଭ କରି ରାମେଶ୍ୱର, ଲକ୍ଷ୍ମଣେଶ୍ୱର, ମୁକ୍ତେଶ୍ୱର, ମେଘେଶ୍ୱର, ଶତ୍ରୁଘନେଶ୍ୱର ପ୍ରଭୃତି ମନ୍ଦିର ଚତୁଃପାର୍ଶ୍ୱକୁ ସଫା କରାଯିବା ସହ ସୁସଜ୍ଜିତ ଆଲୋକମାଳାରେ ସଜାଯାଇଛି। ଶ୍ରଦ୍ଧାଳୁମାନେ କିଭଳି ଶାନ୍ତି ଶୃଙ୍ଖଳାର ସହ ମହାପ୍ରଭୁଙ୍କ ଦର୍ଶନ କରିପାରିବେ, ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ଅଧିକାଂଶ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ବ୍ୟବସ୍ଥିତ ଦର୍ଶନ ଲାଗି ମହିଳା ଓ ପୁରୁଷଙ୍କୁ ୨ଟି ପୃଥକ୍ ଧାଡ଼ିରେ ଭିତରକୁ ଛଡ଼ାଯିବାକୁ ବ୍ୟବସ୍ଥା ହୋଇଛି। ସେହିପରି ରାତି ସମୟରେ ଅତ୍ୟଧିକ ଭିଡ଼ ହେବା ସମ୍ଭାବନା ଥିବାରୁ ସ୍ୱତନ୍ତ୍ର ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବ। କେତେକ ମନ୍ଦିରରେ ସିସିଟିଭି ମଧ୍ୟ ଲଗାଯାଇଛି। ମନ୍ଦିରଗୁଡ଼ିକରେ ଶୁକ୍ରବାର ପ୍ରାତଃରୁ ମହାଶିବରାତ୍ରି ପାଇଁ ପୂଜାର୍ଚ୍ଚନା ଆରମ୍ଭ ହେବ। ଭୋର୍ ୩ଟା ୪୫ରୁ ୪ଟା ୪୫ ମଧ୍ୟରେ ସମସ୍ତ ମନ୍ଦିରର ସାହାଣ ମେଲା ବା ପହଡ଼ ଖୋଲାଯିବା ପରେ ମହାଦେବଙ୍କ ସ୍ନାନକାର୍ଯ୍ୟ ଅନୁଷ୍ଠିତ ହେବ। ଏହାପରେ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହେବା ସହ ସର୍ବସାଧାରଣଙ୍କ ଦର୍ଶନ ଲାଗି ଦ୍ୱାର ଖୋଲାଯିବ। ତେବେ ଅଧିକାଂଶ ମନ୍ଦିର ଲିଙ୍ଗରାଜ ମନ୍ଦିରରେ ମହାଦୀପ ଉଠିବା ପରେ ମହାଦୀପ ଉଠାଇବେ। ଶୁକ୍ରବାର ପ୍ରାତଃ ୩ଟାରୁ ମଙ୍ଗଳ ଆଳତି ଓ ଅବକାଶ ନୀତି ସହ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ନୀତିନିର୍ଘଣ୍ଟ ଆରମ୍ଭ ହେବ। ରାତି ୧୦ଟାରେ ଏଠାରେ ମହାଦୀପ ଉଠିବ। ଅନ୍ୟପକ୍ଷରେ କେବଳ ଏକାମ୍ର କ୍ଷେତ୍ର ନୁହେଁ, ଭୁବନେଶ୍ୱରରେ ଥିବା ସମସ୍ତ ଶୈବପୀଠରେ ଜାଗର ପାଇଁ ବିଶେଷ ପ୍ରସ୍ତୁତି କରାଯାଇଛି। ୟୁନିଟ-୯ ଶହୀଦନଗର, ସତ୍ୟନଗର, ବରମୁଣ୍ଡା, ନୟାପଲ୍ଲୀ, ସିଆର୍‌ପି, ଚନ୍ଦ୍ରଶେଖରପୁର, ଡମଣା, ଶୈଳଶ୍ରୀବିହାର, ନୀଳାଦ୍ରି ବିହାର, ମଞ୍ଚେଶ୍ୱର, ରସୁଲଗଡ, ଲକ୍ଷ୍ମୀସାଗର, ଭିଏସ୍ଏସ୍ ନଗର, ପଳାଶୁଣି ପ୍ରଭୃତି ଅଞ୍ଚଳରେ ଥିବା ଛୋଟବଡ଼ ଶୈବପୀଠଗୁଡ଼ିକ ରଙ୍ଗିନ ଆଲୋକମାଳାରେ ଝଲସୁଛି।

## ଭଜନ ପରିବେଷଣ କରିବେ ଖ୍ୟାତନାମା କଳାକାର

ମହାଶିବରାତି ପ୍ରସ୍ତୁତିରେ ସମସ୍ତ ଛୋଟବଡ଼ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। କେଉଁଠି ଭକ୍ତିଭରା ଭଜନ ସନ୍ଧ୍ୟା ତ କେଉଁଠି ଶାସ୍ତ୍ରୀୟ ନୃତ୍ୟ,ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟର ଜଣାଶୁଣା କଣ୍ଠଶିଳ୍ପୀ ଓ ନୃତ୍ୟଶିଳ୍ପୀମାନେ ଅଂଶଗ୍ରହଣ କରିବେ। ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ମହାଆଡ଼ମ୍ବରରେ ଭଜନ ସମାରୋହର ଆୟୋଜନ କରାଯାଇଛି। ଚଳିତବର୍ଷ ୩୧ ବର୍ଷରେ ପଦାର୍ପଣ କରୁଥିବାରୁ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରାଯିବ। ମୁମ୍ବାଇର ଖ୍ୟାତନାମା କଣ୍ଠଶିଳ୍ପୀ ବାପି ଲାହିରୀ, ଅନୁରାଧା ପୌଡ଼ୱାଲ, ଆରତି ମୁଖାର୍ଜୀଙ୍କ ସମେତ ଓଡ଼ିଶାରୁ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ବହୁ ଖ୍ୟାତନାମା କଳାକାର ସଙ୍ଗୀତ ପରିବେଷଣ କରିବେ। ସେହିଦିନ ଭୋର ୪ଟାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ରନାମ, ଭାଗବତ, ଗୀତା ପାଠ, ଶିବ ଚେତନା, ହରିହର ଭଜନ, ରାମଚରିତ ପାରାୟଣ, ପ୍ରବଚନ ପ୍ରଭୃତି କରାଯିବ। ସେହିଭଳି ବ୍ରହ୍ମେଶ୍ୱର ମନ୍ଦିରରେ ଲର୍ଡ ବ୍ରହ୍ମେଶ୍ୱର ଦେବ ଟେମ୍ପଲ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହେବ। ମୁମ୍ବାଇର ଖ୍ୟାତନାମା କଣ୍ଠଶିଳ୍ପୀ ଅନିଲ ବାୱରା, ପାମଲା ଜୈନ୍ ଓ ସୌରିନ୍ ଭଟ୍ଟ ଏଠାରେ ଭଜନ ପରିବେଷଣ କରିବେ। ଏଥିସହିତ ଲୋକପ୍ରିୟ କଣ୍ଠଶିଳ୍ପୀ ଇରା ମହାନ୍ତି, କୁମାର ବାପି, ଶୈଳଭାମା ମହାପାତ୍ରଙ୍କ ଭଳି ଆଗଧାଡ଼ିର କଳାକାରମାନେ ଏଠାରେ ଭଜନ ପରିବେଷଣ କରିବେ। ମହାଶିବରାତ୍ରି ଅବସରରେ ବ୍ରହ୍ମେଶ୍ୱର ମନ୍ଦିରରେ ଭୋର ୪ଟା ୩୦ରୁ ସାହାଣମେଲା କରାଯିବ ଏବଂ ସନ୍ଧ୍ୟା ୬ଟା ୩୦ରୁ ସାହାଣମେଲା ଦର୍ଶନ ହେବ।

# ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

କଟକ ଅଫିସ,୧୯।୨

ଜଗତ୍‌ପୁର ଥାନା ଅନ୍ତର୍ଗତ ପାଗାହାଟ ନିକଟରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ପାଗା ଲକ୍ଷ୍ମୀନାରାଣପୁର ଗ୍ରାମର କ୍ଷୀର ଭୋଇ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲ ପଠାଇଛି। କ୍ଷୀରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଛି। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ପରେ କ୍ଷୀରଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ଥାନାରେ ଦଫା ୩୦୨ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, କ୍ଷୀରଙ୍କର ପାଗା ଛକ ନିକଟରେ ଏକ ବିଦେଶୀ ମଦ ଦୋକାନ ନିକଟରେ ଏକ ଦୋକାନ ଅଛି।






ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ଅନ୍ୟମାନେ ଦୀପ ପ୍ରଜ୍ୱଳନ କରୁଛନ୍ତି।

# ଲୋକନାଥଙ୍କ ପୀଠରେ ଜଳିଲା ବୃହତ୍ ଦୀପ

ପୁରୀ ଅଫିସ,୧୯।୨

ପବିତ୍ର ପଙ୍କୋଦ୍ଧାର ଏକାଦଶୀ ତିଥିରେ ବୁଧବାର ଶ୍ରୀଲୋକନାଥଙ୍କ ପୀଠରେ ଜଳିଛି ବୃହତ ଜଗତ ମଙ୍ଗଳ ଜାଗର ଦୀପ। ଅଷ୍ଟମ ବର୍ଷ ଲାଗି ଏହି ବୃହତ୍ ଦୀପ ଜଳାଯାଇଛି। ଏହି ଦୀପ ଜାଗର ଯାତ୍ରା ମହାଦୀପ ଉଠିବା ପର୍ଯ୍ୟନ୍ତ ଜଳିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ଏହି ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଉପଜିଲାପାଳ ଭବତାରଣ ସାହୁ, ଜାତୀୟ ରାଜପଥର ମୁଖ୍ୟଯନ୍ତ୍ରୀ ରଞ୍ଜିତ କୁମାର ସାହୁ, ସାମାଜିକ କର୍ମୀ ରାମକୃଷ୍ଣ ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାୟ ୬ ଫୁଟ ଲମ୍ବ, ସାଢ଼େ ୪ଫୁଟ ଓସାର ଓ ୨ ଫୁଟ ଗଭୀର ବିଶିଷ୍ଟ ଏହି ଦୀପ ଶ୍ରୀଲୋକନାଥଙ୍କ ପୀଠ ପାର୍ବତୀ ସାଗର ନିକଟରେ ପ୍ରଜ୍ୱଳନ କରାଯାଇଛି। ବାବା ଲୋକନାଥଙ୍କ ଜାଗର ପର୍ବର ଅନ୍ତିମ ପର୍ଯ୍ୟାୟ ମହାଦୀପ ଉଠିବା ପରେ ଏହି ଦୀପକୁ ପାର୍ବତୀ ସାଗରରେ ବିସର୍ଜନ କରାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

# ବିଦ୍ୟାଳୟ ଶ୍ରେଣୀଗୃହରୁ ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନିମାପଡ଼ା, ୧୯।୨(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ଧିରପୁର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବୁଧବାର ପୋଲିସ ଜଣେ ସହକାରୀ ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ଜାଗେଶ୍ୱରପୁର ଗ୍ରାମର ଆର୍ତ୍ତତ୍ରାଣ ସ୍ୱାଇଁ(୫୦)। ସେ ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ୯ଟା ୩୦ରେ ବିଦ୍ୟାଳୟ ଶ୍ରେଣୀଗୃହରେ ଆର୍ତ୍ତତ୍ରାଣଙ୍କ ମୃତଦେହ ଫ୍ୟାନରେ ଝୁଲଥିବା ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଭିଡ଼ ଜମିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଥିଲା। ଏ ସମ୍ପର୍କରେ ମୃତ ସହକାରୀ ଶିକ୍ଷକଙ୍କ ଭାଇ ସୁଶାନ୍ତ କୁମାର ସ୍ୱାଇଁ ଥାନାରେ ଅଭିଯୋଗ କରିବା ସହ ମୋ ଭାଇଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଥିବା ସେ ତାଙ୍କ ଅଭିଯୋଗଫର୍ଦ୍ଦରେ ଦର୍ଶାଇଛନ୍ତି। ସହକାରୀ ଶିକ୍ଷକ ସ୍ୱାଇଁଙ୍କ ମୃତ୍ୟୁରେ ନିମାପଡ଼ା ଓ ତେରୁଣ୍ଡିଆ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ସରଳ, ମେଳାପି ଓ ଛାତ୍ର ବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ।




# ଯୁବତୀଙ୍କୁ କାର୍‌ରେ ଅପହରଣ ଉଦ୍ୟମ

## ଫେରାର ପ୍ରେମିକ ଗିରଫ

ଭୁବନେଶ୍ୱର,୧୯।୨(ବ୍ୟୁରେ)

ବିବାହ ପାଇଁ ରାଜି ନ ହେବାରୁ ଯୁବତୀଙ୍କୁ କାର୍‌ରେ ଅପହରଣ ଉଦ୍ୟମ ସହ ଅସଦାଚରଣ କରିଥିବା ଅଭିଯୁକ୍ତ ପ୍ରେମିକଙ୍କୁ ବୁଧବାର ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ନିଜାପୁରା ଗ୍ରାମର ଭବାନୀ ଶଙ୍କର ବାରିକ(୩୬)। ତାଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଭବାନୀଙ୍କୁ ଝାରପଡା ଜେଲ୍‌କୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଭବାନୀ ଲିଙ୍ଗରାଜ ଥାନା ପୁରୁଣା ଭୁବନେଶ୍ୱରର ବୈଶିଷ୍ଟନଗରରେ ରୁହନ୍ତି । ସେ ନୟାପଲ୍ଲୀ ଥାନା ସାଲିଆ ସାହି ଅଞ୍ଚଳର ଜଣେ ଯୁବତୀ କୌଣସି ଏକ ଜରୁରୀ ସମୟରେ ତାଙ୍କ ମୋବାଇଲ୍ ଫୋନ୍‌ରୁ କଲ୍ କରିଥିଲେ। ଏହାପରେ ଭବାନୀ ସେହି ନମ୍ବରରେ ଯୁବତୀଙ୍କ କଲ୍ କରି ବାରମ୍ବାର କଥା ହେବା ସହ ଏକ ତରଫା ଭଲ ପାଉଥିଲେ। ପରବର୍ତ୍ତୀ ସମୟରେ ଭବାନୀ ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ ତାଙ୍କ ପରିବାର ଲୋକଙ୍କୁ ଜଣାଇବାରୁ ସେମାନେ ବିରୋଧ କରିଥିଲେ। ଶେଷରେ ନିରାଶ ହୋଇ ଅଭିଯୁକ୍ତ ଭବାନୀ ଗତ ମଙ୍ଗଳବାର ଉକ୍ତ ଯୁବତୀଙ୍କୁ ନୟାପଲ୍ଲୀ ଟ୍ରାଫିକ ଛକ ନିକଟରେ ଅଟକାଇ ଅପହରଣ ଉଦ୍ୟମ କରିଥିଲେ। ଯୁବତୀଙ୍କୁ ଏକ କାର ଭିତରକୁ ନେବାକୁ ଟଣାଓଟରା କରିଥିଲା। ଯୁବତୀ ଜଣକ ପାଟି କରିବାରୁ ଲୋକେ ସେଠାରେ ପହଞ୍ଚିବାରୁ ଭବାନୀ ଫେରାର ହୋଇଯାଇଥିଲେ। ଏ ନେଇ ଯୁବତୀ ଜଣକଥାନରେ ଅଭିଯୋଗ କରିବା ପରେ ପୋଲିସ ୯୪/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ୩ ଦିନ ରିମାଣ୍ଡରେ ଗଲେ ଅନୁପ

## କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣା


କୋର୍ଟ ପରିସରରେ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ଓ ଅନୁପ ସାଏ।

- ବର୍ଦ୍ଧନ ଟପ୍ପୋଙ୍କୁ ଗୋଟିଏ ଦିନ ରିମାଣ୍ଡ
- ଆଜି ହେବ ନାର୍କୋ ଓ ଡିଏନ୍‌ଏ ଟେଷ୍ଟ ପାଇଁ ଆବେଦନ

ଝାରସୁଗୁଡ଼ା ଅଫିସ,୧୯।୨

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲି ହତ୍ୟା ଘଟଣାରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଛତିଶଗଡ଼ ଚକ୍ରଧରନଗର ପୋଲିସ ତନାଘନା ଚଳାଇଛି। ଗିରଫ ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ରିମାଣ୍ଡରେ ନେବା ପାଇଁ ପୋଲିସ ରାୟଗଡ଼ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମଙ୍ଗଳବାର ଆବେଦନ କରିଥିଲା। କୋର୍ଟ ଆବେଦନକୁ ବିଚାର କରି ଦିନକ ପାଇଁ ରାୟ ସ୍ଥଗିତ ରଖିଥିଲେ। ତେବେ ବୁଧବାର ଅପରାହ୍ନ ପ୍ରାୟ ୫ଟା ୧୫ ମିନିଟ୍‌ରେ ଚକ୍ରଧରନଗର ପୋଲିସ ଉଭୟଙ୍କୁ କୋର୍ଟରେ ହାଜର କରିବା ସହ ଉଭୟଙ୍କୁ ୭ ଦିନ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା। ପୋଲିସର ଆବେଦନ ଓ ମାମଲାକୁ ଅନୁଧ୍ୟାନ କରି କୋର୍ଟ ଅନୁପଙ୍କୁ ତିନି ଦିନ ଏବଂ ବର୍ଦ୍ଧନଙ୍କୁ ଦିନକ ପାଇଁ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ସେହିପରି ଅନୁପଙ୍କ ନାର୍କୋ ଓ ଡିଏନ୍‌ଏ ଟେଷ୍ଟ କରିବା ନେଇ ପୋଲିସ ପକ୍ଷରୁ ଗୁରୁବାର କୋର୍ଟରେ ଆବେଦନ କରାଯିବ। କୋର୍ଟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ଅନୁପ ଦର୍ଶାଇଛନ୍ତି ବୋଲି ସରକାରୀ ଓକିଲ ବେଦପ୍ରକାଶ ପଟେଲ କହିଛନ୍ତି। ଅନ୍ୟପକ୍ଷେ ଏହି ହତ୍ୟା ଘଟଣାରେ ଅନୁପଙ୍କ ଇନୋଭା ଗାଡ଼ି ବ୍ୟବହାରକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ବୁଧବାର ଉକ୍ତ ଗାଡ଼ିକୁ ଚକ୍ରଧରନଗର ଥାନାରେ ହାଜର କରାଯାଇଥିବା ଜଣାପଡ଼ିଛି।

ଉଲ୍ଲେଖନୀୟ, ପୋଲିସ ଅନୁପ ଓ ବର୍ଦ୍ଧନଙ୍କୁ ଗିରଫ କରି ପଚରାଉଚୁରା ବେଳେ ସେମାନେ ନିଜ ଦୋଷ ସ୍ୱୀକାର କରିଥିଲେ। ତେବେ ହତ୍ୟାକାଣ୍ଡରେ ବ୍ୟବହୃତ ଅସ୍ତ୍ର ଓ ଗାଡ଼ି ଏଯାଏ ଜବତ ହୋଇପାରିନାହିଁ। ପୂର୍ବରୁ ଉଭୟଙ୍କୁ ପଚରାଉଚୁରା ବେଳେ ଭିନ୍ନ ଭିନ୍ନ ତଥ୍ୟ ସାମ୍ନାକୁ ଆସିଥିଲା। ଅଧିକାଂଶ ସମୟରେ ଦୁଇ ଅଭିଯୁକ୍ତ ପୋଲିସକୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଥିଲେ। ସେଥିପାଇଁ ଦୁଇ ଜଣଙ୍କୁ ରିମାଣ୍ଡରେ ଆଣି ସାମ୍ନାସାମ୍ନି ବସାଇ ଜେରା କରିବାକୁ ପୋଲିସ ଯୋଜନା ରଖିଛି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀକୁ କୋର୍ଟ ଜିମା ଦେଇ ପ୍ରମାଣ କରିବା ଏବଂ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ଅଧିକ ପଚରାଉଚୁରା ପାଇଁ ରିମାଣ୍ଡ ଆବେଦନ କରିଥିବା କୁହାଯାଇଛି।

ସୂଚନାଯୋଗ୍ୟ ଯେ, ୨୦୧୬ ମସିହା ମେ ୬ ତାରିଖରେ ହୋଇଥିବା ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଦର୍ଶାଇ ରାୟଗଡ଼ ପୋଲିସ ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଗତ ୧୨ ତାରିଖରେ ବ୍ରଜରାଜନଗରରୁ ଉଠାଇ ନେଇଥିଲା। ସେଠାରେ ପଚରାଉଚୁରା ବେଳେ ସେ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଏବଂ ତାଙ୍କୁ ଏଥିରେ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ସହଯୋଗ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ପୋଲିସ ଗତ ୧୪ ତାରିଖ ରାତିରେ ବର୍ଦ୍ଧନଙ୍କୁ ତାଙ୍କ ଘରୁ ନେଇଯାଇଥିଲା । ଏହାପରେ ବର୍ଦ୍ଧନ ପୋଲିସ ଆଗରେ ଦୋଷ ସ୍ୱୀକାର କରି ଡେମୋ ଦେଖାଇବାକୁ ରାଜି ହୋଇଥିଲେ। ୧୬ ତାରିଖରେ ହତ୍ୟାକାଣ୍ଡ ସ୍ଥଳରେ ପୋଲିସ ପକ୍ଷରୁ ମଣିଷ ସଦୃଶ ଦୁଇଟି ପୁତୁଳା ପକାଯାଇଥିଲା। ସେଠାରେ ଡ୍ରାଇଭର ବର୍ଦ୍ଧନ ପୋଲିସକୁ ସୂଚନା ଦେଇ କହିଥିଲେ, କଳ୍ପନା ଓ ବବ୍‌ଲିଙ୍କୁ ହତ୍ୟା କରିବା ପରେ ଗୋଟିଏ ନୁହେଁ ଦୁଇଟି ଗାଡ଼ି ସେମାନଙ୍କ ଉପରେ ଚଢ଼ାଯାଇଥିଲା। ପ୍ରଥମେ ଏକ ବୋଲେରୋ ଓ ପରେ ଏକ ଇନୋଭା ଗାଡ଼ି ଚଢ଼ାଯାଇଥିଲା ବୋଲି କହିବା ସହିତ ଏହାର ଡେମୋ ମଧ୍ୟ କରି ସେ ଦେଖାଇଥିଲେ। ଏହାପରେ ଅନୁପ ଓ ବର୍ଦ୍ଧନଙ୍କ ବ୍ୟତୀତ ଏକାଧିକ ଲୋକ ଏହି ଘଟଣାରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା ପୋଲିସ। ପରେ ପୋଲିସ ଏହାକୁ ଗୁରୁତ୍ୱ ଦେଇ ଉଭୟଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚୁରା କରିବା ପାଇଁ ପଦକ୍ଷେପ ନେଇଥିଲା।




# ତଦନ୍ତ ପରେ ଫେରିଲା ଛତିଶଗଡ଼ ପୋଲିସ

## ଆବଶ୍ୟକ ପଡ଼ିଲେ ଅନୁପଙ୍କୁ ଓଡ଼ିଶା ନିଆଯିବ: ରାୟଗଡ଼ ଏସ୍‌ପି

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲିଙ୍କୁ ହତ୍ୟା ଘଟଣାରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଭୁବନେଶ୍ୱରରେ ୩ଦିନ ଧରି ତଦନ୍ତ ଚଳାଇଥିଲା ଛତିଶଗଡ଼ ପୋଲିସ। ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବା ପରେ ଛତିଶଗଡ଼ ପୋଲିସ ବୁଧବାର ଫେରିଯାଇଛି। ଏହି ଡବଲ ମର୍ଡର ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଗାଡ଼ିଚାଳକ ବର୍ଦ୍ଧନ ଟପ୍ପୋଙ୍କୁ ଗିରଫ କରାଯାଇଛି। ଅନୁପ ଓ ବର୍ଦ୍ଧନଙ୍କୁ ଯଥାକ୍ରମ ୩ଦିନ ଓ ଦିନକ ପାଇଁ ରିମାଣ୍ଡରେ ନେବାକୁ ଛତିଶଗଡ଼ ପୋଲିସକୁ କୋର୍ଟ ଅନୁମତି ଦେଇଛନ୍ତି। ହତ୍ୟାକାଣ୍ଡରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଥିବା ନେଇ ତଦନ୍ତ ଚାଲିଛି। ଆବଶ୍ୟକ ପଡ଼ିଲେ ମୁଖ୍ୟ ଅଭିଯୁକ୍ତ ଅନୁପଙ୍କୁ ଓଡ଼ିଶା ନିଆଯିବ ବୋଲି ଛତିଶଗଡ଼ର ରାୟଗଡ଼ ଏସ୍‌ପି ସନ୍ତୋଷ ସିଂ କହିଛନ୍ତି। ଘଟଣା ସମ୍ପର୍କରେ ଏସ୍‌ପି ସିଂଙ୍କ ସହ ମୋବାଇଲ ଫୋନରେ କଥାବାର୍ତ୍ତାବେଳେ ସେ କହିଛନ୍ତି ଯେ, ଅଭିଯୁକ୍ତମାନଙ୍କୁ ରିମାଣ୍ଡ ସମୟରେ ଜେରା କରାଯାଇ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡ଼, ଗାଡ଼ି ଓ ଅନ୍ୟମାନଙ୍କ ସମ୍ପୃକ୍ତି ବିଷୟରେ ତଥ୍ୟପ୍ରମାଣ ଯୋଗାଡ଼ କରାଯିବ। ଦରକାର ପଡ଼ିଲେ ଅନୁପଙ୍କୁ ଭୁବନେଶ୍ୱର, ବ୍ରଜରାଜନଗର ଓ ଘଟଣାସ୍ଥଳ(ଛତିଶଗଡ଼ ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲ)କୁ ନିଆଯିବ ବୋଲି ଏସ୍‌ପି ସିଂ କହିଛନ୍ତି।

ହତ୍ୟାକାଣ୍ଡରେ ବ୍ୟବହୃତ ବୋଲେରୋର ମାଲିକାନାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ୨୦୧୫ରେ ମାଲିକାନା ପରିବର୍ତ୍ତନ ସମ୍ପର୍କିତ ତଥ୍ୟ ଭୁବନେଶ୍ୱର ଆରଟିଓ-୧କୁ ମାଗିଛି ଛତିଶଗଡ଼ ପୋଲିସ। ଅନୁରୂପ ଭାବେ ବବ୍‌ଲି ପଢୁଥିବା ସ୍କୁଲକୁ ଯାଇ ପୋଲିସ ତଦନ୍ତ କରିଥିଲା। ସ୍କୁଲରେ ବବ୍‌ଲିଙ୍କ ଉପସ୍ଥାନ ଓ ଅନ୍ୟ କେତେକ ତଥ୍ୟ ପୋଲିସ ସଂଗ୍ରହ କରିନେଇଥିବା ଜଣାପଡ଼ିଛି। ସେହିପରି ଅନୁପ ଓ କଳ୍ପନା ଏକାଠି ବିମାନ ଯାତ୍ରା କରିବା ସମ୍ପର୍କିତ ତଥ୍ୟ ପୋଲିସ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ମାଗିବା ସହ ସୁନ୍ଦରପଦା ଫ୍ଲାଟ୍ କିଣାବିକା ତଥ୍ୟ ମଧ୍ୟ ସଂଗ୍ରହ କରିଛି।

### ପରିବାର ଲୋକ ମାନସିକ ନିର୍ଯାତନା ଭୋଗୁଛନ୍ତି

ଅନୁପଙ୍କ ନାମରେ ମିଥ୍ୟା ଓ ଅତିରଞ୍ଜିତ ଖବର ପ୍ରସାରିତ ହେଉଥିବା ନେଇ ଅଭିଯୋଗ କରିଛନ୍ତି ତାଙ୍କ ବଡ଼ଭାଇ ପ୍ରମୋଦ କୁମାର ସାଏ। ଏହାଦ୍ୱାରା ସମ୍ପୂର୍ଣ୍ଣ ପରିବାର ମାନସିକ ଯନ୍ତ୍ରଣା ଭୋଗିବା ସହ ଭୟଭୀତ ହୋଇ ରହିଥିବା ନେଇ ସେ ବ୍ରଜରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଅତିରଞ୍ଜିତ ଖବର ପରିବେଷଣ ନ କରିବାକୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପ୍ରେସ କାଉନସିଲ୍ ଅଫ୍ ଇଣ୍ଡିଆ, ଓଏଚ୍‌ଆର୍‌ସି, ଝାରସୁଗୁଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ଚିଠିଲେଖି ନିବେଦନ କରିଛନ୍ତି।






# ପିଏମଏୱାଇ-ବିପିଜିଏୱାଇ ଝଗଡ଼ା

- ଲୋଗୋକୁ ନେଇ ବିଜେଡି-ଭାଜପା ଟଣାଓଟରା
- ହିତାଧିକାରୀଙ୍କ ଘର ଦୁଆରେ ଲାଗିବ କେନ୍ଦ୍ର, ରାଜ୍ୟର ଲୋଗୋ




ଭୁବନେଶ୍ୱର,୧୯।୨(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମଏୱାଇ-ଜି) ପାଇଁ କେନ୍ଦ୍ର ସରକାର ପଇସା ଦେଉଛନ୍ତି। ସେହି ଘର ଆଗରେ ବିଜୁ ବାବୁଙ୍କ ଲୋଗୋ କାହିଁକି ଲଗାଯିବ। ଏହାକୁ ନେଇ ଭାଜପା ଘୋର ଆପତ୍ତି ଉଠାଇଛି। ଏ ପ୍ରସଙ୍ଗରେ ବୁଧବାର ମୁଲତବୀ ପ୍ରସ୍ତାବ ଆଣି ବିଧାନସଭାରେ ସରକାରଙ୍କୁ ଘେରିଛନ୍ତି ଭାଜପା। ଭାଜପାର ଅଭିଯୋଗ ହେଉଛି ପିଏମଏୱାଇ କେନ୍ଦ୍ର ସରକାରଙ୍କ ଯୋଜନା। ଏଥିପାଇଁ କେନ୍ଦ୍ର ରାଜ୍ୟ ସରକାରଙ୍କୁ ପର୍ଯ୍ୟାପ୍ତ ଅର୍ଥ ଦେଉଛନ୍ତି। ସେଥିରେ ବିଜୁବାବୁଙ୍କ ଲୋଗୋ କାହିଁକି ଲାଗିବ। ସରକାର ପ୍ରଥମ ପର୍ଯ୍ୟାୟରେ ପିଏମଏୱାଇ ଘର ଆଗରେ ୧୩ ହଜାର ୧୩୧ ଟି ଲୋଗୋ ଲଗାଇବାକୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ ଚିଠି କରାଯାଇଛି। ଯାହାକୁ ଭାଜପା ବିରୋଧ କରୁଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଏହାର ଜବାବ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ଘର ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀଙ୍କ ଘର କବାଟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋଗୋ ରହିବ। ଯେଉଁ ହିତାଧିକାରୀ ପିଏମ୍‌ଏୱାଇ ଘର ପାଇବେ ସେମାନଙ୍କ କବାଟରେ ଉଭୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାର ଲୋଗୋ ଲଗାଯିବ। ଏହାର ସମ୍ପୂର୍ଣ୍ଣ ଯଥାର୍ଥତା ରହିଛି। ପ୍ରଧାନମନ୍ତ୍ରୀ ଆବାସ ଏବଂ ବିଜୁ ପକ୍କାଘର ଯୋଜନାକୁ ମିଶାଇ ଏଥର ବଜେଟ କରାଯାଇଛି। ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବାଂଲା ଆବାସ ଯୋଜନା କରାଯାଇଥିବା ବେଳେ ହିତାଧିକାରୀଙ୍କ ଦୁଆରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଫଟୋ ଲଗାଯାଉଛି। ସିକିମ୍‌ରେ ମଧ୍ୟ ହିତାଧିକାରୀଙ୍କ ଘର ଆଗରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହୁଛି। ସେହିପରି ତାମିଲନାଡୁରେ ମଧ୍ୟ ତାଙ୍କ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହୁଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ୬୦ପ୍ରତିଶତ ଅର୍ଥ ଦେଉଥିବାବେଳେ ରାଜ୍ୟ ସରକାର ୪୦ପ୍ରତିଶତ ଅର୍ଥ ଦେଉଛନ୍ତି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ସରକାରୀ ଖର୍ଚ୍ଚ ଆହୁରି ୧୦ପ୍ରତିଶତ ଅଧିକ ଲାଗୁଛି। ସେହିପରି ଯେଉଁ ହିତାଧିକାରୀ ୪ ମାସରେ ଘର କାମ ଶେଷ କରୁଛନ୍ତି ସେମାନଙ୍କୁ ରାଜ୍ୟ ସରକାର ୨୦ହଜାର ଟଙ୍କା ବୋନସ ଆକାରରେ ପ୍ରଦାନ କରୁଛନ୍ତି। ଏହାସହ ୬ ମାସରେ ଘର କାମ ସମ୍ପୂର୍ଣ୍ଣ କରିଦେଉଥିବା ହିତାଧିକାରୀଙ୍କୁ ବୋନସ ଆକାରରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏଥିପାଇଁ ରାଜ୍ୟ ସରକାର ୬୩୮ କୋଟି ଟଙ୍କା ଅଧିକ ଖର୍ଚ୍ଚ କରିସାରିଲେଣି। ଏ ସମସ୍ତ ଖର୍ଚ୍ଚର ଅନୁପାତ ମିଶାଇଲେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୬ ପ୍ରତିଶତ ଅର୍ଥ ପ୍ରଦାନ କରୁଥିବା ମନ୍ତ୍ରୀ କହିଛନ୍ତି।

ଏନ୍‌ଡିଏ ସରକାର କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ଇନ୍ଦିରା ଆବାସ ଯୋଜନା ନାମ ବଦଳାଯାଇ ପ୍ରଧାନମନ୍ତ୍ରୀ ଆବାସ କରାଯାଇଛି। ଏକ ନୂଆ ସରକାର ଶାସନ କ୍ଷମତାକୁ ଆସିଲେ ରାଜ୍ୟବାସୀ କିଛି ଉପକାର ପାଇବେ ବୋଲି ଆଶା ଥିଲା। ମାତ୍ର ଏ ସରକାର ଶାସନ କ୍ଷମତାକୁ ଆସିବାପରେ ପୂର୍ବରୁ ଇନ୍ଦିରା ଆବାସ ଯୋଜନାରେ କେନ୍ଦ୍ର ୭୫ପ୍ରତିଶତ ଅର୍ଥ ଦେଉଥିବା ବେଳେ ଏନଡିଏ ସରକାର ତାହାକୁ ୬୦ପ୍ରତିଶତକୁ ଖସାଇ ଦେଲେ। ରାଜ୍ୟ ମୁଣ୍ଡରେ ଅଧିକ ବୋଝ ଲଦିଦେଲେ। ନିୟମାନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାକୁ ଯେଉଁ ହିତାଧିକାରୀ ସକ୍ଷମ ନ ହେବେ ତାଙ୍କୁ ପକ୍କାଘର ଯୋଗାଇ ଦେବାକୁ ରାଜ୍ୟ ସରକାର ବିଜୁ ପକ୍କାଘର ଯୋଜନା ଆଣିଛନ୍ତି। ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ୩ଲକ୍ଷ ୬୦ ହଜାର ବିଜୁ ପକ୍କାଘର ଦେଇଛନ୍ତି। ରାଜ୍ୟରେ ସର୍ବମୋଟ ୨୫ଲକ୍ଷ ହିତାଧିକାରୀ ପକ୍କାଘର ପାଇଛନ୍ତି।




**୨୩ ପରୀକ୍ଷାର୍ଥୀ ଅନୁପସ୍ଥିତ**

କଟକ ସଦର,୧୯।୨(ଡି.ଏନ୍.ଏ.): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ କଟକ ସଦର ବ୍ଲକରେ ୨୩ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିବା ଜଣାପଡିଛି। ତେଲଦିଆ ଉଚ୍ଚ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ୧୧ ଓ ଚିନ୍ତାମଣି ବିଦ୍ୟାପୀଠରେ ୧୨ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ଅନୁପସ୍ଥିତ କାରଣ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିବା ସମ୍ପୃକ୍ତ ବିଦ୍ୟାଳୟ ସୂତ୍ରରୁ ଜଣାପଡିଛି।



## ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

■ଭଙ୍ଗାଗଲା ଦରଘା ପ୍ରବେଶଦ୍ୱାର, ଦୋକାନ
■ପୂର୍ବତନ ବିଧାୟକଙ୍କ ସହ ଆଲୋଚନା
■ଅଧିକାରୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଯୁକ୍ତିତର୍କ


ଦୋକାନୀଙ୍କ ସହ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଆଲୋଚନା କରୁଛନ୍ତି।


ଦରଘା ପ୍ରବେଶ ଦ୍ୱାର ଭଙ୍ଗା ଯାଉଛି।

**କଟକ ଅଫିସ,୧୯।୨**

ଏସ୍‌ସିବି ମେଡିକାଲର ଉନ୍ନତୀକରଣ ଏବଂ ସମ୍ପ୍ରସାରଣ ପାଇଁ ଆଖପାଖ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଯୋବ୍ରା ଅଞ୍ଚଳରେ ଉଚ୍ଛେଦବେଳେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଦର୍‌ଘା ଉଚ୍ଛେଦବେଳେ ଅଞ୍ଚଳବାସୀ ବିରୋଧ କରିଥିଲେ। ୱାକ୍‌ଫ ବୋର୍ଡ଼ର ଟ୍ରିବ୍ୟୁନାଲ୍‌ରେ ଦର୍‌ଘାର ଜମିକୁ ନେଇ ମାମଲା ବିଚାରାଧୀନ ଥିବା ଯୋଗୁ ତାହାକୁ ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ଲୋକମାନେ କହିଥିଲେ। ଏହାକୁ ନେଇ ଅଞ୍ଚଳବାସୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତହସିଲଦାର୍ ଜମି ମାପଚୁପ କରିଥିଲେ। ଏହାପରେ ସରକାରୀ ଜମିରେ ଥିବା ଦର୍‌ଘାର ପ୍ରବେଶ ଦ୍ୱାରକୁ ଭଙ୍ଗା ଯାଇଥିଲା। କେବଳ ଦର୍‌ଘା ନୁହଁ, ଏହା ପାଖରେ ଥିବା ୮ଟି ଦୋକାନ ଭାଙ୍ଗିବା ସମୟରେ ମଧ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୋକାନର ମୂଲ୍ୟ ତୁଳନାରେ କ୍ଷତିପୂରଣ ରାଶି କମ୍ ଥିବାରୁ ଦୋକାନୀମାନେ ବିରୋଧ କରିଥିଲେ। ସେମାନେ ଉପଯୁକ୍ତ କ୍ଷତିପୂରଣ ଦାବି କରିବା ସହ ଉଚ୍ଛେଦକାରୀ ଦଳକୁ ଅଟକାଇ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଦୋକାନୀମାନଙ୍କ ସହ ଆଲୋଚନା କରିବା ପରେ ବିରୋଧ ପ୍ରତ୍ୟାହାର ହୋଇଥିଲା। ପରେ ଦୋକାନ ଭଙ୍ଗା ଯାଇଥିଲା। ଉଚ୍ଛେଦ ସମୟରେ ବିରୋଧ ଏବଂ ଅସନ୍ତୋଷ ପ୍ରକାଶ ପାଇବାର ଆଶଙ୍କା ଥିବାରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**କଟକ ଅଫିସ, ୧୯।୨**

ଏସ୍‌ସିବି ମେଡିକାଲ ଦ୍ୱିତୀୟ କ୍ୟାମ୍ପସ ଉଚ୍ଛେଦ ପ୍ରକ୍ରିୟାରେ ସିଏମ୍‌ସି ଅନ୍ତର୍ଗତ ୩୫ ଓ ୪୦ ନଂ. ୱାର୍ଡର ବିଭିନ୍ନ ସମସ୍ୟାକୁ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଦେଶ କାର୍ଯ୍ୟକାରିଣୀ ସଦସ୍ୟ ସ୍ମୃତିରଞ୍ଜନ ମିଶ୍ର ଏବଂ ଭାଜପା ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏସ୍‌ସିବି ମେଡିକାଲର ଦ୍ୱିତୀୟ କ୍ୟାମ୍ପସ କାର୍ଯ୍ୟ ଆରମ୍ଭ ପାଇଁ ପ୍ରଥମ ପର୍ଯ୍ୟାୟ ଉଚ୍ଛେଦରେ ଜୟ ମା' ମଙ୍ଗଳା ବସ୍ତି, ବାଲିସାହି ବସ୍ତି, ସୁଇପର କଲୋନୀ, ଆଳି କଲୋନୀ, ଇଲେକ୍ଟ୍ରିକ କଲୋନୀ ଏବଂ ପୂର୍ତ୍ତ ବିଭାଗ କଲୋନୀ ମଧ୍ୟରେ ଥିବା ଅସ୍ଥାୟୀ ଘର ଉଚ୍ଛେଦ ପାଇଁ ଚିହ୍ନଟ ହୋଇଛି। ଏଥିସହିତ ଭୁବନାନନ୍ଦ ସ୍କୁଲ ଅଫ ଇଞ୍ଜିନିୟରିଂ (ବୋସ୍) କ୍ୟାମ୍ପସ ମଧ୍ୟରେ ଥିବା ସରକାରୀ କ୍ୱାର୍ଟର୍ସଗୁଡିକୁ ଯୁଦ୍ଧକାଳୀନ ଭିତିରେ ଖାଲି କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହିତ ବୋସ୍, ଆଇଏମ୍‌ଆଇଟି, ମଧୁସୂଦନ ଶିଳ୍ପ ତାଲିମ ଅନୁଷ୍ଠାନ, ଏସ୍‌ସିବି ମେଡିକାଲ ପବ୍ଲିକ୍ ସ୍କୁଲ ଭଳି ଶିକ୍ଷାନୁଷ୍ଠାନକୁ ସ୍ଥାନାନ୍ତର କରାଯିବା ପାଇଁ ପ୍ରୟାସ ଚାଲିଛି। ବୋସ୍ ଏବଂ ମେଡିକାଲ ଖେଳପଡ଼ିଆର ବିକଳ୍ପ ବ୍ୟବସ୍ଥା ନ କରି ଏହାର ଅଧିଗ୍ରହଣ ଦ୍ୱାରା ରାଜ୍ୟ ଏବଂ ଅନ୍ତଃରାଜ୍ୟସ୍ତରୀୟ କ୍ରୀଡ଼ା ପାଇଁ ଅଭ୍ୟାସରତ ବହୁ ଖେଳାଳିଙ୍କ ଉପରେ ପ୍ରଭାବ ପଡ଼ିବ। ସରକାର ଏସ୍‌ସିବି ଦ୍ୱିତୀୟ କ୍ୟାମ୍ପସର ସମ୍ପୂର୍ଣ୍ଣ ରୂପରେଖ ବାବଦରେ ଶ୍ୱେତପତ୍ର ଜାରି କରନ୍ତୁ, ବୋସ କ୍ୟାମ୍ପସକୁ ଏସ୍‌ସିବି ଦ୍ୱିତୀୟ କ୍ୟାମ୍ପସରୁ ବାଦ୍ ଦିଆଯାଉ, ସରକାରୀ କର୍ମଚାରୀଙ୍କ ପାଇଁ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ବିକଳ୍ପ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ପ୍ରତ୍ୟାହାର କରାଯାଉ, ବସ୍ତିବାସିନ୍ଦାଙ୍କ ପାଇଁ ନିୟମାନୁଯାୟୀ ଟ୍ରାଞ୍ଜିଟ୍ ହାଉସ୍‌ର ବ୍ୟବସ୍ଥା ଏବଂ ଉପଯୁକ୍ତ ଆର୍ଥିକ ସହଯୋଗ ପ୍ରଦାନ, ବିଭିନ୍ନ ପଞ୍ଜୀକୃତ ଏବଂ ଅଣ ପଞ୍ଜୀକୃତ ଧର୍ମାନୁଷ୍ଠାନ, କ୍ଲବ ଘରର ପରିଚାଳନା କମିଟିକୁ ଚିହ୍ନଟ କରାଯାଇ ପୂର୍ବ ନିର୍ଦ୍ଧାରିତ ଆର୍ଥିକ ସହଯୋଗ ପ୍ରଦାନ କରାଯିବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଞ୍ଜୀବ ଚିନାରା, ସୁନୀଲ ଦ୍ୱିବେଦୀ, ଅନ୍ନଦା ଦାସ, କାଳୀପ୍ରସାଦ ମହାନ୍ତି, ବିଶ୍ୱରଞ୍ଜନ ମିଶ୍ର, ସୁରେଶ ମହାନ୍ତି ଓ ଆଶୁତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

### ପିଠାପୁର ଗ୍ରାମ ଅଧିକାରୀ ନିର୍ବାଚନ

**କଟକ ଅଫିସ,୧୯।୨:** ପିଠାପୁର ଗ୍ରାମର ଅଧିକାରୀ ନିର୍ବାଚନ ମଦନମୋହନଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ଅଧିକାରୀ ପଦ ପାଇଁ ୪ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏଥିରେ ୯୬ ଜଣ ମତଦାନ କରିଥିଲେ। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଧୀରେନ୍ଦ୍ର କୁମାର ମୂଳିଆ ସ୍ଥାୟୀ ଅଧିକାରୀ ଭାବେ ନିର୍ବାଚିତ ହୋଇଛନ୍ତି। ରଞ୍ଜନ କୁମାର ଜେନା ଓ ରବୀନ୍ଦ୍ର କୁମାର ଜେନା ନିର୍ବାଚନ ପରିଚାଳନା କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ନବନିର୍ବାଚିତ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### କହ୍ନେଇକୁ ଭେଟିଲେ ଉପଜିଲାପାଳ

**କଣ୍ଟାପଡ଼ା,୧୯।୨(ଡି.ଏନ୍.ଏ.):** ନ୍ୟୁରୋ ଫାବ୍ରୋ ମେଟାସିସ ରୋଗରେ ପୀଡ଼ିତ ହୋଇ ନିରତାରରେ ଚିକିତ୍ସିତ ହେଉଥିବା କହ୍ନେଇ ପ୍ରଧାନଙ୍କୁ କଟକସଦର ଉପଜିଲାପାଳ ସୁଭ୍ରାଂଶୁ ଶେଖର ରଥ ବୁଧବାର ଭେଟିଛନ୍ତି। କହ୍ନେଇଙ୍କୁ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଭୂମିହୀନ କହ୍ନେଇ ପରିବାରକୁ ସମସ୍ତ ସରକାରୀ ସୁବିଧା ଯୋଗାଇଦେବାକୁ ଉପଜିଲାପାଳ ପତିଶ୍ରୁତି ଦେଇଥିଲେ।

### ସହର ସମସ୍ୟା ସମ୍ପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା

**କଟକ ଅଫିସ,୧୯।୨ :** କଟକ ମହାନଗର ନାଗରିକ ମହାସଭାର ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ରାଜଭବନରେ ଭେଟିବା ସହ କଟକ ସହରର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଏହି ଅବସରରେ ସହରରୁ ବିଭିନ୍ନ ସରକାରୀ ଅନୁଷ୍ଠାନ ସ୍ଥାନାନ୍ତର ପ୍ରସଙ୍ଗ ଉପରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଯୋବ୍ରାସ୍ଥିତ ମଧୁସୂଦନ ଆଇଟିଆଇକୁ ସ୍ଥାନାନ୍ତର ପାଇଁ ପ୍ରଶାସନିକ ସ୍ତରରେ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ତାହା କଟକର ସ୍ୱାଭିମାନ ଓ ସଂସ୍କୃତି ପ୍ରତି ଚରମ କୁଠାରାଘାତ। କଟକରୁ ସରକାରୀ କାର୍ଯ୍ୟାଳୟ ସ୍ଥାନାନ୍ତର ହେଲେ ଆଗାମୀ ଦିନରେ ସହରର ଗୁରୁତ୍ୱ ହ୍ରାସ ପାଇବ ବୋଲି ମହାସଭାର ସଭାପତି ଡ. ରବିରଞ୍ଜନ ସାହୁ ରାଜ୍ୟପଳଙ୍କୁ ଅବଗତ କରାଇଥିଲେ। ମଧୁସୂଦନ ଆଇଟିଆଇ ସ୍ଥାନାନ୍ତର ନ କରିବାକୁ ରାଜ୍ୟପାଳଙ୍କ ନିକଟରେ ମହାସଭା ପକ୍ଷରୁ ଦାବି କରାଯାଇଛି। ରାଜ୍ୟପାଳ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ମଧ ଦେଇଥିଲେ। ଏହି ପ୍ରତିନିଧି ଦଳରେ ରେଭେନ୍‌ଶା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଅନନ୍ତ ଚରଣ ସାହୁ, ଶିକ୍ଷାବିତ୍ ଡ. ହେମନ୍ତ ପରିଡା, ଅରୁଣା ସାମନ୍ତରାୟ ପ୍ରମୁଖ ସାମିଲ ହୋଇଥିଲେ।

### ଅଧାପକ କାଳିନ୍ଦୀ ବେହେରାଙ୍କ ୫ମ ଶ୍ରାଦ୍ଧବାର୍ଷିକୀ

**କଟକ ସଦର,୧୯।୨(ଡି.ଏନ୍.ଏ.):** ପୂର୍ବତନ ମନ୍ତ୍ରୀ ତଥା ଅଧାପକ କାଳିନ୍ଦୀ ବେହେରାଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ଟାଉନହଲରେ ଅନୁଷ୍ଠିତ ହୋଇଯାଇଛି। ଅଧାପକ କାଳିନ୍ଦୀ ବେହେରା ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକ ବାବାଜୀ ଚରଣ ପଟ୍ଟନାୟକ, ମୁଖ୍ୟ ବକ୍ତା ଡ. ବିଜୟ କୁମାର ପଟ୍ଟନାୟକ, ଡ. ରବୀନ୍ଦ୍ରନାଥ ପରିଡା, ଶାରଦା ପ୍ରସନ୍ନ ମହାପାତ୍ର, ଉପଦେଷ୍ଟା ପ୍ରମିଳା ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ସ୍ମୃତି ସଂସଦ ସଭାପତି ସୂର୍ଯ୍ୟସାରଥୀ ବେହେରା ପୌରୋହିତ୍ୟ କରିଥିବା ବେଳେ ଅଧାପକ ସ୍ୱାଧୀନ ଶେଖର ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରମୋଦ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ବିଭିନ୍ନ ଦାବି ନେଇ କଟକ ନୂଆପଡାସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ଶ୍ରମିକ ସଙ୍ଗଠନ ସମନ୍ୱୟ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ପିଡି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେଳେଙ୍କାରୀ**

**କଟକ ଅଫିସ, ୧୯।୨**

ବଡମ୍ବା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯାଇନାହିଁ। ରାଜନୈତିକ ଉଦ୍ଦେଶ୍ୟ ରଖି ଅଯୋଗ୍ୟ ହିତାଧିକାରୀମାନଙ୍କୁ ଘର ଦିଆଯାଇଛି। ଏହାର ପ୍ରତିବାଦ କରି ବୁଧବାର ବଡମ୍ବା ବ୍ଲକର ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ୫ଶହରୁ ଉର୍ଦ୍ଧ୍ୱ ଲୋକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପିଡି ମହମ୍ମଦ ଅବଦଲ ଅଖତର ଧାରଣାକାରୀଙ୍କ ସହ ଆଲେଚନା କରିଥିଲେ। ଆସନ୍ତା ମାର୍ଚ୍ଚ ୩ ତାରିଖ ମଧ୍ୟରେ ପ୍ରକୃତ ହିତାଧିକାରୀମାନଙ୍କୁ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ପିଡି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସରୋଜ ରଣା, ସୂର୍ଯ୍ୟକିଶୋର ମହାନ୍ତି, ତ୍ରିପୁରା ଦେହୁରୀ, ଦିଲୀପ ପଣ୍ଡା, ଟୁକୁନା ରାଉଳ ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଥିଲେ।

## ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର

**କଣ୍ଟାପଡ଼ା,୧୯।୨(ଡି.ଏନ୍.ଏ.)**

ଓଲଟପୁର ଥାନା ପରିସରରେ ବୁଧବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ବ୍ରଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଟକଜିଲା ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପଣିଗ୍ରାହୀ, କଟକସଦର ଉପଜିଲାପାଳ ସୁଭ୍ରାଂଶୁ ଶେଖର ରଥ, ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ, କଟକସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଗୋବିନ୍ଦପୁର, ନିଆଳି ଓ ଓଲଟପୁର ଥାନା ଅଞ୍ଚଳର ୪୭ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପ୍ରଦାନ କରାଯାଇଥିଲା। ଅସହାୟ ଭାବେ ବସବାସ କରୁଥିବା ବରିଷ୍ଠ ନାଗରିକମାନେ ଏହି ପରିଚୟପତ୍ର ଦ୍ୱାରା ପୋଲିସର ସହାୟତା ପାଇପାରିବେ ବୋଲି ଏସ୍‌ପି ପଣିଗ୍ରାହୀ କହିଥିଲେ। ଓଲଟପୁର ଥାନା ଆଇଆଇସି ଚିନ୍ମୟୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନାଗରିକ ମଞ୍ଚ ସମ୍ପାଦକ ଦେବବ୍ରତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଉଦ୍ଭିଦ ବିଜ୍ଞାନ, ଓଡ଼ିଆ ବିଭାଗରେ ଆଲୋଚନାଚକ୍ର

**ଚୌଦ୍ୱାର,୧୯।୨(ଡି.ଏନ୍.ଏ.)**

ଚୌଦ୍ୱାର କଲେଜ ଉଦ୍ଭିଦବିଜ୍ଞାନ ବିଭାଗରେ ବୁଧବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର ଅଭୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଓୟୁଏଟି ଉଦ୍ୟାନ ବିଭାଗ ପ୍ରଫେସର ଡ. ଚିନ୍ତାମଣି ପଣ୍ଡା ଅତିଥି ଭାବେ ଯୋଗଦେଇ ଉଦ୍ଭିଦ ବିଜ୍ଞାନ ସମ୍ପର୍କିତ ବିଭିନ୍ନ କୌଶଳ ପ୍ରଦାନ କରିଥିଲେ। ଅଧାପିକା ମାନସୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସସ୍ମିତା ଖୁଣ୍ଟିଆ ବିବରଣୀ ପାଠ କରିଥିବା ବେଳେ ସସ୍ମିତା ଭୂୟାଁ ଧନ୍ୟବାଦ ଦେଇଥିଲେ। ଅଧାପିକା ରାଜଲକ୍ଷ୍ମୀ ସାହୁ ଓ ଚିତ୍ତରଞ୍ଜନ ଦାସ ସଭା ପରିଚାଳନା କରିଥିଲେ। ସେହିପରି କଲେଜର ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ 'ଲୋକ ସମାଜରେ ଲୋକନାଟକର ସାମାଜିକ ଆବେଦନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ସବିତା କରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ଅଜୟ ମିଶ୍ର ଅତିଥି ଭାବେ ଯୋଗଦେଇ ଲୋକ ନାଟକ ଉପରେ ଆଲୋଚନା କରିଥିଲେ। ଡ.ସ୍ନେହ ମିଶ୍ର 'ଆଧୁନିକ ଓଡ଼ିଆ କବିତାରେ ରୋମାଣ୍ଟିକ ଚେତନା' ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭାଗର ପ୍ରାଚୀରପତ୍ର 'କୌସ୍ତୁଭ'ର ଶୀତ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ଛାତ୍ରୀ କୁମୁଦିନୀ ସାହୁ ଓ ଚାନ୍ଦିନୀ ନାୟକ ପ୍ରବନ୍ଧ ପାଠ କରିଥିଲେ। ଅଧାପକ ପ୍ରଫୁଲ୍ଲ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧାପକ ଦିଲୀପ ସାହୁ, ସୁକାନ୍ତ ରାଉତ, ବସନ୍ତ ବିଶ୍ୱାଳ, ଗାୟତ୍ରୀ ମିଶ୍ର, କ୍ଷୀରାବ୍ଧି ଚୌଧୁରୀ, ପ୍ରଜ୍ଞା ପାରମିତା ଦାସ, ସ୍ୱପ୍ନାଶ୍ରୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଛାତ୍ରୀ ସିମଲିନୀ ପତ୍ରୀ ଧନ୍ୟବାଦ ଦେଇଥିଲେ।

## ଘରୋଇ ଜାଗାରେ ଗୋଷ୍ଠୀକେନ୍ଦ୍ର ନିର୍ମାଣକୁ ବିରୋଧ

**ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଚଞ୍ଚକତା**

**କଟକ ସଦର,୧୯।୨(ଡି.ଏନ୍.ଏ.)**

କଟକ ସଦର ବ୍ଲକର ଅଧିକାଂଶ ପଞ୍ଚାୟତରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ବିଭିନ୍ନ ନିର୍ମାଣଭିତ୍ତିକ କାମ ଆଗେଇ ଚାଲିଛି। ୪୨ ମୌଜା ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ପଞ୍ଚାୟତରେ ଗୋଟିଏ ଗୋଷ୍ଠୀକେନ୍ଦ୍ର ଘରୋଇ ଜାଗାରେ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ମଙ୍ଗଳବାର କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ନିର୍ମାଣସ୍ଥଳୀର କାଗଜପତ୍ର ଜଣେ ଜିଲାସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଇବା ପାଇଁ ଅନୁରୋଧ କରାଯାଇଛି। କାରଣ ଏଭଳି କାର୍ଯ୍ୟରେ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ସମ୍ପୃକ୍ତି ରହିଥିବାରୁ ବିଡିଓଙ୍କ ଦ୍ୱାରା ତଦନ୍ତ ନ କରିବାକୁ ଦାବି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ୨୯୦ଟି ପ୍ରକଳ୍ପ ସାମିଲ କରାଯାଇଥିଲା। କେବଳ ଯଶପଡା ପଞ୍ଚାୟତକୁ ବାଦ୍ ଦେଲେ ଅନ୍ୟ ପଞ୍ଚାୟତରେ କାର୍ଯ୍ୟ ସାଧାରଣ ନିର୍ବାଚନର ଆଚରଣ ବିଧି ଲାଗୁ ପାଇଁ ଆରମ୍ଭରୁ ହୋଇପାରିଲାନାହିଁ। ତତ୍କାଳୀନ ବିଡିଓ ଉକ୍ତ କାର୍ଯ୍ୟ ଆରମ୍ଭ ପାଇଁ ବ୍ଲକସ୍ତରୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ୧୨୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ନିର୍ମାଣସ୍ଥଳୀର ସୂଚନା ଯଥା- ଜମିର କିସମ, ପ୍ଲଟ୍ ନମ୍ବର ଫାଇଲରେ ଲେଖାନାହିଁ। ତେଣୁ ସ୍ଥାନୀୟ ଜନପ୍ରତିନିଧିଙ୍କ କଥାରେ ସବୁ ଚାଲୁରହିଛି। ସେଥିପାଇଁ ୪୨ ମୌଜାର ଏକ ବ୍ୟକ୍ତିଗତ ଜାଗାରେ ନିର୍ମାଣ କାମ ହୋଇପାରିଲା ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ସମ୍ପର୍କରେ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶ(ବୈଷୟିକ) ଦେବେନ୍ଦ୍ର ଦାଶଙ୍କୁ ପଚାରିବାରୁ ଫାଇଲ ଦେଖିବା ପରେ କହିବେ ବୋଲି କହିଥିଲେ।

## ସ୍ୱାଭିମାନର ପ୍ରତୀକ ଦୃଷ୍ଟିବାଧିତ ସୁନୀଲ

**ବେପାରରୁ ଉଠୁଛି ପଢ଼ା ଖର୍ଚ୍ଚ...**

ସଂଘର୍ଷର ଶେଷ ନ ଥାଏ। ସଫଳତା ହାସଲ କରିବାର ସର୍ଟକଟ୍ ରାସ୍ତା ନାହିଁ କି ସଂଘର୍ଷର କୌଣସି ବିକଳ୍ପ ନାହିଁ। ନିଜକୁ ସଫଳ କରିବା ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦୃଷ୍ଟିବାଧିତ ଛାତ୍ର ସୁନୀଲ କୁମାର ସାହୁ ନିତିଦିନ ସଂଘର୍ଷ କରୁଛନ୍ତି। ପାଠପଢ଼ା ସାଙ୍ଗକୁ ବିଶ୍ୱବିଦ୍ୟାଳୟର ଫାଟକ ସମ୍ମୁଖରେ ଚଟ୍‌ପଟି ଖାଦ୍ୟ ବିକ୍ରି କରି ରୋଜଗାର କରିବାର ମାଧ୍ୟମ ବାଛିଛନ୍ତି। ଏହି ସ୍ୱଳ୍ପ ରୋଜଗାରରୁ ହିଁ ତାଙ୍କ ପଢ଼ା ଖର୍ଚ୍ଚ ଉଠେ...

**କଟକ ଅଫିସ,୧୯।୨**


ସୁନୀଲ କୁମାର ସାହୁ

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ସ୍ନାତକୋତ୍ତର ପଢୁଛନ୍ତି ସୁନୀଲ। ଅପରାହ୍ନରେ କ୍ଲାସ ସରିବା ପରେ ସୁନୀଲଙ୍କୁ ଦେଖିବାକୁ ମିଳେ ବିଶ୍ୱବିଦ୍ୟାଳୟର ମୁଖ୍ୟଫାଟକ ସମ୍ମୁଖରେ। ୪ଟା ବାଜିଲା ମାତ୍ରେ ସୁନୀଲ ନିଜ ବ୍ୟବସାୟ ସାମଗ୍ରୀ ଧରି ହାଜର ହୋଇଯାଆନ୍ତି। ପିଲାବେଳୁ ଦୃଷ୍ଟିଶକ୍ତି ହରାଇଥିଲେ ସୁଦ୍ଧା ପାଠପଢ଼ା ଓ ନିଜକୁ ସ୍ୱାବଲମ୍ବୀ କରିବାରେ ସେ କେବେ ହେଳା କରନ୍ତିନି ବୋଲି କହିଛନ୍ତି। ସୁନୀଲଙ୍କ ଏହି ସଂଘର୍ଷ ତାଙ୍କ ସ୍ୱାଭିମାନର ପରିଚୟ ଦିଏ।

ସୁନୀଲଙ୍କ ଘର ଅନୁଗୋଳ ଜିଲା ନତଡା ଗ୍ରାମରେ। ଢେଙ୍କାନାଳର ଦୃଷ୍ଟିହୀନ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିବା ପରେ କଟକ ରେଭେନ୍‌ଶା ମହାବିଦ୍ୟାଳୟରେ ଯୁକ୍ତ ୨ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସମ୍ମାନରେ ସ୍ନାତକ କରିଥିଲେ। ପରେ ରାଧାନାଥ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟରେ ବିଇଡି ପଢିଥିଲେ। ବିଇଡି ପାସ କରିବା ପରେ ଅନେକ କମ୍ପିଟିଟିଭ ପରୀକ୍ଷା ଦେଉଥିଲେ। ୨୦୧୯ ମସିହାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସ୍ନାତକୋତର ପ୍ରବେଶିକା ପରୀକ୍ଷାରେ ପାସ୍ କରି ନାମ ଲେଖାଇଥିଲେ। ପଢ଼ା ଖର୍ଚ୍ଚ ବାବଦକୁ ଯାହାକିଛି ବାପାଙ୍କ ଠାରୁ ମିଳେ ସେଥିରେ ସୁନୀଲ ସନ୍ତୁଷ୍ଟ ହୋଇଯାଆନ୍ତି। ବାପା ପ୍ରଭାକର ସାହୁ, ମାଆ ଲକ୍ଷ୍ମୀ ସାହୁ, ଗୋଟିଏ ଭାଇ ଓ ଭଉଣୀଙ୍କୁ ନେଇ ତାଙ୍କ ପରିବାର। ସୁନୀଲ ପରିବାରରେ ସବୁଠାରୁ ସାନ। ପ୍ରଭାକର ଚାଷ କରନ୍ତି। ସେଥିରୁ ଯାହା ଅର୍ଥ ଉପାର୍ଜନ ହୁଏ ସେଥିରେ ପରିବାର ଚଳିଥାଏ। ତେଣୁ ବାପାଙ୍କ ଉପରେ ସୁନୀଲ ବୋଝ ନ ହୋଇ ନିଜ ରୋଜଗାରରେ ନିଜେ ପଢିବା ପାଇଁ ମନସ୍ଥ କଲେ। ଫଳରେ ଗତ ୧୦ ଦିନ ହେବ ସେ ଏହି ବ୍ୟବସାୟ ଆରମ୍ଭ କରିଛନ୍ତି। ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବ୍ୟବସାୟ କରନ୍ତି। କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ସୁନୀଲଙ୍କ କାହାଣୀ ଶୁଣିବା ପରେ କହିଛନ୍ତି, ଏ ଖବର ଏପର୍ଯ୍ୟନ୍ତ ମୋ କାନରେ ପଡି ନ ଥିଲା। ସୁନୀଲଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯାହା ସମ୍ଭବ ସାହାଯ୍ୟ କରାଯିବ।


**ବଢୁଛି ଖରା:** କଟକ ମିଶନ ରୋଡ଼ ପାର୍ଶ୍ୱରେ ବିକ୍ରି ପାଇଁ ଜଣେ ବ୍ୟବସାୟୀ ଟୋପିଗୁଡ଼ିକୁ ସଜ୍ଜିତ କରି ରଖୁଛନ୍ତି।



ବୁଧବାର କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡିଟୋରିୟମରେ ବିଇଡି ବିଭାଗ ପକ୍ଷରୁ ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।


କଟକ ମାଲଗୋଦାମ ଓଭରବ୍ରିଜ ରାସ୍ତା ପାର୍ଶ୍ୱରେ ବିକ୍ରି ପାଇଁ ରଖାଯାଇଥିବା ତରଭୁଜ।



"ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ବଡ଼େ ସ୍ପର୍ଦ୍ଧା, ତ୍ୟାଗରେ ବଡ଼େ ମହତ୍ତ୍ୱ।
- ଶିରିଡି ସାଇବାବା



## ସଂକ୍ଷେପରେ

### କୃଷକ ସଚେତନତା ଶିବିର

**ମାହାଙ୍ଗା, ୧୯।୨(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ କୃଷି ବିଭାଗ ପକ୍ଷରୁ ଭଉଁରିଆଠାରେ ବୁଧବାର କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଗ୍ରାମସେବକ ଚିତ୍ତରଞ୍ଜନ ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଅଜୟ କୁମାର ପରିଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ସହକାରୀ କୃଷି ଅଧିକାରୀ ଶଶାଙ୍କ ଶେଖର ଦାସ, ବ୍ରଜକିଶୋର ସାମଲ, ରାଜ୍ୟ କୃଷି ସଂଘର ସହଯୋଗୀ ମନୋରଞ୍ଜନ ଦାସ, ଜିଲା କୃଷକ ସାଥି ସମ୍ପାଦକ ପ୍ରଣବ କୁମାର ରାଉତ ଯୋଗଦେଇ ଚାଷୀଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହ ଗ୍ରାମର ମାଟି ପରୀକ୍ଷା ଉପରେ ଗୁରୁତ୍ୱାରୋପ ହୋଇଥିଲା । ଶେଷରେ ଅଶୋକ କୁମାର ପରିଡା ଧନ୍ୟବାଦ ଦେଇଥିଲେ ।

### କୁକୁଡା ଚିଆଁ ବଣ୍ଟନ

**ତିଗିରିଆ,୧୯।୨(ଡି.ଏନ୍.ଏ.):** ତିଗିରିଆ ବ୍ଲକ ଅର୍ନ୍ତଗତ ଭୋଗଡା ଓ ବାଲିପୁଟର ବିଭିନ୍ନ ଗ୍ରାମର ୮୦ ତଫସିଲଭୁକ୍ତ ଜାତି ଓ ଜନଜାତି ପରିବାରକୁ ବୁଧବାର କୁକୁଡା ଚିଆଁ ବଣ୍ଟନ କରାଯାଇଛି। କୃଷି ବିଭାଗର ଆତ୍ମା ସହାୟତାରେ ଏସବୁ ଚିଆଁ ବଣ୍ଟନ କରାଯାଇଛି। ଭୋଗଡା ପଞ୍ଚାୟତର ଭେଜିଆ ସବର ସାହିରେ ୬୦ ପରିବାର ଓ ବାଲିପୁଟ ପଞ୍ଚାୟତର ଭୁତିଆଡିହର ସବରସାହିରେ ୨୦ ପରିବାରକୁ ୫୦୦ କୁକୁଡା ଚିଆଁ ପ୍ରଦାନ କରାଯାଇଛି। ଆତ୍ମା ଅଧକ୍ଷ ହରେନ୍ଦ୍ର ଦଳେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଣୀସହାୟକ ବିଜୟାନନ୍ଦ ସାହୁ, ସୟଦ ମହମ୍ମଦ, ଅରୁଣ ନାୟକ ଓ ଗିରିଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

### ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

**ତିଗିରିଆ,୧୯।୨(ଡି.ଏନ୍.ଏ.):** ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମ ମହୋତ୍ସବ ଓ ପାଞ୍ଚଗାଁ ସତ୍‌ସଙ୍ଗ କେନ୍ଦ୍ରର ୨ୟ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଋତ୍ୱିକ ଆର୍ଯ୍ୟଭୂଷଣ ଭଗତ ଚରଣ ନାୟକ ଏଥିରେ ପୌରୋହିତ୍ୟ କରିଥିବାବେଳେ ମୁଖ୍ୟଅତିଥି ଭାବେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ଅଧିକାରୀ ନିରଞ୍ଜନ ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା କଟକ ପବିତ୍ର ମେକାପ ଓ ପ୍ରମୋଦ ଦାସ ଯୋଗଦେଇ ଆଧୁନିକ ଜୀବନଯାପନରେ ସତ୍‌ସଙ୍ଗର ପ୍ରୟୋଜନିତା ସମ୍ପର୍କରେ ଭକ୍ତମଣ୍ଡଳୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉତ୍ସବରରେ ଆୟୋଜିତ ନଗରକୀର୍ତ୍ତନ ପାଞ୍ଚଗାଁରେ ଆଧ୍ୟାତ୍ମିକତାର ବାତାବରଣ ସୃଷ୍ଟି କରିଥିଲା। ଏଥିରେ ୯ କୀର୍ତ୍ତନ ଦଳ ଯୋଗଦେଇଥିଲେ । ପରେ ସତ୍‌ସଙ୍ଗରେ ଓଡ଼ିଶାର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ଚକ୍ରଧାରୀ ନାୟକ ଓ ପ୍ରଶାନ୍ତ ଭାଇ ଯୋଗଦେଇ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ପାଞ୍ଚଗାଁ ସତ୍‌ସଙ୍ଗ କେନ୍ଦ୍ର ସଭାପତି ସୁବାଷ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଉତ୍ସବ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ତିଗିରିଆ, କଟକ, ଢ଼େଙ୍କାନାଳ, ଜାତମୁଣ୍ଡିଆ, ଆଠଗଡ଼, ଖୁଣ୍ଟୁଣୀ, ରତାଗଡ଼, ନାଉପୁଟ ଓ ହରିଠା ଆଦି ଅଞ୍ଚଳର ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ।

# ପଞ୍ଚାୟତର ବିକାଶରେ ଦ୍ୱୈତ ଶାସନ ବାଧକ

**ନିଶ୍ଚିନ୍ତକୋଇଲି,୧୯।୨(ସ୍ୱ.ପ୍ର.)**



ବୈଠକରେ ଯୋଗଦେଇଥିବା ଅତିଥିମାନେ।

■ବିଦ୍ୟାଳୟରେ ଶିକ୍ଷକ, ଭିତ୍ତିଭୂମିର ଅଭାବ
■ପାନୀୟ ଜଳ ପ୍ରକଳ୍ପ ଅଚଳ

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବାବୁଜଙ୍ଗ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଏହାର ବିକାଶରେ ଦ୍ୱୈତ ଜିଲାର ଶାସନ ବାଧକ ସାଜିଛି ବୋଲି ବୁଧବାର ଏକ ପ୍ରଶାସନିକ ବୈଠକରେ ଅଭିଯୋଗ ହୋଇଛି। ବୈଠକରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଲୋକ ପ୍ରତିନିଧି ଯୋଗଦେଇ କହିଥିଲେ, କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ବାବୁଜଙ୍ଗ ପଞ୍ଚାୟତ ରହିଛି। ମାତ୍ର ଏହାର ସ୍ୱାସ୍ଥ୍ୟ, ଶିକ୍ଷା, ଆଇସିଡିଏସ ଓ ସମାଜମଙ୍ଗଳ ବିଭାଗ ଆଦି ଜଗତ୍‌ସିଂହପୁର ଜିଲାର ରଘୁନାଥପୁର ବ୍ଲକ ଅଧୀନରେ ରହିଛି। ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଏହି ପଞ୍ଚାୟତ ପ୍ରତି ଅଧିକ ଦୃଷ୍ଟି ଦିଆଯାଉନାହିଁ। ଏସବୁ ବିଭାଗ ଅଧୀନରେ ହେଉଥିବା କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ ନାହିଁ। ଫଳରେ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ରହିଛି। ପଞ୍ଚାୟତର ୭ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ କେବଳ ଗୋଟିଏ ଅଙ୍ଗନୱାଡି କେନ୍ଦ୍ରର ସ୍ଥାୟୀ ଗୃହ ରହିଛି। ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ମିଳିପାରିନାହିଁ। ଅନେକ ସ୍ଥାନରେ ବିଦ୍ୟୁତ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏନେଇ ଅଭିଯୋଗ ସତ୍ତ୍ୱେ ମଧ କୌଣସି ସମାଧାନ ହେଉନାହିଁ। ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିବା ବେଳେ ଏଯାବତ୍ ୨ ଗ୍ରାମକୁ ପାନୀୟ ଜଳ ସୁବିଧା ନାହିଁ। ଚାଷ ଏଠିକାର ମୁଖ୍ୟ ଜୀବିକା ହୋଇଥିବା ବେଳେ ମାଙ୍କଡ଼ ଉପଦ୍ରବ ପାଇଁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏନେଇ ପଞ୍ଚାୟତବାସୀ ଅଭିଯୋଗ କଲେ ଉଭୟ ଜିଲା ପ୍ରଶାସନ ପରସ୍ପର ଉପରେ ଦୋଷ ଲଦୁଛନ୍ତି।

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏହି ପଞ୍ଚାୟତକୁ ଆଦର୍ଶ ଗ୍ରାମଭାବେ ଘୋଷଣା କରିବା ପରେ ଏହାର ଉନ୍ନତି ପାଇଁ ପ୍ରଶାସନିକସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ବୁଧବାର ଏକ ବୈଠକ ଆୟୋଜନ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ସମିତି ଅଧକ୍ଷା ସବିତା ଓଝା ପୌରୋହିତ୍ୟ କରିଥିଲେ। ଅତିଥିଭାବେ ସାଂସଦ ଆଦର୍ଶ ଗ୍ରାମ ଯୋଜନାର ରାଜ୍ୟ ସଂଯୋଜକ ଚିନ୍ମୟ ସାହୁ ଯୋଗଦେଇ କହିଥିଲେ, ପଞ୍ଚାୟତର ବିକାଶ ପାଇଁ ସ୍ୱତନ୍ତ୍ର ଗ୍ରାମ ସଭାକରି ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଉଛି। ପଞ୍ଚାୟତ ଓ ବ୍ଲକରେ ଏହି ମାଷ୍ଟରପ୍ଲାନ ଅନୁମୋଦନ ହେବା ପରେ ଜିଲାପାଳଙ୍କ ଦ୍ୱାରା ଏହାକୁ ସ୍ୱୀକୃତି ଦିଆଯିବ। ଅନ୍ୟତମ ଅତିଥିଭାବେ କଟକ ଏପିଡି ଧରିତ୍ରୀ ବେହେରା ଯୋଗଦେଇ ଦ୍ୱୈତ ଶାସନରୁ ମୁକ୍ତ ହେବା ପାଇଁ ପଞ୍ଚାୟତବାସୀଙ୍କୁ ବିଭାଗୀୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଡିଓ କର୍ଣ୍ଣଦେବ ସମାଦ୍ଦାର ଆଦର୍ଶ ସାଂସଦ ଗ୍ରାମ ଉପରେ ଟିପ୍ପଣୀ ଦେଇଥିବାବେଳେ ଜିପିଓ ଜନ୍ମେଜୟ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ବିଡିଓ ସୁଶାନ୍ତ ରଣା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସରପଞ୍ଚ ସବିତା ସେଠୀ, ସମିତି ସଭ୍ୟା ସସ୍ମିତା ମଲିକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ନାୟକ ଓ ଯନ୍ତ୍ରୀ ଅନାମ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ବୈଠକରେ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମାଜ ମଙ୍ଗଳ ବିଭାଗ ଓ ଜଳସେଚନ ବିଭାଗ ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ କଟକ ଜିଲାପାଳଙ୍କୁ ଅବଗତ କରାଇବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା।

# ବାଙ୍କୀ ଡବଲ ମର୍ଡର ଘଟଣା: ଜଣେ କୋର୍ଟ ଚାଲାଣ

**ବାଙ୍କୀ,୧୯।୨(ସ୍ୱ.ପ୍ର.)**

ବାଙ୍କୀ ଡବଲ୍ ମର୍ଡର ଘଟଣାର ୫ ଦିନ ପରେ ପୋଲିସ ହାତରେ ଜଣେ ଅଭିଯୁକ୍ତ ଧରାପଡ଼ିଛି। ସେ ହେଲେ ବଳଭଦ୍ର ପ୍ରଧାନ ଓରଫ ବଳିଆ(୨୮)। ବୁଧବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତ ଦାୟିତ୍ୱରେ ଥିବା ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ପୋଲିସ ପକ୍ଷରୁ ତାଙ୍କ ବିରୋଧରେ ୩୦୨, ୧୪୭, ୧୪୮, ୧୨୦(ବି) ଏବଂ ୧୪୯ ଆଇପିସି ଆଦି ଦଫା ଲଗାଯାଇଛି। ଜାମିନ ନାମଞ୍ଜୁର ହେବାରୁ ବଳିଆଙ୍କୁ ବାଙ୍କୀ ଉପଖଣ୍ଡ ଉପକାରାଗାରକୁ ପଠାଇ ଦିଆଯାଇଛି। ତଦନ୍ତ ଚାଲିଥିବାରୁ ବିଶ୍ୱାଳ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଅଧିକ ସୂଚନା ଦେବାକୁ ମନା କରିଦେଇଥିବା ବେଳେ ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଗତ ୧୫ ତାରିଖ ଅପରାହ୍ନରେ ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଞ୍ଜି ଜଳସେଚନ ପ୍ରକଳ୍ପ ନିକଟରେ ଏହି ଡବଲ୍ ମର୍ଡର ହୋଇଥିଲା। ନୂଆଗାଁ ପଞ୍ଚାୟତ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଏବଂ ଖଜୁରିପଦା ଗ୍ରାମର ୱେବ୍ ଚ୍ୟାନେଲ ଖବରଦାତା ଆଦିତ୍ୟ କୁମାର ରଣସିଂହଙ୍କୁ ଦୁର୍ବୃତ୍ତମାନେ ମାରଣାସ୍ତ୍ର ସାହାଯ୍ୟରେ ଗୋଡ଼ାଇ ଗୋଡ଼ାଇ ହାଣି ଥିଲେ। ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଆଦିତ୍ୟଙ୍କ କକା ପୁଅ ଭାଇ ତଥା ଘଟଣାର ପ୍ରତ୍ୟକ୍ଷଦର୍ଶୀ ମାନସରଞ୍ଜନ ସିଂ ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୩୯/୨୦)ରୁଜୁ ହୋଇଥିଲା।


ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟକୁ ନେଉଛି।

# ଶାନ୍ତିଶୃଙ୍ଖଳାରେ ସରିଲା ମାତୃଭାଷା


ବଡ଼ମ୍ବାର ଏକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି।

**ତିଗିରିଆ/ମାହାଙ୍ଗା/ବଡ଼ମ୍ବା/ବାଙ୍କୀ/ଆଠଗଡ଼, ୧୯।୨(ଡି.ଏନ୍.ଏ./ସ୍ୱ.ପ୍ର.)**

**ମାଟ୍ରିକ ପରୀକ୍ଷା**

ମାଟ୍ରିକ ପରୀକ୍ଷାର ଆରମ୍ଭ ହେବାସହ ପ୍ରଥମ ପେପର ମାତୃଭାଷା ବୁଧବାର କଟକ ଜିଲାର ବିଭିନ୍ନ ସେଣ୍ଟରରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏହି ଅବସରରେ ତିଗିରିଆ ବ୍ଲକର ୬ କେନ୍ଦ୍ରରେ ୧୧୬୫ ଜଣ ଛାତ୍ରୀଛାତ୍ର ମାତୃଭାଷା (ଓଡିଆ) ପରୀକ୍ଷା ଦେଇଥିଲେ। ମାହାଙ୍ଗା ବ୍ଲକର ୧୨ ପରୀକ୍ଷା କେନ୍ଦ୍ରରେ ୨୨୦୫ ଜଣ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ବ୍ଲକର ଶୁକ୍ଳେଶ୍ୱରସ୍ଥିତ ଭଗବତୀ ବିଦ୍ୟାପୀଠକୁ ନୋଡାଲ କେନ୍ଦ୍ର କରାଯାଇଛି । ୫ ଟିମ୍ ମାଧମରେ ପ୍ରତ୍ୟେକ କେନ୍ଦ୍ରକୁ କଡା ସୁରକ୍ଷା ବଳରେ ପ୍ରଶ୍ନପତ୍ର ପଠାଯାଇଥିଲା । ବଡମ୍ବାର ୯ ପରୀକ୍ଷା କେନ୍ଦ୍ରରେ ୧୭୦୨ ଜଣ ଏହି ପରୀକ୍ଷା ଦେଇଥିବା ବେଳେ ସେଥିରୁ ୭ କେନ୍ଦ୍ରରେ ୧୮ଜଣ ପରୀକ୍ଷାର୍ଥୀ କୌଣସି କାରଣରୁ ଅନୁପସ୍ଥିତ ଥିଲେ। ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ୮୩୨ଜଣ ଛାତ୍ରୀ ଓ ୮୫୨ଜଣ ଛାତ୍ର ଥିଲେ। ବାଙ୍କୀ ବ୍ଲକର ୭ କେନ୍ଦ୍ରରେ ୧୧୩୨ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ଡମପଡ଼ା ବ୍ଲକର ୮ କେନ୍ଦ୍ରରେ ୧୨୨୪ ଜଣ ପରୀକ୍ଷା ଦେଇଥିଲେ। ବାଙ୍କୀ ବ୍ଲକ ପାଇଁ କଳାପଥର ଧଳାପଥର ଉଚ୍ଚବିଦ୍ୟାଳୟକୁ ନୋଡାଲ ସେଣ୍ଟର ଓ ଡମପଡ଼ା ବ୍ଲକ ପାଇଁ ବି.କେ.ବିଦ୍ୟାପୀଠକୁ ନୋଡାଲ ସେଣ୍ଟର କରଯାଇ କଡା ସୁରକ୍ଷା ଭିତରେ ପ୍ରଶ୍ନପତ୍ରଗୁଡ଼ିକୁ ବିଭିନ୍ନ କେନ୍ଦ୍ରକୁ ପଠାଯାଇଥିଲା। ବାଙ୍କୀ ବ୍ଲକ ଶିକ୍ଷାଅଧିକାରୀ ଅଶୋକକୁମାର ମହାନ୍ତି ଓ ଡମପଡ଼ା ଶିକ୍ଷାଅଧିକାରୀ ପ୍ରତିମା ସୁନ୍ଦରୀ ଦଳେଇଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳନା କରାଯାଇଛି। ମାଧ୍ୟମିକ ଶିକ୍ଷାବୋର୍ଡର ଫ୍ଲାଇଙ୍ଗ ସ୍କ୍ୱାଡ୍ ଓ ପୋଲିସ ଅଧିକାରୀମାନେ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଆଠଗଡ଼ ବ୍ଲକର ୧୩ କେନ୍ଦ୍ରରେ ୩୫ ହାଇସ୍କୁଲର ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଛନ୍ତି। ବ୍ଲକ ଅଧୀନ ଲୋକନାଥ ବିଦ୍ୟାପୀଠ, ଅନନ୍ତବେଉରା ବିଦ୍ୟାପୀଠ ଓ ଅଚ୍ୟୁତାନନ୍ଦ ବିଦ୍ୟାପୀଠରେ ସିସିଟିଭି ଲଗାଯାଇଛି।

# ୯୦ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ନାହିଁ

**ଭୁବନେଶ୍ୱର, ୧୯।୨(ବ୍ୟୁରୋ)**

ରାଜ୍ୟର ୯୦ଟି ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ଗୃହ ନାହିଁ। ପିଲାମାନେ ବାହାରେ ବସି ପାଠ ପଢୁଛନ୍ତି। ୧୧୫ ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ। ୩୧୫ ବିଦ୍ୟାଳୟରେ ସର୍ବନିମ୍ନ ସଂଖ୍ୟକ ୧୦ରୁ କମ୍ ପିଲା ପାଠ ପଢୁଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବୁଧବାର ବିଧାନସଭାରେ ବିଧାୟକ ମୋହନ ଚରଣ ମାଝୀ ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ କରିଥିଲେ। ଓଡ଼ିଶାରେ କେତେ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ନାହିଁ, କେତେ ସଂଖ୍ୟକ ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ, କେତେ ବିଦ୍ୟାଳୟରେ ସର୍ବନିମ୍ନ ସଂଖ୍ୟକ ପିଲା ନାହାନ୍ତି, କେତେ ସଂଖ୍ୟକ ହାଇସ୍କୁଲରେ କମ୍ପ୍ୟୁଟର ଥିଲେ ମଧ୍ୟ ବିଦ୍ୟୁତ୍ ନାହିଁ ବୋଲି ବିଧାୟକ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ କହିଥିଲେ, ପ୍ରାୟ ୧୦୪୮ ହାଇସ୍କୁଲରେ କମ୍ପ୍ୟୁଟର ନାହିଁ। ୨୮ଟି କମ୍ପ୍ୟୁଟର ଥିବା ହାଇସ୍କୁଲରେ ବିଦ୍ୟୁତ୍ ସଂଯୋଗ ଥିବାବେଳେ ବିଦ୍ୟୁତ୍ କାର୍ଯ୍ୟକାରୀ ହେଉନାହିଁ। ୨୬୧୦ ବିଦ୍ୟାଳୟରେ ପାଠାଗାର ନାହିଁ ଓ ୪୭୦ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ବିଧାୟକ ଅମର ଶତପଥୀ ରାଜ୍ୟରେ କେତେ ସଂଖ୍ୟକ ଉଚ୍ଚ ବିଦ୍ୟାଳୟ ଅଛି, କେତୋଟିରେ ପ୍ରଧାନଶିକ୍ଷକ ନାହାନ୍ତି ଏବଂ ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ ପଦବୀ ପୂରଣ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ରାଜ୍ୟରେ ମୋଟ ୮୦୭୬ ଉଚ୍ଚ ବିଦ୍ୟାଳୟ ୨୫୮୫ ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲି ରହିଛି। ନ୍ୟାୟାଳୟରେ ମାମଲା ପଡ଼ିଥିବାରୁ ପଦୋନ୍ନତି ହୋଇପାରୁନି କି ଖାଲି ପଦବୀ ପୂରଣ ହୋଇପାରୁନି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

# ସେମିଫାଇନାଲରେ ଢେଙ୍କାନାଳ ଦଳ

**ଆଠଗଡ,୧୯।୨(ସ୍ୱ.ପ୍ର.)**

**ପ୍ରଦୋଷ- ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ମାଜିଷ୍ଟ୍ରେଟ୍ କ୍ରିକେଟ କ୍ଲବ ଆଠଗଡ଼ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ୧୬ତମ ପ୍ରଦୋଷ-ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିଏଫ୍‌ସି ଭୁବନେଶ୍ୱର କ୍ଲବକୁ ହରାଇ ଢ଼େଙ୍କାନାଳ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ଢ଼େଙ୍କାନାଳ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିଥିଲା। ଦଳର ସୁନିଲ ସାହୁଙ୍କ ୪୯ରନ୍ ଓ ବିକାଶ ରାଉତଙ୍କ ୪୮ରନ୍ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୧୦ରନ୍ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ନିର୍ଦ୍ଧାରିତ ଓଭରରେ ୧୪୯ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଢ଼େଙ୍କାନାଳ ଦଳ ବିଜୟୀ ହୋଇଥିଲା। ଢେଙ୍କାନାଳର ବିକାଶ ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ମ୍ୟାଚକୁ ପ୍ରିୟରଞ୍ଜନ ଗୋଛାୟତ ଓ ମନୋରଞ୍ଜନ ମହାନ୍ତି ପରିଚାଳନା କରିଥିଲେ।

# ରାଜ୍ୟ ସମବାୟ କର୍ମଚାରୀଙ୍କ ଧାରଣା


ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି ।

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ରାଜ୍ୟ ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ବୁଧବାର ୮ ଦଫା ଦାବି ନେଇ ସ୍ଥାନୀୟ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। ରାଜ୍ୟ ପ୍ରାଥମିକ ସମବାୟ ସମିତି ଓ ଲ୍ୟାମ୍ପସ୍‌ଗୁଡ଼ିକରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ୭ମ ବେତନ ଆଧାରରେ ବେତନ, ପ୍ରଶାସନିକ ପାଣ୍ଠି କାର୍ଯ୍ୟକାରୀ କରିବା, ବଜେଟ୍‌ରେ ସବୁ ବର୍ଗର କର୍ମଚାରୀଙ୍କ ପାଇଁ ୩୦୦ କୋଟିର ବଜେଟ୍ ରଖିବା ପରି ମୋଟ ୮ଟି ଦାବି ନେଇ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ଗୁରୁବାର ମଧ୍ୟ ଏହି ଧାରଣା ଜାରି ରହିବାକୁ ଥିବାବେଳେ ପୂର୍ବାହ୍ନରେ ୯ତାଲା ନିକଟରେ ଥିବା ନିବନ୍ଧକ ସମବାୟ ସମିତି ସମ୍ମୁଖରେ ଧାରଣା ଦିଆଯିବ ବୋଲି ମହାସଂଘ ସଭାପତି ସୀତାରାମ ପ୍ରଧାନ ପ୍ରକାଶ କରିଛନ୍ତି। ଆୟୋଜିତ ଧାରଣାରେ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଖବରଦାତାଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବି

**ନରାଜ,୧୯।୨(ଡି.ଏନ୍.ଏ)**

ବାଙ୍କୀ ଅଞ୍ଚଳର କାର୍ଯ୍ୟରତ ୱେବ ପୋର୍ଟାଲ ଖବରଦାତାଙ୍କୁ ଗତ ଶନିବାର ନିର୍ମମ ଭାବରେ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ଆଞ୍ଚଳିକ ପ୍ରେସ୍ କ୍ଲବ ବାରଙ୍ଗ ପକ୍ଷରୁ ନିନ୍ଦା କରାଯାଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଖବରଦାତାମାନେ ଦାବି କରିଛନ୍ତି। ଏଥିସହ ଖବରଦାତା ସୁରକ୍ଷା ଆଇନ ପ୍ରଣୟନ ଓ ମୃତକଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ଦାବି ହୋଇଛି। ଏନେଇ ଆଞ୍ଚଳିକ ପ୍ରେସ୍ କ୍ଲବ ପକ୍ଷରୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବାରଙ୍ଗ ତହସିଲଦାର ରମେଶ ଚନ୍ଦ୍ର ଜେନାଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କ୍ଲବର ସଭାପତି ମହେନ୍ଦ୍ର ବେଉରା, ସନ୍ତୋଷ ପାଣି, ଟୁଲୁ ପାତ୍ର, କିଶୋର ସାହୁ, ପ୍ରଶାନ୍ତ ସାହୁ ଓ ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୧୪ରୁ ପଞ୍ଚୁଦୋଳ ଯାତ୍ରା

**ଆଠଗଡ,୧୯।୨(ସ୍ୱ.ପ୍ର.)**

ଆଠଗଡର ପସିଦ୍ଧ ପଞ୍ଚୁଦୋଳଯାତ୍ରା ମାର୍ଚ୍ଚ ୧୪ରୁ ଆରମ୍ଭ ହେବ। ଏନେଇ ଉପଜିଲାପାଳ ଅମିୟ କୁମାର ସାହୁଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୈଠକ ଗୃହରେ ଆୟୋଜିତ ଏହି ବୈଠକରେ ପ୍ରତିବର୍ଷ ପରି ୫୪ ଠାକୁର ମେଳଣରେ ଯୋଗଦେବା ପାଇଁ ସ୍ଥିର କରାଯାଇଥିଲା। ପାରମ୍ପରିକ ରୀତିନୀତି ଅନୁସାରେ ଠାକୁରଙ୍କ ବିମାନ ତଥା ସେବକ, ବାହକ ଓ ଟ୍ରଷ୍ଟିଙ୍କୁ ନିମନ୍ତ୍ରଣ କରିବା ଲାଗି କମିଟି ଗଠନ କରାଯାଇଥିଲା। ଏଥିରେ ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା, ଭବାନୀଶଙ୍କର ପଣ୍ଡା ଓ ଅନ୍ୟକର୍ମଚାରୀମାନଙ୍କୁ ସହଯୋଗ କରିବା ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ରାସ୍ତା ମରାମତି, ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର, ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ, ସୂଚନା ଲୋକସମ୍ପର୍କ ଅଧିକାରୀ ଗିରୀଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ଆଲୋଚନାରେ ବିଭିନ୍ନ ବଜାର ଓ ଗ୍ରାମ୍ୟ କମିଟିର ପ୍ରତିନିଧି ଅଂଶଗ୍ରହଣ କରିଥିଲେ।


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ

**ତିଗିରିଆ,୧୯।୨(ଡି.ଏନ୍.ଏ.)**


ମଦ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିବା ମହିଳାମାନେ।

■ନିଶାଦ୍ରବ୍ୟ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ପାଇଁ ଦାବି
■ବିଡିଓଙ୍କୁ ଲିଖିତ ଦାବିପତ୍ର ପ୍ରଦାନ

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତରୁ ମଦ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ମହିଳାମାନେ ଅଣ୍ଟା ଭିଡିଛନ୍ତି। ଏନେଇ ଏକ ଲିଖିତ ଦାବିପତ୍ର ମହିଳାମାନେ ବୁଧବାର ବିଡିଓ ପରେଶ କୁମାର ନାୟକଙ୍କୁ ପ୍ରଦାନ କରିଛନ୍ତି। ସ୍ଥାନୀୟ ସମିତିସଭ୍ୟା ଅନୁପମା ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ପାଞ୍ଚଗାଁ କଲ୍ୟାଣ ମଣ୍ଡପରୁ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସ୍ଥାନୀୟ ଅଞ୍ଚଳରୁ ଦେଶୀ ମଦ, ବିଦେଶୀ ମଦ ଓ ଗଞ୍ଜେଇ ବିକ୍ରି ଆଦି ବନ୍ଦ କରିବାକୁ ସେମାନେ ଦାବି କରିଥିଲେ। ଏହାପୂର୍ବରୁ କଟକ ଜିଲାପାଳଙ୍କ ଜନଶୁଣାଣି ଶିବିର, ବିଡିଓ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏଥିସହ ମହିଳାମାନେ ମଦ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇ ସମସ୍ୟାର ସ୍ଥାୟୀ ପ୍ରତିକାର ଦାବି କରିଛନ୍ତି। ନିଶା କାରବାର ଯୋଗୁ ସ୍ଥାନୀୟ ଅଞ୍ଚଳରେ ପାରିବାରିକ ଗଣ୍ଡଗୋଳ ଓ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଛି ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ନାୟକ କହିଛନ୍ତି, ମହିଳାଙ୍କ ଦାବି ବିଷୟରେ କଟକ ଜିଲାପାଳ, ଆଠଗଡ ଉପଜିଲାପାଳ ଓ ଆଠଗଡ ଅବକାରୀ ବିଭାଗ ସହ ଆଲୋଚନା କରାଯାଇଛି । ଆଲୋଚନା ପରେ ଅବକାରୀ ବିଭାଗ ପକ୍ଷରୁ ମଦ ବ୍ୟବସାୟୀମାନଙ୍କ ଉପରେ ବାରମ୍ବାର ଚଡାଉ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି।



ଜାତି ଓ ମାତୃଭୂମିର ଉନ୍ନତି ବିନା ଦେଶର ଉନ୍ନତି ଅସମ୍ଭବ।

- ବିଜୁ ପଟ୍ଟନାୟକ



## ସଂକ୍ଷେପରେ

### ୪ ଲକ୍ଷ ଟଙ୍କା ଦାଦାବଟି: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୯।୨(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ବିଭିନ୍ନ ବସ୍ତି ଓ ଅଫିସ୍‌ରେ ଦାଦାବଟି ମାଗିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଡମଣା ଅଞ୍ଚଳର ପ୍ରଭାତ କୁମାର ସେଠୀ। ପ୍ରଭାତ ଗତ ୮ ତାରିଖରେ ଚନ୍ଦ୍ରଶେଖରପୁର ମା' ମଙ୍ଗଳା ବସ୍ତି ଅଞ୍ଚଳରେ ଦୋକାନ କରିଥିବା ରବୀନ୍ଦ୍ର ପ୍ରଧାନଙ୍କୁ ୪ ଲକ୍ଷ ଟଙ୍କା ବଟି ମାଗିଥିଲେ। ରବୀନ୍ଦ୍ର ଅରାଜି ହେବାରୁ ତାଙ୍କ ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ରବୀନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮୩/୨୦ ନମ୍ବରରେ ମାମଲା ରୁଜୁ କରି ବୁଧବାର ପ୍ରଭାତଙ୍କୁ ଗିରଫ କରିଥିଲା। କୋର୍ଟରେ ତାଙ୍କର ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଜାଗରଯାତ୍ରାରେ ସ୍ୱଚ୍ଛତାକୁ ଗୁରୁତ୍ୱ

**ଭୁବନେଶ୍ୱର, ୧୯।୨(ବ୍ୟୁରୋ):** ଜାଗର ଯାତ୍ରା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ବିଭିନ୍ନ ବିଭାଗର ମିଳିତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯିବା ସହ ଦୁଇଟି ମୋବାଇଲ୍ ଟଏଲେଟ୍ ସହ ଏକ ସ୍ୱତନ୍ତ୍ର ସ୍ଥାନରେ ଅସ୍ଥାୟୀ ଟଏଲେଟର ସ୍ଥାପନ କରାଯାଇଛି। ଦୁଇଟି ମୋବାଇଲ ଟଏଲଟରେ ଏକକାଳୀନ ୨୦ଜଣ ଶୌଚ କରିବାର ସୁବିଧା କରାଯାଇଛି। ଶୌଚାଳୟର ତୁରନ୍ତ ପରିଚାଳନା, ଆବଶ୍ୟକୀୟ ମାତ୍ରାରେ ବ୍ଲିଚିଂ ପାଉଡର ସିଞ୍ଚନ ଆଦି ବିଏମ୍‌ସି ପକ୍ଷରୁ ନିଶ୍ଚିତ କରାଯାଇଛି। ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳାରେ ଆସି ଦର୍ଶନ ଏବଂ ମହାଦୀପ ଦର୍ଶନ କରିବେ ସେ ନେଇ ଭୂମି ସମତଳ, ଅସ୍ଥାୟୀ ସେଡ୍ କରାଯିବା ସହ ବିଏମ୍‌ସି ପକ୍ଷରୁ ଅସ୍ଥାୟୀ ଭଜନମଣ୍ଡପ ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସଙ୍କ ସମେତ ବିଏମ୍‌ସି ପକ୍ଷରୁ ୫୫ଜଣ ସିକ୍ୟୁରିଟି ଗାର୍ଡ ନିଯୋଜିତ ହେବେ। ଦିନକୁ ତିନିଥର ୧୦୦ଜଣ ସଫେଇବାଲା ଲିଙ୍ଗରାଜ ମନ୍ଦିର ବାହ୍ୟ ପରିସର ସଫା କରିବେ। ଭୁପୃଷ୍ଠ ଆବର୍ଜନା ନ ହେବାପାଇଁ ପର୍ଯ୍ୟାପ୍ତ ପରିମାଣର ଡଷ୍ଟବିନ୍ ରହିବ। ଲିଙ୍ଗରାଜ କମ୍ପ୍ଲେକ୍ସ, ବିଏମ୍ ହାଇସ୍କୁଲ ଏବଂ ସୁଭଦ୍ରା ମହତାବ ହାଇସ୍କୁଲରେ ଗାଡି ପାର୍କିଂ କରାଯିବାର ବ୍ୟବସ୍ଥା ହୋଇଛି। ଜୋତା ରଖିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଜୋତା ଷ୍ଟାଣ୍ଡ କରାଯିବା ସହ ସାଧାରଣଲୋକଙ୍କୁ ମାଗଣାରେ ଉପଲବ୍ଧ ହେବ। ଏହି ଷ୍ଟାଣ୍ଡ ଗୁଡ଼ିକୁ ଏନ୍‌ଜିଓ ସହଯୋଗରେ ପରିଚାଳନା କରାଯିବ। ପାଣି ଟ୍ୟାଙ୍କର, ସ୍ୱେଚ୍ଛାସେବୀ ଏବଂ ଆମ୍ବୁଲାନ୍ସ ସେବାକୁ ମଧ ଗୁରୁତ୍ୱ ଦିଆଯାଇଛି। ଜାଗର ଯାତ୍ରା ପରଦିନ ବିଏମ୍‌ସି ଅଧିକ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରି ପରିବେଶ ପରିଷ୍କାର କରିବ ବୋଲି ଜଣାପଡିଛି। ଏହା ସହିତ ଅଞ୍ଚଳର ସମସ୍ତ ମନ୍ଦିରକୁ ଆଲୋକୀକରଣ କରାଯିବ।

### ଅର୍ଦ୍ଧନାରୀଶ୍ୱର ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

**ପୁରୁଣା ଭୁବନେଶ୍ୱର, ୧୯।୨ (ଡି.ଏନ.ଏ.):** ବିଶ୍ୱର କଲ୍ୟାଣ ନିମନ୍ତେ ପୁରୁଣା ଭୁବନେଶ୍ୱରର ମହତାବ ରୋଡସ୍ଥିତ ଅର୍ଦ୍ଧନାରୀଶ୍ୱର ମନ୍ଦିରରେ କମିଟି ପକ୍ଷରୁ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଛି। ସୋମବାର ଅଙ୍କୁରାରୋପଣ, କଳସ ଯାତ୍ରା କରାଯାଇଥିଲା। ବହୁ ସ୍ୱନାମଧନ୍ୟ ପ୍ରବଚକ ଯୋଗ ପ୍ରବଚନ ଦେଇଥିଲେ। ଅର୍ଦ୍ଧନାରୀଶ୍ୱର ପୂଜା କମିଟି ପକ୍ଷରୁ ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଛୋଟ ମନ୍ଦିରକୁ ଅବହେଳା

**ପୁରୁଣା ଭୁବନେଶ୍ୱର, ୧୯।୨ (ଡି.ଏନ.ଏ.)**

ମହାଶିବରାତ୍ରି ଉପଲକ୍ଷେ ଏକାମ୍ର କ୍ଷେତ୍ର ଚଳଚଞ୍ଚଳ ହୋଇ ଉଠିଛି। ପ୍ରଶାସନ ପକ୍ଷରୁ କଂକ୍ରିଟ୍ ଟାଇଲ୍ ବିଛାଯାଇ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ମଣ୍ଡପ ଓ ଟେଣ୍ଟ ବ୍ୟବସ୍ଥା କରାଯାଇଛି। ମାତ୍ର ମିଳିତ ଉଚ୍ଛେଦ ଟିମ୍ ପକ୍ଷରୁ ସୌନ୍ଦର୍ଯ୍ୟକରଣ ଓ ବିକାଶ ଆଳରେ ମନ୍ଦିର ଚତୁଃପାର୍ଶ୍ୱରେ ରହିଥିବା ବିଭିନ୍ନ ଛୋଟ ମନ୍ଦିର ପୁନରୁଦ୍ଧାର କରିବା ଦୂରେ ଥାଉ ଏଗୁଡିକ ନିକଟରେ ନିର୍ମାଣ ଓ ଖନନ କାର୍ଯ୍ୟ ଚାଲୁଛି। ହେଲେ ଏହି ସମୟରେ କୌଣସି ସରକାରୀ ଅଧିକାରୀ ଉପସ୍ଥିତ ନ ରହିବା ଶ୍ରଦ୍ଧାଳୁ ଓ ଏକାମ୍ରବାସୀଙ୍କୁ ଏହା ବ୍ୟଥିତ କରିଛି। ଦକ୍ଷିଣ ଦ୍ୱାର ନିକଟରେ ଶ୍ରୀଲିଙ୍ଗରାଜ ମନ୍ଦିର ସମସାମୟିକ ଗଡ଼ ଗଣେଶ ମନ୍ଦିର, ଯାହାକି ଭକ୍ତକବି ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପରିସରରେ ରହିଥିଲା ଏବେ ବିଭାଗୀୟ ଅବହେଳା ଯୋଗୁ ଭୁଶୁଡି ପଡିବା ସ୍ଥିତିରେ। ଏହା ଦେଖି ବହୁ ସେବାୟତ ଓ ଶ୍ରଦ୍ଧାଳୁ

**ଏକାମ୍ର କ୍ଷେତ୍ରରେ ସୌନ୍ଦର୍ଯ୍ୟକରଣ, ବିକାଶ**

ସେହିପରି ଏହି ବିକାଶ ଯୋଜନା ଆରମ୍ଭ ସମୟରେ ପ୍ରାଥମିକତା ଭିତ୍ତିରେ ଉତ୍ତରଦ୍ୱାରା ନିକଟରୁ ବିନ୍ଦୁସାଗରର ମନୋରମ ଦୃଶ୍ୟ ଚଳିତ ମହାଶିବରାତ୍ରି ପୂର୍ବରୁ ଦେଖିବା ଆଶା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କର ମଉଳି ଗଲାଣି। ସରକାରୀ ଅଧିକାରୀ ହାତ ଗଣତି କେତୋଟି ଘରୋଇ ଜମି ଦୀର୍ଘମାସ ଧରି ଅଧିଗ୍ରହଣ କରି ନ ପାରିନାହାନ୍ତି। ପୂର୍ବରୁ ଏହି ସମସ୍ତ ମାପ ଚୁପ ସମୟରେ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରାମର୍ଶରେ ସବୁ କାର୍ଯ୍ୟ କରାଯାଉଥିଲା। ଏବେ ଦୁଇଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି। ପୂର୍ବରୁ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଠାକୁର ସମ୍ପତ୍ତି ପୂର୍ବରୁ ଅନେକ ଜବରଦଖଲ ସ୍ଥାନରେ ବୋର୍ଡ ମାରି ସମ୍ପତ୍ତି ସୁରକ୍ଷା ନେଇ ପଦକ୍ଷେପ ନିଆଯାଇଥିଲା। ମାତ୍ର ଏବେ ମିଳିତ ଉଚ୍ଛେଦ ଟିମ୍‌ର ବିଏମସି ଓ ପୂର୍ତ୍ତ ବିଭାଗର ଅଧିକାରୀ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱୟଙ୍କୁ ଏକ ପ୍ରକାର କୋଣ ଠେସା କରିଦେବା ପରି ମନେହୁଏ। ଦେବୀପାଦହରା ନିକଟରେ ବିଭିନ୍ନ ଘରୋଇ ଜମି ଯେଉଁଭଳି ଉଚ୍ଛେଦ କରାଯାଇ ସୌନ୍ଦର୍ଯ୍ୟକରଣରେ ସାମିଲ କରାଯାଇ ପାରିଲା ସେହିପରି ଉତ୍ତରଦ୍ୱାରଠାରୁ ବିନ୍ଦୁସାଗର ପର୍ଯ୍ୟନ୍ତ ଘରୋଇ ଜମି ଅଧିଗ୍ରହଣ ଆଗେଇ ପାରୁନି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ମିଳିତ ଉଚ୍ଛେଦ ଟିମ୍ ସାଧାରଣ କୋଠାବାଡ଼ି ଓ ରାସ୍ତା ନିର୍ମାଣ ପରି ଖାମଖିଆଲ ଭାବେ ମନ୍ଦିର ଚତୁଃପାର୍ଶ୍ୱ ଠିକାଦାରି ଜରିଆରେ ଖନନ ଓ ନିର୍ମାଣ କାର୍ଯ୍ୟ କରୁଥିବାରୁ ଏହି ଦୁଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପୂର୍ବପରି ସମସ୍ତ ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ସାମିଲ କରିବାକୁ ସାଧାରଣରେ ଦାବି ହୋଇଛି। ଏପରି ଅବହେଳା ସମ୍ପର୍କରେ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ ଦାସଙ୍କୁ ପଚାରିବାରୁ ଏସବୁ ଏକ ସ୍ୱାଭାବିକ ପ୍ରକ୍ରିୟା। କିଏ କିଭଳି ଅନୁଭବ କରୁଛି ଆମେ କହିପାରିବୁ ନାହିଁ ବୋଲି ସେ କହିଥିଲେ।

ଏହି ଗଡ଼ ଗଣେଶ ସମେତ ହାଟସାହି ଅଞ୍ଚଳରେ ଏଭଳି ଅନ୍ୟୁନ ୧୦ଗୋଟିରୁ ଊର୍ଦ୍ଧ୍ୱ ମନ୍ଦିର ପୁନରୁଦ୍ଧାର କରିବାକୁ ଦାବି ହୋଇଛି। ଶହ ଶହ ବର୍ଷର ଐତିହ୍ୟ ନିକଟରେ ଶକ୍ତି ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ବସାଇ ଯାଇଛି। ଏକ ପାଖରେ ନାଳ ନିର୍ମାଣ ପରେ ସାଧାରଣ ଲୋକେ ଶୌଚ ନିମନ୍ତେ ଓ ଅଳିଆଗଦା ପରି ଏଗୁଡିକୁ ବ୍ୟବହାର କରୁଛନ୍ତି ।

## ବିମାନବନ୍ଦରରେ କାର୍ଯ୍ୟରତ ମହିଳାଙ୍କୁ ନିର୍ଯାତନା

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଲାଉଞ୍ଜରେ କାର୍ଯ୍ୟରତ ଜଣେ ଚୁକ୍ତିଭିତ୍ତିକ ମହିଳା କର୍ମଚାରୀଙ୍କୁ ତାଙ୍କ ଉପରିସ୍ଥ ଅଧିକାରୀ ଅବିନାଶ ନନ୍ଦ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଏୟାରପୋର୍ଟ ଥାନାରେ ଅଭିଯୋଗ ହୋଇଛି। ଏନେଇ ୪୧/୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ମହିଳା ଜଣକ ୨୦୧୯ ମାର୍ଚ୍ଚରୁ ବିମାନବନ୍ଦରରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୭ବର୍ଷ ପାଇଁ ଚାକିରି କରିବେ ବୋଲି ସ୍ଥିର ହେବା ପରେ ସେ ଅବିନାଶଙ୍କୁ ୩୦ ହଜାର ଟଙ୍କା ଦେଇଥିଲେ। ଇତିମଧ୍ୟରେ ଅବିନାଶ ମହିଳାଙ୍କୁ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ଏଭଳି ନିର୍ଯାତନା ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କ ଗହଣରେ ଆଲୋଚନା ହୋଇ ସମାଧାନ ମଧ ହୋଇଥିଲା। କିନ୍ତୁ ଅବିନାଶଙ୍କ କଥାରେ ରାଜି ହୋଇ ନ ଥିବାରୁ ଗତ ଡିସେମ୍ବର ୩୧ରେ ଚାକିରି ଅବଧିକୁ ନବୀକରଣ କରା ନ ଯାଇ ଛଟେଇ କରାଗଲା ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ମହିଳାଙ୍କ ଅଭିଯୋଗ ପୂର୍ବରୁ ଅବିନାଶ ଥାନାରେ ଅଭିଯୋଗ କରିଛନ୍ତି। ସେ ବୁଧବାର ସନ୍ଧ୍ୟାରେ ଏୟାରପୋର୍ଟରୁ ବାହାରିବାବେଳେ

**୨ ମାମଲା ରୁଜୁ**

ତାଙ୍କୁ ମହିଳା ଜଣକ ଏବଂ ତାଙ୍କ ସ୍ୱାମୀ ଓ ଭାଇ ମାରପିଟ୍ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଏୟାରପୋର୍ଟ ଥାନାରେ ୪୦/୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଅବିନାଶ କହିଛନ୍ତି ଯେ, ଚୁକ୍ତି ମୁତାବକ ମହିଳାଙ୍କ ଚାକିରି ଡିସେମ୍ବରରେ ଶେଷ ହେବାରୁ ସେ ଛଟେଇ ହେଲେ। କିନ୍ତୁ ମହିଳା ଜଣକ ଆକ୍ରୋଶମୂଳକ ଭାବେ ମୋ ବିରୋଧରେ ଅଭିଯୋଗ ଆଣିଛନ୍ତି।

## ଦରଘା ପ୍ରବେଶଦ୍ୱାର ଭଙ୍ଗାବେଳେ ଉତ୍ତେଜନା



ଦୋକାନୀଙ୍କ ସହ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଆଲୋଚନା କରୁଛନ୍ତି।



ଦରଘା ପ୍ରବେଶ ଦ୍ୱାର ଭଙ୍ଗା ଯାଉଛି।

**କଟକ ଅଫିସ,୧୯।୨**

ଏସ୍‌ସିବି ମେଡିକାଲର ଉନ୍ନତୀକରଣ ଏବଂ ସମ୍ପ୍ରସାରଣ ପାଇଁ ଆଖପାଖ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଯୋବ୍ରା ଅଞ୍ଚଳରେ ଉଚ୍ଛେଦବେଳେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଦରଘା ଉଚ୍ଛେଦବେଳେ ଅଞ୍ଚଳବାସୀ ବିରୋଧ କରିଥିଲେ। ୱାକ୍‌ଫ ବୋର୍ଡ଼ର ଟ୍ରିବ୍ୟୁନାଲ୍‌ରେ ଦରଘାର ଜମିକୁ ନେଇ ମାମଲା ବିଚାରାଧୀନ ଥିବା ଯୋଗୁ ତାହାକୁ ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ଲୋକମାନେ କହିଥିଲେ। ଏହାକୁ

**ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ପାଇଁ ଜବରଦଖଲ ଉଚ୍ଛେଦ**

ନେଇ ଅଞ୍ଚଳବାସୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତହସିଲଦାର୍ ଜମି ମାପଚୁପ କରିଥିଲେ। ଏହାପରେ ସରକାରୀ ଜମିରେ ଥିବା ଦର୍‌ଘାର ପ୍ରବେଶ ଦ୍ୱାରକୁ ଭଙ୍ଗା ଯାଇଥିଲା। କେବଳ ଦର୍‌ଘା ନୁହଁ, ଏହା ପାଖରେ ଥିବା ୮ଟି ଦୋକାନ ଭାଙ୍ଗିବା ସମୟରେ ମଧ ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୋକାନର ମୂଲ୍ୟ ତୁଳନାରେ କ୍ଷତିପୂରଣ ରାଶି କମ୍ ଥିବାରୁ ଦୋକାନୀମାନେ ବିରୋଧ କରିଥିଲେ। ସେମାନେ ଉପଯୁକ୍ତ କ୍ଷତିପୂରଣ ଦାବି କରିବା ସହ ଉଚ୍ଛେଦକାରୀ ଦଳକୁ ଅଟକାଇ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଦୋକାନୀମାନଙ୍କ ସହ ଆଲୋଚନା କରିବା ପରେ ବିରୋଧ ପ୍ରତ୍ୟାହାର ହୋଇଥିଲା। ପରେ ଦୋକାନ ଭଙ୍ଗା ଯାଇଥିଲା। ଉଚ୍ଛେଦ ସମୟରେ ବିରୋଧ ଏବଂ ଅସନ୍ତୋଷ ପ୍ରକାଶ ପାଇବାର ଆଶଙ୍କା ଥିବାରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଅନ୍ତର୍ଜାତୀୟସ୍ତରରେ ଭାଷା, ସଂସ୍କୃତିର ପ୍ରସାର କରିବାକୁ ଉଦ୍ୟାନଙ୍କ ଆହ୍ୱାନ

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ସମସ୍ତେ ମିଶି ଅନ୍ତର୍ଜାତୀୟସ୍ତରରେ ଆମ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର କରିବାକୁ ଆହ୍ୱାନ ଦେଇଛନ୍ତି ଓଡ଼ିଶା ଗସ୍ତରେ ଆସିଥିବା ସାମାଜିକକର୍ମୀ ଅଗୁସ୍ ଇନ୍ଦ୍ର ଉଦ୍ୟାନ। ଭୁବନେଶ୍ୱରସ୍ଥିତ ସାମାଜିକ ଅନୁଷ୍ଠାନ ନିଶ୍ୱାସ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଜୀବନୀ ଏବଂ ଆଦର୍ଶକୁ ସର୍ବଦା ଆମ ଜୀବନରେ ଜୀବନ୍ତ ରଖିବାକୁ ହେବ। ଏହାଦ୍ୱାରା ଆମେ ସାମାଜିକ ଏବଂ ଆଧାତ୍ମିକ ଭାବେ ଉନ୍ନତି କରିପାରିବା। ଗାନ୍ଧିଜୀଙ୍କ ପରି ଆମେ କର୍ମବୀର ହୋଇପାରିବା। ସୁଦୂର ଇଣ୍ଡୋନେସିଆରେ ଦୀର୍ଘ ଦୁଇ ଦଶନ୍ଧି ଧରି ସମାଜ ସେବାରେ ନିୟୋଜିତ ଥିବା ଇନ୍ଦ୍ର ଉଦ୍ୟାନ କଳିଙ୍ଗ–ବାଲିର ସଙ୍ଗମ ନେଇ ଅନେକ ପଦକ୍ଷେପ ନେଇଛନ୍ତି। ଏଥିଲାଗି ଚଳିତବର୍ଷ କେନ୍ଦ୍ର ସରକାର ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏଥିରେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସକ ବିବେକ ପଟ୍ଟନାୟକ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ରାଧାକୃଷ୍ଣ ନାୟକ ଇନ୍ଦ୍ର ଉଦ୍ୟାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ନାଗେଶ୍ୱର ଟାଙ୍ଗୀରୁ ହଟିଲାନି ଗଛ



**ପୁରୁଣା ଭୁବନେଶ୍ୱର, ୧୯।୨ (ଡି.ଏନ.ଏ.)**

**ଫନୀ ବାତ୍ୟାକୁ ୧୦ ମାସ ବିତିଲା**

ଫନୀ ବାତ୍ୟାକୁ ୧୦ ମାସ ବିତିଗଲାଣି। ହେଲେ ସ୍ମାର୍ଟସିଟିର ନାଗେଶ୍ୱର ଟାଙ୍ଗୀରେ ଅଦ୍ୟାବଧି ଏକ ପୁରୁଣା ବରଗଛ ନ କଟା ଯିବାରୁ ରାସ୍ତା ଅବରୋଧ ହୋଇରହିଛି। ପ୍ରତ୍ୟହ ଏହି ବାଟ ଦେଇ ନାଗେଶ୍ୱର ମନ୍ଦିରକୁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ପର୍ଯ୍ୟଟକମାନେ ମଧ ଯାତାୟାତ କରିଥାନ୍ତି। ସେହିଭଳି ବର୍ଷେ ଧରି ବିନା କାଉନସିଲ୍‌ରେ ବିଏମସି ଚାଲି ଥିବାରୁ ସ୍ଥାନୀୟ ଜନପ୍ରତିନିଧି ମଧ ଘଟଣାପ୍ରତି ଭ୍ରୂକ୍ଷେପ କରୁନାହାନ୍ତି, ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ସରକାର ଫନୀ ବାତ୍ୟାକୁ ଉପଯୁକ୍ତ ଢଙ୍ଗରେ ମୁକାବିଲା କରିଥିବା ନେଇ ଜାତିସଂଘରେ ପ୍ରଶଂସିତ ହୋଇଥିବାବେଳେ ରାଜଧାନୀରେ ଏହି ବ୍ୟତିକ୍ରମକୁ ନେଇ ବୁଦ୍ଧିଜୀବୀ ମହଲରେ ବିଭିନ୍ନ କଳ୍ପନା ଜଳ୍ପନା ଚାଲିଛି। ଏ ନେଇ ପୂର୍ବତନ କର୍ପୋରେଟର ନୃପେଶ ନାୟକଙ୍କୁ ପଚାରିବାରୁ ଗଛଟି ୨୦୦ବର୍ଷର। ଏ ସମ୍ପର୍କରେ ବିଏମସି ଅଧିକାରୀମାନେ ଅବଗତ ରହିଛନ୍ତି। ଜାଗାଟି ସଂକୋଚିତ ଏବଂ ଗଛଟି ବୃହତ୍ତାକାର ହୋଇଥିବାରୁ ଏଠାରେ କୌଣସି ଡ୍ରୋଜର କିମ୍ବା କ୍ରେନ ଆସିବା ସମ୍ଭବ ହୋଇପାରୁନାହିଁ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ରୁ ଊର୍ଦ୍ଧ୍ୱ କାଠୁରିଆଙ୍କୁ ଲଗାଇ ୨ ମାସ ପର୍ଯ୍ୟନ୍ତ କାଟିଥିଲେ ହେଁ କୌଣସି ପ୍ରଭାବ ପଡି ନ ଥିଲା। ଖୁବ୍‌ଶୀଘ୍ର କାଠୁରିଆଙ୍କୁ ଲଗାଇ ଗଛଟି ହଟାଯିବ ବୋଲି ସେ କହିଥିଲେ।

## ସ୍ମାର୍ଟ ଜନପଥ କାର୍ଯ୍ୟରେ ବାଧକ ସାଜିଛି ଡ୍ରେନ୍, ଭୂତଳ କେବୁଲ କାମ

**ଭୁବନେଶ୍ୱର, ୧୯।୨(ବ୍ୟୁରୋ)**

ସ୍ମାର୍ଟ ଜନପଥ କାର୍ଯ୍ୟର ଅଗ୍ରଗତି ନେଇ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ) କର୍ତ୍ତୃପକ୍ଷଙ୍କ ଏକ ଆଭ୍ୟନ୍ତରୀଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ମାର୍ଟ ଜନପଥ କାର୍ଯ୍ୟ ଆସନ୍ତା ଜୁଲାଇ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ କେତେକ ସମସ୍ୟା ଯୋଗୁ ଆଶାନୁରୂପ ଆଗେଇପାରୁନି। ଓପିଟିସିଏଲ୍ ଓ ସେସୁ ଦ୍ୱାରା ଜନପଥର ବିଭିନ୍ନ ସ୍ଥାନରେ ଭୂତଳ କେବୁଲ ବିଛାଯିବା କାମ ଚାଲିଥିବାରୁ ସ୍ମାର୍ଟ ଜନପଥ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ନେଇ ଏବେ ଅନିଶ୍ଚିତତା ସୃଷ୍ଟି ହୋଇଛି। ସେହିଭଳି ବିଏମ୍‌ସି ପକ୍ଷରୁ ଡ୍ରେନ ନିର୍ମାଣ ପାଇଁ ରାସ୍ତା ଖୋଳାଯାଇଥିବାରୁ ବାଧା

**ସମୀକ୍ଷା ବୈଠକରେ ଅସନ୍ତୋଷ**

■ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁନି

ସୃଷ୍ଟି ହୋଇଛି। ଏହାକୁ ନେଇ ସମୀକ୍ଷା ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି।

ବିଏସ୍‌ସିଏଲର ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ସ୍ମାର୍ଟ ଜନପଥ କାର୍ଯ୍ୟ ଏଯାବତ୍ ମାତ୍ର ୪୦ରୁ ୪୫ ପ୍ରତିଶତ ସରିଛି। ଓପିଟିସିଏଲ୍ ପକ୍ଷରୁ କେବୁଲ ବିଛାଇବା ପାଇଁ ରାସ୍ତା ପାର୍ଶ୍ୱ ଅଧା ଖୋଳା ହୋଇ ପଡ଼ି ରହୁଥିବାରୁ ଆବଶ୍ୟକ କାର୍ଯ୍ୟ କରିହେଉନାହିଁ। ଭୂତଳ କେବୁଲ କାର୍ଯ୍ୟ କେବେ ସରିବ ସେନେଇ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଦିଆଯାଉନାହିଁ। ସେହିଭଳି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା କରାଯାଉଥିବା ନୂତନ ଡ୍ରେନେଜ୍ ପ୍ରକଳ୍ପ କାର୍ଯ୍ୟ ମଧ ଜାରି ରହିଛି। ତେଣୁ ବିଭିନ୍ନ ସ୍ଥାନରେ ହୋଇଥିବା ସ୍ମାର୍ଟ ଜନପଥ କାର୍ଯ୍ୟ ମଧ ପ୍ରଭାବିତ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ସମନ୍ୱୟର ଅଭାବ ଯୋଗୁ ଆଜି ସ୍ମାର୍ଟ ଜନପଥ କାର୍ଯ୍ୟ ପଛାଇଛି ବୋଲି ଅଧିକାରୀ ଜଣକ ପ୍ରକାଶ କରିଛନ୍ତି।

**୨୫ରେ ମଞ୍ଚେଶ୍ୱର ଭୂତଳ କେବୁଲ୍ ଚାର୍ଜ**

ଜନପଥରେ ସେସୁ ଭୂତଳ କେବୁଲ ବିଛାଉଛି। ଏଥିରେ ଓପିଟିସିଏଲ ଆନୁଷଙ୍ଗିକ ଭାବେ ସହଯୋଗ କରୁଛି। ଆସନ୍ତା ୨୫ ତାରିଖରେ ମଞ୍ଚେଶ୍ୱର ଅଞ୍ଚଳରେ ଭୂତଳ କେବୁଲ ଚାର୍ଜ ହେବ। ଏହାପରେ ଜନପଥରେ କେବୁଲ୍ ବିଛା କାର୍ଯ୍ୟ ସରିବ। ଆବଶ୍ୟକ ଯାଞ୍ଚ ପରେ ଚାର୍ଜ କରାଯିବ ବୋଲି ଓପିଟିସିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଦେଶର ନଂ.୧ ସ୍ମାର୍ଟସିଟି ଭୁବନେଶ୍ୱରରେ ଦୁଇଟି ସ୍ମାର୍ଟ ମାର୍ଗ ତିଆରି କରୁଛି ବିଏସ୍‌ସିଏଲ୍। ଜନପଥକୁ ସ୍ମାର୍ଟ ଜନପଥ ଓ ସଚିବାଳୟ ମାର୍ଗକୁ ସ୍ମାର୍ଟ ସଚିବାଳୟ ମାର୍ଗରେ ପରିଣତ ହେବ। ହେଲେ ଅନ୍ୟ ବିଭାଗୀୟ କାର୍ଯ୍ୟ ତ୍ୱରାନ୍ୱିତ ନ ହେବା, ପ୍ରାକୃତିକ ଦୁର୍ବିପାକକୁ ସାମ୍ନା କରିବା ଓ ୨୦୧୮ରେ ହୋଇଥିବା ୱାର୍ଲ୍ଡ କପ୍ ହକି ପରି ବଡ଼ ବଡ଼ ଇଭେଣ୍ଟ ପାଇଁ ସ୍ମାର୍ଟ ସିଟି କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସରିପାରୁ ନ ଥିବା ଜଣାପଡ଼ିଛି।

## 'ଅନ୍ୟ ପାଇଁ ଉଦାହରଣ ସାଜିବ ଓଡ଼ିଶା ଆଦର୍ଶ ବିଦ୍ୟାଳୟ'

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ଓଡ଼ିଶାର ୩୧୪ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯେପରି ଜଣେ ଜଣେ ମଡେଲ୍ ଭାବେ ଆଗକୁ ବଢ଼ିବେ ଏବଂ ଓଡ଼ିଶା ଶିକ୍ଷା କ୍ଷେତ୍ରରେ ବେଞ୍ଚମାର୍କ ସୃଷ୍ଟି କରି ଆଗାମୀ ଦିନରେ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିବେ ତାହାକୁ ଓଡ଼ିଶା ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଉପଦେଷ୍ଟା ଡ. ବିଜୟ କୁମାର ସାହୁ କହିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବଶିକ୍ଷା ସଶକ୍ତୀକରଣ ଭାରତ ସମ୍ମାନ–୨୦୨୦ରେ ଯୋଗଦେଇ ସେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମିଶନର ସମ୍ପୂର୍ଣ୍ଣ ବିବରଣୀ ଦେଇଥିଲେ। ବୈଷୟିକ ଜ୍ଞାନକୌଶଳ, ସ୍ୱଚ୍ଛତା, ଦଳଗତ କାର୍ଯ୍ୟ, ସମୟ ଓ ପରିବର୍ତ୍ତନ ଭଳି ଦୃଷ୍ଟିକୋଣ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରାଯାଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ୍ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏବଂ ଏନ୍‌ସିଆର୍‌ଟିର ଉଚ୍ଚପଦସ୍ଥ ଅଧିକାରୀ, ରାଷ୍ଟ୍ରୀୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗ, ବିଭିନ୍ନ ସ୍କୁଲର ପ୍ରିନ୍ସିପାଲ୍, ଶିକ୍ଷାବିତ୍ ଏବଂ ଦେଶର ବିଭିନ୍ନ ଏଡୁଟେକ୍ ସଂସ୍ଥାମାନ ଯୋଗଦେଇଥିଲେ।





ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ପ୍ରଗତି ଅନୁଷ୍ଠାନ ପକ୍ଷରୁ ବୁଧବାର ଆୟୋଜିତ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ସାରେଗାମା'ରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ମହାଶିବରାତ୍ରି ପାଇଁ ଟ୍ରାଫିକ କଟକଣା

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ବା ମହାଶିବରାତ୍ରି ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ଏହାକୁ ସୁରକ୍ଷିତ ତଥା ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବୁଧବାର ଟ୍ରାଫିକ୍ କଟକଣା ଜାରି କରାଯାଇଛି। ବିଜ୍ଞପ୍ତି ଅନୁସାରେ, ମାଉସୀ ମା' ପାର୍ଶ୍ୱରୁ ଆସୁଥିବା ଚାରିଚକିଆ ଗାଡ଼ିଗୁଡ଼ିକୁ ରଥ ରୋଡ୍‌କୁ ଛଡାଯିବ ନାହିଁ। ଉକ୍ତ ଗାଡ଼ିଗୁଡ଼ିକ ବିବେକାନନ୍ଦ ମାର୍ଗରେ ସାନାଟୋରିୟମ ଛକଦେଇ କଚରାପିଣ୍ଡି ପର୍ଯ୍ୟନ୍ତ ଯାଇ କେଦାରଗୌରୀ ମନ୍ଦିର ରାସ୍ତାର ଉଭୟ ପାର୍ଶ୍ୱରେ ପାର୍କିଂ କରିବେ। ଭିଆଇପି ଗାଡ଼ିଗୁଡିକ ରଥ ରୋଡ୍‌ରେ ଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାର ପର୍ଯ୍ୟନ୍ତ ଯାଇ ତିନିମୁଣ୍ଡିଆ ଓ ବଢେଇବାଙ୍କ ଠାରେ ପାର୍କିଂ କରିବେ। ସେହିପରି ରବିଟକିଜ୍ ପଟରୁ ଆସୁଥିବା ସମସ୍ତ ଗାଡି କଚରାପିଣ୍ଡି ପର୍ଯ୍ୟନ୍ତ ଯିବେ। ସେଠାରେ ଚାରିଚକିଆ ଯାନଗୁଡିକ କେଦାର ଗୌରୀ ମନ୍ଦିର ରାସ୍ତାର ଉଭୟ ପାର୍ଶ୍ୱରେ ଓ ଦୁଇ ଚକିଆ ଯାନଗୁଡିକ କଚରାପିଣ୍ଡିରୁ କୋଟିତୀର୍ଥ ଗଳିରୁ ବାମକୁ ଯାଇ ଅନନ୍ତ ବାସୁଦେବ ମନ୍ଦିରର ରାସ୍ତା ପାର୍ଶ୍ୱରେ ପାର୍କିଂ କରିବେ। ଗ୍ୟାରେଜ ଛକ ଓ ସାମନ୍ତରାପୁର ପଟରୁ ଆସୁଥିବା ସମସ୍ତ ଗାଡ଼ି ବିଦ୍ୟୁତ୍ ସବ୍‌ଷ୍ଟେଶନ ଦେଇ ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସ ପରିସରରେ ପାର୍କିଂ କରିବେ। କେଉଟ ସାହି ପଟରୁ ଆସୁଥିବା ଗାଡିଗୁଡିକ କେଦାର ଗଳି ତାରିଣୀ ରିସର୍ଟ ଓ ସବ୍‌ଷ୍ଟେଶନ ଦେଇ ମାର୍କେଟ କମ୍ପ୍ଲେକ୍ସକୁ ଯିବେ। ଦକ୍ଷିଣ କାଳୀ ମନ୍ଦିର ରାସ୍ତା ଓ ତାରା ସୁନ୍ଦରୀ ରାସ୍ତା ପଟରୁ ଆସୁଥିବା ସମସ୍ତ ଗାଡିଗୁଡିକୁ ଏସଏମ୍ ହାଇସ୍କୁଲ ଓ ବିଏମ୍ ହାଇସ୍କୁଲ ପଡିଆରେ ପାର୍କିଂ କରିବେ। ପୁନାମା ଗେଟ୍ ପଟରୁ ଆସୁଥିବା ସମସ୍ତ ଚାରି ଚକିଆଗାଡିକୁ ରାମେଶ୍ୱର ପାଟଣା ଛକରୁ ବଢେଇବାଙ୍କ ଆଡକୁ ଛଡା ନ ଯାଇ ଆର୍‌ଆଇ କାର୍ଯ୍ୟାଳୟ ପଡିଆ ପାର୍କିଂ ସ୍ଥଳକୁ ଛଡ଼ାଯିବ।

ଅନ୍ୟପକ୍ଷରେ ରଥ୍ ରୋଡକୁ ଆସୁଥିବା ସମସ୍ତ ଦୁଇ ଚକିଆ ଯାନ ବଢେଇବାଙ୍କ ଦେଇ ଏସ୍‌ଏମ୍ ହାଇସ୍କୁଲ ଓ ବିଏମ୍ ହାଇସ୍କୁଲ ପଡିଆରେ ପାର୍କିଂ କରିବେ। ସମସ୍ତ ବସ ଗ୍ୟାରେଜ୍ ଛକରୁ ବିଦ୍ୟୁତ୍ ସବ୍‌ଷ୍ଟେଶନ ଛକଦେଇ ମାର୍କେଟ କମ୍ପ୍ଲେକ୍ସକୁ ଯାଇ ସେଠାରେ ପାର୍କିଂ କରିବେ। ତେବେ ବିନ୍ଦୁସାଗର ପଟରୁ ଭଜନ ମଣ୍ଡପ ଆଡକୁ କୌଣସି ଯାନ ଛଡାଯିବ ନାହିଁ। ହାଟ ସାହି ଛକରୁ ଭଜନ ମଣ୍ଡପ, ଭଜନ ମଣ୍ଡପଠାରୁ ବଢେଇବାଙ୍କ ଓ ସିଂହଦ୍ୱାରଠାରୁ ବିଦ୍ୟୁତ୍ ସବଷ୍ଟେଶନ ବ୍ଲକିଂ ସ୍ଥାନ ପର୍ଯ୍ୟନ୍ତ ରାସ୍ତାଗୁଡ଼ିକୁ ପଦଚାରୀ ଜୋନ୍ ହିସାବରେ ଘୋଷଣା କରାଯାଇଛି। କେବଳ ଭିଆଇପି ଗାଡିଗୁଡିକ ଉତ୍ତର ଦ୍ୱାର ସାମ୍ନାରେ ଥିବା ନିର୍ଦ୍ଧାରିତ ସ୍ଥାନରେ (ରଥ ଖଳା ଓ ବଢେଇବାଙ୍କ ମଧ୍ୟରେ) ପାର୍କିଂ କରିବେ। ଏହି ବିଜ୍ଞପ୍ତି ଆସନ୍ତା ୨୧ତାରିଖ ସକାଳ ୨ଟାରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ତଥା ଜନସମାଗମ ଅପସାରିତ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ବଡ଼େ ସ୍ପର୍ଦ୍ଧା, ତ୍ୟାଗରେ ବଡ଼େ ମହତ୍ତ୍ୱ।
- ଶିରିଡି ସାଇବାବା



# ୨୧ ବର୍ଷ ବିତିଲା: ସରୁନି ଟାଉନ ହଲ୍ ନିର୍ମାଣ



ଅଧାଗଢା ଅବସ୍ଥାରେ ପଡି ରହିଥିବା ଟାଉନହଲ ଗୃହ।

**ନିରାକାରପୁର,୧୯।୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଲୋକଙ୍କ ଆବଶ୍ୟକତାକୁ ଉପଲବ୍ଧ କରି ୧୯୯୯ ଜୁନ ୧୦ ରେ ଟାଉନ ହଲ ପାଇଁ ତତ୍କାଳୀନ ବିଧାୟକ ଶୁଭ ଦେଇଥିଲେ। ଏଥିମଧ୍ୟରେ ୨୧ ବର୍ଷ ହୋଇଯାଇଥିଲେ ହେଁ ଟାଉନ୍ ହଲ କାର୍ଯ୍ୟ ଶେଷ ହୋଇ ପାରିନାହିଁ। ସେତେବେଳେ ବିଧାୟକଙ୍କ ପାଣ୍ଠିରୁ ୫୦ ହଜାର ଟଙ୍କା ଅନୁଦାନ ମିଳିଥିଲା। ମିଳିଥିବା ଅର୍ଥରେ ଟାଉନ ହଲ ମୂଳ ଦୁଆ କାର୍ଯ୍ୟ ସରି ଅଣ୍ଟାଏ ଉଚ୍ଚ ପର୍ଯ୍ୟନ୍ତ ପଥରଚ;ର କାନ୍ଥ ଗଢା ଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅର୍ଥ ଅଭାବ ଯୋଗୁ କାମ ଶେଷ ହୋଇପାରୁନାହିଁ। ଅର୍ଦ୍ଧ ନିର୍ମିତ ଏହି ଟାଉନ ହଲ ଏବେ ଅନାବନା ଗଛରେ ଭର୍ତ୍ତିହୋଇ ପଡିଛି। ଗଢା ଯାଇଥିବା ପଥର ଭୁଶୁଡିବାକୁ ବସିଲାଣି। ଏଥିରୁ କେତେକ ପଥର ଚୋରି ହୋଇଗଲାଣି। ଏଠାରେ ନିହାତି ଏକ ଟାଉନ ହଲ ଦରକାର ଥିବାବେଳେ ଏହାକୁ ଅଣଦେଖା କରାଯାଉଛି। ୨୧ ବର୍ଷ ତଳ ଓ ଏବେ ମଧ୍ୟରେ ବହୁତ ଫରକ। କାରଣ ସେ ସମୟର ଅପେକ୍ଷା ଏବେ ନିରାକାରପୁର ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି ପାଇଛି। ଏଥିସହ ଲୋକଙ୍କର ବିବାହ, ବ୍ରତ ଓ କୌଣସି ସଭା ସମିତି ହେଲେ ଏଠାରୁ ୫ କିମି ଦୂର ରାମେଶ୍ୱର ନ ହେଲେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଯିବାକୁ ବାଧ ହେଉଛନ୍ତି। ପ୍ରଶାସନିକ ଅଧିକାରୀମାନଙ୍କ ଖାମଖିଆଲ ମନବୃତ୍ତି ଓ ଅବହେଳା ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ତୁରନ୍ତ ଏଥିପ୍ରତି ବିଧାୟକ ଓ ଏମ୍‌ପି ଅନୁଦାନ ପ୍ରଦାନ କରି ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲୋକମାନେ ଅନୁରୋଧ କରିଛନ୍ତି।

## ଏମାନେ କ'ଣ କୁହନ୍ତି...



"ନିରାକାରପୁର ପାଇଁ ଟାଉନ ହଲର ଆବଶ୍ୟକତା ରହିଛି। ଏଥିପାଇଁ ବିଧାୟକଙ୍କୁ ଆର୍ଥିକ ଅନୁଦାନ ପ୍ରଦାନ ନିମନ୍ତେ ଦୃଷ୍ଟି ଆକର୍ଷଣ କରିବି। ଆଗାମୀ ଦିନରେ ଏହାର କାର୍ଯ୍ୟ ଶେଷ କରାଯିବ।

**–ହୃଷୀକେଶ ରାଉତରାୟ, ସରପଞ୍ଚ, ନିରାକାରପୁର**



"ନିରାକାରପୁର ସହର, ବଜାର ଦିନକୁଦିନ ବଢ଼ିବାରେ ଲାଗିଛି। ବାହାର ଲୋକ ଏଠାରେ ରହିବାକୁ ପସନ୍ଦ କରୁଛନ୍ତି। ଟାଉନ ହଲଟିଏ ନ ଥିବାରୁ ଲୋକେ ବିବାହ, ବ୍ରତ ଏବଂ ଅନ୍ୟ କାର୍ଯ୍ୟକ୍ରମ ପାଇଁ ଖୋର୍ଦ୍ଧା, ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଛି। ଏଥିପାଇଁ ଲୋକେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଏଠାରେ ଏହି ଟାଉନ ହଲ କାମ ପୂର୍ଣ୍ଣାଙ୍ଗ ରୂପ ନେଲେ ଲୋକମାନେ ଉପକୃତ ହୋଇପାରନ୍ତେ।

**–ମୃତ୍ୟୁଞ୍ଜୟ ପ୍ରଧାନ, ସାମାଜିକ କର୍ମୀ, ପାଣ୍ଡବପାଟଣା, ନିରାକାରପୁର**



"ନିରାକାରପୁର ସହର ଦିନକୁଦିନ ବଢୁଛି। ସାଂସ୍କୃତିକ ମଞ୍ଚ ହେଉ କି ବିବାହ, ବ୍ରତ କିଭଳି ସୁନ୍ଦର ଭାବେ ହୋଇପାରିବ ଏହାକୁ ଦୃଷ୍ଟିରେ ରଖି ବିଧାୟକ ପାଣ୍ଠିରୁ ୫୦ ହଜାର ଟଙ୍କା ମଞ୍ଜୁର କରିଥିଲି। ଟାଉନ ହଲ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲି। ସରକାରୀ ଅର୍ଥ ବିନିଯୋଗରେ ଯେଉଁ ଉଦ୍ଦେଶ୍ୟରେ ଟାଉନ ହଲ କାମ ସମ୍ପୂର୍ଣ୍ଣ ହେବା କଥା ତାହା ହୋଇପାରୁନାହିଁ। ଯଦି ବିଧାୟକ, ଜିଲା ପରିଷଦ କି ପଞ୍ଚାୟତ ପାଣ୍ଠିରୁ ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୁଅନ୍ତା ତେବେ ଅଞ୍ଚଳବାସୀ ଏହି ଟାଉନ ହଲଟିକୁ ବ୍ୟବହାର କରିପାରନ୍ତେ। ସରକାର ବଦଳିଛନ୍ତି କିନ୍ତୁ ବିକାଶର ଧାରା ବଦଳିବା କଥା ନୁହେଁ। ତେଣୁ ଜନସାଧାରଣଙ୍କ ହିତ ପାଇଁ ଟାଉନ ହଲ କାର୍ଯ୍ୟ ଶେଷ କରିବାକୁ ରାଜନେତା, ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକେ ଅଣ୍ଟା ଭିଡିଲେ ହୋଇପାରନ୍ତା।

**–ଡ. ଦୀଲିପ ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ, ଖୋର୍ଦ୍ଧା**

## ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ସମ୍ପନ୍ନ



**ନିରାକାରପୁର, ୧୯।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନନପଡା ଗାଁସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ଶେଷ ହୋଇଛି। ନବ ନିର୍ମିତ ୫୪ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରର ରତ୍ନଗର୍ଭରେ ୫୦ବସ୍ତା ଶୁକ୍ଲ ଧାନ, ସୁବର୍ଣ୍ଣ, ମୁଦ୍ରା, ଅନ୍ୟ ଧାତୁ ସହ ରତ୍ନମୁଦ ସମ୍ପନ୍ନ ହୋଇଥିଲା। ଏହି ଉପଲକ୍ଷେ ଏକ ଯଜ୍ଞର କାର୍ଯ୍ୟକ୍ରମ ହୋଇଥିଲା। ହରିବୋଲ ହୁଳହୁଳି, ନଗର ସଂକୀର୍ତ୍ତନ ସହ ବେଦ ଧ୍ୱନିରେ ମନ୍ଦିର ପରିବେଶ ଉତ୍ସବ ମୁଖରୀତ ହୋଇଉଠିଥିଲା। ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ରାମକୃଷ୍ଣ ପଟ୍ଟନାୟକ, ମୀନକେତନ ବେହେରା, ସୁରେନ୍ଦ୍ରନାଥ ସାହୁ, ସତ୍ୟବାଦୀ ବଳବନ୍ତରାୟ, ପଣ୍ଡିତ ବିରଞ୍ଚି ନାରାୟଣ ତ୍ରିପାଠୀ, ପଣ୍ଡିତ ରମାକାନ୍ତ ପୁରୋହିତ, ଅଦ୍ୱୈତ ପାଇକରାୟଙ୍କ ସମେତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ତଥା ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

## ସଂକ୍ଷେପରେ

### ମୃତ ବିଦେଶାଗତ ପକ୍ଷୀ ସହ ୫ ଜଣ ଶିକାରୀ ଗିରଫ

**ଟାଙ୍ଗୀ (ଖୋର୍ଦ୍ଧା), ୧୯।୨ (ଡି.ଏନ.ଏ):** ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିଦେଶୀ ମୃତ ପକ୍ଷୀ ଜବତ କରାଯିବା ସହ ୫ ପକ୍ଷୀ ଶିକାରୀଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, କୌଣସି ସୂତ୍ରରୁ ଖବରପାଇ ଅଚାନକ ଚଢାଉ କରି ନଈରୀ ନୂଆକୁଦ ନିକଟରେ ପକ୍ଷୀ ଶିକାର କରି ଫେରୁଥିବା ଅବସ୍ଥାରେ ପୋଲିସ ସହାୟତା ଓ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ବାଲୁଗାଁ ଥାନା ଅନ୍ତର୍ଗତ ବଡକୂଳ ନିକଟସ୍ଥ ଚନ୍ଦ୍ରାପୁଟ ଗ୍ରାମର ସତ୍ୟବାନ କେଇ (୫୦), ପ୍ରକାଶ ବେହେରା (୪୫), ସୁରେନ୍ଦ୍ର ବେହେରା (୫୨), ଦିଲୀପ ଜାନି (୩୫) ଓ ଫକୀର ବେହେରା (୬୬)ଙ୍କୁ ଗିରଫ କରିଛି। ମୃତ ପକ୍ଷୀମାନଙ୍କ ମଧ୍ୟରେ ୨ଟି ଲାର୍ଜ ହୁଇସିଲଙ୍ଗ ଓ ୩ଟି ନର୍ଦ୍ଦନ ପିନଟେଲ ରହିଛନ୍ତି। ଏହି ଚଢାଉରେ ବନରକ୍ଷୀ ଛବିରାଣୀ ବେହେରା, ଜଗୁଆଳି ସୁକାନ୍ତ ସ୍ୱାଇଁ ଓ ଚନ୍ଦ୍ରମଣି ସାହୁ ପ୍ରମୁଖ ସାମିଲ ଥିଲେ। ଗିରଫ ଶିକାରୀମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନ୍ୟପ୍ରାଣୀ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

### ଗୁଣି ସନ୍ଦେହ ମହିଳାଙ୍କୁ ଆକ୍ରମଣ ଘଟଣା: ୩ ଗିରଫ



**କୃଷ୍ଣପ୍ରସାଦ, ୧୯।୨(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଚିଲିକା ନୂଆପଡା ଗାଁରେ ଗୁଣି ସନ୍ଦେହରେ ମହିଳାଙ୍କୁ ମାଡ ମାରିବା ଘଟଣାରେ ପୋଲିସ ୩ ଜଣଙ୍କୁ ବୁଧବାର ସନ୍ଧ୍ୟାରେ ଗିରଫ କରିଥିବା ଜଣାଯାଇଛି। ଉକ୍ତ ଘଟଣାରେ ୭ ଜଣଙ୍କ ନାମରେ ଏତଲା ଦିଆଯାଇଛି। ମଙ୍ଗଳବାର କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକ ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରିବା କହିଥିବାବେଳେ ବୁଧବାର ୩ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଗହ୍ଣା ଜେନା, ବାପି ପ୍ରଧାନ ଏବଂ ପପି ପ୍ରଧାନ। ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ନାୟକ କହିଛନ୍ତି। ଅନ୍ୟମାନଙ୍କୁ ମଧ ଖୁବ୍‌ଶୀଘ୍ର ଗିରଫ କରାଯିବା ପ୍ରତିଶ୍ରୁତି ଦେଇଛନ୍ତି।

### ୩୩ ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ

**ବେଗୁନିଆ,୧୯।୨(ଡି.ଏନ୍.ଏ.):** ଚଳିତବର୍ଷ ମାଟ୍ରିକ ପରୀକ୍ଷାର ପ୍ରଥମ ଦିବସରେ ଖୋର୍ଦ୍ଧା ଜିଲାର ବେଗୁନିଆ ବ୍ଲକ ଅଞ୍ଚଳରେ ୩୩ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଜଣାପଡିଛି। ଆଡ୍‌ମିଟ କାର୍ଡରେ ତ୍ରୁଟି, ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଉକ୍ତ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଶିକ୍ଷା ବିଭାଗ ପକ୍ଷରୁ ସଫେଇ ଦିଆଯାଇଛି। ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନରେ ଥିବା ସିମୋର ଉଚ୍ଚ ବିଦ୍ୟାଳୟରେ ୨, ଗୁଡୁମ ଉଚ୍ଚ ବିଦ୍ୟାଳୟରେ ୧, ଡିଙ୍ଗର ଉଚ୍ଚ ବିଦ୍ୟାଳୟରେ ୧, ସିକୋ ଉଚ୍ଚ ବିଦ୍ୟାଳୟରେ ୫, ଡଙ୍ଗରପଡ଼ା ଉଚ୍ଚ ବିଦ୍ୟାଳୟରେ ୨ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସେହିପରି ବାଘମାରୀ ଉଚ୍ଚ ବିଦ୍ୟାଳୟରେ ୧୩ ଓ ବେଗୁନିଆ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ୯ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ନୋଡାଲ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ନିରଞ୍ଜନ ପାଇକରାୟ କହିଛନ୍ତି। ପ୍ରଥମ ଦବସ ପରୀକ୍ଷା ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିବା ବେଳେ ୪ ସମ୍ବେଦନଶୀଳ ପରୀକ୍ଷାକେନ୍ଦ୍ରରେ ସିସି କ୍ୟାମେରା ଖଞ୍ଜାଯାଇଛି।

## ଦେଉଳି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦାଖଲ

**ବେଗୁନିଆ,୧୯।୨(ଡି.ଏନ.ଏ):** ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତ ସରପଞ୍ଚ ନିରୁପମା ସାମଲଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଫର୍ମ ଦାଖଲ ହୋଇଛି। ସେ ନେଇ ପ୍ରଶାସନିକ ସ୍ତରରେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ତେବେ ଅନାସ୍ଥା ପ୍ରସ୍ତାବ ଉଠାଇଥିବା ୱାର୍ଡ ସଭ୍ୟଙ୍କ ଦସ୍ତଖତ ଯାଞ୍ଚ କରାଯାଇ ବୁଧବାର ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି।

୨୪ ୱାର୍ଡକୁ ନେଇ ଦେଉଳି ପଞ୍ଚାୟତ ଗଠନ କରାଯାଇଛି। ଗତ ପଞ୍ଚାୟତ ନିର୍ବାଚନରେ ନିରୁପମା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ସ୍ଥାନୀୟ ଜନସାଧାରଣଙ୍କ ପ୍ରତି ବେଖାତିର ମନୋଭାବ ଓ ୱାର୍ଡ ସଭ୍ୟମାନଙ୍କ ସହ ମନୋମାଳିନ୍ୟ ରହୁଥିବାରୁ ବାରମ୍ବାର ଅଭିଯୋଗ ଉଠିଥିଲା। ଏ ନେଇ ସରପଞ୍ଚ ସାମଲ ସରକାରୀ ଉନ୍ନୟନ କାର୍ଯ୍ୟକୁ ପଞ୍ଚାୟତ ଅଞ୍ଚଳରେ ତ୍ୱରାନ୍ୱିତ ନ କରି ଅସହଯୋଗ କରୁଥିଲେ। ତାଙ୍କ କାର୍ଯ୍ୟଧାରାରେ ଅତିଷ୍ଠ ହୋଇ ୧୮ ୱାର୍ଡ ସଭ୍ୟ ନାଏବ ସରପଞ୍ଚ ରାହାସ ବେହେରାଙ୍କୁ ଅବଗତ କରାଇଥିଲେ। ଏ ନେଇ ବୈଠକ ବସାଇ ଅନାସ୍ଥା ପ୍ରସ୍ତାବ ଦାଖଲ କରିବେ ବୋଲି ସ୍ଥିର କରିଥିଲେ। ୨୦୧୯ ଡିସେମ୍ବର ୨୪ରେ ଉପଜିଲାପାଳ ଶାନ୍ତନୁ ମହାନ୍ତିଙ୍କ ପାଖରେ ପ୍ରସ୍ତାବ ଦାଖଲ କରିଥିଲେ। ଏ ସମ୍ପର୍କରେ ଉପଜିଲାପାଳ ବେଗୁନିଆ ବିଡିଓଙ୍କୁ ତଦନ୍ତ ଭାର ଦେଇଥିଲେ। ତେବେ ୨୪ ଜଣ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୧୪ ଜଣଙ୍କର ଦସ୍ତଖତ ଯାଞ୍ଚ କରାଯାଇଛି। ୪ ଜଣ ଅନୁପସ୍ଥିତ ଥିବା ବେଳେ ୬ ୱାର୍ଡ ସଭ୍ୟ ଦସ୍ତଖତ ଦେଇନାହାନ୍ତି। ଏ ସମ୍ପର୍କରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ସାହୁ କୁହନ୍ତି, ୧୪ ଜଣ ୱାର୍ଡ ସଭ୍ୟଙ୍କର ଦସ୍ତଖତ ଯାଞ୍ଚ କରାଯାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି। ଉପଜିଲାପାଳଙ୍କ ଆଦେଶନାମା ପ୍ରକାଶ ପରେ ଆନାସ୍ଥା ପ୍ରସ୍ତାବ ପାଇଁ ଦିନ ଧାର୍ଯ୍ୟ କରାଯିବ।

## ବନ୍ୟଜନ୍ତୁ ସୁରକ୍ଷା ସଚେତନତା ଶିବିର

**କୃଷ୍ଣପ୍ରସାଦ,୧୯।୨(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବୁଦ୍ଧିବର ପରିସରରେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବନ୍ୟଜନ୍ତୁ ସୁରକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରମ୍ଭା ବନାଞ୍ଚଳ ଅଧିକାରୀ ନଗେନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ଶିବିରରେ ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ପ୍ରଦୀପ କୁମାର ଦାସ, ସାମାଜିକ କର୍ମୀ ସାମନ୍ତ ନିର୍ମଳ କୁମାର ରଣସିଂହ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ବୁଦ୍ଧିବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ସେଠୀ, ବୁଦ୍ଧିବର ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାଗୀରଥି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବନ୍ୟପ୍ରାଣୀ ଏବଂ ବନ୍ୟଜନ୍ତୁମାନଙ୍କ କିଭଳି ସୁରକ୍ଷା ଦିଆଯାଇ ପାରିବ ସେ ଦିଗରେ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ରେଞ୍ଜର ରମେଶ କୁମାର ଜାନି, ପିଟିଶାଳ ବନପାଳ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବୁଦ୍ଧିବର ଗ୍ରାମ୍ୟ କମିଟିର ପ୍ରମୁଖ କର୍ମକର୍ତ୍ତା, ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ସମେତ ଯୁବକ ସଙ୍ଗଠନ ଅଂଶଗ୍ରହଣ କରିଥିଲେ।



ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

## ଲୋକେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ବେଗୁନିଆ,୧୯।୨(ଡି.ଏନ.ଏ):** ବେଗୁନିଆ ବ୍ଲକ କୁଶପଲ୍ଲା ଗ୍ରାମସ୍ଥିତ ଲୋକେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି। ମଙ୍ଗଳବାର ସନ୍ଧ୍ୟାରୁ ଯଜ୍ଞ ବିଧି ପୂଜାପାଠ ଆରମ୍ଭ ହୋଇଛି। ବୁଧବାର ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଘଟ ସ୍ଥାପନ, ଅଗ୍ନିସ୍ଥାପନ, ଶାଳା ପ୍ରବେଶ, ଶତ ରୁଦ୍ରାଭିଷେକ, ଦେବତା ଆବାହନ, ବିଷ୍ଣୁ ସହସ୍ରନାମ ଆଦି ମନ୍ତ୍ର ପାଠ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ସହାୟତାରେ ଆୟୋଜିତ ମହାଯଜ୍ଞ କାର୍ଯ୍ୟକ୍ରମକୁ ଯଜ୍ଞାଚାର୍ଯ୍ୟ ବ୍ରଜବନ୍ଧୁ ତ୍ରିପାଠୀ ଏବଂ କର୍ତ୍ତା ସଂଗ୍ରାମ କେଶରୀ ପଟ୍ଟନାୟକ ସୁଚାରୁ ରୂପେ ତୁଲାଇଥିଲେ।

## ମୃତଦେହ ବ୍ୟବଚ୍ଛେଦ କରିବାକୁ ରେଫର: ଚାପା ଉତ୍ତେଜନା



ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜିତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

**ଜଟଣୀ,୧୯।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ନ କରି ଏମସ୍‌କୁ ରେଫର କରିବାକୁ ନେଇ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଆଦର୍ଶ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ଉତ୍ତେଜନା ଥମି ଥିଲା। ବରସାହିର ରାକେଶ ମଙ୍ଗରାଜ(୧୩)ଙ୍କର ବୁଧବାର ମଧ୍ୟାହ୍ନରେ ବିଦ୍ୟୁତ୍ ଅଘାତରୁ ମୃତ୍ୟୁ ହୋଇଥିଲା। ରାକେଶଙ୍କ ବାପା କାଶୀନାଥ ମୃତଦେହ ବ୍ୟବଚ୍ଛେଦ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ଡାକ୍ତର ଅଭାବ ଦର୍ଶାଇ ତାଙ୍କୁ ଫେରାଇ ଦିଆଯାଇଥିଲା। ଯଦି ମୃତଦେହ ବ୍ୟବଚ୍ଛେଦ କରିବାକୁ ଡାକ୍ତର ନାହାନ୍ତି ତେବେ ଖୋର୍ଦ୍ଧାରେ ଜିଲା ମୁଖ୍ୟ ଚିକିତ୍ସାଳୟ ରଖି ଫାଇଦା କ'ଣ ବୋଲି ଲୋକେ ପଚାରି ଥିଲେ।

## ଶ୍ରୀତାରେଶ୍ୱରଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

**ବୋଲଗଡ,୧୯।୨(ଡି.ଏନ.ଏ.)–** ଖୋର୍ଦ୍ଧା ଜିଲାର ପ୍ରସିଦ୍ଧ ଶୈବପୀଠ ଭାବେ ପରିଗଣିତ ହେଉଥିବା ବୋଲଗଡ ବ୍ଲକ ବାଙ୍କୋଇସ୍ଥିତ ଶ୍ରୀତାରେଶ୍ୱରଦେବଙ୍କ ପୀଠରେ ଚାଲିଥିବା ପାଞ୍ଚ ଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ପୂର୍ଣ୍ଣାହୁତି ହୋଇଛି। ଏହି ଯଜ୍ଞ ଅନୁଷ୍ଠାନର ଗତ ଶୁକ୍ରବାର ରାତ୍ରିରେ ଅଙ୍କୁରାରୋପଣ ପରେ ଶନିବାର କଳସ ଯାତ୍ରା ପରେ ଯାଜ୍ଞିକ ବ୍ରାହ୍ମଣମାନେ ଅଗ୍ନି ସଂସ୍କାର କାର୍ଯ୍ୟ କରିଥିଲେ। ରବିବାର ଶ୍ରୀମଦ୍‌ଭାଗବତ ଗୀତା ଆହୁତି, ସୋମବାର ରୁଦ୍ରାଷ୍ଟାଧ୍ୟାୟୀ ଓ ଶ୍ରୀରାମଙ୍କ ଆହୁତି ପ୍ରଦାନ କରାଯାଇଥିଲା। ସେହିପରି ମଙ୍ଗଳବାର ଦୁର୍ଗା ସପ୍ତଚଣ୍ଡୀ ଆହୁତି ପରେ ବୁଧବାର ରାଷ୍ଟ୍ର ହୋମ ଓ ପୂର୍ଣ୍ଣାହୁତି ହୋଇଯାଇଛି। ପୂର୍ଣ୍ଣାହୁତି ସମୟରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନଙ୍କର ଯଜ୍ଞ ମଣ୍ଡପ ଚତୁଃପାର୍ଶ୍ୱରେ ସମାଗମ ହୋଇଥିଲା। ଅତିଥି ଭାବେ ସାମାଜିକ କର୍ମୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ପ୍ରଦୀପ କୁମାର ସାହୁ ଓ ଡା. ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସମେତ ସ୍ଥାନୀୟ ତଥା ବିଭିନ୍ନ ଅଞ୍ଚଳର ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଏହି ଯଜ୍ଞ ଅନୁଷ୍ଠାନ ପ୍ରତିବର୍ଷ ଭଳି ସ୍ଥାନୀୟ ୨୭ ମୌଜା ଅଞ୍ଚଳର ଭକ୍ତମାନଙ୍କ ପକ୍ଷରୁ ଆୟୋଜିତ ହୋଇଥିଲା।



ଶ୍ରୀତାରେଶ୍ୱରଦେବଙ୍କ ପୀଠରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଉଛି।

## ବାଙ୍କୀ ଡବଲ ମର୍ଡର ଘଟଣା: ଜଣେ ଅଭିଯୁକ୍ତ ଗିରଫ

**ବାଙ୍କୀ,୧୯।୨(ସ୍ୱ.ପ୍ର.)–**

ବାଙ୍କୀ ଡବଲ୍ ମର୍ଡର ଘଟଣାର ବୁଧବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଳଭଦ୍ର ପ୍ରଧାନ ଓରଫ ବଳିଆ(୨୮)। ଜାମିନ ନାମଞ୍ଜୁର ହେବାରୁ ବଳିଆଙ୍କୁ ବାଙ୍କୀ ଉପଖଣ୍ଡ ଉପକାରାଗାରକୁ ପଠାଇ ଦିଆଯାଇଛି। ତଦନ୍ତ ଚାଲିଥିବାରୁ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଅଧିକ ସୂଚନା ଦେବାକୁ ମନା କରିଦେଇଛନ୍ତି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ବୋଲଗଡ଼ର ୧୦ କେନ୍ଦ୍ରରେ ୧୭୧୫ ପରୀକ୍ଷାର୍ଥୀ, ୩୦ ଅନୁପସ୍ଥିତ

**ବୋଲଗଡ,୧୯।୨(ଡି.ଏନ.ଏ.)**

ମାଟ୍ରିକ ପରୀକ୍ଷାର ପ୍ରଥମ ଦିବସ ବୁଧବାର ମାତୃଭାଷା ପରୀକ୍ଷା ପାଇଁ ବୋଲଗଡ ବ୍ଲକ ଅଞ୍ଚଳରେ ହୋଇଥିବା ୧୦ ପରୀକ୍ଷା କେନ୍ଦ୍ରରେ ମୋଟ ୧୭୧୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜଣାପଡିଛି। ତେବେ ପରୀକ୍ଷା ପାଇଁ ଫର୍ମ ଫିଲଅପ କରିଥିବା ୧୭୪୫ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ବିଭିନ୍ନ କେନ୍ଦ୍ରରେ ମାତୃଭାଷା ପରୀକ୍ଷା ପାଇଁ ୩୦ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି। ନୋଡାଲ ସେଣ୍ଟର ବୋଲଗଡ ବାମନ ଉଚ୍ଚ ବିଦ୍ୟାଳୟଠାରେ ସକାଳ ପ୍ରାୟ ସାଢେ ୫ଟାରେ ତହସିଲଦାର ମୋନାଲିସା ପଣ୍ଡା, ନୋଡାଲ ସୁପରିଣ୍ଟେଣ୍ଡେଣ୍ଟ, ଏବିଓ, ପୋଲିସ ଉପସ୍ଥିତିରେ ଷ୍ଟ୍ରଙ୍ଗ ରୁମରୁ ପ୍ରଶ୍ନପତ୍ର ବାହାର କରାଯାଇଥିଲା। ପ୍ରଶ୍ନପତ୍ରଗୁଡିକୁ ୧୦ ପରୀକ୍ଷା କେନ୍ଦ୍ରକୁ ୨ଟି ଟିମ୍ ମାଧ୍ୟମରେ କଡା ନିରାପତ୍ତାର ସହ ନିର୍ଦ୍ଧାରିତ ସମୟ ସୂଚୀ ଅନୁସାରେ ପ୍ରେରଣ କରାଯାଇଥିଲା। ସମସ୍ତ କେନ୍ଦ୍ରଗୁଡ଼ିକରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା କାର୍ଯ୍ୟ ସମ୍ପାଦନ ହୋଇଥିବା ନୋଡାଲ ସୁପରିଣ୍ଟେଣ୍ଡେଣ୍ଟ ମାଗୁଣି ପ୍ରଧାନଙ୍କ ପକ୍ଷରୁ କୁହାଯାଇଛି।

## ରେଳୱେ ପିଣ୍ଡି ଦୋକାନୀଙ୍କୁ ଆବଣ୍ଟନ ପାଇଁ ଦାବି

**ଜଟଣୀ,୧୯।୨(ଡି.ଏନ.ଏ):** କ୍ଷୁଦ୍ର ଉଠା ଦୋକାନୀଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ରେଳୱେ ପକ୍ଷରୁ ଏଠାରେ ୨୦ ବର୍ଷ ପୂର୍ବେ ଅନେକ ପିଣ୍ଡି ନିର୍ମାଣ କରାଯାଇଥିଲା। ତେବେ ନିର୍ମାଣ ପରେ ଏହା କାର୍ଯ୍ୟକ୍ଷମ ହୋଇ ନ ଥିଲା। ଜଟଣୀ ସୀତାରାମ ଛକ ନିକଟ ରେଳୱେ ଜମିରେ ଏହା ହୋଇଥିଲା। ଯାହା ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏଣୁ ଏହାର ନବୀକରଣ କରାଯାଇ ଉଠା ଦୋକାନୀଙ୍କୁ ଥଇଥାନ କରିବାକୁ ଏକ ପ୍ରତିନିଧି ଦଳ ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଏଡିଆର୍‌ଏମ୍‌ଙ୍କୁ ବୁଧବାର ସାକ୍ଷାତ କରି ଦାବିପତ୍ର ଦେଇଥିଲେ। କ୍ୟାପ୍‌ଟେନ୍ ମନ୍ମଥ ରାଉତରାୟ, ଅଶୋକ ମଙ୍ଗରାଜ, ମହମ୍ମଦ ନାଜିର, ସମ୍ବିତ ମଙ୍ଗରାଜଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ରେଳୱେ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ।



ରେଲୱେ ପିଣ୍ଡି ଦୋକାନୀଙ୍କୁ ଆବଣ୍ଟନ ପାଇଁ ଏଡିଆର୍‌ଏମ୍‌ଙ୍କୁ ଦାବିପତ୍ର ଦିଆଯାଉଛି।

## ୮ମ ଦିନରେ କଲେଜ ଅଧ୍ୟାପକ, କର୍ମଚାରୀଙ୍କ ଧାରଣା

**ଟାଙ୍ଗୀ (ଖୋର୍ଦ୍ଧା), ୧୯।୨ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଡିସିସି ଡିଗ୍ରୀ କଲେଜର ଅଧ୍ୟାପକ ଓ କର୍ମଚାରୀମାନଙ୍କ ଧାରଣା ଅଷ୍ଟମ ଦିନରେ ପହଞ୍ଚିଛି। ସୂଚନାଯୋଗ୍ୟ, ଧାରଣା ପୂର୍ବରୁ ଡିଗ୍ରୀ କଲେଜ ପକ୍ଷରୁ ପ୍ରଶାସନକୁ ଏହାର ମୂଳ ରହସ୍ୟ ସମ୍ପର୍କରେ ଜଣାଇ ବସି ରହିଛନ୍ତି। କିନ୍ତୁ ବିଡମ୍ବନାର ବିଷୟ ଧାରଣା ୮ମ ଦିନରେ ପହଞ୍ଚି ଥିଲେ ମଧ୍ୟ ସେମାନଙ୍କ ପାଖରେ ଶିକ୍ଷା ବିଭାଗର କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନାହାନ୍ତି ବୋଲି ସେମାନେ କହିଛନ୍ତି। ଡିଗ୍ରୀ କଲେଜର ଅଧ୍ୟକ୍ଷଙ୍କ କହିବା ମୁତାବକ, ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶନାମାନୁସାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜ ଅଲଗା ହୋଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁ ଡିଗ୍ରୀ କଲେଜର ଛାତ୍ରୀଛାତ୍ରମାନଙ୍କ ଆଦାୟ ଅର୍ଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଜମାଖାତାରେ ଜମା କରିବାରେ ଲାଗିଲେ। ଫଳରେ ସେମାନେ ବ୍ଲକ ଗ୍ରାଣ୍ଟରୁ ବଞ୍ଚିତ ହୋଇଥିବା ଜଣାପଡିଛି। ବ୍ଲକ୍ ଗ୍ରାଣ୍ଟ ପାଇବାକୁ ହେଲେ କଲେଜର ଭିତ୍ତିଭୂମିର ଆବଶ୍ୟକତା ରହିଛି। ନିଜର ହକ୍ ପାଇଁ ଡିଗ୍ରୀ କଲେଜର ଅଧ୍ୟାପକ ଓ କର୍ମଚାରୀମାନେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟାଳୟ ବିଚାର କରି ଡିଗ୍ରୀ କଲେଜର ଅର୍ଥକୁ ଫେରାଇବାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଆଦେଶ ଦେଇଥିଲେ। କିନ୍ତୁ ତାହାକୁ ବେଖାତିର କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡିଗ୍ରୀ କଲେଜର ଅର୍ଥକୁ ଫେରାଇଲେ ନାହିଁ। ଏଣେ ଜମି ନ ଥିବାରୁ ଡିଗ୍ରୀ କଲେଜର ଅଧ୍ୟାପକ ଓ କର୍ମଚାରୀମାନେ ବ୍ଲକ୍ ଗ୍ରାଣ୍ଟରୁ ବଞ୍ଚିତ ହେଲା ପରେ ବାଧହୋଇ ଧାରଣାରେ ବସି ରହିଛନ୍ତି। ଯେ ପର୍ଯ୍ୟନ୍ତ ଅର୍ଥ ଫେରସ୍ତ ନ ହୋଇଛି ସେତେବେଳ ଯାଏ ସେମାନେ ଧାରଣାରେ ବସିବେ ବୋଲି ଡିଗ୍ରୀ କଲେଜର ଅଧ୍ୟକ୍ଷ କହିଛନ୍ତି।



ଜାତି ଓ ମାତୃଭୂମିର ଉନ୍ନତି ବିନା ଦେଶର ଉନ୍ନତି ଅସମ୍ଭବ।
-ବିଜୁ ପଟ୍ଟନାୟକ



## ସଂକ୍ଷେପରେ

### ପ୍ରଥମ ଦିନରେ ୯୨ ପରୀକ୍ଷାର୍ଥୀ ଅନୁପସ୍ଥିତ

**ବ୍ରହ୍ମଗିରି, ୧୯।୨ (ଡି.ଏନ.ଏ):** ଚଳିତବର୍ଷ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ବ୍ରହ୍ମଗିରି ନୋଡାଲ ସେଣ୍ଟର ଅଧୀନରେ ୧୪ ସେଣ୍ଟରରେ ୨୪୬୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡିଛି। ଗଡ଼ରୋଡଙ୍ଗ ବିଜେବି ହାଇସ୍କୁଲରେ ୧୦ ଅନୁପସ୍ଥିତ, ବାଘମୁଣ୍ଡା ବାସୁଦେବ ନୋଡାଲ ହାଇସ୍କୁଲରେ ୭, ବ୍ରହ୍ମଗିରି ହାଇସ୍କୁଲରେ ୯ଜଣ, ଭଣ୍ଡାରିକୁଦା ଗଙ୍ଗାଧର ବିଦ୍ୟାନିକେତନ ସେଣ୍ଟରରେ ୨ଜଣ, ହରିହର ନୋଡାଲ ବିଦ୍ୟାପୀଠ ପଣସପଦା ସେଣ୍ଟରରେ ୬ଜଣ, କନକଦୁର୍ଗା ହାଇସ୍କୁଲ ବାସୁଦେବପୁର ସେଣ୍ଟରରେ ୫ଜଣ, ସୁନାମୁହିଁ କୃଷକ ବିଦ୍ୟାପୀଠ ସେଣ୍ଟରରେ ୧୪ଜଣ, ମଦନମୋହନ ହାଇସ୍କୁଲ ଚାରିଛକ ଛୋଟପୁର ସେଣ୍ଟରରେ ୧ଜଣ, ଶାସନ ଦାମୋଦରପୁର ପଞ୍ଚାୟତ ହାଇସ୍କୁଲରେ ୧ଜଣ, ରେବଣାନୂଆଗାଁ ସେଣ୍ଟରରେ ୧୦ଜଣ, ବେଣ୍ଟପୁର ବାଳିକା ହାଇସ୍କୁଲରେ ୨୪ଜଣ, ଗଡକୋକଲ ହାଇସ୍କୁଲରେ ୩ଜଣ ଅନୁପସ୍ଥିତ ଥିବା ବ୍ରହ୍ମଗିରି ନୋଡାଲ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ମହେଶ୍ୱର ମହାନ୍ତି ଓ ଚିତ୍ତରଞ୍ଜନ ଜେନା ଜଣାଇଛନ୍ତି। ବ୍ରହ୍ମଗିରି ନୋଡାଲ ସେଣ୍ଟର ଅଧୀନରେ ଥିବା ୧୪ଟି ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହିତ ପ୍ରଥମପତ୍ର ମାତୃଭାଷା ପରୀକ୍ଷା ଶେଷ ହୋଇଛି। ପରୀକ୍ଷାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ସରକାରଙ୍କ ତରଫରୁ ବ୍ରହ୍ମଗିରି ନୋଡାଲ ହାଇସ୍କୁଲ, ଗଡରୋଡଙ୍ଗ ବିଜେବି ହାଇସ୍କୁଲ, ଗଡକୋକଲ ହାଇସ୍କୁଲ ଓ ଖଜୁରିଆ ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ସିସିଟିଭି କ୍ୟାମେରା ଲଗାଯାଇଛି।

### ରାଜ୍ୟ ସାମ୍ବାଦିକ ୟୁନିୟନର ସାଙ୍ଗଠନିକ ବୈଠକ

**କୋଣାର୍କ,୧୯।୨(ଡି.ଏନ୍.ଏ.):** କୋଣାର୍କସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ସମ୍ମେଳନ କକ୍ଷରେ ରାଜ୍ୟ ସାମ୍ବାଦିକ ୟୁନିୟନ ପୁରୀ ଜିଲା ଶାଖାର ସାଙ୍ଗଠନିକ ବୈଠକ ଆବାହକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିଥି ଭାବେ ରାଜ୍ୟ ସାମ୍ବାଦିକ ୟୁନିୟନର ସଭାପତି ଅଜୟ କୁମାର ସାହୁ, ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ନାୟକ,ଏସୟୁଜେର କଲ୍ୟାଣ ପାଣ୍ଠିର ଅଧକ୍ଷ ଗଗନ ବିହାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ୟୁନିୟନର ପୁରୀ ଜିଲା ଶାଖା ଗଠନ କରି ପୁରୀ ଜିଲାକୁ କ୍ରିୟାଶୀଳ କରିବା, ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ, ସାମ୍ବାଦିକ କଲ୍ୟାଣ ପାଣ୍ଠିକୁ ତ୍ୱରାନ୍ୱିତ କରିବା ସହ ମୃତ୍ୟୁକାଳୀନ ସହାୟତା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ପୁରୀ ଜିଲା ଆବାହକ ଭାବେ ପ୍ରଶାନ୍ତ କୁମାର ସାହୁ ଓ ଉପଆବାହକ ଭାବେ ଭାଗୀରଥି ସ୍ୱାଇଁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏଥିରେ ବରିଷ୍ଠ ସାମ୍ବାଦିକ ମହେଶ୍ୱର ସାମଲ, ଅକ୍ଷୟ ନାୟକ, ମନୋରଞ୍ଜନ ପଣ୍ଡା, ଜ୍ୟୋତିରାଜ ମହାନ୍ତି, ଭାଗୀରଥି ସ୍ୱାଇଁ, ସନ୍ତୋଷ ରାୟ ସମେତ ୪୦ରୁ ଉର୍ଦ୍ଧ୍ୱ ଖବରଦାତା ଯୋଗଦେଇଥିଲେ।

# ବ୍ଲକ୍‌ଗ୍ରାଣ୍ଟ ଅନୁଦାନ ପାଇବା ଲାଗି ଜାଲିଆତି

**ଗୋପ,୧୯।୨(ଡି.ଏନ୍.ଏ.)**

**କୋଣାର୍କ ମହିଳା ମହାବିଦ୍ୟାଳୟ**
- ୪୬ ଡିସିମିଲି ଜମି ହେଲା ୫ ଏକର ୪୬ ଡିସିମିଲ

ଗୋପ-କୋଣାର୍କ ରାସ୍ତାର ସାରଡ଼ା ଛକ ନିକଟରେ ଥିବା କୋଣାର୍କ ମହିଳା ମହାବିଦ୍ୟାଳୟରେ ଗୋଟିଏ ପରେ ଗୋଟିଏ ଦୁର୍ନୀତିର ପେଡ଼ି ଖୋଲିବାରେ ଲାଗିଛି। ଗତ ଦୁଇଦିନ ତଳେ ପଦବୀ ଚୟନଠାରୁ ଆଡମିଶନ ଫିଂରେ ଲକ୍ଷାଧିକ ଟଙ୍କାର ଅର୍ଥ ଆତ୍ମସାତ୍ ହୋଇଥିବା ଅଭିଯୋଗ ଆସିଥିବାବେଳେ ଏବେ ପୁଣି ବ୍ଲକ୍‌ଗ୍ରାଣ୍ଟ ଅନୁଦାନ ପାଇବା ଲାଗି ଏହି ମହାବିଦ୍ୟାଳୟ ଏକ ଜମି ଜାଲିଆତି କରିଥିବା ଘଟଣା ପଦାକୁ ଆସିଛି। ମହାବିଦ୍ୟାଳୟ ନାଁରେ ଥିବା ୪୬ ଡିସିମିଲ ଜମିକୁ ୫ ଏକର ୪୬ ଡିସିମିଲ ଜମି ଦର୍ଶାଯାଇଥିବା ଜଣାପଡ଼ିଛି। ଏହା କିପରି ଏବଂ କାହା ଦ୍ୱାରା କରାଗଲା ସେନେଇ ତଦନ୍ତ କରାଗଲେ ସତ୍ୟ ସାମ୍ନାକୁ ଆସିବ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି।

ସୂଚନାଯୋଗ୍ୟ, କୋଣାର୍କ ମହିଳା ମହାବିଦ୍ୟାଳୟ ସମ୍ପାଦକଙ୍କ ନାମରେ ଖାତା ନଂ.୮୦ରେ କଲେଜ ପାଇଁ ୪୬ ଡିସିମିଲ ଜମି ରହିଛି। କିନ୍ତୁ ଏହି ଜମିକୁ ଚଞ୍ଚକତା କରାଯାଇ ୨୦୧୨-୧୩ ମସିହାରେ ସରକାରୀ ପାଉତି ନଂ.୫୭୯୨୪ ରେ ୫ ଏକର ୪୬ ଡିସିମିଲ ଦର୍ଶାଯାଇ ୫୫୯ ଟଙ୍କା ୪୦ ପଇସାର ଖଜଣା କଟାଯାଇଛି। ଏହି ଚଞ୍ଚକତାପୂର୍ଣ୍ଣ ଦସ୍ତାବିଜ୍‌କୁ ସରକାରଙ୍କ ନିକଟରେ ଦାଖଲ କରାଯାଇ ବ୍ଲକ୍‌ଗ୍ରାଣ୍ଟ ଅନୁଦାନ ପାଇବାରେ ସକ୍ଷମ ହୋଇଛି। ଏହି ଦୁର୍ନୀତିରେ ରାଜସ୍ୱ ବିଭାଗ କର୍ମଚାରୀଙ୍କଠାରୁ ମହାବିଦ୍ୟାଳୟ ପରିଚାଳନା କମିଟି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ସମ୍ପୃକ୍ତ ଥିବା ନେଇ ମହାବିଦ୍ୟାଳୟର ଜଣେ କର୍ମଚାରୀ ନାମ ଗୋପନ ରଖି ପ୍ରକାଶ କରିଥିବାବେଳେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ମଧ୍ୟ କହିଛନ୍ତି। ଏଥିସହ କଲେଜ ପାର୍ଶ୍ୱକୁ ଲାଗି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ରହିଥିବାବେଳେ ଏହାକୁ ମଧ୍ୟ କଲେଜ କର୍ତ୍ତୃପକ୍ଷ ବେଆଇନ ଭାବେ ଜବରଦଖଲ କରି ଲକ୍ଷାଧିକ ଟଙ୍କାର ସରକାରୀ ଅନୁଦାନ ଖର୍ଚ୍ଚ କରାଯାଇ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଛି। ଏପରି କି ପୂର୍ବତନ ଏମ୍‌ପି ଓ ବିଧାୟକ ଦେଇଥିବା ୮ ଲକ୍ଷ ଟଙ୍କା ଅନୁଦାନକୁ ମହାପ୍ରଭୁଙ୍କ ଜମିରେ ଗୃହ କାର୍ଯ୍ୟ କରାଯାଉଛି। ତେବେ ଏହି କାର୍ଯ୍ୟକୁ ବ୍ଲକ୍ କର୍ତ୍ତୃପକ୍ଷ କିପରି ବିଲ୍ କରିବେ ତାହା ଏବେ ସନ୍ଦେହଘେରକୁ ଆସିଛି। ଅପରପକ୍ଷେ ଏହି ମହାବିଦ୍ୟାଳୟରେ ଫନୀ ସମୟରେ କଲେଜ ଗୃହକୁ ଡୋଜର ଦ୍ୱାରା ଭଙ୍ଗାଯାଇ ଅନୁଦାନ ହାତେଇବା ପାଇଁ ଚକ୍ରାନ୍ତ କରାଯାଇଥିବା ମଧ୍ୟ କର୍ମଚାରୀ ଜଣଙ୍କ କହିଛନ୍ତି। ଏ ସମ୍ପର୍କରେ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ଭବତାରଣ ସାହୁ କୁହନ୍ତି, ମୋ ନିକଟରେ ଏପରି କୌଣସି ଅଭିଯୋଗ ଆସିନାହିଁ। ତଥାପି ଏଭଳି ସଙ୍ଗିନ ଘଟଣାର ନିଶ୍ଚିନ୍ତ ତଦନ୍ତ କରାଯିବ।



ପାର୍ଲାମେଣ୍ଟ କମିଟିର ସଦସ୍ୟମାନେ ବୁଧବାର ଶ୍ରୀଜୀଉଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।

# ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର

**ସାକ୍ଷୀଗୋପାଳ,୧୯।୨(ଡି.ଏନ.ଏ.)**

ସତ୍ୟବାଦୀ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ବୁଧବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୫୦/ ୨୦ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗତ ୧୨ତାରିଖ ସନ୍ଧ୍ୟାରେ ପୀଡ଼ିତା ଜଣକ ଘରପଛ ବାଡ଼ିକୁ ଶୌଚ ପାଇଁ ଯାଇଥିବାବେଳେ ଏକାକୀ ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ନିକଟସ୍ଥ ଏକ ଖଳାବାଡିକୁ ଜୋର ଜବରଦସ୍ତ ଉଠାଇ ନେଇ ବଳାତ୍କାର କରିଥିଲେ। ଏହି ଘଟଣା ଘରେ କିମ୍ବା ଅନ୍ୟ କାହାରିକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଭୟରେ ପୀଡ଼ିତା ଜଣକକ କାହାରିକୁ କହି ନ ଥିଲେ। ପରଦିନ ପୀଡ଼ିତା ବିଦ୍ୟାଳୟରୁ ଘରକୁ ଫେରିବା ସମୟରେ ଉକ୍ତ ଯୁବକ ପୁଣି ମନ୍ଦ ଉଦ୍ଦେଶ୍ୟରେ ଡାକିବାରୁ ସେ ଘରକୁ ଯାଇ ମାଆଙ୍କୁ ସବୁକଥା କହିଥିଲେ। ଏ ନେଇ ଗ୍ରାମର ମୁଖିଆଙ୍କୁ ଜଣାଇବା ପରେ ପ୍ରତିଦିନ ଯୁବକ ଜଣକ ପୀଡ଼ିତାଙ୍କ ପରିବାର ଧମକ ଚମକ ଦେଉଥିଲେ। ଶେଷରେ ବାଧ୍ୟ ହୋଇ ପୀଡ଼ିତାଙ୍କ ମାଆ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ଯୁବକ ଜଣକ ଏହି କଥା ଜାଣିବା ପରେ ଫେରାର ହୋଇଯାଇଛି। ତେବେ ପୋଲିସ ପୀଡିତାଙ୍କୁ ଡାକ୍ତରୀ ପରୀକ୍ଷା କରାଯିବା ସହ ବୟାନ ରେକର୍ଡ କରିଛି।

# ଶିବସ୍ତୁତିରେ ମନ୍ତ୍ରମୁଗ୍ଧ ହେଲେ ଦର୍ଶକ



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**କୋଣାର୍କ,୧୯।୨(ଡି.ଏନ୍.ଏ.)**

**କୋଣାର୍କ ନୃତ୍ୟ, ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ**

କୋଣାର୍କସ୍ଥିତ ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ମାନସ ସନ୍ତାନ କୋଣାର୍କ ଅର୍କବିହାର ପରିସରରେ ୩୪ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। କୋଣାର୍କ ନାଟ୍ୟମଣ୍ଡପ ପରିସରରେ ଥିବା ବାବା ବାଲୁଙ୍କେଶ୍ୱର ମନ୍ଦିରରୁ ଆଜ୍ଞାମାଳ ଅଣାଯିବା ପରେ ଘଣ୍ଟ ମର୍ଦ୍ଦଳର ତାଳେତାଳେ ଆରମ୍ଭ ହୋଇଥିଲା ଉଦ୍‌ଘାଟନ ସନ୍ଧ୍ୟା। ଏଥିରେ ଅତିଥି ଭାବେ ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସ୍ତ୍ରୀ ସୁଲୋଚନା ପ୍ରଧାନ, କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ରୁକ୍ମିଣୀ ଦେବୀ, ସଭାପତି ଡ.ରମଣୀ ରଞ୍ଜନ ଜେନା, ସମ୍ପାଦକ ଶିବାଶିଷ ପ୍ରଧାନ, ଯୁଗ୍ମସମ୍ପାଦକ ଗୁରୁପଦ ବଳିଆରସିଂହ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଶୁଭାରମ୍ଭ କରିଥିଲେ। ପରେ ନାଟ୍ୟମଣ୍ଡପର କଳାକାରମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା ପଞ୍ଚଦେବ ଶ୍ରୁତି। ଏହି ସନ୍ଧ୍ୟାର ପ୍ରଥମ ଅର୍ଘରେ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଶିଷ୍ୟ ଗୁରୁ ଲିଙ୍ଗରାଜ ନାୟକଙ୍କ ନିର୍ଦ୍ଦେଶନାରେ କୋଣାର୍କ ନାଟ୍ୟମଣ୍ଡପର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟରେ ଶିବ ପଞ୍ଚକ ଭଗବାନ ଶିବସ୍ତୁତି ମାଧ୍ୟମରେ ଭକ୍ତଙ୍କ ଆଶିଷ ପ୍ରାପ୍ତ ଉପରେ ପର୍ଯ୍ୟବସିତ ନୃତ୍ୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହାପରେ କଟକ ସ୍ୱର୍ଣ୍ଣ ମନ୍ଦିରର ମୁଖ୍ୟ ତତ୍ତ୍ୱାବଧାରକ ଓଡ଼ିଶୀ ନୃତ୍ୟଗୁରୁ ଜ୍ୟୋତ୍ସ୍ନାରାଣୀ ସାହୁ ଓ ସାଥୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ହରିଓମ୍‌ର ତାଳେତାଳେ ମଞ୍ଚ ପ୍ରବେଶ କରିଥିଲେ। ପରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ହୋଇଥିବା ରାସାନୁରାଗ ନୃତ୍ୟର ପ୍ରେମବିରହ ଓ ମିଳନକୁ ନିଖୁଣ ଭାବରେ ପରିବେଷଣ କରିଥିଲେ। ଶେଷରେ ଦୟାଲ ସଙ୍ଗୀତ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ସବର ପ୍ରଥମ ସନ୍ଧ୍ୟାରେ ଇଂଲିଶରେ ସିନ୍ଧୁ ବ୍ରାଉନ ଓ ଓଡ଼ିଆରେ ବିଶ୍ୱଜିତ ବଳିଆରସିଂହ ସଂଯୋଜନା କରିଥିଲେ। କୋଣାର୍କ ନାଟ୍ୟମଣ୍ଡପର ଉପସଭାପତି ପ୍ରସନ୍ନ ବେଉରିଆ, ଗୁରୁ ଜୟକୃଷ୍ଣ ନାୟକ, ଖବରଦାତା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସୁଦେଷ୍ଣା ସାମଲ ଓ ଜଟାଧାରୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲୋକନାଥଙ୍କ ପୀଠରେ ରହଣି ଭୋଗ

**ପୁରୀ ଅଫିସ, ୧୯।୨**

ଶ୍ରୀଲୋକନାଥ ମହାପ୍ରଭୁଙ୍କ ନିକଟରେ ବୁଧବାରଠାରୁ ଆରମ୍ଭ ହୋଇଛି ରହଣି ଭୋଗ। ପ୍ରତ୍ୟହ ବଡ଼ସିଂହାର ଭୋଗରେ ଏହି ସ୍ୱତନ୍ତ୍ର ରହଣି ଭୋଗ ଲାଗି ହେବ। ଆସନ୍ତା ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହା ଚାଲିବ ବୋଲି ଶ୍ରୀଲୋକନାଥ ମନ୍ଦିର ସେବାୟତ ସନ୍ତୋଷ କୁମାର ପଣ୍ଡା ସୂଚନା ଦେଇଛନ୍ତି। ରହଣି ଭୋଗ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ପଙ୍କୋଦ୍ଧାର ଏକାଦଶୀ ପୂର୍ବରୁ ଶୁଦ୍ଧପୂତ ଭାବେ ଏହି ଭୋଗ ପ୍ରସ୍ତୁତ ହୋଇଥାଏ। ରହଣି ଭୋଗରେ ଖଜା, ମୁଠିଗଜା, ଜଗନ୍ନାଥବଲ୍ଲଭ, ମଗଜ ଲଡୁ, ଲୁଣି ଖୁରୁମା ପ୍ରଭୃତି ପ୍ରସ୍ତୁତ କରାଯାଏ। ମଇଦା, ଅଟା, ଘିଅ, ଚିନି, ଜୁଆଣି, ଅଦା, ଅଳେଇଚ, ହେଙ୍ଗୁ ପ୍ରଭୃତି ପଡ଼ି ଏହା ତିଆରି ହୁଏ। ଶ୍ରୀମନ୍ଦିରରୁ ଶ୍ରୀଲୋକନାଥ ମହାପ୍ରଭୁ ସ୍ୱମନ୍ଦିରକୁ ଯିବା ବାଟରେ ବିଭିନ୍ନ ରହଣି ସ୍ଥାନରେ ଏହି ଭୋଗ ଲାଗୁଥିବାରୁ ଏହାକୁ ରହଣି ଭୋଗ ବୋଲି କୁହାଯାଇଥାଏ। ଏହି ପରମ୍ପରା ଅତ୍ୟନ୍ତ ପ୍ରାଚୀନ। ରହଣି ଭୋଗ ପାଇବା ପାଇଁ ବହୁ ଭକ୍ତ ଏହି ସମୟକୁ ଅପେକ୍ଷା କରି ରହିଥାନ୍ତି। ଏହିଦିନ ଚୁଡ଼ାଘଷା ଭୋଗ ପାଇଁ ପଞ୍ଚୁକୋଶୀ ଲୋକଙ୍କର ମଧ୍ୟ ଶ୍ରୀଲୋକନାଥ ମନ୍ଦିରଠାରେ ଗହଳି ଲାଗିଥାଏ।

# ରାଜ୍ୟସ୍ତରୀୟ କବିତା ଆସର

**କଣାସ,୧୯।୨(ଡି.ଏନ.ଏ.)**

ଭାଷା ବଞ୍ଚିଲେ ଜାତି ବଞ୍ଚିବ, ଜାତି ବଞ୍ଚିଲେ ସାହିତ୍ୟ ବଞ୍ଚିବ, ଭାଷା ଓ ସାହିତ୍ୟକୁ ବଞ୍ଚାଇ ରଖିବାକୁ ହେଲେ, ଭାଷାର ପ୍ରୟୋଗ ସହ ସାରସ୍ୱତ ସାଧନ କରିବାକୁ ପଡିବ ବୋଲି ଅଣ୍ଡାରସିଂହ ପଞ୍ଚାୟତ ଅନ୍ତର୍ଗତ ଜଙ୍ଘାରସ୍ଥିତ ତାରେଣୀ ଛକଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ଆସରରେ କବିମାନେ ଆହ୍ୱାନ କରିଥିଲେ। ଫକୀରମୋହନ, ମଧୁସୂଦନ, ଗୋପବନ୍ଧୁ, ରାଧାନାଥ ଓ ମାୟାଧରଙ୍କ ସ୍ୱପ୍ନକୁ ଓଡିଆ ପ୍ରାଣପରେ ଜାଗ୍ରତ କରି ରଖିବାକୁ ଯୁବ ଓ ଛାତ୍ର ସମାଜ ପ୍ରୟାସ କରିବାକୁ କବିତା ପାଠରେ ଜଣାଇଥିଲେ। ତାରାଫୁଲ ସାହିତ୍ୟ ସଂସଦ ସୌଜନ୍ୟତାରେ ଆୟୋଜିତ ଏହି ସମ୍ମିଳନୀରେ ନାଟ୍ୟ ଗୌରବ ବିଭୂତି ଭୂଷଣ ପଟ୍ଟନାୟକ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ଡ. ହେମନ୍ତ ଛୋଟରାୟ ଯୋଗ ଦେଇଥିଲେ। ଶତାଧିକ କବି ଓ କବୟିତ୍ରୀଙ୍କ କବିତା ସଂଯୋଜନା କରାଯାଇଥିଲା। ସୂର୍ଯ୍ୟକାନ୍ତ ମହାନ୍ତି, ବିଜୟ ପଟ୍ଟନାୟକ, ବିପିନ୍ ବେହେରା ଓ ଅଜୟ ବଳିଆରସିଂହଙ୍କ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୫ଜଣ ସାରସ୍ୱତ ସାଧକଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଯୁବକବି ଶରତ ଚନ୍ଦ୍ର ମହାପାତ୍ରଙ୍କ ରଚିତ 'ଏକାନବେ ଏକପଦୀ' ଓ 'ଫୁଲେଇ ପୁସି' ର ପୁସ୍ତକ ଉନ୍ମୋଚନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ

**ବ୍ରହ୍ମଗିରି, ୧୯।୨ (ଡି.ଏନ.ଏ)**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ଜାଡିପୁର ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ଦୁଇବଖରା ଭସ୍ମୀଭୂତ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଗୌରାଙ୍ଗ ପ୍ରଧାନ ଓ କାଳୁ ରାଉତଙ୍କ ଘରେ ମଙ୍ଗଳବାର ରାତିରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଲାଗି ଦୁଇ ପରିବାରର ପ୍ରାୟ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ନିଆଁ ଲାଗିବାର କାରଣ ଜଣାପଡି ନାହିଁ।

## କଣାସ, ଡେଲାଙ୍ଗରେ ୬୬ ପରୀକ୍ଷାର୍ଥୀ ଅନୁପସ୍ଥିତ

**କଣାସ/ଡେଲାଙ୍ଗ, ୧୯।୨ (ସ୍ୱ.ପ୍ର/ଡି.ଏନ.ଏ.)**

ଚଳିତବର୍ଷ କଣାସ ବ୍ଲକର ୧୧ଟି ନୋଡାଲ କେନ୍ଦ୍ରରୁ ୨୦୦୭ଜଣ ମାଟ୍ରିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୪୧ଜଣ ଅନୁପସ୍ଥିତ ଥିଲେ। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୬ଜଣ ଅନୁପସ୍ଥିତ, ଗଡସାନପୁଟ ଉଚ୍ଚ ବିଦ୍ୟାଳୟରେ ୩ଜଣ, ଦୁର୍ଗାଦେବୀ ଉଚ୍ଚବିଦ୍ୟାଳୟରେ ୩ଜଣ, ଗୋପିନାଥ ଉଚ୍ଚବିଦ୍ୟାଳୟରେ ୪ ଜଣ, ଅଭିରାମ ବିଦ୍ୟାପୀଠ ଉଚ୍ଚବିଦ୍ୟାଳୟରେ ୩ଜଣ, ଜି.ବି ନୋଡାଲ ଉଚ୍ଚବିଦ୍ୟାଳୟରରେ ୬ଜଣ, କଲ୍ୟାଣପୁର ଉଚ୍ଚବିଦ୍ୟାଳୟରେ ୩ଜଣ, ତ୍ରିଲୋଚନପୁର ଉଚ୍ଚବିଦ୍ୟାଳୟରେ ୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସହଶିକ୍ଷା ଅଧିକାରୀ ମିନକେତନ ସାମନ୍ତରାୟ ସମସ୍ତ ପରୀକ୍ଷା କେନ୍ଦ୍ର ବୁଲି ଦେଖିଥିଲେ। ସେହିଭଳି ଡେଲାଙ୍ଗ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ୮ଟି ସେଣ୍ଟରରୁ ୧୨୯୩ ଜଣ ଛାତ୍ରୀଛାତ୍ର ମ୍ୟାଟ୍ରିକ ପରୀକ୍ଷା ଦେବାକୁ ଥିବାବେଳେ ୨୫ଜଣ ଅନୁପସ୍ଥିତ ରହିଥିଲେ ଏବିଇଓ ଯୁଧିଷ୍ଠିର ପରିଡା ସୂଚନା ଦେଇଛନ୍ତି।

# ସମ୍ମନ୍ୱିତ ଶିଶୁ ସୁରକ୍ଷା ସଚେତନତା ଶିବିର

**ସାକ୍ଷୀଗୋପାଳ,୧୯।୨(ଡି.ଏନ.ଏ.)**

ପଞ୍ଚାୟତ ସ୍ତରରୁ ସମ୍ମନ୍ୱିତ ଶିଶୁ ସୁରକ୍ଷା ଅଭିଯାନ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ସତ୍ୟବାଦୀ ବ୍ଲକ ସଭା ଗୃହରେ ଶିଶୁ ସୁରକ୍ଷା ସଚେତନତା ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ ଯୋଗଦେଇ ଆଜିର ଶିଶୁଙ୍କ ଭବିଷ୍ୟତ କ୍ଷେତ୍ରରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଶିଶୁ ସୁରକ୍ଷା ଆଇନର ବିଭିନ୍ନ ଦିଗ ବିଷୟରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧି ଓ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ସରୋଜ କୁମାର ଦତ୍ତ, ସାକ୍ଷୀଗୋପାଳ ଡାକ୍ତରଖାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱଜିତ ମିଶ୍ର, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ରାମ ଶଙ୍କର ପାତ୍ର, ଶକ୍ତି ପ୍ରସାଦ ମିଶ୍ର ଓ ଏବିଇଓ ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ କମଳା ମହାରଣା ଓ ବିଜୟ କୁମାର ପରିଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ସ୍ୱେଚ୍ଛାସେବୀ ତାଲିମ ଗ୍ରହଣ କରିଥିଲେ।

# ମାଟ୍ରିକ ପରୀକ୍ଷା ଦେଇପାରିଲେନି ସୌମ୍ୟ

**କୋଣାର୍କ/ପୁରୀ ଅଫିସ, ୧୯।୨ (ଡି.ଏନ.ଏ)**



- ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ଅଭିଭାବକ
- ରାମଚଣ୍ଡୀ ଥାନାରେ ଏତଲା ଦେଲେ

ଭବିଷ୍ୟତ ଗଠନ ନେଇ ଛାତ୍ରୀଛାତ୍ରୀଙ୍କ ଲାଗି ମାଟ୍ରିକ ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ଏଥିଲାଗି ପିଲାମାନେ ବର୍ଷସାରା କଠିନ ପରିଶ୍ରମ କରିଥାନ୍ତି। ତେବେ ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ବାଲିକପିଳେଶ୍ୱରପୁର ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ର ମାଟ୍ରିକ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏଥିଲାଗି ତାଙ୍କ ପରିବାରବର୍ଗ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ରାମଚଣ୍ଡୀ ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ବାଲିକପିଳେଶ୍ୱରପୁର ଉଚ୍ଚବିଦ୍ୟାଳୟରେ ଦଶମ ଶ୍ରେଣୀରେ ୧୨୯ ଜଣ ପିଲା ଅଧ୍ୟୟନ କରନ୍ତି। ସେମାନଙ୍କ ମଧ୍ୟରୁ ୧୧୮ ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ୧୧ଜଣ ପିଲା ପରୀକ୍ଷା ଦେଉନାହାନ୍ତି। ଏମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ବେହେରା ରହିଛନ୍ତି। ସେ ଏହି ପରୀକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସୌମ୍ୟରଞ୍ଜନ କହିଛନ୍ତି, ପରୀକ୍ଷା ଲାଗି ଆଡମିଟକାର୍ଡ ଆଣିବା ପାଇଁ ଯାଇଥିବାବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ମୋତେ ପରୀକ୍ଷା ଦେଇପାରିବ ନାହିଁ ବୋଲି କହିଥିଲେ। ସେହିପରି ସୌମ୍ୟଙ୍କ ବାପା ପ୍ରକାଶ କହିଛନ୍ତି, କର୍ତ୍ତୃପକ୍ଷଙ୍କ ଅବହେଳାରୁ ମୋ' ପୁଅର ଭବିଷ୍ୟତ ନଷ୍ଟ ହୋଇଗଲା। ତେଣୁ ଏ ନେଇ ସେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଏତଲା ଦେଇଛନ୍ତି। ଅନ୍ୟପକ୍ଷରେ କୌଣସି ପ୍ରକାର ଅବହେଳାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। ଏ ସଂକ୍ରାନ୍ତରେ ଗୋପ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଜଣାଇ ଦିଆଯାଇଛି। ଫର୍ମଫିଲପ ଅନଲାଇନରେ କରାଯାଇଥିଲା। ଏଥିଲାଗି ମାସକ ପୂର୍ବରୁ ସମସ୍ତ ଅଭିଭାବକଙ୍କୁ ସେମାନଙ୍କ ପିଲାଙ୍କ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ୩ଟି ପର୍ଯ୍ୟାୟରେ ୧୧୮ଜଣ ପିଲା ଅନଲାଇନରେ ଫର୍ମପୂରଣ କରିଥିଲେ। ସମ୍ପୃକ୍ତ ଛାତ୍ରଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ସେ ଫର୍ମପୂରଣ କରି ନ ଥିଲେ। ସେ ଚାହିଁଲେ ଆଗାମୀ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇପାରିବେ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଅଭିଯୋଗର ତଦନ୍ତ ଆରମ୍ଭ କରିଛି ପୋଲିସ। ପ୍ରକୃତରେ ସୌମ୍ୟ ଫର୍ମ ଫିଲପ କରିଛନ୍ତି କି ସ୍କୁଲ କର୍ତ୍ତୃପକ୍ଷଙ୍କର କିଛି ତ୍ରୁଟି ଯୋଗୁ ସେ ପରୀକ୍ଷା ଦେଇପାରିନାହାନ୍ତି ସେନେଇ ତଦନ୍ତ କରାଯିବ। ଏହାପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଥାନା ଅଧିକାରିଣୀ ନିଳିମା ପଟ୍ଟନାୟକ କହିଛନ୍ତି।

# ୧୨୩ କେନ୍ଦ୍ରରେ ପରୀକ୍ଷା ଦେଲେ ୨୨୪୭୮ ଛାତ୍ରୀଛାତ୍ର



ଛାତ୍ରୀମାନେ ପରୀକ୍ଷା ଦେବାକୁ ପୁରୀ ଗଦାଧର ବିଦ୍ୟାଳୟ କେନ୍ଦ୍ରକୁ ଯାଉଛନ୍ତି।

**'୪୨ କେନ୍ଦ୍ରରେ ସିସିଟିଭି ଲାଗିଛି'**

ପରୀକ୍ଷା ଆୟୋଜନ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରତି କେନ୍ଦ୍ରରେ ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥା ହୋଇଛି। ବୋର୍ଡ ନିୟମାନୁଯାୟୀ ପ୍ରତି କେନ୍ଦ୍ରଠାରୁ ଶହେ ମିଟର ଦୂରତା ମଧ୍ୟରେ ଲୋକଙ୍କ ପ୍ରବେଶ ଉପରେ କଟକଣା ରହିଛି। ପ୍ରତି କେନ୍ଦ୍ରରେ ପୋଲିସ ମୁତୟନ ରହିଛନ୍ତି। ସମ୍ବେଦନଶୀଳ ୪୨ଟି କେନ୍ଦ୍ରରେ ସିସିଟିଭି ସର୍ଭେଲାନ୍ସରେ ପରୀକ୍ଷା ଚାଲିଛି। କେନ୍ଦ୍ରରେ ପରୀକ୍ଷାର୍ଥୀ ଏବଂ ଶିକ୍ଷକଙ୍କ ମୋବାଇଲ ଫୋନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। କପି ରୋକିବା ଏବଂ ଶୃଙ୍ଖଳିତ ଓ ସ୍ୱଚ୍ଛ ପରୀକ୍ଷା ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ବୋର୍ଡ ପକ୍ଷରୁ ସ୍କାଡ୍ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବିଭିନ୍ନ କେନ୍ଦ୍ର ବୁଲି ପରୀକ୍ଷା ପରିଚାଳନା ସମ୍ପର୍କରେ ଅନୁଧ୍ୟାନ କରିବେ।

**- ନିରଞ୍ଜନ ସାହୁ, ପୁରୀ ଜିଲା ଶିକ୍ଷାଧିକାରୀ**

**ପୁରୀ ଅଫିସ, ୧୯।୨**

**ପୁରୀ ଜିଲା**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ ପୁରୀ ଜିଲାର ୧୨୩ କେନ୍ଦ୍ରରେ ୨୨,୪୭୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ରେଗୁଲାର ୨୧,୧୩୫, ଏକ୍ସ-ରେଗୁଲାର ୬୧୨ ଏବଂ କରେସପଣ୍ଡେଣ୍ଟ କୋର୍ସରେ ରେଗୁଲାର ୩୬, ଏକ୍ସ-ରେଗୁଲାର ୩ ମୋଟ ୨୧,୭୮୬ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ସେହିପରି ମଧ୍ୟମା ରେଗୁଲାରରେ ୯୪ ଓ ଏକ୍ସ-ରେଗୁଲାରରେ ୯ ମୋଟ ୧୦୩ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସ୍‌ଓଏସ୍‌ସି) ରେଗୁଲାରରେ ୪୪୩, ଏକ୍ସ-ରେଗୁଲାରରେ ୧୪୬ ମୋଟ ୫୮୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ବୁଧବାର ଦୁଇଟି ଶିଫ୍ଟରେ ପରୀକ୍ଷା ହୋଇଥିଲା। ପ୍ରଥମ ଶିଫ୍ଟରେ ମାଟ୍ରିକ ରେଗୁଲାର ଓ ଏକ୍ସ-ରେଗୁଲାର ଏବଂ ଦ୍ୱିତୀୟ ଶିଫ୍ଟରେ ମଧ୍ୟମା ଏବଂ ଏସ୍‌ଓଏସ୍‌ସି ପିଲାଙ୍କ ପରୀକ୍ଷା ହୋଇଥିଲା। ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଲାଗି ଛାତ୍ରୀଛାତ୍ରମାନେ ପୂର୍ବାହ୍ନ ୯.୩୦ ମିନିଟ୍ ସୁଦ୍ଧା ପରୀକ୍ଷା ହଲରେ ପହଞ୍ଚିଥିଲେ। ସେମାନେ ପ୍ରବେଶିକାପତ୍ର ଦେଖାଇ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିଥିଲେ। ୧୫ ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ଦିଆଯାଇଥିଲା। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨.୩୦ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷା ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଅପରାହ୍ନ ୧.୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ହୋଇଥିଲା। ପ୍ରଥମ ଦିନରେ ମଧ୍ୟମା ପରୀକ୍ଷାରେ ୨ଜଣ ଛାତ୍ର କପି କରି ଧରାପଡ଼ିଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି।



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ବଡ଼େ ସ୍ପର୍ଦ୍ଧା, ତ୍ୟାଗରେ ବଢ଼େ ମହତ୍ତ୍ୱ।

-ଶିରିଡି ସାଇବାବା



## ସଂକ୍ଷେପରେ

### ୯ କେନ୍ଦ୍ରରେ ୩୬ ପରୀକ୍ଷାର୍ଥୀ ଅନୁପସ୍ଥିତ

କାକଟପୁର,୧୯।୨(ଡି.ଏନ୍.ଏ.): କାକଟପୁର ନୋଡାଲ ସେଣ୍ଟରର ଅଧୀନରେ ଥିବା ୯ଟି ସେଣ୍ଟରରେ ବୁଧବାର ସୁରୁଖୁରୁରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି। ମୋଟ ୧୮୫୦ଜଣ ପରୀକ୍ଷା ଦେବା ପାଇଁ ଥିବାବେଳେ ୩୬ଜଣ ଅନୁପସ୍ଥିତ ରହିଥିଲେ। କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୨ଜଣ, କାକଟପୁର ବାଳିକା ନୋଡାଲ ଉଚ୍ଚବିଦ୍ୟାଳୟରେ ୩ଜଣ, ଲତାହରଣ ହାଇସ୍କୁଲରେ ୧ଜଣ, ପାଟପୁରର ବରୁଣେଇ ହାଇସ୍କୁଲରେ ୩ଜଣ, ବାଙ୍ଗୁରୀଗାଁର ବୀରଭଦ୍ର ବିଦ୍ୟାପୀଠର ୬ଜଣ, ବାଙ୍ଗୁରୀଗାଁ ବାଳିକା ଉଚ୍ଚ ବିଦ୍ୟାଳୟରେ ୩ଜଣ, ଗୋପୀକାନ୍ତପୁର ହାଇସ୍କୁଲର ୨ଜଣ, ନୟାହାଟ ହାଇସ୍କୁଲରେ ୧ଜଣ, ବାଲିଆର ସତ୍ୟନାରାୟଣ ବିଦ୍ୟାପୀଠର ୧୫ଜଣ ପରୀକ୍ଷାର୍ଥୀ ମାଟ୍ରିକ ପ୍ରଥମ ପରୀକ୍ଷା ଦେବାକୁ ଆସିନାହାନ୍ତି। ପ୍ରଶ୍ନଗୁଡ଼ିକୁ କଡ଼ା ନିରାପତ୍ତା ବଳୟ ମଧ୍ୟରେ ପଠାଯାଇଥିଲା ବୋଲି ନୋଡାଲ ସେଣ୍ଟରର ଅଧିକାରୀ ପ୍ରତାପ କୁମାର ରାଉତ ଓ ଡେପୁଟି ସେଣ୍ଟର ଅଧିକାରୀ ପୀତବାସ ଦୀକ୍ଷିତ କହିଛନ୍ତି।

### ନାଟକ ମଞ୍ଚସ୍ଥ

କାକଟପୁର, ୧୯।୨: କାକଟପୁର ନିକଟସ୍ଥ ପଥରପକା ଗ୍ରାମର ବଟମଙ୍ଗଳା ଜନ୍ମବାର୍ଷିକ ଉତ୍ସବ ଉପଲକ୍ଷେ ୩ଦିନ ବ୍ୟାପୀ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ୩ଟି ନାଟକ 'ଲୁହରେ ଲେଖା ମୋ କପାଳ ରେଖା', 'ମିଛୁଆ ରାଧୁଆ ଗପ ସରିଲା', 'ସାତ ସୁରେ ବନ୍ଧା ଏ ଜୀବନ' ୩ଦିନ ବ୍ୟାପୀ ମଞ୍ଚସ୍ଥ ହୋଇଥିଲା। ଏଥିରେ ବିଭିନ୍ନ ଭୂମିକାରେ ପପୁ, ଉଲ୍ଲାସ, ମିଟୁ, ଗୋପୀ, ମକୁ, ବାବୁ ରାମ, ବାଉରୀବନ୍ଧୁ, କାଳନ୍ଦୀ, ସଞ୍ଜୟ, ଦ୍ୱାରିକା, ବୁଲୁ, କୁନିଆ, ଲକ୍ଷ୍ମୀଧର, ପବିତ୍ର , ସିଲୁ ଅଭିନୟ କରିଥିଲେ। ନାଟକ ୩ଟିର ନାଟ୍ୟ ନିର୍ଦ୍ଦେଶନା ରବୀନ୍ଦ୍ର ଓ ଧ୍ରୁବଚରଣ, ଟୁଲୁ ଦେଇଥିଲେ। ଏହି ଉତ୍ସବ ଦେଖିବାକୁ ବହୁ ଜନସମାଗମ ହୋଇଥିଲା। ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବାରୁ ଗ୍ରାମବାସୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ବ୍ଲକ କୃଷି ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

କାକଟପୁର,୧୯।୨(ଡି.ଏନ୍.ଏ.): ରାଜ୍ୟ ସରକାର ବ୍ଲକ ସ୍ତରରେ ସହକାରୀ କୃଷି ଅଧିକାରୀ ପଦବୀକୁ ଉଚ୍ଛେଦ କରି ବ୍ଲକ କୃଷି ଅଧିକାରୀ ପଦବୀ ସୃଷ୍ଟି କରିଛନ୍ତି। ଏ ନେଇ ବୁଧବାର କାକଟପୁର ବ୍ଲକରେ ବ୍ଲକ କୃଷି ଅଧିକାରୀ ଭାବେ ନିକୁଞ୍ଜ କିଶୋର ରାଉତ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ଅଧିକାରୀ ରାଉତ ରାଜ୍ୟ ରୋଗପୋକ ନିୟନ୍ତ୍ରଣ ବିଭାଗର ଖୋର୍ଦ୍ଧା ଜିଲାର ଟାଙ୍ଗୀ ବ୍ଲକରେ ରୋଗପୋକ ନିୟନ୍ତ୍ରଣ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସରକାର ନିୟମରେ ପରିବର୍ତ୍ତନ କରିବାପରେ ସରକାର ପ୍ରଥମ କରି ତାଙ୍କୁ କାକଟପୁର ବ୍ଲକର କୃଷି ଅଧିକାରୀ ଭାବେ ନିଯୁକ୍ତ କରିଛନ୍ତି। ଅଗ୍ରଣୀ ଚାଷୀ ଓ କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ଜଳିଗଲା ୪ ବଖରା

ବଲଙ୍ଗା,୧୯।୨(ଡି.ଏନ.ଏ):ବଲଙ୍ଗା ଥାନା ଅଧୀନ ଗୋପୀନାଥପୁର ପଞ୍ଚାୟତ କାଳିଆପଦା ଦଳିତ ସାହିରେ ବୁଧବାର ରାତିରେ ନିଆଁ ଲାଗି ୪ ବଖରା ଘର ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ସୂଚନାଯୋଗ୍ୟ, ସନ୍ଧ୍ୟା ୭ ଘଟିକା ସମୟରେ ହଠାତ ଦଳିତ ସାହିର ସଞ୍ଜୟ ବେହେରାଙ୍କ ଘରେ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ ନିଆଁ ନିକଟରେ ଥିବା ବିଜୟ ବେହେରା, ଧୂମା ଦାସ ଓ ପ୍ରତିମା ଦେବୀଙ୍କ ଘରକୁ ବ୍ୟାପୀ ଯାଇଥିଲା। ଖବରପାଇ ନିମାପଡ଼ାରୁ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ସମସ୍ତଙ୍କ ୪ବଖରା ଘର ଜଳିଯାଇଥିବା ବେଳେ ନିଆଁ ଲାଗି ୩ଗୋଟି ଗାଈ ଅର୍ଦ୍ଧଦଗ୍ଧ ହୋଇଯାଇଥିଲେ। ଏଥିସହ ୪ଗୋଟି ଛେଳିଙ୍କର ପତ୍ତା ମିଳିନାହିଁ।

### ଶ୍ରୀବିହାରରେ ସ୍ମୃତିସଭା

ପୁରୀ ଅଫିସ, ୧୯।୨: ପଣ୍ଡିତ କୁଳମଣି ମିଶ୍ରଙ୍କ ତିରୋଧାନ ଦିବସ ଅବସରରେ ବୁଧବାର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀବିହାରରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ନାତକୋତ୍ତର ବିଭାଗ ଅଧ୍ୟକ୍ଷ ପ୍ରଫେସର ଗୋବିନ୍ଦ ଚନ୍ଦ୍ର କର ଅଧ୍ୟକ୍ଷତା କରିଥିଲେ। କୁଳପତି ପ୍ରଫେସର ହରିହର ହୋତା ମୁଖ୍ୟଅତିଥି, ଧର୍ମଶାସ୍ତ୍ର ବିଭାଗ ମୁଖ୍ୟ କମଳେଶ ମିଶ୍ର, ପ୍ରଫେସର ତାତାଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁଳମଣିଙ୍କ ଆଦର୍ଶ ଜୀବନୀ, ଛାତ୍ର ବତ୍ସଳତା ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ଶ୍ରୀମଦ୍ ଭଗବତ ଗୀତାର ପଞ୍ଚଦଶ ଅଧ୍ୟାୟ ଆବୃତ୍ତି କରିଥିଲେ। ଡ. ଶାନ୍ତିଲତା ଅଧିକାରୀ, ଡ. ଅନିଲ କୁମାର ଦାଶ, ଡ. ଶକୁନ୍ତଳା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଅସ୍ତିତ୍ୱ ହରାଉଛି ଆଚାର୍ଯ୍ୟ ହରିହର ପାଠାଗାର

ପୁରୀ ଅଫିସ,୧୯।୨:

ଶ୍ରୀମନ୍ଦିର ନିକଟରେ ଥିବା ରଘୁନନ୍ଦନ ପାଠାଗାର ମାଟିରେ ମିଶିବା ପରେ ଏବେ ଆଉ ଏକ ପୁରାତନ ପାଠାଗାର ଅସ୍ତିତ୍ୱ ହରାଇବାକୁ ବସିଛି। ଶରଧାବାଲି ନିକଟ ମୁକ୍ତାକାଶ ରଙ୍ଗମଞ୍ଚ କୋଠା ତଳେ ଚାଲିଥିବା ଆଚାର୍ଯ୍ୟ ହରିହର ପାଠାଗାର ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି। ଏହା ପରିସରରେ ପାଣି ଜମି ରହିଛି। ପଚାଶ ବର୍ଷ ତଳେ ନିର୍ମିତ ଏହି ପାଠାଗାରରେ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଏବଂ ଶ୍ରୀକ୍ଷେତ୍ର ଓ ଉତ୍କଳୀୟ ସଂସ୍କୃତି ତଥ୍ୟ ସମ୍ବଳିତ ବହୁ ମୂଲ୍ୟବାନ ପୁସ୍ତକ, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ସଂସ୍କୃତ କାବ୍ୟ ଆଦି ରହିଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ମୂଲ୍ୟବାନ ଗ୍ରନ୍ଥ ଓ ପୁସ୍ତକ ସମେତ ମହାପୁରୁଷଙ୍କ ଜୀବନୀ ପୁସ୍ତକ ଉଇ ଖାଇ ନଷ୍ଟ ହୋଇଗଲାଣି। ଅତୀତରେ ଗବେଷକ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ରଙ୍କ ଲାଗି ଗବେଷଣାର ମାଧ୍ୟମ ସାଜିଥିବା ଏହି ପାଠାଗାର ଏବେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଛି।

୧୯୭୪ ମସିହାରେ ଆଚାର୍ଯ୍ୟ ହରିହର ପାଠାଗାର ପ୍ରତିଷ୍ଠା ହୋଇଥିଲା। ୧୯୯୫ରେ ମୁକ୍ତାକାଶ ରଙ୍ଗମଞ୍ଚ ଅଣ୍ଡର ଗ୍ରାଉଣ୍ଡରେ ଏହି ପାଠାଗାର ଆରମ୍ଭ ହୋଇଥିଲା। ରଙ୍ଗମଞ୍ଚ ଆୟର କିଛି ଅଂଶ ପାଠାଗାର ଉନ୍ନତିରେ ଖର୍ଚ୍ଚ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ରଙ୍ଗମଞ୍ଚରେ ବର୍ଷସାରା କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଏ ବାବଦକୁ ପୌର ପ୍ରଶାସନ ବର୍ଷକୁ ଲକ୍ଷାଧିକ ଟଙ୍କା ଆୟ କରୁଛି। ତେବେ ପ୍ରଶାସନିକ ଉଦାସୀନତା ଯୋଗୁ ଏହି ପାଠାଗାର ଏବେ ଅଲୋଡ଼ା ହୋଇପଡ଼ିଛି। ପାଠାଗାର ପରିସରରେ ପାଣି, ଅଳିଆ ଆବର୍ଜନା ଜମିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ବହୁ ମୂଲ୍ୟବାନ ପୁସ୍ତକ ପାଣି ପଡ଼ି ନଷ୍ଟ ହେବାକୁ ବସିଲାଣି। କୋଠା ଛାତରୁ କଂକ୍ରିଟ ଖସି ଲୁହାରଡ୍ ଦେଖାଗଲାଣି। ସେହିପରି ମୁକ୍ତାକାଶ ରଙ୍ଗମଞ୍ଚରେ ଫାଟ ସୃଷ୍ଟି ହେଲାଣି। କେଉଁ ସମୟରେ ଏହା ଭୁଶୁଡ଼ିବ କହି ହେଉନି। ମୁକ୍ତାକାଶ ରଙ୍ଗମଞ୍ଚ ଓ ପାଠାଗାରର ପୁନରୁଦ୍ଧାର ଜରୁରୀ ହୋଇପଡ଼ିଛି। ମୁକ୍ତାକାଶ ରଙ୍ଗମଞ୍ଚରେ ସାଧାରଣ କାର୍ଯ୍ୟକ୍ରମ ବ୍ୟତୀତ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ପ୍ରଚାର ପ୍ରସାର ଏବଂ ରଥଯାତ୍ରା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ତେବେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ମୁକ୍ତାକାଶ ରଙ୍ଗମଞ୍ଚ ମଧ୍ୟ ଶିରୀ ହରାଇବାକୁ ବସିଲାଣି। ସାମାଜିକ କର୍ମୀ ଚକ୍ରଧର ମହାପାତ୍ର କହିଛନ୍ତି, ଅତୀତରେ ଏହି ପାଠାଗାରର ସୁନାମ ରହିଥିଲା। ବହୁ ଗବେଷକ, ବୁଦ୍ଧିଜୀବୀ ଏବଂ ଛାତ୍ରୀଛାତ୍ରଙ୍କ ଲାଗି ଏହା ଉପାଦେୟ ପାଲଟିଥିଲା। ମାତ୍ର ଏବେ ଗତ କିଛି ମାସ ହେଲା ଉପଯୁକ୍ତ ରକ୍ଷଣାବେକ୍ଷଣ ଏଠାକାର ବହୁ ମୂଲ୍ୟବାନ ପୁସ୍ତକ ନଷ୍ଟ ହେବାକୁ ବସିଲାଣି। ଏ ନେଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି, ଫନୀ ବାତ୍ୟା ସମୟରୁ ପାଠାଗାରରେ ପାଣି ଜମି ରହିଛି। ଏକ ଅଣ୍ଡର ଗ୍ରାଉଣ୍ଡରେ ଏହି ପାଠାଗାର ଥିବାରୁ ପାଣି ଜମିଯାଉଛି। ପାଣି ବାହାର କରିବାକୁ ଉଦ୍ୟମ କରାଯାଉଛି। ପାଣି ନିଷ୍କାସନ କରାଯିବା ପରେ ପୁସ୍ତକଗୁଡ଼ିକୁ ବାହାର କରାଯାଇ ସଂରକ୍ଷଣ ବ୍ୟବସ୍ଥା କରାଯିବ। ସେହିପରି ରଙ୍ଗମଞ୍ଚର ପୁନରୁଦ୍ଧାର ଲାଗି ପ୍ରସ୍ତାବ ରହିଛି।

**ମଳିନ ପଡୁଛି ମୁକ୍ତାକାଶ ରଙ୍ଗମଞ୍ଚ**



ଆଚାର୍ଯ୍ୟ ହରିହର ପାଠାଗାର ପରିସରରେ ପାଣି ଜମିରହିଛି।

# ୨୦୨୦ ଜାନୁୟାରୀରୁ ମହଙ୍ଗା ଭତ୍ତା ପ୍ରଦାନ ଦାବି

■ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଶୋଭାଯାତ୍ରା

ପୁରୀ ଅଫିସ,୧୯।୨:

ରାଜ୍ୟ ସରକାର ଶିକ୍ଷକଙ୍କ ଲାଗି ମହଙ୍ଗା ଭତ୍ତା ଘୋଷଣା କରିଛନ୍ତି। ୨୦୧୯ ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ୬ମାସର ମହଙ୍ଗା ଭତ୍ତା ପରିବର୍ତ୍ତେ ୨୦୨୦ ଜାନୁୟାରୀରୁ ୫ ପ୍ରତିଶତ ଭତ୍ତା ପ୍ରଦାନ ଲାଗି ଘୋଷଣା କରିଛନ୍ତି। ଏହା ପ୍ରତିବାଦରେ ଓଡ଼ିଶା ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପୁରୀ ଜିଲା ଶାଖା ପକ୍ଷରୁ ବୁଧବାର ଶୋଭାଯାତ୍ରା ଆୟୋଜନ ସହ ବିକ୍ଷୋଭ କରାଯାଇଥିଲା। ଓଷ୍ଟା ସମ୍ପାଦକ ମହେନ୍ଦ୍ର କୁମାର ରଣସିଂଙ୍କ ନେତୃତ୍ୱରେ ଶିକ୍ଷକ ଓ କର୍ମଚାରୀମାନେ ପୌରସଦନଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ କରିଥିଲେ। ଏଥିରେ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ଶିଖା ପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି, ଅଲୋଷ୍ଟା ଯୁଗ୍ମ ସମ୍ପାଦକ ସୁକାନ୍ତ ବେହେରା, କୃଷ୍ଣଚନ୍ଦ୍ର ଦାଶ, ରମେଶ ପତି, ଶରତ ସେଠୀ, ମହେଶ୍ୱର ମହାରଣା, ଓଷ୍ଟା କାର୍ଯ୍ୟକାରୀ କମିଟି ପୁରୀ ସଦସ୍ୟ ବିଚିତ୍ରାନନ୍ଦ ପାତ୍ର, ପ୍ରଶାନ୍ତ ମହାରଣା, ସୁଧାଂଶୁ ଶେଖର ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।




ଓଡ଼ିଶା ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପୁରୀ ଶାଖା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# 'ମହାପୁରୁଷଙ୍କ ଜୀବନୀ ପଢ଼ି ଆଦର୍ଶ ଜୀବନ ଗଢ଼'

■ ବାସୁଦେବ ବଲ୍ଲଭ ବିଦ୍ୟାଳୟରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ



ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ପୁରୀ ଅଫିସ, ୧୯।୨:

ପୁରୀ ସଦର ବ୍ଲକର ବାସୁଦେବ ବଲ୍ଲଭ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍କଳ ସ୍ୱାଭିମାନ ମଞ୍ଚ ଆନୁକୂଲ୍ୟରେ ବୁଧବାର ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାଶ, ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ସର ପ୍ରାକ୍ତନ ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇ ପ୍ରତିମୂର୍ତ୍ତିଗୁଡିକୁ ଅନାବରଣ କରିଥିଲେ। ମହାପୁରୁଷମାନଙ୍କ ଜୀବନୀ ପଢି ଆଦର୍ଶ ଜୀବନ ଗଢିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ, ଗୁରୁଜନ ଏବଂ ପୁସ୍ତକ ସର୍ବଦା ଉଚିତ ମାର୍ଗ ପ୍ରଦର୍ଶନ କରିଥାନ୍ତି ବୋଲି ସେ କହିଥିଲେ। ଶତବାର୍ଷିକୀ ଉତ୍ସବର ଆବାହକ ତଥା ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ଛାତ୍ର ଜୀବନ ହେଉଛି ଅଧ୍ୟୟନର ସମୟ। ତେଣୁ ପାଠ ଲାଗି କଠିନ ପରିଶ୍ରମ କରିବା ଉଚିତ। ଗୁରୁଜନ ଓ ଶିକ୍ଷକଙ୍କ ଆଶୀର୍ବାଦ ରହିଲେ ଜୀବନ ସାର୍ଥକ ହେବ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାଧ୍ୟାପକ ପ୍ରଭାକର ତ୍ରିପାଠୀ, ଡିଆଇଟି ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ର, ସତ୍ୟନାରାୟଣ ମିଶ୍ର, ଇଂ. ବି.ଭୋଇ, ବାସୁଦେବ ସାହୁ, ସୁକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଶୃଙ୍ଖଳା, ସମୟାନୁବର୍ତ୍ତିତା, ନିଷ୍ଠା ଓ ଏକାଗ୍ରତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନଶିକ୍ଷକ ଅଜୟ କୁମାର ପଣ୍ଡା, ପରିଚାଳନା କମିଟି ସଭାପତି ଚନ୍ଦ୍ରଶେଖର ସାହୁ, ଶତବାର୍ଷିକୀ ଉତ୍ସବର ସଂଯୋଜକ ବସନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପାଣ୍ଡବ ସାହୁ ଓ ଅନ୍ୟ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂଶୋଧିତ କମ୍ପାନୀ ଆକ୍ଟ ଶୀର୍ଷକ ଆଲୋଚନାଚକ୍ର

ପୁରୀ ଅଫିସ, ୧୯।୨ :

ଏସ୍‌ସିଏସ୍ କଲେଜ ଏମ୍‌ବିଏ ଏବଂ ବିବିଏ ବିଭାଗ ଆନୁକୂଲ୍ୟରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ କମ୍ପାନୀ ସେକ୍ରେଟାରିଜ୍ ଇଣ୍ଡିଆ (ଆଇସିଏସ୍‌ଆଇ) ସହଯୋଗରେ ବୁଧବାର ସଂଶୋଧିତ କମ୍ପାନୀ ଆକ୍ଟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ଶଙ୍କର୍ଷଣ ଦାଶ ଯୋଗଦେଇ କମ୍ପାନୀ ଆକ୍ଟ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ସତ୍ୟପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର ମହେନ୍ଦ୍ର ମିଶ୍ର କମ୍ପାନୀ ସେକ୍ରେଟାରୀ ଆକ୍ଟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇସିଏସ୍‌ଆଇ ଭୁବନେଶ୍ୱର ମୁଖ୍ୟ ପ୍ରଭାତ କୁମାର ନାୟକ, ମଧୁଛନ୍ଦା ପ୍ରଧାନ, ବିମଳ ପ୍ରସାଦ ପଟ୍ଟନାୟକ ପ୍ରମୁଖ ୨୦୧୯ରେ କମ୍ପାନୀ ଆକ୍ଟରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ କହିଥିଲେ। ଅଧ୍ୟାପିକା ରଶ୍ମୀରେଖା ରାୟ, ବିଜୟଲକ୍ଷ୍ମୀ ଭୋଳ, ପ୍ରତ୍ୟୁଷା ବେହେରା, ଅଧ୍ୟାପକ ଶିବ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଅଭିଷେକ ଶତପଥୀ ଧନ୍ୟବାଦ ଦେଇଥିଲେ।

# ବଜାରଭିତ୍ତିକ କାର୍ଯ୍ୟକ୍ରମ ସମ୍ପର୍କରେ କର୍ମଶାଳା

ନିମାପଡ଼ା,୧୯।୨(ଡି.ଏନ୍.ଏ.):

ନିମାପଡ଼ା ବ୍ଲକ ଅନ୍ତର୍ଗତ ଝାଡେଶ୍ୱରୀ ଯୁବକ ସଂଘ(ଜେ.ଜେ.ଏସ୍.) ପକ୍ଷରୁ କାଥୋଲିକ ରିଲିଫ ସର୍ଭିସ ସହାୟତାରେ ବିପର୍ଯ୍ୟୟ ସହଣି ଗୃହ ନିମନ୍ତେ ବଜାର ଭିତ୍ତିକ କାର୍ଯ୍ୟକ୍ରମ ସମ୍ପର୍କରେ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ସଭାକକ୍ଷରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ସିଆରଏସର ପ୍ରୋଗ୍ରାମ ଅଫିସର ଶୈଳେନ୍ଦ୍ର କୁମାର ପଟ୍ଟନାୟକ, ଜେ.ଜେ.ଏସ୍ ସମ୍ପାଦକ ନକୁଳ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳାରେ ବହୁ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଜେ.ଜେ.ଏସ୍‌ର ସଂଯୋଜକ ପ୍ରିୟଙ୍କା ସ୍ୱାଇଁ, କମ୍ୟୁନିଟି ଅର୍ଗାନାଇଜର ମହିମା ମହାରଣା, ଅରବିନ୍ଦ ମଲ୍ଲିକ, ଚିନ୍ମୟ ବାରିକ ପ୍ରମୁଖ କର୍ମଶାଳାର ସଂଯୋଜନା ଓ ପରିଚାଳନା କରିଥିଲେ। ଜେ.ଜେ.ଏସର ସମ୍ପାଦକ ସ୍ୱାଇଁ କର୍ମଶାଳାରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ।




କର୍ମଶାଳାରେ ମଞ୍ଚାସୀନ ଅତିଥି।

# ବାଇକ୍ ଧକ୍କାରେ ଯୁବକ ମୃତ

ଗୋପ,୧୯।୨(ଡି.ଏନ.ଏ.)

କୋଣାର୍କ ଥାନା ଅଧୀନ ବାଣପଦା ଗ୍ରାମ ନିକଟରେ ଥିବା ଏକ ପାଚେରିରେ ବାଇକ ଧକ୍କା ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କରମଙ୍ଗା ଗ୍ରାମର ବିବେକାନନ୍ଦ ନାୟକ(୩୦)। ସୂଚନାଯୋଗ୍ୟ, ବୁଧବାର ବିବେକାନନ୍ଦଙ୍କ ଝିଆରିର ଏକୋଶିଆ ଥିଲା। ଏଥିଲାଗି ଘରେ ସମସ୍ତେ ଖୁସିରେ ଥିଲେ। ବିବେକାନନ୍ଦ କୌଣସି କାମରେ ବାହାରକୁ ଯାଇ ସନ୍ଧ୍ୟା ସମୟରେ ନିଜ ବାଇକରେ ଘରକୁ ଫେରୁଥିବାବେଳେ ବାଟରେ ଏକ ପାଚେରିରେ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୭ଲକ୍ଷ ଟଙ୍କାର ସୁନାଗହଣା ଚୋରି

କଣାସ,୧୯।୨(ସ୍ୱ.ପ୍ର)

କଣାସ ଥାନା ଅନ୍ତର୍ଗତ ଗଡ଼ବଡ଼ପୁଟ ପଞ୍ଚାୟତ ବାଦଲପୁର ଗ୍ରାମର ସୌମ୍ୟକାନ୍ତ ବେହେରାଙ୍କ ଘରୁ କେତେଜଣ ଦୁର୍ବୃତ୍ତ ୭ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି କରି ନେଇଥିବା ବୁଧବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତିରେ କୌଣସି କାମରେ ସୌମ୍ୟକାନ୍ତ ଓ ତାଙ୍କ ସ୍ତ୍ରୀ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ଘରେ ପଛପଟ କବାଟ ଭାଙ୍ଗି ଘରେ ଭିତରେ ପଶିଥିଲେ। ଭିତରେ ଥିବା ଆଲମିରା ଭାଙ୍ଗି ନଗଦ ୮୨ହଜାର ଟଙ୍କା, ୩ଟି ସୁନା ମୁଦି, ୧ଟି ସୁନା ଚେନ୍, ୩ଟି ହାର, ସୁନା ବାହୁଟି ୪, ସୁନା ଚୁଡି ୧ହଳ, ମଙ୍ଗଳସୂତ୍ର ୧ଟି, ଝରା ୧ହଳ, କାନଫୁଲ ପେଣ୍ଡି ୧ହଳ ଏବଂ ପାଉଁଚି ୨ହଳ ନେଇଯାଇଛନ୍ତି। ବୁଧବାର ସ୍ୱାମୀ ସ୍ତ୍ରୀ ଘରକୁ ଫେରି ଦେଖିବାବେଳେ ଆଲମିରା ଭଙ୍ଗାଥିବାର ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ କଣାସ ପୋଲିସ ଓ ପୁରୀରୁ ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବାବେଳେ ଘର ଠାରୁ ୫୦୦ମିଟର ଦୂର ଗହିର ମଧ୍ୟରେ ବିଭିନ୍ନ ଖୋଳମାନ ଫିଙ୍ଗାଯାଇଥିବାବେଳେ ଦୁର୍ବୃତ୍ତମାନେ ଗୋଟିଏ ଗାମୁଛା ଛାଡି ଚାଲିଯାଇଥିବା ଜଣାପଡିଛି। ଗାମୁଛା ଓ ଖୋଳଗୁଡିକୁ କଣାସ ଥାନା ପୋଲିସ ଜବତ୍ କରି ତଦନ୍ତ ଚଳାଇଛି। ଚୋରି ହୋଇଥିବା ଜିନିଷର ଆନୁମାନିକ ମୂଲ୍ୟ ୭ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।

## ମାନସ ମିଶ୍ରଙ୍କୁ ବ୍ରଜବନ୍ଧୁ ମିଶ୍ର ଶ୍ରେଷ୍ଠ ଲେଖକ ସମ୍ମାନ




କାର୍ଯ୍ୟକ୍ରମରେ ମାନସ ମିଶ୍ରଙ୍କୁ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର,୧୯।୨(ବ୍ୟୁରୋ):

ଓଡିଶା ଗଣିତ ସଂସଦର ୪୭ତମ ବାର୍ଷିକ ସମ୍ମିଳନୀ ଓ କର୍ମଶାଳା ଗତ ୧୫ ଏବଂ ୧୬ ତାରିଖରେ ବ୍ରହ୍ମପୁରର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପାଲୁରହିଲ ଠାରେ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ପ୍ରଫେସର ରାମଶଙ୍କର ରଥ ସଭାପତିତ୍ୱ କରିଥିଲେ। ସଂସଦର ସାଧାରଣ ସମ୍ପାଦକ ଡାକ୍ତର ତୁଷାରକାନ୍ତି ତ୍ରିପାଠୀ ବାର୍ଷିକ ବୀବରଣୀ ପ୍ରଦାନ କରିଛନ୍ତି। ମୁଖ୍ୟ ଅତିଥିଭାବେ ସେଣ୍ଟ୍ରାଲ ଫ୍ଲୋରିଡା ବିଶ୍ୱବିଦ୍ୟାଳୟ, ଯୁରିଆଣ୍ଡୋ, ଯୁକ୍ତରାଷ୍ଟ୍ର ଆମେରିକାର ପ୍ରାକ୍ତନ ପ୍ରଫେସର ରାମନାରାୟଣ ମହାପାତ୍ର ଏବଂ ସମ୍ମାନିତ ଅତିଥିଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଭି.ପି ଶ୍ରୀବାସ୍ତବ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୩ଜଣ ପ୍ରଫେସରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ପୁରୀ ଜିଲା ଚନ୍ଦନପୁର ସ୍ଥିତ ବୀରନରସିଂହପୁର ପଞ୍ଚାୟତର ଭାର୍ଗବୀ ହାଇସ୍କଲର ରାଜ୍ୟପାଳଙ୍କ ଠାରୁ ପୁରସ୍କାର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ମାନସ ମିଶ୍ରଙ୍କୁ ଅଭିନବ ଗଣିତ ବିଚିତ୍ରାରେ ପ୍ରକାଶିତ ସାମୂହିକ ଲେଖା ପାଇଁ ପ୍ରଫେସର ବ୍ରଜବନ୍ଧୁ ମିଶ୍ର ଶ୍ରେଷ୍ଠ ଲେଖକ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହି ସଫଳତା ପାଇଁ ଚାରିଆଡୁ ତାଙ୍କୁ ଅଭିନନ୍ଦନ ବାର୍ତ୍ତା ଦିଆଯାଉଛି।

# ଭିକାରିମୁକ୍ତ ହୋଇପାରୁନି ଶ୍ରୀକ୍ଷେତ୍ର

ପୁରୀ ଅଫିସ,୧୯।୨:

ପୁରୀ ହେବ ବିଶ୍ୱ ଐତିହ୍ୟ ସହର। ବଦଳିଯିବ ଶ୍ରୀକ୍ଷେତ୍ରର ଚେହେରା। ବିଶ୍ୱବାସୀଙ୍କ ଆକର୍ଷଣ ପାଲଟିବ ଐତିହ୍ୟ କରିଡର। ଏମିତି ପୁରୀକୁ ନେଇ ଏକାଧିକ ଯୋଜନା କରିଛନ୍ତି ରାଜ୍ୟ ସରକାର। ଏଥିପାଇଁ ୭ଟି ମେଗା ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ତେବେ ଏ ପର୍ଯ୍ୟନ୍ତ ଭିକାରିମୁକ୍ତ ହୋଇପାରୁନି ଶ୍ରୀକ୍ଷେତ୍ର। ଫଳରେ ଅନେକ ସମୟରେ ଭିକାରିଙ୍କ ବ୍ୟବହାରରେ ଅତିଷ୍ଠ ହୋଇପଡୁଛନ୍ତି ଭକ୍ତ ଓ ପର୍ଯ୍ୟଟକ। ବଡ଼ଦାଣ୍ଡରୁ ତିକ୍ତ ଅନୁଭୂତି ସାଉଣ୍ଟି ଫେରୁଛନ୍ତି। ପୁରୀକୁ ପ୍ରତ୍ୟହ ଦେଶ, ବିଦେଶର ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ଆସିଥାନ୍ତି। ବିଶେଷକରି ଶ୍ରୀମନ୍ଦିର ଓ ବେଳାଭୂମି ଏମାନଙ୍କର ଆକର୍ଷଣ ପାଲଟିଥାଏ। ହେଲେ ଏହି ଦୁଇଟି ସ୍ଥାନରେ ଭିକାରିଙ୍କ ଭିଡ଼ ଦେଖିବାକୁ ମିଳେ। ପୂର୍ବରୁ ସିଂହଦ୍ୱାର ନିକଟରେ ଭିକାରିମାନେ ଧାଡି ହୋଇ ବସୁଥିବାବେଳେ ବେଳାଭୂମିରେ ବୁଲି ବୁଲି ଟଙ୍କା ପଇସା ମାଗିଥାନ୍ତି। ବର୍ତ୍ତମାନ ସିଂହଦ୍ୱାର ସମ୍ମୁଖ ଅଞ୍ଚଳ ବ୍ୟାରିକେଡିଂ ହୋଇଥିବାରୁ ଭିକାରିମାନେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟ ରାସ୍ତାକଡ଼ରେ ବସୁଛନ୍ତି। ତେବେ ଅନେକ ସମୟରେ ସେମାନେ ଟଙ୍କା ପାଇଁ ଭକ୍ତ, ପର୍ଯ୍ୟଟକଙ୍କୁ ଜୁଲମ କରିବା ବି ନଜିର ରହିଛି। ଅର୍ଥାତ୍ କୌଣସି ଦର୍ଶନାର୍ଥୀ ଶ୍ରୀମନ୍ଦିରରୁ ଦର୍ଶନ ସାରି ଆସିବା ପରେ ଭିକାରିମାନେ ତାଙ୍କୁ ଘେରିଯାନ୍ତି। ଏପରି କି ଯଦି ସମ୍ପୃକ୍ତ ଶ୍ରଦ୍ଧାଳୁ କେତେଜଣଙ୍କୁ ଟଙ୍କା, ପଇସା ଦିଅନ୍ତି ତେବେ ଅନ୍ୟମାନେ ଆମକୁ ଦିଅ କହି ତାଙ୍କ ପଛେ ପଛେ ଗୋଡ଼ାଇଥାନ୍ତି। ଯଦି ସମ୍ପୃକ୍ତ ଭକ୍ତ ନ ଦିଅନ୍ତି ତେବେ ତାଙ୍କୁ କେହି କେହି ପଛରୁ ଗାଳିମନ୍ଦ ବି କରନ୍ତି। ସେହିପରି ଭିକାରିମାନଙ୍କ ମଧ୍ୟରେ ଝଗଡ଼ା ଅନେକ ସମୟରେ ବଡ଼ଦାଣ୍ଡରେ ଅପ୍ରୀତିକର ପରିସ୍ଥିତି ଉପୁଜାଇଥାଏ। ଏସବୁକୁ ଦେଖିଲେ ଶ୍ରୀକ୍ଷେତ୍ର ପାଇଁ ଏହା ଶୋଭନୀୟ ନୁହେଁ। ତେଣୁ ପୁରୀକୁ ଭିକାରିମୁକ୍ତ କରାଯିବାର ପ୍ରାସଙ୍ଗିକତା ରହିଛି ବୋଲି ବୁଦ୍ଧିଜୀବୀ ଦେବୀ ପ୍ରସନ୍ନ ନନ୍ଦ କହିଛନ୍ତି। ପୁରୀ ପାଇଁ ସରକାର ଯେଉଁସବୁ ପରିକଳ୍ପନା କରିଛନ୍ତି ତାହା ଯଦି ବାସ୍ତବତାର ରୂପ ନିଏ ତେବେ ଆଗକୁ ଆହୁରି ଅଧିକ ଭକ୍ତ ଓ ପର୍ଯ୍ୟଟକ ପୁରୀ ଆସିବେ। ତେଣୁ ଏହା ପୂର୍ବରୁ ପୁରୀ ସହରକୁ ଭିକାରିମୁକ୍ତ କରାଯିବା ଦରକାର। କିନ୍ତୁ ସେମାନେ ଯେପରି ସୁସ୍ଥ ବାତାବରଣରେ ରହିପାରିବେ ସେ ବ୍ୟବସ୍ଥା ହେବା ଉଚିତ ବୋଲି କହିଛନ୍ତି ନନ୍ଦ। ଅନ୍ୟପକ୍ଷରେ ବିଧାନସଭାରେ ସାମାଜିକ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା ରାଜ୍ୟରେ ଭିକାରିଙ୍କ ସଂଖ୍ୟା ସମ୍ପର୍କରେ ସୂଚନା ଦେବା ବେଳେ ପୁରୀରେ ୩୬୬ଜଣ ଭିକାରି ଥିବା କହିଛନ୍ତି।

ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିସାରିବା ପରେ ଦାନ ଦେବାର ମାନସିକତା ରଖିଥାନ୍ତି। ତେଣୁ ସେମାନେ ଭିକାରିଙ୍କୁ ଟଙ୍କା, ପଇସା, ବସ୍ତ୍ର, ଖାଦ୍ୟ ଆଦି ପ୍ରଦାନ କରିଥାନ୍ତି। ଏଥିପାଇଁ ପୁରୀରେ ଭିକାରିଙ୍କ ସଂଖ୍ୟା ଅଧିକ ରହିଛି। ସେହିପରି ପ୍ରତ୍ୟହ ବହୁ ସଂଖ୍ୟାରେ ପର୍ଯ୍ୟଟକ ପୁରୀ ବେଳାଭୂମିକୁ ବୁଲିଆସିଥାନ୍ତି। ଭିକାରିମାନେ ଏମାନଙ୍କଠାରୁ ଟଙ୍କା, ପଇସା ପାଇଥାନ୍ତି, ଯାହାକି ପୁରୀରେ ଭିକାରିଙ୍କ ସଂଖ୍ୟା ବୃଦ୍ଧିର ଅନ୍ୟତମ କାରଣ ବୋଲି କୁହାଯାଇଥାଏ।

ପୁରୀ କେବେ ଭିକାରିମୁକ୍ତ ହେବ ପଚାରିବାରୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀ କହିଛନ୍ତି, ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯାଉଛି। ଭିକାରିମାନଙ୍କ ଥଇଥାନ ଲାଗି ୮ଟି ରିହାବିଲିଟେଶନ ସେଣ୍ଟର ଖୋଲାଯାଉଛି। ଏଥିପାଇଁ ଟେଣ୍ଡର ସରିଛି। ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ଏହାର ଦାୟିତ୍ୱ ଦିଆଯାଇଛି। ମାର୍ଚ୍ଚ ପହିଲାରୁ ସହରର ବିଭିନ୍ନ ସ୍ଥାନରେ ବୁଲୁଥିବା ଭିକାରିଙ୍କୁ ଆଣି ସେଣ୍ଟରରେ ରଖାଯିବ। ୮ଟି ସେଣ୍ଟରରେ ୪୦୦ ଭିକାରିଙ୍କୁ ରଖିବା ଲାଗି ନିଷ୍ପତ୍ତି ହୋଇଛି। ଏହି ସେଣ୍ଟର ସହର ଉପକଣ୍ଠରେ କରାଯାଉଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨୦/୨୦୨୦ (୨୦ ପୃଷ୍ଠା) Bhubaneswar, Thursday, February 20/2020 ★★★★★★

୪୬ଶ ଭାଗ ୮୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada

ମୂଲ୍ୟ ₹ ୫/-









**ରେସ୍ଲର୍ ହର୍ଦ୍ଦୀପଙ୍କୁ ବ୍ରୋଞ୍ଜ**

ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ରେସ୍ଲିଂ ଚାମ୍ପିୟନଶିପ୍ର ୯୭ କିଗ୍ରା ଗ୍ରୀକୋ-ରୋମାନ ବିଭାଗରେ ଭାରତର ହର୍ଦ୍ଦୀପ ବ୍ରୋଞ୍ଜ ପଦକ ଜିତିଛନ୍ତି।

୧୯

୦୭

ଫିଲ୍ମ '୮୩'ରେ ଦୀପିକା



# ପ୍ରତି ଜିଲାରେ ଖୋଲିବ ମଡେଲ ଧାନମଣ୍ଡି

- **୪୫ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି: ମନ୍ତ୍ରୀ**
- **ଅଫିସରଙ୍କୁ ଲାଞ୍ଚ ଦେଉଛନ୍ତି ମିଲର, ଚାଷୀଙ୍କ ଧାନ କାଟ କରାଯାଉଛି: ବିରୋଧୀ**

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ରାଜ୍ୟର ପ୍ରତି ଜିଲାରେ ମଡେଲ ଧାନମଣ୍ଡି ନିର୍ମାଣ ହେବ। ଏ ନେଇ ବିଧାୟକମାନଙ୍କଠାରୁ ମତାମତ ନିଆଯିବ। ମଡେଲ ମଣ୍ଡିର ରୂପରେଖ କିଭଳି ହେବ ସେ ନେଇ ବିଭାଗ ପକ୍ଷରୁ ଏକ ବୈଷୟିକ ଟିମ୍ ଅନ୍ୟ ରାଜ୍ୟକୁ ଗସ୍ତ କରିବ। ବିଧାୟକଙ୍କ ମତାମତ ଓ ଟିମ୍ର ରିପୋର୍ଟ ଆଧାରରେ ମଡେଲ ମଣ୍ଡି ସ୍ଥାପନ କରାଯିବ। ବୁଧବାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମୟରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ମନ୍ତ୍ରୀ କହିଛନ୍ତି ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୫.୨୨ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। ଆହୁରି ଏକମାସ ଦଶଦିନ ସମୟ ରହିଛି। ସମସ୍ତ ଧାନ ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି।

ମୂଳ ପ୍ରଶ୍ନରେ ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ ୨୦୧୯-୨୦ ଖରିଫ ଧାନକ୍ରୟ ପାଇଁ କେଉଁ ଜିଲାକୁ କେତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି, ବର୍ତ୍ତମାନ ସୁଦ୍ଧା କେତେ ପରିମାଣର ଏଫ୍ଏକ୍ୟୁ ଓ ନନ୍ଏଫ୍ଏକ୍ୟୁ ମାନର ଧାନ କିଣାଯାଇଛି, କେଉଁ ମଣ୍ଡିରେ ଚାଷୀମାନେ ପାଇଥିବା ଟୋକନ ☞ପୃଷ୍ଠା-୪

# ନକଲି ପ୍ରଶ୍ନପତ୍ର ଭାଇରାଲ

କଟକ ଅଫିସ/ଭୁବନେଶ୍ୱର(ବ୍ୟୁରୋ)/ଧର୍ମଗଡ଼,୧୯।୨(ଡି.ଏନ.ଏ.)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ସାରା ରାଜ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଯାଇଛି ମାଟ୍ରିକ ପରୀକ୍ଷା। ହେଲେ ଆରମ୍ଭ ଦିନରେ ନକଲି ଓଡ଼ିଆ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରୀକ୍ଷା ଶେଷ ହେବାର ଅଧଘଣ୍ଟା ପୂର୍ବରୁ ଓଡ଼ିଆ ସବ୍ଜେକ୍ଟିଭ୍ ପ୍ରଶ୍ନପତ୍ର ସେଟ୍-ବି'ର ଅନେକ ପୃଷ୍ଠା ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଓ କଳାହାଣ୍ଡି ଜିଲାର ଧର୍ମଗଡ଼ ଅଞ୍ଚଳରୁ ହ୍ୱାଟସ୍ଆପ୍ରେ ଭାଇରାଲ ହୋଇଥିବା ଚର୍ଚ୍ଚା ହୋଇଥିଲା। କିନ୍ତୁ ଏଭଳି ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ବୋର୍ଡ ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତିଙ୍କ କହିବାନୁଯାୟୀ, ଯେଉଁ ଫଟୋ ଭାଇରାଲ ହୋଇଛି ତାହା ବୋର୍ଡର ପ୍ରଶ୍ନପତ୍ର ନୁହେଁ। ପରୀକ୍ଷା ସୁରୁଖୁରୁରେ ଶେଷ ହୋଇଛି। ଭାଇରାଲ ଫଟୋ ବୋର୍ଡ ପ୍ରଶ୍ନପତ୍ରର ଏକ ନକଲ। କେହି ଜାଣିଶୁଣି ବୋର୍ଡକୁ ବଦନାମ କରିବା ପାଇଁ ଚେଷ୍ଟା କରିଛନ୍ତି। ପ୍ରତ୍ୟେକ ପ୍ରଶ୍ନପତ୍ରରେ ଏକ ସିକ୍ୟୁରିଟି କୋଡ୍ ଦିଆଯାଇଛି। କୋଡ୍ଟି ଖାଲି ଆଖିରେ ଦେଖାଯିବ ନାହିଁ। ହେଲେ ଏହାର ଫଟୋ ଉଠାଇଲେ ତାହା କେଉଁ କେନ୍ଦ୍ରର ପ୍ରଶ୍ନପତ୍ର, ସହଜରେ ଜଣାପଡ଼ିଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ମହାନ୍ତି କହିଛନ୍ତି। ସେପଟେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ପ୍ରଶ୍ନପତ୍ର ଭାଇରାଲ ହୋଇଥିଲେ ତଦନ୍ତ ହେବ। ଏଥିରେ ଯିଏ ସମ୍ପୃକ୍ତ ଥିବ ତା' ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର କହିଛନ୍ତି ଯେ, ପ୍ରଶ୍ନପତ୍ର ଭାଇରାଲ ଚର୍ଚ୍ଚା ହେବା ପରେ ଜିଲାର ସମସ୍ତ ୧୩ ବ୍ଲକରେ ଯାଞ୍ଚ କରାଯାଇଥିଲା। କିନ୍ତୁ କୌଣସି ପ୍ରମାଣ ମିଳି ନାହିଁ ବୋଲି ଚୋପଦାର କହିଛନ୍ତି।

**ମାଟ୍ରିକ ପରୀକ୍ଷା**



- **ସ୍ପଷ୍ଟ କଲେ ବୋର୍ଡ କର୍ତ୍ତୃପକ୍ଷ**
- **କପି କରି ଧରାପଡ଼ିଲେ ୬୯**

ସୂଚନାଯୋଗ୍ୟ, ଗତବର୍ଷ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନର ଓଡ଼ିଆ ପ୍ରଶ୍ନପତ୍ର ସାଙ୍ଗକୁ ଗଣିତ ଓ ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ତାହାକୁ ବୋର୍ଡ କର୍ତ୍ତୃପକ୍ଷ ସ୍ୱୀକାର କରିଥିଲେ। ଭାଇରାଲ୍କୁ ରୋକିବା ପାଇଁ ଚଳିତବର୍ଷ ବୋର୍ଡ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବା ସହ ୧୦୦୦ କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି। ପ୍ରତି ପ୍ରଶ୍ନପତ୍ରରେ କୋଡ୍ର ବ୍ୟବସ୍ଥା କରାଯାଇଛି।

ସୂଚନାଥାଉ କି, ବୁଧବାର ସକାଳ ୯ଟାରୁ ପରୀକ୍ଷା କେନ୍ଦ୍ରର ଗେଟ୍ ଖୋଲିଥିଲା। ତ୍ରିସ୍ତରୀୟ ଯାଞ୍ଚ ପରେ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ର ଭିତରକୁ ଛଡ଼ାଯାଇଥିଲା। ସ୍ଥାନୀୟ ପ୍ରଶାସନିକ, ପୋଲିସ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶିଶୁ ଓ ଶାକାହାର

**କିଛି ତଥ୍ୟ**

୨୦୧୮ରେ ଭାରତ ୪୦ ବିଲିୟନ ଡଲାରର ବୟନ ଏବଂ ଫ୍ୟାଶନ ପ୍ରଡକ୍ଟ ବିଦେଶକୁ ରପ୍ତାନି କରିଛି।
– ବାଣିଜ୍ୟ ମନ୍ତ୍ରଣାଳୟ


ଗାଡିରୁ ଘର-ଖଟିରୁ ବଜାର
ସବୁଠି 91.9 ସାର୍ଥକ FM ର ସ୍ୱର
91.9 ସାର୍ଥକ FM
ଏଥର ଜମିଲା...
୨୪ଘଣ୍ଟା Super Hit ଓଡିଆ ଗୀତ



Vencobb Fresh Chicken

19.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 50 | 93 | 103 |
| CTC | 52 | 96 | 106 |
| DKL | 52 | 96 | 106 |
| BDK | 55 | 100 | 110 |
| BLS | 57 | 102 | 112 |
| ANG | 52 | 96 | 106 |
| BHM | 50 | 93 | 103 |

*Conditions Apply

Issued in the Interest of Consumers







# ସମ୍ମାନଜନକ 'ଇଟି ନାଓଁ ବିଜ୍ନେସ୍ ଲିଡର ଅଫ୍ ଦି ଇୟର୍' ପୁରସ୍କାର ପାଇଲେ ସଂଜୟ ହଂସ

ଦକ୍ଷ ନେତୃତ୍ୱ ସବୁବେଳେ ସଫଳତାର ଚାବିକାଠି ହୋଇଥାଏ, ଏଥିରେ ଦ୍ୱିମତ ନାହିଁ। ଖୁସି ଲାଗେ, ଯେତେବେଳେ ଏଭଳି ନେତୃତ୍ୱକୁ ପରିଚୟ ତଥା ସ୍ୱୀକୃତି ମିଳେ। ଲାଲ୍ଚାନ୍ଦ୍ ଜୁଏଲର୍ସରେ ଖୁସିର ଲହରୀ ଖେଳିଯାଇଥିଲା ଫେବୃଆରୀ ୧୬ ତାରିଖରେ, ଯେତେବେଳେ ଲାଲ୍ଚାନ୍ଦ୍ର ପ୍ରତିଷ୍ଠାତା ଶ୍ରୀ ସଂଜୟ ହଂସଙ୍କୁ ଗୋଟିଏ ନୁହେଁ ଦୁଇଟି ପୁରସ୍କାର ମିଳିଥିଲା ମୁମ୍ବାଇରେ ଆୟୋଜିତ ହୋଇଥିବା ସମ୍ମାନଜନକ ବିଜ୍ନେସ୍ ଲିଡର ଅଫ୍ ଦି ଇୟର ପୁରସ୍କାର ମହୋତ୍ସବରେ।

ମୁମ୍ବାଇର ପଞ୍ଚତାରକା ହୋଟେଲ୍ 'ତାଜ୍ ଲାଣ୍ଡସ୍ ଏଣ୍ଡ୍'ରେ ଇ.ଟି. ନାଓଁ ଦ୍ୱାରା ଆୟୋଜିତ ହୋଇଥିଲା ଏହି ମର୍ଯ୍ୟାଦାଜନକ ପୁରସ୍କାର ଉତ୍ସବ। ଅଳଙ୍କାର ବ୍ୟବସାୟିକ କ୍ଷେତ୍ର ତଥା ଗ୍ରାହକ କୈନ୍ଦ୍ରିକ କ୍ଷେତ୍ରରେ ଉଚ୍ଚ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ମିଳିଥିଲା। ଲାଲ୍ଚାନ୍ଦ୍ର ପ୍ରତିଷ୍ଠାତା ଶ୍ରୀ ସଂଜୟ ହଂସ କାର୍ଯ୍ୟ ବ୍ୟସ୍ତତା ଯୋଗୁ ମୁମ୍ବାଇ ଯାଇପାରିନଥିଲେ। ତାଙ୍କ ତରଫରୁ ଲାଲ୍ଚାନ୍ଦ୍ର ନିର୍ଦ୍ଦେଶକ ଅଜିତ୍ ହଂସ ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ପ୍ରଦାନ କରିଥିଲେ ଜନପ୍ରିୟ ଆଧାତ୍ମିକ ଗୁରୁ ଗୌର ଗୋପାଳ ଦାସ।

ଇନ୍ଫୋସିସ୍, ଡାଲ୍ମିଆଁ, ବାଇଜୁସ୍, ସାଇ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ ଏବଂ ୟୁଏନ୍ ଏକାଡେମୀ ମଧ୍ୟ ସ୍ୱ-କ୍ଷେତ୍ରରେ ଉଚ୍ଚତମ ପ୍ରଦର୍ଶନ ପାଇଁ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି।

ଅଜିତ୍ ହଂସ କହିଲେ - 'ସଂଜୟ ସାର୍ ଅନ୍ୟାନ୍ୟ ପୂର୍ବନିର୍ଦ୍ଧାରିତ କାର୍ଯ୍ୟ ଯୋଗୁଁ ଉତ୍ସବରେ ଯୋଗ ଦେଇପାରୁନାହାନ୍ତି। ତାଙ୍କ ତରଫରୁ ମୁଁ ଉତ୍ସବର ଆୟୋଜକ ତଥା ଏଠାରେ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଉଛି। ମୁଁ ଏହି ପୁରସ୍କାର ଗ୍ରହଣ କରି ଖୁବ୍ ଗର୍ବ ଓ ଆନନ୍ଦ ଅନୁଭବ କରୁଛି'।

ଅନେକ ବାଣିଜ୍ୟ ସମୀକ୍ଷକଙ୍କ ମତରେ ଏକାବେଳେ ଏଭଳି ଦୁଇଟି ପୁରସ୍କାର ହାସଲ କରିବା ଅନେକଙ୍କ କଳ୍ପନାର ବାହାରେ। ପ୍ରକୃତରେ ଏହି ପୁରସ୍କାର ସଂଜୟ ଏବଂ ଲାଲ୍ଚାନ୍ଦ୍ର ସଫଳତାର କାହାଣୀ ବର୍ଣ୍ଣନା କରେ।

ସ୍ୱର୍ଗତ ଲାଲ୍ଚାନ୍ଦ୍ ହଂସଙ୍କ କନିଷ୍ଠ ପୁତ୍ର ସଂଜୟ ଏକ ବ୍ୟବସାୟୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ରକ୍ଷଣଶୀଳ, ଅନୁଶାସନ ପ୍ରିୟ ତଥା ମାଟିର ମଣିଷ ଥିଲେ ଲାଲ୍ଚାନ୍ଦ୍ ହଂସ। ବାଲ୍ୟକାଳରେ ପିତାଙ୍କ ଚରିତ୍ର ଦ୍ୱାରା ବେଶ୍ ଅନୁପ୍ରାଣିତ ହୋଇଥିଲେ ସଂଜୟ। ଏହି ମୂଲ୍ୟବୋଧ ହିଁ ତାଙ୍କୁ ଭବିଷ୍ୟତରେ ନିଜସ୍ୱ ଉଦ୍ୟମରେ ଜଣେ ସଫଳ ଉଦ୍ୟୋଗପତି ହେବା ପାଇଁ ପ୍ରେରଣା ଯୋଗାଇଥିଲା।

ପ୍ରାୟ ତିନି ଦଶନ୍ଧି ତଳେ କିଶୋର ସଂଜୟ ନିଜ ପରିବାର ଦ୍ୱାରା ପରିଚାଳିତ ଯୋଗାଣ ବ୍ୟବସାୟରୁ ବାହାରି ନିଜସ୍ୱ ଉଦ୍ୟମରେ ନୂଆ କିଛି କରିବାର ଲକ୍ଷ ନେଇ ଆରମ୍ଭ କରିଥିଲେ ଗୋଟିଏ ଛୋଟିଆ ରୂପା ଅଳଙ୍କାର ପ୍ରତିଷ୍ଠାନ। ପ୍ରାରମ୍ଭରେ ସେ ଅନେକଙ୍କ କଟାକ୍ଷର ଶିକାର ହୋଇଥିଲେ। ରୂପା ବ୍ୟବସାୟରେ ତୁମର କିଛି ଅଭିଜ୍ଞତା ନାହିଁ ବୋଲି ମଧ୍ୟ କିଛି ଲୋକ ତାଙ୍କୁ ଅନେକ ବାର ସୂଚାଇ ଦେଇଥିଲେ। କିନ୍ତୁ, ସଂଜୟଙ୍କୁ ଲକ୍ଷ ପଥରୁ ବିଚ୍ୟୁତ କରିପାରିନଥିଲେ। ନିଜ ନିଷ୍ଠା ଓ ଅଭିଜ୍ଞତା ବଳରେ ସେ ମାତ୍ର ୬ ମାସ ମଧ୍ୟରେ ରୂପା ବ୍ୟବସାୟକୁ ସଫଳତାର ସହିତ ପରିଚାଳନା କରିବା ସହିତ ସୁନା ଅଳଙ୍କାର ବ୍ୟବସାୟରେ ପ୍ରବେଶ କରିବା ପାଇଁ ପାଦ ବଢ଼ାଇଲେ।

ସେ ପୂର୍ବପେକ୍ଷା କଠିନରୁ କଠିନତର ପରିଶ୍ରମ କରିଚାଲିଲେ। ସ୍ୱର୍ଣ୍ଣ ଅଳଙ୍କାର ବ୍ୟବସାୟର ପ୍ରତ୍ୟେକ ସୂତ୍ର ସେ ଧିରେ ଧିରେ ଆୟତ୍ତ କରିବାକୁ ଲାଗିଲେ। ସ୍ୱର୍ଣ୍ଣର ମାନ ପରୀକ୍ଷା କରିବା ଠାରୁ ଆରମ୍ଭ କରି ଅଳଙ୍କାର ସୋଲ୍ଡରିଂ କରିବା ପର୍ଯ୍ୟନ୍ତ ସବୁ ବିଦ୍ୟା ହାସଲ କଲେ। ମାତ୍ର ବର୍ଷକ ମଧ୍ୟରେ ସେ ଭୁବନେଶ୍ୱରରେ ହଜାରେ ବର୍ଗଫୁଟ ପରିମିତ ସ୍ୱର୍ଣ୍ଣ ଅଳଙ୍କାର ସୋରୁମ୍ ପ୍ରତିଷ୍ଠା କଲେ।



କ୍ୱାଣ୍ଟମ୍ ଲାଇଫ୍ ୟୁନିଭର୍ସିଟି ଫାଉଣ୍ଡର୍ ଚେୟାର୍ମ୍ୟାନ୍ ଡଃ କୋଣ୍ଡାବାଟି ନିଉଟନ୍ ଏବଂ ଡାଇରେକ୍ଟର ଡଃ ଲକ୍ଷ୍ମୀ, ଶ୍ରୀ ଅଜିତ୍ ହଂସ, ନିର୍ଦ୍ଦେଶକ, ଲାଲ୍ଚାନ୍ଦ୍ ଜୁଏଲର୍ସ ଓ ଆଧାତ୍ମିକ ଗୁରୁ ଗୌର ଗୋପାଳ ଦାସ

କିନ୍ତୁ ସେ ସେତିକିରେ ଅଟକି ଗଲେ ନାହିଁ। ପ୍ରତିଯୋଗିତାପୂର୍ଣ୍ଣ ବଜାରରେ ନିଜର ସ୍ଥାନ ସୁଦୃଢ଼ କରିବା ପାଇଁ ସେ ଆଧୁନିକ ଓ ପାରମ୍ପରିକ ଅଳଙ୍କାରର ବିଶାଳ ରେଞ୍ଜ୍ ବଜାରକୁ ଆଣିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ଅଳଙ୍କାର ଡିଜାଇନ୍ମାନ ଓଡ଼ିଶା ବଜାରକୁ ଆଣିଲେ, ଯାହାକି ପୂର୍ବରୁ କେବେ ଦେଖାଯାଇନଥିଲା। ଏହିପରି ଭାବରେ ଓଡ଼ିଶାରେ ସେ ପ୍ରଥମକରି ୨୨ କ୍ୟାରେଟ୍ କେ.ଡି.ଏମ୍. ଅଳଙ୍କାରର ବିକ୍ରୟ ଆରମ୍ଭ କଲେ।

ଓଡ଼ିଶାରେ କେ.ଡି.ଏମ୍. ଅଳଙ୍କାର ବିକ୍ରୟ ପୂର୍ବରୁ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ଅଳଙ୍କାର ନାଁରେ ୨୦ କ୍ୟାରେଟ୍ ଅଳଙ୍କାର ବିକ୍ରି ହେଉଥିଲା। କାରଣ ଏଥିରେ ଝଳେଇ ତମ୍ବାରେ କରାଯାଉଥିଲା। ଯାହାଫଳରେ ଗ୍ରାହକମାନେ ୨୨ କ୍ୟାରେଟ୍ର ମୂଲ୍ୟ ଦେଉଥିଲେ କିନ୍ତୁ ବାଇବ୍ୟାକ୍ କରିବା ସମୟରେ ୨୦ କ୍ୟାରେଟ୍ ପାଉଥିଲେ। ଯାହାଫଳରେ ସେମାନଙ୍କୁ ଅଯଥାରେ ୧୦ ପ୍ରତିଶତ ମୂଲ୍ୟ ହରାଇବାକୁ ପଡୁଥିଲା। ସଂଜୟ ଏହିସବୁକୁ ଲକ୍ଷକରି କେ.ଡି.ଏମ. ଅଳଙ୍କାରର ବିକ୍ରି ଆରମ୍ଭ କଲେ ଏବଂ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ମେଡ଼ିଆ କ୍ୟାମ୍ପେନ୍ ମଧ୍ୟ କରାଇଥିଲେ। ଯେଉଁଥିରେ ଗ୍ରାହକମାନେ ୨୨ କ୍ୟାରେଟ୍ର ମୂଲ୍ୟ ଦେଇ ୨୨ କ୍ୟାରେଟ୍ ହିଁ ପାଉଥିଲେ। ଯାହାଫଳରେ ଲାଲ୍ଚାନ୍ଦ୍ ଓଡ଼ିଶାରେ ବହୁଳ ଭାବରେ ଲୋକପ୍ରିୟ ହୋଇପାରିଲା।

ଏହାପରେ ସରକାର ବି.ଆଇ.ଏସ୍. ହଲ୍ମାର୍କ ବ୍ୟବସ୍ଥା ପ୍ରଚଳନ କରିବା ଆରମ୍ଭ କଲେ। ଏହି ବ୍ୟବସ୍ଥା ସେତେବେଳେ ଠିକ୍ ଭାବେ ଲାଗୁ ହୋଇନଥିଲା ଓ ଓଡ଼ିଶାରେ ହଲ୍ମାର୍କିଂ କେନ୍ଦ୍ର ମଧ୍ୟ ନଥିଲା। ବି.ଆଇ.ଏସ୍. ହଲ୍ମାର୍କକୁ ସଂଜୟ ହିଁ ପ୍ରଥମେ ଓଡ଼ିଶାରେ ଆରମ୍ଭ କରିଥିଲେ। ସେତେବେଳେ ସେ ସବୁ ଅଳଙ୍କାର ଦିଲ୍ଲୀକୁ ନେଇ ସେଠାରେ ଥିବା ହଲ୍ମାର୍କିଂ କେନ୍ଦ୍ରରେ ପରୀକ୍ଷା କରି ମାର୍କିଂ କରି ଭୁବନେଶ୍ୱରରେ ବିକ୍ରି କରୁଥିଲେ। ଗ୍ରାହକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଗୋଟିଏ ବର୍ଷ ଗଣମାଧ୍ୟମରେ ବ୍ୟୟବହୁଳ ପ୍ରଚାର ମଧ୍ୟ କରିଥିଲେ। ତାଙ୍କର ଉଦ୍ଦେଶ୍ୟ ଥିଲା ଲୋକେ ହଲ୍ମାର୍କିଂ ବ୍ୟବସ୍ଥାକୁ ବୁଝିପାରିବେ ଏବଂ ଠକାମୀରୁ ବର୍ତ୍ତିପାରିବେ।

## ଓଡ଼ିଆ ଯୁବଦ୍ୟୋଗୀଙ୍କ ସଫଳତାର ଗାଥା ବର୍ଣ୍ଣିତ ହେଲା ମୁମ୍ବାଇରେ

ତାଙ୍କର ପରିଶ୍ରମ ଫଳପ୍ରଦ ହେଲା। ଗ୍ରାହକମାନେ ଉତ୍ତମ ମାନ ସହ ସୁନ୍ଦର ଡିଜାଇନ୍ର ଅଳଙ୍କାର ପାଇପାରିଲେ। ସେ ନିରବଚ୍ଛିନ୍ନ ଭାବେ ଦେଶର ବିଭିନ୍ନ ପ୍ରାନ୍ତରେ ଅନୁଷ୍ଠିତ 'ଟ୍ରେଡ୍ ଫେୟାର୍' ମାନଙ୍କରେ ଯୋଗ ଦେବାକୁ ଲାଗିଲେ, ଯେପରି ଅଳଙ୍କାର କାରିଗରୀର ପରିସର ଦିନକୁ ଦିନ ବ୍ୟାପକ ହେବ। ଫଳସ୍ୱରୂପ ଲାଲ୍ଚାନ୍ଦ୍ ଜୁଏଲର୍ସ ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲା। ଏବେ ଲାଲ୍ଚାନ୍ଦ୍ ପୂର୍ବଭାରତରେ ନିର୍ବିବାଦୀୟ ଏକ ନମ୍ବର ସ୍ଥାନ ହାସଲ କରିପାରିଛି।

ନବେ ଦଶକରେ ଲାଲ୍ଚାନ୍ଦ୍ ଜୁଏଲର୍ସ ସଫଳତାର ଅନେକ ସୋପାନ ଅତିକ୍ରମ କଲା। ୧୯୯୯ ମସିହା ବେଳକୁ ଲାଲ୍ଚାନ୍ଦ୍ ଜୁଏଲର୍ସ ୨୦ ହଜାର ବର୍ଗଫୁଟର ସୋରୁମ୍ରେ ପରିଣତ ହୋଇସାରିଥିଲା। ୨୦୧୫ ବେଳକୁ ଲାଲ୍ଚାନ୍ଦ୍ ସୋରୁମ୍ ୨୫ ହଜାର ବର୍ଗଫୁଟ ପରିମିତ ସ୍ଥାନ ଅଧିକାର କରିଥିଲା ଏବଂ ପୂର୍ବଭାରତର ବୃହତ୍ତମ ସୋରୁମ୍ ହେବାର ଗୌରବ ଲାଭ କରିଥିଲା। ସେହିବର୍ଷ ଲାଲ୍ଚାନ୍ଦ୍ ୨୦ହଜାର ବର୍ଗଫୁଟ ପରିମିତ ଦ୍ୱିତୀୟ ସୋରୁମ୍ ଖୋଲିଥିଲେ କଟକର କ୍ୟାଣ୍ଟନ୍ମେଣ୍ଟ ରୋଡ୍ରେ। ମାଷ୍ଟରକ୍ୟାଣ୍ଟିନ୍ ଛକ ସ୍ଥିତ ସୋରୁମ୍ ଭଳି ଏଠାରେ ମଧ୍ୟ ଉପଲବ୍ଧ ହେଉଛି ବି.ଆଇ.ଏସ୍. ହଲ୍ମାର୍କ ଯୁକ୍ତ ସ୍ୱର୍ଣ୍ଣ ଅଳଙ୍କାର, ପ୍ରମାଣିତ ହୀରା ଅଳଙ୍କାର, ଅନ୍ତର୍ଜାତୀୟ ବ୍ରାଣ୍ଡର ହାତଘଣ୍ଟା ଏବଂ ଫେସନ୍ ଜୁଏଲାରୀ। ତା' ସହିତ ସବୁଠାରୁ ଖାସ୍ ହେଲା ଏଠାରେ ମିଳୁଥିବା ରୌପ୍ୟ ଅଳଙ୍କାର। ଏଭଳି କାରିଗରୀ ଅନନ୍ୟ ତଥା ବିରଳ।

ଓଡ଼ିଶାର ପ୍ରାଚୀନ ରୂପା ତାରକସୀ କାରିଗରୀକୁ ପୁନଃ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ସଂଜୟଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ। ଅନେକ କାରିଗର ଆଧୁନିକ ଏବଂ ପାରମ୍ପରିକ ରୂପା ଅଳଙ୍କାର ପ୍ରସ୍ତୁତ କରୁଛନ୍ତି ଯାହା ଆଜିର ନାରୀମାନଙ୍କ ନିକଟରେ ବୟସ ନିର୍ବିଶେଷରେ ବେଶ୍ ଆଦୃତ ହୋଇଛି।

ଅଳଙ୍କାର ଶିଳ୍ପ ପ୍ରତି ସଂଜୟଙ୍କ ଏଭଳି ଅବଦାନ ପାଇଁ ଦିନକୁ ଦିନ ଲାଲ୍ଚାନ୍ଦ୍ ଜୁଏଲର୍ସର ସୁନାମ ବଢ଼ିଛି ଏବଂ ସଫଳତାର ପାହାଚ ଅତିକ୍ରମ କରିବାରେ ସହାୟକ ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ହେଲା ଗତବର୍ଷ ନନ୍ଦନକାନନ ରୋଡ୍, ରଘୁନାଥପୁର ଠାରେ ଲାଲ୍ଚାନ୍ଦ୍ ଜୁଏଲର୍ସ ଖୋଲିଥିବା ନୂଆ ଫ୍ଲାଗସିପ୍ ସୋରୁମ୍। ରାଜଧାନୀରେ ଏହା ବିଶାଳ ୩୦ ହଜାର ବର୍ଗଫୁଟ ପରିମିତ ଏକ 'ଷ୍ଟେଟ୍-ଅଫ୍-ଦି-ଆର୍ଟ' ସୋରୁମ୍ ଯାହା ଗ୍ରାହକମାନଙ୍କୁ ଅଭିଭୂତ କରିଛି। କେବଳ ଏହାର ବିଶାଳତା ବା ଚାକଚକ୍ୟ ନୁହେଁ, ଏହାର ଅଳଙ୍କାର ମାନ ଓ କାରିଗରୀ ଦର୍ଶକମାନଙ୍କୁ ବିଭୋର କରିଛି।

ଲାଲ୍ଚାନ୍ଦ୍ର ତିନିଟି ଯାକ ସୋରୁମ୍ରେ ପ୍ରାୟ ୪୦ ହଜାର ପ୍ରକାର ଡିଜାଇନ୍ ଉପଲବ୍ଧ ହେବା ସହ ଏଥିରେ ପ୍ରାୟ ୧୦୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିଛି। ସଂଜୟଙ୍କ ଦୃଢ ନେତୃତ୍ୱ, ନୂତନତ୍ୱ ଆଣିବାରେ ଦକ୍ଷତା ଅନେକ ବ୍ୟବସାୟ ବିଶାରଦଙ୍କୁ ଚମତ୍କୃତ କରିଛି। କିନ୍ତୁ ସେ ସବୁବେଳେ ସଫଳତାର ଶ୍ରେୟ ଗ୍ରାହକମାନଙ୍କୁ ଦିଅନ୍ତି। ଏଥର ମଧ୍ୟ ଅଲଗା ହୁଅନ୍ତା କିପରି? ମୁମ୍ବାଇରେ ପୁରସ୍କାର ଜିତିବା ପରେ ଯେତେବେଳ ତାଙ୍କୁ ବନ୍ଧୁ ପରିଜନ ତଥା ଗଣମାଧ୍ୟମ ତରଫରୁ ପଚରା ଗଲା, ସେ ଚିରାଚରିତ ଢଙ୍ଗରେ କହିଲେ - ''ଗ୍ରାହକମାନଙ୍କର ଆସ୍ଥା ଓ ଭଲପାଇବା ବ୍ୟତୀତ କୌଣସି ସଫଳତାର କିଛି ମୂଲ୍ୟ ନାହିଁ। ମୁଁ ସବୁବେଳେ କହିଆସିଛି- ଗ୍ରାହକମାନେ ହିଁ ଭଗବାନ୍। ସେମାନେ ଆମର ପରିବାରର ଅଂଶବିଶେଷ। ଯେଉଁମାନଙ୍କ ପାଇଁ ଲାଲ୍ଚାନ୍ଦ୍ ଆଜି ଘରେ ଘରେ ପରିଚିତି ଲାଭ କରିପାରିଛି।''

ସେ କହିଲେ ''ମୁଁ ଇ.ଟି. ନାଓଁ ବିଜ୍ନେସ୍ ଲିଡର ଅଫ୍ ଦି ଇୟର୍' ପୁରସ୍କାର ପାଇ ଯେଉଁ ଆନନ୍ଦ ଲାଭ କରିଛି ତାହା ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ବିଶେଷ କରି ଗ୍ରାହକ କୈନ୍ଦ୍ରିକ ଉତ୍କର୍ଷତା କ୍ଷେତ୍ରରେ ଯେଉଁ ପୁରସ୍କାର ମିଳିଛି ସେଥିପାଇଁ ମୁଁ ଗର୍ବିତ। କାରଣ ସେହି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ମୁଁ ସବୁବେଳେ ଚେଷ୍ଟା କରୁଛି। ଦୀର୍ଘ ୩୨ ବର୍ଷ ଧରି ଏ କ୍ଷେତ୍ରରେ ଯେଉଁ କାର୍ଯ୍ୟ କରିଆସୁଛି, ସେଥିପାଇଁ ଏହା ଆହୁରି ଅନୁପ୍ରାଣିତ କରିବ। ଏହି ପୁରସ୍କାର ମୋର କର୍ମଚାରୀମାନଙ୍କ ପ୍ରତି ଉତ୍ସର୍ଗୀକୃତ, ଯେଉଁମାନେ ଦୀର୍ଘବର୍ଷ ଧରି ମୋତେ ସହଯୋଗ କରିଆସିଛନ୍ତି।''

ଏଇଥିରୁ ହିଁ ଜଣାପଡ଼େ ଲାଲ୍ଚାନ୍ଦ୍ ଜୁଏଲର୍ସ ତ୍ରୁଟିଶୂନ୍ୟ ଗ୍ରାହକସେବା ଯୋଗାଇଦେବା ପାଇଁ କେତେ ଯତ୍ନବାନ। ଲାଲ୍ଚାନ୍ଦ୍ ଜୁଏଲର୍ସ ଓଡ଼ିଶାବାସୀଙ୍କ ନିକଟରେ ଆଦୃତ ହୋଇପାରିଛି ଏଥିରେ କୌଣସି ଦ୍ୱିମତ ନାହିଁ। ଲାଲ୍ଚାନ୍ଦ୍ ଜୁଏଲର୍ସର ବିଶ୍ୱସ୍ତରୀୟ କର୍ମସଂସ୍କୃତି ପାଇଁ ସଂଜୟଙ୍କ ଅବଦାନ ପ୍ରଶଂସନୀୟ। ଅନେକ ପୁରସ୍କାର ପରେ ସଂଜୟଙ୍କୁ ମିଳିଥିବା ଏହି ଦୁଇଟି ପୁରସ୍କାର ହିଁ ସଂଜୟଙ୍କ ସଫଳତାର କାହାଣୀ ବର୍ଣ୍ଣନା କରେ।



ଲାଲ୍ଚାନ୍ଦ୍ ଗ୍ରୁପର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଶ୍ରୀଯୁକ୍ତ ସଂଜୟ ହଂସ




ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ଫେବୃୟାରୀ ,୨୦୨୦



ବିହାରର ଗୟା ଜିଲା ଅନ୍ତର୍ଗତ ବାଙ୍କେ ବଜାର ପୋଲିସ ଷ୍ଟେଶନ ଅଧୀନ ଏକ ସ୍କୁଲ ବିଲ୍ଡିଂକୁ ସନ୍ଦିଗ୍ଧ ମାଓବାଦୀମାନେ ବିସ୍ଫୋରଣ କରି ଉଡ଼ାଇ ଦେଇଛନ୍ତି। ଏହା ପରେ ସେଠାରେ ସେମାନେ କିଛି ପୋଷ୍ଟର ମାରି ସିଏଏ, ଏନ୍‌ପିଆର୍ ଓ ଏନ୍‌ସିଆରକୁ ବିରୋଧ କରି ଫାସୀବାଦରେ ବିଶ୍ୱାସ କରୁଥିବା ଭାଜପା ସରକାରକୁ ସମାଲୋଚନା କରିଥିବା ବରିଷ୍ଠ ପୋଲିସ ଅଧିକାରୀ ସଞ୍ଜୀବ ମିଶ୍ର କହିଛନ୍ତି।



# ଶାହିନବାଗରେ ହାଇଡ୍ରାମା

ନୂଆଦିଲ୍ଲୀ,୧୯।୨



ଶାହିନବାଗରେ ମଧ୍ୟସ୍ଥ ସଞ୍ଜୟ ହେଗଡେଙ୍କ ସହ ସାଧନା ରାମଚନ୍ଦ୍ରନ୍।

- ବିକ୍ଷୋଭସ୍ଥଳରେ ପ୍ରବଳ ହୋହଲ୍ଲା
- ଫେରିଗଲେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥ
- ମଧ୍ୟସ୍ଥଙ୍କ ମଧ୍ୟରେ ଫାଟ ନେଇ ଚର୍ଚ୍ଚା
- ଆଜି ପୁଣି ହେବ ଆଲୋଚନା

କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଦିଲ୍ଲୀର ଶାହିନବାଗରେ ଚାଲିଥିବା ଆନ୍ଦୋଳନ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ମଧ୍ୟ ଥମିନାହିଁ। ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ମଧ୍ୟସ୍ଥ ଭାବେ ନିଯୁକ୍ତି ପାଇଥିବା ଦୁଇ ବରିଷ୍ଠ ଆଇନଜୀବୀ ସଞ୍ଜୟ ହେଗ୍‌ଡେ ଓ ସାଧନା ରାମଚନ୍ଦ୍ରନ୍ ବୁଧବାର ବିକ୍ଷୋଭକାରୀମାନଙ୍କୁ ବୁଝାଇବା ପାଇଁ ଯାଇଥିଲେ। ହେଲେ ସେଠାରେ ପ୍ରବଳ ହୋହଲ୍ଲା ଓ ପାଟିତୁଣ୍ଡ ହେବାରୁ ଉଭୟେ ଫେରିଯାଇଛନ୍ତି। ଗୁରୁବାର ଦୁଇ ମଧ୍ୟସ୍ଥ ପୁନର୍ବାର ଶାହିନବାଗ ଯାଇ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

ଡିସେମ୍ବର ୧୪। ଏଇଟା ହେଉଛି ସେହି ତାରିଖ, ଯେବେଠୁ ଦକ୍ଷିଣ ଦିଲ୍ଲୀର ଶାହିନବାଗ ପାଲଟିଛି ସିଏଏ ବିରୋଧୀ ବିକ୍ଷୋଭର କେନ୍ଦ୍ରସ୍ଥଳ। ସିଏଏ ପ୍ରତ୍ୟାହାର ଦାବିରେ ଦୁଇମାସରୁ ଉର୍ଦ୍ଧ୍ୱ ସମୟ ଧରି ଲୋକେ ବିଶେଷକରି ମହିଳାମାନେ ଦିଲ୍ଲୀ ଓ ନୋଏଡାକୁ ସଂଯୋଗ କରୁଥିବା ଶାହିନବାଗର ରାସ୍ତାକୁ ଅବରୋଧ କରି ଆନ୍ଦୋଳନ ଚଳାଇଛନ୍ତି। ଅଚଳାବସ୍ଥାକୁ ନେଇ କେତେକ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଛି। ଜଷ୍ଟିସ୍ ସଞ୍ଜୟ କୌଲ ଏବଂ କେ.ଏମ୍. ଜୋସେଫ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୧୬ ତାରିଖରେ ସେଗୁଡ଼ିକର ଶୁଣାଣି କରି ସଞ୍ଜୟ ହେଗ୍‌ଡେ ଓ ସାଧନା ରାମଚନ୍ଦ୍ରନ୍‌ଙ୍କୁ ବାର୍ତ୍ତାକାର ଭାବେ ନିଯୁକ୍ତ କରିଥିଲେ। ବିକ୍ଷୋଭ କରିବା ସେମାନଙ୍କ ଅଧିକାର କିନ୍ତୁ ବିକ୍ଷୋଭ ଅନ୍ୟ ନାଗରିକମାନଙ୍କୁ ପ୍ରଭାବିତ କରିବା ଅନୁଚିତ ବୋଲି ଅଦାଲତ କହିଥିଲେ। ଏହାସହ ଲୋକଙ୍କୁ କାଳିନ୍ଦୀ କୁଞ୍ଜ ରାସ୍ତାରୁ ବିକ୍ଷୋଭକୁ ଅନ୍ୟତ୍ର (ରାମଲୀଳା ମଇଦାନ କିମ୍ବା ଯନ୍ତରମନ୍ତର ଭଳି ସ୍ଥାନକୁ) ସ୍ଥାନାନ୍ତର କରିବା ଲାଗି ବୁଝାଇବା ସକାଶେ ମଧ୍ୟସ୍ଥଙ୍କୁ ପରାମର୍ଶ ଦେଇଥିଲେ। ଆଲୋଚନାର ନିଷ୍କର୍ଷ ଆସନ୍ତା ୨୪ ତାରିଖ ସୁଦ୍ଧା କୋର୍ଟରେ ଦାଖଲ କରିବାକୁ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ରହିଛି। ତେଣୁ ମଙ୍ଗଳବାର ଦୁଇ ମଧ୍ୟସ୍ଥ ପ୍ରଥମଥର ପାଇଁ ବିକ୍ଷୋଭସ୍ଥଳରେ ପହଞ୍ଚିଥିଲେ। ଉଭୟେ କହିଥିଲେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଆମେ ଆସିଛୁ। ସମସ୍ତଙ୍କ ସହ କଥା ହେବୁ ଓ ସଭିଙ୍କ କଥା ଶୁଣିବୁ। ସମସ୍ତଙ୍କ ସହଯୋଗରେ ସୁଫଳ ମିଳିବ ବୋଲି ଆଶା। ଅଦାଲତ ଆପଣମାନଙ୍କ ବିକ୍ଷୋଭ କରିବାର ଅଧିକାରକୁ କାଏମ ରଖିଛନ୍ତି। କିନ୍ତୁ ଅନ୍ୟମାନଙ୍କ ଅଧିକାର ମଧ୍ୟ ବଜାୟ ରହିବା ଉଚିତ ବୋଲି କହିଥିଲେ। ସଞ୍ଜୟ ସୁପ୍ରିମକୋର୍ଟଙ୍କ ରାୟକୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିବାବେଳେ ସାଧନା ତାକୁ ହିନ୍ଦୀରେ ବୁଝାଇଥିଲେ। ଇତିମଧ୍ୟରେ ବିକ୍ଷୋଭକାରୀମାନେ ହୋହଲ୍ଲା କରିବାରୁ ଅଧିକ ସମୟ ଆଲୋଚନା ହୋଇପାରି ନାହିଁ। କେତେଜଣ ମହିଳା କାନ୍ଦିବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାର ସିଏଏ ସହ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ପ୍ରତ୍ୟାହାର କଲେ ଯାଇ ସେମାନେ ବିକ୍ଷୋଭସ୍ଥଳରୁ ହଟିବେ ବୋଲି କହିଥିଲେ। ଖବରଦାତାମାନେ ସେଠାରେ ଉପସ୍ଥିତ ରହି ଆଲୋଚନାର ରେକର୍ଡିଂ କରନ୍ତୁ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ଶେଷରେ ମିଡିଆ ବିକ୍ଷୋଭସ୍ଥଳ ଛାଡ଼ି ଚାଲିଯିବ ଓ ବୈଠକ ପରେ ବିକ୍ଷୋଭକାରୀମାନେ ଗଣମାଧ୍ୟମକୁ ନିଷ୍କର୍ଷ ସମ୍ପର୍କରେ ଅବଗତ କରାଇବେ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ପାଟିତୁଣ୍ଡ ଭିତରେ ଦୁଇ ମଧ୍ୟସ୍ଥ ସେଠାରୁ ଚାଲିଯାଇଛନ୍ତି। ଦୁହେଁ ଗୁରୁବାର ପୁଣି ଶାହିନବାଗ ଯାଇ ବିକ୍ଷୋଭକାରୀଙ୍କ ସହ କଥା ହେବେ ବୋଲି କହିଛନ୍ତି। ସଞ୍ଜୟ ଓ ସାଧନା ସେଠାରୁ ଚାଲିଯିବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ତୃତୀୟ ମଧ୍ୟସ୍ଥ ୱାଜାହତ ହବିବୁଲ୍ଲା ପହଞ୍ଚିଥିଲେ। ଏହାକୁ ଦେଖି ଗଣମାଧ୍ୟମ କର୍ମୀମାନେ ବିସ୍ମିତ ହୋଇଥିଲେ। ପୃଥକ୍ ଭାବେ ଆସିଥିବାରୁ ସେମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଛି ନା ଏହା ଏକ ସୁଚିନ୍ତିତ ରଣନୀତି ବୋଲି ଅନେକେ ଚର୍ଚ୍ଚା କରିଥିଲେ। ଏନେଇ ପୂର୍ବତନ ମୁଖ୍ୟ ସୂଚନା କମିଶନର ହବିବୁଲ୍ଲା କହିଛନ୍ତି, ମଧ୍ୟସ୍ଥ ଟିମ୍‌ରେ ତାଙ୍କୁ ସାମିଲ କରାଯିବା ନେଇ ଆନୁଷ୍ଠାନିକ ଭାବେ ଅବଗତ କରାଯାଇନାହିଁ।

## 'ଗୁଳି କଲେ ବି ଘୁଞ୍ଚିବୁ ନାହିଁ'

ତୁମେ ଗୁଳି ଚଳାଇଲେ ବି ଆମେ ପଛକୁ ଘୁଞ୍ଚିବୁ ନାହିଁ। ଗୋଟିଏ ଇଞ୍ଚ ତ ଦୂରର କଥା, କେଶାଗ୍ରେ ସ୍ଥାନ ଛାଡ଼ିବୁ ନାହିଁ। ସିଏଏକୁ ନେଇ ସରକାର ଏକ ଇଞ୍ଚ ଘୁଞ୍ଚିବେ ନାହିଁ ବୋଲି ଯଦି ସ୍ୱରାଷ୍ଟ୍ରମନ୍ତ୍ରୀ କହୁଛନ୍ତି ତେବେ ଆମେ ମଧ୍ୟ କେଶ ଅଗ୍ର ସମ ଭୂଇଁରୁ ହଟିବୁ ନାହିଁ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥମାନେ ଆଲୋଚନା ପାଇଁ ଦକ୍ଷିଣ ଦିଲ୍ଲୀର ଶାହିନବାଗରେ ପହଞ୍ଚିଥିବାବେଳେ ସିଏଏ ବିରୋଧୀ ବିକ୍ଷୋଭର ପ୍ରତୀକ ପାଲଟିଥିବା ବିଲ୍‌କିସ୍ ବାନୋ ଏପରି ଚେତାବନୀ ଦେଇଛନ୍ତି।



## ସଞ୍ଜୟ କୋଠାରୀ ହେବେ ସିଭିସି

## ବିମଲ ଜୁଲ୍‌କା ନୂଆ ସିଆଇସି





ନୂଆଦିଲ୍ଲୀ,୧୯।୨(ପି.ଟି.)

ରାଷ୍ଟ୍ରପତିଙ୍କ ସଚିବ ଥିବା ସଞ୍ଜୟ କୋଠାରୀ ଦେଶର ପରବର୍ତ୍ତୀ ମୁଖ୍ୟ ଭିଜିଲାନ୍ସ କମିଶନର (ସିଭିସି) ନିଯୁକ୍ତ ହେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ନୂଆ ସିଭିସି ଭାବେ କୋଠାରୀଙ୍କୁ ଚୟନ କରିଛି। ସେହିପରି ପୂର୍ବତନ ସୂଚନା ଓ ପ୍ରସାରଣ ସଚିବ ବିମଲ ଜୁଲ୍‌କାଙ୍କୁ ନୂଆ ମୁଖ୍ୟ ସୂଚନା କମିଶନର (ସିଆଇସି) ଭାବେ କମିଟି ମନୋନୀତ କରିଛି। ଜୁଲ୍‌କା ଏବେ ସୂଚନା କମିଶନର ଭାବେ କାର୍ଯ୍ୟ କରୁଛନ୍ତି। ଉଭୟ କୋଠାରୀ ଓ ଜୁଲ୍‌କା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବେ ଅବସର ଗ୍ରହଣ କରିଛନ୍ତି।

ସରକାରଙ୍କ ନିଷ୍ପତ୍ତିକୁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ବିରୋଧ କରିଥିବାବେଳେ କମିଟିର ଅନ୍ୟ ସଦସ୍ୟମାନେ ଏହାକୁ ସମର୍ଥନ କରିଛନ୍ତି। ସୁରେଶ ପଟେଲଙ୍କୁ ଭିଜିଲାନ୍ସ କମିଶନର ଏବଂ ଅନୀତା ପାଣ୍ଡୋଭଙ୍କୁ ସୂଚନା କମିଶନର ଭାବେ ନିଯୁକ୍ତି ଦେବା ଲାଗି କମିଟି ସଂଖ୍ୟାଧିକ ମତରେ ନିଷ୍ପତ୍ତି ନେଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ପରେ ସେମାନଙ୍କ ନିଯୁକ୍ତି ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ।

## ନୃପେନ୍ଦ୍ର ମିଶ୍ର ରାମମନ୍ଦିର ନିର୍ମାଣ କମିଟି ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୯।୨




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବତନ ପ୍ରମୁଖ ସଚିବ ନୃପେନ୍ଦ୍ର ମିଶ୍ର ହେବେ ରାମ ଜନ୍ମଭୂମି ଟ୍ରଷ୍ଟର ମନ୍ଦିର ନିର୍ମାଣ କମିଟି ମୁଖ୍ୟ। ବୁଧବାର ସନ୍ଧ୍ୟାରେ ରାମମନ୍ଦିର ଟ୍ରଷ୍ଟ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କାର୍ଯ୍ୟର ତଦାରଖ କରିବ ଟ୍ରଷ୍ଟ। ବୈଠକରେ ମହନ୍ତ ନୃତ୍ୟଗୋପାଳ ଦାସଙ୍କୁ ରାମ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଓ ଚମ୍ପତ୍ ରାୟଙ୍କୁ ସାଧାରଣ ସମ୍ପାଦକ ନିର୍ବାଚିତ କରାଯାଇଛି।

### ନୃତ୍ୟଗୋପାଳ ହେଲେ ଟ୍ରଷ୍ଟ ମୁଖ୍ୟ

ଟ୍ରଷ୍ଟ ମୁଖ୍ୟ କେ. ପରାସରନଙ୍କ ଦିଲ୍ଲୀ ବାସଭବନରେ ଏହି ବୈଠକ ବସିଥିଲା।

## 'ମସ୍‌ଜିଦ ପାଇଁ ବି ଟ୍ରଷ୍ଟ ଗଠନ କରୁ କେନ୍ଦ୍ର'



**ଲକ୍ଷ୍ନୌ,୧୯।୨(ଆଇଏଏନ୍‌ଏସ୍):** କେନ୍ଦ୍ର ସରକାର ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ଟ୍ରଷ୍ଟ ଗଠନ କରିଛନ୍ତି। ସେହିପରି ମସ୍‌ଜିଦ ଲାଗି ମଧ୍ୟ ଏକ ଟ୍ରଷ୍ଟ ଗଠନ କରନ୍ତୁ। ମସ୍‌ଜିଦ ନିର୍ମାଣ ପାଇଁ ପାଣ୍ଠି ମଧ୍ୟ ଯୋଗାଇ ଦିଅନ୍ତୁ ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଦାବି କରିଛନ୍ତି। ଲକ୍ଷ୍ନୌରେ ଏନ୍‌ସିପିର ରାଜ୍ୟସ୍ତରୀୟ ସମ୍ମିଳନୀକୁ ସମ୍ବୋଧିତ କରି ପାୱାର ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି। ଏହି ଦଳ ଧର୍ମ ଆଧାରରେ ଲୋକଙ୍କୁ ବିଭାଜନ କରୁଛି। ଯଦି ସରକାର ମନ୍ଦିର ପାଇଁ ଟ୍ରଷ୍ଟ ଗଠନ କରିପାରିଲେ ତେବେ ମସ୍‌ଜିଦ ଲାଗି ପାଣ୍ଠି ଯୋଗାଇ ଆଉ ଏକ ଟ୍ରଷ୍ଟ କାହିଁକି ଗଠନ କରିପାରିବେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଶାହାଙ୍କୁ ଭେଟିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୧୯।୨ (ପି.ଟି.)



ଦିଲ୍ଲୀ ବିଧାନସଭା ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ବୁଧବାର ପ୍ରଥମ ଥର ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ୨୦ ମିନିଟ୍ ଆଲୋଚନା କରିଛନ୍ତି। ଶାହାଙ୍କ ବାସଭବନରେ ଉଭୟେ ଦିଲ୍ଲୀ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ କଥା ହୋଇଥିଲେ। ଦିଲ୍ଲୀର ବିକାଶ ପାଇଁ ଏକାଠି କାର୍ଯ୍ୟ କରିବାକୁ ସେମାନେ ରାଜି ହୋଇଥିବା କେଜ୍‌ରିୱାଲ ଟୁଇଟ୍ କରିଛନ୍ତି।

ଅନ୍ୟପକ୍ଷରେ କେଜ୍‌ରିୱାଲ ବୁଧବାର ତାଙ୍କ କ୍ୟାବିନେଟ ସହକର୍ମୀମାନଙ୍କ ସହ ଏକ ବୈଠକରେ ଜନସାଧାରଣଙ୍କୁ ଦିଆଯାଇଥିବା ୧୦ ଗ୍ୟାରେଣ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ଏହାର କାର୍ଯ୍ୟକାରିତା ଲାଗି ଯୋଜନା ପ୍ରସ୍ତୁତ କରିବାକୁ ସେ ମନ୍ତ୍ରୀ ଓ ଅଫିସରମାନଙ୍କୁ କହିଥିଲେ।

## ୩ ହିଜ୍‌ବୁଲ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୯।୨(ପି.ଟି.):** ଜମ୍ମୁ-କଶ୍ମୀରର କୁଲ୍‌ୱାମା ଜିଲା ଅନ୍ତର୍ଗତ ଟ୍ରାଲ୍ ସେକ୍ଟରରେ ଜଣେ ହିଜ୍‌ବୁଲ କମାଣ୍ଡରଙ୍କ ସମେତ ୩ ଆତଙ୍କବାଦୀ ବୁଧବାର ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି। ମଙ୍ଗଳବାର ରାତିରୁ ଏହି ଅଞ୍ଚଳରେ ଆତଙ୍କବାଦୀମାନେ ଥିବା ଖବର ପାଇ ସୁରକ୍ଷାକର୍ମୀ କର୍ଡନ କରି ସର୍ଚ୍ଚ ଅପରେଶନ ଜୋର୍‌ଦାର କରିଥିଲେ। ଆତଙ୍କବାଦୀଙ୍କ ପକ୍ଷରୁ ଗୁଳିମାଡ଼ କରାଯିବା ପରେ ସୁରକ୍ଷାକର୍ମୀମାନେ ଏହାର ଜବାବ୍ ଦେଇଥିଲେ। ଡିଜିପି ଦିଲ୍‌ବାଗ ସିଂ ଏନେଇ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ନିହତ ୩ ଆତଙ୍କବାଦୀମାନେ ହେଲେ ଆତ୍ମଘୋଷିତ କମାଣ୍ଡର ଜେହାଙ୍ଗିର ଅହମଦ ୱାନି, ରାଜା ଉମର ମକ୍‌ବୁଲ ଓ ସଦାତ୍ ଅହମଦ ଠୋକର୍। ଏନ୍‌କାଉଣ୍ଟର ସ୍ଥାନରୁ ୨ ଏକେ ରାଇଫଲ୍ସ, ପିସ୍ତଲ୍, ୨ ଗ୍ରେନେଡ୍ ଆଦି ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଗତ ମାସରୁ ଏପର୍ଯ୍ୟନ୍ତ ୨୩ ଆତଙ୍କବାଦୀ ନିହତ ହୋଇଥିବା ସେ କହିଛନ୍ତି।

## ସିଏଏ ହିଂସାକୁ ନେଇ ଯୋଗୀଙ୍କ ବିବାଦୀୟ ମନ୍ତବ୍ୟ

**ଲକ୍ଷ୍ନୌ,୧୯।୨:** ଉତ୍ତରପ୍ରଦେଶରେ ଗତ ଡିସେମ୍ବର ମାସରେ ସିଏଏ ବିରୋଧୀ ହିଂସାରେ ପ୍ରାୟ ୨୦ ଜଣଙ୍କ ମୃତ୍ୟୁ ଘଟିଥିଲା। ତେବେ ବୁଧବାର ରାଜ୍ୟ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କର ଏ ସମ୍ପର୍କିତ ମନ୍ତବ୍ୟକୁ ନେଇ ବିବାଦ ମୁଣ୍ଡ ଟେକିଛି। ଯଦି କେହି ମରିବା ଉଦ୍ଦେଶ୍ୟ ନେଇ ରାସ୍ତାକୁ ଓହ୍ଲାଏ ତେବେ ତାଙ୍କୁ କିପରି ଜୀବିତ ରଖାଯାଇପାରିବ ବୋଲି ଆଦିତ୍ୟନାଥ କହିଥିଲେ। କୌଣସି ବିକ୍ଷୋଭକାରୀ ପୋଲିସ ଗୁଳିରେ ମରିନାହାନ୍ତି। ଯେଉଁମାନେ ମରିଛନ୍ତି, ସେମାନେ ଦଙ୍ଗାକାରୀଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି ବୋଲି ୟୁପି ମୁଖ୍ୟମନ୍ତ୍ରୀ ଗୃହରେ କହିଥିଲେ। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଦୀର୍ଘଦିନ ଧରି ଚାଲିଥିବା ଆନ୍ଦୋଳନକୁ ଆଦିତ୍ୟନାଥ ସମାଲୋଚନା କରିଥିଲେ।



## ୨୨ତମ ନ୍ୟାୟିକ ଆୟୋଗକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୧୯।୨(ପି.ଟି.):** ୨୨ତମ ନ୍ୟାୟିକ ଆୟୋଗ (ଲ କମିଶନ) ଗଠନ ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଏହି ଆୟୋଗ ସରକାରଙ୍କୁ ଜଟିଳ ନ୍ୟାୟିକ ପ୍ରସଙ୍ଗରେ ପରାମର୍ଶ ଦେବ। ପୂର୍ବ ନ୍ୟାୟିକ ଆୟୋଗଙ୍କ କାର୍ଯ୍ୟକାଳ ଗତବର୍ଷ ଅଗଷ୍ଟରେ ଶେଷ ହୋଇଥିଲା। ନୂଆ ଗଠନ ନେଇ ଆଇନ ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶ କରିବ।

## 'ହୁନର ହାଟ'ରେ ମୋଦି

ନୂଆଦିଲ୍ଲୀ,୧୯।୨(ପି.ଟି.)




ନୂଆଦିଲ୍ଲୀର ରାଜପଥରେ ଚାଲିଥିବା 'ହୁନର ହାଟ'ରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଚାନକ ପହଞ୍ଚି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ସେଠାରେ ସେ କାରିଗରମାନଙ୍କ ସହ ଭାବ ବିନିମୟ କରିବା ସହ ଲିଟ୍ଟି-ଚୋଖା ଏବଂ ମାଟିପାତ୍ରରେ ଚା'ର ମଜା ନେଇଥିଲେ। କ୍ୟାବିନେଟ ବୈଠକ ଶେଷ ହେବା ପରେ ମୋଦି ସିଧା ହୁନର ହାଟକୁ ଚାଲିଥିଲେ। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏହି ହାଟ ଆୟୋଜନ କରାଯାଇଛି। ମୋଦିଙ୍କୁ ହଠାତ୍ ଦେଖି ମନ୍ତ୍ରଣାଳୟର ଅଧିକାରୀମାନେ ହତବତେଇ ଯାଇଥିଲେ। ପ୍ରଧାନମନ୍ତ୍ରୀ ସେଠାରେ ଲିଟି ଚୋଖା ଖାଇ ୧୨୦ ଟଙ୍କା ଦେଇଥିଲେ। ପରେ ସେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁଖ୍‌ତାର ଆବ୍ବାସ ନକ୍‌ଭିଙ୍କ ସହ ମାଟିପାତ୍ରରେ ଚା' ପିଇଥିଲେ ଓ ୪୦ ଟଙ୍କା ଦେଇଥିଲେ।

### ଅଚାନକ ଯାଇ ଲିଟ୍ଟି-ଚୋଖାର ମଜା ନେଲେ

## ୨ ବିମାନ ଧକ୍କା: ୪ ମୃତ

**ମେଲ୍‌ବୋର୍ନ,୧୯।୨:** ଅଷ୍ଟ୍ରେଲିଆ ଆକାଶରେ ବୁଧବାର ଦୁଇଟି ହାଲୁକା ବିମାନ ମଧ୍ୟରେ ଧକ୍କା ହେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ବିମାନ ଦୁଇଟିର ଭଗ୍ନାବଶେଷ ମେଲବୋର୍ନର ଗ୍ରାମାଞ୍ଚଳରେ ବିକ୍ଷିପ୍ତ ଭାବେ ପଡ଼ିଥିଲା। ପ୍ରତି ବିମାନରେ ଜଣେ ପାଇଲଟ ଓ ଜଣେ ଯାତ୍ରୀ ଥିଲେ। ୪୦୦୦ ଫୁଟ୍ ଉଚ୍ଚରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି।

## [ଇତିହାସର ଆଇନାରେ]

### ଫେବୃୟାରୀ ୨୦ର ପ୍ରମୁଖ ଘଟଣା

୧୯୨୦ ଫେବୃୟାରୀ ୨୦ରେ ଜର୍ଜିଆରେ ଭୂକମ୍ପ ହେବାରୁ ଏଥିରେ ୧୨୦ ବ୍ୟକ୍ତି ପ୍ରାଣ ହରାଇଥିଲେ। ପ୍ରାୟ ୫୦୦ ଲୋକ ଆହତ ହୋଇଥିବାବେଳେ ଅନେକ ଘର ଭାଙ୍ଗିଯାଇଥିଲା। ଗୋରି ସହର ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୨ ଥିଲା।

୧୯୭୯ ଫେବୃୟାରୀ ୨୦ରେ ଇଣ୍ଡୋନେସିଆର କେନ୍ଦ୍ରୀୟ ଜାଭାରେ ଭୂକମ୍ପରୁ ଅଗ୍ନି ଉଦ୍‌ଗୀରଣ ହାଇ ବିଷାକ୍ତ ଗ୍ୟାସ ବାହାରିବାରୁ ୧୫୦ ଲୋକଙ୍କ ପ୍ରାଣହାନି ଘଟିଥିଲା।

## ୧୦୦ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତରୁ ୧୧

ଲଣ୍ଡନ,୧୯।୨(ପି.ଟି.)

ବିଶ୍ୱର ବିକାଶଶୀଳ ଅର୍ଥନୀତି ମଧ୍ୟରୁ ବଛାଯାଇଥିବା ୧୦୦ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତରୁ ୧୧ଟି ସ୍ଥାନ ପାଇଛି। ଟାଇମ୍ସ ହାୟର ଏଜୁକେଶନ୍ସ ଇମର୍ଜିଂ ଇକୋନୋମିକ୍ସ ୟୁନିଭର୍ସିଟି ର୍‍ୟାଙ୍କିଂ ୨୦୨୦ରୁ ଏହା ଜଣାପଡ଼ିଛି। ମୋଟ ୪୭ଟି ଦେଶର ୫୩୩ ବିଶ୍ୱବିଦ୍ୟାଳୟକୁ ନେଇ ଏହି ସର୍ଭେ କରାଯାଇଥିବାବେଳେ ସେଥିରେ ଭାରତରୁ ୫୬ଟି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଥିଲା। ଶ୍ରେଷ୍ଠ ବିବେଚିତ ୧୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚାଇନାରୁ ସର୍ବାଧିକ ୩୦ଟି ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ଭାରତ ରହିଛି। ଏହି ତାଲିକାରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସାଇନ୍ସ (ଆଇଆଇଏସ୍‌ସି) ୧୬ତମ ସ୍ଥାନରେ ରହିଥିବାବେଳେ ଏହା ପଛକୁ ରହିଛି ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି)। ଭାରତୀୟ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଦେଖାଇଛନ୍ତି। ଭାରତ ସରକାର ୨୦୧୭ରେ ଇନ୍‌ଷ୍ଟିଚ୍ୟୁଟ୍ସ ଅଫ ଏମିନେନ୍ସ ପ୍ରତିଷ୍ଠା କରିଥିଲେ। ଏଥିରେ ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟ ଅମୃତ ବିଶ୍ୱ ବିଦ୍ୟାପୀଠମ୍ ପ୍ରଥମ ଥର ପାଇଁ ଶ୍ରେଷ୍ଠ ୧୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ଖଡ଼ଗପୁର ୨୩ ସ୍ଥାନ ଉପରକୁ ଉଠି ୩୨ତମ ସ୍ଥାନରେ ପହଞ୍ଚିଥିବାବେଳେ ଆଇଆଇଟି ଦିଲ୍ଲୀ ୩୮ତମ, ଆଇଆଇଟି ମାଡ୍ରାସ ୬୩ତମ ସ୍ଥାନରେ ରହିଛି। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି ରୋପଡ୍ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ କେମିକାଲ ଟେକ୍‌ନୋଲୋଜି ପ୍ରଥମ ଥର ଏହି ର୍‍ୟାଙ୍କିଂରେ ପ୍ରବେଶ କରି ଶ୍ରେଷ୍ଠ ୧୦୦ ମଧ୍ୟରେ ସ୍ଥାନ ପାଇଛନ୍ତି।

## ବାଣିଜ୍ୟ, ପ୍ରତିରକ୍ଷାକୁ ଗୁରୁତ୍ୱ

**ନୂଆଦିଲ୍ଲୀ, ୧୯।୨(ପି.ଟି.):** ଆସନ୍ତା ୨୪ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସସ୍ତ୍ରୀକ ଭାରତ ଗସ୍ତରେ ଆସୁଛନ୍ତି। ଏଥିଲାଗି ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ୨୫ତାରିଖରେ ଦୁଇନେତାଙ୍କ ମଧ୍ୟରେ ଆଲୋଚନା ହେବ। ଏଥିରେ ବାଣିଜ୍ୟ ଓ ପ୍ରତିରକ୍ଷା ସମ୍ବନ୍ଧୀୟ ଚର୍ଚ୍ଚା କରାଯିବ ବୋଲି ଜଣାପଡ଼ିଛି। ଦୀର୍ଘମିଆଦୀ ବାଣିଜ୍ୟିକ ଚୁକ୍ତି ନେଇ ଆଲୋଚନା କରାଯିବା ପରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଏଥିସହ କେତେ ପ୍ରତିରକ୍ଷା ଚୁକ୍ତି ଦୁଇ ରାଷ୍ଟ୍ରମୁଖ୍ୟଙ୍କ ଉପସ୍ଥିତିରେ କରାଯିବ। ତୈଳ, ଗ୍ୟାସ, ଆତଙ୍କବାଦ, ବିଶ୍ୱ ସମ୍ମୁଖୀନ ହେଉଥିବା ସାଂପ୍ରତିକ ସମସ୍ୟା ଓ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଆଲୋଚନା କରାଯିବାର ସମ୍ଭାବନା ରହିଛି। ଏନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟର ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗ୍‌ଲା ସୂଚନା ଦେଇଛନ୍ତି। ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ଅହମଦାବାଦ ମ୍ୟୁନିସପାଲ କର୍ପୋରେଶନ ପକ୍ଷରୁ ବସ୍ତିରେ ରହୁଥିବା ୪୫ ପରିବାରକୁ ୭ ଦିନ ମଧ୍ୟରେ ଘର ଖାଲି କରିବାକୁ ନୋଟିସ ଦିଆଯାଇଛି। ଏହି ଦେବ୍ ଶରନ୍ ବସ୍ତି ମୋଟେରା ଷ୍ଟାଡିୟମ୍‌କୁ ଲାଗିକରି ରହିଛି। ୨୪ରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଟ୍ରମ୍ପ ମୋଟେରା ଷ୍ଟାଡିୟମ୍‌ରୁ ବାହାରି ଏହି ବସ୍ତି ଦେଇ ରୋଡ୍ ଶୋ'ରେ ଯିବେ। ବ୍ୟାପକ ପ୍ରସ୍ତୁତିକୁ କଂଗ୍ରେସ ନେତା ଅଧୀର ରଞ୍ଜନ ସମାଲୋଚନା କରିଛନ୍ତି। ଟ୍ରମ୍ପ କ'ଣ ଭଗବାନ ଯେ ୭୦ ଲକ୍ଷ ଲୋକ ତାଙ୍କୁ ସ୍ୱାଗତ କରିବେ ବୋଲି ଅଧୀର ପ୍ରଶ୍ନ କରିଛନ୍ତି।

### ୨୫ରେ ମୋଦି- ଟ୍ରମ୍ପ ଆଲୋଚନା




ଅହମଦାବାଦରେ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିବାବେଳେ ଶ୍ରମିକମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଥିବା ଏକ ହୋର୍ଡିଂ ଲଗାଉଛନ୍ତି।

- ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ୪୫ ପରିବାରକୁ ନୋଟିସ
- ଟ୍ରମ୍ପ କ'ଣ ଭଗବାନ: ଅଧୀର ରଞ୍ଜନ

# ୩ ଦିନ ରିମାଣ୍ଡରେ ଗଲେ ଅନୁପ

## କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣା

- ବର୍ଦ୍ଧନ ଟପ୍ପୋଙ୍କୁ ଗୋଟିଏ ଦିନ ରିମାଣ୍ଡ
- ଆଜି ହେବ ନାର୍କୋ ଓ ଡିଏନଏ ଟେଷ୍ଟ ପାଇଁ ଆବେଦନ



କୋର୍ଟ ପରିସରରେ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ଓ ଅନୁପ ସାଏ।

ଝାରସୁଗୁଡ଼ା ଅଫିସ,୧୯।୨

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲି ହତ୍ୟା ଘଟଣାରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଛତିଶଗଡ ଚକ୍ରଧରନଗର ପୋଲିସ ତନାଘନା ଚଳାଇଛି। ଗିରଫ ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ରିମାଣ୍ଡରେ ନେବା ପାଇଁ ପୋଲିସ ରାୟଗଡ ଏସଡିଜେଏମଙ୍କ କୋର୍ଟରେ ମଙ୍ଗଳବାର ଆବେଦନ କରିଥିଲା। କୋର୍ଟ ଆବେଦନକୁ ବିଚାର କରି ଦିନକ ପାଇଁ ରାୟ ସ୍ଥଗିତ ରଖିଥିଲେ । ତେବେ ବୁଧବାର ଅପରାହ୍ନ ପ୍ରାୟ ୫ଟା ୧୫ ମିନିଟ୍‌ରେ ଚକ୍ରଧରନଗର ପୋଲିସ ଉଭୟଙ୍କୁ କୋର୍ଟରେ ହାଜର କରିବା ସହ ଉଭୟଙ୍କୁ ୭ ଦିନ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା। ପୋଲିସର ଆବେଦନ ଓ ମାମଲାକୁ ଅନୁଧ୍ୟାନ କରି କୋର୍ଟ ଅନୁପଙ୍କୁ ତିନି ଦିନ ଏବଂ ବର୍ଦ୍ଧନଙ୍କୁ ଦିନକ ପାଇଁ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି । ସେହିପରି ଅନୁପଙ୍କ ନାର୍କୋ ଓ ଡିଏନଏ ଟେଷ୍ଟ କରିବା ନେଇ ପୋଲିସ ପକ୍ଷରୁ ଗୁରୁବାର କୋର୍ଟରେ ଆବେଦନ କରାଯିବ। କୋର୍ଟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ଅନୁପ ଦର୍ଶାଇଛନ୍ତି ବୋଲି ସରକାରୀ ଓକିଲ ବେଦପ୍ରକାଶ ପଟେଲ କହିଛନ୍ତି। ଅନ୍ୟପକ୍ଷେ ଏହି ହତ୍ୟା ଘଟଣାରେ ଅନୁପଙ୍କ ଇନୋଭା ଗାଡି ବ୍ୟବହାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ବୁଧବାର ଉକ୍ତ ଗାଡିକୁ ଚକ୍ରଧରନଗର ଥାନାରେ ହାଜର କରାଯାଇଥିବା ଜଣାପଡିଛି।

ଉଲ୍ଲେଖନୀୟ, ପୋଲିସ ଅନୁପ ଓ ବର୍ଦ୍ଧନଙ୍କୁ ଗିରଫ କରି ପଚରାଉଚୁରା ବେଳେ ସେମାନେ ନିଜ ଦୋଷ କରିଥିବା ସ୍ୱୀକାର କରିଥିଲେ। ତେବେ ହତ୍ୟାକାଣ୍ଡରେ ବ୍ୟବହୃତ ଅସ୍ତ୍ର ଓ ଗାଡି ଏଯାଏ ଜବତ ହୋଇପାରିନାହିଁ। ପୂର୍ବରୁ ଉଭୟଙ୍କୁ ପଚରାଉଚୁରା ବେଳେ ଭିନ୍ନ ଭିନ୍ନ ତଥ୍ୟ ସାମ୍ନାକୁ ଆସିଥିଲା । ଅଧିକାଂଶ ସମୟରେ ଦୁଇ ଅଭିଯୁକ୍ତ ପୋଲିସକୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଥିଲେ । ସେଥିପାଇଁ ଦୁଇ ଜଣଙ୍କୁ ରିମାଣ୍ଡରେ ଆଣି ସାମ୍ନାସାମ୍ନି ବସାଇ ଜେରା କରିବାକୁ ପୋଲିସ ଯୋଜନା ରଖିଛି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀକୁ କୋର୍ଟ ଜିମା ଦେଇ ପ୍ରମାଣ କରିବା ଏବଂ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ଅଧିକ ପଚରାଉଚୁରା ପାଇଁ ରିମାଣ୍ଡ ଆବେଦନ କରିଥିବା କୁହାଯାଇଛି।

ସୂଚନାଯୋଗ୍ୟ ଯେ, ୨୦୧୬ ମସିହା ମେ ୬ ତାରିଖରେ ହୋଇଥିବା ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଦର୍ଶାଇ ରାୟଗଡ ପୋଲିସ ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଗତ ୧୨ ତାରିଖରେ ବ୍ରଜରାଜନଗରରୁ ଉଠାଇ ନେଇଥିଲା। ସେଠାରେ ପଚରାଉଚୁରା ବେଳେ ସେ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଏବଂ ତାଙ୍କୁ ଏଥିରେ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ସହଯୋଗ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ପୋଲିସ ଗତ ୧୪ ତାରିଖ ରାତିରେ ବର୍ଦ୍ଧନଙ୍କୁ ତାଙ୍କ ଘରୁ ନେଇଯାଇଥିଲା । ଏହାପରେ ବର୍ଦ୍ଧନ ପୋଲିସ ଆଗରେ ଦୋଷ ସ୍ୱୀକାର କରି ଡେମୋ ଦେଖାଇବାକୁ ରାଜି ହୋଇଥିଲେ। ୧୬ ତାରିଖରେ ହତ୍ୟାକାଣ୍ଡ ସ୍ଥଳରେ ପୋଲିସ ପକ୍ଷରୁ ମଣିଷ ସଦୃଶ ଦୁଇଟି ପୁତୁଳା ପକାଯାଇଥିଲା। ସେଠାରେ ଡ୍ରାଇଭର ବର୍ଦ୍ଧନ ପୋଲିସକୁ ସୂଚନା ଦେଇ କହିଥିଲେ, କଳ୍ପନା ଓ ବବଲିଙ୍କୁ ହତ୍ୟା କରିବା ପରେ ଗୋଟିଏ ନୁହେଁ ଦୁଇଟି ଗାଡି ସେମାନଙ୍କ ଉପରେ ଚଢ଼ାଯାଇଥିଲା। ପ୍ରଥମେ ଏକ ବୋଲେରୋ ଓ ପରେ ଏକ ଇନୋଭା ଗାଡି ଚଢ଼ାଯାଇଥିଲା ବୋଲି କହିବା ସହିତ ଏହାର ଡେମୋ ମଧ୍ୟ କରି ସେ ଦେଖାଇଥିଲେ। ଏହାପରେ ଅନୁପ ଓ ବର୍ଦ୍ଧନଙ୍କ ବ୍ୟତୀତ ଏକାଧିକ ଲୋକ ଏହି ଘଟଣାରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା ପୋଲିସ। ପରେ ପୋଲିସ ଏହାକୁ ଗୁରୁତ୍ୱ ଦେଇ ଉଭୟଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚୁରା କରିବା ପାଇଁ ପଦକ୍ଷେପ ନେଇଥିଲା।







# ତଦନ୍ତ ପରେ ଫେରିଲା ଛତିଶଗଢ଼ ପୋଲିସ

## ଆବଶ୍ୟକ ପଡ଼ିଲେ ଅନୁପଙ୍କୁ ଓଡ଼ିଶା ନିଆଯିବ: ରାୟଗଡ଼ ଏସ୍‌ପି

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲିଙ୍କୁ ହତ୍ୟା ଘଟଣାରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଭୁବନେଶ୍ୱରରେ ୩ଦିନ ଧରି ତଦନ୍ତ ଚଳାଇଥିଲା ଛତିଶଗଡ଼ ପୋଲିସ। ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବା ପରେ ଛତିଶଗଡ଼ ପୋଲିସ ବୁଧବାର ଫେରିଯାଇଛି। ଏହି ଡବଲ ମର୍ଡର ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଗାଡ଼ିଚାଳକ ବର୍ଦ୍ଧନ ଟପ୍ପୋଙ୍କୁ ଗିରଫ କରାଯାଇଛି। ଅନୁପ ଓ ବର୍ଦ୍ଧନଙ୍କୁ ଯଥାକ୍ରମ ୩ଦିନ ଓ ଦିନକ ପାଇଁ ରିମାଣ୍ଡରେ ନେବାକୁ ଛତିଶଗଡ଼ ପୋଲିସକୁ କୋର୍ଟ ଅନୁମତି ଦେଇଛନ୍ତି। ହତ୍ୟାକାଣ୍ଡରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଥିବା ନେଇ ତଦନ୍ତ ଚାଲିଛି। ଆବଶ୍ୟକ ପଡ଼ିଲେ ମୁଖ୍ୟ ଅଭିଯୁକ୍ତ ଅନୁପଙ୍କୁ ଓଡ଼ିଶା ନିଆଯିବ ବୋଲି ଛତିଶଗଡ଼ର ରାୟଗଡ଼ ଏସ୍‌ପି ସନ୍ତୋଷ ସିଂ କହିଛନ୍ତି। ଘଟଣା ସମ୍ପର୍କରେ ଏସ୍‌ପି ସିଂଙ୍କ ସହ ମୋବାଇଲ ଫୋନରେ କଥାବାର୍ତ୍ତାବେଳେ ସେ କହିଛନ୍ତି ଯେ, ଅଭିଯୁକ୍ତମାନଙ୍କୁ ରିମାଣ୍ଡ ସମୟରେ ଜେରା କରାଯାଇ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡ଼, ଗାଡ଼ି ଓ ଅନ୍ୟମାନଙ୍କ ସମ୍ପୃକ୍ତି ବିଷୟରେ ତଥ୍ୟପ୍ରମାଣ ଯୋଗାଡ଼ କରାଯିବ। ଦରକାର ପଡ଼ିଲେ ଅନୁପଙ୍କୁ ଭୁବନେଶ୍ୱର, ବ୍ରଜରାଜନଗର ଓ ଘଟଣାସ୍ଥଳ(ଛତିଶଗଡ଼ ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲ)କୁ ନିଆଯିବ ବୋଲି ଏସ୍‌ପି ସିଂ କହିଛନ୍ତି।

ହତ୍ୟାକାଣ୍ଡରେ ବ୍ୟବହୃତ ବୋଲେରୋର ମାଲିକାନାକୁ ନେଇ ଦ୍ୱନ୍ଦ ଉପୁଜିଥିଲା। ୨୦୧୫ରେ ମାଲିକାନା ପରିବର୍ତ୍ତନ ସମ୍ପର୍କିତ ତଥ୍ୟ ଭୁବନେଶ୍ୱର ଆରଟିଓ-୧କୁ ମାଗିଛି ଛତିଶଗଡ଼ ପୋଲିସ। ଅନୁରୂପ ଭାବେ ବବ୍‌ଲି ପଢୁଥିବା ସ୍କୁଲକୁ ଯାଇ ପୋଲିସ ତଦନ୍ତ କରିଥିଲା। ସ୍କୁଲରେ ବବ୍‌ଲିଙ୍କ ଉପସ୍ଥାନ ଓ ଅନ୍ୟ କେତେକ ତଥ୍ୟ ପୋଲିସ ସଂଗ୍ରହ କରିନେଇଥିବା ଜଣାପଡ଼ିଛି। ସେହିପରି ଅନୁପ ଓ କଳ୍ପନା ଏକାଠି ବିମାନ ଯାତ୍ରା କରିବା ସମ୍ପର୍କିତ ତଥ୍ୟ ପୋଲିସ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ମାଗିବା ସହ ସୁନ୍ଦରପଦା ଫ୍ଲାଟ୍ କିଣାବିକା ତଥ୍ୟ ମଧ୍ୟ ସଂଗ୍ରହ କରିଛି।

### ପରିବାର ଲୋକ ମାନସିକ ନିର୍ଯାତନା ଭୋଗୁଛନ୍ତି

ଅନୁପଙ୍କ ନାମରେ ମିଥ୍ୟା ଓ ଅତିରଞ୍ଜିତ ଖବର ପ୍ରସାରିତ ହେଉଥିବା ନେଇ ଅଭିଯୋଗ କରିଛନ୍ତି ତାଙ୍କ ବଡ଼ଭାଇ ପ୍ରମୋଦ କୁମାର ସାଏ। ଏହାଦ୍ୱାରା ସମ୍ପୂର୍ଣ୍ଣ ପରିବାର ମାନସିକ ଯନ୍ତ୍ରଣା ଭୋଗିବା ସହ ଭୟଭୀତ ହୋଇ ରହିଥିବା ନେଇ ସେ ବ୍ରଜରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଅତିରଞ୍ଜିତ ଖବର ପରିବେଷଣ ନ କରିବାକୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପ୍ରେସ କାଉନସିଲ୍ ଅଫ୍ ଇଣ୍ଡିଆ, ଓଏଚ୍‌ଆର୍‌ସି, ଝାରସୁଗୁଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ଚିଠିଲେଖି ନିବେଦନ କରିଛନ୍ତି।

# ପିଏମଏୱାଇ-ବିପିଜିଏୱାଇ ଝଗଡ଼ା

- ଲୋଗୋକୁ ନେଇ ବିଜେଡି-ଭାଜପା ଟଣାଓଟରା
- ହିତାଧିକାରୀଙ୍କ ଘର ଦୁଆରେ ଲାଗିବ କେନ୍ଦ୍ର, ରାଜ୍ୟର ଲୋଗୋ




ଭୁବନେଶ୍ୱର,୧୯।୨(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମଏୱାଇ-ଜି) ପାଇଁ କେନ୍ଦ୍ର ସରକାର ପଇସା ଦେଉଛନ୍ତି। ସେହି ଘର ଆଗରେ ବିଜୁ ବାବୁଙ୍କ ଲୋଗୋ କାହିଁକି ଲଗାଯିବ। ଏହାକୁ ନେଇ ଭାଜପା ଘୋର ଆପତ୍ତି ଉଠାଇଛି। ଏ ପ୍ରସଙ୍ଗରେ ବୁଧବାର ମୁଲତବୀ ପ୍ରସ୍ତାବ ଆଣି ବିଧାନସଭାରେ ସରକାରଙ୍କୁ ଘେରିଛନ୍ତି ଭାଜପା। ଭାଜପାର ଅଭିଯୋଗ ହେଉଛି ପିଏମଏୱାଇ କେନ୍ଦ୍ର ସରକାରଙ୍କ ଯୋଜନା। ଏଥିପାଇଁ କେନ୍ଦ୍ର ରାଜ୍ୟ ସରକାରଙ୍କୁ ପର୍ଯ୍ୟାପ୍ତ ଅର୍ଥ ଦେଉଛନ୍ତି। ସେଥିରେ ବିଜୁବାବୁଙ୍କ ଲୋଗୋ କାହିଁକି ଲାଗିବ। ସରକାର ପ୍ରଥମ ପର୍ଯ୍ୟାୟରେ ପିଏମଏୱାଇ ଘର ଆଗରେ ୧୩ ହଜାର ୧୩୧ ଟି ଲୋଗୋ ଲଗାଇବାକୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ ଚିଠି କରାଯାଇଛି। ଯାହାକୁ ଭାଜପା ବିରୋଧ କରୁଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଏହାର ଜବାବ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ଘର ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀଙ୍କ ଘର କବାଟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋଗୋ ରହିବ। ଯେଉଁ ହିତାଧିକାରୀ ପିଏମ୍‌ଏୱାଇ ଘର ପାଇବେ ସେମାନଙ୍କ କବାଟରେ ଉଭୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାର ଲୋଗୋ ଲଗାଯିବ। ଏହାର ସମ୍ପୂର୍ଣ୍ଣ ଯଥାର୍ଥତା ରହିଛି। ପ୍ରଧାନମନ୍ତ୍ରୀ ଆବାସ ଏବଂ ବିଜୁ ପକ୍କାଘର ଯୋଜନାକୁ ମିଶାଇ ଏଥର ବଜେଟ କରାଯାଇଛି। ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବାଂଲା ଆବାସ ଯୋଜନା କରାଯାଇଥିବା ବେଳେ ହିତାଧିକାରୀଙ୍କ ଦୁଆରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଫଟୋ ଲଗାଯାଉଛି। ସିକିମ୍‌ରେ ମଧ୍ୟ ହିତାଧିକାରୀଙ୍କ ଘର ଆଗରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହୁଛି। ସେହିପରି ତାମିଲନାଡୁରେ ମଧ୍ୟ ତାଙ୍କ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହୁଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ୬୦ପ୍ରତିଶତ ଅର୍ଥ ଦେଉଥିବାବେଳେ ରାଜ୍ୟ ସରକାର ୪୦ପ୍ରତିଶତ ଅର୍ଥ ଦେଉଛନ୍ତି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ସରକାରୀ ଖର୍ଚ୍ଚ ଆହୁରି ୧୦ପ୍ରତିଶତ ଅଧିକ ଲାଗୁଛି। ସେହିପରି ଯେଉଁ ହିତାଧିକାରୀ ୪ ମାସରେ ଘର କାମ ଶେଷ କରୁଛନ୍ତି ସେମାନଙ୍କୁ ରାଜ୍ୟ ସରକାର ୨୦ହଜାର ଟଙ୍କା ବୋନସ ଆକାରରେ ପ୍ରଦାନ କରୁଛନ୍ତି। ଏହାସହ ୬ ମାସରେ ଘର କାମ ସମ୍ପୂର୍ଣ୍ଣ କରିଦେଉଥିବା ହିତାଧିକାରୀଙ୍କୁ ବୋନସ ଆକାରରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏଥିପାଇଁ ରାଜ୍ୟ ସରକାର ୬୩୮ କୋଟି ଟଙ୍କା ଅଧିକ ଖର୍ଚ୍ଚ କରିସାରିଲେଣି। ଏ ସମସ୍ତ ଖର୍ଚ୍ଚର ଅନୁପାତ ମିଶାଇଲେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୬ ପ୍ରତିଶତ ଅର୍ଥ ପ୍ରଦାନ କରୁଥିବା ମନ୍ତ୍ରୀ କହିଛନ୍ତି।

ଏନ୍‌ଡିଏ ସରକାର କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ଇନ୍ଦିରା ଆବାସ ଯୋଜନା ନାମ ବଦଳାଯାଇ ପ୍ରଧାନମନ୍ତ୍ରୀ ଆବାସ କରାଯାଇଛି। ଏକ ନୂଆ ସରକାର ଶାସନ କ୍ଷମତାକୁ ଆସିଲେ ରାଜ୍ୟବାସୀ କିଛି ଉପକାର ପାଇବେ ବୋଲି ଆଶା ଥିଲା। ମାତ୍ର ଏ ସରକାର ଶାସନ କ୍ଷମତାକୁ ଆସିବାପରେ ପୂର୍ବରୁ ଇନ୍ଦିରା ଆବାସ ଯୋଜନାରେ କେନ୍ଦ୍ର ୭୫ପ୍ରତିଶତ ଅର୍ଥ ଦେଉଥିବା ବେଳେ ଏନ୍‌ଡିଏ ସରକାର ତାହାକୁ ୬୦ପ୍ରତିଶତକୁ ଖସାଇ ଦେଲେ। ରାଜ୍ୟ ମୁଣ୍ଡରେ ଅଧିକ ବୋଝ ଲଦିଦେଲେ। ନିୟମାନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାକୁ ଯେଉଁ ହିତାଧିକାରୀ ସକ୍ଷମ ନ ହେବେ ତାଙ୍କୁ ପକ୍କାଘର ଯୋଗାଇ ଦେବାକୁ ରାଜ୍ୟ ସରକାର ବିଜୁ ପକ୍କାଘର ଯୋଜନା ଆଣିଛନ୍ତି। ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ୩ଲକ୍ଷ ୬୦ ହଜାର ବିଜୁ ପକ୍କାଘର ଦେଇଛନ୍ତି। ରାଜ୍ୟରେ ସର୍ବମୋଟ ୨୫ଲକ୍ଷ ହିତାଧିକାରୀ ପକ୍କାଘର ପାଇଛନ୍ତି।




**ଆଜିର ମନ୍ତବ୍ୟ**
"କରୋନା ଭାଇରସ୍ ବିଶ୍ୱର ଅଭିବୃଦ୍ଧିକୁ ମନ୍ଥର କରିବା ଭାରତ ଉପରେ ଏହାର ପ୍ରଭାବ ସୀମିତ ରହିବ।
-ଶକ୍ତିକାନ୍ତ ଦାସ, ଆର୍‌ବିଆଇ ଗଭର୍ନର


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆଦ୍ୟାଶା
ପରିବାରବର୍ଗ


ଅର୍ପିତା (ସୋନା)
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶିକ୍ଷକଙ୍କୁ ୪ ବର୍ଷ ଜେଲ

**ଫୁଲବାଣୀ ଅଫିସ, ୧୯।୨**

ଏକ ସ୍କୁଲ ଘର ନିର୍ମାଣ କାମରେ ଅର୍ଥ ତୋଷାରପାତ ମାମଲାର ବିଚାର କରି ଫୁଲବାଣୀ ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତି ସତ୍ୟପୀର ମିଶ୍ର ଅଭିଯୁକ୍ତ ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରି୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବା ପାଇଁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଶିକ୍ଷକ ହେଲେ ମନୋଜ ବେହେରା।

ମାମଲାର ବିବରଣୀ ଅନୁଯାୟୀ, ୨୦୧୨-୧୩ ଆର୍ଥିକ ବର୍ଷରେ ଫୁଲବାଣୀ ବ୍ଲକ ବେଲପଦର ନୂତନ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣ ପାଇଁ ୧୦ ଲକ୍ଷ ୨୭ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ୭ ଲକ୍ଷ ୫୦ ହଜାର ଟଙ୍କା ବିଦ୍ୟାଳୟ ଆକାଉଣ୍ଟକୁ ଆସିଥିଲା । ମନୋଜ ଏହି ଟଙ୍କା ଉଠାଇ କାମ କରିଥିଲେ। ହେଲେ ସେ ଟଙ୍କା ଆତ୍ମସାତ୍ କରିଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଡିଏସ୍‌ପି ହରେକୃଷ୍ଣ ବେହେରା ଘଟଣା ସମ୍ପର୍କରେ ଏତଲା କରିବା ପରେ ନଂ.୪୨/୧୫ରେ ମାମଲା ରୁଜୁ ହୋଇଥିଲା । ଇନ୍ସପେକ୍ଟର ପୁଲସ୍ତି ଛତ୍ରିଆଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ତଦନ୍ତ ବେଳେ ୩ ଲକ୍ଷ ୫୨ ହଜାର ୪୬୦ ଟଙ୍କା ଆତ୍ମସାତ ହୋଇଥିବା ଜଣାପଡିଥିଲା। ଏହାପରେ ମନୋଜ ଆତ୍ମସାତ କରିଥିବା ଅର୍ଥକୁ ମିଶାଇ ଅଧିକ ଟଙ୍କାର କାମ କରି ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ପ୍ରତି ଜିଲାରେ ଖୋଲିବ...

ଯାନ୍ତ୍ରିକ ତ୍ରୁଟି ଯୋଗୁ ଉଭାନ ହୋଇଯାଇଛି ବୋଲି ପଚାରିଥିଲେ। ବିଜେଡି ସଭ୍ୟ ନୃସିଂହ ଚରଣ ସାହୁ ଓ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ମଧ୍ୟ ସମାନ ପ୍ରଶ୍ନ ପଚାରିଥିବାରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉତ୍ତର ଦେବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୃସିଂହ କହିଥିଲେ, ମଣ୍ଡିଗୁଡ଼ିକ ଦୂର ଜାଗାରେ ହୋଇଥିବାରୁ ଚାଷୀମାନଙ୍କୁ ଧାନନେବାକୁ କଷ୍ଟ ହେଉଛି। ପ୍ରତ୍ୟେକ ପଞ୍ଚାୟତରେ ମଣ୍ଡି ଖୋଲିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଚାଷୀଙ୍କଠାରୁ ନିଆଯାଉଥିବା ଧାନରୁ କାଟ କରାଯିବା ନେଇ ସେ ମନ୍ତ୍ରୀଙ୍କୁ ଘେରିଥିଲେ। ସେ ଅଭିଯୋଗ କରିଥିଲେ ଯେ, ମିଲ ମାଲିକ ବିଭାଗୀୟ ବଡ଼ ଅଫିସରଙ୍କୁ ମାସିକ ୨ ଲକ୍ଷ ଟଙ୍କା ଦେଉଛନ୍ତି। ସେଥିପାଇଁ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୭ରୁ ୧୦ କିଲୋ ପର୍ଯ୍ୟନ୍ତ ଧାନକୁ ନିମ୍ନମାନର ଦର୍ଶାଇ କାଟିଦିଆଯାଉଛି। ଦରକାର ପଡ଼ିଲେ ମୁଁ ଏହାର ପ୍ରମାଣ ଦେଇପାରିବି। ସରକାର ୫-ଟି ମାଧ୍ୟମରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ସବୁ ଚାଷୀଙ୍କ ପାଖରୁ ଧାନ କିଣିବା ପାଇଁ ସରକାର ବ୍ୟବସ୍ଥା କରନ୍ତୁ। ବିଜେଡି ସଭ୍ୟ ରୋହିତ ପୂଜାରୀ, ଭୂପିନ୍ଦର ସିଂ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର ପ୍ରମୁଖ ଧାନ କିଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଯେଉଁ ଚାଷୀ ଟୋକନ ପାଉନାହାନ୍ତି ସେମାନେ ଧାନ ବିକ୍ରି କରିପାରୁନାହାନ୍ତି। ଧାନ ଦୀର୍ଘଦିନ ଧରି ମଣ୍ଡି ନିକଟରେ ପଡ଼ିରହୁଛି।

ମନ୍ତ୍ରୀ କହିଥିଲେ ଯେ, ଗତବର୍ଷ ୧୨ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଚଳିତବର୍ଷ ୧୨ ଲକ୍ଷ ୩୫ହଜାର ୧୦୩ଜଣ ଚାଷୀଙ୍କୁ ପଞ୍ଜୀକୃତ କରାଯାଇଛି। ଆହୁରି ଏକମାସ ଦଶଦିନ ସମୟ ବାକି ଅଛି। ସମସ୍ତଙ୍କଠାରୁ ଧାନ କିଣାଯିବ। ଜିଲାସ୍ତରରେ ଧାନକିଣା କମିଟି ରହିଛି। ବିଧାୟକମାନେ ଏହାର ସଦସ୍ୟ ଅଛନ୍ତି। ଯେଉଁଠି ଅସୁବିଧା ହେଉଛି, ସେମାନେ ଆଲୋଚନା କରିପାରିବେ। ଆଜି ଯାଏ ବିନା ଟୋକନରେ ଧାନ କିଣା ହେଉଥିଲା। ଟୋକନ ବ୍ୟବସ୍ଥା ଲାଗୁହେବା ପରେ ଧାନକିଣା ଆହୁରି ବ୍ୟବସ୍ଥିତ ହୋଇପାରିଛି। ୮ ଲକ୍ଷ ୧୩ ହଜାର ୭୩୬ ଚାଷୀଙ୍କୁ ଟୋକନ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୮ ଲକ୍ଷ ୧୩ ହଜାର ୭୩ ଜଣ ଚାଷୀ ଧାନ ବିକ୍ରି କରି ସାରିଛନ୍ତି। ୧୨ ଲକ୍ଷ ୩୫ ହଜାର ୧୦୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ୫୦ ହଜାର ୯୯୬ ଜଣ ଚାଷୀଙ୍କର ଆଧାର ମେଳ ଖାଉ ନାହିଁ। ଅଖା ଫେରସ୍ତ ହେଉ ନ ଥିଲେ ମିଲରମାନେ ଚାଷୀଙ୍କୁ ଝୋଟ ଅଖା ବାବଦରେ ୧୦ ଟଙ୍କା, ଜରି ଅଖା ବାବଦରେ ୫ ଟଙ୍କା ଦେବାକୁ କୁହାଯାଇଛି। ଅଖା ପଇସା ପାଇବା ନେଇ ପ୍ରାଥମିକ ସମବାୟ ସମିତି ଉତ୍ତରଦାୟୀ ରହିବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ କୌଣସି ଟୋକନ ଉଭାନ ହୋଇନାହିଁ। ଚାଷୀଙ୍କୁ ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୧୮୧୫ ଟଙ୍କା ଏବଂ ଗ୍ରେଡ-ଏ ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୧୮୩୫ ଟଙ୍କା ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

### ନକଲି ପ୍ରଶ୍ନପତ୍ର ...

ଅଧିକାରୀ ଏବଂ ଶିକ୍ଷାଧିକାରୀମାନେ ଉପସ୍ଥିତ ରହି ପରୀକ୍ଷାର ସୁପରିଚାଳନା କରିଛନ୍ତି। ପରୀକ୍ଷାର ଦ୍ୱିତୀୟ ଦିବସଠାରୁ ସକାଳ ୯ଟା ୨୦ରେ ପରୀକ୍ଷା କେନ୍ଦ୍ର ଖୋଲିବ। ପ୍ରଥମ ଦିନରେ ପିଲାମାନେ ମାତୃଭାଷା ପରୀକ୍ଷା ଦେଇଛନ୍ତି। ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ସାଢ଼େ ୧୨ଟାରେ ଶେଷ ହୋଇଥିଲା। ପ୍ରଥମ ଦିବସରେ ୬୯ଜଣ କପି କରି ଧରାପଡ଼ିବା ସହ ମାଲପ୍ରାକ୍ଟିସ ହୋଇଛନ୍ତି। ସେଥିମଧ୍ୟରୁ ମାଟ୍ରିକ ପରୀକ୍ଷାର ୪୪, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ୨୪ ଓ ମଧ୍ୟମାର ଜଣେ ପରୀକ୍ଷାର୍ଥୀ ଅଛନ୍ତି। ଉପରୋକ୍ତ ୩ଟି ଯାକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି, ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା। ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସହ ସଫଳତା କାମନା କରୁଛି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ପରୀକ୍ଷାର୍ଥୀମାନଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇବା ସହିତ ଛାତ୍ରଛାତ୍ରୀଙ୍କ ସଫଳତା କାମନା କରିଛନ୍ତି।

# ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କଲେ ଶ୍ରଦ୍ଧାଳୁ


ଶ୍ରୀଲୋକନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

## ଲୋକନାଥଙ୍କ ପୀଠରେ ପଙ୍କୋଦ୍ଧାର ଏକାଦଶୀ

**ପୁରୀ ଅଫିସ, ୧୯।୨**

ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ବର୍ଷତମାମ୍ ଠାକୁରଙ୍କ ପ୍ରତ୍ୟକ୍ଷ ଲିଙ୍ଗ ସର୍ବଦା ପାଣିରେ ବୁଡ଼ି ରହିଥାନ୍ତି। ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଦର୍ଶନ କରିଥାନ୍ତି। ପଙ୍କୋଦ୍ଧାର ଏକାଦଶୀରେ ଗମ୍ଭୀରାରୁ ପଙ୍କ ବାହାର କରାଯାଏ। ବର୍ଷକରେ ଏହି ଗୋଟିଏ ଦିନ ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥାନ୍ତି। ବୁଧବାର ଥିଲା ପବିତ୍ର ପଙ୍କୋଦ୍ଧାର ଏକାଦଶୀ। ପଙ୍କୋଦ୍ଧାର ପରେ ମଧ୍ୟାହ୍ନ ସାଢେ ୧୨ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରଭୁ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥିଲେ।

ପଙ୍କୋଦ୍ଧାର ଏକାଦଶୀ ନୀତି ଓ ଦର୍ଶନ ଶୃଙ୍ଖଳିତ ଲାଗି ମଙ୍ଗଳବାର ରାତି ସାଢେ ୨ଟାରେ ମନ୍ଦିର ଦ୍ୱାର ଫିଟି ଥିଲା। ଏହାପରେ ଠାକୁରଙ୍କ ମଙ୍ଗଳ ଆଳତି ଓ ଅବକାଶ ଆଦି ନୀତି ବଢିଥିଲା। ପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ, ସକାଳ ଧୂପ ବଢି ପୂର୍ବାହ୍ନ ୮ଟାରୁ ପଙ୍କୋଦ୍ଧାର ନୀତି ଆରମ୍ଭ ହୋଇଥିଲା। ସେବାୟତମାନେ ଗମ୍ଭୀରାରୁ ପଙ୍କ ବାହାର କରିଥିଲେ। ମଧ୍ୟାହ୍ନ ୧୨ଟା ସୁଦ୍ଧା ପଙ୍କୋଦ୍ଧାର ସରି ମହାପ୍ରଭୁଙ୍କ ମାଘସ୍ନାନ ନୀତି ବଢିଥିଲା। ବିଗତବର୍ଷ ଭଳି ଏବର୍ଷ ମଧ୍ୟ ଗର୍ଭଗୃହ ଦର୍ଶନ ବନ୍ଦ ରହିଛି। ଭକ୍ତମାନେ ଭିତରକାଠ ନିକଟରୁ ଠାକୁରଙ୍କୁ ଦର୍ଶନ କରିଥିଲେ। ପ୍ରାୟ ୮ ଘଣ୍ଟା ଧରି ଏହି ଦର୍ଶନ ଚାଲିଥିଲା। ଏହାପରେ ମଧ୍ୟାହ୍ନ ଧୂପ, ସନ୍ଧ୍ୟାଧୂପ, ଅନ୍ୟାନ୍ୟ ନୀତି ବଢି ମହାପ୍ରଭୁଙ୍କ ବଡ଼ସିଂହାର ବେଶ ହୋଇଥିଲା। ଏହି ଅବସରରେ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ୪୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ବେଲପତ୍ର, କଦଳୀ, ଛାଚି, ଫୁଲ, ରୁପାର ଅଙ୍ଗ ଯାହା ମହାପ୍ରଭୁଙ୍କୁ ଭକ୍ତ ପ୍ରଦାନ କରିଥିଲେ ତାହା ଗମ୍ଭୀରାରେ ବର୍ଷସାରା ରହି ପଙ୍କରେ ପରିଣତ ହୋଇଥାଏ। ଏହି ଗୋଟିଏ ଦିନ ପଙ୍କ ଉଦ୍ଧାର କରାଯାଇ ଗମ୍ଭୀରାକୁ ସମ୍ପୂର୍ଣ୍ଣ ପରିଷ୍କାର କରାଯାଏ। ଫଳରେ ମୁଖ୍ୟ ଗମ୍ଭୀରାରେ ଭକ୍ତମାନେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଲିଙ୍ଗ କିଛି ସମୟ ପାଇଁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ମହାପ୍ରଭୁଙ୍କ ମସ୍ତକରୁ ଝରୁଥିବା ଗଙ୍ଗାଜଳରେ ପୁନଶ୍ଚ ଗମ୍ଭୀରା ପୂର୍ଣ୍ଣ ହୋଇଥାଏ। ତେଣୁ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗଙ୍କ ଦୁର୍ଲଭ ଦର୍ଶନ କରିବା ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥାଏ।

# ନକଲି ପରୀକ୍ଷାର୍ଥୀ ଅଟକ

**ବସ୍ତା,୧୯।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ରାଧାନାଥ ଉଚ୍ଚ ବିଦ୍ୟାଳୟ ପାଉଶଁକୁଲି କେନ୍ଦ୍ରରୁ ଜଣେ ନକଲି ପରୀକ୍ଷାର୍ଥୀଙ୍କୁ କେନ୍ଦ୍ର ନିରୀକ୍ଷକ ଧରି ସିଂଲା ପୋଲିସକୁ ହସ୍ତାନ୍ତର କରିଛନ୍ତି। ତାଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି।

ବୁଧବାର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲା। ପିଲାମାନେ ପରୀକ୍ଷା ହଲ୍‌ରେ ବସିଥିଲେ। ପରୀକ୍ଷା ଚାଲିଥିବା ବେଳେ ଜଣେ ଛାତ୍ରଙ୍କ ଉପରେ ସନ୍ଦେହ ହେବାରୁ ପରୀକ୍ଷା ନିୟନ୍ତ୍ରକ ତାଙ୍କର ନାମ ପଚାରିଥିଲେ। ଛାତ୍ର ଜଣକ ହିମାଂଶୁ ବେହେରା ବୋଲି କହିଥିଲେ। ଏହି ଛାତ୍ରଙ୍କ ପ୍ରବେଶପତ୍ରରେ ଥିବା ଫଟୋ ଓ ଦସ୍ତଖତରେ ତାଙ୍କ ନାମ ପ୍ରକାଶ ବେହେରା ଲେଖାଥିବାରୁ ତାଙ୍କୁ ଅଟକ ରଖାଯାଇଥିଲା। ପରେ ପରୀକ୍ଷା ନିୟନ୍ତ୍ରକ କେନ୍ଦ୍ର ଦାୟିତ୍ୱରେ ଥିବା ଓବଜରଭରଙ୍କୁ ଜଣାଇବା ସହିତ ସିଂଲା ପୋଲିସକୁ ଖବର ଦେଇଥିଲେ। ତାଙ୍କୁ ଥାନାକୁ ନେଇ ଅଟକ ରଖାଯାଇଥିଲା। ଛାତ୍ର ଜଣକ ଜଳେଶ୍ୱର ଥାନା ଆରଆରପୁର ଅଞ୍ଚଳର ହୋଇଥିବା ବେଳେ ସେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ବୋଲି ପୋଲସ ପ୍ରାରମ୍ଭିକ ତଦନ୍ତରୁ ଜାଣିପାରିଛି । ଏହି ଘଟଣା ନେଇ ସ୍କୁଲ ପରୀକ୍ଷା ନିୟନ୍ତ୍ରକ ମନୋରଞ୍ଜନ କୁମାର ସାମଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଅନୁକୂଳ ଗ୍ରହସ୍ଥିତି ସାଙ୍ଗକୁ ଶୁକ୍ର ନକ୍ଷତ୍ରସ୍ଥ ଚନ୍ଦ୍ର ପାରିବାରିକ କ୍ଷେତ୍ରରେ ମତାନ୍ତର ଥାଇ ମଧ୍ୟ କାମବେଳକୁ ସମସ୍ତେ ଏକ ମନ ନେଇ କାମ କରିପାରିବେ। ସାମାଜିକ ସ୍ତରରେ ସ୍ୱାର୍ଥସାଧନ ଆଶା ରଖି ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବାରେ କୌଣସି ଅସୁବିଧା ରହିବନାହିଁ।

**ବୃଷ** ତୃତୀୟାଧିପଙ୍କ ପାପସମ୍ବନ୍ଧ ବନ୍ଧୁଙ୍କ ସ୍ୱାର୍ଥସମ୍ବଳିତ କାର୍ଯ୍ୟକୁ ନେଇ ଅସନ୍ତୋଷ ସୃଷ୍ଟି କରିବ। ଧର୍ମଭାବରେ ଆଧାମ୍ଭିକ ଗ୍ରହ ଶନି ଧାର୍ମିକ ବାତାବରଣ ମଧ୍ୟରେ ଆପଣଙ୍କ ସମୟକୁ ନିୟୋଜିତ କରିବେ। ବ୍ୟବସାୟ, ପରିବହନ, କଚେରି ମାମଲାରେ ମନସ୍ତାପ କରିପାରନ୍ତି। ନିକଟ ସମ୍ପର୍କୀୟଙ୍କ ସାହାଯ୍ୟରେ ଜମିଜମା ବିବାଦର ସମାଧାନ ପାଇଁ ଆଲୋଚନା କରିପାରନ୍ତି।

**ମିଥୁନ** ଦେହ ଭଲ ରହିଲେ ମଧ୍ୟ ପୁରୁଣା ରୋଗରେ କଷ୍ଟ ପାଇବା ସହ କାମରେ ପଛେଇ ରହିପାରନ୍ତି। କାର୍ଯ୍ୟକ୍ଷେତ୍ରରେ କିମ୍ବା ନିଜ ପରିସରରେ ତର୍କ ବିତର୍କ କାରଣରୁ ସମ୍ପର୍କ ହାନି ଘଟିପାରେ। କିନ୍ତୁ ଆନୁଷ୍ଠାନିକ କାମରେ ରାଜନୈତିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବାଣିଜ୍ୟ କ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** କ୍ରନିକ୍ ରୋଗ ଜନିତ ଶାରୀରିକ ଦୁର୍ବଳତା ରହିଥିଲେ ମଧ୍ୟ କର୍ମକ୍ଷେତ୍ର ଯଥାରୀତି ସମ୍ପନ୍ନ ହେବ। ଦୀର୍ଘ ଦିନରୁ ରହି ଆସିଥିବା ବିବାଦର ସମାଧାନ ହୋଇଯିବ। ଅର୍ଥସଂକଟ କିମ୍ବା ଅସହଯୋଗ କାରଣରୁ ପ୍ରତିକୂଳ ପରିସ୍ଥିତି ଜନିତ କେତେକ ଘରୋଇ ସମସ୍ୟା ଦେଖାଦେଇପାରେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ।

**ସିଂହ** ପରିବାରରରେ ସାଧାରଣ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ଆଜି ଦୀର୍ଘଦିନର ଆଶା ଫଳବତୀ ହେବ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି। ବ୍ୟବସାୟ, ପରିବହନ, ସଭାସମିତି, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଗୃହୋପକରଣ ସାମଗ୍ରୀ କ୍ରୟ କରିବାକୁ ପଡ଼ିପାରେ।

**କନ୍ୟା** ଦୁଃସ୍ଥାନସ୍ଥ କର୍ମାଧିପ ହେତୁ କର୍ମକ୍ଷେତ୍ରରେ ସାହାଯ୍ୟ, ସହଯୋଗ ପାଇବା କଷ୍ଟକର ହୋଇପଡ଼ିବ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାତ୍ରା, ବାଣିଜ୍ୟ ପାଇଁ ଭଲ ଏବଂ ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** ଉଚ୍ଚସ୍ଥ ଶୁକ୍ରଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ଠିକ୍ ଥିଲେ ମଧ୍ୟ କେତେକ ସ୍ଥଗିତ କାର୍ଯ୍ୟ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପିଲାଙ୍କ ଆଚରଣକୁ କେନ୍ଦ୍ରକରି କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ବିଛା** ଧନସ୍ଥାନରେ ଏକାଧିକ ଆର୍ଥିକସ୍ଥିତିକୁ ଉନ୍ନତ କଲେ ମଧ୍ୟ ଚନ୍ଦ୍ରଙ୍କ ସ୍ଥିତି ମାନସିକ ସ୍ତରକୁ ବିକ୍ଷିପ୍ତ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଅନୁରୋଧରେ ମନୋରଞ୍ଜନରେ ଆଗ୍ରହୀ ହୋଇପାରନ୍ତି। ତଥାପି କେତେକ ବ୍ୟତିକ୍ରମ କାରଣରୁ କରୁଥିବା କାମ ସକାଶେ ମଧ୍ୟାହ୍ନରେ ଟେନସନ୍ ବଢ଼ିପାରେ।

**ଧନୁ** ସାଧାରଣ କଥାକୁ କେନ୍ଦ୍ରକରି ବିବାଦ କିମ୍ବା ଯାତ୍ରା, ବ୍ୟବସାୟରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କୌଣସି ନୂତନ କର୍ମାରମ୍ଭ ସକାଶେ ବିଭିନ୍ନ ପ୍ରକାରର ଯୋଜନା କଲେ ଅବଶ୍ୟ ଉପକୃତ ହେବେ। ତରବରିଆ ଭାବରେ ଆଜି ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି ନ ପାରି ଦ୍ୱନ୍ଦ୍ୱରେ ପଡ଼ିବେ।

**ମକର** ବଳବାନ୍ ଶନି ଓ ଭାଗ୍ୟସ୍ଥାନକୁ ଶୁକ୍ରଙ୍କ ଦୃଷ୍ଟି ପ୍ରଭାବରେ ପାରିପାର୍ଶ୍ୱିକ ପରିସ୍ଥିତି ବଦଳିଯିବା କାରଣରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ଆଶା କରୁଥିବା ଅର୍ଥ,ବନ୍ଧୁମିଳନ, ଦୂରଯାତ୍ରା କ୍ଷେତ୍ରରେ ଆପଣ ନିରାଶ ହେବେନାହିଁ । ଦୂରେଇ ଯାଇଥିବା ବନ୍ଧୁଟି ସହ ପୁନଶ୍ଚ ପୂର୍ବସମ୍ପର୍କ ଫେରି ଆସିବ। ଆଲୋଚନା ସୁରୁଖୁରୁରେ ସମ୍ପନ୍ନ ହେବାର ଆଶା କରାଯାଇପାରେ।

**କୁମ୍ଭ** ଆଜିର ଜୀବନଚର୍ଯ୍ୟା ଭିତରେ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭରୁ କେତେକ ଘରୋଇ ସମସ୍ୟା ସମାଧାନର ମାର୍ଗଦର୍ଶନ ମିଳିବ। ଅର୍ଥସଂକଟ, ସହକର୍ମୀଙ୍କ ଅସହଯୋଗ,ପ୍ରଶାସନିକ ଦ୍ୱନ୍ଦ୍ୱ ଓ ଦୂରଯାତ୍ରା କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ସଭାସମିତି, ସଙ୍ଗୀତ ସମାରୋହ, ସଭାସମିତି ଓ ବାଣିଜ୍ୟ, ବ୍ୟବସାୟ ବାଧାପ୍ରାପ୍ତ ହେବନି।

**ମୀନ** ଦୀର୍ଘଦିନରୁ ପଡ଼ିରହିଥିବା କାମଟି ସମ୍ପନ୍ନ କରି ଏକପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଉତ୍ତରଭାଦ୍ରପଦ୍ ନକ୍ଷତ୍ରର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି। ବ୍ୟବସାୟ ମନ୍ଦ ହେବନି କିନ୍ତୁ ବ୍ୟସ୍ତ, ବିବ୍ରତତା ମଧ୍ୟରେ ଆଜିର ସମୟ ଅତିବାହିତ ହେବ।

ଆଜି ଫାଲ୍‌ଗୁନ କୃଷ୍ଣ ଦ୍ୱାଦଶୀ ଗୁରୁବାର, ଫେବୃୟାରୀ ୨୦ ତାରିଖ, ବିଶ୍ୱ ସାମାଜିକ ନ୍ୟାୟ ଦିବସ, ଦିବା ଘ୭।୫୯ମି. ଗତେ, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ୧୦।୩୫ମି. ଗତେ ଘ୧୨।୦୧ମି. ମଧ୍ୟେ ଅମୃତବେଳା । ସକାଳ ଘ୭।୪୩ମି. ମଧ୍ୟେ, ଘ୧୨।୦୧ମି. ଗତେ ଘ୧।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୨୬ମି. ଗତେ ଘ୨।୫୨ମି. ମଧ୍ୟେ ରାହୁକାଳ।

## 'କାଜୁ ଉତ୍ପାଦନ ସହ ପ୍ରକ୍ରିୟାକରଣକୁ ଗୁରୁତ୍ୱ'

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃର ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ୩ ଦିନିଆ କୋରାପୁଟ ଗସ୍ତରେ ଯାଇଛନ୍ତି। ଏହି ଜିଲାରେ ଥିବା ନିଗମ କାର୍ଯ୍ୟାଳୟ ଓ ନର୍ସରୀ ପରିଦର୍ଶନ କରିବା ସହ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ନିଗମ ପକ୍ଷରୁ କାଜୁ ଉତ୍ପାଦନ ବୃଦ୍ଧି କରାଯିବା ସହ ପ୍ରକ୍ରିୟାକରଣ କରାଯିବ। ତେଣୁ ଏଥିରେ କୋରାପୁଟର ଭାଗୀଦାରି ଯେପରି ବୃଦ୍ଧି ପାଇବ, ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଅଧ୍ୟକ୍ଷ ଅମରେନ୍ଦ୍ର କହିଛନ୍ତି। ଜିଲାରେ ହୋଇଥିବା ବୈଠକରେ ମୁଖ୍ୟତଃ ଆୟ ବୃଦ୍ଧି, ବଗିଚାର ରକ୍ଷଣାବେକ୍ଷଣ ଏବଂ ଅଧିକ ଅମଳକ୍ଷମ ଚାରା ଉତ୍ପାଦନ ପାଇଁ ସେ ପରାମର୍ଶ ଦେଇଛନ୍ତି। ନିଗମ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ସେହିପରି ଦୁଇ ସପ୍ତାହ ପୂର୍ବେ ନିଗମ ପକ୍ଷରୁ କୋଚିସ୍ଥିତ କାଜୁ ଓ କୋକା ନିର୍ଦ୍ଦେଶାଳୟ ସହଯୋଗରେ ଖୋର୍ଦ୍ଧା ଜିଲାର ଇହଙ୍ଗାଠାରେ ଏକ ଜିଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ କାଜୁ ଚାଷ ସମ୍ବନ୍ଧୀୟ ଉନ୍ନତ ଜ୍ଞାନକୌଶଳ ସହ ଏହାର ପ୍ରଚାର ପ୍ରସାର ପାଇଁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସାରା ରାଜ୍ୟରେ ଏପରି କାର୍ଯ୍ୟକ୍ରମ ନିଆଯିବ ବୋଲି ଜଣାପଡ଼ିଛି।


## classifieds Everyday 0674-2580101, 2549302



**SALE**

Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/outrightରେ) ମିଳୁଅଛି। 9937025614, 7008390130. D-68480

CV Raman College ପାଖରେ NH-316କୁ ଲାଗି 31000sqft. plot ବିକ୍ରିହେବ। Contact- 9778928492. D-68337

New Ready to move 2BHK flat sale at Srusti Mansion, Sundarpada main road side @ 25lakh- 9937097791. D-68492

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

5Acres sthitiban land for sale 27 lakhs @ acre. Location- 3kms from Chhatabar Chhak. 1.1acres sthitiban land near Gangua Canal. 2lakhs per guntha (brokers are not allowed). Mob: 6371297190. D-16792

2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746. D-68491

ସୁନ୍ଦରପଦା Hitech Plaza ପାଖରେ 30'ରାସ୍ତା, ଘରବାରି, boundary, ଇଲେକ୍‌ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। 6370292040. D-68495



ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪



Ayurvedic full body massage ladies and gents. Contact: 9861064981. D-68789

Elite Unisex Salon- A complete family Spa. Male to male and female to female- 7326977966. D-69207

Sai herbal spa refresh your body with smart, expert therapist. 7608062524. D-69205

Ayurvedic full body massage ladies/gents smart experts therapist:- 8480939300. D-68790

Full body herbal massage with refreshment expert therapist. 7381239385, 06742540855. D-69213

Experience full body massage with us (expert). Call: 7377048581, 06742597822. D-69214

Herbal full body massage by smart / expert therapist. Contact: 8338067247. D-69215

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

### ଜନ୍ମଦିନ ଶୁଭେଚ୍ଛା



ଆଦ୍ୟାଶା ମହାନ୍ତି (ମାମୁନ୍)
ଆଜି ତୋର ଦ୍ୱାଦଶ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋର ଚଲାପଥ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ, ବିଦୂଷୀ ଓ ଯଶସ୍ୱୀ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେ, ଜେଜେମା', ବାବା, ମାମା, ଅଜା, ଆଈ, ବଡବାପା, ବଡମା', ସାନ ବଡବାପା, ଅପା, ପିଇସା, ଭାଇ, ଭଉଣୀ, ମାମୁ, ମାଇଁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୬୭୯୪

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବିଜୁ ଜୟନ୍ତୀ ଉପଲକ୍ଷେ ବାଗ୍ମିତା, ପ୍ରବନ୍ଧ ପ୍ରତିଯୋଗିତା

**ଭୁବନେଶ୍ୱର,୧୯।୨(ବ୍ୟୁରୋ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ଓଡ଼ିଶା ବିଧାନସଭା ତରଫରୁ ଆସନ୍ତା ମାର୍ଚ୍ଚ ୧ ତାରିଖ (ରବିବାର) ପୂର୍ବାହ୍ନ ୧୧ ଘଟିକା ସମୟରେ ବିଧାନସଭା ସୌଧର ନୂତନ ସମ୍ମିଳନୀ କକ୍ଷରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ଓଡ଼ିଆ ଭାଷାରେ ବାଗ୍ମିତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୪ ଜଣ ମନୋନୀତ ଛାତ୍ରୀଛାତ୍ରଙ୍କ ନାମ ବିଧାନସଭା ସଚିବଙ୍କ ନିକଟକୁ ଇ-ମେଲ (OLA@NIC.IN), ଫ୍ୟାକ୍ସ (୦୬୭୪- ୨୩୯୬୬୭୮) କିମ୍ବା ପତ୍ର ମାଧମରେ ପଠାଇବା ନିମନ୍ତେ ମହାବିଦ୍ୟାଳୟର ଅଧକ୍ଷା/ଅଧକ୍ଷ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ/ପ୍ରଧାନ ଶିକ୍ଷକଙ୍କୁ ବିଧାନସଭା ସଚିବ ଦାଶରଥୀ ଶତପଥୀ ଅନୁରୋଧ କରିଛନ୍ତି।

### ମାଡ଼ିଗଲା ଟ୍ରକ୍: ବାଇକ୍ ଚାଳକ ମୃତ

**ଭଦ୍ରକ ଅଫିସ, ୧୯।୨:** ଭଦ୍ରକ ସହରାଞ୍ଚଳ ୧୬ ନମ୍ବର ଜାତୀୟ ରାଜପଥର ସାହାପୁର ଛକ ନିକଟରେ ବୁଧବାର ପୂର୍ବାହ୍ନରେ ଟ୍ରକ୍ ମାଡ଼ିଯିବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଗେଲପୁର ବରଡ଼ାଆଡ଼ି ଗାଁର ଦେବେନ୍ଦ୍ର ସାହୁ(୨୬)। ଏହାକୁ ନେଇ ଦୁର୍ଘଟଣା ସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ସେଠାରେ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛି। ସୂଚନା ଅନୁଯାୟୀ, ଦେବେନ୍ଦ୍ର ଏକ ନୂଆ ନମ୍ବରବିହୀନ ବାଇକ୍‌ରେ ଗେଲପୁର ଆଡ଼କୁ ଯାଉଥିବାବେଳେ କୌଣସି କାରଣରୁ ଗାଡ଼ିରୁ ଛିଟିକି ତଳେ ପଡ଼ିଯାଇଥିଲେ। ଏହି ସମୟରେ ପଛରେ ଆସୁଥିବା ଟ୍ରକ୍ ତାଙ୍କ ଉପରେ ମାଡ଼ି ଯାଇଥିଲା। ସେଠାରେ ସେ ଛଟପଟ ହେଉଥିବାବେଳେ କେତେକ ଲୋକେ ଫଟୋ ଉଠାଉଥିବା ଓ ଭିଡିଓ ରେକର୍ଡିଂ କରୁଥିବା ଦେଖିବାକୁ ମିଳିଥିଲା। ପରେ ଟାଉନ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ନିଜ ଭ୍ୟାନ୍‌ରେ ଜିଲା ଚିକିତ୍ସାଳୟକୁ ନେଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସ୍କୁଲ ଅଟୋରିକ୍ସାରୁ ଖସି ପ୍ରଥମ ଶ୍ରେଣୀ ଛାତ୍ର ମୃତ

**ଦିଗପହଣ୍ଡି,୧୯।୨(ଡି.ଏନ.ଏ.)**

- ଟାୟାର ଜାଳି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ
- ମୁଖ୍ୟ ରାସ୍ତାରେ ୫ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ



ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି।

ଅଜୟଙ୍କ ଫାଇଲ୍ ଫଟୋ ▸

ଗଞ୍ଜାମ ଜିଲା ଦିଗପହଣ୍ଡି ସହର ଉପକଣ୍ଠ ବିଦ୍ୟୁତ ଷ୍ଟେଶନ ନିକଟ ମୁଖ୍ୟ ରାସ୍ତାରେ ବୁଧବାର ସ୍କୁଲ ଅଟୋ ରିକ୍ସାରୁ ଖସି ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଗୁଡ଼ିଆଳି ଗାଁର ବୁଲୁ ପ୍ରଧାନଙ୍କ ପୁଅ ଅଜୟ (୬)। କ୍ଷତିପୂରଣ ଦାବିରେ ଲୋକେ ମୃତଦେହ ରଖି ପ୍ରାୟ ୫ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ପୋଲିସ, ପ୍ରଶାସନ ଓ ଶିଶୁ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଛି।

ଅଜୟ ଦିଗପହଣ୍ଡି ଥାନା ତିଳେଶ୍ୱର ଗାଁରେ ମାମୁ ହରିକୃଷ୍ଣ ବିଷୋୟୀଙ୍କ ଘରେ ରହି ପାଠ ପଢୁଥିଲେ। ସବୁଦିନ ଭଳି ବୁଧବାର ସକାଳ ପ୍ରାୟ ସାଢ଼େ ୯ଟାରେ ସ୍କୁଲ ଅଟୋରିକ୍ସାରେ ସେ ପୁଞ୍ଜିକିଆଁ ଛକ ନିକଟ ସରସ୍ୱତୀ ଶିଶୁ ମନ୍ଦିରକୁ ଆସୁଥିଲେ। ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଅଜୟ ଅଟୋ ରିକ୍ସାରୁ ଖସି ପଡ଼ି ଗୁରୁତର ହୋଇଥିଲେ। ଚାଳକ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଅଜୟଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ।

ସାମାଜିକ କର୍ମୀ ଇଂ.ଉତ୍ତମ କୁମାର ସ୍ୱାଇଁ, ପରେଶ ଚନ୍ଦ୍ର ରଥ, ଭବାନୀ ଶଙ୍କର ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ବିଶ୍ୱନାଥ ବରାଡ, ଜିଲା ପରିଷଦ ସଦସ୍ୟ ଗଦାଧର ସ୍ୱାଇଁ, ସମିତିସଭ୍ୟ ତୋଫାନ ସ୍ୱାଇଁ, ପୂର୍ବତନ ଉପନଗରପାଳ ପ୍ରଦୀପ୍ତ ପଟ୍ଟନାୟକ ପ୍ରମୁଖଙ୍କ ନେତୃତ୍ୱରେ ରାସ୍ତା ଅବରୋଧ ହୋଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ୧ଟା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ନ ପହଞ୍ଚିବାରୁ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଞ୍ଜିକିଆଁ ଛକରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିବା ଯୋଗୁ ଚିକିଟି-ଦିଗପହଣ୍ଡି ମୁଖ୍ୟରାସ୍ତାରେ ପ୍ରାୟ ୩ ଟା ଯାଏଁ ଗାଡି ଚଳାଚଳ ବନ୍ଦ ରହିଥିଲା। ପରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ଥାନା ଆଇଆଇସି ବସନ୍ତ କୁମାର ସେଠୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଓ ଶିଶୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୧ ଲକ୍ଷ ଟଙ୍କା ଓ ଜିଲା ପରିଷଦ ସଭ୍ୟ ଗଦାଧର ସ୍ୱାଇଁ ୫ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ନଂ.୩୪/୨୦ରେ ଏକ ମାମଲା ରୁଜୁ କରାଯାଇଛି। ଅଜୟଙ୍କ ବିୟୋଗରେ ଶିଶୁ ମନ୍ଦିରରେ ଶୋକସଭା କରାଯାଇ ଛୁଟି କରାଯାଇଛି।

## ଜିଲା ଚିଠି — ଯାଜପୁର



### ସଙ୍କଟରେ ଶିଳ୍ପ

କଳିଙ୍ଗନଗରରେ ସମ୍ପ୍ରତି ଇସ୍ପାତ ଶିଳ୍ପର ଅବସ୍ଥା ଭଲ ନାହିଁ। ଋଣ ପରିଶୋଧ କରି ନ ପାରିବାରୁ ମେସ୍କୋ(ମିଡ଼ଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ଲିଃ) ମାଲିକାନାରେ ଥିବା ମୈଥାନ ଇସ୍ପାତ କାରଖାନାକୁ ନିକଟରେ ୭ଟି ବ୍ୟାଙ୍କ କର୍ତ୍ତୃପକ୍ଷ ନିଜ ଦଖଲକୁ ନେଇଛନ୍ତି। ଏହାବାଦ ଜରିମାନା ଖିଲାପି ଅଭିଯୋଗରେ ଉକ୍ତ କାରଖାନାର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ କେନ୍ଦୁଝର ଜିଲାପାଳଙ୍କ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ରୋହିତ ଫେରୋଟେକ୍, କେଜେ ଇସ୍ପାତ, ଭିସା ଷ୍ଟିଲ, ନୀଳାଚଳ ଇସ୍ପାତ ନିଗମ କାରଖାନାର ଆର୍ଥିକ ଅବସ୍ଥା ମଧ ଠିକ ନ ଥିବାରୁ ପରିସ୍ଥିତି ଦୋହଲିବାରେ ଲାଗିଛି। ଯେଉଁଥିପାଇଁ ଶତାଧିକ ସ୍ଥାୟୀ କର୍ମଚାରୀ ଓ ଠିକାଶ୍ରମିକଙ୍କୁ ଛଟେଇ ମଧ କରାଯାଇଛି। ଏପରି କି ମୈଥାନ, ନୀଳାଚଳ ଓ ମେସ୍କୋ ଷ୍ଟିଲ୍‌ର କର୍ମଚାରୀମାନେ ଦରମା ଦାବିରେ ଆନ୍ଦୋଳନରେ ବସୁଛନ୍ତି। ପ୍ରାୟ ଅଧିକାଂଶ କାରଖାନାରେ ଶ୍ରମିକ ଓ କର୍ମଚାରୀ ଅସନ୍ତୋଷ ବଳବତ୍ତର ରହିଛି। ଗତ ୨ ବର୍ଷ ମଧରେ ୨୫ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଛଟେଇ ହୋଇ ସାରିଛନ୍ତି। ରାଜ୍ୟର ଶିଳ୍ପ ଉପରେ ଟିକସ ଗଡ଼ିବା ସହ ଋଣର ମାତ୍ରା ବଢୁଥିବାରୁ ରାଜକୋଷ ଦୋହଲିବାରେ ଲାଗିଛି। ବିଶ୍ୱ ବଜାରରେ ଆର୍ଥିକ ମାନ୍ଦାବସ୍ଥା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। କମ୍ ମୂଲ୍ୟରେ ବାହାର ଦେଶର ଷ୍ଟିଲ୍‌ର ବହୁଳ ଭାବରେ ବିକ୍ରି ଯୋଗୁ ଦେଶର ଅନେକ କର୍ପୋରେଟ ସେକ୍ଟର ହାତ ଟେକି ଦେଇଛନ୍ତି। ଏପରି କି କିଛି କର୍ପୋରେଟ ସେକ୍ଟର ସମୂହ ପୁଞ୍ଜିନିବେଶ ଯୋଜନାକୁ ସାମୟିକ ସ୍ଥଗିତ ରଖିବାକୁ ବାଧ ହେଲେଣି। ଏହାର ପ୍ରଭାବ ଷ୍ଟିଲ୍ ସିଟି କଳିଙ୍ଗନଗରରେ ଅନୁଭୂତ ହେଲାଣି। ବିଶେଷ କରି ବର୍ତ୍ତମାନ କଳିଙ୍ଗନଗରରେ ଟାଟା ଷ୍ଟିଲ, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ଓ ବିଆର୍‌ପିଏଲ୍‌କୁ ବାଦ ଦେଲେ ଅନ୍ୟ ସମସ୍ତ ଶିଳ୍ପ କମ୍ପାନୀ ସେମାନଙ୍କ କ୍ଷତିକୁ ବଞ୍ଚାଇବା ପାଇଁ ଚେଷ୍ଟା କଲେଣି। ରୋହିତ ଫେରୋଟେକ କାରଖାନା ମଧ ଖୁବଶୀଘ୍ର ବ୍ୟାଙ୍କ ଦ୍ୱାରା ଜବତ ହେବ ବୋଲି ଶୁଣିବାକୁ ମିଳିଛି। ଏଭଳିସ୍ଥିତିରେ କର୍ମଚାରୀ ଛଟେଇ ସାମାଜିକ ଅସ୍ଥିରତା ସୃଷ୍ଟି କରୁଛି। ରାଜ୍ୟରେ ଅର୍ଥନୀତିର ମାନ୍ଦାବସ୍ଥାର ପ୍ରଭାବ, ଷ୍ଟିଲ ଓ ସ୍ପଞ୍ଜଆଇରନ କ୍ଷେତ୍ରକୁ ବହୁଳମାତ୍ରାରେ ପ୍ରଭାବିତ କରିଛି। ସରକାର ଅନେକ ଶିଳ୍ପ ସଂସ୍ଥାକୁ ପୁଞ୍ଜି ବିନିଯୋଗ କରିବାକୁ ଆହ୍ୱାନ ଦେଉଥିଲେ ମଧ ଅନେକ ପଛଘୁଞ୍ଚା ଦେଉଛନ୍ତି। ଶିଳ୍ପସଂସ୍ଥା ଠିକ୍‌ଭାବେ ଚାଲିଲେ, ଏହା ଉପରେ ନିର୍ଭର କରି ଚଳୁଥିବା ହଜାର ହଜାର କର୍ମଚାରୀ ଓ ଶ୍ରମିକ ଗୋଷ୍ଠୀର ଜୀବନ ମାନରେ ଉନ୍ନତି ଆସିବ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

– ହର୍ଷବର୍ଦ୍ଧନ ବେହେରା

# ୧୪ ଦିନ ଜାପାନ ଜାହାଜରେ ବ୍ରହ୍ମପୁରର ଇଞ୍ଜିନିୟର

**ବ୍ରହ୍ମପୁର ଅଫିସ,୧୯।୨**

## କରୋନା ଆତଙ୍କ


ଜାହାଜରେ ଫସି ରହିଥିବା ବ୍ରହ୍ମପୁରର ଯୁବ ଇଞ୍ଜିନିୟର ଶିବାଶିଷ।

- ପୁଅକୁ ଫେରାଇ ଆଣିବା ପାଇଁ ସରକାରଙ୍କୁ ନିବେଦନ

ସାରା ବିଶ୍ୱରେ ଏବେ କରୋନା ଆତଙ୍କ ସମସ୍ତଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏବେ ଜାପାନର ୟୋକୋହମା ଜଳ ଜାହାଜରେ ଗଞ୍ଜାମ ଜିଲା ବ୍ରହ୍ମପୁର ପନ୍ଦରା ସାହିର ଜଣେ ଯୁବ ଇଞ୍ଜିନିୟର ଫସିଛନ୍ତି। ସେ ହେଉଛନ୍ତି ଲିଙ୍ଗରାଜ ନାୟକଙ୍କ ସାନ ପୁଅ ଶିବାଶିଷ। ସେ ୧୪ ଦିନ ହେଲା ଉକ୍ତ ଜାହାଜରେ ପଣବନ୍ଦୀ ଭାବେ ଫସି ରହିଛନ୍ତି। ଉକ୍ତ ଜାହାଜରେ ୧୬୦ ଭାରତୀୟଙ୍କ ସମେତ ବିଭିନ୍ନ ଦେଶର ୩୫୦୦ ଯାତ୍ରୀ ଅଛନ୍ତି।

ଜାପାନ ସରକାରଙ୍କ ପ୍ରତିଷେଧମୂଳକ ପଦକ୍ଷେପରେ ଇଞ୍ଜିନିୟର ଶିବାଶିଷ ଏବେ ଭୋକ ଉପାସରେ ଜାହାଜ ଭିତରେ ପଡି ରହିଛନ୍ତି। ଏଣୁ ଭାରତ ଓ ଓଡ଼ିଶା ସରକାର ଏହି ସମ୍ବେଦନଶୀଳ ଘଟଣାରେ ହସ୍ତକ୍ଷେପ କରି ସେଠାରୁ ଶିବାଶିଷଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କ ବାପା ଲିଙ୍ଗରାଜ ନିବେଦନ କରିଛନ୍ତି। ଅନ୍ୟପଟେ ଲିଙ୍ଗରାଜଙ୍କ କହିବା ଅନୁଯାୟୀ, ତାଙ୍କ ପୁଅ ଗୁରଗାଓଁରେ ଥିବା ହ୍ୟୁଗ୍‌ସ ସାଇସଟେକ ପ୍ରାଇଭେଟ ଲିମିଟେଡର ଜଣେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। କମ୍ପାନୀ ନିର୍ଦ୍ଦେଶ ଅନୁସାରେ ଜାନୁୟାରୀ ୧୦ ରେ ଶିବାଶିଷ ଓ ଅନ୍ୟ ୫ ଜଣ ସହଯୋଗୀ ମାଲେସିଆ ଅଭିମୁଖେ ବିମାନ ଯୋଗେ ଯାଇଥିଲେ। ସେଠାରୁ କାମ ସାରି ଡାଏମଣ୍ଡ ପ୍ରିନ୍‌ସେସ୍ ଜାହାଜରେ ଚୀନମେ ୱେ ଅଫ ଭିଏତ୍‌ନାମରୁ ଯାତ୍ରା ଆରମ୍ଭ କରିଥିଲେ। ଜାହାଜରେ ଯାତ୍ରା କରୁଥିବା ୩୭୦୦ ଯାତ୍ରୀଙ୍କ ମଧ୍ୟରୁ ଜଣେ କରୋନା ଭୂତାଣୁରେ ସଂକ୍ରମିତ ଥିବା ଜଣାପଡିଥିଲା। ଜାନୁୟାରୀ ୨୫ରେ ସେହି ଯାତ୍ରୀଙ୍କୁ ହଂକଂରେ ଓହ୍ଲାଇ ଦିଆଯାଇଥିଲା। ସେହି ସମୟରେ ଜାହାଜଟି ୟୋକୋହମାରେ ପହଞ୍ଚି ସେଠାରୁ ଗନ୍ତବ୍ୟସ୍ଥଳ ଅଭିମୁଖେ ବାହାରିବାର ଥିଲା। କିନ୍ତୁ ସନ୍ଦିଗ୍ଧ କରୋନା ଭୂତାଣୁ ଯୋଗୁ ଉକ୍ତ ଜାହାଜକୁ ଜାପାନ ସରକାରଙ୍କ ନିର୍ଦ୍ଦେଶରେ ଅଟକାଇ ଦିଆଯାଇଥିଲା। ୧୪ ଦିନ ଭିତରେ ସବୁ ଯାତ୍ରୀଙ୍କ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୧୮ ଜଣ ଯାତ୍ରୀ ଓ କର୍ମଚାରୀଙ୍କ ଦେହରେ କରୋନା ଭୂତାଣୁ ପଜିଟିଭ ଥିବା ଜଣାପଡିଥିଲା। ପରେ ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଥିମଧ୍ୟରେ ୩ ଜଣ ଭାରତୀୟଙ୍କ ଦେହରେ ଏହି ଭୂତାଣୁ ଥିବା ଚିହ୍ନଟ ହୋଇଛି। ଜାହାଜରେ ଥିବା ଆମେରିକା ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ସେଠାକାର ସରକାର ନେଇଯିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଉକ୍ତ ଜାହାଜରେ ପଣବନ୍ଦୀ ଜୀବନ ବିତାଉଥିବା ଯାତ୍ରୀମାନଙ୍କୁ ଉଦ୍ଧାର ପାଇଁ ସରକାରଙ୍କୁ ନିବେଦନ କରାଯାଉଛି ବୋଲି ଶିବାଶିଷ ଫୋନ ଜରିଆରେ ସୂଚନା ଦେଇଛନ୍ତି। ଏହାସହିତ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏ ଦିଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ସେ ନିବେଦନ କରିଛନ୍ତି। ଉକ୍ତ ଜାହାଜର ଏକ ବନ୍ଦ କୋଠରିରେ ସେ ଦୀର୍ଘ ୧୪ ଦିନ ନିର୍ବାସନ ଭଳି ଜୀବନ ବିତାଉଛନ୍ତି। ସେଠାରେ ଯାତ୍ରୀମାନେ କାହା ସହିତ କିଏ କଥା ନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଦିନ ରାତି ମୁଖା ପିନ୍ଧି ଜାହାଜ ଭିତରେ ସେ ରହୁଥିବା କୋଠରିରେ ରହୁଛନ୍ତି। ତାଙ୍କ ଅନ୍ୟ ୫ ସହଯୋଗୀ ମଧ ଏବେ ପୃଥକ୍ ପୃଥକ୍ କୋଠରିରେ ରହୁଛନ୍ତି। ଆମିଷ ଓ ନିରାମିଷ ଖାଦ୍ୟ ଜାହାଜରେ ମିଳୁଥିବା ବେଳେ ସେ ସବୁ କିଛି ଖାଉନାହାନ୍ତି। କେବଳ ଫଳ ଓ ନୁଡୁଲ୍‌ସ ଖାଇ ସେ ସେଠାରେ ରହୁଛନ୍ତି। ପୁଣି ଥରେ ଜାପାନ ସରକାର ଚଳିତମାସ ୧୮ ତାରିଖରୁ ୧୪ ଦିନ ପାଇଁ ସବୁ ଯାତ୍ରୀଙ୍କ ପରୀକ୍ଷା ନିରୀକ୍ଷା କରାଯିବାକୁ ଘୋଷଣା କରିଛନ୍ତି। ଶିବାଶିଷ ଓ ତାଙ୍କ ସହଯୋଗୀମାନେ ସେଠାରୁ କେବେ ମୁକ୍ତ ତାହା ଏବେ ଅନିଶ୍ଚିତ ହୋଇପଡିଛି। ଶିବାଶିଷ ଓ ତାଙ୍କ ସହଯୋଗୀଙ୍କ ସାମ୍ପୁଲ ଟେଷ୍ଟରେ କରୋନା ଭାଇରସ ନେଗେଟିଭି ବାହାରିଛି ବୋଲି ସେ ଫୋନ ଯୋଗେ 'ଧରିତ୍ରୀ'କୁ କହିଛନ୍ତି।

# ପ୍ୟାକେଟରୁ ମିଳିଲା ଅଧିକ ପ୍ରଶ୍ନପତ୍ର

**ପୁରୀ ଅଫିସ, ୧୯।୨:** ଓଡ଼ିଶା ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ ପରୀକ୍ଷାକୁ ଶୃଙ୍ଖଳିତ ଓ ସ୍ୱଚ୍ଛ କରିବା ଲାଗି ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ତେବେ ପରୀକ୍ଷାର ପ୍ରଥମ ଦିନରେ ପୁରୀ ସଦରସ୍ଥ ଭୋଳାନାଥ ବିଦ୍ୟାପୀଠରେ ଏକ ତ୍ରୁଟି ଦେଖିବାକୁ ମିଳିଥିଲା। ପ୍ରଶ୍ନପତ୍ର ଖୋଲା ଯିବାବେଳେ ପ୍ୟାକେଟରେ ଅଧିକ କିଛି ପ୍ରଶ୍ନପତ୍ର ରହିଥିବା ଜଣେ ଶିକ୍ଷକଙ୍କ ନଜରକୁ ଆସିଥିଲା। ସେ ତୁରନ୍ତ ଏ ନେଇ ପରୀକ୍ଷାକେନ୍ଦ୍ର ଅଧୀକ୍ଷକଙ୍କୁ ଜଣାଇଥିଲେ। କେନ୍ଦ୍ର ଅଧୀକ୍ଷକ ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଏବଂ ଶିକ୍ଷକଙ୍କୁ ଏଥିଲାଗି ପ୍ରଶଂସା କରିଥିଲେ। ଜିଲା ଶିକ୍ଷାଧିକାରୀ ସାହୁ କହିଛନ୍ତି, ଅତି ଯତ୍ନର ସହିତ ପ୍ରଶ୍ନପତ୍ର ପ୍ୟାକେଟ ସିଲ୍ କରାଯାଇଥାଏ। ତେବେ ଭୁଲବଶତଃ ଗୋଟିଏ ପ୍ୟାକେଟରେ ଅଧିକ କେତୋଟି ପ୍ରଶ୍ନପତ୍ର ରହିଯାଇଥିଲା। ଏହାକୁ ତୁରନ୍ତ ଅପସାରଣ କରାଯାଇଛି। ଏ ନେଇ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି।

**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**ସାର୍ବଜନିକ ସୂଚନା**

ଜନସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି । ଏହି ନିଲାମ ଦିନାଙ୍କ 25.02.2020 କୁ ସକାଳ/ସଂନ୍ଧ୍ୟା-10.00 ଘଟିକାରେ (ଠିକଣା) Plot no-44, Ashok Nagar, Unit-II, Bhubaneswar, Khordha ରେ ହେବ। ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି । ନିଲାମର ସୁଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି । ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।

**Loan Nos: BHUBANESWAR (BUU) - 1576046, 1397043, 1399861, 1569593, 1664155, 1565987, 1379388, 1403112, 1648365. CUTTACK (CTK) - 1530992, 1579048, 1732521, 1373758, 1466801, 1467349.**

For more details, please contact : Mr. Tirumalo Rao - 7994432993

(Reserves the right to alter the number of accounts to be auctioned &/ postpone / cancel the auction without any prior notice.)

# ନିରଞ୍ଜନଙ୍କ ଗସ୍ତ ପୂର୍ବରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ | ପଦାରେ ପଡ଼ିଲା କଂଗ୍ରେସର ଗୋଷ୍ଠୀ କନ୍ଦଳ

**ଭଦ୍ରକ ଅଫିସ, ୧୯।୨**

ପୁରୀରେ ରାଜ୍ୟ ପ୍ରଭାରୀ ଓ ପିସିସି ମୁଖିଆଙ୍କ ଉପସ୍ଥିତିରେ କଂଗ୍ରେସର ଦୁଇଗୋଷ୍ଠୀ ହାତାହାତି ହୋଇଥିଲେ। ଏହି ଘଟଣାର ସମାଧାନ ନ ହେଉଣୁ ବୁଧବାର ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଗସ୍ତ ପୂର୍ବରୁ ମଧାହ୍ନରେ ଜିଲା କାର୍ଯ୍ୟାଳୟରେ କଂଗ୍ରେସର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ପୂର୍ବତନ ଜିଲା ଛାତ୍ର ସଭାପତି ବଳରାମ ରାଉତ ଆହତ ହୋଇଛନ୍ତି। ଏ ନେଇ ଟାଉନ ଥାନାରେ ସେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ କଂଗ୍ରେସର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଛି ବୋଲି ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାର ଥିଲା। ଏଥିରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଦୀପ ମାଝୀ, ସହପ୍ରଭାରୀ ରୁଦ୍ର ରାଜୁ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ସେମାନଙ୍କ ଗସ୍ତ ପୂର୍ବରୁ କାର୍ଯ୍ୟାଳୟ ପରିସରରେ ପୂର୍ବତନ ଜିଲା ଛାତ୍ର କଂଗ୍ରେସ ସଭାପତି ବଳରାମ ଓ ତାଙ୍କ ସମର୍ଥକଙ୍କ ଉପରେ ବିପକ୍ଷ ଗୋଷ୍ଠୀ ଆକ୍ରମଣ କରିଥିଲେ। କଂଗ୍ରେସର ଅନ୍ୟ ଏକ ଗୋଷ୍ଠୀ ମାଡ଼ ମାରିଥିଲେ। ଆକ୍ରମଣରେ ବଳରାମଙ୍କ ସମେତ ଅନ୍ୟମାନଙ୍କ ଶାର୍ଟ ଓ ପ୍ୟାଣ୍ଟ ଚିରି ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି। ପିସିସି ସଭାପତି ପହଞ୍ଚିବା ପରେ ଚାନ୍ଦବାଲିର କେତେଜଣ ନେତା ଓ କର୍ମୀ ପ୍ରଭାରୀ ଜିତେନ୍ଦ୍ରଙ୍କୁ ସଭାପତିଙ୍କ ବିରୋଧରେ ଫେରାଦ ହେବାକୁ ଯାଉଥିବାବେଳେ ସେମାନଙ୍କୁ ମଧ ଠେଲାପେଲା କରାଯାଇଥିଲା। ଅନ୍ୟପକ୍ଷେ ମଙ୍ଗଳବାର ରାତିରେ ଭଦ୍ରକ ଟାଉନରେ କଂଗ୍ରେସ ବିରୋଧରେ ହୋର୍ଡିଂ ମରାଯାଇଥିବା ଦେଖିବାକୁ ମିଳିଥିଲା। ନିରଞ୍ଜନ ହଟାଓ, କଂଗ୍ରେସ ବଞ୍ଚାଓ ଏବଂ ନିରଞ୍ଜନ ଗୋ ବ୍ୟାକ ଲେଖାଯାଇଥିବା କିଛି ହୋର୍ଡିଂ ବିଭିନ୍ନ ସ୍ଥାନରେ ମରାଯାଇଥିଲା। ଏଥିରୁ କଂଗ୍ରେସର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଥିବା ଚର୍ଚ୍ଚା ହେଉଥିବାବେଳେ ସଭାପତି ନିରଞ୍ଜନ ଏହାକୁ ଖଣ୍ଡନ କରିଛନ୍ତି। ଏହା ଦଳ ବାହାର ଲୋକଙ୍କ କାମ ବୋଲି ସେ କହିଛନ୍ତି। ଦଳୀୟ କର୍ମୀଙ୍କୁ ତୃଣମୂଳସ୍ତରରୁ ସୁଦୃଢ଼ ହେବାକୁ କହି ସେ ଏହାକୁ ହାଲୁକା ଭାବେ ଗ୍ରହଣ କରିଛନ୍ତି।


କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଭିଡ଼।

**ALLAHABAD BANK** इलाहाबाद बैंक (भारत सरकार का उपक्रम) विश्वास की परम्परा
(A Govt. of India Undertaking) *A tradition of trust*
**www.allahabadbank.in**
**STAFF TRAINING CENTRE**
**N.B. Tower, 2260, Nayapalli, Bhubaneswar-751012**
**Ph.No.: (0674) 2560023, Fax : (0674) 2560351,**
**e-mail: stc.bbsr@allahabadbank.in**

**TENDER NOTICE**

Allahabad Bank, invites Sealed Bids from eligible bidders for Catering Services for the Staff Training Centre, Bhubaneswar. For details please visit Bank's, website: www.allahabadbank.in or **Contact: 0674-2560023.**

**Chief Manager**

# ରାଜ୍ୟରେ ୨୦ହଜାର ମେଟ୍ରିକ୍ ଟନ୍ ଲିଚୁ ଉତ୍ପାଦନ ହେଉଛି: ମନ୍ତ୍ରୀ

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

- ବିହାର, ପଶ୍ଚିମବଙ୍ଗରୁ ଲିଚୁ ଆମଦାନି ହୁଏ
- ଉତ୍ପାଦନ ବଢ଼ାଇବା ଲାଗି ଗବେଷଣାଗାର, ତାଲିମ ଦେବାକୁ ଦାବି

ଲିଚୁ ଚାଷ ପାଇଁ ଆର୍ଦ୍ର ଉପକ୍ରାନ୍ତୀୟ ଜଳବାୟୁ ଅତ୍ୟନ୍ତ ଉତ୍କୃଷ୍ଟ। ଓଡ଼ିଶାରେ ପ୍ରାୟ ୪,୪୭୭ ହେକ୍ଟର ଜମିରେ ଲିଚୁ ଚାଷ କରାଯାଇ ୨୦,୪୩୧ ମେଟ୍ରିକ୍ ଟନ୍ ଉତ୍ପାଦିତ ହେଉଛି। ଓଡ଼ିଶାରେ ସମ୍ବଲପୁର ଜିଲାର କୁଚିଣ୍ଡା, ସୁନ୍ଦରଗଡ଼ ଜିଲାର ପାନପୋଷ, ବଣାଇ, ଖଣ୍ଡାଧାର, ଦେବଗଡ଼ ଜିଲାର ବାରକୋଟ, ତିଳେଇବଣି, ଗଜପତି ଜିଲାର ରା.ଉଦୟଗିରି, ଅନୁଗୋଳ ଜିଲାର ପାଲଲହଡ଼ା, କିଶାନନଗର, କନ୍ଧମାଳ ଜିଲାର ଟିକାବାଲି, ଜି.ଉଦୟଗିରି, ରାଇକିଆ, କୋଟଗଡ଼, କୋରାପୁଟ ଜିଲାର ଲକ୍ଷ୍ମୀପୁର, ଯଶବନ୍ତପୁର, କୋରାପୁଟ, ରାୟଗଡ଼ା ଜିଲାର କାଶୀପୁର, ବିଷମକଟକ, କଳାହାଣ୍ଡି ଜିଲାର ଥୁଆମୂଳା ରାମପୁର, ବଲାଙ୍ଗୀର ଜିଲାର ନାନ୍ଦୁପଲା ଅଞ୍ଚଳରେ ଲିଚୁ ଚାଷ କରାଯାଉଛି। ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ନାକଟିଠାରେ ଏକ ଉଦ୍ୟାନ କୃଷି ଫାର୍ମ ରହିଛି। ସେଠାରେ ପ୍ରାୟ ୧୬ଶହ ଲିଚୁ ଗଛ ରହିଛି। ସେହି ଗଛରୁ କଲମୀ କରାଯାଇ ଉତ୍କୃଷ୍ଟ ଚାରା ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯୋଗାଇ ଦିଆଯାଉଛି। ବୁଧବାର ବିଧାନସଭାରେ ପ୍ରଶ୍ନୋତ୍ତର ବେଳେ କୃଷି ଓ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି।

ମୂଳପ୍ରଶ୍ନରେ ବିଜେଡି ସଭ୍ୟ ରମେଶ ଚନ୍ଦ୍ର ସାଏ ରାଜ୍ୟର କେଉଁ ଜିଲାର କେଉଁ ଅଞ୍ଚଳରେ ଲିଚୁ ଚାଷ କରାଯାଉଛି। ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ନାକଟିସ୍ଥିତ ଉଦ୍ୟାନ କୃଷି ଫାର୍ମକୁ ଉନ୍ନତୀକରଣ କରି ଏକ ଲିଚୁ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେବେ କି ବୋଲି ପଚାରିଥିଲେ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ଭାଜପା ସଭ୍ୟ ସୁବାସ ପାଣିଗ୍ରାହୀ, ବିଜେଡି ସଭ୍ୟ ଉମାକାନ୍ତ ସାମନ୍ତରାୟ ଏବଂ ସିପିଆଇଏମ୍ ସଭ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ଲିଚୁ ଚାଷ ନେଇ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ସେନେଇ ପ୍ରଶ୍ନ କରିଥିଲେ। ଡେରାଶ ଫାର୍ମ, ଝୁମୁକା ଓ କମାରପଡି ଫାର୍ମରେ ଆଗରୁ ବହୁ ଲିଚୁ ଚାଷ ହେଉଥିଲା। ଜମି ଓ ପାଣି ଅଛି। ଲିଚୁ ଚାଷ ପାଇଁ ଯୁବତୀଯୁବକଙ୍କୁ ଟ୍ରେନିଂ ଦେବା ଦରକାର। ଏକ ଗବେଷଣାକେନ୍ଦ୍ର ସ୍ଥାପନ କରି ଏହି ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ପଦକ୍ଷେପ ନେବେ କି? ଦେବଗଡ଼ ଜିଲାରେ ଏକ ଗବେଷଣାଗାର, ସାକ୍ଷୀଗୋପାଳ ଫାର୍ମର ପୁନରୁଦ୍ଧାର କରିବା ଲାଗି ସଦସ୍ୟମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଏହାର ଉତ୍ତର ରଖି ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୨୦,୪୩୧ ମେଟ୍ରିକ୍ ଟନ୍ ଲିଚୁ ଉତ୍ପାଦନ ହୁଏ। ଆବଶ୍ୟକ ପଡ଼ିଲେ ବିହାର ଓ ପଶ୍ଚିମବଙ୍ଗରୁ ଆମଦାନି କରାଯାଏ। ଲିଚୁ ଚାଷ ପାଇଁ ଟ୍ରେନିଂ ଦେବାର ବ୍ୟବସ୍ଥା କରାଯିବ। ଡେରାଶ ଫାର୍ମ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି। ୧୪୦ ହେକ୍ଟର ବିଶିଷ୍ଟ ସାକ୍ଷୀଗୋପାଳ ଫାର୍ମକୁ ପୁନରୁଦ୍ଧାର କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

**ପୂର୍ବ ମଧ ରେଳପଥ**
**ଇ-ଟେଣ୍ଡର ବିଜ୍ଞପ୍ତି**
ନଂ. ୨୦୧୯/ଡବ୍ଲ୍ୟପି/ବିଜିପିଏଲ୍/ଇଏନ୍‌ଜିଜି/ଡବ୍ଲ୍ୟୁଟି-୧୪ (ଖୋଲା)
ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଇ-ଟେଣ୍ଡର (ଖୋଲା) ଆମନ୍ତ୍ରଣ କରାଯାଉଛି: ୧. କାର୍ଯ୍ୟର ନାମ ଓ ଏହାର ଅବସ୍ଥିତି: ବାଘୁଆପାଳ, ପୂର୍ବତଟ ରେଳପଥଠାରେ ସିସି ପରୀକ୍ଷା ସୁବିଧା ସଂକ୍ରାନ୍ତରେ ଫୁଟ୍ ଓଭରବ୍ରିଜ୍, ଆର୍‌ସିସି ବକ୍ସ ବ୍ରିଜ୍ ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ବିଲ୍ଡିଂ (ସର୍ଭିସ୍ ବିଲ୍ଡିଂ, ଇଲେକ୍ଟ୍ରିକ୍ ସବ୍ ଷ୍ଟେଶନ ଇତ୍ୟାଦି), ଜଳ ଯୋଗାଣ ପ୍ରଣାଳୀ, ଡ୍ରେନେଜ୍ ପ୍ରଣାଳୀ, ଟ୍ରାକ୍ କାର୍ଯ୍ୟ, ରାସ୍ତା କାର୍ଯ୍ୟ, ବିଦ୍ୟୁତୀକରଣ ଏବଂ ଆଲୋକୀକରଣ କାର୍ଯ୍ୟ ତଥା ତତ୍ ସଂକ୍ରାନ୍ତୀୟ ଟେଲିକମ୍ କାର୍ଯ୍ୟ ସମ୍ବଳିତ କମ୍ପୋଜିଟ୍ କାର୍ଯ୍ୟ (ସିଭିଲ, ଇଲେକ୍ଟ୍ରିକାଲ, ମେକାନିକାଲ ଓ ଟେଲିକମ୍)। ୨. କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୨୨,୬୦,୩୯,୯୪୧.୫୮, ୩. ଜମା କରାଯିବାକୁ ଥିବା ଅମାନତ ରାଶି: ଟ.୧୨,୮୦,୨୦୦.୦୦, ୪. ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୧୧।୦୩।୨୦୨୦ରିଖ ୧୩.୦୦ ଘଟିକାରେ । ୫. ୱେବ୍‌ସାଇଟ୍ ସୂଚନା ଏବଂ ନୋଟିସ୍ ବୋର୍ଡ ଅବସ୍ଥିତି ଯେଉଁଠାରେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ: ଟେଣ୍ଡର କେବଳ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ www.ireps.gov.inରୁ ଡାଉନ୍‌ଲୋଡ୍ କରାଯାଇପାରିବ। ଅନ୍ୟ କୌଣସି ସୂଚନା ପାଇଁ ଦୟାକରି ଚିଫ୍ ଇଞ୍ଜିନିୟର୍-I/ୱାର୍କଶପ୍ ପ୍ରୋଜେକ୍ଟସ୍, ଭାରତୀୟ ରେଳପଥ, ଚାନ୍ଦର୍ ଭବନ, ୪ର୍ଥ ମହଲା (ଇଞ୍ଜିନିୟରିଂ ବିଭାଗ) ଜେ.ସି. ରୋଡ୍, ପାଟନା-୮୦୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
ସିଏଓ/ଡବ୍ଲ୍ୟୁପି ଚାନ୍ଦର୍ ଭବନ,
ଜେ.ସି. ରୋଡ୍, ପାଟନା
PR/02266/WPO/ENGG/T/19-20/40

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**PLOT NO : C-71, SECTOR-7, C.D.A, CUTTACK, ODISHA**
**O.A. NO. 141 of 2019**
**HDFC BANK LIMITED** ..............................Applicant
-Versus-
**PAPUN K CHAKRA** ............................Defendant
To,
Papun K Chakra, S/o - Niranjan Chakra, Village/Ward-Saras, GP/Town - Sirishapal, Near Siba Temple, PS/Town / Dist.- Keonjhar, Odisha-758002.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A No. 141/2019 in the court of the Debts Recovery Tribunal, Cuttack for recovery of **Rs.14,02,562.37** only together with current and future interest costs and the other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent in support of his defense to show cause within 30 days from the date of publication or on **19th March, 2020** at 10.30 am as to why reliefs prayed for should not granted.

Take notice that in case of default the applicant will be heard and determined in his absence.

Given under my hand and seal of this Tribunal on this 24th day of January, 2020.

Sd/-
Registrar

“ ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ।
-ଶ୍ରୀମା



# ଶିଶୁ ଓ ଶାକାହାର

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ମୋ ନାତୁଣୀ ଅନସୂୟାର ବୟସ ୫ ବର୍ଷ। ସେ ଶାକାହାରୀ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଖାଏ। ପରିବା ବିଶେଷ କରି ବ୍ରକୋଲି ଖାଇବାକୁ ସେ ଭଲପାଏ। କେକ୍ ସମେତ ମଇଦାରେ ତିଆରି ଯେ କୌଣସି ଖାଦ୍ୟ ସେ ଖାଇବାକୁ ପସନ୍ଦ କରେନି। ଆଇସ୍‌କ୍ରିମ ଖାଇବାକୁ ପସନ୍ଦ କରେ, କିନ୍ତୁ ଖୁବ୍ କମ୍ ଖାଏ। ଗୋଟିଏ ସମୟରେ ମୋ ପୁଅ ତାକୁ ଲଲିପପ୍ ଦେଉଥିଲା। ସେ ତା' ବାପାଙ୍କୁ ଖୁସି କରିବା ପାଇଁ ନେଉଥିଲା ସିନା କିନ୍ତୁ ଖାଉ ନ ଥିଲା। ତା' ଚିନ୍ତାଧାରାରେ ଅଧିକ ସାଲାଡ, ଦୁଇଟି ରୁଟି ଓ ଅଳ୍ପ ଭାତ, ଡାଲି, ଛତୁ ଏବଂ ପରିବା ହିଁ ଥିଲା ସବୁଠୁ ଭଲ ଭୋଜନ।

କିଛି ସପ୍ତାହ ପୂର୍ବେ ମୋ ବନ୍ଧୁଙ୍କ ମା' ତାକୁ ଗୋଟିଏ ଅଣ୍ଡା ଦେଇଥିଲେ ଓ ସେ ତାକୁ ଖାଇଥିଲା। ସେ ମୋତେ ଏକଥା କହିଲା ଓ ମୁଁ ରାଗିଗଲି। ମୁଁ ଯେତେବେଳେ ଏ ଘଟଣା ତାଙ୍କୁ ଜଣାଇଲି ସେ ମୋତେ କହିଲେ, ଅନସୂୟା ପୂରା ପତଳା ଏବଂ ସେ ପ୍ରୋଟିନ ଆବଶ୍ୟକ କରୁଛି। ଏହାପରେ ସେ ସାଧାରଣ ଭାବେ ଦୋଷ ଦେଇ କହିଲେ, ତୁମେ କିପରି ଜଣେ ପିଲାକୁ ଶାକାହାରୀ ହେବାକୁ ବାଧ କରୁଛ। ସେ ଯାହା ଚାହିଁବ ତାହା ଖାଇବାକୁ ଅନୁମତି ଦେବା ଉଚିତ। ଯାହା ତୁମେ କରୁଛ ତାହା ସମସ୍ତଙ୍କ ପାଇଁ ଗ୍ରହଣୀୟ ନୁହେଁ ଓ ଏହା ପିଲା ପାଇଁ କ୍ଷତିକାରକ। ଏହା ସବୁଠୁ ବିରକ୍ତିକର ଯୁକ୍ତି ଓ ଦୁର୍ବଳ ମାନସିକତାର ପରିଚୟ। ଅନ୍ୟମାନେ ସେମାନଙ୍କ ଶିଶୁଙ୍କୁ ପ୍ରତ୍ୟେକ ମିଲ୍‌ରେ ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟ ଦେଉଥିବାବେଳେ ଶାକାହାରୀ ଓ ଶୁଦ୍ଧଶାକାହାରୀମାନେ ସେମାନଙ୍କ ପିଲାଙ୍କୁ ଏମିତି ଖାଇବାକୁ ଦେବା ଲାଗି ନିଶ୍ଚିତ ସଂକୋଚ ପ୍ରକାଶ କରିବେ।

ଆମେ ଜନ୍ମ ହେବା ଦିନଠାରୁ ନାମ ଓ ଧର୍ମରୁ ଆରମ୍ଭ କରି ସବୁ କ୍ଷେତ୍ରରେ ମାତାପିତା ସେମାନଙ୍କ ପସନ୍ଦକୁ ଆମ ଉପରେ ଲଦି ଦିଅନ୍ତି। ପ୍ରତ୍ୟେକ ଅଭିଭାବକ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଖାଇବାକୁ ବାଧ କରନ୍ତି। କିନ୍ତୁ ଯେଉଁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଯୁବାବସ୍ଥାରେ ମାଂସ ଖାଇବାକୁ ବାଧ କରନ୍ତି ସେମାନେ ପିଲାମାନଙ୍କର ଅତ୍ୟଧିକ କ୍ଷତି କରିଥାନ୍ତି। କାରଣ, ସେମାନେ ପ୍ରଥମରୁ ପିଲାର ସ୍ୱାସ୍ଥ୍ୟ କ୍ଷୟ କରିବା ଆରମ୍ଭ କରିଥାନ୍ତି ଏବଂ ମେଦବହୁଳତା ଓ ଅଙ୍ଗ ଅଚଳ ହେବାର ମୂଳଦୁଆ ପକାଇଥାନ୍ତି। ଜନ୍ମରୁ ପିଲାଟି ମନରେ ସୃଷ୍ଟିର ଅନ୍ୟସବୁ ବସ୍ତୁ ପ୍ରତି ଥିବା ପ୍ରାକୃତିକ ସମ୍ବେଦନଶୀଳତାକୁ ସେମାନେ ଦୂରେଇ ଦିଅନ୍ତି।

ଗୋଟିଏ ପରିବାର ଖାଦ୍ୟରେ ଏକାଠି ରହିଥାଏ। ସବୁ ସଂସ୍କୃତି, ସବୁ କାର୍ଯ୍ୟ ଖାଦ୍ୟ ପସନ୍ଦରୁ ହିଁ ଆରମ୍ଭ ହୋଇଛି। ମୁଁ ଜାଣେ ଯଦି ମୋ ପୁଅ ମାଂସ ଖାଇଥାନ୍ତା ତେବେ ଏହା ହୁଏତ ଆମ ପରିବାରିକ ସମ୍ବନ୍ଧରେ ଚାପ ପକାଇଥାନ୍ତା। କିନ୍ତୁ ସେ ଶାକାହାରୀ ହୋଇ ବଡ଼ ହୋଇଛି ଏବଂ ଏହା ତାକୁ ଜଣେ ଭଲ ମଣିଷ ଭାବେ ଗଢିତୋଳିଛି। ମୋ ଦେଖିବା ଭିତରେ ଅନସୂୟା ହେଉଛି ସବୁଠୁ ନମ୍ର। ରାସ୍ତାରେ ଚାଲୁଥିବା ଗେଣ୍ଡାଗୁଡିକ ଉପରେ ଯେପରି ଗାଡି ଚଢି ନ ଯାଏ ସେଥିପ୍ରତି ଦୃଷ୍ଟି ରଖି ସେଗୁଡିକୁ ରାସ୍ତାର ଗୋଟିଏ ପାଖକୁ ନେଇଆସେ। ଏହା ଆମେ ତାକୁ ଶିକ୍ଷା ଦେଇନୁ। ଏପରିକି ତା' ଶିକ୍ଷକମାନେ କୁହନ୍ତି, ପ୍ରତ୍ୟେକଙ୍କୁ ସମ୍ମାନ ଦେବାରେ ସେ ଭିନ୍ନ। ମୋତେ ଲାଗୁଛି ଓ ଏହାର ମୂଳକଥା ହେଉଛି, ଆମେ ତାକୁ ଶାକାହାରୀ ହେବାକୁ ଦେଇଛୁ ଏବଂ ତାକୁ ଦୁଇ ବର୍ଷ ବୟସରୁ ଖାଦ୍ୟ ସମ୍ପର୍କରେ ବୁଝାଇଛୁ। କେତେଜଣ ଅଭିଭାବକ ସେମାନଙ୍କ ପିଲାଙ୍କୁ ଖାଦ୍ୟ ସମ୍ପର୍କରେ ବୁଝାଉଛନ୍ତି? କେତେଜଣ ପୌଷ୍ଟିକ ଆହାର ସମ୍ପର୍କରେ ବୁଝିଛନ୍ତି?

ପିଲାଙ୍କ ଉପରେ ଲଦି ଦିଆଯାଉଥିବା ଆପଣଙ୍କ ପସନ୍ଦର ପ୍ରତ୍ୟେକ କାର୍ଯ୍ୟ ଭଲ, ଯୁକ୍ତିସଙ୍ଗତ କି ନାହିଁ ନିଶ୍ଚିତ ହୁଅନ୍ତୁ ଏବଂ ପରେ ପିଲାକୁ ତାହା କରିବାକୁ ଦିଅନ୍ତୁ। ମୋ ପୁଅର ଆଇକ୍ୟୁ ୧୫୦। ଅନସୂୟା ଅନେକ ଚେସ୍ ଚାମ୍ପିୟନଶିପ୍‌ରେ ପ୍ରଥମ ହୋଇଛି ଏବଂ ବହୁବାର ଶ୍ରେଣୀରେ ପ୍ରଥମ ହୋଇଛି। ଯଦି ଆପଣ ଜଣେ ମା' ହୋଇ ପିଲାଠାରେ କିଛି ଅଦ୍ଭୁତ ଦକ୍ଷତା ଦେଖିବାକୁ ଆଶା ରଖିଛନ୍ତି, ତେବେ ତାଙ୍କ ଶରୀର ଓ ମନ ଦରକାର କରୁଥିବା ସ୍ୱାସ୍ଥ୍ୟକର ଖାଦ୍ୟ ଦେବା ଆରମ୍ଭ କରନ୍ତୁ।

ମୋ ଜାଣିବାରେ ଅନେକ ଅଭିଭାବକ ଅଛନ୍ତି ଯେଉଁମାନେ ଗର୍ବର ସହ କୁହନ୍ତି, ମୋ ପିଲା ପରିବା ତରକାରିକୁ ଘୃଣା କରେ। ବାସ୍ତବରେ ପିଲାଙ୍କୁ ଲାଳନପାଳନ କରିବାର ଏହା ଏକ ଖରାପ ଉଦାହାରଣ। ଯଦି ତିନିବର୍ଷର ପିଲାଟିଏ କୌଣସି ଏକ ପରିବା ଖାଇବାକୁ ମନା କରେ ସେମାନେ ପ୍ରଥମେ ତାହାକୁ ତା'ର ଖାଦ୍ୟ ତାଲିକାରୁ ବାହାର କରିଦିଅନ୍ତି। କିନ୍ତୁ ଆଜି ପିଲା ଯେଉଁ ଖାଦ୍ୟ ଖାଇବାକୁ ମନା କରୁଛି, ତିନି-ଚାରିଥର ଚେଷ୍ଟା କଲେ ସେ ଖାଦ୍ୟକୁ ସେ ଗ୍ରହଣ କରିନେବ। (ଏଠାରେ ମୁଁ ଚିନି କଥା ଆଦୌ କହୁନାହିଁ।) ଏମାନେ ସେହି ଅଭିଭାବକ ଯେଉଁମାନେ ନିଜେ ସମ୍ଭବତଃ ପରିବା ଖାଇବାକୁ ଭଲ ପାଆନ୍ତିନି ଏବଂ ସେମାନେ ଖାଉଥିବା ଖାଦ୍ୟ ପିଲାମାନଙ୍କୁ ଖାଇବା ପାଇଁ ବାଧ କରିଥାନ୍ତି।

ଯଦି ତୁମ ପିଲା ମେଦବହୁଳତା କିମ୍ବା ମଧୁମେହର ଶିକାର ହୋଇଛି, ତେବେ ସେମାନଙ୍କୁ ସପ୍ତାହରେ ଦୁଇଥର ପିଜା, ମିଠା ଜିନିଷ, ବର୍ଗର ଖାଇବାକୁ ଦେବା କିମ୍ବା ମାଇକ୍ରୋୱେଭରେ ଖାଦ୍ୟ ଗରମ କରି ଖୁଆଇବା ଏହାର ମୁଖ୍ୟ କାରଣ। ଅଭିଭାବକମାନେ ପିଲାମାନଙ୍କୁ ମ୍ୟାକ୍‌ଡୋନାଲ୍ଡସ୍, ଜଙ୍କଫୁଡ୍ ଓ ମିଠା, ଅଧିକ ଚିକେନ କିମ୍ବା ମିଟ୍ ସ୍ୟାଣ୍ଡୱିଚ୍ ଖାଇବାକୁ ବାଧ କରିବା ଉଚିତ ନୁହେଁ। ଏ କ୍ଷେତ୍ରରେ ଅଭିଭାବକମାନେ ସେମାନଙ୍କ ପିଲାକୁ ଶୁଦ୍ଧଶାକାହାରୀ ରଖିପାରନ୍ତି ନାହିଁ। ସେମାନେ ତାକୁ କେବଳ ଫଳ ଖାଇବାକୁ ଦେବା ସ୍ୱାସ୍ଥ୍ୟ ଲାଗି ହାନିକାରକ ଚିକେନ ସୁପ୍ (ପରୀକ୍ଷାଗାରରେ ବ୍ୟାକ୍ଟେରିଆ ବୃଦ୍ଧି କରିବା ଲାଗି ଚିକେନ୍ ସୁପ୍ ବ୍ୟବହାର କରାଯାଏ) ଦେବା ପରି ମୂର୍ଖତା। ଭାରତରେ ବହୁ ପିଲା ସ୍ୱତଃସ୍ଫୂର୍ତ୍ତ ଭାବେ ଶୁଦ୍ଧଶାକାହାରୀ। ଦେଖନ୍ତୁ ସେମାନେ କେତେ ଭଲ କରୁଛନ୍ତି। ପିଲାଙ୍କ ମେଦବହୁଳତା କଥା ସବୁବେଳେ କୁହାଯାଉଛି, କିନ୍ତୁ ଏଥିପାଇଁ ଲଜ୍ଜା ଲାଗୁନି। ଖରାପ ଖାଦ୍ୟ ଖାଇ ଅଙ୍ଗ ଅଚଳ ହେବା ଯୋଗୁ ମୃତ୍ୟୁ ଘଟିଥିବା ପିଲାର ଅଭିଭାବକଙ୍କ ଉପରେ ଖବରକାଗଜରେ ପ୍ରକାଶିତ ଏକ ପ୍ରବନ୍ଧ ପାଇବାକୁ ଚେଷ୍ଟା କରନ୍ତୁ ତ। ଦେଖିବେ ଏହା କେବେ ବି ପ୍ରକାଶ ପାଇ ନ ଥିବ।

ଲୋକଙ୍କ ମଧ୍ୟରେ ଆଉ ଏକ ଅଦ୍ଭୁତ କଥା ମୁଁ ଦେଖେ ଯେ, ଯଦି ଧାର୍ମିକ କାରଣରୁ ପିଲାଟି ଶାକାହାରୀ ହୋଇଛି ତେବେ ଭଲ। କିନ୍ତୁ ଆପଣ ଯଦି ପିଲାର ସ୍ୱାସ୍ଥ୍ୟ, ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ପ୍ରାଣୀ ନିର୍ଯାତନାକୁ ଦୃଷ୍ଟିରେ ରଖି ପିଲାକୁ ଶାକାହାରୀ କରିଛନ୍ତି ତେବେ ମୌଳବାଦୀ ଭାବେ ଗଣାଯିବେ। ନୈତିକ ନିଷ୍ପତ୍ତିଠାରୁ ଧାର୍ମିକ ନିଷ୍ପତ୍ତିକୁ ସମାଜ ଗୁରୁତ୍ୱଦେବା ବାସ୍ତବରେ କେତେ ଅଜବ।

ପୃଥିବୀ ବଦଳୁଛି। ଆଗେ ଶୁଦ୍ଧଶାକାହାରୀଙ୍କୁ ଲୋକେ ପୁରୁଣାକାଳିଆ ଓ ପାଗଳ ବୋଲି ବେଶି ଭାବୁଥିଲେ। ଏବେ କିନ୍ତୁ ଶୁଦ୍ଧ ଶାକାହାରବାଦୀମାନେ ଏକ ଶ୍ରେଷ୍ଠ ଶ୍ରେଣୀର ବ୍ୟକ୍ତିଙ୍କ ସମାହାର ଭାବେ ଗଣା ହେଉଛନ୍ତି। ପୃଥିବୀ ପ୍ରତି ପ୍ରତିବଦ୍ଧତା, ସେମାନଙ୍କ ପାଇଁ ଓ ସେମାନଙ୍କ ପିଲାଙ୍କ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ଆଗ୍ରହ ପ୍ରକାଶ କରିଛି ଶାକାହାରବାଦ। ମାଂସାହାରୀମାନେ ଏବେ ପଛରେ ରହିଯାଇଛନ୍ତି। ନିଜର ସ୍ୱାସ୍ଥ୍ୟ ନଷ୍ଟ ସହ ଅନ୍ୟ ଜୀବଙ୍କୁ ନଷ୍ଟ କରିବା ଆଉ ବେଶି ଦିନ ଚଳିବନି। ଯେତେବେଳେ ପିଲାଙ୍କୁ ଖୁଆଉଛନ୍ତି, ବାଇବେଲର ସେହି 'ଦୟାଳୁ ବ୍ୟକ୍ତି ଧନ୍ୟ କାରଣ ସେମାନେ ଈଶ୍ୱରଙ୍କ ଦୟା ପ୍ରାପ୍ତ ହୁଅନ୍ତି' (Blessed are the merciful, for they will be shown mercy.) ପରି ଅମୃତ ବାଣୀକୁ ସବୁବେଳେ ମନେ ପକାନ୍ତୁ।

Email: gandhim@nic.in

# ଗଣ ପରିବହନ

ଡ. ସୁବାସ ଚନ୍ଦ୍ର ପାତ୍ର

ବିଗତ ୧୫/୨୦ ବର୍ଷ ଭିତରେ ଭାରତ ବିଶେଷକରି ଓଡ଼ିଶାର ଲୋକମାନଙ୍କ ପରିବହନ ଶୈଳୀ ନିରୀକ୍ଷଣ କଲେ ତା' ଭିତରେ ହାଲୁକା ପୁଞ୍ଜିବାଦର ଛାପ ଦେଖିବାକୁ ମିଳେ। ଉଦାରୀକରଣ ପରେ ମଧ୍ୟବିତ୍ତଙ୍କ ଆର୍ଥିକ ସ୍ୱଚ୍ଛଳତା ବଢ଼ିଛି। ତେଣୁ ଯେଉଁମାନେ ସାଇକେଲ ଚଢ଼ୁଥିଲେ, ସେମାନେ ବାଇକ ଚଢ଼ିଲେ। ଯେଉଁମାନେ ବାଇକ ଚଢ଼ୁଥିଲେ ସେମାନଙ୍କ ମଧ୍ୟରୁ କିଛି କାର୍ ଚଢ଼ିଲେ। ବ୍ୟକ୍ତିଗତ ଗାଡ଼ିରେ ଯିବା ସ୍ୱାଭିମାନ ଓ ସାମାଜିକ ପରିଚୟର ପ୍ରଶ୍ନ ହେଲା। ବ୍ୟକ୍ତିର ମାନସିକ, ଆର୍ଥିକ ସ୍ତରରେ ଏହି ପ୍ରକାର ପରିବର୍ତ୍ତନ ଘଟୁଥିଲା ବେଳେ ସରକାର ତାଙ୍କ ଦାୟିତ୍ୱରୁ ଓହରିଗଲେ ଅର୍ଥାତ୍ ସରକାର ଗଣପରିବହନ କ୍ଷେତ୍ର ବିଶେଷତଃ ବସ୍‌ରେ ଯାତ୍ରୀ ପରିବହନ ବ୍ୟବସ୍ଥାରୁ ଅଦୃଶ୍ୟ ହୋଇଗଲେ।

ଏବେ ସମସ୍ତେ ପରିବେଶ ସଂରକ୍ଷଣ ପାଇଁ ଚିନ୍ତିତ। ବାୟୁମଣ୍ଡଳରେ ଧୂଆଁ, ଧୂଳିର ମାତ୍ରା ବଢ଼ିବା ନେଇ ରାତିଦିନ ବ୍ୟଗ୍ରତା ପ୍ରକାଶ କରାଯାଉଛି। ପେଟ୍ରୋଲିୟମ୍ ଆମଦାନୀ ବିଲ୍ ଦିନକୁ ଦିନ ବଢୁଛି। ଦିଲ୍ଲୀରେ ଯୁଗ୍ମ, ଅଯୁଗ୍ମ ଗାଡ଼ି ନମ୍ବର ନେଇ ବେଶ୍ ଖେଳକସରତ ଚାଲିଛି କିନ୍ତୁ ନା କେନ୍ଦ୍ରୀୟସ୍ତରରେ ନା ପ୍ରାଦେଶିକସ୍ତରରେ ଗଣପରିବହନ ବା ପରିବେଶମୂଳକ ପରିବହନ ପାଇଁ କୌଣସି ନିଷ୍ଠାପର ଉଦ୍ୟମ କରାଯାଉଛି।

ସିଙ୍ଗାପୁରରେ ବାହାର ଖାଦ୍ୟର ମାନ, ଗୁଣାତ୍ମକତା ଓ ବିବିଧତା ଯୋଗୁ ଲୋକେ ଘର ଖାଦ୍ୟ ଅପେକ୍ଷା ବାହାର ଖାଦ୍ୟ ଅଧିକ ପସନ୍ଦ କରୁଥିଲା ଭଳି ଏପିରି କି ଅନେକ ଘର ନକ୍ସାରୁ ରୋଷେଇ ବଖରାଟିଏ ଅନ୍ତର୍ହିତ ହୋଇଯାଇଥିଲା ଭଳି ଆମକୁ ଗଣପରିବହନ ବ୍ୟବସ୍ଥାକୁ ଏପରି ଆକର୍ଷଣୀୟ କରିବାକୁ ହେବ ଯେ ଅଧିକରୁ ଅଧିକ ଲୋକ ନିଜର ବ୍ୟକ୍ତିଗତ ପରିବହନ ବ୍ୟବସ୍ଥା ଛାଡ଼ି ବସ୍, ଟ୍ରେନ ବା ଯନ୍ତ୍ରଚାଳିତ ବୋଟରେ ଯିବାକୁ ଅଧିକ ପସନ୍ଦ କରିବେ। ପ୍ରଥମ ପଦକ୍ଷେପ ସ୍ୱରୂପ ରାସ୍ତାଗୁଡ଼ିକ ଯଥାସମ୍ଭବ ସିଧାସଳଖ କରିବାକୁ ପଡ଼ିବ, ଯାହା ବିକଶିତ ଦେଶରେ ଦେଖାଯାଏ। ଖାଲଖମାପୂର୍ଣ୍ଣ ଅଙ୍କାବଙ୍କା ରାସ୍ତାରେ ଯାତ୍ରା ଖାଲି ବିପଦପୂର୍ଣ୍ଣ ନୁହେଁ, ଏହା ଅଧିକ ସମୟସାପେକ୍ଷ। ତା' ଛଡ଼ା ପରିବେଶ ଦୃଷ୍ଟିରୁ ଅହିତକର, କାରଣ ବାରମ୍ବାର ଗାଡ଼ିର ଗତି ପରିବର୍ତ୍ତନ ସହ ଅଧିକ ଧୂଆଁ ନିର୍ଗମନ ହୋଇଥାଏ। ବିଦେଶରେ ଜଣେ ଗାଡ଼ିଚାଳକ ସିଧାସଳଖ ତଥା ଉଚ୍ଚମାନର ରାସ୍ତା ଯୋଗୁ ଦିନକୁ ଯେତିକି ସମୟ ଗାଡ଼ି ଚଳାଇ ଯେତିକି ଦୂର ଅତିକ୍ରମ କରେ ଭାରତବର୍ଷରେ ଗାଡ଼ିଚାଳକମାନେ ସେତିକି ସମୟ ଗାଡ଼ି ଚଳାଇ ପାରନ୍ତି ନାହିଁ କି ସେତିକି ଦୂର ଅତିକ୍ରମ କରିପାରନ୍ତି ନାହିଁ। ଏଥିଯୋଗୁ ଖାଲି ପରିବେଶ ଅଧିକ ପ୍ରଦୂଷିତ ହୁଏ ତା' ନୁହେଁ, ଅଧିକ 'ମାନବ ସମୟ' (ମ୍ୟାନ୍ ଆୱାର) ଏବଂ ଅଧିକ ମାନବ ସମ୍ବଳ କ୍ଷୟହୁଏ।

ଗଣପରିବହନକୁ ଉତ୍ସାହିତ କରିବାକୁ ହେଲେ ରାସ୍ତାର ଉନ୍ନତି ସହିତ କମ୍ ସମୟ ଭିତରେ, କମ୍ ଖର୍ଚ୍ଚରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ହେବ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି କରିବାକୁ ପଡ଼ିବ। ଯଦି ସମୟ, ଅର୍ଥ ସହିତ ପରିବହନକାରୀ ଯାନର ଗୁଣବତ୍ତା ଉତ୍ତମ ରହେ ଲୋକେ ଆପଣାଛାଏଁ ସାଧାରଣ ପରିବହନ ପ୍ରତି ଆକୃଷ୍ଟ ହେବେ। ଯେହେତୁ ଆମ ସମାଜରେ ଯେତେ ଯାହା କଲେ ବି ବିଭିନ୍ନ ଦୃଷ୍ଟିରୁ ବର୍ଗୀକରଣ ରହୁଛି, ପରିବହନ ପାଇଁ ଉଦ୍ଦିଷ୍ଟ ଯାନର ବର୍ଗୀକରଣ କରାଯାଇ ଉଚ୍ଚ ମଧ୍ୟବିତ୍ତ ଲୋକଙ୍କୁ ଏ ବ୍ୟବସ୍ଥା ପ୍ରତି ଆକର୍ଷିତ କରାଯାଇପାରେ।

ସହରୀ ପରିବହନକୁ ଅଧିକ ସମୟାନୁବର୍ତ୍ତୀ, ଅଧିକ ବାଧାମୁକ୍ତ କରିବା ପାଇଁ ବେଶି ଫ୍ଲାଇଓଭର ନିର୍ମାଣ କରିବାକୁ ପଡ଼ିବ ଏବଂ 'ମୋ ବସ୍'ରେ ଯେପରି ସରକାରଙ୍କ ତରଫରୁ ଖବରକାଗଜ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି, ତା' ନ ହେଲେ ବି ମୋବାଇଲ ଚାର୍ଜ ପଏଣ୍ଟ, ୱାଇଫାଇ, ସଙ୍ଗୀତ ଓ ଦୂରଗାମୀ ବସରେ ଶୌଚାଳୟର ବ୍ୟବସ୍ଥା କରାଯାଇପାରେ। ଫଳରେ ଜନସାଧାରଣରେ ପ୍ରତୀୟମାନ ହେବ ଯେ ବ୍ୟକ୍ତିଗତ ବା ଘରୋଇ ପରିବହନ ଅପେକ୍ଷା ଗଣପରିବହନ ଅଧିକ ଉତ୍ତମ ବିକଳ୍ପ। ରେଳ ଷ୍ଟେଶନରେ ଏକ ନିର୍ଦ୍ଦିଷ୍ଟ ସମୟରେ ଗାଡ଼ି ପହଞ୍ଚିବା ଓ ଛାଡ଼ିବା ପରି ଷ୍ଟପେଜଗୁଡ଼ିକରେ ଯଦି ସେପରି ଏକ ସୁସଂହତ ବ୍ୟବସ୍ଥା କରାଯାଇପାରନ୍ତା ଲୋକେ ସମୟାନୁବର୍ତ୍ତିତାକୁ ଏକ ଅଧିକାର ହିସାବରେ ସାବ୍ୟସ୍ତ କରନ୍ତେ ଏବଂ ଠିକ୍ ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ନେଇ ଲୋକେ ଆଶଙ୍କାରେ ରହନ୍ତେ ନାହିଁ।

ଯେହେତୁ ଗଣପରିବହନ ଏକ ପରିବେଶ ଉପଯୋଗୀ କାର୍ଯ୍ୟ, ଏଥିରେ ସରକାରଙ୍କୁ ଆବଶ୍ୟକତାଠୁ ଅଧିକ ସକ୍ରିୟ ହେବାକୁ ପଡ଼ିବ। କାରଣ ଘରୋଇ କମ୍ପାନୀ ବିନା ଲାଭରେ କିଛି କରିବେ ନାହିଁ। ଏଥିରେ ଗୋଟିଏ ପ୍ରଦେଶ ବା ଦେଶର ଦୀର୍ଘମିଆଦୀ ମାନବୀୟ ସ୍ୱାର୍ଥ ନିହିତ ଥିବାରୁ ଜନସାଧାରଣ ତଥା ରାଷ୍ଟ୍ର ବା ରାଜ୍ୟକୁ ବଞ୍ଚେଇ ରଖିବା ନ୍ୟାୟରେ ସରକାରଙ୍କୁ ପ୍ରଥମ ଅବସ୍ଥାରେ ଏହାକୁ ସାମାଜିକ କଲ୍ୟାଣ ଯୋଜନା ହିସାବରେ ପ୍ରଚଳନ କରିବାକୁ ପଡ଼ିବ।

ଖାଲି ଟ୍ରେନ କି ବସ୍ ନୁହେଁ ଜଳ ପରିବହନ ଏକ ପରିବେଶ ଅନୁକୂଳ, ଟ୍ରାଫିକମୁକ୍ତ, ଅଳ୍ପ ବ୍ୟୟସାପେକ୍ଷ, ମନୋରମ ପରିବହନ ବ୍ୟବସ୍ଥା। ଜଳ ପରିବହନ ପ୍ରାକୃତିକ ପରିବେଶରେ ଭ୍ରମଣର ଆନନ୍ଦ ହେଉଥିବାରୁ ଏହାକୁ ସୁସଂହତ କରିପାରିଲେ ଏହା ସମ୍ପୃକ୍ତ ଅଞ୍ଚଳ ପାଇଁ ଜୀବନରେଖା ପାଲଟି ପାରିବ। କେରଳ ଏ ଦିଗରେ ମାର୍ଗଦର୍ଶକ। ଉଭୟ ପର୍ଯ୍ୟଟନ ଓ ଯାତ୍ରୀପରିବହନ କ୍ଷେତ୍ରରେ କେରଳରେ ଭୂପୃଷ୍ଠ ପରିବହନ ଅପେକ୍ଷା ଜଳପରିବହନ ଅଧିକ ଆକର୍ଷଣୀୟ ଓ ଗ୍ରହଣୀୟ ହୋଇପାରିଛି। ଓଡ଼ିଶାର ନଦନଦୀ, କେନାଲ, ଡ୍ୟାମ୍‌କୁ ଏ ଦିଗରେ ବ୍ୟବହାର କରାଯାଇପାରେ। କେନାଲ ଦୃଷ୍ଟିରୁ ଦେଖିଲେ ସବୁଠୁ ବଡ଼ ସୁଯୋଗ ରହିଛି ଅବିଭକ୍ତ ବାଲେଶ୍ୱର ଜିଲାର ଭୋଗରାଇଠୁ ବାସୁଦେବପୁର ନିକଟବର୍ତ୍ତୀ ମନ୍ତେଇ ନଦୀ ପର୍ଯ୍ୟନ୍ତ ପାଖାପାଖି ୯୦ କିମି ଜଳପଥ। ବ୍ରିଟିଶ ଅମଳରେ ତିଆରି ଖଣ୍ଡାପରି ସିଧା ଏହି ଜଳପଥକୁ ବିକଶିତ କରିପାରିଲେ ଏହା ପରିବହନ, ପର୍ଯ୍ୟଟନ, ଜଳସେଚନ, ମତ୍ସ୍ୟଚାଷ କ୍ଷେତ୍ରରେ ବିରାଟ ଭୂମିକା ନିଭେଇ ପାରିବ। ପରିବେଶ ସୁରକ୍ଷା ପାଇଁ ସରକାରଙ୍କ ସହିତ ଜନସାଧାରଣ ମଧ୍ୟ ଆଗେଇ ଆସିବା ଆବଶ୍ୟକ।

ଜେଲ୍‌ରୋଡ଼, ବାଲେଶ୍ୱର, ମୋ:୯୪୩୭୩୭୬୨୧୯

## ଏଇ ଭାରତରେ

ଗାଈ ମୃତ୍ୟୁ ସହ ଏକ ଅଜବ ବିଶ୍ୱାସ ଯୋଡିହୋଇ ରହିଛି ମଧ୍ୟପ୍ରଦେଶର ବିଦିଶା ଅଞ୍ଚଳରେ। ଏହି ଅଞ୍ଚଳର ପାଥରି ଥାନା ଅନ୍ତର୍ଗତ ଏକ ଗାଁରେ ଜଣେ ବ୍ୟକ୍ତିଙ୍କ ଭୁଲ୍ ଯୋଗୁ ଗୋଟିଏ ବାଛୁରିର ମୃତ୍ୟୁ ଘଟିଥିଲା। ଏହା ପରେ ପଞ୍ଚାୟତ ବୈଠକ ଡକାଯାଇଥିଲା। ଏହି ବୈଠକରେ ବ୍ୟକ୍ତି ଜଣଙ୍କୁ ପ୍ରାୟଶ୍ଚିତ୍ତ ନିମନ୍ତେ ତାଙ୍କ ନାବାଳିକା କନ୍ୟାର ବାହାଘର କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ବ୍ୟକ୍ତି ଜଣକ ମୋଟର ସାଇକେଲ୍‌ରେ ଯାଉଥିବା ସମୟରେ ବାଛୁରିଟି ହଠାତ୍ ରାସ୍ତାକୁ ଚାଲି ଆସିବାରୁ ଧକ୍କାରେ ତା'ର ମୃତ୍ୟୁ ହୋଇଥିଲା। ପରେ ପାପ କ୍ଷୟ ଲାଗି ସେହି ବ୍ୟକ୍ତି ଗଙ୍ଗା ସ୍ନାନ କରି ଗ୍ରାମବାସୀଙ୍କୁ ଭୋଜି ଦେବାକୁ ପ୍ରସ୍ତୁତ ହୋଇଯାଇଥିଲେ, କିନ୍ତୁ ଗ୍ରାମବାସୀ ଏଥିରେ ରାଜି ନ ହୋଇ ତାଙ୍କ ନାବାଳିକା କନ୍ୟାର ବାହାଘର କରିବା ଲାଗି ପଞ୍ଚାୟତ ବୈଠକରେ କହିଥିଲେ। ପଞ୍ଚାୟତର ନିର୍ଦ୍ଦେଶକ୍ରମେ ଝିଅର ବାହାଘର କରିବା ପାଇଁ ବ୍ୟକ୍ତି ଜଣକ ରାଜି ହୋଇ ଯୋଗାଡ଼ରେ ଲାଗିଗଲେ। କିନ୍ତୁ ପଞ୍ଚାୟତର ଫଇସଲା ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପାଖରେ ପହଞ୍ଚିବା ପରେ ପୋଲିସ ବାହାଘର ବନ୍ଦ କରିଥିଲା। ପରେ କନ୍ୟାଙ୍କୁ ୧୮ ବର୍ଷ ହେବା ଯାଏ ବାହାଘର ନ କରିବା ଲାଗି ପରିବାରଠାରୁ ଲିଖିତ ପ୍ରତିଶ୍ରୁତି ନିଆଯାଇଥିଲା। କୁହାଯାଏ କି, ମଧ୍ୟପ୍ରଦେଶର ଗ୍ରାମାଞ୍ଚଳଗୁଡିକରେ ଯଦି କାହାର ଭୁଲ୍ ଯୋଗୁ ଗାଈ ମରିଯାଏ ତେବେ ତାଙ୍କ ଉପରେ ସବୁ ପ୍ରକାର ସାମାଜିକ ପ୍ରତିବନ୍ଧକ ଲାଗୁ କରାଯାଏ। ତାଙ୍କୁ ଗଙ୍ଗାସ୍ନାନ କରିବା ଲାଗି କୁହାଯାଏ। ଏମିତିକି ଗ୍ରାମବାସୀଙ୍କୁ ଭୋଜି ଦେବା ସହ ନାବାଳିକାର ବାହାଘର କରିବା ଲାଗି ତାଙ୍କୁ କୁହାଯାଏ। ପାପରୁ ମୁକ୍ତି ପାଇବା ଲାଗି କନ୍ୟାଦାନ ଏକମାତ୍ର ଉପାୟ ବୋଲି ସେମାନଙ୍କ ବିଶ୍ୱାସ ରହିଛି।

# ରାଜ୍ୟ ବଜେଟ: ୨୦୨୦-୨୧

ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃୟାରୀ ୧୮ରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ପ୍ରଥମଥର ପାଇଁ ଅର୍ଥମନ୍ତ୍ରୀ ଇ-ବଜେଟ ଉପସ୍ଥାପନ କରିଛନ୍ତି। ଫଳରେ ବଜେଟ ପୁସ୍ତିକା ଛପାଜନିତ ବ୍ୟୟ ଓ ସମସ୍ୟାରୁ ରାଜ୍ୟ ମୁକ୍ତିପାଇଛି। ବଜେଟକୁ ନେଇ ମିଶ୍ର ପ୍ରତିକ୍ରିୟା ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବଜେଟ ଓଡ଼ିଶା ଗଠନ ପ୍ରକ୍ରିୟାରେ ସହାୟକ ହେବ ବୋଲି କହିଲା ବେଳେ ବିରୋଧୀ ଦଳ ଏହାକୁ ନୈରାଶ୍ୟଜନକ, ନୂତନତ୍ୱବିହୀନ ଏବଂ ଏଥିରେ ଲୋକଙ୍କୁ ରୋଜଗାର ଦେବାର ଉଦ୍ୟମ ନାହିଁ ବୋଲି କହିଛନ୍ତି। ଅର୍ଥମନ୍ତ୍ରୀଙ୍କ କହିବାନୁସାରେ ବଜେଟରେ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଶିକ୍ଷା, ଖେଳ, ପର୍ଯ୍ୟଟନ, ପରିବେଶର ଉନ୍ନତି ପାଇଁ ଧ୍ୟାନ ଦିଆଯାଇଛି। ମୋ ସରକାରର ୫-ଟି ମନ୍ତ୍ର ଏଥିରେ ପ୍ରତିଫଳିତ ହୋଇଛି, ଯାହା ଅର୍ଥନୀତିକୁ ପ୍ରଗତି ପଥରେ ନେଇଯିବ। ବିଭିନ୍ନ ସାମାଜିକ ତଥା ଆର୍ଥିକ କ୍ଷେତ୍ରରେ ଅଧିକ ବିନିଯୋଗ ଯୋଗୁ ରାଜ୍ୟର ଆର୍ଥିକ ଅଭିବୃଦ୍ଧି, ପ୍ରଗତି ତ୍ୱରାନ୍ୱିତ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ପୂର୍ବପରି ଏଥର ମଧ୍ୟ ଅର୍ଥମନ୍ତ୍ରୀ ସ୍ୱତନ୍ତ୍ର କୃଷି ବଜେଟ ଓ ସାଧାରଣ ବଜେଟ ଉପସ୍ଥାପନ କରିଛନ୍ତି। ଏହା ସହିତ ୟୁନିସେଫ୍ ସହାୟତା, ଶିଶୁ ବଜେଟ, ଜେଣ୍ଡର ବା ଲିଙ୍ଗ ବଜେଟ, ଜଳବାୟୁ ବଜେଟ, ପୁଷ୍ଟି ବଜେଟ ଉପସ୍ଥାପନ କରିଛନ୍ତି। ଭାରତବର୍ଷରେ ଜଳବାୟୁ ଓ ପୁଷ୍ଟି ସମ୍ପର୍କିତ ବଜେଟ ଉପସ୍ଥାପନ କରିବାରେ ଓଡ଼ିଶା ପ୍ରଥମ। ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରିବା ସ୍ୱାଗତଯୋଗ୍ୟ। କିନ୍ତୁ ଆର୍ଥିକ ସର୍ବେକ୍ଷଣ ପରି ଗୋଟିଏ ପୁସ୍ତିକାରେ ସବୁଯାକ ସନ୍ନିବେଶିତ କରିଥିଲେ କମ୍ ସମୟରେ ଡାଉନଲୋଡ କରିବା ଓ ଅଧ୍ୟୟନ କରିବା ସହଜ ହୋଇଥାନ୍ତା। ପୁନଶ୍ଚ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ ଅର୍ଥ ନୁହେଁ ସେହି କ୍ଷେତ୍ରରେ ଅଧିକ ବ୍ୟୟବରାଦ ଆପେ ଆପେ ହୋଇଯିବ। ସାଧାରଣତଃ ଏକ ବଜେଟକୁ ଯେତେବେଳେ ସମୀକ୍ଷା କରାଯାଏ, ନୋମିନାଲ ମୂଲ୍ୟରେ କେତେ ବୃଦ୍ଧି ପାଇବ ତାହା ବିଚାର କରାଯାଏ ନାହିଁ। କାରଣ ଏହା ପ୍ରତ୍ୟେକ ବର୍ଷ ବୃଦ୍ଧି ପାଇଥାଏ। ଏଣୁ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ କେତେ ବ୍ୟୟ ଅଟକଳ ବୃଦ୍ଧି ପାଇଛି, ତାହା ସମୀକ୍ଷା ହେବାକଥା। ରାଜ୍ୟ ଜିଡିପି ଅନୁସାରେ ମୋଟ ବ୍ୟୟ ତଥା ବିଭିନ୍ନ କ୍ଷେତ୍ରରେ ବ୍ୟୟ, ରାଜସ୍ୱ, ଅଣରାଜସ୍ୱ କେତେ ବୃଦ୍ଧି ପାଇଛି ତାହାକୁ ବିଚାରକୁ ନିଆଯାଇଥାଏ। ବଜେଟ ଉପସ୍ଥାପନ ସମୟରେ ଅର୍ଥମନ୍ତ୍ରୀ ୨୦୨୦-୨୧ ବର୍ଷରେ ନୋମିନାଲ ଜିଏସ୍‌ଡିପି ୧୧.୭% ବୃଦ୍ଧି ପାଇବ ବୋଲି ଧାର୍ଯ୍ୟ କରିଛନ୍ତି। ଅର୍ଥାତ୍ ବାସ୍ତବ ଜିଏସ୍‌ଡିପି ବୃଦ୍ଧି ୭% ହେବ ବୋଲି ଆକଳନ କରାଯାଇଥିବା ବେଳେ ମୁଦ୍ରାସ୍ଫୀତି ୪.୭% ହେବ ବୋଲି ଆଶା କରାଯାଇଛି। ଅର୍ଥାତ୍ ନୋମିନାଲ ଜିଏସ୍‌ଡିପି ଯାହା ୨୦୧୯-୨୦ ଆର୍ଥକ ବର୍ଷରେ ଧାର୍ଯ୍ୟ ଅଟକଳ ଅନୁସାରେ ୫,୪୦,୮୧୨ କୋଟି ଟଙ୍କା ଏବଂ ସଂଶୋଧିତ ଅଟକଳରେ ହ୍ରାସ ପାଇ ୫,୩୩,୮୨୨ କୋଟି ଟଙ୍କା ହୋଇଥିଲା, ତାହା ବୃଦ୍ଧି ପାଇ ୨୦୨୦-୨୧ ବର୍ଷରେ ୫,୯୬,୨୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହାକୁ ଭିତ୍ତିକରି ସେ ୨୦୨୦-୨୧ ବର୍ଷ ପାଇଁ ମୋଟ ବଜେଟ ବ୍ୟୟ ଅଟକଳ ୧,୫୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରିଛନ୍ତି। ପୂର୍ବ ଆର୍ଥିକ ବର୍ଷରେ ଏହା ୧,୩୯,୦୦୦ କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା ବେଳେ ସଂଶୋଧିତ ଅଟକଳରେ ଏହା ୧,୩୫,୦୦୦ କୋଟି ଟଙ୍କା ହୋଇଛି। ଅର୍ଥାତ୍ ୨୦୧୯-୨୦ର ସଂଶୋଧିତ ଅଟକଳ ଉପରେ ୨୦୨୦-୨୧ ବର୍ଷର ବ୍ୟୟବରାଦ ବା ବଜେଟ ଅଟକଳ ୧୧.୧୧% ଅଧିକ।

ଏହା ସତ୍ତ୍ୱେ ଯେତେବେଳେ ଅଭିବୃଦ୍ଧି ହାର ହ୍ରାସ ପାଉଛି ସେତେବେଳେ ଅଧିକ ଅଭିବୃଦ୍ଧି କିପରି ହେବ ତାହା ଅର୍ଥମନ୍ତ୍ରୀ କହିନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୧୮-୧୯ରେ ଆର୍ଥିକ ଅଭିବୃଦ୍ଧି ୮.୨୪% ଧାର୍ଯ୍ୟ କରାଯାଇଥିବା ବେଳେ ବାସ୍ତବରେ ଏହା ୭.୯% ହୋଇଛି। ସେହିପରି ୨୦୧୯-୨୦ରେ ବାସ୍ତବ ଅଭିବୃଦ୍ଧି ୭.୬% ଏବଂ ନାମାଙ୍କନ ଅଭିବୃଦ୍ଧି ୧୧% ହେବ ବୋଲି ଧାର୍ଯ୍ୟ କରାଯାଇଥିବା ବେଳେ ବାସ୍ତବରେ ଏହା ଯଥାକ୍ରମେ ୬.୧% ଏବଂ ୭.୬୬% ହୋଇଛି। ବାସ୍ତବ ଏବଂ ନାମାଙ୍କନ ଅଭିବୃଦ୍ଧି ମଧ୍ୟରେ ପାର୍ଥକ୍ୟ ମାତ୍ର ୧.୫୬% ହେବା ଯୋଗୁ ତଥ୍ୟ ନେଇ ମନରେ କିଛିଟା ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଅବଶ୍ୟ ଅର୍ଥମନ୍ତ୍ରୀ କହିଛନ୍ତିଯେ, ଗତ ୭ ବର୍ଷରେ ଜାତୀୟ ସ୍ତରରେ ଅଭିବୃଦ୍ଧି ହାର ମାତ୍ର ୬% ହୋଇଥିବା ବେଳେ ଓଡ଼ିଶା କ୍ଷେତ୍ରରେ ଏହା ୮%।

ବଜେଟରେ ମୋଟ ବ୍ୟୟବରାଦ ବୃଦ୍ଧି ସହିତ ତାଳଦେଇ ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦ ବୃଦ୍ଧି ପାଇଛି। କିଛି କ୍ଷେତ୍ରରେ ନାମାଙ୍କନ ମୂଲ୍ୟରେ ମଧ୍ୟ ହ୍ରାସ ପାଇଛି। ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ କିଛି କ୍ଷେତ୍ରରେ ମଧ୍ୟ ହ୍ରାସ ପାଇଛି। ପ୍ରଶାସନିକ ବ୍ୟୟ ୨୦୧୯-୨୦ରେ ୫୭,୩୧୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଏହା ସଂଶୋଧିତ ଅଟକଳରେ ୫୫,୪୯୦ କୋଟି ଟଙ୍କାକୁ ହ୍ରାସ ପାଇଛି। କିନ୍ତୁ ଏହି ବଜେଟରେ ଏହା ୬୫,୬୫୫ କୋଟିଟଙ୍କା ହେବ ବୋଲିଧାର୍ଯ୍ୟ କରାଯାଇଛି। ସେହିପରି କାର୍ଯ୍ୟକ୍ରମ ବ୍ୟୟ ଯାହା ୨୦୧୯-୨୦ ବର୍ଷରେ ୭୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା, ତାହା ସଂଶୋଧିତ ଅଟକଳରେ ୬୮,୦୦୦ କୋଟି ଟଙ୍କାକୁ ହ୍ରାସ ପାଇଛି। କିନ୍ତୁ ଏହି ବଜେଟରେ ଏହା ୭୪,୦୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୩୨୦୦ କୋଟି ଟଙ୍କା ଏବଂ ଲୋକାଲ ବଡିଜ୍ ଓ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ପାଇଁ ୭୧୪୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଏହା ବ୍ୟତୀତ ବଜେଟ ବାହାରେ ୬୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମ ବ୍ୟୟ ମଧ୍ୟରୁ ରାଜ୍ୟ ଯୋଜନା ପାଇଁ ୪୪୯୮.୧୦କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ କେନ୍ଦ୍ରୀୟ ଯୋଜନା ପାଇଁ ୪୫୬.୨୦କୋଟିଟଙ୍କା ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ୨୮୫୫୫.୭୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି।

ସାଧାରଣତଃ ପୁଞ୍ଜି ବ୍ୟୟ ଅଧିକ ହେବା ଭଲ। କାରଣ ଏହା ସମ୍ପଦ ସୃଷ୍ଟି କରିବା ସହିତ ଅଭିବୃଦ୍ଧିରେ ସହାୟକ ହୋଇଥାଏ। ବଜେଟରେ ଏହା ବୃଦ୍ଧି ପାଇଛି। ୨୦୧୯-୨୦ରେ ସଂଶୋଧିତ ଅଟକଳ ୨୩୬୫୫.୨୪ ଟଙ୍କା ହୋଇଥିଲାବେଳେ ଏହି ବଜେଟ୍‌ରେ ଏହା ୨୬୫୧୩.୪ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି, ଯାହା ରାଜ୍ୟ ଜିଏସ୍‌ଡିପିର ୪.୫%। କାର୍ଯ୍ୟକ୍ରମ ବ୍ୟୟର ମୁଖ୍ୟ ଅଂଶ ପୁଞ୍ଜିବ୍ୟୟ ଆଡକୁ ନିଆଯାଇଛି। କିନ୍ତୁ ବେଶି ଚିନ୍ତାର ବିଷୟ ହେଉଛି ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା ଓ ମୁଦ୍ରାସ୍ଫୀତିର କୁପ୍ରଭାବ ରାଜ୍ୟ ଉପରେ ଅନୁଭୂତ ହୋଇଛି। ରାଜ୍ୟର ୨୦୧୯-୨୦ ବର୍ଷରେ ଧାର୍ଯ୍ୟ ବ୍ୟୟବରାଦ ଏବଂ ମୋଟ ରାଜସ୍ୱ ପ୍ରାପ୍ତି ୪୦୦୦ କୋଟି ଟଙ୍କା ସଂଶୋଧିତ ଅଟକଳରେ ହ୍ରାସପାଇଛି। ମୋଟ ରାଜସ୍ୱ ପ୍ରାପ୍ତି ୧,୧୫,୨୬୬କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲାବେଳେ ସଂଶୋଧିତ ଅଟକଳରେ ଏହା ୧୧୧୭୦.୨୫ କୋଟି ଟଙ୍କାକୁ ହ୍ରାସ ପାଇଛି। କିନ୍ତୁ ରାଜ୍ୟର ଏହି ହ୍ରାସ ପାଇଁ କେନ୍ଦ୍ର ଦାୟୀ। କେନ୍ଦ୍ରୀୟ ଟିକସ ହ୍ରାସ ପାଇବା ଯୋଗୁ କେନ୍ଦ୍ରରୁ ରାଜ୍ୟଗୁଡ଼ିକ ଅର୍ଥ କମିଶନ ସୁପାରିସ ଅନୁଯାୟୀ ଯେଉଁ ପାଣ୍ଠି ପାଇଥାନ୍ତି ତାହା ହ୍ରାସ ପାଇଛି। ୨୦୧୯-୨୦ ବର୍ଷରେ ରାଜ୍ୟ ଏ ବାବଦରେ କେନ୍ଦ୍ରରୁ ୩୯୨୦୬.୫୯ କୋଟି ଟଙ୍କା ପାଇବ ବୋଲି ଧାର୍ଯ୍ୟ କରାଯାଇଥିବା ବେଳେ ବାସ୍ତବରେ ୩୦୪୫୩.୨୫ କୋଟି ଟଙ୍କା ମାତ୍ର ପାଇଛି। ରାଜ୍ୟର ନିଜସ୍ୱ ଅଣଟିକସ ଏବଂ କେନ୍ଦ୍ରର ଅନୁଦାନ ପରିମାଣ ବୃଦ୍ଧି ଯୋଗୁ ଏହା କିଛିଟା ଭରଣା ହୋଇଛି।

ରାଜ୍ୟ ସରକାର ସର୍ବଦା ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନ କରୁଛନ୍ତି। କିନ୍ତୁ ଏଥର ପୂର୍ବ ବର୍ଷ ଅପେକ୍ଷା ବ୍ୟୟବରାଦ ହ୍ରାସ ପାଇଛି। ଗତ ବଜେଟରେ ଏହା ୨୦,୭୧୬ କୋଟି ଟଙ୍କା ଥିଲାବେଳେ ଏହି ବଜେଟରେ ୧୯,୪୦୮ କୋଟି ଟଙ୍କାକୁ ହ୍ରାସ ପାଇଛି। ଆର୍ଥିକ ସର୍ବେକ୍ଷଣ ଅନୁଯାୟୀ ଜଳସେଚନ ଅଭାବ ଯୋଗୁ ଚାଷୀମାନେ ବୀତସ୍ପୃହ ହୋଇ କୃଷି କାର୍ଯ୍ୟ ଛାଡୁଛନ୍ତି। ଏବେ ସୁଦ୍ଧା ଅନେକ ଦ୍ରବ୍ୟ ପାଇଁ ଓଡ଼ିଶା ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ରାଜସ୍ୱ ଆଦାୟ ବୃଦ୍ଧି ପାଇଁ ଅଧିକ ଧ୍ୟାନ ଦେବା ଆବଶ୍ୟକ। କିନ୍ତୁ ବେକାରି ସମସ୍ୟାର ସମାଧାନ, ନିଯୁକ୍ତି ବୃଦ୍ଧି, କୃଷି ସଂକଟର ସମାଧାନ, ରୁଗ୍‌ଣ ଶିଳ୍ପର ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ।

ମୋ-୯୪୩୭୨୦୮୭୬୨

## ଚିରନ୍ତନୀ

ଚଳ ଚଳ ଚିତ୍ରୋତ୍ପଳା ହସ ହସ ମୁଖ
ତରଳ ଅନ୍ତରେ ତୋର ନଚାଇ ମୟୁଖ,
ନୀଳ ହେଲା ତୋର ଜଳ
ଧୋଇ ସେ କାହା କୁନ୍ତଳ ?
ସେ ମୋର ପ୍ରେୟସୀ ମୋର ଚିର ଦୁଃଖସୁଖ। (ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଫେବୃୟାରୀ ୧୯୯୫

- ସାତବର୍ଷରୁ କମ ବୟସର ପିଲାମାନେ ଫ୍ଲୋରାଇଡଯୁକ୍ତ ଟୁଥପେଷ୍ଟ ବ୍ୟବହାର କରିବା ଉପରେ କେନ୍ଦ୍ର ସରକାରଙ୍କ କଟକଣା।
- ଚଳିତବର୍ଷ ଏପ୍ରିଲ ମାସରେ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟମ ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଙ୍ଗଠନ (ସାର୍କ)ର ଶୀର୍ଷ ବୈଠକ ପାକିସ୍ତାନର ଅନୁରୋଧ କ୍ରମେ ସ୍ଥଗିତ ରଖାଯାଇଛି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | | | 8 | | | 4 | | | | D | | | 5 |
| 6 | | | B | | 7 | | | A | | C | | | 0 | |
| | | | | | 3 | | C | | 1 | 5 | | E | | 9 |
| | 8 | | | | C | 5 | | 2 | B | | | | 4 | 1 |
| | | 5 | | 2 | 0 | | | | | A | 3 | C | | |
| | C | | 1 | | | 0 | | | A | 2 | | | 8 | |
| | | | | B | | | | 9 | | | | | 3 | 6 |
| | 5 | 2 | 7 | | A | 1 | | 6 | 3 | | | | D | 4 |
| | | | | C | | | 8 | B | | | | | | |
| 0 | | 1 | | 4 | | | 3 | | | 9 | | | | |
| B | | | | E | | | | | | D | | | | |
| E | 9 | A | | | | 6 | | | | | | | 5 | D |
| C | 3 | | | 6 | | | | | | | 5 | | 7 | 0 |
| | 7 | 8 | | | | | | 4 | | 0 | | 3 | C | |
| | | | | 3 | | | 0 | 5 | | E | 4 | | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 5 | C | 9 | 0 | 4 | 3 | A | 7 | 6 | B | 1 | D | E | 2 |
| 6 | 3 | 4 | 8 | 2 | 1 | 9 | 5 | D | A | E | 0 | C | 7 | B |
| 7 | A | 2 | 5 | D | 6 | B | E | 1 | C | 9 | 8 | 0 | 4 | 3 |
| 0 | D | 1 | E | B | A | 2 | 6 | C | 7 | 3 | 4 | 5 | 9 | 8 |
| E | 9 | B | C | 7 | 3 | 4 | 8 | 0 | D | 5 | 2 | A | 6 | 1 |
| A | 2 | 5 | 6 | 4 | 7 | D | 1 | 9 | E | 8 | B | 3 | 0 | C |
| 3 | E | 0 | 1 | 5 | B | C | 4 | 8 | 2 | 6 | 9 | 7 | D | A |
| 9 | B | 6 | D | C | 8 | A | 7 | E | 0 | 1 | 3 | 2 | 5 | 4 |
| C | 7 | 8 | 3 | E | 0 | 5 | 2 | B | 4 | D | A | 6 | 1 | 9 |
| 1 | 4 | D | 2 | A | 9 | 6 | 0 | 3 | 5 | C | 7 | B | 8 | E |
| D | 8 | 3 | 0 | 9 | E | 7 | B | 6 | 1 | A | C | 4 | 2 | 5 |
| 5 | C | 7 | 4 | 6 | D | 8 | 9 | A | B | 2 | E | 1 | 3 | 0 |
| B | 0 | 9 | A | 3 | 5 | 1 | D | 2 | 8 | 4 | 6 | E | C | 7 |
| 4 | 1 | A | 7 | 8 | 2 | E | C | 5 | 3 | 0 | D | 9 | B | 6 |
| 2 | 6 | E | B | 1 | C | 0 | 3 | 4 | 9 | 7 | 5 | 8 | A | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତି ଉପରୁ ହଟିବା ଦରକାର

ମହାଶୟ,

ସରକାର ଅନେକ ସମୟରେ କର୍ମଚାରୀମାନଙ୍କ ଆୟବହିର୍ଭୂତ ସମ୍ପତ୍ତି ଠାବ କରୁଛନ୍ତି, ସେଥିପାଇଁ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରୁଛନ୍ତି। ଏହା ନିଶ୍ଚିତ ଉତ୍ତମ ପଦକ୍ଷେପ। କିନ୍ତୁ ସେହି ସରକାର କାହିଁକି ଜନପ୍ରତିନିଧିମାନଙ୍କ ପାଇଁ ସେଇ ଏକା ମନୋଭାବ ପୋଷଣ କରୁନାହାନ୍ତି। ନିର୍ବାଚନରେ ଅଂଶଗ୍ରହଣ କରିଥିବା ତିନି ଚତୁର୍ଥାଂଶ ଜନପ୍ରତିନିଧି କୋଟିପତି। ସେମାନଙ୍କ ସତ୍ୟପାଠରେ ସେମାନେ ନିଜେ ତାହା ପ୍ରକାଶ କରିଛନ୍ତି। ସରକାର ଭାବିବେ କି ରାଜନୀତି କ୍ଷେତ୍ରକୁ ଆସିବା ପୂର୍ବରୁ ସେମାନଙ୍କ ସମ୍ପତ୍ତି କେତେ ଥିଲା ଓ ଗୋଟିଏ ଗୋଟିଏ ଅବଧିରେ ତାହା କେତେ ପରିମାଣରେ ବୃଦ୍ଧି ପାଉଛି ଏବଂ ସେଥିରୁ କେତେ ଆୟବହିର୍ଭୂତ ? କେବଳ ଆୟକର ଦେବା କୌଣସି ସମ୍ପତ୍ତିର ବୈଧତା ପ୍ରମାଣପତ୍ର ନୁହେଁ। ତା'ର ଉତ୍ସ ସ୍ୱଚ୍ଛ ହେବା ଉଚିତ। କେବଳ ଦୁର୍ବଳ ଓ ତଳିଆ କର୍ମଚାରୀଙ୍କ ପ୍ରତି ସରକାର କଠୋର ହେଲେ ଆର୍ଥିକ ସ୍ୱଚ୍ଛତା ଆସିବ ନାହିଁ କି ଭ୍ରଷ୍ଟାଚାର କମିଯିବ ନାହିଁ।

ପ୍ରଭାତ କୁମାର ଦାସ, ୫୮ ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର

### ପଛସିଟ୍‌ବାଲା ପାଇଁ ହେଲ୍‌ମେଟ କଟକଣା

ଜଣେ ବାଇକ୍ ଚାଳକ ନିଜ ସୁରକ୍ଷା ଦୃଷ୍ଟିରୁ ହେଲ୍‌ମେଟ ପିନ୍ଧିବା ଆବଶ୍ୟକ। କିନ୍ତୁ ତା' ପଛ ସିଟ୍‌ରେ ବସୁଥିବା ଲୋକ ପାଇଁ ହେଲ୍‌ମେଟ ପିନ୍ଧିବାକୁ ବାଧ୍ୟତାମୂଳକ କରିବା ମୋ ମତରେ ଠିକ୍ ନୁହେଁ। କାରଣ ପଛ ସିଟ୍‌ରେ ସବୁବେଳେ କେହି ବସନ୍ତିନି। ହୁଏତ ବାଟରେ କିଏ ଜଣେ ବନ୍ଧୁ ଦେଖାହେଲା ଓ କହିଲା ଭାଇ ମୁଁ ତୋ ଗାଡ଼ିରେ ଟିକେ ବସିକି ଯିବି। ସେତେବେଳେ ତା' ପାଇଁ ଆଉ ଗୋଟାଏ ହେଲମେଟ କେଉଁଠୁ ଆସିବ ?

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆଖି ବନ୍ଦ ସମୟରେ ସ୍ୱପ୍ନ ତ ନିଶ୍ଚିତ ଆସେ। କିନ୍ତୁ ଏହି ସ୍ୱପ୍ନକୁ ପୂରା କରିବା ପାଇଁ ଆଖିର ଆବଶ୍ୟକତା ଢେର୍ ଅଧିକ। ଆଖି ନ ଥାଇ ସ୍ୱପ୍ନକୁ ସାକାର କରିଛନ୍ତି ଜଣେ ଦିବ୍ୟାଙ୍ଗ ବାଳକ। ତାଙ୍କର ଚକ୍ଷୁ ନ ଥାଇ ମଧ ୩୦ ମିନିଟ୍‌ରେ ୬୦୦ ମିଟର ନଦୀ ପାର୍ ହେବାରେ ସେ ସକ୍ଷମ ହୋଇଛନ୍ତି। ୬ଷ୍ଠ ଶ୍ରେଣୀରେ ପଢୁଥିବା ଦିବ୍ୟାଙ୍ଗ ଆର୍. ମନୋଜ ମଙ୍ଗଳବାର ମାତ୍ର ୩୦ ମିନିଟ୍‌ରେ ୬୦୦ ମିଟରର ଏକ ନଦୀ ପାରିହୋଇ ରେକର୍ଡ ସୃଷ୍ଟି କରିଛନ୍ତି।



# ପ୍ଲାଷ୍ଟିକ ପ୍ରେମରେ ବୌଦ୍ଧ ଭିକ୍ଷୁ

## ବର୍ଜ୍ୟରୁ ପବିତ୍ର ବସ୍ତ୍ର

**ବ୍ୟାଙ୍କକ୍:** କେଇ ଦଶନ୍ଧି ଧରି ଜରୁରୀ ବ୍ୟବହାର୍ଯ୍ୟ ସାମଗ୍ରୀ ପାଲଟିଥିବା ପ୍ଲାଷ୍ଟିକ୍ ଏବେ ପରିବେଶ ପାଇଁ ସାଜିଛି ଭସ୍ମାସୁର। ସିଙ୍ଗଲ ୟୁଜ୍‌ଡ (ଥରେ ବ୍ୟବହାର ଉପଯୋଗୀ) ପ୍ଲାଷ୍ଟିକର ସୁପରିଚାଳନା, ପୁନଃଚକ୍ରଣ ଏବେ ସାରା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଛି। ଏଥିରୁ ମୁକୁଳିବାକୁ ଅନେକ ଦେଶ ପ୍ଲାଷ୍ଟିକଜାତ ସାମଗ୍ରୀକୁ ବ୍ୟାନ୍ କରିସାରିଲେଣି। ହେଲେ ଥାଇଲାଣ୍ଡର ବୌଦ୍ଧ ଭିକ୍ଷୁମାନେ ଦାନ ସୂତ୍ରରେ ଗ୍ରହଣ କରୁଛନ୍ତି ବର୍ଜ୍ୟ ପ୍ଲାଷ୍ଟିକ୍। ସବୁଠାରୁ ରୋଚକ କଥା ରେଶମ, ପଶମ ଭଳି ପ୍ଲାଷ୍ଟିକ୍‌ରୁ ବାହାରୁଛି ସୂତା। ଏଥିରୁ ବୌଦ୍ଧ ଭିକ୍ଷୁଙ୍କ ପାଇଁ ପ୍ରସ୍ତୁତ ହେଉଛି ପବିତ୍ର ପୋଷାକ। ବର୍ଜ୍ୟରୁ ବସ୍ତ୍ର ତିଆରି କରି ଭିନ୍ନ ଉଦାହରଣ ସୃଷ୍ଟି କରିଛି 'ୱାଟ ଚକ୍ ଡାଏଙ୍ଗ' ବୌଦ୍ଧ ମନ୍ଦିର।

ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ଠାରୁ ମାତ୍ର ୩୦ କିମି ଦୂରରେ ରହିଛି 'ୱାଟ ଚକ୍ ଡାଏଙ୍ଗ' ବୌଦ୍ଧ ବିହାର। ଏଠାକାର ଭିକ୍ଷୁମାନେ ଧର୍ମ ଚର୍ଚ୍ଚାଠାରୁ ପରିବେଶ ସୁରକ୍ଷା ଉପରେ ବେଶି ଧ୍ୟାନ କେନ୍ଦ୍ରୀଭୂତ କରୁଛନ୍ତି। ମନ୍ଦିରର ଦୈନନ୍ଦିନ ନୀତିରେ ସାମିଲ ହୋଇଛି ପରିବେଶ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ। ସାରା ଦୁନିଆରେ ରହୁଥିବା ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇବା ଦିଗରେ



କାର୍ଯ୍ୟ କରୁଛି 'ୱାଟ ଚକ୍ ଡାଏଙ୍ଗ'। ଏହାର ଅଧିକ ପ୍ରଚାର ପ୍ରସାର କରିବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଠାକୁ ଆମନ୍ତ୍ରିତ ହୋଇ ଆସୁଛନ୍ତି ସେଲିବ୍ରିଟି, ଏନ୍‌ଜିଓର କର୍ମକର୍ତ୍ତା। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଦାନ ସୂତ୍ରରେ ଟଙ୍କା ସମେତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଦେଇଥାନ୍ତି। ଏହି ସମୟରେ ଥାଳି ଧରି ବୌଦ୍ଧ ଭିକ୍ଷୁମାନେ ମାଗିଥାନ୍ତି ପ୍ଲାଷ୍ଟିକ୍ ନିର୍ମିତ ବର୍ଜ୍ୟ ସାମଗ୍ରୀ।

ମନ୍ଦିରର ୫୬ ବର୍ଷୀୟ ଭିକ୍ଷୁ ଫ୍ରା ଟିପାକୋର୍ନ ଏରିୟୋ କୁହନ୍ତି, ପ୍ଲାଷ୍ଟିକରୁ ସୂତା ବାହାର କରି ଭିକ୍ଷୁଙ୍କ ଲାଗି ଗେରୁଆ ରଙ୍ଗର ବସ୍ତ୍ର ବୁଣାଯାଉଛି। ଧର୍ମୀୟ ଭାବନା ସହ ଜଡ଼ିତ ଥିବାରୁ ପ୍ଲାଷ୍ଟିକ୍ ଦାନ ପାଇଁ ଲୋକେ ଆଗ୍ରହୀ ହେଉଛନ୍ତି। ଅଦ୍ୟାବଧି ୪୦ ଟନ ପ୍ଲାଷ୍ଟିକ୍ ରିସାଇକେଲ କରା ସରିଲାଣି। ୩ବର୍ଷ ତଳେ ମନ୍ଦିରକୁ ଆସିଥିବା ଜଣେ ବ୍ୟକ୍ତି ନିଜେ ପିନ୍ଧିଥିବା ପୋଷାକ ଦେଖାଇଥିଲେ, ଯାହା ପ୍ଲାଷ୍ଟିକ୍ ସୂତାରେ ନିର୍ମିତ ହୋଇଥିଲା। ଏହାପରେ ଏପରି ମହତ୍ ବିଚାରକୁ କାର୍ଯ୍ୟକାରୀ କରିବା ଭାବନା ମନକୁ ଜୁଟିଥିଲା। ଏଥିଲାଗି ମନ୍ଦିରରେ ବିଶାଳକାୟ ରିସାଇକ୍ଲିଂ ମେଶିନ ସ୍ଥାପନ କରାଯାଇଛି, ଯେଉଁଥିରୁ ଖୁବ୍ ସହଜରେ ପ୍ଲାଷ୍ଟିକ୍‌ରୁ ସୂତା ବାହାର କରାଯାଇପାରୁଛି। ଏହାକୁ ସିଲାଇ କରିବା ଲାଗି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତ କରାଯାଇଛି। ବିଭିନ୍ନ କମ୍ପାନୀ ସହିତ ମିଶି ପେନ୍‌ସିଲଠାରୁ ଆରମ୍ଭ କରି ନୌକା, ସେଡ୍ ମଧ୍ୟ ପ୍ରସ୍ତୁତ କରାଯାଉଛି। ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସି ପ୍ଲାଷ୍ଟିକ୍ ପରିଚାଳନା ସମ୍ପର୍କରେ ବହୁ କଥା ଜାଣିବାକୁ ଆଗ୍ରହୀ ହେଉଛନ୍ତି।

# ଦାରିଦ୍ର୍ୟ ହଟାଇବ ସାମାଜିକ ନ୍ୟାୟ

## ବିଶ୍ୱ ସାମାଜିକ ନ୍ୟାୟ ଦିବସ

ପ୍ରତିବର୍ଷ ଫେବୃୟାରୀ ୨୦ରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ କରାଯାଉଛି। ବିଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରି,ମାନବାଧିକାର ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ମଣିଷ ମଣିଷ ଭିତରେ ଏପରି କି ଦେଶ ଦେଶ ମଧ୍ୟରେ ଶାନ୍ତି, ସହାବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ବୟସ, ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ସାମାଜିକ ବାଧାକୁ ହଟାଇ ଦେବା ଦ୍ୱାରା ଆମେ ସହଜରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ଏଥିପାଇଁ ୨୬ ନଭେମ୍ବର,୨୦୦୭ରେ ଜାତିସଂଘ ସାଧାରଣ ପରିଷଦ ୨୦ ଫେବୃୟାରୀକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିବାପରେ ୨୦୦୯ରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ଏକ ନିଷ୍ପକ୍ଷ ଜଗତୀକରଣ ପାଇଁ ସାମାଜିକ ନ୍ୟାୟ ଉପରେ କରାଯାଇଥିବା ଘୋଷଣାନାମାକୁ ଆନ୍ତର୍ଜାତିକ ଶ୍ରମ ସଂଘ( ଆଇଏଲ୍‌ଓ) ଗ୍ରହଣ କରିବା ଦ୍ୱାରା ସାମାଜିକ ନ୍ୟାୟ ପ୍ରତି ଜାତିସଂଘର ପ୍ରତିବଦ୍ଧତା ପ୍ରତିପାଦିତ ହୋଇଛି। ଏହି ଘୋଷଣାନାମା ୧୦ ଜୁନ୍,୨୦୦୮ରେ କରାଯାଇଥିଲା। ସମସ୍ତଙ୍କ ପାଇଁ ନିଯୁକ୍ତି, ସାମାଜିକ ସୁରକ୍ଷା, ସାମାଜିକ ବକ୍ତବ୍ୟ ଏବଂ ମୌଳିକ ନୀତି ଓ ଅଧିକାର ଉପରେ ଏହା ଗୁରୁତ୍ୱ ଦିଏ। ପୂର୍ବରୁ ଆଇଏଲ୍‌ଓ ଦ୍ୱାରା ୧୯୪୪ ଏବଂ ୧୯୯୮ରେ ଦୁଇଟି ଘୋଷଣା କରାଯାଇଥିଲେ ମଧ ୨୦୦୮ ଘୋଷଣାନାମା ଜଗତୀକରଣ ଯୁଗରେ ଏକ ନୂଆ ଦିଶା ଦେଖାଇଛି। ଏକ ଜଟିଳ ରାଜନୈତିକ ଅଭିଯାନ ଦ୍ୱାରା ଏହା ସମ୍ଭବ ହୋଇଥିଲା ଓ ଏଥିପାଇଁ ଏକ ବିସ୍ତୃତ ସହମତି ପ୍ରକାଶ ପାଇଥିଲା। ବିଶ୍ୱରେ ୨୦୦୮ ପରେ ନିଯୁକ୍ତି ହାର ବାର୍ଷିକ ୦.୧ ପ୍ରତିଶତ ବୃଦ୍ଧି ପାଉଛି। ଏହା ୨୦୦୦ରୁ ୨୦୦୭ ମଧ୍ୟରେ ଥିଲା ୦.୯ ପ୍ରତିଶତ। ଏବେ ସୁଦ୍ଧା ୬୦ ପ୍ରତିଶତ ଶ୍ରମିକଙ୍କ ପାଖରେ କୌଣସି ପ୍ରକାର କାମ ଉପଲବ୍ଧ ହୋଇପାରିନି। ୪୫ ପ୍ରତିଶତରୁ ସାମାନ୍ୟ ଅଧିକ ଶ୍ରମିକ ସ୍ଥାୟୀ ଓ ପୂରା ଦରମା



ପାଉଛନ୍ତି ଏବଂ ଏହା ମଧ ହ୍ରାସ ପାଇବାରେ ଲାଗିଛି। ନିଯୁକ୍ତି ପାଇବା ଯୋଗ୍ୟ ବୟସରେ ୨୦୧୮ରେ ୨୦୧ ମିଲିୟନ ଲୋକ କାମ ପାଇ ନ ଥିବାବେଳେ ୨୦୧୯ରେ ୨୧୨ ମିଲିୟନ ଲୋକ କାମ ନ ପାଇ ରହିଛନ୍ତି। ଏଣୁ ୨୦୩୦ ସୁଦ୍ଧା ୬୦୦ ମିଲିୟନ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସାମାଜିକ ନ୍ୟାୟ ଦ୍ୱାରା ଏହା ସମ୍ଭବ ହୋଇପାରିବ। ବିଶ୍ୱରେ ୫ ଜଣରେ ଜଣେ ଶ୍ରମିକ ଏବେ ଘୋର ଦାରିଦ୍ର୍ୟ ମଧ୍ୟରେ ବଞ୍ଚୁଛନ୍ତି। ଏଣୁ ୨୦୨୦ରେ ଏହି ଦିବସର ସ୍ଲୋଗାନ୍ ରହିଛି ' ସାମାଜିକ ନ୍ୟାୟ ପାଇବା ପାଇଁ ଅସମାନତା ଦୂର କରିବା'। ଗରିବମାନେ ଅର୍ଥନୈତିକ ବିକାଶରୁ ସମାନ ଭାବେ ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି। ଦେଶ– ଦେଶ ଓ ମଣିଷ –ମଣିଷଙ୍କ ଭିତରେ ଥିବା ଅସମାନତା ସାମାଜିକ ଏକତା ଦୁର୍ବଳ କରିବାରେ ଲାଗିଛି। ଏହା ସେମାନଙ୍କୁ ସେମାନଙ୍କ ଅଧିକାର ପାଇବାରେ ବାଧା ସୃଷ୍ଟି କରୁଛି ଓ ଅର୍ଥନୀତି ଉପରେ ମଧ ବୋଝ ପାଲଟୁଛି। ଏଣୁ ଅସମାନତା ଦୂର କରି ସାମାଜିକ ନ୍ୟାୟ ପ୍ରତିଷ୍ଠା କରାଯାଇପାରିଲେ ଦାରିଦ୍ର୍ୟ ହଟିଯିବ। ତା' ପାଇଁ ସମୟ ଏବେ ଉପନୀତ। ବିଶ୍ୱର ବିକାଶ ଓ ମାନବିକତାର ପ୍ରତିଷ୍ଠା ପାଇଁ ବିଶ୍ୱ ସମୁଦାୟ ଯତ୍ନବାନ୍ ହେବା ଦରକାର।

# ମା' ହେବାକୁ ୧୫ କିଲୋ ଓଜନ ବଢ଼ାଇଲେ କ୍ରିତି




**ମୁମ୍ବାଇ:** ସୋସିଆଲ ମିଡିଆରେ ଭାଇରାଲ ହେଉଛି ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍‌ଙ୍କ ଫଟୋ। ଏମିତିରେ ବି–ଟାଉନ ତାରକାଙ୍କ ଫଟୋ ଭାଇରାଲ ହେବା କିଛି ନୂଆ କଥା ନୁହେଁ। ତେବେ ଚର୍ଚ୍ଚାର କାରଣ ଫଟୋରେ କ୍ରିତିଙ୍କ ବେବି ବମ୍ପ୍ ଦେଖିବାକୁ ମିଳିଛି। ଆପଣ ଦ୍ୱନ୍ଦ୍ୱରେ ପଡ଼ିଗଲେ କି? ତେବେ କ୍ରିତିଙ୍କ ଏହି ବେବି ବମ୍ପ୍‌ର ରହସ୍ୟ ଆମେ ଆପଣଙ୍କୁ କହିଦେଉଛୁ।

ବଲିଉଡ୍ ଫିଲ୍ମ 'ବରେଲୀ କି ବର୍ଫି', 'ଲୁକା ଛିପି', 'ହାଉସ୍‌ଫୁଲ–୪' ଆଦିରେ ବବ୍‌ଲି ଝିଅ ଭୂମିକାରେ ନଜରକୁ ଆସିଥିବା କ୍ରିତିଙ୍କୁ ପ୍ରଥମଥର ପାଇଁ ମା'ଭୂମିକାରେ ଦେଖିବାକୁ ମିଳିବ। ଲକ୍ଷ୍ମଣ ଉତେକରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ମିମି'ରେ ସେ 'ସରୋଗେଟ୍ ମଦର' ଭୂମିକାରେ ନଜରକୁ ଆସିବେ। ଏହି ପରିପ୍ରେକ୍ଷୀରେ ଶୁଟିଂ ସେଟ୍‌ରୁ କ୍ରିତିଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

କ୍ରିତିଙ୍କ ଫ୍ୟାନ୍ ପେଜ୍ ହ୍ୟାଣ୍ଡେଲ ଟୁଇଟର୍‌ରେ ଫଟୋଟି ଶେୟାର କରିବା ପରେ ଫିଲ୍ମକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେବେ ଶୁଟିଂ କରିବା ସମୟର ଏହି ଫଟୋ ବୋଲି କ୍ୟାପ୍‌ଶନରେ କୁହାଯାଇଛି। ଏଥିରେ କ୍ରିତିଙ୍କ ବେବି ବମ୍ପ୍ ସ୍ପଷ୍ଟ ଜଣାପଡୁଛି। ତେବେ ପରଦାରେ ମା' ହେବାକୁ ଅର୍ଥାତ୍ ଏଭଳି ଏକ ଚ୍ୟାଲେଞ୍ଜିଂ ଚରିତ୍ରରେ ଅଭିନୟ କରିବାକୁ ସେ ୧୫ କିଲୋ ଓଜନ ବଢ଼ାଇଥିବା କୁହାଯାଉଛି। ଏହା ପୂର୍ବରୁ ମଧ ଫିଲ୍ମ 'ମିମି' ଚର୍ଚ୍ଚାରେ ରହିଆସିଛି। ରାଜସ୍ଥାନର ଚୁରୁଠାରେ ପ୍ରଥମେ ଫିଲ୍ମର ଶୁଟିଂ ଚାଲିଥିଲା। ହେଲେ ଫିଲ୍ମ ଶୁଟିଂ ପାଇଁ ପୂର୍ବରୁ ଅନୁମତି ନିଆଯାଇ ନ ଥିବାରୁ ପୋଲିସ ଶୁଟିଂ ଅଟକାଇ ଦେଇଥିଲା।

କ୍ରିତିସାନନ୍‌ଙ୍କ ଅଭିନୀତ ଫିଲ୍ମ 'ମିମି' ହେଉଛି ୨୦୧୧ରେ ରିଲିଜ୍ ହୋଇଥିବା ମରାଠୀ ଫିଲ୍ମ 'ମାଲା ଆଇ ହ୍ୱାୟଚୈ'ର ହିନ୍ଦୀ ଭର୍ସନ। ଫିଲ୍ମଟି ନ୍ୟାଶ୍‌ନାଲ ଆୱାର୍ଡ ହାସଲ କରିଥିଲା। ଏଭଳି ଏକ ଚ୍ୟାଲେଞ୍ଜିଂ ଫିଲ୍ମରେ ଅଭିନୟ କରିବାର ସୁଯୋଗ ପାଇଥିବାରୁ କ୍ରିତି ଖୁବ୍ ଉତ୍ସାହିତ ଅଛନ୍ତି। ତାଙ୍କ କ୍ୟାରିୟର୍‌ର ଏହା ସବୁଠାରୁ ଭଲ୍ ସ୍କ୍ରିପ୍ଟ ବୋଲି ସେ କହିଛନ୍ତି। ଫିଲ୍ମରେ କ୍ରିତିଙ୍କ୍ ବ୍ୟତୀତ ପଙ୍କଜ ତ୍ରିପାଠୀ, ସୁପ୍ରିୟା ପାଠକ ଏବଂ ମନୋଜ ପାହୱାଙ୍କ ଭଳି ଅଭିଜ୍ଞ କଳାକାରଙ୍କୁ ଦେଖିବାକୁ ମିଳିବ। ଜୁଲାଇରେ ଏହାକୁ ରିଲିଜ୍ କରିବାକୁ ଯୋଜନା ରହିଛି।

# ମନ୍ଦିରରେ ଝିଅ ବାହାକଲେ ମୁସ୍‌ଲିମ୍ ଦମ୍ପତି

**କାସାରଗଡ଼:** କେରଳରେ ଏକ ମୁସ୍‌ଲିମ୍ ପରିବାର ଝିଅର ବିବାହ ହିନ୍ଦୁ ପରମ୍ପରା ଅନୁଯାୟୀ କରାଇ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। କାସାରଗଡ଼ ଜିଲାର କହ୍ନାଂଗଡ଼ ଭଗବତୀ ମନ୍ଦିରରେ ରାଜେଶ୍ୱରୀଙ୍କ ବିବାହ ବିଷ୍ଣୁପ୍ରସାଦ ନାମକ ଯୁବକଙ୍କ ସହ ଅନୁଷ୍ଠିତ ହୋଇଯାଇଛି। ମୁସ୍‌ଲିମ୍ ଦମ୍ପତିଙ୍କ କହିବା ହେଲା, ରାଜେଶ୍ୱରୀଙ୍କ ବାପା ମୁସ୍‌ଲିମ୍ ଦମ୍ପତିଙ୍କ ଘରେ ଏବଂ ଫାର୍ମରେ କାମ କରୁଥିଲେ। ହେଲେ ରାଜେଶ୍ୱରୀଙ୍କୁ ଯେତେବେଳେ ୭ ବର୍ଷ ହୋଇଥିଲା, ତାଙ୍କ ମା'ବାପାଙ୍କ ମୃତ୍ୟୁ ଘଟିଥିଲା। ଏହା ପରଠାରୁ ମୁସ୍‌ଲିମ୍ ଦମ୍ପତି ରାଜେଶ୍ୱରୀଙ୍କୁ ଘରେ ରଖି ପାଳିଥିଲେ। ନିଜ ୩ ପୁଅଙ୍କ ଭଳି ତାଙ୍କୁ ମଧ ସମାନ ସ୍ନେହ ଦେଇଥିଲେ। ଇତିମଧ୍ୟରେ ଝିଅକୁ ୨୨ ବର୍ଷ ହୋଇଥିବାବେଳେ ପରିବାର ଲୋକେ ତାଙ୍କ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ଲ୍ୟାବ୍ ଟେକ୍ନିସିଆନ୍‌ଭାବେ କାମ କରୁଥିବା ବିଷ୍ଣୁ ପ୍ରସାଦଙ୍କ ସହ ଝିଅର ବିବାହ ଠିକ୍ କରିଥିଲେ।



ବର ଘର ଲୋକେ ମନ୍ଦିରରେ ବିବାହ ପାଇଁ ଇଚ୍ଛାପ୍ରକାଶ କରିବାରୁ ଉଭୟ ପରିବାରର ଉପସ୍ଥିତିରେ ମନ୍ଦିରରେ ବିବାହ ଅନୁଷ୍ଠିତ ହୋଇଛି। ରାଜେଶ୍ୱରୀଙ୍କୁ ପାଳିଥିବା ମୁସ୍‌ଲିମ୍ ପରିବାର ବିବାହ ବେଦିଠାରୁ ଦୂରରେ ରହିଥିଲେ ମଧ ବିବାହ ସମୟରେ ବରଙ୍କ ପରିବାର ଲୋକେ ସେମାନଙ୍କୁ କନ୍ୟା–ବରଙ୍କ ନିକଟକୁ ସ୍ୱାଗତ କରିଥିଲେ। ବିବାହ ପରେ ରାଜେଶ୍ୱରୀ ଏବଂ ତାଙ୍କ ସ୍ୱାମୀ ପାଳିଥିବା ମା'ବାପାଙ୍କ ପାଦ ଛୁଇଁ ଆଶୀର୍ବାଦ ମଧ ନେଇଥିଲେ। ଏଭଳି ଏକ ନିଆରା ବିବାହକୁ ଅନେକ ଲୋକ ପସନ୍ଦ କରିବା ସହ ସାମ୍ପ୍ରଦାୟିକ ସଦ୍‌ଭାବର ଏହା ଏକ ନିଚ୍ଛକ ନମୁନା ବୋଲି ମତପ୍ରକାଶ ପାଇଛି।

# ନିଲାମ ହେବ ଆଇନ୍‌ଷ୍ଟାଇନଙ୍କ ପିଲାଦିନର ଖେଳନା

**ନ୍ୟୁୟର୍କ:** ଆଲ୍‌ବର୍ଟ ଆଇନ୍‌ଷ୍ଟାଇନଙ୍କ ପିଲାଦିନର ପ୍ରିୟ ଖେଳନା ମୋଜାଇକ୍ ପର୍ଲ ଗେମ୍ ଆସନ୍ତା ମାସରେ ନିଲାମ ହେବ। ଏହା ୬୦ ହଜାର ଡଲାର ଅର୍ଥାତ୍ ୪୨.୯୨ ଲକ୍ଷ ଟଙ୍କାରେ ନିଲାମ ହେବ। ଏହି ଖେଳନାରେ ୫୨୦ଟି ରଙ୍ଗୀନ ମୋତି ଏବଂ ଛୋଟ ବଲ୍ ରହିଛି। ଯାହା ପାର୍ଟନ ତିଆରି କରିବାରେ ପାଞ୍ଚଟି ହୋଲ୍ ଫ୍ରେମ୍‌ରେ ରଖାଯାଇଛି। ବିକ୍ରେତା ବୋହ୍ନମ୍ସ ନ୍ୟୁୟର୍କରେ କହିଛନ୍ତି, ଆଇନ୍‌ଷ୍ଟାଇନଙ୍କ ଏହି ଖେଳନା ଦୁର୍ଲଭ ଅଟେ। ଏହା ଯୁବପିଢ଼ିଙ୍କ ପାଇଁ ବହୁ ଜରୁରୀ। ଏହାର ଆକାର ୭.୩ ମିଟର ଏବଂ ଚଉଡ଼ା ୧.୫ ମିଟର। ୬ ମାର୍ଚ୍ଚରେ ଏହା ବିକ୍ରି ହେବ। ଏକ ରିପୋର୍ଟରୁ ପ୍ରକାଶ, ଏହାକୁ ଆଇନ୍‌ଷ୍ଟାଇନ୍ ନିଜ ପାଖରେ ଶେଷ ଜୀବନ ପର୍ଯ୍ୟନ୍ତ ରଖିଥିଲେ। ତାଙ୍କ ନିଧନ ସମୟରେ ଏହାକୁ ଉପହାର ସଦୃଶ ଦିଆଯାଇଥିଲା। ପିଲାଦିନେ ଆଇନ୍‌ଷ୍ଟାଇନ ଏହି ଖେଳ ଖେଳିବାକୁ ବହୁ ପସନ୍ଦ କରୁଥିଲେ ବୋଲି




ତାଙ୍କ ଭଉଣୀ ମେଜା ଏପ୍‌ସିଷ୍ଟିନ୍ ଏକ ସାକ୍ଷାତକାରରେ କହିଛନ୍ତି। ଏହି ଖେଳରେ ଅଧିକ ପଜଲ୍ ବା ପହଳିକା, ବିଲ୍ଡିଂ ବ୍ଲକ୍‌ସ ଆଦି ରହିଛି। ଏହି ଖେଳନା ଗୋଟିଏ ବର୍ଷ ସଂଗ୍ରହାଳୟରେ ଥିଲା। ୧୯୫୫ ଏପ୍ରିଲ ୧୮ରେ ତାଙ୍କ ମୃତ୍ୟୁ ପରେ ଜଣେ ବନ୍ଧୁଙ୍କୁ ଏହା ଉପହାର ସଦୃଶ ଦିଆଯାଇଥିଲା। ଆଲବର୍ଟ ଆଇନ୍‌ଷ୍ଟାଇନ ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକଙ୍କ ମଧ୍ୟରୁ ଅନ୍ୟତମ। ୧୮୭୯ ମାର୍ଚ୍ଚ ୧୪ରେ ଜର୍ମାନୀରେ ତାଙ୍କର ଜନ୍ମ ହୋଇଥିଲା। ୧୯୧୬ରେ ଆଇନ୍‌ଷ୍ଟାଇନଙ୍କ 'ଜେନେରାଲ ଥିଓରୀ ଅଫ୍ ରିଲେଟିଭିଟି'ରେ ଏହା ପ୍ରକାଶପାଇଥିଲା। ମାତ୍ର ୨୬ବର୍ଷବୟସରେ ଆଇନ୍‌ଷ୍ଟାଇନ ଏହି ବହି ଲେଖିଥିଲେ। ଏଥିପାଇଁ ତାଙ୍କୁ ୧୯୨୧ରେ ଗ୍ଲୋବାଲ ପୁରସ୍କାର ମିଳିଥିଲା। ପିଲାଦିନେ ଖେଳ ଏବଂ ସଂଗୀତରେ ଆଇନ୍‌ଷ୍ଟାଇନଙ୍କ ଅଧିକ ରୁଚି ଥିଲା।

# ଶ୍ରାଦ୍ଧବାର୍ଷିକୀରେ ପ୍ରସ୍ତୁତ ହେଲା ମୃତଦେହ ଭଳି କେକ୍

**ମାଡ୍ରିଡ୍:** ବିଶ୍ୱର କେତେକ ଦେଶରେ ଲୋକଙ୍କ ଖାଦ୍ୟ–ପାନୀୟ ମଧ ଭିନ୍ନ ହୋଇଥାଏ। ଜୀବନ ଜିଇଁବାଠାରୁ ଆରମ୍ଭ କରି ମରଣ ପର୍ଯ୍ୟନ୍ତ ସବୁ ଧର୍ମର ପ୍ରଥା ପରମ୍ପରା ଅଲଗା ହୋଇଥାଏ। ପରିବର୍ତ୍ତିତ ସମାଜରେ ଲୋକଙ୍କ ରହିବା ଢ଼ଙ୍ଗ ବଦଳୁଛି। ଏଥିସହ ନିଜ ଲୋକଙ୍କ ପ୍ରତି ଥିବା ପ୍ରେମ, ସ୍ନେହକୁ ଜାହିର କରିବା ପାଇଁ ଲୋକେ ନିଆରା ଅନ୍ଦାଜ୍ ମଧ ଆପଣାଉଥିବା ଦେଖିବାକୁ ମିଳେ। ସୋସିଆଲ ମିଡିଆରେ ଏକ ଚକିତ କରିଦେବା ଭଳି ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଜଣେ ବ୍ୟକ୍ତିଙ୍କ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ଭଳି ଦେଖାଯାଉଥିବା ଏକ କେକ୍ ତିଆରି କରାଯାଇଥିଲା। ମୃତକ ବ୍ୟକ୍ତିଙ୍କ ପ୍ରତି ଥିବା ପ୍ରେମ ଓ ଭାବାବେଗକୁ ଦେଖାଇବା ପାଇଁ ପରିବାରବର୍ଗ ଓ ସମ୍ପର୍କୀୟ ଉକ୍ତ ବ୍ୟକ୍ତିଙ୍କ ଭଳି ଉଚ୍ଚ ଓ ଲମ୍ବାର କେକ୍ ତିଆରି କରିଥିଲେ। ପ୍ରଥମେ ଏହାକୁ ଦେଖିଲେ ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବେ। କିନ୍ତୁ କିଛି ସମୟ ନିରିଖି ଦେଖିଲେ ଏହା କେକ୍ ବୋଲି ଜଣାପଡ଼ିବ। ଭିଡିଓଟିରେ ଜଣେ ମୃତବ୍ୟକ୍ତିଙ୍କୁ ଟେବୁଲରେ ରଖାଯାଇଥିବା ଭଳି ଦେଖାଯାଉଥିବା ବେଳେ କିଛି ସମୟ ପରେ କେତେକ ଛୋଟ ପିଲା ଏହାକୁ କାଟି ଖାଉଥିବାର ଦେଖିବାକୁ ମିଳିଛି। ଏହାପରେ ସେଠାରେ ଉପସ୍ଥିତ ଥିବା ଅନ୍ୟଲୋକ ମଧ ଉକ୍ତ କେକ୍‌କୁ କାଟି ଖାଇଥିଲେ। ଏହି ଭିଡିଓଟି ସ୍ପେନ୍‌ର କୁହାଯାଉଥିବା ବେଳେ ଏହା ଏବେ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଏହି ଭିଡିଓକୁ ଏପର୍ଯ୍ୟନ୍ତ ୧ ବିଲିଅନରୁ ଊର୍ଦ୍ଧ୍ୱ ୟୁଜର୍ସ ଦେଖିଥିବା ବେଳେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



# ଫିଲ୍ମ '୮୩'ରେ ଦୀପିକାଙ୍କ ପ୍ରଥମ ଫଟୋ ଜାରି

**ମୁମ୍ବାଇ:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ୧୯୮୩ ମସିହା ବିଶ୍ୱକପ ବିଜେତା କପିଲ ଦେବଙ୍କ ଉପରେ ନିର୍ମାଣ ହୋଇଛି ଫିଲ୍ମ '୮୩'। ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ ରଣବୀର ସିଂହ। ଏହି ଫିଲ୍ମର ଗୋଟିଏ ପରେ ଗୋଟିଏ କଳାକାରଙ୍କ ନାମ ସାମ୍ନାକୁ ଆସିବାରେ ଲାଗିଛି। ଚଳଚ୍ଚିତ୍ରରେ ଦୀପିକା ପାଦୁକୋନ କପିଲ ଦେବଙ୍କ ସ୍ତ୍ରୀ ରୋମି ଦେବଙ୍କ ଚରିତ୍ରରେ ନଜର ଆସିବେ। ଫିଲ୍ମରେ ଦୀପିକାଙ୍କ ପ୍ରଥମ ଫଟୋ ଜାରି କରାଯାଇଛି। କବୀର ଖାନଙ୍କ ନିର୍ଦ୍ଦେଶିତ '୮୩' ଚଳଚ୍ଚିତ୍ର ୧୯୮୩ରେ କ୍ରିକେଟ ବିଶ୍ୱକପରେ ଭାରତର ବିଜୟ ଉପରେ ଆଧାରିତ। ବିବାହ ପରେ ରଣବୀର ଏବଂ ଦୀପିକା ପ୍ରଥମଥର ପାଇଁ ଫିଲ୍ମରେ ଏକାଠି ନଜର ଆସିବେ। ଏହି ଯୋଡିକୁ ଅନ୍‌ସ୍କ୍ରିନ ଦେଖିବା ପାଇଁ ଦର୍ଶକଙ୍କ ଉତ୍ସୁକତା ବଢିବାରେ ଲାଗିଛି। ଫିଲ୍ମଟି ଚଳିତବର୍ଷ ଏପ୍ରିଲ ୧୦ ରିଲିଜ ହେବ ବୋଲି ଜଣାପଡିଛି।





ଜାତି ଓ ମାତୃଭୂମିର ଉନ୍ନତି ବିନା ଦେଶର ଉନ୍ନତି ଅସମ୍ଭବ।

- ବିଜୁ ପଟ୍ଟନାୟକ



## ସଂକ୍ଷେପରେ

### ଲିଙ୍ଗରାଜ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବାଲିଅନ୍ତା,୧୯।୨(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଗଡ଼-ନହରକଣ୍ଟା ଗ୍ରାମର ବିଶ୍ୱବିଜୟୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଫ୍ଲଡଲାଇଟ୍ ୮ମ ବାର୍ଷିକ ଲିଙ୍ଗରାଜ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ପପକନ୍ କିଲର ଚାମ୍ପିୟନ ହୋଇଥିବା ବେଳେ କଟକର ରକ୍‌ଷ୍ଟାର ରନର୍ସ ଅପ ହୋଇଥିଲା। ସେହିପରି ଥ୍ରୋବଲ କ୍ରିକେଟ ପ୍ରତିଯୋଗିତାରେ ନହରକଣ୍ଟାର ଫାଇଟର ଇଲେଭେନ ଚାମ୍ପିୟନ ହୋଇଥିବା ବେଳେ ପାଣ୍ଡରାର ମା' ଦୁଲାଦେଇ କ୍ରିକେଟ ଟିମ୍ ରନର୍ସ ଅପ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପାତ୍ର, ରୁଦ୍ର ସାମନ୍ତରାୟ, ସାଇବାଲ କୁମାର ମିତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

### ବନ୍ୟଜନ୍ତୁ ସୁରକ୍ଷା ସଚେତନତା ଶିବିର

**କୃଷ୍ଣପ୍ରସାଦ,୧୯।୨(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବୁଦ୍ଧିବର ପରିସରରେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବନ୍ୟଜନ୍ତୁ ସୁରକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରମ୍ଭା ବନାଞ୍ଚଳ ଅଧିକାରୀ ନଗେନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ଶିବିରରେ ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ପ୍ରଦୀପ କୁମାର ଦାସ, ସାମାଜିକ କର୍ମୀ ସାମନ୍ତ ନିର୍ମଳ କୁମାର ରଣସିଂହ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ବୁଦ୍ଧିବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ସେଠୀ, ବୁଦ୍ଧିବର ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାଗୀରଥି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବନ୍ୟପ୍ରାଣୀ ଏବଂ ବନ୍ୟଜନ୍ତୁମାନଙ୍କର କିଭଳି ସୁରକ୍ଷା ଦିଆଯାଇ ପାରିବ ସେ ଦିଗରେ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ରେଞ୍ଜର ରମେଶ କୁମାର ଜାନି, ପିଟିଶାଳ ବନପାଳ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବୁଦ୍ଧିବର ଗ୍ରାମ୍ୟ କମିଟିର ପ୍ରମୁଖ କର୍ମକର୍ତ୍ତା, ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ସମେତ ଯୁବକ ସଙ୍ଗଠନ ଅଂଶଗ୍ରହଣ କରିଥିଲେ।

### ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ସମ୍ପନ୍ନ

**ନିରାକାରପୁର, ୧୯।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନନପଡା ଗାଁସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ଶେଷ ହୋଇଛି। ନବ ନିର୍ମିତ ୫୪ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରର ରତ୍ନଗର୍ଭରେ ୫୦ବସ୍ତା ଶୁକ୍ଲ ଧାନ, ସୁବର୍ଣ୍ଣ, ମୁଦ୍ରା, ଅନ୍ୟ ଧାତୁ ସହ ରତ୍ନମୁଦ ସମ୍ପନ୍ନ ହୋଇଥିଲା। ଏହି ଉପଲକ୍ଷେ ଏକ ଯଜ୍ଞର କାର୍ଯ୍ୟକ୍ରମ ହୋଇଥିଲା। ହରିବୋଲ ହୁଳହୁଳି, ନଗର ସଂକୀର୍ତ୍ତନ ସହ ବେଦ ଧ୍ୱନୀରେ ମନ୍ଦିର ପରିବେଶ ଉତ୍ସବ ମୁଖରୀତ ହୋଇଉଠିଥିଲା। ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ରାମକୃଷ୍ଣ ପଟ୍ଟନାୟକ, ମୀନକେତନ ବେହେରା, ସୁରେନ୍ଦ୍ରନାଥ ସାହୁ, ସତ୍ୟବାଦୀ ବଳବନ୍ତରାୟ, ପଣ୍ଡିତ ବିରଞ୍ଚି ନାରାୟଣ ତ୍ରିପାଠୀ, ପଣ୍ଡିତ ରମାକାନ୍ତ ପୁରୋହିତ, ଅଦ୍ୱୈତ ପାଇକରାୟଙ୍କ ସମେତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ତଥା ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# କାର୍ଯ୍ୟକ୍ଷମ ହେଉନି ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ପରିଷଦ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମଗ୍ରିକ ବିକାଶ ନିମନ୍ତେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଢାଞ୍ଚାରେ ୨୦୧୮ ମାର୍ଚ୍ଚରେ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦ ଗଠନ କରାଯାଇଥିଲା। ରାଜ୍ୟ ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ପରିସରରେ ମୁଖ୍ୟମନ୍ତ୍ରୀ ଏହାର ଉଦ୍‌ଘାଟନ କରିଥିଲେ। ଇତିମଧ୍ୟରେ ୨ବର୍ଷ ପୂରିବାକୁ ବସିଲାଣି। ହେଲେ ଏ ପର୍ଯ୍ୟନ୍ତ ନା ଏହା କାର୍ଯ୍ୟକ୍ଷମ ହୋଇପାରିଛି ନା ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ବିକାଶରେ ଲାଗି ପାରିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ପ୍ରାୟ ସମସ୍ତ ନିଗମ, ବୋର୍ଡ ଓ ପରିଷଦର ପରିଚାଳନା କମିଟି ଗଠନ କରାଯାଇଥିବା ବେଳେ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦର ପରିଚାଳନା ବୋର୍ଡ ଗଠନ କରାଯାଉନାହିଁ। ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ରାଜ୍ୟର ଲକ୍ଷାଧିକ

**ଓଡ଼ିଶା ଶିଳ୍ପୀ ମହାସଂଘ ଆରମ୍ଭ କଲା ଦସ୍ତଖତ ଅଭିଯାନ**

ଶିଳ୍ପୀ ଏବଂ ବୁଣାକାର। ଏଥିଲାଗି ଭୁବନେଶ୍ୱରରେ ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପୋଷ୍ଟକାର୍ଡ ଲେଖା ଓ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦକୁ ପୁନଃ ସକ୍ରିୟ କରିବା ଏବଂ ମୁଖ୍ୟମନ୍ତ୍ରୀ ଶିଳ୍ପୀ ଓ ବୁଣାକାରଙ୍କ ପାଇଁ ଘୋଷଣା କରିଥିବା ମାସିକ ଆର୍ଥିକ ସହାୟତା ରାଶି ତୁରନ୍ତ ପ୍ରଦାନ କରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି।

ଓଡ଼ିଶା ଶିଳ୍ପୀ ମହାସଂଘର ଅନୁରୋଧକ୍ରମେ ରାଜ୍ୟ ସରକାର ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦ ଗଠନ କରିଥିଲେ। ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ସାହୁଙ୍କ ଅଧ୍ୟକ୍ଷତାରେ ୧୮ ଜଣ ଶିଳ୍ପୀ, ବୁଣାକାର ଏବଂ ୩ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ୨୨ ଜଣିଆ ପରିଚାଳନା ବୋର୍ଡ ଗଠନ କରାଯାଇଥିଲା। ଏହି ବୋର୍ଡକୁ ଗତ ଜୁନ୍‌ରେ ଭାଙ୍ଗି ଦିଆଯାଇଛି। ସେହିଭଳି ରାଜ୍ୟ ଶିଳ୍ପୀ ଓ ବୁଣାକାରଙ୍କ ବିକାଶ ପାଇଁ ୨୦୧୮ ବଜେଟରେ ପରିଷଦକୁ ୨୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ମାତ୍ର ବିକାଶ ପରିଷଦ ବୈଠକରେ ଅନୁମୋଦନ ସତ୍ତ୍ୱେ ମିଳିଥିବା ଅର୍ଥରାଶିରୁ ଟଙ୍କାଟିଏ ବି ଖର୍ଚ୍ଚ କରାଯାଇ ନ ଥିବା ମହାସଂଘ ଅଭିଯୋଗ କରିଛି। ପ୍ରଳୟଙ୍କରୀ ବାତ୍ୟା ଫନୀରେ ଶିଳ୍ପୀ ଓ ବୁଣାକାରଙ୍କ ବିପୁଳ କ୍ଷତି ହୋଇଥିଲେ ମଧ୍ୟ ବିକାଶ ପରିଷଦ ପକ୍ଷରୁ କୌଣସି ସାହାଯ୍ୟ କରାଗଲା ନାହିଁ ବୋଲି କୁହାଯାଇଛି। ଜୟଦେବ ବିହାରସ୍ଥିତ ମହାସଂଘର ରାଜ୍ୟ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ସୁଦର୍ଶନ ସାହୁ ଶୁଭାରମ୍ଭ କରିଥିଲେ। ରାଜ୍ୟର ଲକ୍ଷେ ଶିଳ୍ପୀ ଓ ବୁଣାକାରଙ୍କୁ ଏଥିରେ ସାମିଲ କରାଯିବ ବୋଲି ମହାସଂଘ ସଭାପତି ଉଦୟ ମହାନ୍ତି କହିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ସହ ଅନ୍ୟମାନେ।

ବାଲିଅନ୍ତା,୧୯।୨(ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡ ଅଧୀନ ନହରକଣ୍ଟାସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୨ମହଲା ବିଶିଷ୍ଟ ନୂତନ ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପାତ୍ର, କୁନମୁନ ମହାନ୍ତି, ଦୀପକ କୁମାର ସାମନ୍ତରାୟ, ଅକ୍ଷୟ କୁମାର ଲେଙ୍କା, ସାଗର ଜେନା, ସୁରେନ୍ଦ୍ର ଖୁଣ୍ଟିଆ, ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ସୌମ୍ୟ ପ୍ରତୀକ ଦୋରା ଓ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଶେଖ ନସରୁଲା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭୁବନେଶ୍ୱର ଉତ୍ତର ଉନ୍ନୟନ ପରିଷଦ ପକ୍ଷରୁ ଏକ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

# ୮ ଦଫା ଦାବି ନେଇ ରାଜ୍ୟ ସମବାୟ କର୍ମଚାରୀଙ୍କ ଧାରଣା



ରାଜ୍ୟ ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ରାଜ୍ୟ ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ବୁଧବାର ୮ ଦଫା ଦାବି ନେଇ ସ୍ଥାନୀୟ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। ରାଜ୍ୟ ପ୍ରାଥମିକ ସମବାୟ ସମିତି ଓ ଲ୍ୟାମ୍ପସ୍‌ଗୁଡ଼ିକରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ୭ମ ବେତନ ଆଧାରରେ ବେତନ, ପ୍ରଶାସନିକ ପାଣ୍ଠି କାର୍ଯ୍ୟକାରୀ କରିବା, ବଜେଟ୍‌ରେ ସବୁ ବର୍ଗର କର୍ମଚାରୀଙ୍କ ପାଇଁ ୩୦୦ କୋଟିର ବଜେଟ୍ ରଖିବା ପରି ମୋଟ ୮ଟି ଦାବି ନେଇ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ଗୁରୁବାର ମଧ୍ୟ ଏହି ଧାରଣା ଜାରି ରହିବାକୁ ଥିବାବେଳେ ପୂର୍ବାହ୍ନରେ ୯ଟାଲା ନିକଟରେ ଥିବା ନିବନ୍ଧକ ସମବାୟ ସମିତି ସମ୍ମୁଖରେ ଧାରଣା ଦିଆଯିବ ବୋଲି ମହାସଂଘ ସଭାପତି ସୀତାରାମ ପ୍ରଧାନ ପ୍ରକାଶ କରିଛନ୍ତି। ଆୟୋଜିତ ଧାରଣାରେ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# କଲୋନୀରେ ଟାୱାର ବସାଇବାକୁ ବିରୋଧ

ପୁରୁଣା ଭୁବନେଶ୍ୱର, ୧୯।୨ (ଡି.ଏନ.ଏ.)

ଧଉଳି ଥାନା ଅଧୀନ ଲିଙ୍ଗିପୁର ମୌଜାର ଇନ୍ଦିରା କଲୋନୀରେ ଏକ ଘରୋଇ ଟେଲିଫୋନ କମ୍ପାନୀର ଟାୱାର ବସାଇବାକୁ ବାସିନ୍ଦା ବିରୋଧ କରିଛନ୍ତି। ଟାୱାରଟି ବସାଗଲେ ଏଠାରେ ବସବାସ କରୁଥିବା ବରିଷ୍ଠ ନାଗରିକମାନଙ୍କ ସମେତ ଅନ୍ୟମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଭିନ୍ନ ସରକାରୀ କଟକଣାକୁ ଅଣଦେଖା କରି ଜନବସତିରେ ଟାୱାର ବସାଇବାକୁ କଲୋନୀବାସୀ ବିରୋଧ କରିଛନ୍ତି। ୧୦ଦିନ ମଧ୍ୟରେ କଲୋନୀବାସୀ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଭୁବନେଶ୍ୱର ବିଡିଓ, ଲିଙ୍ଗିପୁର ସରପଞ୍ଚ ଓ ପୋଲିସ କମିଶନରଙ୍କୁ ଅବଗତ କରାଇଥିଲେ। ହେଲେ ଏ ପର୍ଯ୍ୟନ୍ତ ପ୍ରଶାସନର ସ୍ଥାଣୁତା ନେଇ କଲୋନୀବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ପରୋକ୍ଷରେ କାମ ବନ୍ଦ କରିବା ବଦଳରେ ଆଗେଇ ଚାଲିଥିବା ନେଇ ଅଭିଯୋଗ କରିଛନ୍ତି। ଏ ନେଇ ଭୁବନେଶ୍ୱର ବିଡିଓ ତ୍ରିଲୋଚନ ମହାନ୍ତିଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗ ଅନୁଯାୟୀ ଆମେ ତଦନ୍ତ ଚଳାଇଛୁ। ତେବେ ରାତ୍ରିରେ କାମ ହେଉଥିବା କଲୋନୀ ବାସିନ୍ଦା ଜଣାଇଛନ୍ତି ବୋଲି ସେ କହିଥିଲେ।

# ୯୦ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ନାହିଁ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

- ୧୧୫ ବିଦ୍ୟାଳୟର ନାହିଁ ନିଜସ୍ୱ ଗୃହ
- ୪୭୦ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ
- ୨୫୮୫ ବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ ପ୍ରଧାନ ଶିକ୍ଷକ

ରାଜ୍ୟର ୯୦ଟି ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ଗୃହ ନାହିଁ। ପିଲାମାନେ ବାହାରେ ବସି ପାଠ ପଢୁଛନ୍ତି। ୧୧୫ ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ। ୩୧୫ ବିଦ୍ୟାଳୟରେ ସର୍ବନିମ୍ନ ସଂଖ୍ୟକ ୧୦ରୁ କମ୍ ପିଲା ପାଠ ପଢୁଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବୁଧବାର ବିଧାନସଭାରେ ବିଧାୟକ ମୋହନ ଚରଣ ମାଝୀ ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ କରିଥିଲେ। ଓଡ଼ିଶାରେ କେତେ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ନାହିଁ, କେତେ ସଂଖ୍ୟକ ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ, କେତେ ବିଦ୍ୟାଳୟରେ ସର୍ବନିମ୍ନ ସଂଖ୍ୟକ ପିଲା ନାହାନ୍ତି, କେତେ ସଂଖ୍ୟକ ହାଇସ୍କୁଲରେ କମ୍ପ୍ୟୁଟର ଥିଲେ ମଧ୍ୟ ବିଦ୍ୟୁତ୍ ନାହିଁ ଓ କେତେ ସଂଖ୍ୟକ ବିଦ୍ୟାଳୟରେ ପାଠାଗାର ନାହିଁ ବୋଲି ବିଧାୟକ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ କହିଥିଲେ, ପ୍ରାୟ ୧୦୪୮ ହାଇସ୍କୁଲରେ କମ୍ପ୍ୟୁଟର ନାହିଁ। ୨୮ଟି କମ୍ପ୍ୟୁଟର ଥିବା ହାଇସ୍କୁଲରେ ବିଦ୍ୟୁତ୍ ସଂଯୋଗ ଥିବାବେଳେ ବିଦ୍ୟୁତ୍ କାର୍ଯ୍ୟକାରୀ ହେଉନାହିଁ। ୨୬୧୦ ବିଦ୍ୟାଳୟରେ ପାଠାଗାର ନାହିଁ ଓ ୪୭୦ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ସେହିଭଳି ବିଧାୟକ ଅମର ଶତପଥୀ ରାଜ୍ୟରେ କେତେ ସଂଖ୍ୟକ ଉଚ୍ଚ ବିଦ୍ୟାଳୟ ଅଛି, କେତୋଟିରେ ପ୍ରଧାନଶିକ୍ଷକ ନାହାନ୍ତି ଏବଂ ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ ପଦବୀ ପୂରଣ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ, ରାଜ୍ୟରେ ମୋଟ ୮୦୭୬ ଉଚ୍ଚ ବିଦ୍ୟାଳୟ ଥିବାବେଳେ ୨୫୮୫ ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲି ରହିଛି। ନ୍ୟାୟାଳୟରେ ମାମଲା ପଡ଼ିଥିବାରୁ ପଦୋନ୍ନତି ହୋଇପାରୁନି କି ଖାଲି ପଦବୀ ପୂରଣ ହୋଇପାରୁନି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

# ଅନିଶ୍ଚିତତାରେ ବିଜୁବାବୁଙ୍କ ଦଳିତ ଉତ୍‌ଥାନ ଯୋଜନା

ପୁରୁଣା ଭୁବନେଶ୍ୱର, ୧୯।୨ (ଡି.ଏନ.ଏ.)

ସମାଜରେ ଦଳିତ, ଶୋଷିତ ବର୍ଗର ଉତ୍‌ଥାନ ଓ ସାମାଜିକ, ଆର୍ଥିକ ଅଭିବୃଦ୍ଧି ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ହୋଇଥିବା ଯୋଜନା ଅନିଶ୍ଚିତତା ଦେଇ ଗତି କରୁଛି। ସମାଜର ମୁଖ୍ୟସ୍ରୋତରେ ଦଳିତମାନେ କିଭଳି ସମସ୍ତଙ୍କ ସହ ତାଳ ଦେଇ ଆଗେଇ ଚାଲିବେ ତାଙ୍କ ଲକ୍ଷ୍ୟ ଥିଲା। ମାତ୍ର ତାଙ୍କ ସ୍ୱପ୍ନ କିଭଳି ପ୍ରତିପତିଶାଳୀ ଓ ଜବରଦଖଲକାରୀଙ୍କ ଯୋଗୁ ଧୂଳିସାତ୍ ହେଉଛି ତାହା ଦେଖିବାକୁ ମିଳିଛି ପୁରୁଣା ଭୁବନେଶ୍ୱର ଅଞ୍ଚଳରେ। ବିଭିନ୍ନ ସରକାରୀ ବିଭାଗ ଓ କର୍ମଚାରୀଙ୍କ ଅବହେଳା ପ୍ରମାଣିତ କରୁଛି। ୧୯୯୩ରେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ହୁଡାସାହି ଯାହାକି ବିଜୁବାବୁଙ୍କ ପତ୍ନୀ ନାମରେ ନାମିତ କରାଯାଇ ଜ୍ଞାନ ନଗର ରଖା ଯାଇଥିଲା। ଏଠାରେ ଏକ କମ୍ୟୁନିଟି ମ୍ୟାନେଜମେଣ୍ଟ ଗ୍ରୁପ୍ ମାଧ୍ୟମରେ ସାମିଲ କରାଯାଇ ୧୫ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଓରମାସ ସହାୟତାରେ ବିଏମସି, ବିଡିଏ ଓ ଜିଏ ଡିପାର୍ଟମେଣ୍ଟ ବିଜୁବାବୁଙ୍କର ଗୋଟିଏ ଇଙ୍ଗିତରେ ମନି ମାର୍କେଟ ନିର୍ମାଣ କରାଇଥିଲେ। ୧୯୯୪ରେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବିଜୁ ପଟ୍ଟନାୟକ ଏହି ଗୋଷ୍ଠୀର ସମ୍ପାଦକଙ୍କୁ ପ୍ରଶଂସିତ କରି ମାନପତ୍ର ଦେଇଥିଲେ। ଦୀର୍ଘ ୨୦ବର୍ଷ ହେବ କେତେଜଣ ଜମି ମାଫିଆଙ୍କ ପାଇଁ ରାଜଧାନୀର କେନ୍ଦ୍ରସ୍ଥଳ ଏହି ସ୍ଥାନଟି ଏକ ଅସାମାଜିକଙ୍କ ଆଡ୍ଡା ପାଲଟି ଯାଇଛି। ଏଠାରେ ନିର୍ମାଣ କରାଯାଇଥିବା ୧୫ ଗୋଟି କିଓସ୍କର ଚିହ୍ନବର୍ଣ୍ଣ ଆଉ ନାହିଁ। ଦୀର୍ଘଦିନ ହେବ ଅସୁସ୍ଥତା କାରଣରୁ ଏହି ଗୋଷ୍ଠୀର ସମ୍ପାଦକ ପ୍ରଫୁଲ୍ଲ କୁମାର ଭୋଇ ଏହାର ଦେଖାଶୁଣା କରି ପାରୁନାହାନ୍ତି। ଅନ୍ୟ ହିତାଧିକାରୀ ଅଳ୍ପ ଶିକ୍ଷିତ ହୋଇଥିବାରୁ ଏଠାରେ ଏହି ଜବରଦଖଲକାରୀଙ୍କୁ ସାମ୍ନା କରି ନ ପାରି ସ୍ୱାବଲମ୍ବୀ ହେବା ବଦଳରେ ବାଧହୋଇ ମୂଳ ଲାଗି ପେଟ ପୋଶୁଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ଓରମାସ୍ ଖୋର୍ଦ୍ଧା ଜିଲା ଅଧିକାରୀ ଗୁଣ୍ଡିଚା ବେହେରାଙ୍କୁ ପଚାରିବାରୁ ଓରମାସ୍ କେବଳ ମନିଟରିଂ କାର୍ଯ୍ୟ କରିଥାଏ। ମାତ୍ର ନିର୍ମାଣ, ପରିମଳ, ବିଦ୍ୟୁତ୍ ଓ ପାଣି ସମସ୍ତ କାର୍ଯ୍ୟ ବିଏମସି ତତ୍ତ୍ୱାବଧାନରେ ହୋଇଥାଏ। ତଥାପି ଲିଖିତ ଭାବେ ଜଣାଇଲେ ପୁନର୍ବାର ଏମାନଙ୍କୁ ଥଇଥାନ ନେଇ ଆମ ପକ୍ଷରୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇପାରେ ବୋଲି ସେ କହିଛନ୍ତି। ଏ ନେଇ ବିଏମସି ଡେପୁଟି କମିଶନର ଅଶୋକ ମହାନ୍ତିଙ୍କୁ ପଚାରିବାରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଅନେକ ସମୟରେ ବଦଳିଥାନ୍ତି। ଏଣୁ ଏ ପ୍ରକାର ଅବ୍ୟବସ୍ଥା ହୋଇଯାଇ ଥାଇ ପାରେ। ଲିଖିତ ଭାବେ ସମସ୍ତ ଦସ୍ତାବିଜ ସହ ହିତାଧିକାରୀ ଆମକୁ ଜଣାଇଲେ ଆବଶ୍ୟକ ସ୍ଥଳେ ଜବରଦଖଲ ଉଚ୍ଛେଦ କରାଯିବା ସହ ସେମାନଙ୍କୁ ଥଇଥାନ ନେଇ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ରାଜ୍ୟରେ ଆର୍ଥିକ ଭିତ୍ତିରେ ୧୦% ସଂରକ୍ଷଣ ଦାବିରେ ଧାରଣା

ଭୁବନେଶ୍ୱର,୧୯।୨(ବ୍ୟୁରୋ)




କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୯ ଫେବୃୟାରୀ ପହିଲାରୁ ଗରିବ ସାଧାରଣବର୍ଗ ପିଲାଙ୍କ ପାଇଁ ଆର୍ଥିକ ଭିତ୍ତିରେ ଲାଗୁ କରାଯାଇଥିବା ୧୦% ସଂରକ୍ଷଣ ଏ ପର୍ଯ୍ୟନ୍ତ ଓଡ଼ିଶାରେ ନିଯୁକ୍ତି କ୍ଷେତ୍ରରେ ଲାଗୁ ହୋଇନାହିଁ। ଏ ନେଇ କ୍ରାନ୍ତିବୀର ଫାଉଣ୍ଡେଶନ ଏବଂ ଓଡ଼ିଶା ଆର୍ଥିକ ଦୁର୍ବଳ ଶ୍ରେଣୀ ମଞ୍ଚ ପକ୍ଷରୁ ବୁଧବାର ବିଧାନସଭା ସମ୍ମୁଖରେ ଧାରଣା ଦିଆଯାଇଥିଲା। ରାଜ୍ୟ ସରକାର ଚଳିତ ବିଧାନସଭା ସତ୍ରରେ ଏହି ଆର୍ଥିକ ଆଧାରିତ ୧୦% ଆରକ୍ଷଣକୁ ତୁରନ୍ତ ଲାଗୁ କରିବା ପାଇଁ ଘୋଷଣା କରିବାକୁ ମଞ୍ଚର ସଭାପତି କୁଳମଣି ମିଶ୍ର ଆହ୍ୱାନ ଦେଇଛନ୍ତି। ଏ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମ ଜରିଆରେ ସ୍ୱର ଉତ୍ତୋଳନ ପରେ ବି ରାଜ୍ୟ ସରକାର ଶୁଣୁ ନାହାନ୍ତି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରାନ୍ତିବୀର ଫାଉଣ୍ଡେସନର ପ୍ରମୁଖ ସଦସ୍ୟ ଇଂ ଦୀପକ ଜେନା, ଦୀନବନ୍ଧୁ ଷଡ଼ଙ୍ଗୀ, ଡ. କୈଳାସ ଚନ୍ଦ୍ର ବିଶ୍ୱାଳ, ଉଦ୍ଧବ କର, ଶୁଭ୍ରଜିତ ଦାଶ, ପ୍ରକାଶ ମାଝୀ ପ୍ରମୁଖ ଯୋଗଦେଇଥିଲେ।

# ମାଈ ଗୟଳ ନାକରୁ ପଡୁଛି ରକ୍ତ

ବାରଙ୍ଗ,୧୯।୨(ଡି.ଏନ୍.ଏ.)




ଗତ କିଛିଦିନର ବ୍ୟବଧାନ ପରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପୁଣିଥରେ ଜଣେ ଜୀବ ଅସୁସ୍ଥ ହୋଇପଡ଼ିଛି। ଚଳିତ ଫେବୃୟାରୀ ମାସରେ ମାଣ୍ଡାରିନ ଡକ୍, ନୀଳରଙ୍ଗର ଏଣ୍ଟୁଅ, ବଳିଆ କୁକୁର ମୃତ୍ୟୁବରଣ କରିଥିବାବେଳେ ଗତ ସାତଦିନ ହେବ ଏକ ଦଶବର୍ଷର ମାଈ ଗୟଳଟି ଅସୁସ୍ଥ ହୋଇ ନାକରୁ ରକ୍ତସ୍ରାବ ହେବାରେ ଲାଗିଛି। ପ୍ରଥମରୁ ମାଈ ଗୟଳଟିର ଡାହାଣ ଗୋଡ଼ରେ କୌଣସି ମାଡ଼ ହୋଇ ଛୋଟେଇବା ଆରମ୍ଭ କରିଥିଲା। ଏହାପରେ ନନ୍ଦନକାନନର ଡାକ୍ତରମାନେ ଚିକିତ୍ସା କରିବାରୁ ସେ ସୁସ୍ଥ ହୋଇଯାଇଥିଲା। ଶନିବାର ଭେଟନାରି କଲେଜରୁ ଏକ ଡାକ୍ତରୀଦଳ ଆସି ଅସୁସ୍ଥଥିବା ଗୟଳର ସ୍ୱାସ୍ଥ୍ୟାବସ୍ଥାକୁ ପରଖିଥିଲେ। କିନ୍ତୁ ବୁଧବାର ସକାଳେ ଏନକ୍ଲୋଜରରେ ମାଈ ଗୟଳଟି ବିଚରଣ କରୁଥିବାବେଳେ ହଠାତ ତା'ର ନାକରୁ ରକ୍ତ ପଡୁଥିବାର କର୍ମଚାରୀମାନେ ଦେଖି ଡାକ୍ତରଙ୍କୁ ଜଣାଇଥିଲେ। ଡାକ୍ତରମାନେ ଆସି ଗୟଳକୁ ଅଲଗାକରି ଇଞ୍ଜେକ୍ସନ ଦେବା ପରେ ରକ୍ତସ୍ରାବ ବନ୍ଦ ହୋଇଯାଇଥିଲା। କିନ୍ତୁ ଅପରାହ୍ନରେ ପୁଣି ସେହି ସମସ୍ୟା ଦେଖାଦେଇଥିଲା। ଏହାର ପ୍ରକୃତ କାରଣ ଜାଣିବାପାଇଁ ଗୟଳର ରକ୍ତନମୁନାକୁ ଭେଟନାରି କଲେଜକୁ ପଠାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଣ୍ଡିଗଡ଼ର ଛତବିର ଚିଡ଼ିଆଖାନାରୁ ୪ ପାଣିଗୋଧି, ୪ ଚଉସିଙ୍ଗା, ୪ ଧଳା ବାଜେଣୀ ବଦଳରେ ନନ୍ଦନକାନନକୁ ଆସିଥିଲା ହଳେ ଗୟଳ। ୧୬ ମେ ୨୦୧୫ରେ ନନ୍ଦନକାନନର ଏକ ପ୍ରତିନିଧି ଦଳ ସେଠାକୁ ଯାଇ ୨୫ରେ ଗୟଳକୁ ଆଣିବା ପରେ ୧୮ଜୁନରେ ଗୋଟିଏ ଛୁଆକୁ ଜନ୍ମ ଦେଇଥିଲା। କିନ୍ତୁ ୪ ଜୁଲାଇ ୨୦୧୬ରେ ଜନ୍ମିତ ଛୁଆଟିର ମୃତ୍ୟୁ ହୋଇଥିଲା। ଏହାପରେ ୨୦୧୬ରେ ଗୋଟିଏ, ୨୦୧୭ରେ ଦୁଇଟି ଓ ୨୦୧୯ମସିହାରେ ଗୋଟିଏ ଛୁଆ ଜନ୍ମ ହୋଇ ଏବେ ସେମାନଙ୍କ ସଂଖ୍ୟା ୫ରେ ପହଞ୍ଚିଛି।

# ନିର୍ଦ୍ଧାରିତ ସମୟରେ ପାଠ୍ୟକ୍ରମ ସାରିବାକୁ ମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)




କର୍ମଶାଳାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଉଦ୍‌ବୋଧନ ଦେଉଛନ୍ତି।

ଜ୍ଞାନର ପରିସୀମା ବୃଦ୍ଧି ଘଟୁଥିବା ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡୁଛି। ଏହା ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ। ଏହାର ସଫଳତା ପାଇଁ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନର ବିକାଶ, ଗବେଷଣା ଓ ଦକ୍ଷତା ବିକାଶ ଆଦିକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଅନେକଗୁଡ଼ିଏ ପରିବର୍ତ୍ତନକାରୀ ସଂସ୍କାର ଆଣିଛନ୍ତି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ବୁଧବାର କୃଷି ଭବନଠାରେ ଆୟୋଜିତ ବିଶ୍ୱବ୍ୟାଙ୍କ ସହାୟତାରେ ଓଡ଼ିଶା ହାୟର ଏଜୁକେଶନ୍ ପ୍ରୋଗ୍ରାମ ଫର୍ ଏକ୍ସିଲେନ୍ସି ଆଣ୍ଡ୍ ଇକ୍ୱିଟି କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଦିଗ୍‌ଦର୍ଶନ କର୍ମଶାଳାରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଏହା କହିଥିଲେ। ଶିକ୍ଷାରେ ବିନିଯୋଗ ହେଉଥିବା ଅର୍ଥ ହେଉଛି ମାନବ ପାଇଁ ଶ୍ରେଷ୍ଠ ପୁଞ୍ଜିଲଗାଣ। ତେଣୁ ବିଶ୍ୱବ୍ୟାଙ୍କ ସହାୟତାରେ ପରିଚାଳିତ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ କରି ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣି ଛାତ୍ରୀଛାତ୍ରଙ୍କୁ ଏହାର ସୁଫଳ ଯୋଗାଇଦେବାକୁ ପଡ଼ିବ। ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଲାଗି ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା ରହିଛି। ଶିକ୍ଷାନୁଷ୍ଠାନରେ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି କରି ଶିକ୍ଷାଦାନ ସହିତ ନିର୍ଦ୍ଧାରିତ ସମୟରେ ପାଠ୍ୟକ୍ରମ ଶେଷ କରି ପରୀକ୍ଷା ଓ ପରୀକ୍ଷା ଫଳ ପ୍ରକାଶ କରିବାକୁ ମନ୍ତ୍ରୀ କର୍ମଶାଳାରେ ଯୋଗଦେଇଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ଏବଂ ବିଶ୍ୱବିଦ୍ୟାଳୟ ପ୍ରତିନିଧିମାନଙ୍କୁ କହିଥିଲେ।

ଏହି କାର୍ଯ୍ୟକ୍ରମ ଜରିଆରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଶାସନିକ ଦକ୍ଷତା ବୃଦ୍ଧି ଏବଂ ଆର୍ଥିକ ପରିଚାଳନାରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ପ୍ରଶାସନିକ ଦକ୍ଷତା ବୃଦ୍ଧି, ଶିକ୍ଷାନୁଷ୍ଠାନ ଆର୍ଥିକ ପରିଚାଳନାରେ ଉନ୍ନତି ଓ ସ୍ୱଚ୍ଛତା ଆଣିବା ସହ ଅନ୍‌ଲାଇନ୍ କ୍ୟାସ୍‌ବୁକ୍ ଲେଖିବା ପାଇଁ ଏକ ସ୍ୱତନ୍ତ୍ର ସଫ୍ଟୱେୟାର ପ୍ରଚଳନ, ଅଧ୍ୟାପକମାନଙ୍କୁ ପ୍ରଶିକ୍ଷଣ ବ୍ୟବସ୍ଥା, ଶିକ୍ଷାନୁଷ୍ଠାନର ନାକ୍ ମାନ୍ୟତା ହାସଲ, ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗ ବୃଦ୍ଧି ଆଦି ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶା ହାୟର ଏଜୁକେଶନ୍ ପ୍ରୋଗ୍ରାମ ଫର୍ ଏକ୍ସିଲେନ୍ସି ଆଣ୍ଡ ଇକ୍ୱିଟି କାର୍ଯ୍ୟକ୍ରମର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପରମେଶ୍ୱରନ୍ ବି. କର୍ମଶାଳା ପରିଚାଳନା କରିଥିଲେ।

# ଧନୀଙ୍କୁ ମିଳୁଛି ପ୍ରଧାନମନ୍ତ୍ରୀ ଆବାସ



■ ମୁଲତବୀ ଆଲୋଚନା ବେଳେ ବିରୋଧୀଙ୍କ ଅଭିଯୋଗ

■ ବିଧାୟକମାନଙ୍କ ହାତରେ ଘର ବାଣ୍ଟିବା ବ୍ୟବସ୍ଥା ରଖିବାକୁ ଦାବି

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଆମେମାନେ ଜନ ପ୍ରତିନିଧି । ଲୋକଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ରହିଛୁ। ଯେଉଁ ଗରିବ ଲୋକ ଘର ଖଣ୍ଡେ ପାଇ ନାହିଁ ସେମାନେ ଆମକୁ ଅଭିଯୋଗ କରୁଛନ୍ତି। ଆମେ ସେମାନଙ୍କ ପାଇଁ କିଛି କରି ପାରୁ ନାହୁଁ। ଲୋଗୋ ପଛେ ଯାହାର ଲାଗୁଛି ଲାଗୁ ବିଧାୟକମାନଙ୍କୁ କିଛି ଘର ବାଣ୍ଟିବାର ଅଧିକାର ଦିଆଯାଉ। ବୁଧବାର ବିଧାନସଭା ମୁଲତବୀ ଆଲୋଚନା ବେଳେ ସରକାରଙ୍କୁ ବିରୋଧୀ ଦଳ ସଦସ୍ୟମାନେ ଗୁହାରି କରିଛନ୍ତି । 'ସରକାର ତୁମେ ଏ କି କଲ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କାଘର କାହିଁକି କଲ' ଶୀର୍ଷକ ମୁଲତବୀ ଆଲୋଚନାରେ ଅଂଶ ଗ୍ରହଣ କରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଥିଲେ ଯେ ହିତାଧିକାରୀଙ୍କୁ ଘର ଦେଇ ମାର୍ବଲରେ କେବଳ ପ୍ରଧାନମନ୍ତ୍ରୀଙ୍କ ଫଟୋ କାହିଁକି ସେଥିରେ ବିଜୁ ପକ୍କାଘର ଲୋଗୋ ମଧ୍ୟ ଲଗାଯାଉ। ବିଜୁ ପଟ୍ଟନାୟକଙ୍କ ଲୋଗୋ ମଧ୍ୟ ଲଗାଇ ଦିଆଯାଉ ସେଥିରେ କିଛି ଅସୁବିଧା ନାହିଁ ହେଲେ ବିଧାୟକମାନଙ୍କ ହାତରେ କିଛି ଘର ବାଣ୍ଟିବାର ସୁବିଧା ରଖାଯାଉ। ବିରୋଧୀ ଦଳ ନେତାଭାବେ କାହା ଘର ପୋଡ଼ିଗଲେ କିମ୍ବା କୌଣସି କାରଣରୁ ଭାଙ୍ଗିଗଲା ପରେ ସେମାନଙ୍କ ପାଖରେ ପହଞ୍ଚୁଛୁ । ଗରିବ ଲୋକମାନେ ଭାବୁଛନ୍ତି ଏତେବଡ଼ ନେତା ଆସିଛନ୍ତି । ଆମକୁ ଘର ମାଗି ଦେଉଛନ୍ତି ମାତ୍ର ଆମେ ଅସହାୟ ହୋଇଯାଉଛୁ। ତେଣୁ ଏସବୁକୁ ଗୁରୁତ୍ୱ ଦେଇ ଆମ ହାତରେ ୩୦୦ଘର ବାଣ୍ଟିବାର ବ୍ୟବସ୍ଥା କରାଯାଉ। ସରକାର ଏ ଦିଗରେ ଗୁରୁତର ସହ ବିଚାର କରନ୍ତୁ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ବ୍ୟାପକ ଦୁର୍ନୀତି ହେଉଛି। ଉତ୍ତର ଓଡ଼ିଶାର ବହୁ ନେତା ଗରିବଙ୍କୁ ବାଦ୍ ଦେଇ ଧନୀଙ୍କୁ ସରକାରୀ ଘର ବଣ୍ଟନ କରୁଛନ୍ତି। ଏମିତି ବହୁତ ଅଭିଯୋଗ ଆସି ସାରିଛି। ପଶ୍ଚିମ ଓଡ଼ିଶା ନେତାମାନେ କେବେ ହେଲେ ଏମିତି କରିବେ ନାହିଁ। ଅଯୋଗ୍ୟଙ୍କୁ ବାଦ୍‌ଦେଇ ଯୋଗ୍ୟ ହିତାଧିକାରୀ ଚୟନ ଠିକ୍ ଢଙ୍ଗରେ କରାଯାଉ ବୋଲି ପ୍ରସ୍ତାବ ଦେଇଛନ୍ତି। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ, ଗାଁ ଗହଳିରେ ଲୋକମାନେ ଏବେ ମଧ୍ୟ ଗୋଟିଏ ନାଁ କହୁଛନ୍ତି ତାହା ହେଲା ଇନ୍ଦିରା ଆବାସ ଯୋଜନା। କେବଳ ଓଡ଼ିଶା ନୁହେଁ ସବୁ ରାଜ୍ୟର ଲୋକଙ୍କ ମୁଣ୍ଡରେ ଅଛି ଇନ୍ଦିରା ଆବାସ ଯୋଜନା ଦରକାର। କେନ୍ଦ୍ରରେ ଉପା ସରକାର ଥିବାବେଳେ କେନ୍ଦ୍ର ୭୫ ପ୍ରତିଶତ ଅଂଶଧନ ଏବଂ ରାଜ୍ୟକୁ ୨୫ପ୍ରତିଶତ ଅଂଶ ଧନ ଦେବାକୁ ପଡୁଥିଲା। ଭାଜପା ସଦସ୍ୟମାନେ ଏଠି ଲୋଗୋ ବାବଦରେ କଳି କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିପରି ଅଂଶଧନ ୯୦ ପ୍ରତିଶତ ଏବଂ ରାଜ୍ୟର ୧୦ପ୍ରତିଶତ ହେବ ସେ ଦିଗରେ ଦାବି କରନ୍ତୁ। ନାଁ ପାଇଁ ବିଜେଡି ଓ ଭାଜପା ଯେତେ କଳି କଲେ ମଧ୍ୟ ଲୋକେ ଇନ୍ଦିରା ଆବାସ ଯୋଜନା ବୋଲି କହିବେ। ଆବାସ ଯୋଜନାରେ ଲୋକମାନେ ଠିକ୍ ସମୟରେ ଅର୍ଥ ପାଉନାହାନ୍ତି ବ୍ୟାଙ୍କ ଆଗରେ ଦୌଡି ଦୌଡି ହଇରାଣ ହେଉଛନ୍ତି। ବହୁ ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ୍ ପଡୁଛନ୍ତି। ଘର ମିଳିବା କଥା ଉଠିଲେ ସମସ୍ତେ ଆବେଦନ କରିବାକୁ ବାଦ୍ ପଡୁଛନ୍ତି। ବହୁ ଗରିବ ଘର ଖଣ୍ଡେ ନ ପାଇ ବିଧାୟକଙ୍କ ପାଖକୁ ଆସୁଛନ୍ତି। ଆଗରୁ ବିଧାୟକଙ୍କ ହାତରେ ୨୦୦ଖଣ୍ଡ ଘର ବାଣ୍ଟିବାର ସୁବିଧା ଥିଲା। ମାତ୍ର ବର୍ତ୍ତମାନ ତାହା ଉଠାଇ ଦିଆଯାଇଛି। ଏବେ ସେମିତି ସୁବିଧା ରଖାଯାଉ। ରାଜନେତା ଯେମିତି ମନଇଚ୍ଛା ଅଯୋଗ୍ୟ ହିତାଧିକାରୀଙ୍କୁ ନ ଦେଇପାରିବେ ସେଥିଲାଗି ଏକ ଗାଇଡ ଲାଇନ ପ୍ରସ୍ତୁତ ହେଉ ବୋଲି ସାଲୁଜା କହିଛନ୍ତି। ଭାଜପା ସଦସ୍ୟ ମୋହନ ମାଝୀ, ମୁକେଶ ମହାଲିଙ୍ଗ ପ୍ରମୁଖ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଦୁର୍ନୀତି କଥା କହି ସରକାରଙ୍କ ଉପରେ ବର୍ଷିଥିଲେ । ଯୋଗ୍ୟ ହିତାଧିକାରୀ କିପରି ଏଥିରେ ସାମିଲ ହୋଇପାରିବେ ସେଦିଗରେ ସରକାର ସଚେତନ ହୁଅନ୍ତୁ ବୋଲି କହିଥିଲେ। ଭାସ୍କର ମଡ଼ାଇ କହିଲେ ପଞ୍ଚାୟତସ୍ତରରେ ରହୁଥିବା ଗରିବ ଏବଂ ଆଦିବାସୀମାନେ ସଚେତନତା ଅଭାବରୁ ଶୋଷଣର ଶିକାର ହେଉଛନ୍ତି। ବହୁ ସାଧାରଣ ଲୋକ ଏସ୍‌ଇସିସି ତାଲିକାରୁ ବାଦ୍ ପଡିଛନ୍ତି। ସେମାନଙ୍କୁ ତାଲିକାରେ ସାମିଲ କରାଯାଉ ନଚେତ୍ ଗରିବଙ୍କ ଅଭିଶାପ ପଡିଯିବ ବୋଲି ସେ କହିଛନ୍ତି। କଂଗ୍ରେସ ସଦସ୍ୟ ମହମ୍ମଦ ମୋକିମ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନା ନେଇ ଲଢ଼େଇ ଚାଲୁ ସେଥିରେ କିଛି କଥା ନାହିଁ ମାତ୍ର ଯୋଗ୍ୟ ହିତାଧିକାରୀ ଉପକୃତ ହେଉଛନ୍ତି କି ନାହିଁ ତାହା ଗୁରୁତ୍ୱପୂର୍ଣ୍ଣ। ଭାଜପା ସଦସ୍ୟମାନେ ଯଦି ନାଁକୁ ନେଇ ଲଢ଼େଇ କରୁଛନ୍ତି ତେବେ ଏହି ଯୋଜନାରେ ଅନୁଦାନ ବୃଦ୍ଧି ପାଇଁ ମଧ୍ୟ କେନ୍ଦ୍ର ନିକଟରେ ଦାବି କରନ୍ତୁ। ବିଜେଡି ଯଦି ନିଜ ଯୋଜନାର ଲୋଗୋ ଲଗାଇବାକୁ ଏତେ ବ୍ୟାକୁଳ ତେବେ ହିତାଧିକାରୀ ଚୟନରେ ସ୍ୱଚ୍ଛତା ରଖିବାକୁ ଚେଷ୍ଟା କରୁ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ମଧ୍ୟ ବିଧାୟକଙ୍କ ହାତରେ ୫୦୦ ଘର ବାଣ୍ଟିବାର ବ୍ୟବସ୍ଥା କରିବା ଲାଗି ଦାବି କରିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ମାସଲ, ଧ୍ରୁବ ସାହୁ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ଅଂଶଧନ ସମ୍ପର୍କରେ ବିବରଣୀ ଦେଇ ପଲଟା ଟାର୍ଗେଟ କରିଥିଲେ। ଏହାସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜୁ ପକ୍କାଘର ଲୋଗୋ ଲଗାଇବା ଯଥାର୍ଥ ବୋଲି ଯୁକ୍ତି ବାଢିଛନ୍ତି।

## ସଂକ୍ଷେପରେ

### ମହାଶିବରାତ୍ରି ତିଥିକୁ ନେଇ ଦ୍ୱନ୍ଦ୍ୱ

ପୁରୀ ଅଫିସ,୧୯।୨: ପବିତ୍ର ମହାଶିବରାତ୍ରି ତିଥିକୁ ନେଇ ଦ୍ୱନ୍ଦ୍ୱ ରହିଛି। ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏଭଳି ଅଭିଯୋଗ କରିଛନ୍ତି ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର। ମିଶ୍ର ଉଲ୍ଲେଖ କରିଛନ୍ତି ଯେ, ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ରାଧାରମଣ ପ୍ରେସ୍ ପଞ୍ଜିକାରେ ୨୧ ତାରିଖରେ ସ୍ମାର୍ତ୍ତସମ୍ମତ ଓ ୨୨ ତାରିଖରେ ବୈଷ୍ଣବସମ୍ମତ ମହାଶିବରାତ୍ରି ନିର୍ଦ୍ଧାରଣ ଭକ୍ତଙ୍କୁ ବିଭ୍ରାନ୍ତ କରୁଛି। ମହାଶିବରାତ୍ରି ଦିନ ଓଡ଼ିଶାରେ ହରିହର ଭେଟ ନୀତି ଥିବାରୁ ଏହା ଗୋଟିଏ ଦିନରେ ପାଳନୀୟ ବୋଲି ଅନ୍ୟ ସମସ୍ତ ପଞ୍ଜିକାରେ ନିର୍ଣ୍ଣୟ ରହିଛି। ତେଣୁ ଏଭଳି ତ୍ରୁଟିପୂର୍ଣ୍ଣ ନିର୍ଣ୍ଣୟ ଓଡ଼ିଶାରେ ଧର୍ମ ବ୍ୟବସ୍ଥାର ବାଧକ ବୋଲି ପଞ୍ଜିକା ସମୀକ୍ଷକ ମିଶ୍ର ଦର୍ଶାଇଛନ୍ତି। ଏ ସମ୍ପର୍କରେ ରାଧାରମଣ ପ୍ରେସ୍‌ର ସୁବ୍ରତ ଗରାବଡୁ କହିଛନ୍ତି, ପଞ୍ଜିକାର ପାଣ୍ଡୁଲିପି ମୁକ୍ତିମଣ୍ଡପ ପଣ୍ଡିତ ସଭାରେ ଆଲୋଚନା ପରେ ମହାଶିବରାତ୍ରି ତିଥି ପାଳନ ସମ୍ବନ୍ଧରେ ନିର୍ଣ୍ଣୟ କରାଯାଇଛି। ଏ ସଂକ୍ରାନ୍ତରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସଭାପତି ଆଦିତ୍ୟ ହୃଦୟ ମିଶ୍ରଙ୍କୁ ପଚାରିବାରେ କହିଛନ୍ତି, ପଣ୍ଡିତମାନେ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ପରେ ମହାଶିବରାତ୍ରି ତିଥି ନିର୍ଣ୍ଣୟ କରାଯାଇଛି। ତେଣୁ ଏହା ସମ୍ପୂର୍ଣ୍ଣ ଠିକ୍ ଅଛି।

### ହୀରାକୁଦ୍ ଡ୍ୟାମ୍ ପୁରସ୍କୃତ

■ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୯।୨(ବ୍ୟୁରୋ): ସମ୍ବଲପୁର ସ୍ଥିତ ହୀରାକୁଦ୍ ଡ୍ୟାମ୍‌କୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ଉତ୍ତମ ଭିତ୍ତିଭୂମି ପାଇଁ ପୁରସ୍କୃତ କରାଯାଇଛି। କେନ୍ଦ୍ରୀୟ ଜଳସେଚନ ଓ ଶକ୍ତି ବୋର୍ଡ (ସିବିଆଇପି)ପକ୍ଷରୁ ଓଡ଼ିଶାକୁ ଏହି ସମ୍ମାନ ମିଳିଛି। ଏଥିପାଇଁ ଜଳସମ୍ପଦ ବିଭାଗକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର ସିବିଆଇପି କର୍ତ୍ତୃପକ୍ଷଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିବା ଜଣାପଡ଼ିଛି।

## ମାର୍ଚ୍ଚ ଯାଏ ବଢ଼ିବନି ତାତି

■ ୨୨ରୁ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଫେବୃୟାରୀ ଶେଷ ଯାଏ ପାଗ ଅନୁକୂଳ ରହିବ। ଅଧିକ ଗରମ ଅନୁଭୂତ ହେବ ନାହିଁ। ଉତ୍ତର ପଶ୍ଚିମ ଦିଗରୁ ଭୂପୃଷ୍ଠରୁ ୧୨ କି.ମି ଉଚ୍ଚତାରେ ଥଣ୍ଡା ବାୟୁ ଘଣ୍ଟାକୁ ୧୦୦ କି.ମି ବେଗରେ ବହୁଛି। ଏଥିଯୋଗୁ ରାଜ୍ୟରେ ଗରମ ଅନୁଭୂତ ହେବ ନାହିଁ। ଦିନର ତାପମାତ୍ରା ୩୦ରୁ ୩୧ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ। ରାତ୍ରିରେ ଥଣ୍ଡା ଅନୁଭୂତ ହେବ। ଆସନ୍ତା ୨୨ରୁ ୨୬ ତାରିଖ ଯାଏ ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ନୟାଗଡ଼, ବଲାଙ୍ଗୀର, କୋରାପୁଟ, ଖୋର୍ଦ୍ଧା, କଟକ, ଭଦ୍ରକ ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି। ସେହିପରି ଏହି ସମୟ ମଧ୍ୟରେ ଅନୁଗୋଳ, ସୋନପୁର, ବୌଦ୍ଧ, ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଥଣ୍ଡା ବାୟୁ ପ୍ରବାହିତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏ ନେଇ ଏଲୋ୍ୱାର୍ନିଂ ଜାରି କରାଯାଇଛି।

# ଆଟେଣ୍ଡାନ୍ସ ଖାତାରେ ପୂର୍ବତନ ବିଧାୟକଙ୍କ ନାମ

**ଉଦ୍‌ବେଗ ପ୍ରକାଶ କଲେ ପାଲଲହଡ଼ା ବିଧାୟକ**

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ପ୍ରଥମଥର ବିଧାୟକ ହୋଇଛନ୍ତି। ଯେତେବେଳେ ବିଧାନସଭାର ଅଧିବେଶନରେ ଯୋଗ ଦେବାକୁ ଆସୁଛନ୍ତି ବିଧାୟକଙ୍କ ଅଟେଣ୍ଡାନ୍ସ ଖାତାରେ ରହିଛି ପୂର୍ବତନ ବିଧାୟକଙ୍କ ନାମ। ଥରେ ନୁହେଁ କି ଦୁଇ ଥର ନୁହେଁ ୩ ଥର ଏଭଳି ଅଜବ ଅବସ୍ଥା ଦେଖି ସେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବୁଧବାର ଶୂନ୍ୟକାଳରେ ସେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ବିଧାନସଭା ଅଧିବେଶନ ବେଳେ ଯେତେବେଳେ ଉପସ୍ଥାନ ଖାତାରେ ଦସ୍ତଖତ କରିବାକୁ ଯାଉଛି ସେତେବେଳେ ସେଠାରେ ପୂର୍ବତନ ବିଧାୟକଙ୍କ ନାମ ଲେଖା ହୋଇଛି। ଏହା ବିଧାୟକଙ୍କ ପ୍ରତି ଅପମାନ ନୁହେଁ କି ବୋଲି ସେ ପ୍ରଶ୍ନ କରିଥିଲେ। ବାରମ୍ବାର ଏଭଳି କରାଯାଉଛି ବୋଲି ସେ ଅଭିଯୋଗ ଆଣିଥିଲେ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଆଶ୍ୱାସନା ଦେଇ କହିଥିଲେ ଯେ ଆଉ ସେ ଭୁଲ ହେବ ନାହିଁ। ବିଧାନସଭା ସଚିବଙ୍କୁ ଏ ନେଇ ନିର୍ଦ୍ଦେଶ ଦେବି ବୋଲି କହିଥିଲେ।

# କଂଗ୍ରେସ ଗଡ଼ରେ ବାଜିଲା ଶଙ୍ଖ

**ଜିଲା ପରିଷଦ ଅଧକ୍ଷ ପଦ ହାତେଇଲେ ବିଜେଡିର ଗଙ୍ଗାଧର ପୁଆଲା**



ବିଜୟ ପରେ ବିଜେଡି ନେତା ଓ କର୍ମୀମାନେ ଖୁସି ମନାଉଛନ୍ତି ।

ରାୟଗଡ଼ା ଅଫିସ,୧୯।୨

କଂଗ୍ରେସ ଗଡ଼ରେ ବାଜିଲା ଶଙ୍ଖ। ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ବୁଧବାର ହୋଇଥିବା ଉପନିର୍ବାଚନରେ ବିଜେଡିର ଗଙ୍ଗାଧର ପୁଆଲା ବିଜୟୀ ହୋଇଛନ୍ତି । କଂଗ୍ରେସ ପାଖରେ ସଂଖ୍ୟା ବଳ ଥିଲା। ବିଜେଡି ପାଖରେ ଥିଲେ ମାତ୍ର ୭ ସଦସ୍ୟ। କିନ୍ତୁ ଏହା ସତ୍ତ୍ୱେ ଗଙ୍ଗାଧର ୧୩ ଖଣ୍ଡ ଭୋଟ ପାଇ ଅଧ୍ୟକ୍ଷ ପଦ ହାତେଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଆଶୁତୋଷ କିଲାକାଙ୍କୁ ମିଳିଛି ୫ଟି ଭୋଟ୍। ବିଜୟୀ ହେବା ପରେ ଗଙ୍ଗାଧର ପୁଆଲା କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଓ ବିଜେଡିର ଉନ୍ନୟନ କାମରେ ଭରସା ରଖି ସଦସ୍ୟମାନେ ତାଙ୍କୁ ଜିତାଇଛନ୍ତି।

ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ବୁଧବାର ନିର୍ବାଚନ ହୋଇଥିଲା। ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ପାଇଁ କଂଗ୍ରେସର କୋଲନରା ବ୍ଲକ ସମିତି ସଭ୍ୟ ଆଶୁତୋଷ କିଲାକା ଓ ବିଜେଡି ରାୟଗଡ଼ା ଜୋନର ଗଙ୍ଗାଧର ପୁଆଲା ପ୍ରାର୍ଥିପତ୍ର ଦାଖଲ କରିଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାର ଥିଲା। କିନ୍ତୁ ସକାଳ ୭ ଟାରୁ ଭାଜପା ଓ କଂଗ୍ରେସର କେତେକ ସଦସ୍ୟ ନିର୍ବାଚନ କାର୍ଯ୍ୟାଳୟରେ ପ୍ରବେଶ କରିବାରୁ ୩ ଦଳର ସଦସ୍ୟ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ସ୍ଥିତି ଶାନ୍ତ ପଡ଼ିବା ସହ ନିର୍ବାଚନ ହୋଇଥିଲା। ପୂର୍ବ ନିର୍ବାଚନରେ କ୍ରସ ଭୋଟିଂର ତିକ୍ତ ଅନୁଭୂତି ଯୋଗୁ ଭୋଟଦାନରୁ ବିରତ ରହିବା ପାଇଁ ମଙ୍ଗଳବାର ହୁଇପ୍ ଜାରି କରିଥିଲା ଭାଜପା। କିନ୍ତୁ ଦଳର ୨ ସଦସ୍ୟ ପୁଷ୍ପାଞ୍ଜଳି ମୁଢ଼ିକା ଓ ନେତ୍ରାନନ୍ଦ କୈବର୍ତ୍ତ ଏହାକୁ ନ ମାନି ଭୋଟ୍ ଦେଇଥିଲେ। ସେହିପରି କଂଗ୍ରେସର ୪ ସଦସ୍ୟ କ୍ରସ ଭୋଟିଂ କରିଛନ୍ତି। ବିଜେଡି ଘୋଡ଼ା ବେପାର କରିଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ଓ ଭାଜପା। ଉଭୟ ଦଳର ଜିଲା ସଭାପତି ଓ କର୍ମୀ ଜିଲାପାଳ ପ୍ରମୋଦ ବେହେରାଙ୍କୁ ଭେଟି ଏ ନେଇ ଅଭିଯୋଗ ରଖିଛନ୍ତି। କିନ୍ତୁ ଏନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇବାକୁ ପରାମର୍ଶ ଦେଇଛନ୍ତି ଜିଲାପାଳ। ନିର୍ବାଚନ ଅଧିକାରୀ ଅମ୍ରିତ ଋତୁରାଜ କହିଛନ୍ତି, ଶୃଙ୍ଖଳାର ସହ ନିର୍ବାଚନ ସରିଛି। ୨୧ ଜଣ ସଦସ୍ୟଙ୍କ ମଧ୍ୟରୁ ୨ ଜଣ ଭୋଟଦାନରୁ ବିରତ ଥିବାବେଳେ ୧୯ ଜଣ ଭୋଟ ଦେଇଥିଲେ। ଏଥିରୁ ଗୋଟିଏ ନାକଚ ହୋଇଛି। ନିର୍ବାଚନ କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ବାଚନ ଅଧିକାରୀ ଭାବେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା, ଜିଲା ପଞ୍ଚାୟତ ଅଧିକାରୀ ରାମକୃଷ୍ଣ ଗଣ୍ଡ ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

ସୂଚନାଯୋଗ୍ୟ,୨୦୧୭ରେ ୨୨ ଜଣ ଜିଲା ପରିଷଦ ସଭ୍ୟ ଥିଲେ । କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ ୧୦ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିଲେ । ସେ ସମୟରେ କଂଗ୍ରେସର ଜଣେ ଓ ଭାଜପାର ୨ ସଦସ୍ୟ କ୍ରସ ଭୋଟିଂ କରିଥିବା ଜଣା ପଡ଼ିଥିଲା । କିନ୍ତୁ ଦୁର୍ଘଟଣାରେ ପୁରୁଷୋତ୍ତମଙ୍କ ମୃତ୍ୟୁ ହୋଇଥିଲା । ପରେ ରାଜ୍ୟ ନିର୍ବାଚନ ଅଧିକାରୀ ପୁଣି ଥରେ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ କରିବାକୁ ବିଜ୍ଞପ୍ତି ଜାରି କରିଥିଲେ ।

**ନାଟକୀୟ ପରିବର୍ତ୍ତନ**

■ ହୁଇପ୍ ମାନିଲେନି ଭାଜପାର ୨ ସଦସ୍ୟ

■ କ୍ରସ୍ ଭୋଟିଂର ଫାଇଦା ନେଲା ବିଜେଡି

■ ୪ କଂଗ୍ରେସ ସଭ୍ୟ କ୍ରସ୍ ଭୋଟିଂ କରିଥିବା ଅଭିଯୋଗ

■ ବିଜେଡି ଘୋଡ଼ା ବେପାର କରିଛି: କଂଗ୍ରେସ/ଭାଜପା

# ଆସନ୍ତା ବର୍ଷ ଖୋଲିବ ଶାସ୍ତ୍ରୀୟ ଓଡ଼ିଆ ପ୍ରତିଷ୍ଠାନ

**ବିଧାନସଭାରେ ବିବୃତି ରଖିଲେ ସଂସ୍କୃତି ମନ୍ତ୍ରୀ**

ଭୁବନେଶ୍ୱର,୧୯।୨(ବ୍ୟୁରୋ)

କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ୨୦୧୪ ମାର୍ଚ୍ଚ ୧୧ ତାରିଖରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେବା ପରେ ଏ ପର୍ଯ୍ୟନ୍ତ ଟଙ୍କାଟିଏ ଅନୁଦାନ ଦେଇ ନାହାନ୍ତି। ଅନୁଦାନ ଦେବା ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟର ୯୦:୧୦ ଆନୁପାତିକ ସହଭାଗିତା ତଥ୍ୟ ବିଭାଗରେ ଉପଲବ୍ଧ ନାହିଁ। ଓଡ଼ିଶା ସରକାର ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୃଷ୍ଟି କରିବା ସହ ପ୍ରଶାସନିକ ଶବ୍ଦକୋଷର ପ୍ରଣୟନ, କାର୍ଯ୍ୟାଳୟ ନଥି ପ୍ରସ୍ତୁତି ଆଦି ଅନେକ କିଛି କରିଛନ୍ତି। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ପରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ୨୦୦୪ ନଭେମ୍ବର ୧ ତାରିଖରେ ପ୍ରକାଶିତ ସଂକଳ୍ପରେ ଉଲ୍ଲେଖ ଥିବା ବ୍ୟବସ୍ଥା ଅନୁଯାୟୀ ପଦକ୍ଷେପ ନେଉଛନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ମଙ୍ଗଳବାର ଉଠାଇଥିବା ପ୍ରସଙ୍ଗ ଉପରେ ବୁଧବାର ବିଧାନସଭାରେ ବିବୃତି ଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ ଏହା କହିଛନ୍ତି। ଭୁବନେଶ୍ୱରଠାରେ ଏକ ଶାସ୍ତ୍ରୀୟ ଓଡ଼ିଆ ପ୍ରତିଷ୍ଠାନ ନାମରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ଉତ୍କଳ ବିଶ୍ୱ ବିଦ୍ୟାଳୟର ପୁରୁଣା କ୍ୟାମ୍ପସ, ସର୍ଦ୍ଦାର ପଟେଲ କମ୍ପ୍ଲେକ୍ସରେ କାର୍ଯ୍ୟ କରିବ। ସେଥିପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବାର ସମ୍ଭାବନା ରହିଛି। ଏହି କେନ୍ଦ୍ର ପ୍ରତିଷ୍ଠା ହେବା ପରେ କେନ୍ଦ୍ର ସରକାରଙ୍କୁ ଆର୍ଥିକ ଅନୁଦାନ ପାଇଁ ଯୋଗାଯୋଗ କରାଯିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସରକାର ଅଙ୍ଗୀକାରବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।

# ଯୁବକଙ୍କୁ ନିର୍ମମ ହତ୍ୟା

■ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଲେ

■ ପୂର୍ବଶତ୍ରୁତା ସନ୍ଦେହ, ଚାପା ଉତ୍ତେଜନା



ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସର ତଦନ୍ତ।

ଢେଙ୍କାନାଳ ଅଫିସ, ୧୯।୨

ଢେଙ୍କାନାଳ ସହରସ୍ଥିତ ଦୋଳମଣ୍ଡପ ସାହି ନିକଟରେ ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ସ୍ଥାନୀୟ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ବେହେରା ଓରଫ ମିଚ୍ଚୁ (୪୭)। କେତେଜଣ ଯୁବକ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ହତ୍ୟା ପଛର କାରଣ ପୂର୍ବଶତ୍ରୁତା ବୋଲି ଅନୁମାନ କରାଯାଉଛି। ଘଟଣା ପରେ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଦୋଳମଣ୍ଡପ ସାହି ନିକଟ ଏକ ବରଗଛ ତଳେ ପୂର୍ଣ୍ଣଚନ୍ଦ୍ର ବସିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସେ ଜୀବନ ବଞ୍ଚାଇବାକୁ ଦୌଡ଼ି ଦୌଡ଼ି ପଳାଇଯିବାକୁ ଚେଷ୍ଟା କରୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଖଣ୍ଡାରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। କ୍ଷତାକ୍ତ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ର ଏକ ବାଲିଗଦାରେ ପଡ଼ିଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ଟାଉନ ଥାନା ଏବଂ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବର ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଧାନ କିଣାକୁ ନେଇ ଉଦ୍‌ବେଗ

**ଗୃହକୁ ରିପୋର୍ଟ ଦେବାକୁ ଯୋଗାଣ ମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଟୋକନ ବ୍ୟବସ୍ଥା ଓ ଧାନ କିଣାକୁ ନେଇ ବୁଧବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ବିରୋଧୀ ଏବଂ ଶାସକ ଦଳର ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଶୂନ୍ୟକାଳରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ। ସେ ଅଭିଯୋଗ କରିଥିଲେ ଯେ କଳାହାଣ୍ଡି ଜିଲାରେ ଧାନ ଗଜା ହେଲାଣି। ମନ୍ତ୍ରୀ କହୁଛନ୍ତି ସବୁ ଧାନ କିଣାଯାଉଛି। ଧାନ ରଖି ଚାଷୀ କରିବେ କ'ଣ। ସରକାର ସବୁ ପାଇଁ ଉତ୍ତରଦାୟୀ । ସରକାର ନିଜ ଏଜେନ୍ସି ଜରିଆରେ ଧାନ କଣିବା ଦରକାର। ଚାଷୀମାନେ କିଛି କହି ପାରୁ ନାହାନ୍ତି। ଆମକୁ ପଠାଇଛନ୍ତି କହିବାକୁ। ଆମେ କହିଲେ ଯଦି ଆପଣ ନଶୁଣିବେ। ଖାଲି କହି ନିଜେ ଖୁସି ହେଲେ କ'ଣ ହେବ। ସମସ୍ୟା ସମାଧାନ ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ। ସମସ୍ତ ଧାନ ଯେପରି କିଣା ହେବ ସେ ନେଇ ବ୍ୟବସ୍ଥା କରନ୍ତୁ ବୋଲି ବିରୋଧୀ ଦଳ ନେତା କହିଥିଲେ। ବିଜେଡି ସଭ୍ୟ କିଶୋର ମହାନ୍ତି, ରାଜେନ୍ଦ୍ର ସାହୁ, ଭାଜପା ସଭ୍ୟ କୁସୁମ ଟେଟେ ପ୍ରମୁଖ ଧାନ କିଣାକୁ ନେଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଦସ୍ୟମାନଙ୍କର ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଧାୟକମାନଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବା ସହିତ ଗୃହକୁ ରିପୋର୍ଟ ଦେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପୋଲ ଗାର୍ଡୱାଲ ଉପରେ ଚଢିଗଲା ବସ୍

ପାଟପୁର,୧୯।୨

ଗଞ୍ଜାମ-ଗଜପତି ସୀମାନ୍ତ ଟି.ଗୋବିନ୍ଦପୁର ପଞ୍ଚାୟତ ଖେମୁଣ୍ଡିଖୋଲ ନିକଟରେ ବୁଧବାର ପୂର୍ବାହ୍ନ ପ୍ରାୟ ସାଢେ ୯ଟାରେ ଏକ ଯାତ୍ରିବାହୀ ବସ୍ ପୋଲ ଗାର୍ଡୱାଲ୍ ଉପରକୁ ଚଢିଯାଇଥିଲା। ବସ୍‌ଟି ତଳକୁ ନ ଖସି ଲାଗି ରହିଯିବାରୁ ଏଥିରେ ଥିବା ୫୫ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ଗଜପତି ଜିଲା ଜିରାଙ୍ଗରୁ ବ୍ରହ୍ମପୁର ଅଭିମୁଖେ 'ବିକ୍ରାନ୍ତ' ନାମକ ଏକ ଘରୋଇ ବସ ୫୫ ଜଣ ଯାତ୍ରୀଙ୍କୁ ନେଇ ଆସୁଥିଲା। ଖେମୁଣ୍ଡିଖୋଲ ନିକଟ ବୁଲାଣୀରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକକୁ ସାଇଡ୍ ଦେବାକୁ ଯାଇ ବସ୍‌ଟି ପୋଲ ଗାର୍ଡୱାଲ୍ ଉପରକୁ ଚଢିଯାଇଥିଲା। ତେବେ ବସ୍‌ଟି ପୋଲ ତଳକୁ ନ ଖସି ପାର୍ଶ୍ୱରେ ଅଟକି ରହିଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି। ଉକ୍ତ ପୋଲଟି ରାଜପଥଠାରୁ ଅତି ସଂକୀର୍ଣ୍ଣ ଥିବାରୁ ସେଠାରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।



ଆଜିର ଲକ୍ଷ୍ୟ କାହାରି ଅନିଷ୍ଟ ନ କରି, କାହାକୁ ପୀଡ଼ା ନ ଦେଇ ସ୍ୱଚ୍ଛନ୍ଦ ଜୀବନଯାପନର କଳାକୁ ଆୟତ୍ତ କରିବା। ଏ ଲକ୍ଷ୍ୟ ସାଧନ ପାଇଁ ସମସ୍ତେ ଲାଗିଲେ ସମାଜରୁ ଦୁଃଖ ଓ ଦୁରାଚାର ଯିବ, ସମସ୍ତେ ସୁଖୀ ହେବେ।
- ରମାଦେବୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧ୍ୟାହ୍ନ ୧୨ଟା।
- ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଟ୍ରଫି ଉନ୍ମୋଚନ, କିଟ୍ ରଗ୍‌ବୀ ପଡ଼ିଆ, ଅପରାହ୍ନ ୨ଟା ୪୫।
- ଏଫଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ପାଇଁ ଭାରତ ଓ ଅଷ୍ଟ୍ରେଲିଆ ଦଳର ଅଭ୍ୟାସ, କଳିଙ୍ଗ ଷ୍ଟାଡିୟମ, ଅପରାହ୍ନ ୫ଟା।
- ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ଆସର, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।

**କଟକ**
- ଖ୍ରୀଷ୍ଟ କଲେଜ ପକ୍ଷରୁ କ୍ୟାରିୟର କଲେଜ କାଉନସେଲିଂ କାର୍ଯ୍ୟକ୍ରମ, କଲେଜ ପରିସର, ପୂର୍ବାହ୍ନ ୧୦ଟା।



ଉଚ୍ଛେଦକୁ ବିରୋଧ କରୁଛନ୍ତି ସାଲିଆସାହି ଅଧୀନ ୪ ବସ୍ତିର ବାସିନ୍ଦା।



ବିକ୍ଷୋଭକାରୀଙ୍କ ସହ ଟ୍ରାଫିକ୍ ଡିସିପି ଆଲୋଚନା କରୁଛନ୍ତି।



ଉଚ୍ଛେଦକାରୀ ଟିମ୍‌ର ବାଟ ଓଗାଳିଛନ୍ତି ବସ୍ତିବାସିନ୍ଦା।

# ଠେଙ୍ଗାବାଡ଼ିରେ ରୋକିଲେ ବସ୍ତି ଉଚ୍ଛେଦ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ସମାନ୍ତରାଳ ରାସ୍ତା ପାଇଁ ଉଚ୍ଛେଦବେଳେ ସାଲିଆସାହିରେ ବୁଧବାର ତୀବ୍ର ବିରୋଧର ସମ୍ମୁଖୀନ ହୋଇଛି ପୋଲିସ ଓ ମିଳିତ ଉଚ୍ଛେଦକାରୀ ଟିମ୍। ୬ଶହ ବର୍ଗଫୁଟର ଜମି ପଟ୍ଟା ଓ ଜଙ୍ଗଲ ଜମିରୁ ବଳପୂର୍ବକ ଉଚ୍ଛେଦର ପ୍ରତିବାଦ କରି କିଛିଦିନ ଧରି ଆନ୍ଦୋଳନକୁ ଓହ୍ଲାଇଥିବା ୪ ବସ୍ତିର ବାସିନ୍ଦା ହାତରେ ଠେଙ୍ଗା, ବାଡ଼ି ଧରି ବାଟ ଓଗାଳିଛି। ଘର ଭାଙ୍ଗିବାକୁ ଯାଇଥିବା ବୁଲ୍ ଡୋଜର ଆଗରେ ଶୋଇ ରହି ବିକ୍ଷୋଭ ପ୍ରଦର୍ଶନ ସହ ନାନା ନାରାବାଜି ଦେଇଥିଲେ। ଅଧିକାରୀମାନେ ବୁଝାଶୁଝା କରିଥିଲେ ମଧ ବସ୍ତି ବାସିନ୍ଦାମାନେ ନିଜ ଜିଦ୍‌ରେ ଅଟଳ ରହି ଦୀର୍ଘ ସମୟ ଧରି ମୁହାଁମୁହିଁ ହୋଇଥିଲେ। ଶେଷରେ ମୁଣ୍ଡ ନୁଆଁଇଥିଲା ଉଚ୍ଛେଦକାରୀ ଟିମ୍। ଏହାକୁ ନେଇ ସକାଳୁ ଅପରାହ୍ନ ଯାଏ ସାଲିଆସାହିରେ ଉତ୍ତେଜନା ଲାଗି ରହିଥିଲା।

ସୂଚନାଯୋଗ୍ୟ, ଜୟଦେବ ବିହାରରୁ ବାରଙ୍ଗ ରାସ୍ତାରେ ଟ୍ରାଫିକ ଜାମ୍ ସମସ୍ୟା ଦୂର କରିବା ପାଇଁ ରାସ୍ତାର ଦୁଇପାର୍ଶ୍ୱରେ ସମାନ୍ତରାଳ ଭାବେ ଦୁଇଟି ରାସ୍ତା ନିର୍ମାଣ ଚାଲିଛି। ସିଆର୍‌ପିଏଫ୍ ଛକରୁ ସାଲିଆସାହି ଓ ଇନଫୋସିସ୍ ଦେଇ ବାରଙ୍ଗ ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ସିଆର୍‌ପିଏଫ୍ ଛକରୁ ବାହାରି ସାଲିଆସାହି ଓ ଇନ୍‌ଫୋସିଟି ଦେଇ ବାରଙ୍ଗକୁ ଛୁଇଁବ। ଡାହାଣ ପାର୍ଶ୍ୱ ସମାନ୍ତରାଳ ରାସ୍ତା ଆଚାର୍ଯ୍ୟ ବିହାରରୁ ଭୁବନେଶ୍ୱର ନ୍ୟୁ ରେଲ୍‌ୱେ ଷ୍ଟେଶନ ଦେଇ ବାରଙ୍ଗ ପର୍ଯ୍ୟନ୍ତ ଯିବ। ଏହି ୨ଶହ ଫୁଟିଆ ରାସ୍ତା ପାଇଁ ଏବେ ଜମି ଅଧିଗ୍ରହଣ ପ୍ରମୁଖ ସମସ୍ୟା ପାଲଟିଛି। ଇତିମଧ୍ୟରେ ବାମପାର୍ଶ୍ୱ ରାସ୍ତା ନିର୍ମାଣ ଅଧାରୁ ଅଧିକ ସରିଥିବାବେଳେ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ କେତେକ ସ୍ଥାନରେ ଅଟକି ରହିଛି। ଘରୋଇ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାବେଳେ ସରକାରୀ ଜମିରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ସାଲିଆସାହିର ଗୌଡ଼ ବସ୍ତି, ବୀରବସ ବସ୍ତି, ଶ୍ରୀକ୍ରିଷ୍ଣାନଗର ବସ୍ତି ଓ ଲକ୍ଷ୍ମୀପୁର ବସ୍ତି ଉଚ୍ଛେଦ ହେବାର ଆବଶ୍ୟକତା ରହିଛି। ତେଣୁ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ କମିଶନରେଟ ପୋଲିସର ମିଳିତ ଉଚ୍ଛେଦକାରୀ ଟିମ୍ ସୁରକ୍ଷା ପାଇଁ ୧୦ ପ୍ଲାଟୁନ ପୋଲିସ ଫୋର୍ସ ସହ ବୁଧବାର ପୂର୍ବାହ୍ନରେ ଉଚ୍ଛେଦ ପାଇଁ ନାଲ୍‌କୋ ଛକ ଆଡୁ ଘଟଣାସ୍ଥଳ ଅଭିମୁଖେ ଯାଉଥିଲା। କଳିଙ୍ଗ ହସ୍ପିଟାଲ ଦେଇ ହୋଟେଲ ସୂର୍ଯ୍ୟାଂଶୁ ନିକଟରେ ଉଚ୍ଛେଦ ହେବାକୁ ଥିବା ସାଲିଆସାହିର ୪ ବସ୍ତିର ବାସିନ୍ଦା ସେମାନଙ୍କୁ ଘେରିଯାଇଥିଲେ। ପ୍ରଥମେ ୬ଶହ ବର୍ଗଫୁଟ ଜମିର ପଟ୍ଟା ଦିଅ, ତା'ପରେ ଆମକୁ ଉଚ୍ଛେଦ କର ବୋଲି କହି ବୁଲ୍‌ଡୋଜର ଆଗରେ ୫ଶହ ମହିଳା ଓ ପୁରୁଷ ସେମାନଙ୍କ ପିଲାଛୁଆ ଧରି ବସି ଯାଇଥିଲେ। ସେମାନେ ହାତର ଠେଙ୍ଗାବାଡ଼ି ଓ ହୋର୍ଡିଂ ଧରି ବିରୋଧ କରିଥିଲେ। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ, ଡିସିପି ଅନୁପ ସାହୁ, ଟ୍ରାଫିକ ଡିସିପି ସାଗରିକା ନାଥ, ବିଡିଏ ଅତିରିକ୍ତ କମିଶନର ହରିଶଚନ୍ଦ୍ର ନାୟକ, ବିଏମ୍‌ସି ଅତିରିକ୍ତ କମିଶନର ଅବନୀକାନ୍ତ ପଟ୍ଟନାୟକ ପ୍ରମୁଖ ବରିଷ୍ଠ ପଦାଧିକାରୀ ପହଞ୍ଚି ବସ୍ତିବାସିନ୍ଦାଙ୍କୁ ବୁଝାଶୁଝା କରିଥିଲେ। ହେଲେ ସେମାନେ ଉଚ୍ଛେଦ କରାଇ ଦେବେନି ବୋଲି ଜିଦ୍ ଧରି ଥିଲେ। ଏହାପରେ ସେଠାରେ ବୈଠକ ବସି ଆଲୋଚନା ହୋଇଥିଲା। ବର୍ତ୍ତମାନ ପିଲାଙ୍କର ମାଟ୍ରିକ ପରୀକ୍ଷା ଚାଲିଛି। ତେଣୁ ବର୍ତ୍ତମାନ କୌଣସି ଘର ଭଙ୍ଗା ହେବନି। କେବଳ ଖାଲି ସ୍ଥାନ ଓ ଦୋକାନ ବଜାର ଭାଙ୍ଗିବାକୁ ସେମାନେ ସହମତି ପ୍ରକାଶ କରିଥିଲେ। ମାଟ୍ରିକ୍ ପରୀକ୍ଷା ସରିଲେ ବସ୍ତିବାସିନ୍ଦାଙ୍କୁ ସାଲିଆ ସାହିର ଅନ୍ୟତ୍ର ଥଇଥାନ କରାଯିବା ପରେ ଉଚ୍ଛେଦ ହେବ ବୋଲି ସହମତି ପ୍ରକାଶ ପାଇଥିଲା। ବିଏମ୍‌ସି କମିଶନର ଚୌଧାରୀ କହିଥିଲେ, ବିଏମ୍‌ସି ଦ୍ୱାରା କ୍ଷତିପୂରଣ ବାବଦକୁ ପରିବାର ପିଛା ୨୫ ହଜାର ଟଙ୍କା ଓ ୭ ଦିନର ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ। ୨୦/୩୦ ବର୍ଗଫୁଟ ନୁହେଁ, ୨୨୩ ପରିବାରକୁ ୨୫/୧୨ ବର୍ଗଫୁଟ ଲେଖାଏ ଜମି ଦିଆଯିବ। ସଫଳ ଆଲୋଚନା ପରେ ବସ୍ତିବାସିନ୍ଦା ପ୍ରତିବାଦସ୍ଥଳରୁ ଉଠିଥିଲେ।





**ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ନିର୍ମାଣ ପ୍ରସଙ୍ଗ**
- ମିଳିତ ଉଚ୍ଛେଦ ଟିମ୍‌କୁ ପିଲାଛୁଆ ଧରି ଘେରିଲେ ୪ ବସ୍ତିର ବାସିନ୍ଦା
- ମାଟ୍ରିକ୍ ପରୀକ୍ଷା ପରେ ହେବ ବସ୍ତିବାସିନ୍ଦାଙ୍କ ଘର ଉଚ୍ଛେଦ
- ଏବେ ଖାଲି ହେବ ଦୋକାନ ବଜାର ଓ ବ୍ୟବସାୟିକ ସ୍ଥାନ
- ୨୨୩ ପରିବାରକୁ ମିଳିବ ୨୫/୧୨ ବର୍ଗଫୁଟର ଜମି, ୨୫ହଜାର ଟଙ୍କା କ୍ଷତିପୂରଣ

## ବିସ୍ଥାପନ ପୂର୍ବରୁ ଥଇଥାନ କର: ଓଏଚ୍ଆର୍‌ସି

**କଟକ ଅଫିସ, ୧୯।୨:** ବସ୍ତିବାସିନ୍ଦାଙ୍କୁ ବିସ୍ଥାପନ ପୂର୍ବରୁ ଥଇଥାନ କରିବାକୁ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ବୁଧବାର ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ ଏ ସମ୍ବନ୍ଧୀୟ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାର ଶୁଣାଣି ଆସନ୍ତା ମାର୍ଚ୍ଚ ୧୯ ତାରିଖ ହେବ। ଏ ନେଇ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲର ଦ୍ୱିତୀୟ କ୍ୟାମ୍ପସ ପାଇଁ ବସ୍ତିଗୁଡ଼ିକ ଉଚ୍ଛେଦ କରାଯାଇଥିଲା। ସେମାନଙ୍କୁ ଠିକ୍ ଭାବେ ଥଇଥାନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରା ନ ଯାଇ ଜୋର ଜବରଦସ୍ତ ବସ୍ତି ଉଚ୍ଛେଦ କରାଯାଇଥିଲା। ବିସ୍ଥାପନ ପୂର୍ବରୁ ଥଇଥାନ କରିବାକୁ ମଞ୍ଚର କର୍ମକର୍ତ୍ତାମାନେ ଗତ ୩ ତାରିଖରେ ଓଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ।

## ୭ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଭୁବନେଶ୍ୱର,୧୯।୨(ବ୍ୟୁରୋ):** ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବୁଧବାର ସ୍ଥାନୀୟ ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯିବା ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୭ଦଫା ସମ୍ବଳିତ ଏକ ଦାବିପତ୍ର ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସମିତି ପକ୍ଷରୁ ଦିଆଯାଇଥିବା ଦାବିଗୁଡ଼ିକ ହେଲା, ୨୦୧୯ ଜୁଲାଇରୁ ୫% ମହଙ୍ଗା ଭତ୍ତା ୨୦୨୦ ଫେବୃୟାରୀ ଦରମାରେ ପ୍ରଦାନ କରିବା, ଅନୁକମ୍ପାମୂଳକ ନିଯୁକ୍ତି ନିମନ୍ତେ ପ୍ରକାଶିତ ଆଦେଶକୁ ବାତିଲ କରି ପୂର୍ବଭଳି ନିଯୁକ୍ତି ପ୍ରକ୍ରିୟା ଚାଲୁ ରଖିବା, ୨୦୧୬ରୁ ସଂଶୋଧିତ ଘରଭଡ଼ା ଭତ୍ତା ଦେବା, ୨୦୦୫ ପରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ସ୍ଥିରୀକୃତ ପେନ୍‌ସନ ଦେବା ଆଦି ଦାବିରେ ସମିତି ପକ୍ଷରୁ ଏହି ଧାରଣା ଦିଆଇଥିଲା। ସମସ୍ୟାଗୁଡ଼ିକୁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ସହ ଏହାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ ନିମନ୍ତେ ଆଶୁ ପଦକ୍ଷେପ ନେବା ପାଇଁ ସମିତି ଦାବି କରିଛି। ଗତ କିଛି ଦିନ ପୂର୍ବେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ୭ ଦଫା ଦାବି ପୂରଣ ପାଇଁ ରାଜଧାନୀ ଶାଖାର ସଭାପତି ଅକ୍ଷୟ ଜେନା, ସମ୍ପାଦକ କାହ୍ନୁଚରଣ ମଲ୍ଲିକ, ସଭାପତି (ଯାନ୍ତ୍ରିକ), ରାଜ୍ୟ ଜଳ ଯାନ୍ତ୍ରିକ କର୍ମଚାରୀ ସଂଘ ପ୍ରଶାନ୍ତ ମହାନ୍ତି ପ୍ରମୁଖ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ବିନ୍ଦୁସାଗରରେ ବିଦେଶାଗତ ପକ୍ଷୀ



ପୁରୁଣା ଭୁବନେଶ୍ୱର, ୧୯।୨ (ଡି.ଏନ.ଏ.)

ବିନ୍ଦୁସାଗରରେ ବୁଧବାର ୫୦୦ରୁ ଉର୍ଦ୍ଧ୍ୱ ବିଦେଶାଗତ ପକ୍ଷୀ ପହଁରୁଥିବା ଦେଖିବାକୁ ମିଳିଥିଲା। କିଛିବର୍ଷ ହେଲାଣି ଚିଲିକା ଗମନ କରୁଥିବା ପକ୍ଷୀମାନଙ୍କ ମଧ୍ୟରୁ କେତେକ ଏଠାରେ ସାମୟିକ ରହଣି କରିଥାନ୍ତି। ତେବେ ଚଳିତବର୍ଷ ଶୀତ ଛାଡି ଯାଉଥିବାବେଳେ ବହୁ ବିଳମ୍ବରେ ହେଲେ ମଧ ଏହି ବିଦେଶାଗତ ପକ୍ଷୀଗୁଡିକୁ ବିନ୍ଦୁସାଗରରେ ଦେଖିବା ପାଇଁ ଗହଳି ହୋଇଛି। ପକ୍ଷୀଗୁଡିକୁ ଦେଖି ପକ୍ଷୀପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ପକ୍ଷୀପ୍ରେମୀ ଅଶୋକ ଶତପଥୀ କୁହନ୍ତି, ପୂର୍ବରୁ ପୁଷ୍କରଣୀଟିରେ ପଦ୍ମନାଡ ଭର୍ତ୍ତି ହୋଇଥିବାବେଳେ ଏବେ ସମ୍ପୂର୍ଣ୍ଣ ସଫେଇ କରାଯାଇଛି। ହୁଏତ ଖାଦ୍ୟ ଅନ୍ୱେଷଣରେ ଆସୁଥିବା ପକ୍ଷୀଗୁଡ଼ିକ ପାଇଁ ଚଳିତବର୍ଷ ପାଗ ଅନୁକୂଳ ହୋଇଥିଲେ ହେଁ ଏଠାରେ ବିଚରଣ ପାଇଁ ମଣି ନ ଥିଲେ। ସିଟି ଡିଏଫ୍‌ଓ ଅଶୋକ ମିଶ୍ରଙ୍କୁ ପଚାରିବାରେ ବିଦେଶାଗତ ପକ୍ଷୀମାନଙ୍କ ଆଗମନ ପୂର୍ବବର୍ଷ ଅପେକ୍ଷା ବିଳମ୍ବ ଓ ସଂଖ୍ୟା ହ୍ରାସ ହୋଇଛି ବୋଲି ସେ କହିଛନ୍ତି।

## ନନ୍ଦନକାନନ କାର୍ଯ୍ୟ ଅନୁଧ୍ୟାନ କଲେ କାମ୍ପା ପ୍ରତିନିଧି

**ବାରଙ୍ଗ,୧୯।୨(ଡି.ଏନ୍.ଏ.):** ନନ୍ଦନକାନନରେ ହେଉଥିବା ବିଭିନ୍ନ ଟେଣ୍ଡର ଓ ନିର୍ମାଣ କାର୍ଯ୍ୟଗୁଡ଼ିକରେ ଅନିୟମିତତା ହେଉଥିବା ଅଭିଯୋଗ ହେବା ପରେ ଗତ ବୁଧବାର ଭିଜିଲାନ୍ସର ଦୁଇଜଣିଆ ଟିମ ଆସି ସମସ୍ତ କାର୍ଯ୍ୟ ବୁଲି ଦେଖିବା ସହ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ୭ଦିନ ପରେ ବୁଧବାର କାମ୍ପାର ଦୁଇଜଣିଆ ପ୍ରତିନିଧି ଦଳ ନନ୍ଦନକାନନ ଆସି କେତେକ କାମକୁ ଅନୁଧ୍ୟାନ କରି ଫେରିଛନ୍ତି। ନନ୍ଦନକାନନର ବିକାଶ କ୍ଷେତ୍ରରେ କାମ୍ପାର ଆର୍ଥିକ ଅନୁଦାନର ବିନିଯୋଗ ହେଉଥିବାରୁ ଏହାର ତର୍ଜମା କରିଛନ୍ତି ଏହି ଦଳ। କାମ୍ପାର ଅନୁଦାନରେ ରାସ୍ତା ନିର୍ମାଣ, ଦଳ ସଫା, ଚାରାରୋପଣ ସାଙ୍ଗକୁ ବିଭିନ୍ନ ଏନ୍‌କ୍ଲୋଜରର ମରାମତି କାର୍ଯ୍ୟ ହୋଇଥିବାରୁ ଏହି ପ୍ରତିନିଧି ଦଳ ଉକ୍ତ କାର୍ଯ୍ୟଗୁଡିକର ମାନ ପରଖିଥିଲେ। ନନ୍ଦନକାନନ କର୍ତ୍ତୃପକ୍ଷ ଏହି ପ୍ରତିନିଧି ଦଳଙ୍କ ସହ ରହି ହୋଇଥିବା କାର୍ଯ୍ୟଗୁଡିକୁ ଦେଖାଇଥିଲେ। ତେବେ ହଠାତ୍ ଭିଜିଲାନ୍ସ ପରେ କାମ୍ପା ପ୍ରତିନିଧିଙ୍କର ଆଗମନକୁ ନେଇ ନନ୍ଦନକାନନରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି।

## କ୍ୟାପିଟାଲ ହସ୍ପିଟାଲରେ ଜରାରୋଗୀ ୱାର୍ଡ ଉଦ୍‌ଘାଟିତ

- ରହିଛି ୧୦ ଶଯ୍ୟା
- ମିଳିବ ଉତ୍ତମ ମାନର ଚିକିତ୍ସା
- ଉପକୃତ ହେବେ ବରିଷ୍ଠ ନାଗରିକ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)



କ୍ୟାପିଟାଲ ହସ୍ପିଟାଲର କାୟାକଳ୍ପରେ ବ୍ୟାପକ ସୁଧାର ଆସିଥିବାବେଳେ ବୁଧବାର ହସ୍ପିଟାଲ ପରିସରରେ ଜରାରୋଗୀ ୱାର୍ଡ ବା ଜେରିଆଟ୍ରିକ୍ ୱାର୍ଡ ଉଦ୍‌ଘାଟିତ ହୋଇଯାଇଛି। ବୃଦ୍ଧାବୃଦ୍ଧମାନଙ୍କ କ୍ଷେତ୍ରରେ ବୟସାଧିକ୍ୟ କାରଣରୁ ଦେଖା ଦେଉଥିବା ରୋଗର ଚିକିତ୍ସା ପାଇଁ ଏହି ୱାର୍ଡ ଖୋଲାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ୧୦ ଶଯ୍ୟା ବିଶିଷ୍ଟ ଏହି ୱାର୍ଡରେ ଉତ୍ତମ ମାନର ଚିକିତ୍ସା ସେବା ଯୋଗାଇଦେବା ଲାଗି ସମସ୍ତ ପ୍ରକାର ସୁବିଧା ରହିଛି। ଏହା ଦ୍ୱାରା ବାର୍ଦ୍ଧକ୍ୟଗ୍ରସ୍ତ ବରିଷ୍ଠ ନାଗରିକମାନେ ଗୁଣାତ୍ମକ ଚିକିତ୍ସା ସେବା ପାଇପାରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ କିଶୋର ଧଳ ଏବଂ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଅଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।

ଅପରାହ୍ନରେ ମନ୍ତ୍ରୀ ପଟିଆସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇ ସ୍ୱାସ୍ଥ୍ୟସେବାର ସ୍ଥିତି ସମୀକ୍ଷା କରିଥିଲେ। ଡାକ୍ତରଙ୍କ ସହ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଆଲୋଚନା କରିବା ସହ ଏଠାକୁ ଆସୁଥିବା ରୋଗୀମାନଙ୍କୁ କିପରି ଉପଯୁକ୍ତ ଚିକିତ୍ସାସେବା ମିଳିପାରିବ, ତା'ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ପରେ ନହରକଣ୍ଟାଠାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନବନିର୍ମିତ ବିଲ୍‌ଡିଂକୁ ଉଦ୍‌ଘାଟନ କରିଥିଲେ। ଏହିସବୁ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।





ଶୁକ୍ରବାର ମହାଶିବରାତ୍ରି: ଭୁବନେଶ୍ୱରର ପ୍ରସିଦ୍ଧ ଶୈବପୀଠ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଚତୁଃପାର୍ଶ୍ୱକୁ ଆକର୍ଷଣୀୟ ଢଙ୍ଗରେ ସଜାଯାଇଛି।



ଆଳସ୍ୟ ପରି ଶତ୍ରୁ କେହି ନାହିଁ। ଏହା ସମାଜର ସବୁ ସୁଖ ଶାନ୍ତିକୁ ନଷ୍ଟ କରିଦିଏ।

- ସନ୍ଥ ବିନୋବା ଭାବେ



## ମାଟ୍ରିକ ପ୍ରଶ୍ନପତ୍ର ଭାଇରାଲ ନେଇ ଏବିଭିପିର ଏତଲା

**ଭୁବନେଶ୍ୱର,୧୯।୨(ବ୍ୟୁରୋ):** ବୁଧବାର ମାଧମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଓଡ଼ିଆ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ନେଇ ସାରା ରାଜ୍ୟରେ ଚର୍ଚ୍ଚା ହୋଇଥିଲା। ହେଲେ ଭାଇରାଲ ପ୍ରଶ୍ନପତ୍ର ଅସଲି ନୁହେଁ ନକଲି ବୋଲି ବୋର୍ଡ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। କିନ୍ତୁ ଏବିଭିପି ପକ୍ଷରୁ ପ୍ରଶ୍ନପତ୍ର ଭାଇରାଲ ସମ୍ପର୍କରେ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ପୂର୍ବରୁ ଅନେକ ଥର ପ୍ରଶ୍ନପତ୍ର ଭାଇରାଲ ହୋଇଛି। ଏଣୁ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଏତଲାରେ ଦର୍ଶାଯାଇଛି। ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମଲ୍ଲିକ, ଭୁବନେଶ୍ୱର ମହାନଗର ସମ୍ପାଦକ ସମ୍ବିତ ରାଉତ ଓ ଅନ୍ୟ କେତେଜଣ କାର୍ଯ୍ୟକର୍ତ୍ତା ଏତଲା ଦେବାକୁ ଥାନାକୁ ଯାଇଥିଲେ।

## ପରୀକ୍ଷା କେନ୍ଦ୍ର ବୁଲିଲେ ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୧୯।୨(ବ୍ୟୁରୋ):** ବୁଧବାର ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଦେଖିଛନ୍ତି। ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ମନ୍ତ୍ରୀ ପ୍ରଥମେ କ୍ୟାପିଟାଲ ହାଇସ୍କୁଲ ଓ ପରେ ୟୁନିଭରସିଟି ହାଇସ୍କୁଲ ପରିଦର୍ଶନ କରିଥିଲେ। ସେଠାରେ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିବା ସହ ପରୀକ୍ଷା ହଲ୍ ବୁଲିଥିଲେ।

## ଭୁବନେଶ୍ୱରରେ ପରୀକ୍ଷା ଦେଲେ ୧୧୪୯୦ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୧୯।୨(ବ୍ୟୁରୋ):** ଭୁବନେଶ୍ୱର ବ୍ଲକ୍‌ରେ ୧୧୬୫୪ ଛାତ୍ରୀଛାତ୍ର ପରୀକ୍ଷା ଦେବା ଲାଗି ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ୧୧୪୯୦ଜଣ ପରୀକ୍ଷା ଦେଇଥିବାବେଳେ ୧୬୪ଜଣ ଅନୁପସ୍ଥିତ ଥିଲେ। ଭୁବନେଶ୍ୱର ବ୍ଲକ୍‌ରେ ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୧ ଉଚ୍ଚ ବିଦ୍ୟାଳୟ ଓ କ୍ୟାପିଟାଲ ହାଇସ୍କୁଲ ଆଦି ୩ ନୋଡାଲ୍ ସେଣ୍ଟର ହୋଇଛି। ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନରେ ମୋଟ ୪୪୨୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୟୁନିଟ୍-୧ ଉଚ୍ଚ ବିଦ୍ୟାଳୟ ଅଧୀନରେ ୨୬୭୨ ଓ କ୍ୟାପିଟାଲ ହାଇସ୍କୁଲ ଅଧୀନରେ ୪୩୮୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତେବେ ଭୁବନେଶ୍ୱର ବ୍ଲକ୍‌ରେ ମୋଟ ୪୧ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଏହି ବ୍ଲକ୍‌ରେ ପ୍ରଥମ ଦିନ ପରୀକ୍ଷା ପରିଚାଳନାରେ ସବୁକିଛି ଠିକ୍ ଥିବା ବିଇଓ ସସ୍ମିତା ମାଳି କହିଛନ୍ତି।



କଟକ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ଜଣେ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ଯାଞ୍ଚ କରାଯାଉଛି।

# ମାଟ୍ରିକ୍ ପରୀକ୍ଷା ପ୍ରଥମ ଦିନ: ଉତ୍ସାହ ଭରିଦେଲା ସହଜ ପ୍ରଶ୍ନ



ଭୁବନେଶ୍ୱର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ କେନ୍ଦ୍ରକୁ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀମାନେ।

**ଭୁବନେଶ୍ୱର, ୧୯।୨(ବ୍ୟୁରୋ):** ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମ୍ୟାଟ୍ରିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନ ସାହିତ୍ୟ ଥିଲା। ପୂର୍ବାହ୍ନ ୧୦ଟାରେ ପରୀକ୍ଷା ଆରମ୍ଭ ହେବାକୁ ଥିବାରୁ ୯ଟାରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ପାଇଁ କୁହାଯାଇଥିଲା। ସେହି ଅନୁସାରେ ପିଲାମାନେ ୯ଟା ବେଳେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ଧାଡ଼ି କରି ପିଲାମାନେ ଭିତରକୁ ପ୍ରବେଶ କରିଥିଲେ ଓ କଡ଼ାକଡ଼ି ଭାବେ ସେମାନଙ୍କର ଯାଞ୍ଚ କରାଯାଉଥିଲା। ଆସନ୍ତା ଦିନଗୁଡ଼ିକରେ ଥିବା ପରୀକ୍ଷାଗୁଡ଼ିକ ୧୦ଟାରେ ଆରମ୍ଭ ହେବାକୁ ଥିଲେ ମଧ ୯ଟା ୨୦ରେ ପ୍ରବେଶ କରିବା ପାଇଁ କୁହାଯାଇଛି। ତେବେ ପ୍ରଥମ ଦିନ ପରୀକ୍ଷା କେଉଁଭଳି ହୋଇଛି ଓ ପରୀକ୍ଷା ପୂର୍ବରୁ ଛାତ୍ରୀଛାତ୍ରଙ୍କ ଯେଉଁ ଭୟ ଥିଲା ତାହା ଦୂରେଇଛି କି ନାହିଁ ଆସନ୍ତୁ ଜାଣିବା।



“ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରୀକ୍ଷା କେନ୍ଦ୍ରରେ ମୋଟ୍ ୪ଟି ସ୍କୁଲର ୩୦୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ପ୍ରଥମଦିନ ପରୀକ୍ଷା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। କୌଣସି ପିଲା କପି କରିନାହାନ୍ତି। ୯ଟାରେ ପରୀକ୍ଷାର୍ଥୀ ହଲକୁ ପ୍ରବେଶ କରିଥିଲେ। ୧୦ଟାରେ ପ୍ରଶ୍ନପତ୍ର ଦିଆଯାଇଥିଲା।

**- ଦୋଳଗୋବିନ୍ଦ ସାହୁ, ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ, ରେଭେନ୍‌ଶା କଲିଜିଏଟ ସ୍କୁଲ**



“ପରୀକ୍ଷା ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ଯେଉଁ ନୀତି ନିୟମ ଆସିଥିଲା, ଆମେ ତାକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିଥିଲୁ। ପ୍ରଥମ ଦିନ ପରୀକ୍ଷା ଭଲରେ ହୋଇଛି। ଓଡ଼ିଆ ପ୍ରଶ୍ନ ପତ୍ରରେ ପିଲାମାନେ ଖୁସି ଅଛନ୍ତି ଓ ଭଲ କରିଛନ୍ତି ବୋଲି ପିଲାମାନେ ମତପ୍ରକାଶ କରିଛନ୍ତି।

**- ସୋନାମିକା ରାୟ, ପ୍ରଧାନଶିକ୍ଷୟିତ୍ରୀ, କ୍ୟାପିଟାଲ ହାଇସ୍କୁଲ**



“ଏଥର ପ୍ରଶ୍ନ ବହୁତ ଭଲ ପଡ଼ିଥିଲା। ଯେଉଁଭଳି ଭାବେ ପ୍ରସ୍ତୁତ ହୋଇଥିଲି ସେହିଭଳି ପ୍ରଶ୍ନ ଆସିଥିଲା। ସବ୍‌ଜେକ୍ଟିଭ୍ ଓ ଅବ୍‌ଜେକ୍ଟିଭ୍ ଦୁଇଟିଯାକ ଭଲ ଥିଲା। ଆଶା କରୁଛି ୯୦%ରୁ ଅଧିକ ରହିବ। ପରୀକ୍ଷା ପାଇଁ ସ୍କୁଲରେ ସବୁ ପ୍ରକାର ବ୍ୟବସ୍ଥା ବହୁତ ଭଲ ଥିଲା। ପରୀକ୍ଷା ପାଇଁ ଯେଉଁ ଭୟ ଥିଲା, ତାହା ପ୍ରଥମ ଦିନରୁ ପଳେଇଗଲା। ତେଣୁ ଇଂଲିଶ ପାଇଁ ଅଧିକ ଚିନ୍ତା ଲାଗୁନି। ଆଗରୁ ଯାହା ପଢ଼ିଛି ତାକୁ ରିଭାଇଜ୍ କରିବି।

**- ଶୁଭସ୍ମିତା ବାରିକ, ଛାତ୍ରୀ**



“ଭଲ ପ୍ରଶ୍ନ ପଡ଼ିଥିଲା। ତେବେ ସବ୍‌ଜେକ୍ଟିଭ୍ ମୋତେ ଅଧିକ ଭଲ ଲାଗିଲା। କିନ୍ତୁ ସବୁ ଅବ୍‌ଜେକ୍ଟିଭ୍ ପ୍ରଶ୍ନକୁ ବି ମୁଁ ଆଟେଣ୍ଡ କରିଛି। ୯୦% ରହିବ ବୋଲି ଭାବୁଛି। ଇଂଲିଶ ପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଯାଇଛି। କେବଳ ଆଉ ଥରେ ଲେଖାଏ ସବୁ ପଢ଼ିଦେଲେ ହୋଇଯିବ।

**- ଆକାଶ ପ୍ରଧାନ, ଛାତ୍ର**



“ପରୀକ୍ଷା ବହୁତ ଭଲ ହୋଇଛି। ସବୁ ପ୍ରକାର ପ୍ରଶ୍ନ ସହଜ ପଡ଼ିଥିଲା। ଆଶା କରୁଛି ୮୦% ରହିବ। ଆଗକୁ ଇଂଲିଶ ଅଛି, ସେଥିପାଇଁ ଏବେ ସେହି ବିଷୟ ପ୍ରତି ଅଧିକ ଧାନ ଦେବି। ପୂର୍ବରୁ ଯାହା ସବୁ ପଢ଼ିଛି, ତାକୁ ଏବେ ମନେ ପକାଇବି। ସାହିତ୍ୟ ଭଳି ଇଂଲିଶ ବିଷୟରେ ମଧ ଭଲ ହେବ ବୋଲି ମୁଁ ଆଶା କରୁଛି।

**- ପି. ମେଘନା, ଛାତ୍ରୀ**



“ପରୀକ୍ଷା ବହୁତ ଭଲ ହୋଇଛି। କାରଣ ପ୍ରଶ୍ନ ସବୁ ସହଜ ପଡ଼ିଥିଲା। ସବ୍‌ଜେକ୍ଟିଭ୍ ଓ ଅବ୍‌ଜେକ୍ଟିଭ୍ ଦୁଇଟିଯାକ ଭଲ ଥିଲା। ଗତଥର ପ୍ରଶ୍ନ ଭାଇରାଲ ହୋଇଥିଲା। ଏଥର ଯେଉଁଭଳି ଭାବେ କଡ଼ା ବ୍ୟବସ୍ଥା କରାଯାଇଛି, ପ୍ରଶ୍ନପତ୍ର ଭାଇରାଲ ହେବ ନାହିଁ ବୋଲି ଭାବିଥିଲୁ। କିନ୍ତୁ ଏଥର ବି ପ୍ରଶ୍ନ ଭାଇରାଲ ହୋଇଗଲା। ଇଂଲିଶ ପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଯାଇଛି।

**- ଅରବିନ୍ଦ ସାହୁ, ଛାତ୍ର**



“ପରୀକ୍ଷା ପାଇଁ ଟିକେ ଚିନ୍ତିତ ହୋଇପଡିଥିଲି। କିନ୍ତୁ ପ୍ରଶ୍ନପତ୍ର ଦେଖିଲା ପରେ ମନରେ ଖୁସି ଆସିଥିଲା। କାରଣ ଆଶା ଅନୁସାରେ ଉଭୟ ଅବ୍‌ଜେକ୍ଟିଭ ଓ ସବ୍‌ଜେକ୍ଟିଭ ସହଜ ପଡିଥିଲା। ସବୁ ପାଠ୍ୟକ୍ରମ ଅନୁଯାୟୀ ପ୍ରଶ୍ନ ଆସିଥିଲା। ୯୦ ପ୍ରତିଶତ ମାର୍କ ଆସିବ ବୋଲି ଆଶା ରହିଛି।

**- ପ୍ରିୟବ୍ରତ ନାୟକ, ମ୍ୟୁନିସିପାଲିଟି ସରକାରୀ ଉଚ୍ଚବିଦ୍ୟାଳୟ, ବିଡାନାସୀ**



“ପରୀକ୍ଷା ପାଇଁ ୪ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଛି। ପାଠ୍ୟପୁସ୍ତକ ପଢିବା ସହିତ ବିଭିନ୍ନ ଗାଇଡରୁ ମଧ ଅଭ୍ୟାସ କରୁଥିଲି। ଏଥିସହ ଧରିତ୍ରୀ ଖବରକାଗଜରେ ପ୍ରକାଶିତ ‘ମାଟ୍ରିକ ପରୀକ୍ଷା ସାଥୀ’ ପ୍ରଶ୍ନପତ୍ର ଅଭ୍ୟାସ କରିଥିବାରୁ ପ୍ରଥମ ପରୀକ୍ଷାରେ ଏହା ମୋ ପାଇଁ ବେଶ୍ ସହାୟକ ହୋଇଛି।

**- ମୁକେଶ କୁମାର ସାହୁ, ଗଣପତି ଶିଶୁ ବିଦ୍ୟାମନ୍ଦିର, ଝାଞ୍ଜିରିମଙ୍ଗଳା**



“ପ୍ରଥମ ଦିନ ପରୀକ୍ଷା ବେଶ୍ ଶୃଙ୍ଖଳାର ସହ ଶେଷ ହୋଇଛି। ପ୍ରଶ୍ନ ସହଜ ଥିବାରୁ ମାର୍କ ଭଲ ଆସିବ। ଆଗକୁ ଗଣିତ ଓ ଇଂରାଜୀ ଭଳି ବିଷୟରେ ଏହିଭଳି ପ୍ରଶ୍ନ ଆସିବ ବୋଲି ଆଶା ରହିଛି।

**- ପ୍ରତିଭା ସାହୁ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କାଜିବଜାର**



“ପରୀକ୍ଷା ପାଇଁ ପ୍ରତିଦିନ ପ୍ରସ୍ତୁତି ଚଳାଇଥିଲି। ମାତୃଭାଷା ବିଷୟରେ ଆସିଥିବା ପ୍ରଶ୍ନଗୁଡିକ ଧରିତ୍ରୀ ଖବରକାଗଜରେ ପ୍ରକାଶିତ ‘ମାଟ୍ରିକ ପରୀକ୍ଷା ସାଥୀ’ ସହିତ ବହୁତ ସାମଞ୍ଜସ୍ୟ ରହିଥିଲା। ପରିଶ୍ରମ ଅନୁଯାୟୀ ଫଳ ମିଳିବ ବୋଲି ବିଶ୍ୱାସ ରହିଛି।

**- ଗାୟତ୍ରୀ ସାହୁ , କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ**



“ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଥିଲା। ପରୀକ୍ଷା କେନ୍ଦ୍ରରେ ପ୍ରବେଶ ବେଳେ ମନରେ ନାନା ଆଶଙ୍କା ରହିଥିଲା। ତେବେ ପ୍ରଶ୍ନପତ୍ର ଦେଖିବା ପରେ ସହଜ ଲାଗିବାରୁ ଭୟ ଓ ଆଶଙ୍କା ଦୂରେଇ ଯାଇଥିଲା। ପରୀକ୍ଷା ଭଲ ହୋଇଛି। ଆଗାମୀ ବିଷୟର ପରୀକ୍ଷାଗୁଡ଼ିକ ମଧ ଭଲ ହେବ ବୋଲି ଆଶା ରହିଛି। ମୁଁ ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଛି।

**- ସ୍ୱର୍ଣ୍ଣଲତା ପୂଜାପଣ୍ଡା, ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀ, ପୁରୀ**



“ପ୍ରଥମ ଦିନ ପରୀକ୍ଷା ଲାଗି ମନରେ କିଛି ଆଶଙ୍କା ରହିଥିଲା। ତେବେ ପରୀକ୍ଷା ଭଲ ହୋଇଛି। ଆଶା କରିଥିବା ପ୍ରଶ୍ନ ଆସିଛି। ୯୦ ପ୍ରତିଶତ ରହିବ ବୋଲି ଭାବୁଛି। ସମୟାନୁସାରେ ସମସ୍ତ ପ୍ରଶ୍ନପତ୍ର ଉତ୍ତର ରଖିବା ଲାଗି ଚେଷ୍ଟା କରିଛି। ଆଗାମୀ ସମସ୍ତ ପରୀକ୍ଷା ମଧ ଭଲ ହେବ ବୋଲି ବିଶ୍ୱାସ ରହିଛି। ଇଂଲିଶରେ ଟିକେ ଦୁର୍ବଳ ଥିବାରୁ ଅଧିକ ପରିଶ୍ରମ କରୁଛି।

**- ପ୍ରତ୍ୟୁଷା ପଟ୍ଟନାୟକ, ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀ, ପୁରୀ**



ଭୁବନେଶ୍ୱର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ୍‌ରେ ଜୋତା ଖୋଲି ଛାତ୍ରୀଙ୍କୁ ଯାଞ୍ଚ କରାଯାଉଛି।



କଟକ ରାଣୀହାଟ ହାଇସ୍କୁଲରେ ପରୀକ୍ଷା ଦେଇ ଫେରୁଥିବା ଛାତ୍ରୀଛାତ୍ର।



“ପ୍ରଥମ ଦିନ ପରୀକ୍ଷା ଲାଗି ମୁଁ ଚିନ୍ତିତ ଥିଲି। କେନ୍ଦ୍ରକୁ ଯିବା ପୂର୍ବରୁ ମାନସିକ ସ୍ତରରେ ଭାରାକ୍ରାନ୍ତ ରହିଥିଲି। ପ୍ରଶ୍ନପତ୍ର ପାଇବା ପରେ ମୁଁ ଦୁଇଥର ପଢିଥିଲି। ମାତୃଭାଷାରେ ସହଜ ପ୍ରଶ୍ନ ଆସିଥିଲା। ବହୁତ ଖୁସି ଲାଗିଲା। ବହୁ ସୁନ୍ଦର ଭାବେ ସମସ୍ତ ପ୍ରଶ୍ନର ଉତ୍ତର ଦେଇଛି। ଆଶାଜନକ ନମ୍ବର ରହିବ ବୋଲି ଅନୁମାନ କରୁଛି।

**- ଶ୍ରଦ୍ଧାଞ୍ଜଳି ସାହୁ, ପୋଲିସ ଲାଇନ ସ୍କୁଲ, ପୁରୀ**



ପୁରୀ ଜିଲା ସ୍କୁଲ ପରୀକ୍ଷା କେନ୍ଦ୍ରରୁ ଛାତ୍ରୀମାନେ ପରୀକ୍ଷା ଦେଇ ଖୁସିରେ ଫେରୁଛନ୍ତି।




ଭୁବନେଶ୍ୱର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲରେ ଛାତ୍ରୀମାନେ ରୋଲ୍ ନମ୍ବର ଯାଞ୍ଚ କରୁଛନ୍ତି।





ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ପ୍ରଶ୍ନପତ୍ରକୁ ଅପେକ୍ଷା କରିଥିବା ବେଳେ କର୍ମଚାରୀମାନେ ହଲ୍‌କୁ ପ୍ରଶ୍ନପତ୍ର ପ୍ୟାକେଟ୍ ନେଇ ଯାଉଛନ୍ତି।



ଆଜି ଯିଏ ତୁମର ନିନ୍ଦା ଗାନ କରୁଛନ୍ତି, ଆଗାମୀ କାଲି ସିଏ ତୁମର ସ୍ତୁତି ଗାନ କରିପାରେ, ସୁତରାଂ ନିଜକୁ ହୀନ ମନେ କରୁଛ କାହିଁକି?
- ବ୍ୟାସଦେବ



## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲିପାଟଣା,୧୯।୨(ଡି.ଏନ୍.ଏ.):** ବନମାଳିପୁର ଫାଣ୍ଡି ଅନ୍ତର୍ଗତ ଖଇରିପୁର ଗ୍ରାମରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ଏହି ଗ୍ରାମର ପ୍ରଶାନ୍ତ କୁମାର ପଣ୍ଡା। ଏ ନେଇ ବାଲିପାଟଣା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୬/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ପ୍ରଶାନ୍ତଙ୍କ ଘର ପଛ ପଟେ ଥିବା ବାଡିର ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ବନମାଳିପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ପୋଲିସ କହିଛି।

### ବାଇକ୍‌ରୁ ଖସି ବୃଦ୍ଧା ମୃତ

**ବାଲିପାଟଣା,୧୯।୨(ଡି.ଏନ୍.ଏ.):** ବାଇକ୍‌ରୁ ଖସିପଡ଼ି ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଳଙ୍ଗା ଥାନା ଅନ୍ତର୍ଗତ ତୋରିଆବନ୍ଧ ଗ୍ରାମର ଅମ୍ବିକା ଦାସ ( ୬୨)। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ଅମ୍ବିକା ଏକ ବାଇକ୍‌ରେ ଯାଉଥିବା ବେଳେ ହଠାତ୍ ତଳକୁ ଖସି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅମ୍ବିକାଙ୍କ ପୁଅ କୃଷ୍ଣକେଶବ ଦାସଙ୍କ ଅଭିଯୋଗକ୍ରମେ ବାଲିପାଟଣା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୦) ରୁଜୁ କରିଥିଲା। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

### ଜମି ବିକ୍ରିରେ ଜାଲିଆତି, ଜଣେ ଗିରଫ

**କଟକ ରୋଡ,୧୯।୨(ଡି.ଏନ୍.ଏ.):** ଜମି ବିକ୍ରିରେ ଜାଲିଆତି ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା କୁନା ରାଉତ। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ରହୁଥିବା ପ୍ରଭାକର ରାଉତଙ୍କ କୁନା ସମ୍ପର୍କୀୟ ଭାଇ। ପ୍ରାୟ ୧ବର୍ଷ ପୂର୍ବେ ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ପ୍ରଭାକରଙ୍କ ଏକ ଜମିକୁ କୁନା ତାଙ୍କୁ ୩୫ଲକ୍ଷ ଟଙ୍କାରେ ବିକିଥିଲେ। ପରେ ଉକ୍ତ ଜମି ପ୍ରଭାକରଙ୍କ ବୋଲି ଜଣାପଡିଥିଲା। ପ୍ରଭାକରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୭/୨୦)ରୁଜୁକରି ତଦନ୍ତ ଚଳାଇଥିଲା।

### ୨୦ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୯।୨(ବ୍ୟୁରେ):** ଶହୀଦନଗର ଥାନା ଅନ୍ତର୍ଗତ କେଶୁରା ଅଞ୍ଚଳରେ ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଶାନ୍ତିପଲ୍ଲୀ ବସ୍ତି ଅଞ୍ଚଳର ଲୋକନାଥ ସାହୁ(୨୭)। ପୋଲିସ ତାଙ୍କଠାରୁ ଏକ ବସ୍ତାରୁ ୨୦ କେଜ ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଲୋକନାଥ କାହାରିକୁ ଗଞ୍ଜେଇ ଦେବା ପାଇଁ ରସ୍ତାକଡ଼ରେ ଅପେକ୍ଷା କରିଥିବା ବେଳେ ସୂଚନା ପାଇ ପୋଲିସ ଚଢାଉ କରିଥିଲା। ପୋଲିସ ୯୭/୨୦ରେ ମାମଲା ରୁଜୁ କରି ଲୋକନାଥଙ୍କୁ କୋର୍ଟଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ

**ବ୍ରହ୍ମଗିରି,୧୯।୨(ଡି.ଏନ.ଏ):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ଜାଡିପୁର ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଭସ୍ମୀଭୂତ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଗୌରାଙ୍ଗ ପ୍ରଧାନ ଓ କାଳୁ ରାଉତଙ୍କ ଘରେ ମଙ୍ଗଳବାର ରାତିରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଲାଗି ଦୁଇ ପରିବାରର ପ୍ରାୟ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ନିଆଁ ଲାଗିବାର କାରଣ ଜଣାପଡି ନାହିଁ।

# ‘ଜାତୀୟ ମୁଣ୍ଡ ପିଛା ଆୟ ସହ ସମକକ୍ଷ ହେବା ଓଡ଼ିଶାର ଲକ୍ଷ୍ୟ’

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**





ଅର୍ଥ ବିଭାଗ ସଚିବ ଅଶୋକ ମୀନା ଉଦ୍‌ବୋଧନ ଦେଉଛନ୍ତି।

ରାଜ୍ୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ୨୦୨୦-୨୧ ବଜେଟ ପ୍ରସ୍ତୁତ କରାଯାଇଛି। ଓଡ଼ିଶା ପର୍ଯ୍ୟଟନକୁ ଏକ ନୂଆସ୍ତରକୁ ନେବାକୁ ପର୍ଯ୍ୟଟନ କ୍ଷେତ୍ରରେ ଅର୍ଥ ବରାଦକୁ ଦୁଇଗୁଣା କରାଯାଇଛି। ସେହିଭଳି ଶିଳ୍ପକ୍ଷେତ୍ରରେ ବିକାଶ ନିମନ୍ତେ ବ୍ୟୟବରାଦକୁ ବୃଦ୍ଧି କରାଯାଇଛି। ପ୍ରତି ବିଭାଗରେ ହେବାକୁ ଥିବା ଖର୍ଚ୍ଚକୁ ବିସ୍ତୃତଭାବେ ବର୍ଣ୍ଣନା କରାଯାଇଛି। ଏହି ଷ୍ଟ୍ରାଟେଜିକ୍ ବଜେଟିଂ ଦ୍ୱାରା ବିଭାଗଗୁଡ଼ିକ କେଉଁ ଯୋଜନାରେ କେତେ ଅର୍ଥ ବ୍ୟୟ କରିବେ ତାହାର ସମ୍ପୂର୍ଣ୍ଣ ଚିତ୍ର ପାଇପାରିବେ ବୋଲି ଅର୍ଥ ବିଭାଗ ସଚିବ ଅଶୋକ ମୀନା କହିଛନ୍ତି। ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶା ଇକୋନୋମିକ୍ସ ଆସୋସିଏଶନ ଓ ବିଶ୍ୱବିଦ୍ୟାଳୟ ଆନାଲିଟିକାଲ ଏବଂ ଆପ୍ଲାଏଡ୍ ଇକୋନୋମିକ୍ସ ବିଭାଗ ପକ୍ଷରୁ ମିଳିତଭାବେ ଆୟୋଜିତ ‘ଓଡ଼ିଶା ବଜେଟ୍ ୨୦୨୦-୨୧’ ଶୀର୍ଷକ ଆଲୋଚନାଚକ୍ରରେ ସଚିବ ମୀନା ବଜେଟ୍ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ରାଜ୍ୟ ସରକାର ଚଳିତ ବଜେଟ୍‌ରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପ୍ରାଥମିକତା ଦେଇଛନ୍ତି। କଟକ ଏସ୍‌ସିବି ମେଡିକାଲ କଲେଜକୁ ଏମ୍‌ସ ପ୍ଲସ୍ ଷ୍ଟାଟ୍‌ସକୁ ଆଣିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଅଧିକ ଡାକ୍ତର, ନର୍ସ ଏବଂ ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରାଯାଇଛି। ରାଜ୍ୟରେ ଏବେ ଛାତ୍ର-ଶିକ୍ଷକ ଅନୁପାତ ଭଲ ଥିବାବେଳେ ଆଗାମୀ ଦିନରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ଅର୍ଥ କମିଶନ ଦେଇଥିବା ଟାର୍ଗେଟ୍ ଭିତରେ ରାଜ୍ୟର ଋଣ ପରିମାଣ ରହିଛି। ହେଲେ ଜାତୀୟ ମୁଣ୍ଡପିଛା ଆୟ ସହ ସମକକ୍ଷ ହେବାକୁ ଏବେ ରାଜ୍ୟ ଅଧିକ ଋଣର ଆବଶ୍ୟକତା କରୁଥିବା ମୀନା କହିଥିଲେ। ରାଜ୍ୟର ବ୍ୟୟ ତୁଳନାରେ ଆୟ ଅଧିକ ହେଉଥିବାରୁ ସେହି ଅଧିକ ଅର୍ଥକୁ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ କରିବାକୁ ଉପସ୍ଥିତ ବକ୍ତାମାନେ ପରାମର୍ଶ ଦେଇଥିଲେ। ବିଶେଷକରି ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ସେମାନେ କହିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ ହେଉଥିବା ପ୍ରତି ୧୦୦ ଟଙ୍କାରୁ ୭୪ ଟଙ୍କା ସାଧାରଣ ଲୋକଙ୍କ ପକେଟରୁ ଯାଉଥିବାବେଳେ ମାତ୍ର ୨୬ ଟଙ୍କା ସରକାର ବହନ କରୁଛନ୍ତି। ଏଭଳିସ୍ଥଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବା ଲାଗି ଓଡ଼ିଶା ସ୍ୱାସ୍ଥ୍ୟକ୍ଷେତ୍ରରେ ଅଧିକ ଅନୁଦାନ ଆବଶ୍ୟକତା କରୁଥିବା ଉପସ୍ଥିତ ଅର୍ଥନୀତିଜ୍ଞମାନେ ମତବ୍ୟକ୍ତ କରିଥିଲେ।

ଅନ୍ୟପକ୍ଷରେ ବଜେଟ୍‌ର ଅଧିକାଂଶ ଅର୍ଥ ରାଜ୍ୟ ସରକାର ଖଣି ଶିଳ୍ପରୁ ଆଦାୟ କରିବାକୁ ଥିବାବେଳେ ଏହାକୁ ନେଇ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଥିଲେ। ପରିବେଶ ଉପରେ ମଧ୍ୟ ଏହାର କୁପ୍ରଭାବ ରହିଛି। ଏହାସହ ତାହା ଅନିଶ୍ଚିତ ଶିଳ୍ପ ହୋଇଥିବାରୁ ଏଥିରୁ କେତେ ଅର୍ଥ ଆସିବ ତାହା କହିବା ସମ୍ଭବ ନୁହେଁ। ଏନେଇ ଉତ୍ତର ଦେଇ ଅର୍ଥ ସଚିବ ସରକାରଙ୍କର ଜରୁରିକାଳୀନ ପାଣ୍ଠିରେ ଯଥେଷ୍ଟ ଟଙ୍କା ରହିଥିବା କହିଥିଲେ। ଆବଶ୍ୟକସ୍ଥଳେ ଏହି ଅର୍ଥକୁ କାମରେ ଲଗାଯାଇପାରିବ ବୋଲି ସେ କହିଥିଲେ। ଓଡ଼ିଶା ଇକୋନୋମିକ୍ସ ଆସୋସିଏଶନର ସମ୍ପାଦକ ଡ. ଅମରେନ୍ଦ୍ର ଦାସ ପ୍ରାରମ୍ଭରେ ବଜେଟ୍‌ର ବିସ୍ତୃତ ବିବରଣୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ, ଏନ୍‌ସିଡିଏସ୍ ନିର୍ଦ୍ଦେଶକ ପ୍ରଫେସର ଶ୍ରୀଜିତ୍ ମିଶ୍ର, ପ୍ରଫେସର ସତ୍ୟକାମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ମିତାଲି ଚିନାରା ସ୍ୱାଗତଭାଷଣ ଦେଇଥିଲେ।

## ‘ମୁଟ୍ କୋର୍ଟ’ ପ୍ରତିଯୋଗିତା ଜିତିଲେ ମିତାଲି ମଧୁସ୍ମିତା

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**





ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଆଇନ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ଛାତ୍ରୀ ମିତାଲି ମଧୁସ୍ମିତା କଟକ ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ବିବୁଧେନ୍ଦ୍ର ମିଶ୍ର ଜାତୀୟସ୍ତରୀୟ ‘ମୁଟ୍ କୋର୍ଟ’ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦକୁ ତାଙ୍କୁ ୨୫ ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ମଧ୍ୟ ମିତାଲି ବିଭିନ୍ନ ରାଜ୍ୟସ୍ତରୀୟ ‘ମୁଟ୍ କୋର୍ଟ’ ପ୍ରତିଯୋଗିତାରେ ଭାଗନେଇ ବିଜୟୀ ହୋଇଥିଲାବେଳେ ଗତ ଅକ୍ଟୋବରରେ ବିଜୟୱାଡ଼ାଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ‘ମୁଟ୍ କୋର୍ଟ’ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

## ୨୧ରୁ ପୁରୀରେ ବାଏଅଫ୍

**ଭୁବନେଶ୍ୱର,୧୯।୨(ବ୍ୟୁରୋ):** ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବାର୍ଷିକ ଚଳଚ୍ଚିତ୍ର ମହୋତ୍ସବ ‘ବ୍ରିଙ୍ଗ୍ ୟୋର୍ ଓନ୍ ଫିଲ୍ମ ଫେଷ୍ଟିଭାଲ(ବାଏଅଫ୍) ଆସନ୍ତା ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ପୁରୀ ବେଳାଭୂମିରେ ଅନୁଷ୍ଠିତ ହେବ। ୫ଦିନ ବ୍ୟାପୀ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସମଗ୍ର ବିଶ୍ୱରୁ ଆସିଥିବା ଫିଲ୍ମ ପ୍ରଦର୍ଶିତ ହେବ। ମଧ୍ୟରାତ୍ରିରେ ବିଶ୍ୱର କେତେଜଣ ଖ୍ୟାତନାମା ଫିଲ୍ମମେକରଙ୍କ କ୍ଲାସିକ୍ ଫିଲ୍ମ ଏଠାରେ ଦେଖିବାକୁ ମିଳିବ। ଫିଲ୍ମ ସ୍କ୍ରିନିଂ ବ୍ୟତୀତ ଦିନତମାମ ଫିଲ୍ମ ସମ୍ପର୍କିତ ବିଭିନ୍ନ ସେମିନାର ଏବଂ ଅଧିବେଶନ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟା ୬ଟାରୁ ୮ଟା ମଧ୍ୟରେ ଓଡ଼ିଶାର ଯୁବ ତଥା ନୂତନ ପିଢ଼ିର ଚଳଚ୍ଚିତ୍ର ନିର୍ମାତାଙ୍କ ଫିଲ୍ମ ପ୍ରଦର୍ଶନ କରାଯିବ। ଏଥିରେ କେବଳ ଚଳଚ୍ଚିତ୍ର ନୁହେଁ, ଚିତ୍ରକଳା, ନୃତ୍ୟ, ସଙ୍ଗୀତ, ସ୍ଥାପତ୍ୟ, ନାଟକ, ସାହିତ୍ୟ ଏବଂ ଫଟୋଗ୍ରାଫି କ୍ଷେତ୍ରରେ ପରିଚିତ ବ୍ୟକ୍ତିତ୍ୱମାନେ ଯୋଗଦେବେ।



କୋଣାର୍କ ନୃତ୍ୟ, ସଙ୍ଗୀତ ଉତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ନୃତ୍ୟ।

## ଶିବ ସ୍ତୁତିରେ ମନ୍ତ୍ରମୁଗ୍ଧ ହେଲେ ଦର୍ଶକ

**କୋଣାର୍କ ନୃତ୍ୟ, ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ**

**କୋଣାର୍କ,୧୯।୨(ଡି.ଏନ୍.ଏ.)**

କୋଣାର୍କ ଅର୍କବିହାର ପରିସରରେ ୩୪ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। କୋଣାର୍କ ନାଟ୍ୟମଣ୍ଡପ ପରିସରରେ ଥିବା ବାବା ବାଲୁକେଶ୍ୱର ମନ୍ଦିରରୁ ଆଜ୍ଞାମାଳ ଅଣାଯିବା ପରେ ଘଣ୍ଟ ମର୍ଦ୍ଦଳର ତାଳେତାଳେ ଆରମ୍ଭ ହୋଇଥିଲା ଉଦ୍‌ଘାଟନ ସନ୍ଧ୍ୟା। ଏଥିରେ ଅତିଥି ଭାବେ ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସ୍ତ୍ରୀ ସୁଲୋଚନା ପ୍ରଧାନ, କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ରୁକ୍ମିଣୀ ଦେବୀ, ସଭାପତି ଡ.ରମଣୀ ରଞ୍ଜନ ଜେନା, ସମ୍ପାଦକ ଶିବାଶିଷ ପ୍ରଧାନ, ଯୁଗ୍ମସମ୍ପାଦକ ଗୁରୁପଦ ବଳିଆରସିଂହ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଶୁଭାରମ୍ଭ କରିଥିଲେ। ପରେ ନାଟ୍ୟମଣ୍ଡପର କଳାକାରମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା ପଞ୍ଚଦେବ ଶ୍ରୁତି। ଏହି ସନ୍ଧ୍ୟାର ପ୍ରଥମ ଅର୍ଘରେ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଶିଷ୍ୟ ଗୁରୁ ଲିଙ୍ଗରାଜ ନାୟକଙ୍କ ନିର୍ଦ୍ଦେଶନାରେ କୋଣାର୍କ ନାଟ୍ୟମଣ୍ଡପର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟରେ ଶିବ ପଞ୍ଚକ ଭଗବାନ ଶିବସ୍ତୁତି ମାଧ୍ୟମରେ ଭକ୍ତଙ୍କ ଆଶିଷ ପ୍ରାପ୍ତ ଉପରେ ପର୍ଯ୍ୟବସିତ ନୃତ୍ୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହାପରେ କଟକ ସ୍ୱର୍ଣ୍ଣ ମନ୍ଦିରର ମୁଖ୍ୟ ତତ୍ତ୍ୱାବଧାରକ ଓଡ଼ିଶୀ ନୃତ୍ୟଗୁରୁ ଜ୍ୟୋତ୍ସ୍ନାରାଣୀ ସାହୁ ଓ ସାଥୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ହରିଓମ୍‌ର ତାଳେତାଳେ ମଞ୍ଚ ପ୍ରବେଶ କରିଥିଲେ। ପରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ହୋଇଥିବା ରାସାନୁରାଗ ନୃତ୍ୟର ପ୍ରେମବିରହ ଓ ମିଳନକୁ ନିଖୁଣ ଭାବରେ ପରିବେଷଣ କରିଥିଲେ। ଶେଷରେ ଦୟାଳ ସଙ୍ଗୀତ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ସବର ପ୍ରଥମ ସନ୍ଧ୍ୟାରେ ଇଂଲିଶରେ ସିନ୍ଧୁ ବ୍ରାଉନ ଓ ଓଡ଼ିଆରେ ବିଶ୍ୱଜିତ ବଳିଆରସିଂହ ସଂଯୋଜନା କରିଥିଲେ। କୋଣାର୍କ ନାଟ୍ୟମଣ୍ଡପର ଉପସଭାପତି ପ୍ରସନ୍ନ ବେଉରିଆ, ଗୁରୁ ଜୟକୃଷ୍ଣ ନାୟକ, ଖବରଦାତା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସୁଦେଷ୍ଣା ସାମଲ ଓ ଜଟାଧାରୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ଅନ୍ୟ ପାଇଁ ଉଦାହରଣ ସାଜିବ ଓଡ଼ିଶା ଆଦର୍ଶ ବିଦ୍ୟାଳୟ’

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ଓଡ଼ିଶାର ୩୧୪ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯେପରି ଜଣେ ଜଣେ ମଡେଲ୍ ଭାବେ ଆଗକୁ ବଢ଼ିବେ ଏବଂ ଓଡ଼ିଶା ଶିକ୍ଷା କ୍ଷେତ୍ରରେ ବେଞ୍ଚମାର୍କ ସୃଷ୍ଟି କରି ଆଗାମୀ ଦିନରେ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିବେ ତାହାକୁ ଓଡ଼ିଶା ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଉପଦେଷ୍ଟା ଡ. ବିଜୟ କୁମାର ସାହୁ କହିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବଶିକ୍ଷା ସଶକ୍ତୀକରଣ ଭାରତ ସମ୍ମାନ-୨୦୨୦ରେ ଯୋଗଦେଇ ସେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମିଶନର ସମ୍ପୂର୍ଣ୍ଣ ବିବରଣୀ ଦେଇଥିଲେ। ବୈଷୟିକ ଜ୍ଞାନକୌଶଳ, ସ୍ୱଚ୍ଛତା, ଦଳଗତ କାର୍ଯ୍ୟ, ସମୟ ଓ ପରିବର୍ତ୍ତନ ଭଳି ଦୃଷ୍ଟିକୋଣ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରାଯାଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ୍ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏବଂ ଏନ୍‌ସିଆର୍‌ଟିର ଉଚ୍ଚପଦସ୍ଥ ଅଧିକାରୀ, ରାଷ୍ଟ୍ରୀୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗ, ବିଭିନ୍ନ ସ୍କୁଲର ପ୍ରିନ୍ସିପାଲ୍, ଶିକ୍ଷାବିତ୍ ଏବଂ ଦେଶର ବିଭିନ୍ନ ଏଡୁଟେକ୍ ସଂସ୍ଥାମାନ ଯୋଗଦେଇଥିଲେ।

## ମୃତ ବିଦେଶାଗତ ପକ୍ଷୀ ସହ ୫ ଜଣ ଶିକାରୀ ଗିରଫ

**ଟାଙ୍ଗୀ (ଖୋର୍ଦ୍ଧା), ୧୯।୨ (ଡି.ଏନ.ଏ)**

ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିଦେଶୀ ମୃତ ପକ୍ଷୀ ଜବତ କରାଯିବା ସହ ୫ ପକ୍ଷୀ ଶିକାରୀଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, କୌଣସି ସୂତ୍ରରୁ ଖବରପାଇ ଅଚାନକ ଚଢାଉ କରି ନଈରୀ ନୂଆକୁଦ ନିକଟରେ ପକ୍ଷୀ ଶିକାର କରି ଫେରୁଥିବା ଅବସ୍ଥାରେ ପୋଲିସ ସହାୟତା ଓ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ବାଲୁଗାଁ ଥାନା ଅନ୍ତର୍ଗତ ବଡକୂଳ ନିକଟସ୍ଥ ଚନ୍ଦ୍ରାପୁଟ ଗ୍ରାମର ସତ୍ୟବାନ କେଇ (୫୦), ପ୍ରକାଶ ବେହେରା (୪୫), ସୁରେନ୍ଦ୍ର ବେହେରା (୫୨), ଦିଲୀପ ଜାନି (୩୫) ଓ ଫକୀର ବେହେରା (୬୬)ଙ୍କୁ ଗିରଫ କରିଛି। ମୃତ ପକ୍ଷୀମାନଙ୍କ ମଧ୍ୟରେ ୨ଟି ଲାର୍ଜ ହୁଇସିଲଙ୍ଗ ଓ ୩ଟି ନର୍ଦନ ପିନଟେଲ ରହିଛନ୍ତି। ଏହି ଚଢାଉରେ ବନରକ୍ଷୀ ଛବିରାଣୀ ବେହେରା, ଜଗୁଆଳି ସୁକାନ୍ତ ସ୍ୱାଇଁ ଓ ଚନ୍ଦ୍ରମଣି ସାହୁ ପ୍ରମୁଖ ସାମିଲ ଥିଲେ। ଗିରଫ ଶିକାରୀମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନ୍ୟପ୍ରାଣୀ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

## ଓୟୁଏଟିର ହେବ ବିକାଶ



**ଭୁବନେଶ୍ୱର, ୧୯।୨(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ବିକାଶ ହେବ। ଏଥିପାଇଁ ଗତ ୧୭ତାରିଖରେ କୃଷି ଭବନଠାରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ହଷ୍ଟେଲର ଭିତ୍ତିଭୂମି, ନୂତନ ହଷ୍ଟେଲ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ଉପରେ ବୈଠକରେ ଆଲୋଚନା ହୋଇଥିଲା। କ୍ୟାମ୍ପସ ଭିତରେ ଅତିରିକ୍ତ ୧୦୦୦ ସିଟ୍‌ର ଏକ ହଷ୍ଟେଲ ନିର୍ମାଣ ହେବ। ଖାଲି ଜାଗା ଥିଲେ ଏକ ସ୍ପୋର୍ଟସ କମ୍ପ୍ଲେକ୍ସ ହେବ। ଓୟୁଏଟି, ଡିଏସ୍‌ଡବ୍ଲ୍ୟୁଓ ଏବଂ ଡିପିଏନ୍‌ଇ ନୋଡାଲ ଅଫିସର ତଥା ଭୁବନେଶ୍ୱର(ଆର୍‌ଆଣ୍ଡବି) ଡିଭିଜନ-୫ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଶିଶିର ମିଶ୍ରଙ୍କ ନେତୃତ୍ୱରେ ପିଡବ୍ଲ୍ୟୁଡିର ଏକ ଟେକ୍ନିକାଲ ଟିମ୍ ହଷ୍ଟେଲ କାମର ତଦାରଖ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ‘୫-ଟି’ ସଚିବ ଭି. କେ. ପାଣ୍ଡିଆନ ଗତ ୧୭ତାରିଖ ସକାଳେ ଓୟୁଏଟିକୁ ଅଚାନକ ଗସ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ, ଲାବରେଟୋରି, ଖେଳପଡ଼ିଆ ସମେତ ଛାତ୍ରୀଛାତ୍ରଙ୍କ ହଷ୍ଟେଲ୍ ବୁଲି ଦେଖିବା ସହ ଭିତ୍ତିଭୂମିର ଅନୁଧ୍ୟାନ କରିଥିଲେ। ଓୟୁଏଟି ଭିତ୍ତିଭୂମିକୁ ଅଧିକ ସୁଦୃଢ଼ ଏବଂ ଏହାର ବିକାଶ ଲାଗି ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ସମ୍ପୃକ୍ତ ଅଧିକାରୀ ଏବଂ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ।

## ସ୍ୱାଭିମାନର ପ୍ରତୀକ ଦୃଷ୍ଟିବାଧିତ ସୁନୀଲ

**ବେପାରରୁ ଉଠୁଛି ପଢ଼ା ଖର୍ଚ୍ଚ...**

ସଂଘର୍ଷର ଶେଷ ନ ଥାଏ। ସଫଳତା ହାସଲ କରିବାର ସର୍ଟକଟ୍ ରାସ୍ତା ନାହିଁ କି ସଂଘର୍ଷର କୌଣସି ବିକଳ୍ପ ନାହିଁ। ନିଜକୁ ସଫଳ କରିବା ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦୃଷ୍ଟିବାଧିତ ଛାତ୍ର ସୁନୀଲ କୁମାର ସାହୁ ନିତିଦିନ ସଂଘର୍ଷ କରୁଛନ୍ତି। ପାଠପଢ଼ା ସାଙ୍ଗକୁ ବିଶ୍ୱବିଦ୍ୟାଳୟର ଫାଟକ ସମ୍ମୁଖରେ ଚଟ୍‌ପଟି ଖାଦ୍ୟ ବିକ୍ରି କରି ରୋଜଗାର କରିବାର ମାଧ୍ୟମ ବାଛିଛନ୍ତି। ଏହି ସ୍ୱଳ୍ପ ରୋଜଗାରରୁ ହିଁ ତାଙ୍କ ପଢ଼ା ଖର୍ଚ୍ଚ ଉଠେ...

**କଟକ ଅଫିସ,୧୯।୨**





ସୁନୀଲ କୁମାର ସାହୁ

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ସ୍ନାତକୋତ୍ତର ପଢୁଛନ୍ତି ସୁନୀଲ। ଅପରାହ୍ନରେ କ୍ଲାସ ସରିବା ପରେ ସୁନୀଲଙ୍କୁ ଦେଖିବାକୁ ମିଳେ ବିଶ୍ୱବିଦ୍ୟାଳୟର ମୁଖ୍ୟଫାଟକ ସମ୍ମୁଖରେ। ୪ଟା ବାଜିଲା ମାତ୍ରେ ସୁନୀଲ ନିଜ ବ୍ୟବସାୟ ସାମଗ୍ରୀ ଧରି ହାଜର ହୋଇଯାଆନ୍ତି। ପିଲାବେଳୁ ଦୃଷ୍ଟିଶକ୍ତି ହରାଇଥିଲେ ସୁଦ୍ଧା ପାଠପଢ଼ା ଓ ନିଜକୁ ସ୍ୱାବଲମ୍ବୀ କରିବାରେ ସେ କେବେ ହେଳା କରନ୍ତିନି ବୋଲି କହିଛନ୍ତି। ସୁନୀଲଙ୍କ ଏହି ସଂଘର୍ଷ ତାଙ୍କ ସ୍ୱାଭିମାନର ପରିଚୟ ଦିଏ।

ସୁନୀଲଙ୍କ ଘର ଅନୁଗୋଳ ଜିଲା ନତଡା ଗ୍ରାମରେ। ଢେଙ୍କାନାଳର ଦୃଷ୍ଟିହୀନ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିବା ପରେ କଟକ ରେଭେନ୍‌ଶା ମହାବିଦ୍ୟାଳୟରେ ଯୁକ୍ତ ୨ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସମ୍ମାନରେ ସ୍ନାତକ କରିଥିଲେ। ପରେ ରାଧାନାଥ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟରେ ବିଇଡି ପଢିଥିଲେ। ବିଇଡି ପାସ କରିବା ପରେ ଅନେକ କମ୍ପିଟିଟିଭ ପରୀକ୍ଷା ଦେଉଥିଲେ। ୨୦୧୯ ମସିହାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସ୍ନାତକୋତର ପ୍ରବେଶିକା ପରୀକ୍ଷାରେ ପାସ୍ କରି ନାମ ଲେଖାଇଥିଲେ। ପଢା ଖର୍ଚ୍ଚ ବାବଦକୁ ଯାହାକିଛି ବାପାଙ୍କ ଠାରୁ ମିଳେ ସେଥିରେ ସୁନୀଲ ସନ୍ତୁଷ୍ଟ ହୋଇଯାଆନ୍ତି। ବାପା ପ୍ରଭାକର ସାହୁ, ମାଆ ଲକ୍ଷ୍ମୀ ସାହୁ, ଗୋଟିଏ ଭାଇ ଓ ଭଉଣୀଙ୍କୁ ନେଇ ତାଙ୍କ ପରିବାର। ସୁନୀଲ ପରିବାରରେ ସବୁଠାରୁ ସାନ। ପ୍ରଭାକର ଚାଷ କରନ୍ତି। ସେଥିରୁ ଯାହା ଅର୍ଥ ଉପାର୍ଜନ ହୁଏ ସେଥିରେ ପରିବାର ଚଳିଥାଏ। ତେଣୁ ବାପାଙ୍କ ଉପରେ ସୁନୀଲ ବୋଝ ନ ହୋଇ ନିଜ ରୋଜଗାରରେ ନିଜେ ପଢିବା ପାଇଁ ମନସ୍ଥ କଲେ। ଫଳରେ ଗତ ୧୦ ଦିନ ହେବ ସେ ଏହି ବ୍ୟବସାୟ ଆରମ୍ଭ କରିଛନ୍ତି। ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବ୍ୟବସାୟ କରନ୍ତି। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ସୁନୀଲଙ୍କ କାହାଣୀ ଶୁଣିବା ପରେ କହିଛନ୍ତି, ଏ ଖବର ଏପର୍ଯ୍ୟନ୍ତ ମୋ କାନରେ ପଡି ନ ଥିଲା। ସୁନୀଲଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯାହା ସମ୍ଭବ ସାହାଯ୍ୟ କରାଯିବ।



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବିନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ବଢ଼େ ସ୍ପର୍ଦ୍ଧା, ତ୍ୟାଗରେ ବଢ଼େ ମହତ୍ତ୍ୱ।
- ଶିରିଡି ସାଇବାବା



## ସଂକ୍ଷେପରେ

### ୪ ଲକ୍ଷ ଟଙ୍କା ଦାଦାବଟି: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୨(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ବିଭିନ୍ନ ବସ୍ତି ଓ ଅଫିସ୍‌ରେ ଦାଦାବଟି ମାଗିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଡମଣା ଅଞ୍ଚଳର ପ୍ରଭାତ କୁମାର ସେଠୀ। ପ୍ରଭାତ ଗତ ୮ ତାରିଖରେ ଚନ୍ଦ୍ରଶେଖରପୁର ମା' ମଙ୍ଗଳା ବସ୍ତି ଅଞ୍ଚଳରେ ଦୋକାନ କରିଥିବା ରବୀନ୍ଦ୍ର ପ୍ରଧାନଙ୍କୁ ୪ ଲକ୍ଷ ଟଙ୍କା ବଟି ମାଗିଥିଲେ। ରବୀନ୍ଦ୍ର ଅରାଜି ହେବାରୁ ତାଙ୍କ ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ରବୀନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮୩/୨୦ ନମ୍ବରରେ ମାମଲା ରୁଜୁ କରି ବୁଧବାର ପ୍ରଭାତଙ୍କୁ ଗିରଫ କରିଥିଲା। କୋର୍ଟରେ ତାଙ୍କର ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଜାଗରଯାତ୍ରାରେ ସ୍ୱଚ୍ଛତାକୁ ଗୁରୁତ୍ୱ

ଭୁବନେଶ୍ୱର, ୧୯।୨(ବ୍ୟୁରୋ): ଜାଗର ଯାତ୍ରା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ବିଭିନ୍ନ ବିଭାଗର ମିଳିତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯିବା ସହ ଦୁଇଟି ମୋବାଇଲ୍ ଟଏଲେଟ୍ ସହ ଏକ ସ୍ୱତନ୍ତ୍ର ସ୍ଥାନରେ ଅସ୍ଥାୟୀ ଟଏଲେଟର ସ୍ଥାପନ କରାଯାଇଛି। ଦୁଇଟି ମୋବାଇଲ ଟଏଲଟରେ ଏକକାଳୀନ ୨୦ଜଣ ଶୌଚ କରିବାର ସୁବିଧା କରାଯାଇଛି। ଶୌଚାଳୟର ତୁରନ୍ତ ପରିଚାଳନା, ଆବଶ୍ୟକୀୟ ମାତ୍ରାରେ ବ୍ଲିଚିଂ ପାଉଡର ସିଞ୍ଚନ ଆଦି ବିଏମ୍‌ସି ପକ୍ଷରୁ ନିଶ୍ଚିତ କରାଯାଇଛି। ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳାରେ ଆସି ଦର୍ଶନ ଏବଂ ମହାଦୀପ ଦର୍ଶନ କରିବେ ସେ ନେଇ ଭୂମି ସମତଳ, ଅସ୍ଥାୟୀ ସେଡ୍ କରାଯିବା ସହ ବିଏମ୍‌ସି ପକ୍ଷରୁ ଅସ୍ଥାୟୀ ଭଜନମଣ୍ଡପ ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସଙ୍କ ସମେତ ବିଏମ୍‌ସି ପକ୍ଷରୁ ୫୫ଜଣ ସିକ୍ୟୁରିଟି ଗାର୍ଡ ନିୟୋଜିତ ହେବେ। ଦିନକୁ ତିନିଥର ୧୦୦ଜଣ ସଫେଇବାଲା ଲିଙ୍ଗରାଜ ମନ୍ଦିର ବାହ୍ୟ ପରିସର ସଫା କରିବେ। ଭୂପୃଷ୍ଠ ଆବର୍ଜନା ନ ହେବାପାଇଁ ପର୍ଯ୍ୟାପ୍ତ ପରିମାଣର ଡଷ୍ଟବିନ୍ ରହିବ। ଲିଙ୍ଗରାଜ କମ୍ପ୍ଲେକ୍ସ, ବିଏମ୍ ହାଇସ୍କୁଲ ଏବଂ ସୁଭଦ୍ରା ମହତାବ ହାଇସ୍କୁଲରେ ଗାଡି ପାର୍କିଂ କରାଯିବାର ବ୍ୟବସ୍ଥା ହୋଇଛି। ଜୋତା ରଖିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଜୋତା ଷ୍ଟାଣ୍ଡ କରାଯିବା ସହ ସାଧାରଣଲୋକଙ୍କୁ ମାଗଣାରେ ଉପଲବ୍ଧ ହେବ। ଏହି ଷ୍ଟାଣ୍ଡ ଗୁଡିକୁ ଏନ୍‌ଜିଓ ସହଯୋଗରେ ପରିଚାଳନା କରାଯିବ। ପାଣି ଟ୍ୟାଙ୍କର, ସ୍ୱେଚ୍ଛାସେବୀ ଏବଂ ଆମ୍ବୁଲାନ୍ସ ସେବାକୁ ମଧ ଗୁରୁତ୍ୱ ଦିଆଯାଇଛି। ଜାଗର ଯାତ୍ରା ପରଦିନ ବିଏମ୍‌ସି ଅଧିକ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରି ପରିବେଶ ପରିଷ୍କାର କରିବ ବୋଲି ଜଣାପଡିଛି। ଏହା ସହିତ ଅଞ୍ଚଳର ସମସ୍ତ ମନ୍ଦିରକୁ ଆଲୋକୀକରଣ କରାଯିବ।

### ଅର୍ଦ୍ଧନାରୀଶ୍ୱର ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ପୁରୁଣା ଭୁବନେଶ୍ୱର, ୧୯। ୨ (ଡି.ଏନ.ଏ.): ବିଶ୍ୱର କଲ୍ୟାଣ ନିମନ୍ତେ ପୁରୁଣା ଭୁବନେଶ୍ୱରର ମହତାବ ରୋଡସ୍ଥିତ ଅର୍ଦ୍ଧନାରୀଶ୍ୱର ମନ୍ଦିରରେ କମିଟି ପକ୍ଷରୁ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଛି। ସୋମବାର ଅଙ୍କୁରାରୋପଣ, କଳସ ଯାତ୍ରା କରାଯାଇଥିଲା। ବହୁ ସ୍ୱନାମଧନ୍ୟ ପ୍ରବଚକ ଯୋଗ ପ୍ରବଚନ ଦେଇଥିଲେ। ଅର୍ଦ୍ଧନାରୀଶ୍ୱର ପୂଜା କମିଟି ପକ୍ଷରୁ ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଛୋଟ ମନ୍ଦିରକୁ ଅବହେଳା

ପୁରୁଣା ଭୁବନେଶ୍ୱର, ୧୯। ୨ (ଡି.ଏନ.ଏ.)

ମହାଶିବରାତ୍ରି ଉପଲକ୍ଷେ ଏକାମ୍ର କ୍ଷେତ୍ର ଚଳଚଞ୍ଚଳ ହୋଇ ଉଠିଛି। ପ୍ରଶାସନ ପକ୍ଷରୁ କଂକ୍ରିଟ୍ ଟାଇଲ୍ ବିଛାଯାଇ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ମଣ୍ଡପ ଓ ଟେଣ୍ଟ ବ୍ୟବସ୍ଥା କରାଯାଇଛି। ମାତ୍ର ମିଳିତ ଉଚ୍ଛେଦ ଟିମ୍ ପକ୍ଷରୁ ସୌନ୍ଦର୍ଯ୍ୟକରଣ ଓ ବିକାଶ ଆଳରେ ମନ୍ଦିର ଚତୁଃପାର୍ଶ୍ୱରେ ରହିଥିବା ବିଭିନ୍ନ ଛୋଟ ମନ୍ଦିର ପୁନରୁଦ୍ଧାର କରିବା ଦୂରେ ଥାଉ ଏଗୁଡିକ ନିକଟରେ ନିର୍ମାଣ ଓ ଖନନ କାର୍ଯ୍ୟ ଚାଲୁଛି। ହେଲେ ଏହି ସମୟରେ କୌଣସି ସରକାରୀ ଅଧିକାରୀ ଉପସ୍ଥିତ ନ ରହିବା ଶ୍ରଦ୍ଧାଳୁ ଓ ଏକାମ୍ରବାସୀଙ୍କୁ ଏହା ବ୍ୟଥିତ କରିଛି। ଦକ୍ଷିଣ ଦ୍ୱାର ନିକଟରେ ଶ୍ରୀଲିଙ୍ଗରାଜ ମନ୍ଦିର ସମସାମୟିକ ଗଡ଼ ଗଣେଶ ମନ୍ଦିର, ଯାହାକି ଭକ୍ତକବି ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପରିସରରେ ରହିଥିଲା ଏବେ ବିଭାଗୀୟ ଅବହେଳା ଯୋଗୁ ଭୁଶୁଡି ପଡିବା ସ୍ଥିତିରେ। ଏହା ଦେଖି ବହୁ ସେବାୟତ ଓ ଶ୍ରଦ୍ଧାଳୁ ଏହି ଗଡ଼ ଗଣେଶ ସମେତ ହାଟସାହି ଅଞ୍ଚଳରେ ଏଭଳି ଅନ୍ୟୂନ ୧୦ଗୋଟିରୁ ଊର୍ଦ୍ଧ୍ୱ ମନ୍ଦିର ପୁନରୁଦ୍ଧାର କରିବାକୁ ଦାବି ହୋଇଛି। ଶହ ଶହ ବର୍ଷର ଐତିହ୍ୟ ନିକଟରେ ଶକ୍ତି ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ବସାଇ ଯାଇଛି। ଏକ ପାଖରେ ନାଳ ନିର୍ମାଣ ପରେ ସାଧାରଣ ଲୋକେ ଶୌଚ ନିମନ୍ତେ ଓ ଅଳିଆଗଦା ପରି ଏଗୁଡିକୁ ବ୍ୟବହାର କରୁଛନ୍ତି ।

## ଏକାମ୍ର କ୍ଷେତ୍ରରେ ସୌନ୍ଦର୍ଯ୍ୟକରଣ, ବିକାଶ

ସେହିପରି ଏହି ବିକାଶ ଯୋଜନା ଆରମ୍ଭ ସମୟରେ ପ୍ରାଥମିକତା ଭିତ୍ତିରେ ଉତ୍ତରଦ୍ୱାରା ନିକଟରୁ ବିନ୍ଦୁସାଗରର ମନୋରମ ଦୃଶ୍ୟ ଚଳିତ ମହାଶିବରାତ୍ରି ପୂର୍ବରୁ ଦେଖିବା ଆଶା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କର ମଉଳି ଗଲାଣି। ସରକାରୀ ଅଧିକାରୀ ହାତ ଗଣତି କେତୋଟି ଘରୋଇ ଜମି ଦୀର୍ଘମାସ ଧରି ଅଧିଗ୍ରହଣ କରି ନ ପାରିନାହାନ୍ତି। ପୂର୍ବରୁ ଏହି ସମସ୍ତ ମାପ ଚୁପ ସମୟରେ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରାମର୍ଶରେ ସବୁ କାର୍ଯ୍ୟ କରାଯାଉଥିଲା। ଏବେ ଦୁଇଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି। ପୂର୍ବରୁ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଠାକୁର ସମ୍ପତ୍ତି ପୂର୍ବରୁ ଅନେକ ଜବରଦଖଲ ସ୍ଥାନରେ ବୋର୍ଡ ମାରି ସମ୍ପତ୍ତି ସୁରକ୍ଷା ନେଇ ପଦକ୍ଷେପ ନିଆଯାଇଥିଲା। ମାତ୍ର ଏବେ ମିଳିତ ଉଚ୍ଛେଦ ଟିମ୍‌ର ବିଏମସି ଓ ପୂର୍ତ୍ତ ବିଭାଗର ଅଧିକାରୀ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱୟଙ୍କୁ ଏକ ପ୍ରକାର କୋଣ ଠେସା କରିଦେବା ପରି ମନେହୁଏ। ଦେବୀପାଦହରା ନିକଟରେ ବିଭିନ୍ନ ଘରୋଇ ଜମି ଯେଉଁଭଳି ଉଚ୍ଛେଦ କରାଯାଇ ସୌନ୍ଦର୍ଯ୍ୟକରଣରେ ସାମିଲ କରାଯାଇ ପାରିଲା ସେହିପରି ଉତ୍ତରଦ୍ୱାରଠାରୁ ବିନ୍ଦୁସାଗର ପର୍ଯ୍ୟନ୍ତ ଘରୋଇ ଜମି ଅଧିଗ୍ରହଣ ଆଗେଇ ପାରୁନି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ମିଳିତ ଉଚ୍ଛେଦ ଟିମ୍ ସାଧାରଣ କୋଠାବାଡ଼ି ଓ ରାସ୍ତା ନିର୍ମାଣ ପରି ଖାମଖିଆଲ ଭାବେ ମନ୍ଦିର ଚତୁଃପାର୍ଶ୍ୱ ଠିକାଦାରି ଜରିଆରେ ଖନନ ଓ ନିର୍ମାଣ କାର୍ଯ୍ୟ କରୁଥିବାରୁ ଏହି ଦୁଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପୂର୍ବପରି ସମସ୍ତ ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ସାମିଲ କରିବାକୁ ସାଧାରଣରେ ଦାବି ହୋଇଛି। ଏପରି ଅବହେଳା ସମ୍ପର୍କରେ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ ଦାସଙ୍କୁ ପଚାରିବାରୁ ଏସବୁ ଏକ ସ୍ୱାଭାବିକ ପ୍ରକ୍ରିୟା। କିଏ କିଭଳି ଅନୁଭବ କରୁଛି ଆମେ କହିପାରିବୁ ନାହିଁ ବୋଲି ସେ କହିଥିଲେ।

# ନାଗେଶ୍ୱର ଟାଙ୍ଗୀରୁ ହଟିଲାନି ଗଛ



ପୁରୁଣା ଭୁବନେଶ୍ୱର, ୧୯। ୨ (ଡି.ଏନ.ଏ.)

## ଫନୀ ବାତ୍ୟାକୁ ୧୦ ମାସ ବିତିଲା

ଫନୀ ବାତ୍ୟାକୁ ୧୦ ମାସ ବିତିଗଲାଣି। ହେଲେ ସ୍ମାର୍ଟସିଟିର ନାଗେଶ୍ୱର ଟାଙ୍ଗୀରେ ଅଦ୍ୟାବଧି ଏକ ପୁରୁଣା ବରଗଛ ନ କଟା ଯିବାରୁ ରାସ୍ତା ଅବରୋଧ ହୋଇରହିଛି। ପ୍ରତ୍ୟହ ଏହି ବାଟ ଦେଇ ନାଗେଶ୍ୱର ମନ୍ଦିରକୁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ପର୍ଯ୍ୟଟକମାନେ ମଧ ଯାତାୟାତ କରିଥାନ୍ତି। ସେହିଭଳି ବର୍ଷେ ଧରି ବିନା କାଉନସିଲ୍‌ରେ ବିଏମସି ଚାଲି ଥିବାରୁ ସ୍ଥାନୀୟ ଜନପ୍ରତିନିଧି ମଧ ଘଟଣାପ୍ରତି ଭ୍ରୂକ୍ଷେପ କରୁନାହାନ୍ତି, ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧରେ ଘୋର ଅସନ୍ତୋଷ ଦେଖାଦେଇଛି। ସରକାର ଫନୀ ବାତ୍ୟାକୁ ଉପଯୁକ୍ତ ଢଙ୍ଗରେ ମୁକାବିଲା କରିଥିବା ନେଇ ଜାତିସଂଘରେ ପ୍ରଶଂସିତ ହୋଇଥିବାବେଳେ ରାଜଧାନୀରେ ଏହି ବ୍ୟତିକ୍ରମକୁ ନେଇ ବୁଦ୍ଧିଜୀବୀ ମହଲରେ ବିଭିନ୍ନ କଳ୍ପନା ଜଳ୍ପନା ଚାଲିଛି। ଏ ନେଇ ପୂର୍ବତନ କର୍ପୋରେଟର ନୃପେଶ ନାୟକଙ୍କୁ ପଚାରିବାରୁ ଗଛଟି ୨୦୦ବର୍ଷର। ଏ ସମ୍ପର୍କରେ ବିଏମସି ଅଧିକାରୀମାନେ ଅବଗତ ରହିଛନ୍ତି। ଜାଗାଟି ସଂକୋଚିତ ଏବଂ ଗଛଟି ବୃହତ୍ତାକାର ହୋଇଥିବାରୁ ଏଠାରେ କୌଣସି ଡ୍ରୋଜର କିମ୍ବା କ୍ରେନ ଆସିବା ସମ୍ଭବ ହୋଇପାରୁନାହିଁ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ରୁ ଊର୍ଦ୍ଧ୍ୱ କାଠୁରିଆଙ୍କୁ ଲଗାଇ ୨ ମାସ ପର୍ଯ୍ୟନ୍ତ କାଟିଥିଲେ ହେଁ କୌଣସି ପ୍ରଭାବ ପଡି ନ ଥିଲା। ଖୁବ୍‌ଶୀଘ୍ର କାଠୁରିଆଙ୍କୁ ଲଗାଇ ଗଛଟି ହଟାଯିବ ବୋଲି ସେ କହିଥିଲେ।

# ଦରଘା ପ୍ରବେଶଦ୍ୱାର ଭଙ୍ଗାବେଳେ ଉତ୍ତେଜନା



ଦୋକାନୀଙ୍କ ସହ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଆଲୋଚନା କରୁଛନ୍ତି।



ଦରଘା ପ୍ରବେଶ ଦ୍ୱାର ଭଙ୍ଗା ଯାଉଛି।

କଟକ ଅଫିସ,୧୯।୨

## ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ପାଇଁ ଜବରଦଖଲ ଉଚ୍ଛେଦ

ଏସ୍‌ସିବି ମେଡିକାଲର ଉନ୍ନତୀକରଣ ଏବଂ ସମ୍ପ୍ରସାରଣ ପାଇଁ ଆଖପାଖ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଯୋବ୍ରା ଅଞ୍ଚଳରେ ଉଚ୍ଛେଦବେଳେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଦର୍ଘା ଉଚ୍ଛେଦବେଳେ ଅଞ୍ଚଳବାସୀ ବିରୋଧ କରିଥିଲେ। ୱାକ୍ଫ ବୋର୍ଡର ଟ୍ରିବ୍ୟୁନାଲ୍‌ରେ ଦର୍ଘାର ଜମିକୁ ନେଇ ମାମଲା ବିଚାରାଧୀନ ଥିବା ଯୋଗୁ ତାହାକୁ ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ଲୋକମାନେ କହିଥିଲେ। ଏହାକୁ ନେଇ ଅଞ୍ଚଳବାସୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ତହସିଲଦାର୍ ଜମି ମାପଚୁପ କରିଥିଲେ। ଏହାପରେ ସରକାରୀ ଜମିରେ ଥିବା ଦର୍ଘାର ପ୍ରବେଶ ଦ୍ୱାରକୁ ଭଙ୍ଗା ଯାଇଥିଲା। କେବଳ ଦର୍ଘା ନୁହଁ, ଏହା ପାଖରେ ଥିବା ୮ଟି ଦୋକାନ ଭାଙ୍ଗିବା ସମୟରେ ମଧ ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୋକାନର ମୂଲ୍ୟ ତୁଳନାରେ କ୍ଷତିପୂରଣ ରାଶି କମ୍ ଥିବାରୁ ଦୋକାନୀମାନେ ବିରୋଧ କରିଥିଲେ। ସେମାନେ ଉପଯୁକ୍ତ କ୍ଷତିପୂରଣ ଦାବି କରିବା ସହ ଉଚ୍ଛେଦକାରୀ ଦଳକୁ ଅଟକାଇ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଦୋକାନୀମାନଙ୍କ ସହ ଆଲୋଚନା କରିବା ପରେ ବିରୋଧ ପ୍ରତ୍ୟାହାର ହୋଇଥିଲା। ପରେ ଦୋକାନ ଭଙ୍ଗା ଯାଇଥିଲା। ଉଚ୍ଛେଦ ସମୟରେ ବିରୋଧ ଏବଂ ଅସନ୍ତୋଷ ପ୍ରକାଶ ପାଇବାର ଆଶଙ୍କା ଥିବାରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଅନ୍ତର୍ଜାତୀୟସ୍ତରରେ ଭାଷା, ସଂସ୍କୃତିର ପ୍ରସାର କରିବାକୁ ଉଦ୍ୟାନଙ୍କ ଆହ୍ୱାନ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ସମସ୍ତେ ମିଶି ଅନ୍ତର୍ଜାତୀୟସ୍ତରରେ ଆମ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର କରିବାକୁ ଆହ୍ୱାନ ଦେଇଛନ୍ତି ଓଡ଼ିଶା ଗସ୍ତରେ ଆସିଥିବା ସାମାଜିକକର୍ମୀ ଅଗୁସ୍ ଇନ୍ଦ୍ର ଉଦ୍ୟାନ। ଭୁବନେଶ୍ୱରସ୍ଥିତ ସାମାଜିକ ଅନୁଷ୍ଠାନ ନିଶ୍ୱାସ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଜୀବନୀ ଏବଂ ଆଦର୍ଶକୁ ସର୍ବଦା ଆମ ଜୀବନରେ ଜୀବନ୍ତ ରଖିବାକୁ ହେବ। ଏହାଦ୍ୱାରା ଆମେ ସାମାଜିକ ଏବଂ ଆଧ୍ୟାତ୍ମିକ ଭାବେ ଉନ୍ନତି କରିପାରିବା। ଗାନ୍ଧିଜୀଙ୍କ ପରି ଆମେ କର୍ମବୀର ହୋଇପାରିବା। ସୁଦୂର ଇଣ୍ଡୋନେସିଆରେ ଦୀର୍ଘ ଦୁଇ ଦଶନ୍ଧି ଧରି ସମାଜ ସେବାରେ ନିୟୋଜିତ ଥିବା ଇନ୍ଦ୍ର ଉଦ୍ୟାନ କଳିଙ୍ଗ–ବାଲିର ସଙ୍ଗମ ନେଇ ଅନେକ ପଦକ୍ଷେପ ନେଇଛନ୍ତି। ଏଥିଲାଗି ଚଳିତବର୍ଷ କେନ୍ଦ୍ର ସରକାର ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏଥିରେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସକ ବିବେକ ପଟ୍ଟନାୟକ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ରାଧାକୃଷ୍ଣ ନାୟକ ଇନ୍ଦ୍ର ଉଦ୍ୟାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ବୁଧବାର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଭୁବନେଶ୍ୱର ମଧ ବିଧାୟକ ତଥା ବିଏମ୍‌ସିର ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନାଙ୍କୁ ସଂଘର ସଭାପତି ଭାବେ ଚୟନ କରାଯାଇଥିବାବେଳେ ବ୍ରଜସୁନ୍ଦର ପଣ୍ଡାଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି। ମାଉସୀ ମା' ମନ୍ଦିରରେ ବସିଥିବା ସଂଘର ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ସଂଘର ସାଧରଣ ସମ୍ପାଦକ ବ୍ରଜସୁନ୍ଦର ପଣ୍ଡା ସୂଚନା ଦେଇଛନ୍ତି। ଦୀର୍ଘଦିନ ହେବ ସଂଘର ସ୍ଥାୟୀ ସଭାପତି ନ ଥିବାରୁ ସଂଘ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। ସଭାପତି, ସମ୍ପାଦକଙ୍କ ବ୍ୟତୀତ ସମିତା ରାୟଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଚୟନ କରାଯାଇଛି। ସେହିପରି ବିନାୟକ ରଥ, ନରେନ୍ଦ୍ର ମହାପାତ୍ର ଓ ନରସଂହ ଖୁଣ୍ଟିଆଙ୍କୁ ଉପଦେଷ୍ଟା, ଲିଙ୍ଗରାଜ ରଥ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଉପସଭାପତି ଓ ସହସମ୍ପାଦକ ଭାବେ ରମାନନ୍ଦ ଶତପଥୀ, ବୈକୁଣ୍ଠ ନାଥ ସାହୁ ଓ କୋଷାଧକ୍ଷ ଭାବେ ଦୋଳଗୋବିନ୍ଦ ବେହେରା ଓ ସହ–କୋଷାଧକ୍ଷ ଭାବେ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ଚୟନ କରାଯାଇଛି। ଏମାନଙ୍କ ବ୍ୟତୀତ ୧୨ ପୂର୍ବତନ କର୍ମଚାରୀଙ୍କୁ ସଂଘର କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ ଅବସରକାଳୀନ ୭ମ ବେତନ କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ହାରରେ ଧାର୍ଯ୍ୟ ହୋଇଥିବା ପେନ୍‌ସନ କିପରି ମିଳିବ ସେଥିପାଇଁ ଆଲୋଚନା ହୋଇଥିଲା। ସେହିପରି କାର୍ଯ୍ୟରତ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଏକତ୍ର କରି ନିଗମ ପରିସର ମଧରେ ଏକ ସାଧାରଣ ସଭା କରିବା ପାଇଁ ବୈଠକରେ ପ୍ରସ୍ତାବ ଗୃହିତ ହୋଇଥିଲା।

# ସ୍ମାର୍ଟ ଜନପଥ କାର୍ଯ୍ୟରେ ବାଧକ ସାଜିଛି ଡ୍ରେନ୍, ଭୂତଳ କେବୁଲ କାମ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

## ସମୀକ୍ଷା ବୈଠକରେ ଅସନ୍ତୋଷ

■ ବିଭିନ୍ନ ବିଭାଗ ମଧରେ ସମନ୍ୱୟ ରହୁନି

ସ୍ମାର୍ଟ ଜନପଥ କାର୍ଯ୍ୟର ଅଗ୍ରଗତି ନେଇ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ) କର୍ତ୍ତୃପକ୍ଷଙ୍କ ଏକ ଆଭ୍ୟନ୍ତରୀଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ମାର୍ଟ ଜନପଥ କାର୍ଯ୍ୟ ଆସନ୍ତା ଜୁଲାଇ ମଧରେ ସାରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ କେତେକ ସମସ୍ୟା ଯୋଗୁ ଆଶାନୁରୂପ ଆଗେଇପାରୁନି। ଓପିଟିସିଏଲ୍ ଓ ସେସୁ ଦ୍ୱାରା ଜନପଥର ବିଭିନ୍ନ ସ୍ଥାନରେ ଭୂତଳ କେବୁଲ ବିଛାଯିବା କାମ ଚାଲିଥିବାରୁ ସ୍ମାର୍ଟ ଜନପଥ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧରେ ସାରିବା ନେଇ ଏବେ ଅନିଶ୍ଚିତତା ସୃଷ୍ଟି ହୋଇଛି। ସେହିଭଳି ବିଏମ୍‌ସି ପକ୍ଷରୁ ଡ୍ରେନ ନିର୍ମାଣ ପାଇଁ ରାସ୍ତା ଖୋଳାଯାଇଥିବାରୁ ବାଧା ସୃଷ୍ଟି ହୋଇଛି। ଏହାକୁ ନେଇ ସମୀକ୍ଷା ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି।

ବିଏସ୍‌ସିଏଲର ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ସ୍ମାର୍ଟ ଜନପଥ କାର୍ଯ୍ୟ ଏଯାବତ୍ ମାତ୍ର ୪୦ରୁ ୪୫ ପ୍ରତିଶତ ସରିଛି। ଓପିଟିସିଏଲ୍ ପକ୍ଷରୁ କେବୁଲ ବିଛାଇବା ପାଇଁ ରାସ୍ତା ପାର୍ଶ୍ୱ ଅଧା ଖୋଳା ହୋଇ ପଡ଼ି ରହୁଥିବାରୁ ଆବଶ୍ୟକ କାର୍ଯ୍ୟ କରିହେଉନାହିଁ। ଭୂତଳ କେବୁଲ କାର୍ଯ୍ୟ କେବେ ସରିବ ସେନେଇ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଦିଆଯାଉନାହିଁ। ସେହିଭଳି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା କରାଯାଉଥିବା ନୂତନ ଡ୍ରେନେଜ୍ ପ୍ରକଳ୍ପ କାର୍ଯ୍ୟ ମଧ ଜାରି ରହିଛି। ତେଣୁ ବିଭିନ୍ନ ସ୍ଥାନରେ ହୋଇଥିବା ସ୍ମାର୍ଟ ଜନପଥ କାର୍ଯ୍ୟ ମଧ ପ୍ରଭାବିତ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ସମନ୍ୱୟର ଅଭାବ ଯୋଗୁ ଆଜି ସ୍ମାର୍ଟ ଜନପଥ କାର୍ଯ୍ୟ ପଛାଇଛି ବୋଲି ଅଧିକାରୀ ଜଣକ ପ୍ରକାଶ କରିଛନ୍ତି।

### ୨୫ରେ ମଞ୍ଚେଶ୍ୱର ଭୂତଳ କେବୁଲ୍ ଚାର୍ଜ

ଜନପଥରେ ସେସୁ ଭୂତଳ କେବୁଲ ବିଛାଉଛି। ଏଥିରେ ଓପିଟିସିଏଲ ଆନୁଷଙ୍ଗିକ ଭାବେ ସହଯୋଗ କରୁଛି। ଆସନ୍ତା ୨୫ ତାରିଖରେ ମଞ୍ଚେଶ୍ୱର ଅଞ୍ଚଳରେ ଭୂତଳ କେବୁଲ ଚାର୍ଜ ହେବ। ଏହାପରେ ଜନପଥରେ କେବୁଲ୍ ବିଛା କାର୍ଯ୍ୟ ସରିବ। ଆବଶ୍ୟକ ଯାଞ୍ଚ ପରେ ଚାର୍ଜ କରାଯିବ ବୋଲି ଓପିଟିସିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଦେଶର ନଂ.୧ ସ୍ମାର୍ଟସିଟି ଭୁବନେଶ୍ୱରରେ ଦୁଇଟି ସ୍ମାର୍ଟ ମାର୍ଗ ତିଆରି କରୁଛି ବିଏସ୍‌ସିଏଲ୍। ଜନପଥକୁ ସ୍ମାର୍ଟ ଜନପଥ ଓ ସଚିବାଳୟ ମାର୍ଗକୁ ସ୍ମାର୍ଟ ସଚିବାଳୟ ମାର୍ଗରେ ପରିଣତ ହେବ। ହେଲେ ଅନ୍ୟ ବିଭାଗୀୟ କାର୍ଯ୍ୟ ତ୍ୱରାନ୍ୱିତ ନ ହେବା, ପ୍ରାକୃତିକ ଦୁର୍ବିପାକକୁ ସାମ୍ନା କରିବା ଓ ୨୦୧୮ରେ ହୋଇଥିବା ୱାର୍ଲ୍ଡ କପ୍ ହକି ପରି ବଡ଼ ବଡ଼ ଇଭେଣ୍ଟ ପାଇଁ ସ୍ମାର୍ଟ ସିଟି କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧରେ ସରିପାରୁ ନ ଥିବା ଜଣାପଡ଼ିଛି।

# ଟାଙ୍ଗୀ କଲେଜରେ ଧାରଣା ଅଷ୍ଟମ ଦିନରେ

ଟାଙ୍ଗୀ (ଖୋର୍ଦ୍ଧା), ୧୯।୨ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଡିସିସି ଡିଗ୍ରୀ କଲେଜର ଅଧ୍ୟାପକ ଓ କର୍ମଚାରୀଙ୍କ ଧାରଣା ଅଷ୍ଟମ ଦିନରେ ପହଞ୍ଚିଛି। ସୂଚନାଯୋଗ୍ୟ ଧାରଣା ପୂର୍ବରୁ ଡିଗ୍ରୀ କଲେଜ ପକ୍ଷରୁ ପ୍ରଶାସନ ଏହି ଆନ୍ଦୋଳନର ମୂଳ ରହସ୍ୟ ସମ୍ପର୍କରେ ପ୍ରଶାସନକୁ ଜଣାଇବା ପରେ ଧାରଣାରେ ବସିରହିଛନ୍ତି। କିନ୍ତୁ ବିଡମ୍ବନାର ବିଷୟ ଧାରଣା ୮ମ ଦିନରେ ପହଞ୍ଚି ଥିଲେ ମଧ ସେମାନଙ୍କ ପାଖରେ ଶିକ୍ଷା ବିଭାଗର କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ଜଣାପଡିଛି। ଡିଗ୍ରୀ କଲେଜର ଅଧ୍ୟକ୍ଷଙ୍କ କହିବା ମୁତାବକ, ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶନାମାନୁସାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜ ଅଲଗା ହୋଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁ ଡିଗ୍ରୀ କଲେଜର ଛାତ୍ରୀଛାତ୍ରମାନଙ୍କ ଆଦାୟ ଅର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜମାଖାତାରେ ଜମା କରିବାରେ ଲାଗିଲେ। ଫଳରେ ସେମାନେ ବ୍ଲକ୍ ଗ୍ରାଣ୍ଟରୁ ବଞ୍ଚିତ ହୋଇଥିବା ଜଣାପଡିଛି। ବ୍ଲକ୍ ଗ୍ରାଣ୍ଟ ପାଇବାକୁ ହେଲେ କଲେଜର ଭିତ୍ତିଭୂମିର ଆବଶ୍ୟକତା ରହିଛି। ନିଜର ହକ୍ ପାଇଁ ଡିଗ୍ରୀ କଲେଜର ଅଧ୍ୟାପକ ଓ କର୍ମଚାରୀମାନେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟାଳୟ ବିଚାର କରି ଡିଗ୍ରୀ କଲେଜର ଅର୍ଥକୁ ଫେରାଇବା ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଆଦେଶ ଦେଇଥିଲେ। କିନ୍ତୁ ତାହାକୁ ବେଖାତିର କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡିଗ୍ରୀ କଲେଜର ଅର୍ଥକୁ ଫେରାଇଲେ ନାହିଁ। ଏଣେ ଜମି ନ ଥିବାରୁ ଡିଗ୍ରୀ କଲେଜର ଅଧ୍ୟାପକ ଓ କର୍ମଚାରୀମାନେ ବ୍ଲକ୍ ଗ୍ରାଣ୍ଟରୁ ବଞ୍ଚିତ ହେଲା ପରେ ବାଧ ହୋଇ ଧାରଣାରେ ବସିରହିଛନ୍ତି।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ପ୍ରଗତି ଅନୁଷ୍ଠାନ ପକ୍ଷରୁ ବୁଧବାର ଆୟୋଜିତ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ସାରେଗାମା'ରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ମହାଶିବରାତ୍ରି ପାଇଁ ଟ୍ରାଫିକ କଟକଣା

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ବା ମହାଶିବରାତ୍ରି ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ଏହାକୁ ସୁରକ୍ଷିତ ତଥା ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବୁଧବାର ଟ୍ରାଫିକ୍ କଟକଣା ଜାରି କରାଯାଇଛି। ବିଜ୍ଞପ୍ତି ଅନୁସାରେ, ମାଉସୀ ମା' ପାର୍ଶ୍ୱରୁ ଆସୁଥିବା ଚାରିଚକିଆ ଗାଡ଼ିଗୁଡିକୁ ରଥ ରୋଡ୍‌କୁ ଛଡାଯିବ ନାହିଁ। ଉକ୍ତ ଗାଡ଼ିଗୁଡ଼ିକ ବିବେକାନନ୍ଦ ମାର୍ଗରେ ସାନାଟୋରିୟମ ଛକଦେଇ କଚରାପିଣ୍ଡି ପର୍ଯ୍ୟନ୍ତ ଯାଇ କେଦାରଗୌରୀ ମନ୍ଦିର ରାସ୍ତାର ଉଭୟ ପାର୍ଶ୍ୱରେ ପାର୍କିଂ କରିବେ। ଭିଆଇପି ଗାଡ଼ିଗୁଡିକ ରଥ ରୋଡ୍‌ରେ ଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାର ପର୍ଯ୍ୟନ୍ତ ଯାଇ ତିନିମୁଣ୍ଡିଆ ଓ ବଡେଇବାଙ୍କ ଠାରେ ପାର୍କିଂ କରିବେ। ସେହିପରି ରବିଟକିଜ୍ ପଟରୁ ଆସୁଥିବା ସମସ୍ତ ଗାଡି କଚରାପିଣ୍ଡି ପର୍ଯ୍ୟନ୍ତ ଯିବେ। ସେଠାରେ ଚାରିଚକିଆ ଯାନଗୁଡିକ କେଦାର ଗୌରୀ ମନ୍ଦିର ରାସ୍ତାର ଉଭୟ ପାର୍ଶ୍ୱରେ ଓ ଦୁଇ ଚକିଆ ଯାନଗୁଡିକ କଚରାପିଣ୍ଡିରୁ କୋଟିତୀର୍ଥ ଗଳିରୁ ବାମକୁ ଯାଇ ଅନନ୍ତ ବାସୁଦେବ ମନ୍ଦିରର ରାସ୍ତା ପାର୍ଶ୍ୱରେ ପାର୍କିଂ କରିବେ। ଗ୍ୟାରେଜ ଛକ ଓ ସାମନ୍ତରାପୁର ପଟରୁ ଆସୁଥିବା ସମସ୍ତ ଗାଡ଼ି ବିଦ୍ୟୁତ୍ ସବ୍‌ଷ୍ଟେଶନ ଦେଇ ବିଏମସି ମାର୍କେଟ କମ୍ପ୍ଲେକ୍ସ ପରିସରରେ ପାର୍କିଂ କରିବେ। କେଉଟ ସାହି ପଟରୁ ଆସୁଥିବା ଗାଡିଗୁଡିକ କେଦାର ଗଳି ତାରିଣୀ ରିସର୍ଟ ଓ ସବ୍‌ଷ୍ଟେଶନ ଦେଇ ମାର୍କେଟ କମ୍ପ୍ଲେକ୍ସକୁ ଯିବେ। ଦକ୍ଷିଣ କାଳୀ ମନ୍ଦିର ରାସ୍ତା ଓ ତାରା ସୁନ୍ଦରୀ ରାସ୍ତା ପଟରୁ ଆସୁଥିବା ସମସ୍ତ ଗାଡିଗୁଡିକୁ ଏସଏମ୍ ହାଇସ୍କୁଲ ଓ ବିଏମ୍ ହାଇସ୍କୁଲ ପଡିଆରେ ପାର୍କିଂ କରିବେ। ପୁନାମା ଗେଟ୍ ପଟରୁ ଆସୁଥିବା ସମସ୍ତ ଚାରି ଚକିଆଗାଡିକୁ ରାମେଶ୍ୱର ପାଟଣା ଛକରୁ ବଡେଇବାଙ୍କ ଆଡକୁ ଛଡା ନ ଯାଇ ଆର୍‌ଆଇ କାର୍ଯ୍ୟାଳୟ ପଡିଆ ପାର୍କିଂ ସ୍ଥଳକୁ ଛଡ଼ାଯିବ।

ଅନ୍ୟପକ୍ଷରେ ରଥ୍ ରୋଡକୁ ଆସୁଥିବା ସମସ୍ତ ଦୁଇ ଚକିଆ ଯାନ ବଡେଇବାଙ୍କ ଦେଇ ଏସ୍‌ଏମ୍ ହାଇସ୍କୁଲ ଓ ବିଏମ୍ ହାଇସ୍କୁଲ ପଡିଆରେ ପାର୍କିଂ କରିବେ। ସମସ୍ତ ବସ ଗ୍ୟାରେଜ୍ ଛକରୁ ବିଦ୍ୟୁତ୍ ସବ୍‌ଷ୍ଟେଶନ ଛକଦେଇ ମାର୍କେଟ କମ୍ପ୍ଲେକ୍ସକୁ ଯାଇ ସେଠାରେ ପାର୍କିଂ କରିବେ। ତେବେ ବିନ୍ଦୁସାଗର ପଟରୁ ଭଜନ ମଣ୍ଡପ ଆଡକୁ କୌଣସି ଯାନ ଛଡାଯିବ ନାହିଁ। ହାଟ ସାହି ଛକରୁ ଭଜନ ମଣ୍ଡପ, ଭଜନ ମଣ୍ଡପଠାରୁ ବଡେଇବାଙ୍କ ଓ ସିଂହଦ୍ୱାରଠାରୁ ବିଦ୍ୟୁତ୍ ସବଷ୍ଟେଶନ ବ୍ଲକିଂ ସ୍ଥାନ ପର୍ଯ୍ୟନ୍ତ ରାସ୍ତାଗୁଡିକୁ ପଦଚାରୀ ଜୋନ୍ ହିସାବରେ ଘୋଷଣା କରାଯାଇଛି। କେବଳ ଭିଆଇପି ଗାଡିଗୁଡିକ ଉତ୍ତର ଦ୍ୱାର ସାମ୍ନାରେ ଥିବା ନିର୍ଦ୍ଧାରିତ ସ୍ଥାନରେ (ରଥ ଖଳା ଓ ବଡେଇବାଙ୍କ ମଧରେ) ପାର୍କିଂ କରିବେ। ଏହି ବିଜ୍ଞପ୍ତି ଆସନ୍ତା ୨୧ତାରିଖ ସକାଳ ୨ଟାରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ତଥା ଜନସମାଗମ ଅପସାରିତ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଧରିତ୍ରୀ ଆଳାପ

# 'ରାଉଡି' ହେବାକୁ ଇଚ୍ଛା


ଶିବାନୀ

ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ସେ ବବ୍‌ଲି ଓ ଚୁଲ୍‌ବୁଲି ନାୟିକା। ଦିନେ ଶିଶୁ କଳାକାରଭାବେ ଦର୍ଶକଙ୍କର ଭରପୂର ମନୋରଞ୍ଜନ କରୁଥିଲେ। ଆଜି ଫିଲ୍ମର ମୁଖ୍ୟ ନାୟିକା ଭାବେ ଜବରଦସ୍ତ ଅଭିନୟରେ କେତେବେଳେ ଦର୍ଶକଙ୍କୁ ସେ ହସାଉଛନ୍ତି ତ ପୁଣି କେତେବେଳେ କନ୍ଦାଉଛନ୍ତି। ପ୍ରଥମ ଫିଲ୍ମରୁ ହିଁ ଇଣ୍ଡଷ୍ଟ୍ରୀରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଥିବା ଏହି ଅଭିନେତ୍ରୀ ହେଲେ ଶିବାନୀ ସଙ୍ଗୀତା। 'ସିଷ୍ଟର ଶ୍ରୀଦେବୀ', 'ପ୍ରେମ୍ କୁମାର' ଭଳି ହିଟ୍ ଫିଲ୍ମରେ ଅଭିନୟକରି ଦର୍ଶକଙ୍କ ନିକଟତର ହୋଇଥିବା ଶିବାନୀଙ୍କ ସହ ଆଳାପ।

**ଶିଶୁ କଳାକାରରୁ ଲିଡ୍ ଚରିତ୍ରରେ ଅଭିନୟ କରିବାର ଅନୁଭୂତି କିଭଳି ଥିଲା?**

● ଶିଶୁ କଳାକାର ଭାବେ ମୁଁ ପ୍ରଥମେ 'ମିତରେ ମିତ' ଫିଲ୍ମରେ ଅଭିନୟ କରିଥିଲି। ଏହା ପୂର୍ବରୁ 'ଉତ୍ତରଦାୟୀ', 'ଦେବୀ' ଓ 'ବଧୂ' ଭଳି କେତେକ ଧାରାବାହିକରେ ଅଭିନୟ କରିବାର ସୁଯୋଗ ମିଳିଥିଲା। 'ଉତ୍ତରଦାୟୀ'ରେ ମୋ ଅଭିନୟ ଦେଖି ପ୍ରଶାନ୍ତ ପାଢୀ ସାର୍ 'ମିତରେ ମିତ' ଫିଲ୍ମ ପାଇଁ ଡାକିଥିଲେ। ଏହାପରେ 'ପହିଲି ରଜ', 'ଗୁଡ୍ ବୟ', 'ମିତ ବସିଛି ମୁଁ ଭୂତ ସାଥିରେ', 'ଲେଖୁ ଲେଖୁ ଲେଖିଦେଲି' ଭଳି ଫିଲ୍ମ କରିଥିଲି। ତେବେ 'ସିଷ୍ଟର ଶ୍ରୀଦେବୀ'ରେ ଲିଡ୍ ରୋଲ୍‌ରେ ଅଭିନୟ କରିବାର ସୁଯୋଗ ମିଳିଲା। ସେ ଅନୁଭୂତି ଭିନ୍ନ ଥିଲା।

**ପ୍ରଥମ ଫିଲ୍ମରୁ ବାବୁଶାନଙ୍କ ଭଳି ଜଣେ ସୁପରଷ୍ଟାର୍‌ଙ୍କ ସହ ଅଭିନୟ କରିବାର ସୁଯୋଗ ପାଇଥିଲେ। ସେ ନେଇ କ'ଣ କହିବେ?**

● 'ସିଷ୍ଟର ଶ୍ରୀଦେବୀ' ପାଇଁ ଯେତେବେଳେ ଅଶୋକ ପତି ସାର୍ ଡାକିଥିଲେ ସେବେ ମୁଁ ଷ୍ଟୋରି ବିଷୟରେ କିଛି ଜାଣି ନଥିଲି କି ହିରୋ କିଏ ବି ଜାଣିନଥିଲି। ବାବୁଶାନ୍‌ଙ୍କ ସହ କାମ କରିବାର ଅଛି ଜାଣିବା ପରେ ପ୍ରଥମେ ବହୁତ ଖୁସି ଲାଗିଥିଲା। ହେଲେ ମନରେ ଡର ଥିଲା ଯେ ଏତେ ଅଭିଜ୍ଞ କଳାକାରଙ୍କ ସହ କାମ କରିବି। ଭୁଲ୍ ହୋଇଗଲେ କ'ଣ ହେବ ଭାବିକି ଡର ଲାଗୁଥିଲା। ଫିଲ୍ମ କଲାପରେ ଜାଣିଲି ତାଙ୍କ ସହ କାମ କରିବା କେତେ ସହଜ। ବହୁତ କିଛି ଶିଖିବାକୁ ମିଳେ। ଯଦି ଆଜି ଦର୍ଶକ ଭାବୁଥାନ୍ତି ଯେ ମୁଁ ଟିକେ ଭଲ ଆର୍ଟିଷ୍ଟ ତା'ହେଲେ ସେଥିରେ ବାବୁଶାନଙ୍କର ପ୍ରମୁଖ ଅବଦାନ ରହିଛି।

**କେଉଁ ନାୟକଙ୍କ ସହ କାମ କରିବା ଏକ ଡ୍ରିମ୍?**

● ମୁଁ ବହୁତ ଭାଗ୍ୟବାନ୍ ଯେ, ଏବେସୁଦ୍ଧା ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ୩ ଜଣ ସୁପରଷ୍ଟାର୍‌ଙ୍କ ସହ କାମ କରିସାରିଛି। ବାବୁଶାନଙ୍କ ସହ ଡେବ୍ୟୁ କରିଥିଲି। ତା'ପରେ ସ୍ୱରାଜ ଓ ଅନୁଭବଙ୍କ ସହ କାମ କରିବାର ସୁଯୋଗ ମିଳିଲା। ଭଗବାନ ଓ ଦର୍ଶକଙ୍କ ଆଶୀର୍ବାଦ ଯୋଗୁ ଆଜି ମୁଁ ଏଠାରେ ପହଞ୍ଚିଛି।

**ରୋମାଣ୍ଟିକ୍, ସସ୍‌ପେନ୍ସ, କମେଡି, ଡ୍ରାମା ନା ଥ୍ରୀଲର, କେଉଁଭଳି ଫିଲ୍ମ କରିବାକୁ ଭଲଲାଗେ?**

● ରାଉଡି କ୍ୟାରେକ୍ଟର କରିବାକୁ ମୋର ବହୁତ ଇଚ୍ଛା। ଏମିତି କାନ୍ଦକଟା ଚରିତ୍ର କରିବାକୁ ବହୁତ ମିଳେ ଓ ଦର୍ଶକଙ୍କୁ ବି ତାହା ପସନ୍ଦ ହୁଏ। ହେଲେ ତାହା ସବୁବେଳେ ଚାଲିଥିବ। କିନ୍ତୁ ବୁଲେଟ୍ ଚଲାଉଥିବା, ଘୋଡ଼ା ଚଢୁଥିବା ଭଳି ଏକ ଚରିତ୍ରରେ ଅଭିନୟ କରିବାକୁ ଆଗ୍ରହ ଅଛି। ବିଲ୍‌କୁଲ ଗର୍ଲି ନ ହୋଇ 'ଟମ୍ ବୟ' ହେବାକୁ ଇଚ୍ଛା ଅଛି।

**ପାଟଣାଗଡ଼ ଓ ନିକଟରେ ହୋଇଥିବା କଳ୍ପନା ଦାଶ ହତ୍ୟାକାଣ୍ଡ ଭଳି କିଛି ବାସ୍ତବ ଘଟଣା ଉପରେ ଏବେ ଓଡ଼ିଆ ଫିଲ୍ମ ହେଉଛି। ସେମିତି ଯଦି ଏକ କ୍ରାଇମ୍ ଥ୍ରୀଲର୍ କିମ୍ବା ବାୟୋପିକ୍ ହୁଏ ତା'ହେଲେ କାହା ଚରିତ୍ରରେ ଅଭିନୟ କରିବାକୁ ଚାହିଁବେ?**

● ଯାହାର ଜୀବନ ସବୁଠାରୁ ଅଧିକ ଚ୍ୟାଲେଞ୍ଜିଂ ଥିବ ତାଙ୍କ ଉପରେ ଏକ ବାୟୋପିକ୍ କରିବାକୁ ଇଚ୍ଛା ଅଛି। ଦୀପିକା ପାଦୁକୋନ ଯେମିତି 'ଛପାକ୍'ରେ ଲକ୍ଷ୍ମୀ ଅଗ୍ରୱାଲଙ୍କ ଚରିତ୍ରରେ ଅଭିନୟ କରିଥିଲେ ସେମିତି ଏକ ଚରିତ୍ରରେ ଅଭିନୟ କରିବା ମୋର ସ୍ୱପ୍ନ। ଯେଉଁ ଚରିତ୍ରରେ ଶିବାନୀ ଅଭିନୟ କରିପାରିବ ବୋଲି ଦର୍ଶକ କେବେ ଭାବି ନ ଥିବେ ସେମିତି ଏକ ଚରିତ୍ରରେ ଅଭିନୟ କରିବି।



**ଶୁଟିଂ ସେଟ୍‌ର ଏକ ସ୍ମରଣୀୟ ମୁହୂର୍ତ୍ତ?**

● ମୋର ପ୍ରତ୍ୟେକଟି ଫିଲ୍ମର ପ୍ରତ୍ୟେକଟି ଦିନ ସ୍ମରଣୀୟ। ସବୁ ଦିନ କିଛି ନା କିଛି ନୂଆ ହୁଏ ଓ ନୂଆ ଅନୁଭବ ମିଳେ। ବିଶେଷକରି ପ୍ରଥମ ଫିଲ୍ମର ପ୍ରଥମ ଦିନ ନିଶ୍ଚିନ୍ତଭାବେ ସ୍ପେଶାଲ।

**ଓଡ଼ିଆ ଫିଲ୍ମକୁ ଯେଉଁ ନବାଗତମାନେ ଆସୁଛନ୍ତି ସେମାନଙ୍କୁ କ'ଣ କହିବେ?**

● ମୁଁ ନିଜେ ଜଣେ ନ୍ୟୁକମର୍। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ଅବସ୍ଥା କ'ଣ ତାହା ସମସ୍ତେ ଜାଣିଛନ୍ତି। ତେଣୁ ଏଭଳିସ୍ଥଳେ ଇଣ୍ଡଷ୍ଟ୍ରୀକୁ ଆଗକୁ ନେବାର ଦାୟିତ୍ୱ ଆମ ମୁଣ୍ଡ ଉପରେ ହିଁ ଅଛି। ମୋତେ ଯେଉଁମାନେ ପଚାରନ୍ତି ଆପଣ ବଲିଉଡ୍ କି ଟଲିଉଡ୍‌କୁ କେବେ ଯିବେ, ସେମାନଙ୍କୁ ମୁଁ କୁହେ, ଆମେ ଆମ ଇଣ୍ଡଷ୍ଟ୍ରୀକୁ ଏମିତି ସ୍ତରକୁ ନେବା ଯେମିତି ଅନ୍ୟ ଇଣ୍ଡଷ୍ଟ୍ରୀର କଳାକାରମାନେ ଓଲିଉଡ୍‌କୁ ଆସିବାକୁ ଚାହିଁବେ। ସେ ଦିନ ଦୂର ହୋଇପାରେ ଓ କଷ୍ଟ ହୋଇପାରେ, ହେଲେ ଆମକୁ ହିଁ କରିବାକୁ ପଡ଼ିବ।

**ମଡେଲିଂ ପ୍ରତି ଆପଣଙ୍କର ୱିକ୍‌ନେସ୍ ଅଛି। ଆଗକୁ ସେଥିରେ କିଛି କରିବାକୁ ଯୋଜନା ଅଛି କି?**

● ମଡେଲିଂ ପ୍ରତି ଆଗରୁ ଆଗ୍ରହ ନଥିଲା। ଏବେ ନୂଆ ନୂଆ ଜାଗ୍ରତ ହୋଇଛି। ଫ୍ୟାଶନ ଶୋ' କରିବାର ବହୁତ ଇଚ୍ଛା ଅଛି। ଅଭିନୟ ମୋର ପ୍ରାଥମିକତା। ତେଣୁ ମଡେଲିଂରେ ଏତେ ଧ୍ୟାନ ଦେଉନି।

**ଶିବାନୀଙ୍କୁ ରୋଷେଇ କରିବା ଜଣା ଅଛି ?**

● ହଁ, କାମ ଚଳାଇ ଦେଇପାରେ। କେବଳ ମ୍ୟାଗି, ଚା' ନୁହେଁ, ବହୁତ ଭଲ କରି ନପାରିଲେ ବି ଅତିକମ୍‌ରେ ରୁଟି, ଡାଲ୍‌ମା କରିପାରେ।

**କ'ଣ ଖାଇବାକୁ ଭଲଲାଗେ?**

● ମୁଁ ବହୁତ ଫୁଡି। ସ୍ମୋକ୍ ଫିସ୍ ବହୁତ ପସନ୍ଦ। କଦଳୀ ପତ୍ରପୋଡ଼ା ମାଛ, ଚିକେନ୍ ଲଲିପପ୍, ପନିର୍ ମଞ୍ଚୁରିଆନ୍ ଖାଇବାକୁ ଭଲଲାଗେ। ପନିର୍‌ର ସବୁକିଛି ଭଲଲାଗେ।

**କ'ଣ ପିନ୍ଧିବା ପସନ୍ଦ?**

● ଇଣ୍ଡିଆନ୍ ୱେର୍ ମୋତେ ଭଲଲାଗେ।

– ସସ୍ମିତା ପାଇକରାୟ

ଖାଦ୍ୟ ରୁଚି

# ଲଭ୍‌ଲି କୁପ୍ତା

ପୁରୀରେ ଥିବ। ବିଭିନ୍ନ ହୋଟେଲ ଏବଂ ରେସ୍ତୋରା ମାଲିକମାନେ ବିଭିନ୍ନ ପ୍ରକାର ରୁଚିପୂର୍ଣ୍ଣ ଖାଦ୍ୟକୁ ପ୍ରାଥମିକତା ଦେଇଥାନ୍ତି। ଏହିଭଳି ଏକ ହୋଟେଲ ହେଉଛି ସିଟିରୋଡ୍‌ସ୍ଥିତ ପାନ୍ଥନିବାସ ନିକଟରେ ଥିବା ଜମିଦାର ପ୍ୟାଲେସ। ଏଠାରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ। ତେବେ ନିରାମିଷ ଖାଦ୍ୟ ମଧ୍ୟରେ ଏକ ଚାହିଦାଯୁକ୍ତ ଡିଶ୍ ହେଉଛି ଲଭ୍‌ଲି କୁପ୍ତା। ଏହି ଇଣ୍ଡିଆନ ଡିଶ୍ ପ୍ଲେଟର ଦାମ୍ ୧୫୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ଜମିଦାର ପ୍ୟାଲେସର ମୁଖ୍ୟ ଶେଫ୍ ହିମାଂଶୁ ସାହାଣୀ କୁହନ୍ତି...



## ଆବଶ୍ୟକ ସାମଗ୍ରୀ

- ପନିର୍: ୨୦୦ ଗ୍ରାମ୍
- ମଇଦା: ୧୦ ଗ୍ରାମ୍
- କର୍ନଫ୍ଲାୱାର: ୧୦ ଗ୍ରାମ୍
- ଚିନି: ୫ ଗ୍ରାମ୍
- ଗୁଜୁରାଡି ଗୁଣ୍ଡ: ୧ ଗ୍ରାମ୍
- କାଜୁ ଚପ୍: ୫ଗ୍ରାମ୍
- କିସ୍‌ମିସ୍ ଚପ୍: ୫ ଗ୍ରାମ୍
- ସେଓ, ଅଙ୍ଗୁର ଓ ଚେରି ଚପ୍: ୫୦ ଗ୍ରାମ୍
- ଅମୁଲ କ୍ରିମ୍: ୧୦ ଗ୍ରାମ୍
- ସନ୍‌ଫ୍ଲାୱାର ତେଲ: ୧୦ଗ୍ରାମ୍
- ହଳଦୀଗୁଣ୍ଡ: ୫ ଗ୍ରାମ୍
- ଜିରା ପାଉଡର : ୫ ଗ୍ରାମ୍
- ଧନିଆ ପାଉଡର: ୫ ଗ୍ରାମ୍
- ଲଙ୍କାଗୁଣ୍ଡ: ୫ ଗ୍ରାମ୍
- ପିଆଜ୍ ଚପ୍: ୫୦ ଗ୍ରାମ୍
- କଟା କଞ୍ଚାଲଙ୍କା: ୫ ଗ୍ରାମ୍
- ଟମାଟୋ ଚପ୍: ୩୦ ଗ୍ରାମ୍
- ରସୁଣ ପେଷ୍ଟ: ୧୦ ଗ୍ରାମ୍
- ଅଦା ପେଷ୍ଟ: ୧୦ ଗ୍ରାମ୍
- ବଟର: ୫ ଗ୍ରାମ୍
- ଗରମ ମସଲା : ୫ ଗ୍ରାମ୍
- କାଜୁ ଓ ଚାରୁମଗଜ ପେଷ୍ଟ: ୫୦ ଗ୍ରାମ
- ସ୍ୱାଦ ଅନୁଯାୟୀ ଲୁଣ

## ପ୍ରସ୍ତୁତି ପ୍ରଣାଳୀ


ମୁଖ୍ୟ ଶେଫ୍ ହିମାଂଶୁ ସାହାଣୀ

ପ୍ରଥମେ ଗୋଟିଏ ପାତ୍ରରେ ପନିର, ମଇଦା, କର୍ନଫ୍ଲାୱାର, ଚିନି, ଗୁଜୁରାଡି ପାଉଡର ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ସେଥିରେ ଚପ୍ ହୋଇଥିବା କିସ୍‌ମିସ୍, ସେଓ, ଅଙ୍ଗୁର ଓ ଚେରିକୁ ତା' ଭିତରେ ଭରି ଗୋଲ ଗୋଲ ଆକାର କରନ୍ତୁ। ହାଲୁକା ଆଞ୍ଚରେ ଅଳ୍ପ ତେଲରେ ଏହାକୁ ଫ୍ରାଏ କରନ୍ତୁ। ଅନ୍ୟ ଏକ ଫ୍ରାଏ ପ୍ୟାନ୍ ବସାଇ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଗଲା ପରେ ପିଆଜ ଏବଂ କଞ୍ଚାଲଙ୍କା ଚପ୍ ପକାଇ ଇଷତ୍ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ସେଥିରେ ଅଦା ଏବଂ ରସୁଣ ପେଷ୍ଟ ପକାଇ ୨ ମିନିଟ୍ କଷନ୍ତୁ। ଏହାପରେ ସେଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଧନିଆଗୁଣ୍ଡ ପକାଇ ଅଳ୍ପ ପାଣି ଦେଇ ଟମାଟୋ ଚପ୍ ପକାଇ ଗୋଳାଇ ଘୋଡାଇ ଦିଅନ୍ତୁ। ପ୍ରାୟ ୫ ମିନିଟ୍ ପରେ ଘୋଡଣି ଖୋଲି କାଜୁ ଏବଂ ଚାରୁ ମଗଜ ପେଷ୍ଟ ପକାଇ କଷନ୍ତୁ। କଷା ହୋଇଗଲା ପରେ ପୂର୍ବରୁ ଫ୍ରାଏ କରାଯାଇଥିବା କୁପ୍ତାକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ ଧନିଆପତ୍ର ଚପ୍, ଗରମ ମସଲା, ବଟର ଓ ଅମୁଲ କ୍ରିମ୍ ପକାଇ ପାତ୍ରରେ କାଢିଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଲଭ୍‌ଲି କୁପ୍ତା। ଏହାକୁ ଭାତ କିମ୍ବା ତନ୍ଦୁରି ଆଇଟମ୍ ସହିତ ପରଷି ଦିଅନ୍ତୁ।

ରିପୋର୍ଟ– ହେମନ୍ତ ନାୟକ
ଫଟୋ– ଯଜ୍ଞେଶ୍ୱର ମହାନ୍ତି

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


ସଞ୍ଜୟ


ତପନ


କାର୍ତ୍ତିକ


ସୌରଜିତ


ସଞ୍ଜିତା


ଉମେଶ


ଅନିକେଶ


ସାଦ୍ଦିକ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ସକାଳେ ଜୁସ୍ ସନ୍ଧ୍ୟାରେ ସୁପ୍

ଫିଟ୍‌ନେସ୍

ଓଡ଼ିଆ ସଙ୍ଗୀତ ଜଗତରେ ଅସୀମା ପଣ୍ଡା ଜଣେ ଚର୍ଚ୍ଚିତ ଚେହେରା। ଗତ କିଛି ବର୍ଷ ହେବ ଏହି କଣ୍ଠଶିଳ୍ପୀଙ୍କ ସ୍ୱର ଓଡ଼ିଆ ଶ୍ରୋତାଙ୍କୁ ମତୁଆଲା କରି ରଖିଛି। ଗୋଟିଏ ପରେ ଗୋଟିଏ ସୁପରହିଟ୍ ଗୀତ ପରିବେଷଣ କରୁଥିବା ଅସୀମା ଫିଟ୍‌ନେସ୍ ପାଇଁ ବି ସମୟ କାଢ଼ନ୍ତି। ବ୍ୟସ୍ତବହୁଳ ଜୀବନ ଭିତରୁ ନିଜକୁ ଫିଟ୍ ରଖିବା ପାଇଁ ବି ଚିନ୍ତା କରନ୍ତି..


ଅସୀମା ପଣ୍ଡା

## ଭେଜ୍ ଖାଇବାକୁ ଭଲ ପାଏ

ଅଧିକ ସମୟ ଭେଜ୍ ତରକାରି ଖାଇବାକୁ ପସନ୍ଦ କରେ। ଘରେ ମା'ଙ୍କ ହାତରନ୍ଧା ସମସ୍ତ ଭେଜ ତରକାରି ମୋର ଅତିପ୍ରିୟ। ଆମିଷ ତଥା ନନ୍‌ଭେଜ ଖାଦ୍ୟ ବହୁତ ଖାଉଥିଲି। ଆମିଷ ଖାଦ୍ୟ ପ୍ରତି ଦୁର୍ବଳତା ଅଛି। ହେଲେ କେବଳ ଘରେ ତିଆରି ହେଉଥିବା ଆମିଷ ଖାଦ୍ୟ ଖାଏ। ବାହାରେ ତେଲମସଲାରେ ଭର୍ତ୍ତି ତରକାରି ଖାଇବାକୁ ଆଦୌ ପସନ୍ଦ କରେନି। ବାହାରେ ଥିଲେ ଭେଜ୍ ଖାଇବାକୁ ପଡ଼େ।

## ନିୟମିତ ବ୍ୟବଧାନରେ ପାଣି ପିଏ

ଷ୍ଟେଜ ପ୍ରୋଗ୍ରାମ ହେଉ ଷ୍ଟୁଡ଼ିଓରେ ଡବିଂ। ଯେଉଁଠି ଥିଲେ ବି ନିୟମିତ ସମୟ ବ୍ୟବଧାନରେ ପାଣି ପିଏ। ପ୍ରଚୁର ମାତ୍ରାରେ ପାଣି ପିଇବା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ତ୍ୱଚା ମଧ୍ୟ ଉଜ୍ଜ୍ୱଳ ହୁଏ। ପାଣି ପିଇବାକୁ କେବେ ଭୁଲେନାହିଁ। ଘରୁ ବାହାରିବା ମାତ୍ରେ ମୋ ସହିତ ପାଣି ବୋତଲ ଥାଏ। କଣ୍ଠଶିଳ୍ପୀ ହୋଇଥିବାରୁ ଥଣ୍ଡା ପାଣି କି କୋଲ୍ଡ ଡ୍ରିଙ୍କସ ପିଏ ନାହିଁ। ସକାଳେ ଅଦା ମିଶା ଚା' ପିଏ।

## ମନକୁ ତାଜା ରଖେ ଜୁସ୍, ସୁପ୍

ସକାଳେ ଉଠିବା ପରେ ଅଳ୍ପ ସମୟ ଯୋଗ କରେ। ଯୋଗ ଦ୍ୱାରା ମନକୁ ଫୂର୍ତ୍ତି ମିଳେ। ବ୍ରେକ୍‌ଫାଷ୍ଟରେ ଘର ତିଆରି ଖାଦ୍ୟ ସହିତ ଫ୍ରୁଟ୍ ଜୁସ ସାମିଲ ଥାଏ। ଏହାବ୍ୟତୀତ ସନ୍ଧ୍ୟା ସମୟରେ ଘରେ ଥିଲେ ପ୍ରାୟ ସମୟ ସୁପ୍ ପିଏ। ବାର ଅନୁସାରେ ଭେଜ୍ କିମ୍ବା ନନଭେଜ ସୁପ୍ ପିଇଥାଏ। ଚିକେନ୍ ଓ ଏଗ୍ ଫ୍ଲାୱାର ସୁପ୍ ଭଲପାଏ।

– କୁମାରଶ୍ରୀ ସାହୁ




## ବଲିଉଡ୍ ହାଲଚାଲ

▶ଅକ୍ଷୟ କୁମାରଙ୍କ ମୁହଁରେ ଏବେ କ୍ୟାଟ୍ରିନା କୈଫଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଦୁହେଁ ଏବେ ନିର୍ମାଣାଧୀନ 'ସୂର୍ଯ୍ୟବଂଶୀ'ରେ ଅଭିନୟ କରୁଛନ୍ତି।

▶ଅନୁଷ୍କା ଶର୍ମା ଏବେ ଅଧିକାଂଶ ସମୟ କ୍ରିକେଟ ପ୍ରାକ୍ଟିସ କରୁଛନ୍ତି। କାରଣ ଲୋକପ୍ରିୟ କ୍ରିକେଟ ଖେଳାଳି ତଥା ଭାରତୀୟ ମହିଳା କ୍ରିକେଟ ଟିମ୍‌ର ବୋଲର୍ ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ନିର୍ମିତ ହେଉଥିବା ହିନ୍ଦୀ ସିନେମାର ଟାଇଟଲ ଭୂମିକାରେ ସେ ଅଭିନୟ କରିବେ। ଏହାର ଟାଇଟଲ 'ଚକଧା ଏକ୍ସପ୍ରେସ' ରହିଛି ବୋଲି ଶୁଣିବାକୁ ମିଳୁଛି।

▶'ହିରୋପନ୍ତୀ-୨'ରେ ଟାଇଗର ଶ୍ରଫ ଅଭିନୟ କରିବେ ବୋଲି ଜଣାପଡିଛି।

▶'ବଣ୍ଟି ଔର ବବ୍‌ଲି-୨' ଚଳିତବର୍ଷ ଜୁନ୍ ୨୬ରେ ରିଲିଜ ହେବାକୁ ଯାଉଛି। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ସୈଫ ଅଲ୍ଲୀ ଖାଁ ଏବଂ ରାଣୀ ମୁଖାର୍ଜୀ।

▶ଶାହରୁଖ ଖାଁଙ୍କ ପ୍ରଯୋଜିତ 'କାମୟାବ'ରେ ମେଲ୍ ଲିଡ୍‌ରେ ସଞ୍ଜୟ ସିଂଙ୍କୁ ଦେଖିବାକୁ ମିଳିବ।

## ବାଜିବଲୋ ସାହାନାଇ

ଶୁଭ ବିବାହରେ ସାହାନାଇଟିଏ ଲୋଡା ପଡ଼େ। ଏହାକୁ ପେସା କରି ଚଳୁଥିବା ଲୋକଟିର ଜୀବନରେ କେମିତି କଳା ଅନ୍ଧାର ଘୋଟି ଆସେ ଆଉ ତା'ପରେ କ'ଣ ହୁଏ ତାହାକୁ ନେଇ କାହାଣୀ ଗତିଶୀଳ। ଏହି କାହାଣୀକୁ ନେଇ ଓଡ଼ିଆ ଚଳଚ୍ଚିତ୍ର 'ବାଜିବଲୋ ସାହାନାଇ'ର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବେଶ୍ କିଛିବର୍ଷ ପୂର୍ବେ ଗୌରୀ ଗଣନାଟ୍ୟ ପରିବେଷିତ ଅପେରା ନାଟକ 'ବାଜିବଲୋ ସାହାନାଇ' ସୁପରହିଟ୍ ହୋଇଥିଲା। ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକଟରେ ଭରି ରହିଥିଲା ଫୁଲ୍ ଏଣ୍ଟରଟେନମେଣ୍ଟ। ହେଲେ ଏବେ ବଡ଼ ପରଦାରେ ଆଶୁତୋଷଙ୍କ ସାହାନାଇ ପୁଣି ଥରେ ବାଜିବାକୁ ଯାଉଛି। ଅପରପକ୍ଷରେ ଏହାକୁ କିପରି ଏକ ସୁନ୍ଦର ସିନେମାଟିଏ କରାଯାଇପାରିବ ସେ ନେଇ ପୂରା ଦମ୍‌ରେ ଅଣ୍ଟା ଭିଡିଛନ୍ତି ଅପେରା ଜଗତର ଆଗଧାଡିର ନିର୍ଦ୍ଦେଶକ ଆଶୁତୋଷ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ରହିଛନ୍ତି ସମ୍ବିତ, ଅମ୍ଳାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଏମାନଙ୍କ ବ୍ୟତୀତ ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମଧ୍ୟ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ ପଟ୍ଟନାୟକ (ଟିଟନ)। ଚଳଚ୍ଚିତ୍ରର ବୈଷୟିକ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ସୁରେଶ ଦାସ।






ଅଂଶୁମାନ

## ଏ ମନ ଖୋଜୁଥାଏ ଯାହା...

କଥାରେ ଅଛି ଏମନ ଖୋଜୁ ଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଏପରି ଏକ ଦମ୍‌ଦାର ଭୂମିକା ପାଇବା ପରେ ସେ କେମିତି ଖୁସିରେ ଉଛୁଳୁଛନ୍ତି। କଥା କ'ଣ କି ପ୍ରସନ୍ନ ପୃଷ୍ଟିଙ୍କ ଆଗାମୀ ଅନଟାଇଟଲ୍‌ଡ ଫିଲ୍ମରେ ତାଙ୍କୁ ଏଭଳି ଏକ ମନଲାଖି ଭୂମିକା ମିଳିଛି। ସେ ହେଲେ ଅଂଶୁମାନ ସାମନ୍ତରାୟ। ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମର ମୁଖ୍ୟ ଖଳନାୟକ ଭାବରେ ମୁଁ ଦେଖାଦେବି। କାହାଣୀ ଏବଂ ଭୂମିକା ବିଷୟରେ ଜାଣିବା ପରେ ନିଜକୁ ଏ ନେଇ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି। ଏ ପର୍ଯ୍ୟନ୍ତ ମୁଁ ୮ଟି ଓଡ଼ିଆ ସିନେମାରେ ଭିନ୍ନ ଭିନ୍ନ ରୋଲ୍‌ରେ ଅଭିନୟ କରିଛି। ହେଲେ ଏହି ଫିଲ୍ମର ଭୂମିକା ସମ୍ପୂର୍ଣ୍ଣ ଭିନ୍ନ। ମୋ ବାପା ଆର.କେ. ସାହୁ, ମା' ନିରୁପମା ସାମନ୍ତରାୟ, ସ୍ତ୍ରୀ ରୋଜାଲିନା ଏବଂ ଝିଅ ସିଲ୍‌ଭି ଶ୍ୱେତାଲିନାଙ୍କ ପ୍ରେରଣା ମୋତେ ଆକ୍ଟିଂ ଲାଇନ୍‌ରେ ଆଗେଇବାରେ ବେଶ୍ ସହାୟକ ହୋଇଛି।' ତେବେ ଏଥର ଅଂଶୁମାନ ବଡ଼ ପରଦାରେ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

**ରିଲିଜ ଅପେକ୍ଷାରେ**

## ପୁଷ୍ପା ଆଇ ହେଟ୍ ଟିୟର୍ସ

ଓଡିଆ ପ୍ରଯୋଜକ ଅମୂଲ୍ୟ କୁମାର ଦାସଙ୍କ ଦ୍ୱିଭାଷୀ ଫିଲ୍ମ 'ପୁଷ୍ପା ଆଇ ହେଟ୍ ଟିୟର୍ସ' ଚଳିତ ମାସ ୨୮ରେ ପରଦା ଉପରକୁ ଆସୁଛି। ସୁପରଷ୍ଟାର ରାଜେଶ ଖାନ୍ନାଙ୍କ ଚର୍ଚ୍ଚିତ ଡାଏଲଗ (ଅମର ପ୍ରେମ) 'ପୁଷ୍ପା ଆଇ ହେଟ୍ ଟିୟର୍ସ'କୁ ଆଧାର କରି ଏହାର ଶୀର୍ଷକ ରଖାଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଦୀନକର କପୁର। କ୍ରିଷ୍ଣା ଅଭିଷେକ, ଅର୍ଜ୍ଜୁନ ମୁଗଲ, କାର୍ତ୍ତିକ ଜୟରାମ ଏବଂ ଅନୁସ୍ମୃତି ସରକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏହି ସିନେମାଟି ଉଭୟ ହିନ୍ଦୀ ଏବଂ କନ୍ନଡ ଭାଷାରେ ନିର୍ମିତ ହୋଇଛି। ବାରିପଦାରେ ଜନ୍ମିତ ଅମୂଲ୍ୟ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଡିଗ୍ରୀ ହାସଲ ପରେ ସେ ସିନେମା ପ୍ରଯୋଜନା କ୍ଷେତ୍ରରେ ମନ ବଳାଇଥିଲେ। ତା'ପରେ ହୋମ୍ ବ୍ୟାନର 'ଫିଲ୍ମ ଆଟ୍ ଦ ରେଟ୍ ଫିଫ୍ଟି'ରେ ସେ ଏହି ସିନେମାଟିକୁ ନିର୍ମାଣ କରିଛନ୍ତି।



'ପୁଷ୍ପା ଆଇ ହେଟ୍ ଟିୟର୍ସ' ଚଳଚ୍ଚିତ୍ରର ଏକ ଦୃଶ୍ୟ।

## ଆନ୍ନାଙ୍କ ଲେଉଟାଣି

କିଛି ବର୍ଷ ପୂର୍ବରୁ ଏକ୍ସେଲ ମୁଭିଜ ବ୍ୟାନରରେ ନିର୍ମିତ ହୋଇଥିଲା 'ଆଇନ୍ କାନୁନ୍'। ଏଥିରେ ଆନ୍ନା ଭୂମିକାରେ ଅଭିନୟ କରିଥିବା ରଫି ବେଶ୍ ଚର୍ଚ୍ଚାକୁ ଆସିଥିଲେ। ସଂଯୋଗ ବଶତଃ ପୁଣି ଥରେ ଏହି ବ୍ୟାନରରେ ନିର୍ମାଣାଧୀନ ଓଡ଼ିଆ ସିନେମା 'କିଏ ହେବ ମୋ ହିରୋଇନ'ରେ ତାଙ୍କୁ ସେହି ଏକା ଭୂମିକାରେ ଦେଖିବାକୁ ମିଳିବ। ଫରକ୍ ଏତିକି ଯେ ସେଥିର ସେ ଗୋରା ଆନ୍ନା ଭାବରେ ଦର୍ଶକଙ୍କ ସାମନାକୁ ଆସିଥିଲେ, ହେଲେ ଏବେ ତାଙ୍କର ଚରିତ୍ରଟି ହେଲା କଳା ଆନ୍ନା। ଏ ସମ୍ପର୍କରେ ରଫି କହନ୍ତି, 'କଳା ଆନ୍ନାକୁ ଗୋଟିଏ ଜିନିଷରୁ ମଜା ମିଳିଥାଏ। ତାହା ହେଲା ଆଣ୍ଟିସୋସିଆଲ କାମ। ତାହାର ଫଳ ଯାହା ହେଉନା କାହିଁକି ଏପରି କାମରେ ନିଜକୁ ନିୟୋଜିତ ରଖିବାକୁ ସେ ପଛଘୁଞ୍ଚା ଦେଇନି। ତେବେ ଏହି ଭୂମିକାରେ କ'ଣ ସ୍ପେଶାଲ ରହିଛି ତାହା ସିନେମା ଦେଖିଲେ ହିଁ ଜାଣିପାରିବେ।' ରବୀନ୍ଦ୍ର ପଣ୍ଡାଙ୍କ ପ୍ରଯୋଜିତ ଏବଂ ପ୍ରଶାନ୍ତ ଲେଙ୍କାଙ୍କ ନିର୍ଦ୍ଦେଶିତ 'କିଏ ହେବ ମୋ ହିରୋଇନ୍'ର କାହାଣୀ ରଚନା କରିଛନ୍ତି ବିଜୟଲକ୍ଷ୍ମୀ ପଣ୍ଡା, ଯାହାକୁ ଆଧାର କରି ସଂଳାପ ଲେଖିଛନ୍ତି ଓଲିଉଡ୍‌ର ଆଗଧାଡିର ଅନ୍ୟତମ ସଂଳାପକାର ଡ. ରଜନୀ ରଞ୍ଜନ। ଏହାର ମେଲ୍ ଲିଡ୍‌ରେ ଅସିତ ଅଭିନୟ କରୁଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ମହିମା।

**ଅପେରା ହାଲ୍‌ଚାଲ୍**

## ତାପସଙ୍କ ସଜବାଜ

ଜଲିଉଡ୍‌ର ଆଗଧାଡିର ନିର୍ଦ୍ଦେଶକ ତାପସ ସ୍ୱାଇଁ। ଚଳିତବର୍ଷ ତାଙ୍କ ନିର୍ଦ୍ଦେଶିତ ନାଟକ 'ମୁଁ ସେହି ଭଦ୍ରକିଆ ଟୋକା (ରଙ୍ଗମହଲ) ଖଣ୍ଡଗିରି ଅପେରା ମେଳାରେ ବାଜିମାତ କରିଛି। ଅନ୍ୟପକ୍ଷରେ ଆସନ୍ତା ଯାତ୍ରା ସିଜନକୁ ନେଇ ଏବେଠାରୁ ଅଣ୍ଟା ଭିଡିଲେଣି ସେ। ଆସନ୍ତାବର୍ଷ ତାଙ୍କ ହାତରେ ୬ଟି ନାଟକ ରହିଛି। ତେଣୁ ସବୁ ନାଟକକୁ କିପରି ଦର୍ଶକାଦୃତ କରାଯାଇପାରିବ



ସେ ନେଇ ନିଜକୁ କିପରି ପ୍ରସ୍ତୁତ କରିଛନ୍ତି ସେ ସମ୍ପର୍କରେ ତାପସ କହନ୍ତି, 'ନାଟକର କାହାଣୀକୁ ମୁଁ ପ୍ରଥମେ ଭଲ ଭାବରେ ବିଶ୍ଳେଷଣ କରେ। ନିର୍ଦ୍ଦେଶନା ସମୟରେ ନାଟକର ପ୍ରତିଟି ବିଷୟକୁ ସରିୟସ୍‌ଲି ନେଇଥାଏ, ଯାହାଫଳରେ ମୋ ନାଟକରେ ସବୁବେଳେ ସ୍ପେଶାଲ ଚାର୍ମ ରହିଥାଏ। ଦର୍ଶକ ମୋ ନାଟକକୁ ଭଲ ରେସପନ୍ସ ଦେଉଛନ୍ତି ତାହା ମୋ ପାଇଁ ବଡ କଥା।' ଆସନ୍ତାବର୍ଷ ପାଇଁ ତାପସଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଥିବା ନାଟକଗୁଡିକ ମଧ୍ୟରେ ରହିଛି-'ଲୁହକୁ କହିଛି ରହିଯା ଟିକେ' (ରଙ୍ଗମହଲ), 'ଲାଗିଲାରେ ପ୍ରୀତି ରଙ୍ଗ ଲାଗିଲା' (ସ୍ୱର୍ଣ୍ଣମହଲ), 'କୋଟିଏ ତାରାରେ ଗୋଟିଏ ଜହ୍ନ' (ବିଶ୍ୱଦରବାର), 'ରାଜା ଝିଅ ତମେ କ'ଣ କଲ' (ତୁଳସୀ), 'କଳଙ୍କ ମୋ ପାଇଁ ଚନ୍ଦନ ଟିକା' (ଧଉଳି) ଏବଂ 'ବାଟରେ କନିଆ ହାଟରେ ବର' (ପାର୍ବତୀ)।

## ଟିକି ଟିକି ମୋର ଟିକିଣି ଗାଲ..

'ଟିକି ଟିକି ମୋର ଟିକିଣି ଗାଲ, ରଙ୍ଗବତୀ ରସବତୀ ଜାଇଫୁଲ'। ଏପରି ଏକ ଆଇଟମ୍ ଗୀତକୁ ନେଇ ଓଲିଉଡ୍‌ରେ ଚର୍ଚ୍ଚା ଜୋର୍ ଧରିଛି। ଡ. ନିର୍ମଳ ନାୟକଙ୍କ ରଚିତ ଏବଂ ଅମରେନ୍ଦ୍ର ମହାନ୍ତିଙ୍କ ସ୍ୱର ସଂଯୋଜିତ ଏହି ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା। ଖାସ୍ କଥା ହେଲା, ଏଥିରେ ଡ୍ୟାନ୍ସ ତଡକା ଲଗାଇଛନ୍ତି ଚର୍ଚ୍ଚିତ ଆଇଟମ ଗର୍ଲ ରାନୀ ପଣ୍ଡା। ଫିଲ୍ମଟି ହେଲା 'ଗାଁ ନାଁ ଗାଲୁଆପୁର'। ଅର୍ଥାତ୍, ରାନୀ ଖୁବ୍‌ଶୀଘ୍ର ବଡ଼ ପରଦାରେ ଆଇଟମ୍ ନମ୍ବରରେ ଦେଖାଦେବେ। ତାଙ୍କୁ ଏପରି ସୁଯୋଗ ଦେଇଛନ୍ତି ନିର୍ଦ୍ଦେଶକ ଜିତେନ୍ଦ୍ର ମହାପାତ୍ର। । ତାଙ୍କ ନିର୍ଦ୍ଦେଶନାରେ ଫିଲ୍ମର ଶୁଟିଂ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସ୍ୱଚ୍ଛ ଭାରତ ଅଭିଯାନ ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଏଥିରେ ପ୍ରୟାସ କରାଯାଇଛି। କାହାଣୀ ଅନୁସାରେ ଫିଲ୍ମର ନାୟକ ପପୁ ପମପମ ଜଣେ ପ୍ଲମ୍ବର ଭୂମିକାରେ ଅଭିନୟ କରୁଛନ୍ତି। ହେଲେ ସେ ଏକ ବଡ଼ ଚାକିରି କରିଛି ବୋଲି କହି ବୁଲୁଛି। ତେବେ ଏହାର ଶେଷ ପରିଣତି କ'ଣ ହେଉଛି ତାହା ନିକଟରେ ଶୁଟିଂ ଶେଷ ହୋଇଥିବା ସିନେମାରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଏପରି ଆଇଟମ ନମ୍ବରକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ରାନୀ।







## ଖବର ଟବର

▶ଖୁବ୍‌ଶୀଘ୍ର ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଯୋଡି ସବ୍ୟସାଚୀ-ଅର୍ଚ୍ଚିତାଙ୍କୁ ବଡ଼ ପରଦାରେ ପୁଣି ଥରେ ଦେଖିବାକୁ ମିଳିବ। ଏହି ଅନଟାଇଟଲ୍‌ଡ ଫିଲ୍ମର ପ୍ରାରମ୍ଭିକ କାମ ଚାଲୁରହିଛି।

▶ନୂଆ ଓଡ଼ିଆ ସିନେମା 'ମାମା ୱେଡ୍‌ସ ପାପା'ର ମହୁରତ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀହାନ୍ କ୍ରିଏସନ୍ସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ବି. ଚନ୍ଦ୍ରପ୍ରିୟା ସୁବୁଦ୍ଧି। 'ସାତ ସୁରେ ବନ୍ଧା ଏ ଜୀବନ' ଏବଂ 'ଡ୍ୟାଡି' ପରେ ଏହାର ନିର୍ଦ୍ଦେଶନା ଦେବେ ଆପୁ କାନୁନ୍‌ଗୋ। ଚିନ୍ମୟ ଦାସପଟ୍ଟନାୟକ ସଂଳାପ ରଚନା କରିଥିବା ବେଳେ ଅରୁଣ ମନ୍ତ୍ରୀଙ୍କ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆସଦ୍ ନିଜାମ୍। ଫିଲ୍ମର ବିଭିନ୍ନ ଭୂମିକାରେ ଅଙ୍କିତ, ନବାଗତା ମନସ୍ୱିନୀ ପତି, ପପୁ ପମପମ, ପୁଷ୍ପା ପଣ୍ଡା, ଐଶ୍ୱର୍ଯ୍ୟା ଏବଂ ନାଗଜା ନିରଞ୍ଜନାଙ୍କୁ ଦେଖିବାକୁ ମିଳିବ।

▶ସବ୍ୟସାଚୀଙ୍କ ଅଭିନୀତ 'ଯେତେ ଗୋରୀ ସେତେ ଷ୍ଟୋରି' ରିଲିଜ ଅପେକ୍ଷାରେ ରହିଛି।

▶ପୁଣି ଥରେ ଏକ ସତ୍ୟ ଘଟଣାକୁ ନେଇ ଆଉ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଅଣ୍ଟା ଭିଡିଛନ୍ତି ପ୍ରଯୋଜକ ଶ୍ରୀଧର ମାର୍ଥା। ରେଞ୍ଜ ରୟାଲ ସିନେ ଲ୍ୟାବ ବ୍ୟାନରରେ ଏହାର ଟାଇଟଲ ରହିଛି 'ମାୟାବିନୀ'। ଏକ ଜଘନ୍ୟ ହତ୍ୟାକାଣ୍ଡ ଉପରେ ଏହାର କାହାଣୀ ଆଧାରିତ ଏବଂ ବଲିଉଡ୍‌ର ଜଣେ ନାମୀ ନିର୍ଦ୍ଦେଶକ ଏହାର ନିର୍ଦ୍ଦେଶନା ଦେବେ ବୋଲି ପ୍ରଯୋଜକ ସୂଚନା ଦେଇଛନ୍ତି। ଏହାପୂର୍ବରୁ ସେ 'କଥା ଦେଲି ମଥା ଛୁଇଁ', 'ଯୋଗୀ' ଏବଂ ପାର୍ସଲ ବୋମା ଉପରେ ଆଧାରିତ 'ପାଟଣାଗଡ'। ନୂଆ ସିନେମାର ପ୍ରାରମ୍ଭିକ କାମ ଆରମ୍ଭ ହୋଇଯାଇଛି।

“ ଦୁଇ ଭାରତୀୟ ଓପନର୍ ମୟଙ୍କ ଅଗ୍ରୱାଲ ଓ ପୃଥ୍ୱୀ ଶ’ ଅନଭିଜ୍ଞ ହୋଇପାରନ୍ତି, କିନ୍ତୁ ଆଗାମୀ ଟେଷ୍ଟ ସିରିଜରେ ଭିନ୍ନତା ଆଣିବାର ଟ୍ୟାଲେଣ୍ଟ ସେମାନଙ୍କ ପାଖରେ ରହିଛି ।

–ଟିମ୍ ସୌଦୀ, ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର



“ ଖେଲୋ ଇଣ୍ଡିଆ ଗେମ୍ସ ଯୋଗୁ ଦେଶରେ ଅଧିକାଂଶ ପିଲା କ୍ରୀଡ଼ାକୁ ଗ୍ରହଣ କରିବା ପାଇଁ ଅନୁପ୍ରାଣିତ ହୋଇଛନ୍ତି ।

–ରାହି ସର୍ନୋବତ୍, ଭାରତୀୟ ମହିଳା ଶୁଟର୍



# ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା



ଖେଳାଳିଙ୍କ ଅପେକ୍ଷାରେ କ୍ରୀଡ଼ାଗ୍ରାମ।





କିଟ୍‌ରେ ଅନ୍ତିମ ପର୍ଯ୍ୟାୟରେ ପ୍ରସ୍ତୁତି।

(ଫଟୋ : ବିକାଶ ନାୟକ)







ଭୁବନେଶ୍ୱରରେ ପହଞ୍ଚିଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟର ଖେଳାଳିମାନେ।

## ଭାରତରେ ହେବ ୨୦୨୨ ଏଏଫ୍‌ସି ମହିଳା ଏସିଆନ୍ କପ

କୁଆଲାଲମ୍ପୁର,୧୯।୨(ପି.ଟି.)

ଭାରତରେ ୨୦୨୨ ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଦେଶରେ ମହିଳା ଫୁଟବଲର ପ୍ରସାର କରିବା ପାଇଁ ଏହି ଇଭେଣ୍ଟର ଆୟୋଜନ ଅଧିକାର ବୁଧବାର ଭାରତକୁ ଦିଆଯାଇଛି। ଏସିଆନ ଫୁଟବଲ କନଫେଡେରେଶନର ମହିଳା କମିଟି ଏହି ଅଧିକାର ପ୍ରଦାନ କରିଛି। ଟୁର୍ନାମେଣ୍ଟ ପାଇଁ ଭାରତ ବ୍ୟତୀତ ଚାଇନିଜ ତାଇପେ ଓ ଉଜବେକିସ୍ତାନ ମଧ୍ୟ ବିଡ୍ ଦାଖଲ କରିଥିଲେ। କିନ୍ତୁ ଚଳିତବର୍ଷ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜନ କରିବାକୁ ଥିବା ଭାରତରେ ଉନ୍ନତମାନର ଭିତ୍ତିଭୂମି ରହିଛି। ଭାରତ ପକ୍ଷରୁ ଡି. ୱାଇ. ପାଟିଲ ଷ୍ଟାଡିୟମ, ଟ୍ରାନ୍ସ ଷ୍ଟାଡିଆ ଏରିନା ଓ ଫାଟୋର୍ଡା ଷ୍ଟାଡିୟମକୁ ଭେନ୍ୟୁ ରୂପେ ଦାଖଲ କରାଯାଇଥିଲା। ଏହି ସମସ୍ତ ଗ୍ରାଉଣ୍ଡରେ ପୂର୍ବରୁ ଫିଫା ଟୁର୍ନାମେଣ୍ଟ ଖେଳାଯାଇସାରିଥିବା ଏଏଫ୍‌ସି ପକ୍ଷରୁ କୁହାଯାଇଛି।

## କେଆଇୟୁଜି ଟ୍ରଫି ଉନ୍ମୋଚନ ଆଜି

ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଓ କଟକରେ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ଟ୍ରଫି ଉନ୍ମୋଚନ ଉତ୍ସବ ଗୁରୁବାର ଅନୁଷ୍ଠିତ ହେବ। କିଟ୍ ପରିସରରେ ଥିବା ରଗ୍‌ବୀ ଗ୍ରାଉଣ୍ଡରେ ଅପରାହ୍ନ ୨ଟା ୪୫ରେ ଏକ ସ୍ୱତନ୍ତ୍ର ଉତ୍ସବରେ ଅତିଥିଭାବେ ଟ୍ରଫି ଉନ୍ମୋଚନ କରିବେ। ଖେଳାଳିମାନେ ରହିବା ପାଇଁ ସ୍ୱତନ୍ତ୍ର କ୍ରୀଡ଼ାଗ୍ରାମ ପ୍ରସ୍ତୁତ ହୋଇଥିବାବେଳେ ବିଭିନ୍ନ ପଡ଼ିଆ ଓ ଇନ୍‌ଡୋର ହଲ୍‌ର ପ୍ରସ୍ତୁତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଶୁକ୍ରବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ହେବ। କେଆଇୟୁଜିରେ ଭାଗ ନେବା ପାଇଁ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭୁବନେଶ୍ୱରରେ ପହଞ୍ଚିବାରେ ଲାଗିଛନ୍ତି। ଚଳିତ ମାସ ୨୨ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ପ୍ରତିଯୋଗିତା ଆୟୋଜିତ ହେବ। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ(କିସ୍) ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି(କିଟ୍)ର ପାଖାପାଖି ୫୦୦ ଛାତ୍ରୀଛାତ୍ର ଏହି କ୍ରୀଡାରେ ସ୍ୱେଚ୍ଛାସେବୀ ଦାୟିତ୍ୱ ତୁଲାଇବେ। ଏମାନଙ୍କ ମଧ୍ୟରେ ଅଧିକାଂଶ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଆଦିବାସୀ ଛାତ୍ରୀଛାତ୍ର ଅଟନ୍ତି। ‘‘ସ୍ୱେଚ୍ଛାସେବୀ ଟିମ୍‌ରେ ସାମିଲ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ପ୍ରଦର୍ଶନ କରିବାକୁ ଥିବା ଆଥ୍‌ଲେଟ୍‌ମାନଙ୍କୁ ନିକଟରୁ ଦେଖିପାରିବେ ଓ ଭବିଷ୍ୟତରେ ଖେଳକୁ କ୍ୟାରିୟର ଭାବେ ବାଛିବା ପାଇଁ ପ୍ରେରଣା ପାଇପାରିବେ। ପୂର୍ବରୁ କିଟ୍‌ରେ ହୋଇଥିବା ଅନ୍ୟ ପ୍ରତିଯୋଗିତା ଗୁଡ଼ିକରେ ମଧ୍ୟ ଏହି ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାସେବକ ଭାବେ କାର୍ଯ୍ୟ କରିଛନ୍ତି। ସ୍ୱେଚ୍ଛାସେବୀ ଟିମ୍ ପାଇଁ ଚୟନ ହୋଇଥିବା ଛାତ୍ରୀଛାତ୍ରମାନଙ୍କର ବୟସ ୧୮ ବର୍ଷରୁ ଅଧିକ ହୋଇଥିବା ବେଳେ ସେମାନେ ସମସ୍ତେ ଗ୍ରାଜୁଏଟ’’ ବୋଲି କିଟ୍‌ର କ୍ରୀଡା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି।

## ଦ୍ୱିତୀୟ ରାଉଣ୍ଡରେ ସାଇନା

ବାର୍ସିଲୋନା, ୧୯।୨ (ପି.ଟି.)

ଏଠାରେ ଆରମ୍ଭ ହୋଇଥିବା ଏକ ଲକ୍ଷ ୭୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ବାର୍ସିଲୋନା ସ୍ପେନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଷ୍ଟାର୍ ଭାରତୀୟ ଖେଳାଳି ସାଇନା ନେହ୍ୱାଲ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମ୍ୟାଚ୍‌ରେ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ୨୧–୧୬, ୨୧–୧୪ ସିଧାସଳଖ ଗେମ୍‌ରେ ବିଶ୍ୱ ମାନ୍ୟତାର ୪୨ ନମ୍ବର ସ୍ଥାନରେ ରହିଥିବା ଜର୍ମାନୀର ଭୋନେ ଲି’ଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସାଇନାଙ୍କୁ ମାତ୍ର ୩୫ ମିନିଟ୍ ସମୟ ଲାଗିଥିଲା। ତେବେ ପୁରୁଷ ସିଙ୍ଗଲ୍ସରେ ଏଚ୍.ଏସ୍. ପ୍ରଣୟଙ୍କୁ ନିରାଶ ହେବାକୁ ପଡ଼ିଛି। ପ୍ରଣୟ ୧୮–୨୧, ୧୫–୨୧ ସିଧାସଳଖ ଗେମ୍‌ରେ ମାଲେସିଆର ଲିଓ ଡାରେନଙ୍କ ନିକଟରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ମିକ୍ସଡ ଡବଲ୍ସରେ ଭାରତକୁ କିନ୍ତୁ ସଫଳତା ମିଳିଛି। ପ୍ରଣବ ଚୋପ୍ରା ଓ ଏନ୍. ସିକ୍କିରେଡ୍ଡୀ ଯୋଡ଼ି ୧୦–୨୧, ୨୧–୧୬, ୨୧–୧୭ ଗେମ୍‌ରେ ମାଥିଆସ କ୍ରିଷ୍ଟିଆନସେନ ଓ ଆଲେକ୍ସଜାଣ୍ଡ୍ରା ବୋଜେ ଯୋଡ଼ିଙ୍କୁ ହରାଇ ଦେଇଛନ୍ତି।

## ପ୍ରତ୍ୟାବର୍ତ୍ତନ କରିବା ନେଇ ନିଶ୍ଚିତ ଥିଲି: ଚିଙ୍ଗଲେନସାନା

ଭୁବନେଶ୍ୱର,୧୯।୨ (ସ୍ପୋର୍ଟ୍ସ ବ୍ୟୁରୋ)

ହକି ପ୍ରୋ ଲିଗ୍‌ର ପ୍ରଥମ ୪ଟି ମ୍ୟାଚ୍‌ରେ ମିଡ୍‌ଫିଲ୍ଡରେ ଭାରତ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ଏହା ପଛରେ ଅବଶ୍ୟ ଟିମ୍ ମ୍ୟାନେଜମେଣ୍ଟର ସୁଚିନ୍ତିତ ଯୋଜନା ଓ ରଣନୀତି ରହିଛି। ୪ଟି ମ୍ୟାଚ୍ ଖେଳି ଭାରତ ଏପର୍ଯ୍ୟନ୍ତ ୮ ପଏଣ୍ଟ ହାସଲ କରିବା ସହ ତାଲିକାର ତୃତୀୟ ସ୍ଥାନରେ ରହିଛି। ଭାରତ ଏହି ସଫଳତା ପଛରେ ଅଭିଜ୍ଞ ମିଡ୍‌ଫିଲ୍ଡର ଚିଙ୍ଗଲେନସାନ ସିଂ କାଙ୍ଗୁଜାମଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ଚିଙ୍ଗଲେନସାନାଙ୍କ ପ୍ରତ୍ୟାବର୍ତ୍ତନ ପରେ ଭାରତୀୟ ମିଡ୍‌ଫିଲ୍ଡରେ ଆହୁରି ଦୃଢ଼ ହୋଇଛି। ତେବେ ଏହାପୂର୍ବରୁ ୨୮ ବର୍ଷୀୟ ଏହି ମିଡ୍‌ଫିଲ୍ଡର ୨୦୧୮ ଡିସେମ୍ବରରେ ଶେଷଥର ପାଇଁ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଭାରତ ହକି ବିଶ୍ୱକପ୍‌ରେ ନେଦରଲାଣ୍ଡ୍ସଠାରୁ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଥିଲା ଓ ସେ ଏହି ମ୍ୟାଚ୍‌ରେ ଖେଳିଥିଲେ। ଅର୍ଜୁନ ପୁରସ୍କାର ପ୍ରାପ୍ତ ଏହି ଖେଳାଳି ୨୦୧୯ରେ ଡାହାଣ ଗୋଇଠିରେ ଆଘାତ ପାଇବା ପରେ ସେ ଗତ ବର୍ଷ କୌଣସି ଟୁର୍ନାମେଣ୍ଟ ଖେଳିପାରି ନ ଥିଲେ।

୨୦୧୯ରେ ହକି ଇଣ୍ଡିଆ ସିନିୟର ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲା। ସେତେବେଳେ ଡାହାଣ ଗୋଇଠିରେ ସାମାନ୍ୟ ଯନ୍ତ୍ରଣା ଅନୁଭବ କରିଥିଲି। ସ୍କାନ କଲାପରେ ଫାକ୍‌ଚର ହୋଇଥିବା ଜାଣିବାକୁ ପାଇଥିଲି। ସେତେବେଳେ କିଛି ସପ୍ତାହ ମୋ ପାଇଁ ବେଶ୍ କଷ୍ଟକର ଥିଲା। ପୁଣି ଥରେ ଦେଶ ପାଇଁ ଖେଳିବା ନେଇ ସନ୍ଦେହରେ ଥିଲି। କିନ୍ତୁ ପ୍ରତ୍ୟାବର୍ତ୍ତନ କରିବା ନେଇ ଦୃଢ ନିଶ୍ଚିତ ଥିଲି। କିନ୍ତୁ ସେତେବେଳେ ସାଥୀ ଖେଳାଳି, ପରିବାର ଓ କୋଚ୍‌ମାଙ୍କଠାରୁ ସମର୍ଥନ ପାଇଥିଲି ବୋଲି ଚିଙ୍ଗଲେନସାନା କହିଛନ୍ତି।

ଯେତେବେଳେ ଚିକିତ୍ସାଧୀନ ଥିଲି ସେତେବେଳେ ପିଚ୍‌ରେ ସାଥୀ ଖେଳାଳିଙ୍କୁ ଖେଳୁଥିବାର ଦେଖୁଥିଲି। ଏହା ମୋତେ ଦୁଃଖ ଦେଇଥିଲା। କାରଣ ସାରା ଜୀବନ ହକି ଖେଳିବାକୁ ସବୁବେଳେ ଭଲ ପାଇଥାଏ। ତେବେ ଧୀରେଧୀରେ ଆଘାତ ସମସ୍ୟାରୁ ମୁକୁଳିଥିଲି। ଏହାପରେ ଗତ ନଭେମ୍ବରରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ଖେଳିବାକୁ ଲକ୍ଷ୍ୟ ରଖିଥିଲି। କିନ୍ତୁ କେତେ ସମସ୍ୟା କାରଣରୁ ଏହା ହୋଇପାରି ନ ଥିଲା ବୋଲି ସେ କହିଛନ୍ତି। ଶେଷରେ ନେଦରଲାଣ୍ଡ୍ସ ବିପକ୍ଷ ହକି ପ୍ରୋ ଲିଗ୍ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ପାଇଥିଲି। ଏହା ମୋ ଜୀବନର ଅନ୍ୟତମ ଶ୍ରେଷ୍ଠ ମୁହୂର୍ତ୍ତ ଥିଲା।

ଆଗାମୀ ଟୋକିଓ ଅଲିମ୍ପିକ୍ସରେ ଭାରତ ପଦକ ହାସଲ କରୁ ଓ ଏଥିପାଇଁ ଦଳକୁ ସାହାଯ୍ୟ କରିବାକୁ ଚାହେଁ ବୋଲି ୨୦୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଚିଙ୍ଗଲେନସାନା କହିଛନ୍ତି। ଯୁବ ଖେଳାଳିଙ୍କୁ ସହଯୋଗ କରିବାକୁ ମଧ୍ୟ ସବୁବେଳେ ଚାହିଁଥାଏ। ଦଳରେ ଏକାଧିକ ପ୍ରତିଭାସମ୍ପନ୍ନ ଯୁବ ଖେଳାଳି ରହିଛନ୍ତି। ଏଫ୍‌ଆଇଏଚ୍ ଉଦୀୟମାନ ଖେଳାଳି ବିବେକ, ରାଜକୁମାର ପଲ ଓ ହାର୍ଦ୍ଦିକ ସିଂ ଏବେ ବିଶ୍ୱହକିରେ କିଛି ପ୍ରମାଣ କରିବାକୁ ଚାହୁଁଛନ୍ତି। ଏହି ଯୁବ ଖେଳାଳିଙ୍କୁ ସାହାଯ୍ୟ କରି ବହୁତ ଖୁସି ଅନୁଭବ କରୁଛି। ଏମାନଙ୍କ ବିଭିନ୍ନ ଟିପ୍ସ ଦେବା ସହ ହକି ସମ୍ପର୍କରେ ବିଭିନ୍ନ ଜ୍ଞାନ ପ୍ରଦାନ କରିଥାଏ ବୋଲି ମଣିପୁର ଜନ୍ମିତ ଏହ ଅଭିଜ୍ଞ ଖେଳାଳି କହିଛନ୍ତି।

ଗତଥରର ଚାମ୍ପିୟନ ତଥା ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଗତ କୋଡ଼ିଏଟି ମ୍ୟାଚ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଚିଙ୍ଗଲେନସାନା ଦଳରେ ନିଜର ଗୁରୁତ୍ୱ ବଢାଇବାରେ ସକ୍ଷମ ହୋଇଛନ୍ତି। ନେଦରଲାଣ୍ଡ୍ସ ଓ ବେଲଜିୟମ ବିପକ୍ଷ ପ୍ରଦର୍ଶନ ସମସ୍ତଙ୍କ ପାଇଁ ସନ୍ତୋଷଜନକ ଥିଲା। ମୁଖ୍ୟ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ରଣନୀତି ଅନୁସାରେ ଆମେ ଖେଳି ସଫଳତା ପାଇଛୁ। ଏବେ ଅଷ୍ଟ୍ରେଲିଆ ଉପରେ ଆମେ ନଜର କେନ୍ଦ୍ରୀଭୂତ କରିଛୁ। ଅଷ୍ଟ୍ରେଲିଆ ଏକ ଚାମ୍ପିୟନ ଓ ବିଶ୍ୱସ୍ତରୀୟ ଦଳ। ଆକ୍ରମଣାତ୍ମକ ହକି ଖେଳିବାକୁ ଅଷ୍ଟ୍ରେଲିଆ ଖେଳାଳି ଭଲ ପାଆନ୍ତି। ତେବେ ଏହାକୁ ସାମ୍ନା କରିବାକୁ ଆମେ ପୂରା ପ୍ରସ୍ତୁତ ଅଛୁ। ଯୋଜନା ଅନୁସାରେ ଆମେ ଖେଳିଲେ ଦୁଇଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇବାରେ ସମର୍ଥ ହେବୁ ବୋଲି ଚିଙ୍ଗଲେନସାନ କହିଛନ୍ତି।



## ଟେଷ୍ଟ ସିରିଜ ରୋମାଞ୍ଚକ ହେବ

ଭିଭିଏସ୍ ଲକ୍ଷ୍ମଣ

ଦିନିକିଆ ବିପର୍ଯ୍ୟୟ ପରେ ଭାରତ ଟେଷ୍ଟ ସିରିଜ ଜିତି ନ୍ୟୁଜିଲାଣ୍ଡ ଗସ୍ତ ଶେଷ କରିବାକୁ ଚାହିଁବ। ଗସ୍ତ ଆରମ୍ଭରେ ଟି୨୦ ସିରିଜରେ ଭାରତ ୫–୦ରେ କ୍ଲିନ୍ ସୁଇପ୍ କରିବା ଭଳି ଟେଷ୍ଟରେ ମଧ୍ୟ ଅନୁରୂପ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଥିବ। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ବେଶ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରୁଛି। ନ୍ୟୁଜିଲାଣ୍ଡକୁ ତା’ର ଘରୋଇ ପରିବେଶ ହରାଇବା ନିହାତି କଷ୍ଟକର ହେବ। ତେବେ ଭାରତ ଗତ କିଛି ବର୍ଷ ହେବ ବିଶ୍ୱର ସବୁ ସ୍ଥାନ ଗସ୍ତକରି ଟେଷ୍ଟରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ଭାରତୀୟ ଦ୍ରୁତ ବୋଲରମାନେ ଦମ୍‌ଦାର ପ୍ରଦର୍ଶନ କରି ବିଦେଶରେ ଭାରତ ବିଜୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ଏଥର ବ୍ୟାଟ୍ସମ୍ୟାନଙ୍କୁ ମଧ୍ୟ ଭଲ ପ୍ରଦର୍ଶନ କରିବା ସହ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ହେବ। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ଖାସ୍ କରି ଓପନର ଓ ୩ ନମ୍ବର ବ୍ୟାଟ୍ସମ୍ୟାନଙ୍କୁ କ୍ରିଜ୍‌ରେ ବେଶ୍ କିଛି ସମୟ ବିତାଇବାକୁ ପଡିବ। ବିଦେଶରେ ଭଲ ପ୍ରଦର୍ଶନ କରିବାକୁ ହେଲେ ପ୍ରଥମ ଇନିଂସରେ ବଡ଼ ସ୍କୋର ହାସଲ କରିବାକୁ ହେବ ଓ ଏପରି କରିବା ନିହାତି ଆବଶ୍ୟକ।




ପ୍ରାୟ ସବୁ ଦଳ ନ୍ୟୁଜିଲାଣ୍ଡରେ ଟେଷ୍ଟ ଖେଳିଛନ୍ତି। ତେଣୁ ନ୍ୟୁଜିଲାଣ୍ଡର ପିଚ୍, ପରିବେଶ ଓ ବୋଲିଂ ଆକ୍ରମଣ ସଂକ୍ରାନ୍ତରେ ସମସ୍ତଙ୍କର ଜ୍ଞାନ ନିଶ୍ଚିତ ଥିବ। ଓପନର ମୟଙ୍କ ଅଗ୍ରୱାଲ ଫର୍ମକୁ ଫେରିବା ନିଶ୍ଚିତ ଭାବେ ଖୁସିର କଥା। ଅଭ୍ୟାସ ମ୍ୟାଚ୍‌ର ପ୍ରଥମ ଇନିଂସରେ ବିଫଳ ହୋଇଥିଲେ ମଧ୍ୟ ଦ୍ୱିତୀୟରେ ସେ ରନ ସଂଗ୍ରହ କରି ଲୟକୁ ଫେରିଛନ୍ତି। ଅଗ୍ରୱାଲଙ୍କ ସହ ପୃଥ୍ୱୀ ଶ ଇନିଂସ ଓପନ କରିବେ। କାରଣ ୱାର୍ମ ଅପ୍ ମ୍ୟାଚ୍‌ରେ ସେ ଉଭୟ ଇନିଂସରେ ଓପନର ଦାୟିତ୍ୱ ତୁଲାଇଥିଲେ। ଟିମ୍ ମ୍ୟାନେଜମେଣ୍ଟ ମଧ୍ୟ ଯୁବ ଓପନର ଶୁଭମନ ଗିଲ୍‌ଙ୍କ ସହ କଥା ହୋଇଥିବେ। ତାଙ୍କଠାରୁ କି ପ୍ରକାର ଭୂମିକା ଆଶା କରାଯାଉଚି ସେ ସଂକ୍ରାନ୍ତରେ ଆଲୋଚନା କରିଥିବେ ବୋଲି ଆଶା କରୁଛି। ମାତ୍ର ଗୋଟିଏ ଦିନରେ ଜଣେ ଭଲ ଓପନର ହେବା ଓ ପର ଦିନ ଜଣେ କ୍ଷମତା ସମ୍ପନ୍ନ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ହେବା ସହଜ ନୁହଁ।

ହମିଲଟନରେ ଅଭ୍ୟାସ ମ୍ୟାଚ୍‌ରେ ହନୁମା ବିହରୀ ଶତକ ହାସଲ କରିବା ନେଇ ବେଶ୍ ଖୁସି ଅଛି। ଯେତେବେଳେ ଭାରତ ୫ଜଣ ବୋଲରଙ୍କୁ ଖେଳାଇଛି ବିହାରୀଙ୍କୁ ବାହାରେ ବସିବାକୁ ପଡିଛି। ତେବେ ଏହି ସିରିଜରେ ତାଙ୍କୁ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କ ମିଡଲ ଅର୍ଡରରେ ବ୍ୟାଟିଂ କରିବା ସହିତ ସମୟ ବିତାଇବାର ସୁଯୋଗ ମିଳିବ। ଛୋଟିଆ ଆଓ୍ୱେ ସିରିଜରେ ଭାରତ ୬ ଜଣ ବ୍ୟାଟ୍ସମ୍ୟାନ ସହିତ ଉଇକେଟକିପର ହିସାବରେ ଋଦ୍ଧିମାନ ଶାହ, ୩ଜଣ ପେସରଙ୍କ ସମେତ ୪ଜଣ ବୋଲରଙ୍କୁ ଖେଳାଇବା ଉଚିତ୍ ବୋଲି ଭାବୁଛି।

ଯଦି ଟିମ୍ ମ୍ୟାନେଜମେଣ୍ଟ ଉଚିତ୍ ମନେ କରେ ତା’ହେଲେ ଅଭିଜ୍ଞ ଦ୍ରୁତ ବୋଲର ଇଶାନ୍ତ ଶର୍ମାଙ୍କୁ ଅନ୍ତିମ ଏକାଦଶରେ ସାମିଲ କରାଯିବାରେ କୌଣସି ସମସ୍ୟା ନାହିଁ। ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କ ସହ ସେ ଭାରତୀୟ ବୋଲିଂ ଆଟାକ୍‌ରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବେ। ଗତ ଦିନିକିଆ ସିରିଜରେ ଅବଶ୍ୟ ବୁମ୍‌ରା ସାମାନ୍ୟ ଲୟ ହରାଇଲା ପରି ମନେ ହେଉଥିଲେ। ତେବେ ଟେଷ୍ଟ ପ୍ରଦର୍ଶନରେ ଏହାର ପ୍ରଭାବ ପଡିବ ନାହିଁ ବୋଲି ଭାବୁଛି। ଦୀର୍ଘ ୬ ମାସ ପରେ ବୁମ୍‌ରା ଟେଷ୍ଟ ଖେଳିବାକୁ ଯାଉଛନ୍ତି। ଯଦି ବି ଇଶାନ୍ତଙ୍କ ଫିଟ୍ ନେସ୍ ନେଇ କିଛି ସମସ୍ୟା ଥାଏ ତା’ହେଲେ ଉମେଶ ଯାଦବଙ୍କୁ ସୁଯୋଗ ଦିଆଯିବାରେ କୌଣସି ଅସୁବିଧା ନାହିଁ। ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ନ୍ୟୁଜିଲାଣ୍ଡ ଅଧିକ ପଏଣ୍ଟ ହାସଲ କରିବାକୁ ଚାହିଁବ। ଭାରତ ମଧ୍ୟ ସୁଯୋଗର ସଦ୍ ଉପଯୋଗ କରିବାକୁ ଚାହିଁବ। ଫଳରେ ଏହି ସିରିଜ ବେଶ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ।

(ଗେମ୍ ପ୍ଲାନ୍)



"ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଯେକୌଣସି ଟିମ୍ ଉପରେ ଚାପ ସୃଷ୍ଟି କରିପାରିବାର ଦକ୍ଷତା ଭାରତୀୟ ଦଳର ରହିଛି ।
–ହରମନପ୍ରୀତ୍ କୌର, ଭାରତୀୟ ମହିଳା କ୍ରିକେଟ୍ ଅଧିନାୟିକା



"ଯଦି ଆମେ କେବଳ ଯଶପ୍ରୀତ୍ ବୁମ୍‌ରାଙ୍କ ଉପରେ ଧ୍ୟାନ ନିବେଶ କରୁ ତେବେ ଅସୁବିଧାରେ ପଡ଼ିପାରୁ। ଭାରତୀୟ ଦଳର ପୂରା ବୋଲିଂ ଲାଇନ୍‌ଅପ୍ ବହୁତ ଭଲ ରହିଛି।
–ରସ୍ ଟେଲର, ଅଭିଜ୍ଞ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ମ୍ୟାଟ୍ ହେନ୍‌ରୀଙ୍କୁ ଡକରା



ୱେଲିଂଟନ,୧୯।୨- ଆସନ୍ତା ୨୧ ତାରିଖରେ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ ଲାଗି ନ୍ୟୁଜିଲାଣ୍ଡ ଦଳରେ ପେସର ମ୍ୟାଟ ହେନ୍‌ରୀ ଯୋଗ ଦେବେ। ତାଙ୍କୁ ନିଲ ୱାଗନରଙ୍କ ବଦଳ ଖେଳାଳି ଭାବେ ଡକାଯାଇଛି। ୱାଗନର ପ୍ରଥମ ଥର ପାଇଁ ବାପା ହେବାକୁ ଯାଉଛନ୍ତି। ତାଙ୍କ ଅନୁପସ୍ଥିତିରେ ନ୍ୟୁଜିଲାଣ୍ଡ ଦଳରେ ଟ୍ରେଣ୍ଟ ବୋଲ୍ଟ ଓ ଟିମ ସୌଦିଙ୍କ ଭଳି ସିନିୟର ପେସରଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ବାମହାତୀ ପେସର ୱାଗନରଙ୍କ ରେକର୍ଡ ଟେଷ୍ଟରେ ଉଲ୍ଲେଖନୀୟ ରହିଛି। ସେ ୪୭ ମ୍ୟାଚ୍‌ରେ ୨୬.୩୩ ହାରରେ ୨୦୪ ଉଇକେଟ ନେଇଛନ୍ତି। ୱାଗନର ୱେଲିଂଟନ ଟେଷ୍ଟରେ ଦଳ ସହ ଯୋଗଦେବେ ନାହିଁ। କାରଣ ସେ ଓ ତାଙ୍କ ପତ୍ନୀ ପ୍ରଥମ ସନ୍ତାନର ଜନ୍ମକୁ ଅପେକ୍ଷା କରିଛନ୍ତି। ସେ ଟାଉରଙ୍ଗଠାରେ ଅଛନ୍ତି। ତାଙ୍କ ବଦଳରେ ହେନ୍‌ରୀ ଦଳରେ ଯୋଗଦେବେ ବୋଲି ବ୍ଲାକ କ୍ୟାପ୍ସ ପକ୍ଷରୁ ଟୁଇଟ୍ କରାଯାଇଛି। ହେନରୀ ନ୍ୟୁଜିଲାଣ୍ଡ ପକ୍ଷରୁ ୧୨ ଟେଷ୍ଟ ଓ ୫୨ ଦିନିକିଆ ଖେଳିସାରିଛନ୍ତି। ତାଙ୍କ ବାଦ୍ କାଇଲ ଜମିସନଙ୍କୁ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିବାର ସମ୍ଭାବନା ରହିଛି। ସେ ଏପର୍ଯ୍ୟନ୍ତ କ୍ରିକେଟର ଲମ୍ବା ଫର୍ମାଟରେ ପର୍ଦାପଣ କରିନାହାନ୍ତି।

### ଓସିଏ ଭିଜନ ୨୦୨୪
### ଟାଉନ୍ କ୍ଲବ ୮ ଉଇକେଟରେ ବିଜୟୀ

ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)- ଓସିଏ ଭିଜନ ୨୦୨୪ ଅନ୍ତର୍ଗତ ବୁଧବାର ଅନୁଷ୍ଠିତ ସିନିୟର ଆନ୍ତଃ ଜିଲା କ୍ଲବ ଲିଗ୍ (ଭୁବନେଶ୍ୱର) ମ୍ୟାଚରେ ଟାଉନ୍ କ୍ଲବ ୮ ଉଇକେଟରେ ବାପୁଜୀ କ୍ରିକେଟ କ୍ଲବକୁ ପରାସ୍ତ କରିଛି। ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବାପୁଜି କ୍ଲବ ୨୪.୫ ଓଭରରେ ୧୦୮ ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ରବି ସାହୁ ସର୍ବାଧିକ ୩୫ ରନ କରିଥିଲେ। ପ୍ରତିପକ୍ଷ ଦଳର ଶୁଭସଙ୍କେତ ଧଳ ୪ଟି, ଶୁଭାଶିଷ ଖଣ୍ଡାୟତରାୟ ୨ଟି ଉଇକେଟ ନେଇଥିଲେ। ଜବାବରେ ଟାଉନ୍ କ୍ଲବ ୧୭.୩ ଓଭରରେ ୨ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରି ନେଇଥିଲା। ରାକେଶ କୁମାର ବେହେରା ୪୨ ଓ ପ୍ରତ୍ୟୁଷ ଦାସ ୩୬ ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଶୁଭ ସଙ୍କେତ ଧଳ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଆଜିଠାରୁ ଓଡ଼ିଶା–ବେଙ୍ଗଲ କ୍ୱାର୍ଟର ଫାଇନାଲ

**ରଣଜୀ ଟ୍ରଫି**

କଟକ ଅଫିସ,୧୯।୨

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ରାଉଣ୍ଡ ଗୁରୁବାରଠାରୁ ଆରମ୍ଭ ହେବ। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଶୁଭ୍ରାଂଶୁ ଶେଖର ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳର ମୁକାବିଲା ହେବ ଅଭିମନ୍ୟୁ ଈଶ୍ୱରନ୍‌ଙ୍କ ନେତୃତ୍ୱାଧୀନ ବେଙ୍ଗଲ ସହିତ। ହାତଗଣତି ତାରକା ଖେଳାଳିଙ୍କୁ ନେଇ ଆସିଥିବା ବେଙ୍ଗଲ ବିପକ୍ଷ ଏହି ମ୍ୟାଚ ରୋମାଞ୍ଚକର ହେବ। ରଣଜୀ ଇତିହାସରେ ଓଡ଼ିଶା–ବେଙ୍ଗଲ ମୋଟ୍ ୫୦ଥର ସାମ୍ନାସାମ୍ନି ହୋଇଥିବା ବେଳେ ଓଡ଼ିଶା କେବଳ ୨ଟି ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛି। କ୍ୱାର୍ଟର ମୁକାବିଲାରେ ଘରୋଇ ଗ୍ରାଉଣ୍ଡ ଓ ପରିବେଶ ଓଡ଼ିଶାକୁ ଭରପୂର ଫାଇଦା ଦେବ ବୋଲି ଆଶା କରାଯାଉଛି।



ଡ୍ରିମ୍ସ ଗ୍ରାଉଣ୍ଡରେ ଅଭ୍ୟାସରତ ବେଙ୍ଗଲ କ୍ରିକେଟ ଦଳ।

### ୪ ବର୍ଷ ପରେ ସାମ୍ନାସାମ୍ନି

ଓଡ଼ିଶା ଓ ବେଙ୍ଗଲ ଗତ ୨୦୧୫–୧୬ ରଣଜୀ ସିଜନରେ ଶେଷ ଥର ପାଇଁ ସାମ୍ନାସାମ୍ନି ହୋଇଥିଲେ। ବେଙ୍ଗଲ କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ଏହି ମ୍ୟାଚ ଖେଳାଯାଇଥିଲା। ଏକ ଲୋ–ସ୍କୋରିଂ ମ୍ୟାଚ୍‌ରେ ବେଙ୍ଗଲଠାରୁ ୧୩୩ ରନରେ ଓଡ଼ିଶା ହାରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗଲ ୧୪୨ ରନରେ ଅଲଆଉଟ ହେବା ପରେ ଓଡ଼ିଶାର ପ୍ରଥମ ଇନିଂସ ୧୦୭ ରନରେ ସୀମିତ ରହିଥିଲା। ବେଙ୍ଗଲ ଦ୍ୱିତୀୟ ଇନିଂସରେ ୧୩୫ ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ସମ୍ମୁଖରେ ୧୭୦ରନର ବିଜୟ ଲକ୍ଷ୍ୟ ଥିବା ବେଳେ ଦଳ ମାତ୍ର ୩୬ରନରେ ସମସ୍ତ ଉଇକେଟ ହରାଇଥିଲା। ଏହି ମ୍ୟାଚ୍‌ରେ ଓଡ଼ିଆ ଖେଳାଳି ପ୍ରଜ୍ଞାନ ଓଝା ବେଙ୍ଗଲ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ।

### ୧୬ ବର୍ଷର ସେମି ସ୍ୱପ୍ନ

ଗତ ୨୦୦୪ ମସିହାରେ ଓଡ଼ିଶା ଶେଷଥର ପାଇଁ ସେମି ଫାଇନାଲରେ ପ୍ରବେଶ କରିଥିଲା। ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ମଧ୍ୟପ୍ରଦେଶଠାରୁ ହାରି ଫାଇନାଲରୁ ବଞ୍ଚିତ ହୋଇଥିଲା। ୧୬ ବର୍ଷ ପରେ ପୁଣି ଥରେ ସେମିଫାଇନାଲ ଖେଳିବାର ସୁଯୋଗ ସୃଷ୍ଟି ହୋଇଛି। ବାରବାଟୀରେ ଖେଳାଯାଇଥିବା ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶାର ନେତୃତ୍ୱ ନେଉଥିଲେ ସଞ୍ଜୟ ରାଉଳ। ପ୍ରଭଞ୍ଜନ ମଲ୍ଲିକଙ୍କ ୧୪୨ରନର ଉପଯୋଗୀ ଇନିଂସ ସହାୟତାରେ ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୩୧୮ରନ କରିଥିଲା। ଜବାବରେ ମଧ୍ୟପ୍ରଦେଶ ୨୫୮ ରନରେ ଅଲଆଉଟ ହୋଇଥିଲା। ସଞ୍ଜୟ ଶତପଥୀ ୪ଟି ଓ ଦୀପକ ମଙ୍ଗରାଜ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଓଡ଼ିଶାର ଦ୍ୱିତୀୟ ଇନିଂସ ୨୫୩ ରନରେ ସୀମିତ ରହିଥିଲା। ଅଧିନାୟକ ସଞ୍ଜୟ ସର୍ବାଧିକ ୮୭ରନ କରିଥିଲେ। ୫ ଉଇକେଟ ହରାଇ ମଧ୍ୟପ୍ରଦେଶ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

### ବେଙ୍ଗଲର ଦଳଗତ ପ୍ରଦର୍ଶନ

ଚଳିତ ସିଜନରେ ବେଙ୍ଗଲର ଉଭୟ ବ୍ୟାଟିଂ ଓ ବୋଲିଂ ଲାଇନଅପକୁ ନଜର ପକାଇଲେ, ବ୍ୟକ୍ତିଗତ ପ୍ରଦର୍ଶନ ଅପେକ୍ଷା ଦଳଗତ ପ୍ରଦର୍ଶନ ହିଁ ଦଳକୁ କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପହଞ୍ଚାଇଛି। ଦଳର ତାରକା ଖେଳାଳି ମନୋଜ ତିୱାରୀ ଲିଗ ପର୍ଯ୍ୟାୟରେ ମୋଟ୍ ୬୪୧ରନ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ତ୍ରିଶତକୀୟ ଇନିଂସ ରହିଛି। ମନୋଜଙ୍କୁ ବାଦ୍ ଦେଇ ଲିଗ ପର୍ଯ୍ୟାୟରେ ଶତକ ହାସଲ କରିଥିବା ଅନ୍ୟ ବ୍ୟାଟ୍ସମ୍ୟାନ ହେଲେ ଅଭିଷେକ ରମଣ। ସେହିପରି ବୋଲିଂରେ ସାହାବାଜ ନଦିମ୍ ସର୍ବାଧିକ ୨୯ଟି ଉଇକେଟ ଅକ୍ତିଆର କରିଛନ୍ତି। ଆକାଶଦୀପ ୨୫ଟି ଉଇକେଟ ନେଇଥିବା ବେଳେ ମୁକେଶ କୁମାରଙ୍କୁ ୧୯ଟି ଉଇକେଟ ମିଳିଛି।

### ଲକି ଗ୍ରାଉଣ୍ଡ ଡ୍ରିମ୍ସ

ଲିଗ ପର୍ଯ୍ୟାୟରେ ଓଡ଼ିଶା ୪ଟି ମ୍ୟାଚ୍ ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳିଛି। ଏଠାରେ ହିଁ କ୍ୱାର୍ଟର ମୁକାବିଲା ହେବ। ୪ଟି ମ୍ୟାଚ୍‌ରୁ ଓଡ଼ିଶା ୩ଟି ଜିତିଥିବା ବେଳେ ଗୋଟିଏ ପରାସ୍ତ ହୋଇଛି। ସର୍ଭିସେସକୁ ଇନିଂସ ଓ ୧୦ରନରେ, ଉତ୍ତରାଖଣ୍ଡକୁ ୧୦ ଉଇକେଟରେ, ଆସାମକୁ ଇନିଂସ ଓ ୩ରନରେ ହରାଇଛି ଘରୋଇ ଓଡ଼ିଶା। ଜମ୍ମୁ–କଶ୍ମୀର ବିପକ୍ଷ ମ୍ୟାଚ୍‌ରେ ଦଳ ୪ ଉଇକେଟରେ ପରାସ୍ତ ହୋଇଥିଲା।

### ଦୃଢ଼ ମନୋବଳ ଫାଇଦା ଦେବ

ବେଙ୍ଗଲ ଏକ ଶକ୍ତିଶାଳୀ ଦଳ। ହେଲେ ଓଡ଼ିଶା ଖେଳାଳିଙ୍କ ଦୃଢ଼ ମନୋବଳ ଫାଇଦା ଦେବ ବୋଲି କହିଛନ୍ତି ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି। ପ୍ରତ୍ୟେକ ଖେଳାଳି ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ଘରୋଇ ପରିବେଶରେ ବେଙ୍ଗଲ ବିପକ୍ଷ ଏହି ମ୍ୟାଚ୍ ରୋମାଞ୍ଚକର ହେବ ବୋଲି ସେ ପ୍ରକାଶ କରିଛନ୍ତି।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି(ଅଧିନାୟକ), ବିପ୍ଲବ ସାମନ୍ତରାୟ(ଉପଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଅନୁରାଗ ଷଡ଼ଙ୍ଗୀ, ଦେବାଶିଷ ସାମନ୍ତରାୟ, ରଣଜିତ ସିଂ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଙ୍କିତ ଯାଦବ, ପ୍ରୀତ କନୱର ସିଂ ଚୌହ୍ୱାନ, ଦେବବ୍ରତ ପ୍ରଧାନ, ସୁଜିତ ଲେଙ୍କା(ଉଇକେଟ କିପର), ରାଜେଶ ଧୂପର(ଉଇକେଟ କିପର), ପପୁ ରାୟ। କୋଚ୍:ରଶ୍ମି ରଞ୍ଜନ ପରିଡ଼ା।

## ଅଲିମ୍ପିକ୍ସ ପଦକ ବିନା ସ୍ୱପ୍ନ ଅଧୁରା ରହିଥାନ୍ତା: ପେସ୍

ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)

"ମୁଁ କ୍ୟାରିୟରରେ ଅନେକ ସଫଳତା ପାଇଛି। ବର୍ଷର ୪ଟି ଗ୍ରାଣ୍ଡସ୍ଲାମ (ଅଷ୍ଟ୍ରେଲିଆନ, ଫ୍ରେଞ୍ଚ, ୱିମ୍ବେଲଡନ, ୟୁଏସ ଓପନ) ଜିତି କ୍ୟାରିୟର ସ୍ଲାମ ହାସଲ କରିଛି। ଦୀର୍ଘ ବର୍ଷ ଖେଳିବା ମଧ୍ୟରେ ଅନେକ ପ୍ରତିଷ୍ଠିତ ଖେଳାଳିଙ୍କ ସହିତ ଖେଳିଛି, ଡେଭିସ୍ କପ୍ ଟେନିସରେ ସର୍ବାଧିକ ମ୍ୟାଚ ବିଜୟ ଏବଂ ସର୍ବାଧିକ ଅଲିମ୍ପିକ୍ସ ଖେଳିବାର ବିଶ୍ୱ ରେକର୍ଡ ବହନ କରୁଛି। ଏହା ସତ୍ତ୍ୱେ ଅଲିମ୍ପିକ୍ସରେ ପଦକ ହାସଲ କରିବା ବିନା ସ୍ୱପ୍ନ ଅଧୁରା ରହିଥାନ୍ତା" ବୋଲି ବୁଧବାର ଖବରକାଗଜ ସମ୍ବାଦର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରକାଶ କରିଛନ୍ତି କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍। ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସର ଟେନିସ ସିଙ୍ଗଲ୍ସ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଥିଲେ ଲିଆଣ୍ଡର। ଦୀର୍ଘ ୪୪ ବର୍ଷର ବ୍ୟବଧାନ ପରେ କୌଣସି ଭାରତୀୟ ଆଥଲେଟ୍‌ଭାବେ ସେ ଅଲିମ୍ପିକ୍ସର ବ୍ୟକ୍ତିଗତ ଇଭେଣ୍ଟରେ ପଦକ ଜିତି କୀର୍ତ୍ତିମାନ ସ୍ଥାପନ କରିଥିଲେ। ବିଶ୍ୱର ଏକମାତ୍ର ଖେଳାଳିଭାବେ ସେ ୧୯୯୨ରୁ ୨୦୧୬ ପର୍ଯ୍ୟନ୍ତ ୭ଟି ଅଲିମ୍ପିକ୍ସ ଖେଳିବାର ରେକର୍ଡ ବହନ କରୁଛନ୍ତି। ସର୍ବାଧିକ ଅଲିମ୍ପିକ୍ସ ଖେଳିବାରେ ସେ ସ୍ପେନର ଆରାଞ୍ଚା ସାଞ୍ଚେଜ୍ ଭିକାରିଓ(୫ଟି)ଙ୍କ ରେକର୍ଡ ଅନେକ ଦିନ ଆଗରୁ ଭାଙ୍ଗି ସାରିଛନ୍ତି। ସେହିପରି ସର୍ବାଧିକ ୪୪ଟି ଡେଭିସ୍ କପ୍ ମ୍ୟାଚ ଜିତି ଇଟାଲୀର ନିକୋଲା ପିଟ୍ରାଙ୍ଗେଲି(୪୨ ବିଜୟ)ଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଅବସର ନେବାକୁ ଯାଉଥିବା ଲିଆଣ୍ଡର ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଖେଳିବା ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ପରିଚାଳନା ନିର୍ଦ୍ଦେଶକ ମୋନିକା ନୈୟର ପଟ୍ଟନାୟକ ଉପସ୍ଥିତ ଥିଲେ।

# ହାଇକମିଶନରଙ୍କୁ ଭେଟିଲା ବିରାଟ ବାହିନୀ

ୱେଲିଂଟନ, ୧୯।୨

ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ଶୁକ୍ରବାରଠାରୁ ଘରୋଇ ଦଳ ବିପକ୍ଷରେ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏଥିପୂର୍ବରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବୁଧବାର ୱେଲିଂଟନରେ ଅବସ୍ଥାପିତ ଭାରତୀୟ ହାଇକମିଶନରଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଭାରତୀୟ ଦଳ ସହ ସପୋର୍ଟ ଷ୍ଟାଫ୍ ଯାଇଥିଲେ। 'ମୁଁ ଏଠାକୁ ଆସି ବହୁତ ସମ୍ମାନିତ ମନେକରୁଛି। ଆମର ସମସ୍ତ ଗସ୍ତବେଳେ ହାଇକମିଶନରଙ୍କୁ ସାକ୍ଷାତ୍ କରିଥାଏ। ଏହା ବହୁତ ସ୍ୱତନ୍ତ୍ର ସନ୍ଧ୍ୟା ଥାଏ, କାରଣ ଆମେ ଭାରତୀୟ ଲୋକଙ୍କ ସହ ସମୟ ଅତିବାହିତ କରିଥାଉ। ପ୍ରକାଶଯୋଗ୍ୟ, ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜକୁ ଭାରତ ୩–୦ରେ କ୍ଲିନ୍‌ସୁଇପ୍ କରିବା ପରେ ଦିନିକିଆ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଦିନିକିଆ ସିରିଜକୁ ନ୍ୟୁଜିଲାଣ୍ଡ ୩–୦ରେ ଜିତି ଟି୨୦ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା।



ହାଇ କମିଶନରଙ୍କୁ ଭେଟିବାକୁ ଯାଇଥିବା ଭାରତୀୟ ଖେଳାଳିମାନେ।

# ୨ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୮ ପଦକ

**ଜାତୀୟ ମାଷ୍ଟର୍ସ ଆଥଲେଟିକ୍ ମିଟ୍**

ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)

ମଣିପୁରର ଇମ୍ଫାଲରେ ଗତ ୯ରୁ ୧୪ ପର୍ଯ୍ୟନ୍ତ ଆୟୋଜିତ ୪୧ତମ ଜାତୀୟ ମାଷ୍ଟର୍ସ ଆଥଲେଟିକ୍ ମିଟ୍‌ରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୮ଟି ପଦକ ମିଳିଛି। ଏହା ମଧ୍ୟରେ ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ସାମିଲ। ୪୫ ବର୍ଷରୁ ଊର୍ଦ୍ଧ୍ୱ ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଛୋଟୁ ସିଂ ଏବଂ ଏହି ବୟସ ବର୍ଗର ଜାଭେଲିନ ଥ୍ରୋରେ ମଦନ କୁମାର ଶର୍ମା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୫୫ ବର୍ଷରୁ ଊର୍ଦ୍ଧ୍ୱ ୧୦୦ ମିଟର ରେସ୍ ଓ ଲଙ୍ଗଜମ୍ପରେ କିଶୋର ଚନ୍ଦ୍ର ରଥ ୨ଟିରେ ରୌପ୍ୟ ପଦକଲାଭ କରିଛନ୍ତି। ୭୦ ବର୍ଷରୁ ଊର୍ଦ୍ଧ୍ୱ କାଟେଗୋରି ୧୦୦୦ ମିଟର ରେସ୍‌ରେ ଦୁଃଖିଶ୍ୟାମ ପାଢ଼ୀ ଓ ୪୫ ବର୍ଷରୁ ଊର୍ଦ୍ଧ୍ୱ ୪୦୦ ମିଟର ରେସ୍‌ରେ ବି.ଏସ.କେ. ସାମଲ ରୌପ୍ୟ ପଦକ ପାଇଛନ୍ତି। ୪୫ ବର୍ଷରୁ ଊର୍ଦ୍ଧ୍ୱ ୨୦୦ ମିଟର ରେସ୍‌ରେ ସୁନୀଲ କୁମାର ସ୍ୱାଇଁ ଏବଂ ୩୫ ବର୍ଷରୁ ଊର୍ଦ୍ଧ୍ୱ ଜାଭେଲିନ୍ ଥ୍ରୋରେ ସଞ୍ଜୟ କୁମାର ମହାରଣା ବ୍ରୋଞ୍ଜ ପଦକ ପାଇଛନ୍ତି। ପଦକ ବିଜେତା ଆଥଲେଟ୍‌ମାନେ ମାଷ୍ଟର୍ସ ଆଥଲେଟିକ୍ ଫେଡେରେଶନ ଅଫ ଇଣ୍ଡିଆ ଦ୍ୱାରା ବିଶ୍ୱ ମାଷ୍ଟର୍ସ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି ବୋଲି ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସନ୍ତୋଷ କୁମାର ଦାସ ପ୍ରକାଶ କରିଛନ୍ତି। ବିଶ୍ୱ ମାଷ୍ଟର୍ସ ଆଥଲେଟିକ୍ ଚାମ୍ପିୟନଶିପ କାନାଡାର ଟରଣ୍ଟୋଠାରେ ୨୦୨୦ ଜୁଲାଇ ୨୦ରୁ ଅଗଷ୍ଟ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## କାଉଣ୍ଟି କ୍ରିକେଟ ଖେଳିବେ ପୂଜାରା

ଲଣ୍ଡନ,୧୯।୨– ଭାରତୀୟ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ବୁଧବାର ଗ୍ଲୁଷ୍ଟରଶାୟର ସହ ଚୁକ୍ତି କରିଛନ୍ତି। ସେ ଦଳ ପାଇଁ ଏପ୍ରିଲ ୧୨ ତାରିଖରୁ ଆରମ୍ଭ ହେବାକୁ ଥିବା ଇଲିଂଶ କାଉଣ୍ଟି ଚାମ୍ପିୟନଶିପର ପ୍ରଥମ ୬ ମ୍ୟାଚ୍ ଖେଳିବେ। ପୂଜାରା ଭାରତୀୟ ଟେଷ୍ଟ ଦଳର ଗୁରୁତ୍ୱପୂର୍ଣ୍ଣ ଖେଳାଳି। ତାଙ୍କ କାଉଣ୍ଟି କ୍ରିକେଟ ଅଭିଯାନ ଏପ୍ରିଲ ୧୨ରୁ ମେ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ସିଜନରେ ଗ୍ଲୁଷ୍ଟରଶାୟର ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବାରୁ ମୁଁ ଅତ୍ୟନ୍ତ ଖୁସି। କ୍ଲବର ଲମ୍ବା କ୍ରିକେଟ ଇତିହାସ ରହିଛି ବୋଲି କ୍ଲବ ପକ୍ଷରୁ ପ୍ରକାଶିତ ବିବୃତିରେ ପୂଜାରା କହିଛନ୍ତି।

### ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ
## ରୋମାନିଆକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୧୯।୨ (ପି.ଟି.)

୧୭ ବର୍ଷରୁ କମ୍ ଭାରତୀୟ ମହିଳା ଦଳ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍‌ରେ ରୋମାନିଆକୁ ପରାସ୍ତ କରିଛି। ତୁର୍କୀର ତର୍କଲର ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌କୁ ଭାରତୀୟ ଦଳ ୧–୦ ଗୋଲରେ ବାଜିମାତ୍ କରିନେଇଥିଲା। ମ୍ୟାଚ୍‌ର ୨୯ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି ସୁଯୋଗକୁ କୌଣସି ତ୍ରୁଟି ନ କରି ପ୍ରିୟଙ୍କା ଦେବୀ ଦଳ ପାଇଁ ଏହି ବିଜୟସୂଚକ ଗୋଲଟି ଦେଇଥିଲେ। ପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍ ୩–୩ ଗୋଲରେ ଅମୀମାଂସିତ ରହିଥିଲା।

**ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍**

## ହରଦୀପ, ଆଦିତ୍ୟ, ଆଶୁଙ୍କୁ ବ୍ରୋଞ୍ଜ

ନୂଆଦିଲ୍ଲୀ, ୧୯।୨ (ପି.ଟି.)- ଏଠାରେ ଅନୁଷ୍ଠିତ ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ର ୨ୟ ଦିନରେ ବୁଧବାର ଭାରତୀୟ ରେସଲର୍ ୩ଟି ବ୍ରୋଞ୍ଜ ପଦକ ଜିତିଛନ୍ତି। ହରଦୀପ ସିଂ, ଆଦିତ୍ୟ କୁଣ୍ଡୁ ଓ ଆଶୁଙ୍କୁ ବ୍ରୋଞ୍ଜ ପଦକ ସଫଳତା ମିଳିଛି। ହରଦୀପ, ଆଦିତ୍ୟ ଓ ଆଶୁ ଯଥାକ୍ରମେ ଗ୍ରୀକୋ–ରୋମାନ ବର୍ଗର ୯୭, ୭୨ ଓ ୬୭ କିଗ୍ରା ବର୍ଗରେ ଏହି ସଫଳତା ପାଇଛନ୍ତି। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ହରଦୀପ ୩–୧ରେ କିର୍ଗିସ୍ତାନ ରେସ୍‌ଲରଙ୍କୁ ପରାସ୍ତ କରିଥିଲେ। ୬୭ କିଗ୍ରା ଗ୍ରୀକୋ–ରୋମାନ ବର୍ଗରେ ଆଶୁ ୮–୧ରେ ସିରିୟାର ଅବଦୁଲକରିମ ମହମ୍ମଦଙ୍କୁ ହରାଇଥିଲେ। ସେହିଭଳି ଆଦିତ୍ୟ ୮–୦ରେ ଏକପାଖିଆ ଭାବେ ଜାପାନର ନାଓ କୁସ୍କାଙ୍କୁ ମାତ୍ ଦେଇଛନ୍ତି। ଚଳିତ ଚାମ୍ପିୟନଶିପ୍‌ରେ ଭାରତ ଏଥିସହ ୫ମ ପଦକ ଜିତିଛି। ଏଥିପୂର୍ବରୁ ପ୍ରଥମ ଦିବସରେ ସୁନୀଲ କୁମାର (୮୭ କିଗ୍ରା) ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଅର୍ଜୁନ କାଲାକୁର୍କୀ (୫୫ କିଗ୍ରା)ଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

## ମୋଟେରା ଷ୍ଟାଡିୟମ ପ୍ରସ୍ତୁତ



ନୂଆଦିଲ୍ଲୀ, ୧୯।୨

ଅହମ୍ମଦାବାଦରେ ନବନିର୍ମିତ ମୋଟେରା କ୍ରିକେଟ୍ ଷ୍ଟାଡିୟମର ଏକ ଫଟୋ ବିସିସିଆଇ ବୁଧବାର ଏହାର ଟୁଇଟର୍ ପୃଷ୍ଠାରେ ଶେୟାର କରିଛି। ବିଶ୍ୱର ଏହାକୁ ସବୁଠାରୁ ବଡ଼ କ୍ରିକେଟ୍ ଷ୍ଟାଡିୟମ ବୋଲି କୁହାଯାଉଛି। ଏହାର ଦର୍ଶକ ଧାରଣ କ୍ଷମତା ଏକ ଲକ୍ଷ ୧୦ ହଜାର ରହିଛି, ଯାହାକି ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (୯୦ ହଜାର)ଠାରୁ ଅଧିକ। ଭାରତ ଗସ୍ତରେ ଆସିବାକୁ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ଉଦ୍‌ଘାଟନ କରିବେ ବୋଲି ଚର୍ଚ୍ଚା ହେଉଛି।

# ଭାରତ ଟେଷ୍ଟ ଜିତିବା ସମ୍ଭାବନା ରହିଛି

**ଗୌତମ ଗମ୍ଭୀର**

ବିଫଳତା ଓ ବିପର୍ଯ୍ୟୟକୁ ଆମେ କିଭଳି ଭାବେ ସାମ୍ନା କରୁଛେ ଓ ପ୍ରତିକ୍ରିୟା ପ୍ରକାଶ କରୁଛେ ତାହା ଆମ ଚରିତ୍ରକୁ ଦର୍ଶାଇଥାଏ। ଯେତେବେଳେ ଆମେ ହାରୁ ସେତେବେଳେ ଦଳରେ ଜଣକୁ ଦାୟୀ କରିଥାଉ। ପୂର୍ବରୁ ଏହା ଦେଖିଆସିଛି। କେତେଜଣ ଏହାକୁ ଆତ୍ମଚିନ୍ତନ କରିଥାନ୍ତି। କିନ୍ତୁ ଏହାକୁ ମୁଁ ଆତ୍ମବିଶ୍ୱାସର ଅଭାବ ବୋଲି କହିବି। ଏପରି କି ଆମେ ଏତିକିବେଳେ ସମ୍ପୂର୍ଣ୍ଣ ପ୍ରକ୍ରିୟା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥାଉ। ଏଥିପାଇଁ ବଡ଼ ପରିବର୍ତ୍ତନର ଦାବି ମଧ୍ୟ ଆରମ୍ଭ ହୋଇଯାଇଥାଏ। ଦିନିକିଆ ସିରିଜରେ ଭାରତ ୩–୦ରେ ନ୍ୟୁଜିଲାଣ୍ଡଠାରୁ ହାରିବା ପରେ ମଧ୍ୟ ଏହା ଦେଖିବାକୁ ମିଳିଥିଲା। ଟି୨୦ ସିରିଜରେ ନ୍ୟୁଜିଲାଣ୍ଡକୁ ୫–୦ରେ ହରାଇବା ସତ୍ତ୍ୱେ ମଧ୍ୟ ଦଳକୁ ସମାଲୋଚନାର ଶିକାର ହେବାକୁ ପଡିଥିଲା। ଆମେ କାହିଁକି ପ୍ରତିପକ୍ଷ ଦଳକୁ ଗ୍ରହଣ କରିପାରୁନାହୁଁ ଓ କ୍ରିକେଟର ଭବିଷ୍ୟତ ନେଇ ଚିନ୍ତା କରୁନାହୁଁ, ସେ ନେଇ ପ୍ରଶ୍ନ ଉଠେ। ପ୍ରତିପକ୍ଷ ଦଳ ଆମଠାରୁ ଭଲ ବୋଲି ଆମେ କାହିଁକି ଗ୍ରହଣ କରିପାରୁନାହୁଁ?

ଟେଷ୍ଟ ସିରିଜ ଖେଳିବା ପୂର୍ବରୁ ସେଭଳି କୌଣସ ବଡ଼ଧରଣର ପରିବର୍ତ୍ତନ ହେବନାହିଁ ବୋଲି ଭାବୁଛି। ଭୁଲ୍‌ରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ଶିକ୍ଷା କରି ବେଶ୍ ସକାରାତ୍ମକ ଭାବେ ଟେଷ୍ଟ ସିରିଜ ଖେଳିବା ମନସ୍ଥ କରିଛି। ଏହା ନିଶ୍ଚିତ ଭାବେ ଖୁସିର କଥା। ଭାରତ ଏକ ନୂଆ ଓପନିଂ ଯୋଡି ନେଇ ପଡିଆକୁ ଓହ୍ଲାଇବ। ଦୁଇ ଯୁବ ଓପନର ପୃଥ୍ୱୀ ଶ ଓ ଶୁବମନ ଗିଲ୍ କିପରି ସୁଯୋଗର ସଦ୍‌ବ୍ୟବହାର କରୁଛନ୍ତି ତାହା ନିଶ୍ଚିତ ଭାବେ ମଜାଦାର ହେବ। ମୟଙ୍କ ଅଗ୍ରୱାଲଙ୍କ ଉପରେ ମୋର ବିଶ୍ୱାସ ରହିଛି। ସେ ସ୍ୱତଃ ଜଣେ ବଡ଼ ପ୍ରତିଭାସମ୍ପନ୍ନ ଖେଳାଳି ହୋଇ ନ ଥିଲେ ମଧ୍ୟ ସେ ଜଣେ ବ୍ୟବସ୍ଥିତ ଖେଳାଳି। ବୀରେନ୍ଦ୍ର ସେହ୍ୱାଗ ଓ ଡେଭିଡ ୱାର୍ନରଙ୍କ ଭଳି ସେ ବୋଲରଙ୍କୁ ହେୟ ମନେ କରନ୍ତି ନାହିଁ। ତେବେ ଜଣେ ଓପନିଂ ବ୍ୟାଟ୍ସମ୍ୟାନ ଭାବେ ସେ ବେଶ୍ ଖୋଲା ସ୍ୱଭାବର।

ପୃଥ୍ୱୀ ଓ ଶୁବମନଙ୍କ ପାଇଁ ମୋ ପାଖରେ ବହୁତ ସମୟ ରହିଛି। ନ୍ୟୁଜିଲାଣ୍ଡ ପରିବେଶରେ ବୋଲରମାନେ ଭଲ ସହାୟତା ପାଇଥାନ୍ତି। ଏପରିସ୍ଥଳେ ବ୍ୟାଟ୍ସମ୍ୟାନମାନେ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହୋଇଥାନ୍ତି। ଏତେ ଶୀଘ୍ର ଏହି ଦୁଇ ଯୁବ ବ୍ୟାଟ୍ସମ୍ୟାନଙ୍କୁ ଆମେ ଜଜ୍ କରିବା ଠିକ୍ ହେବନାହିଁ। ମୟଙ୍କ ଓ ଚେତେଶ୍ୱର ପୂଜାରା କିପରି ଇନିଂସ ଗଢିବାରେ ସଫଳ ହେଉଛନ୍ତି ତାହା ପୃଥ୍ୱୀ ଶିକ୍ଷା କରିପାରିବେ। ଈଶାନ୍ତ ଶର୍ମା ଫେରିବା ପରେ ଭାରତୀୟ ବୋଲିଂ ଆଟାକ ଆହୁରି ଦୃଢ ହୋଇଛି। ନ୍ୟୁଜିଲାଣ୍ଡର ସଫ୍ଟ ଗ୍ରାଉଣ୍ଡ ଭାରତୀୟ ଖେଳାଳିଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ। ମୋଟାମୋଟି ଉପରେ ଦେଖିବାକୁ ଗଲେ ଟେଷ୍ଟ ସିରିଜରେ ଭାରତ ବିଜୟୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଭାବୁଛି।

(ଗେମ୍‌ପ୍ଲାନ/ ଦୀନେଶ ଚୋପ୍ରା)




ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ନନ୍ଦ କୁମାର ଚୌଧୁରୀ
ପୋଲିସ୍ ଲାଇନ୍, ପୁରୀ
ତିରୋଧାନ: ୦୨।୦୩।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ ପରିବାରବର୍ଗ:
ପତ୍ନୀ: ଡ.ବୀଣାପାଣୀ ମହାପାତ୍ର, ପୁଅ: ମନୋଜ, ବୋହୂ: ବବିତା, ଜ୍ୱାଇଁ: ଭାଗୀରଥି, ଝିଅ: ଅନିତା, ସୋନୁ ଓ ମୋନୁ (ନାତି), ପାୟଲ ଓ ନୂପୁର (ନାତୁଣୀ)
ଧ–୧୬୭୯୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଯଶଶ୍ରୀ ପାଢ଼ୀ
ବି-୮, ହାଉସିଂବୋଡ଼ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର-୩
ଆବିର୍ଭାବ : ୨୩.୦୩.୧୯୫୦
ତିରୋଧାନ : ୧୧.୦୨.୨୦୨୦
ବିଧିର ନିର୍ଦ୍ଦେଶେ ଛାଡ଼ି ଚାଲିଗଲ
ଭୁଲି ସ୍ନେହ ପ୍ରୀତି ଅଳି
ବିଭୁ କୃପାବଳେ ଶାନ୍ତି ଲଭୁଥାଅ
ଏଇ ଆମ ଶ୍ରଦ୍ଧାଞ୍ଜଳି
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ ଏବଂ ମା' ତାରିଣୀଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ସ୍ୱାମୀ-ବଳରାମ ସାହୁ, ପୁତ୍ର-କୁନାଳ, ପୁତ୍ରବଧୂ-ସୋନୀ, ନାତି- ଆରଭ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ–୬୮୫୯୧

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨୦/୨୦୨୦ Bhubaneswar, Thursday, February 20/2020

# ମହାଶିବରାତ୍ରି ପାଇଁ ପ୍ରସ୍ତୁତ ଏକାମ୍ର କ୍ଷେତ୍ର

ଭୁବନେଶ୍ୱର,୧୯।୨(ବ୍ୟୁରୋ)



ମହାଶିବରାତ୍ରି ପାଇଁ ଉତ୍ସବମୁଖର ହୋଇଛି ଏକାମ୍ର କ୍ଷେତ୍ର। ପୂଜାର୍ଚ୍ଚନାରୁ ଆରମ୍ଭ କରି ମନ୍ଦିର ଉପରକୁ ମହାଦୀପ ଉଠିବା ପର୍ଯ୍ୟନ୍ତ, କେତେବେଳେ କେଉଁ ନୀତି ହେବ, ସେନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଶୈବପୀଠରେ ପରିପୂର୍ଣ୍ଣ ରାଜଧାନୀରେ ମହାଶିବରାତ୍ରି ଏକ ପ୍ରମୁଖ ଉତ୍ସବ ହୋଇଥିବା ବେଳେ ସହରବାସୀଙ୍କ ମଧ୍ୟରେ ଏନେଇ ବିଶେଷ ଉତ୍ସାହ ରହିଛି। ଦେବାଦିଦେବ ମହାଦେବଙ୍କ ଆରାଧନା ପାଇଁ କ୍ଷେତ୍ର ପ୍ରସ୍ତୁତ ଥିବାବେଳେ କେବଳ ସେହି ମହାର୍ଘ୍ୟ ମୁହୂର୍ତ୍ତକୁ ଅପେକ୍ଷା ରହିଛି।

ମହାଶିବରାତ୍ରି ପାଇଁ ଲିଙ୍ଗରାଜ ମନ୍ଦିରଠାରୁ ଆରମ୍ଭ କରି ରାମେଶ୍ୱର, ଲକ୍ଷ୍ମଣେଶ୍ୱର, ମୁକ୍ତେଶ୍ୱର, ମେଘେଶ୍ୱର, ଶତ୍ରୁଘ୍ନେଶ୍ୱର ପ୍ରଭୃତି ମନ୍ଦିର ଚତୁଃପାର୍ଶ୍ୱକୁ ସଫା କରାଯିବା ସହ ସୁସଜ୍ଜିତ ଆଲୋକମାଳାରେ ସଜାଯାଇଛି। ଶ୍ରଦ୍ଧାଳୁମାନେ କିଭଳି ଶାନ୍ତି ଶୃଙ୍ଖଳାର ସହ ମହାପ୍ରଭୁଙ୍କ ଦର୍ଶନ କରିପାରିବେ, ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ଅଧିକାଂଶ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ବ୍ୟବସ୍ଥିତ ଦର୍ଶନ ଲାଗି ମହିଳା ଓ ପୁରୁଷଙ୍କୁ ୨ଟି ପୃଥକ୍ ଧାଡ଼ିରେ ଭିତରକୁ ଛଡ଼ାଯିବାକୁ ବ୍ୟବସ୍ଥା ହୋଇଛି। ସେହିପରି ରାତି ସମୟରେ ଅତ୍ୟଧିକ ଭିଡ଼ ହେବା ସମ୍ଭାବନା ଥିବାରୁ ସ୍ୱତନ୍ତ୍ର ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବ। କେତେକ ମନ୍ଦିରରେ ସିସିଟିଭି ମଧ୍ୟ ଲଗାଯାଇଛି। ମନ୍ଦିରଗୁଡ଼ିକରେ ଶୁକ୍ରବାର ପ୍ରାତଃରୁ ମହାଶିବରାତ୍ରି ପାଇଁ ପୂଜାର୍ଚ୍ଚନା ଆରମ୍ଭ ହେବ। ଭୋର୍ ୩ଟା ୪୫ରୁ ୪ଟା ୪୫ ମଧ୍ୟରେ ସମସ୍ତ ମନ୍ଦିରର ସାହାଣ ମେଲା ବା ପହଡ଼ ଖୋଲାଯିବା ପରେ ମହାଦେବଙ୍କ ସ୍ନାନକାର୍ଯ୍ୟ ଅନୁଷ୍ଠିତ ହେବ। ଏହାପରେ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହେବା ସହ ସର୍ବସାଧାରଣଙ୍କ ଦର୍ଶନ ଲାଗି ଦ୍ୱାର ଖୋଲାଯିବ। ତେବେ ଅଧିକାଂଶ ମନ୍ଦିର ଲିଙ୍ଗରାଜ ମନ୍ଦିରରେ ମହାଦୀପ ଉଠିବା ପରେ ମହାଦୀପ ଉଠାଇବେ। ଶୁକ୍ରବାର ପ୍ରାତଃ ୩ଟାରୁ ମଙ୍ଗଳ ଆଳତି ଓ ଅବକାଶ ନୀତି ସହ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ନୀତିନିର୍ଘଣ୍ଟ ଆରମ୍ଭ ହେବ। ରାତି ୧୦ଟାରେ ଏଠାରେ ମହାଦୀପ ଉଠିବ। ଅନ୍ୟପକ୍ଷରେ କେବଳ ଏକାମ୍ର କ୍ଷେତ୍ର ନୁହେଁ, ଭୁବନେଶ୍ୱରରେ ଥିବା ସମସ୍ତ ଶୈବପୀଠରେ ଜାଗର ପାଇଁ ବିଶେଷ ପ୍ରସ୍ତୁତି କରାଯାଇଛି। ୟୁନିଟ-୯ ଶହୀଦନଗର, ସତ୍ୟନଗର, ବରମୁଣ୍ଡା, ନୟାପଲ୍ଲୀ, ସିଆର୍‌ପି, ଚନ୍ଦ୍ରଶେଖରପୁର, ଡମଣା, ଶୈଳଶ୍ରୀବିହାର, ନୀଳାଦ୍ରି ବିହାର, ମଞ୍ଚେଶ୍ୱର, ରସୁଲଗଡ, ଲକ୍ଷ୍ମୀସାଗର, ଭିଏସ୍‌ଏସ୍ ନଗର, ପଳାଶୁଣି ପ୍ରଭୃତି ଅଞ୍ଚଳରେ ଥିବା ଛୋଟବଡ଼ ଶୈବପୀଠଗୁଡ଼ିକ ରଙ୍ଗିନ ଆଲୋକମାଳାରେ ଝଲସୁଛି।

## ଭଜନ ପରିବେଷଣ କରିବେ ଖ୍ୟାତନାମା କଳାକାର

ମହାଶିବରାତି ପ୍ରସ୍ତୁତିରେ ସମସ୍ତ ଛୋଟବଡ଼ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। କେଉଁଠି ଭକ୍ତିଭରା ଭଜନ ସନ୍ଧ୍ୟା ତ କେଉଁଠି ଶାସ୍ତ୍ରୀୟ ନୃତ୍ୟ,ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟର ଜଣାଶୁଣା କଣ୍ଠଶିଳ୍ପୀ ଓ ନୃତ୍ୟଶିଳ୍ପୀମାନେ ଅଂଶଗ୍ରହଣ କରିବେ। ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ମହାଆଡ଼ମ୍ବରରେ ଭଜନ ସମାରୋହର ଆୟୋଜନ କରାଯାଇଛି। ଚଳିତବର୍ଷ ୩୧ ବର୍ଷରେ ପଦାର୍ପଣ କରୁଥିବାରୁ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରାଯିବ। ମୁମ୍ବାଇର ଖ୍ୟାତନାମା କଣ୍ଠଶିଳ୍ପୀ ବାପି ଲାହିରୀ, ଅନୁରାଧା ପୌଡ଼୍ୱାଲ, ଆରତି ମୁଖାର୍ଜୀଙ୍କ ସମେତ ଓଡ଼ିଶାରୁ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ବହୁ ଖ୍ୟାତନାମା କଳାକାର ସଙ୍ଗୀତ ପରିବେଷଣ କରିବେ। ସେହିଦିନ ଭୋର ୪ଟାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ରନାମ, ଭାଗବତ, ଗୀତା ପାଠ, ଶିବ ଚେତନା, ହରିହର ଭଜନ, ରାମଚରିତ ପାରାୟଣ, ପ୍ରବଚନ ପ୍ରଭୃତି କରାଯିବ। ସେହିଭଳି ବ୍ରହ୍ମେଶ୍ୱର ମନ୍ଦିରରେ ଲର୍ଡ ବ୍ରହ୍ମେଶ୍ୱର ଦେବ ଟେମ୍ପୁଲ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହେବ। ମୁମ୍ବାଇର ଖ୍ୟାତନାମା କଣ୍ଠଶିଳ୍ପୀ ଅନିଲ ବାୱରା, ପାମଲା ଜୈନ୍ ଓ ସୌରିନ୍ ଭଟ୍ଟ ଏଠାରେ ଭଜନ ପରିବେଷଣ କରିବେ। ଏଥିସହିତ ଲୋକପ୍ରିୟ କଣ୍ଠଶିଳ୍ପୀ ଇରା ମହାନ୍ତି, କୁମାର ବାପି, ଶୈଳଭାମା ମହାପାତ୍ରଙ୍କ ଭଳି ଆଗଧାଡ଼ିର କଳାକାରମାନେ ଏଠାରେ ଭଜନ ପରିବେଷଣ କରିବେ। ମହାଶିବରାତ୍ରି ଅବସରରେ ବ୍ରହ୍ମେଶ୍ୱର ମନ୍ଦିରରେ ଭୋର ୪ଟା ୩୦ରୁ ସାହାଣମେଲା କରାଯିବ ଏବଂ ସନ୍ଧ୍ୟା ୬ଟା ୩୦ରୁ ସାହାଣମେଲା ଦର୍ଶନ ହେବ।

# ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

କଟକ ଅଫିସ,୧୯।୨

ଜଗତ୍‌ପୁର ଥାନା ଅନ୍ତର୍ଗତ ପାଗାହାଟ ନିକଟରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ପାଗା ଲକ୍ଷ୍ମୀନାରାଣପୁର ଗ୍ରାମର କ୍ଷୀର ଭୋଇ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲ ପଠାଇଛି। କ୍ଷୀରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଛି। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ପରେ କ୍ଷୀରଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ଥାନାରେ ଦଫା ୩୦୨ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, କ୍ଷୀରଙ୍କର ପାଗା ଛକ ନିକଟରେ ଏକ ବିଦେଶୀ ମଦ ଦୋକାନ ନିକଟରେ ଏକ ଦୋକାନ ଅଛି।









ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ଅନ୍ୟମାନେ ଦୀପ ପ୍ରଜ୍ୱଳନ କରୁଛନ୍ତି।

# ବିଦ୍ୟାଳୟ ଶ୍ରେଣୀଗୃହରୁ ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନିମାପଡ଼ା, ୧୯।୨(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ଧିରପୁର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବୁଧବାର ପୋଲିସ ଜଣେ ସହକାରୀ ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ଜାଗେଶ୍ୱରପୁର ଗ୍ରାମର ଆର୍ତ୍ତତ୍ରାଣ ସ୍ୱାଇଁ(୫୦)। ସେ ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ୯ଟା ୩୦ରେ ବିଦ୍ୟାଳୟ ଶ୍ରେଣୀଗୃହରେ ଆର୍ତ୍ତତ୍ରାଣଙ୍କ ମୃତଦେହ ଫ୍ୟାନରେ ଝୁଲଥିବା ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଭିଡ଼ ଜମିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଥିଲା। ଏ ସମ୍ପର୍କରେ ମୃତ ସହକାରୀ ଶିକ୍ଷକଙ୍କ ଭାଇ ସୁଶାନ୍ତ କୁମାର ସ୍ୱାଇଁ ଥାନାରେ ଅଭିଯୋଗ କରିବା ସହ ମୋ ଭାଇଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଥିବା ସେ ତାଙ୍କ ଅଭିଯୋଗଫର୍ଦ୍ଦରେ ଦର୍ଶାଇଛନ୍ତି। ସହକାରୀ ଶିକ୍ଷକ ସ୍ୱାଇଁଙ୍କ ମୃତ୍ୟୁରେ ନିମାପଡ଼ା ଓ ତେରୁଣ୍ଡିଆ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ସରଳ, ମେଳାପି ଓ ଛାତ୍ର ବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ।

# ଲୋକନାଥଙ୍କ ପୀଠରେ ଜଳିଲା ବୃହତ୍ ଦୀପ

ପୁରୀ ଅଫିସ,୧୯।୨

ପବିତ୍ର ପଙ୍କୋଦ୍ଧାର ଏକାଦଶୀ ତିଥିରେ ବୁଧବାର ଶ୍ରୀଲୋକନାଥଙ୍କ ପୀଠରେ ଜଳିଛି ବୃହତ ଜଗତ ମଙ୍ଗଳ ଜାଗର ଦୀପ। ଅଷ୍ଟମ ବର୍ଷ ଲାଗି ଏହି ବୃହତ୍ ଦୀପ ଜଳାଯାଇଛି। ଏହି ଦୀପ ଜାଗର ଯାତ୍ରା ମହାଦୀପ ଉଠିବା ପର୍ଯ୍ୟନ୍ତ ଜଳିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ଏହି ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଉପଜିଲାପାଳ ଭବତାରଣ ସାହୁ, ଜାତୀୟ ରାଜପଥର ମୁଖ୍ୟଯନ୍ତ୍ରୀ ରଞ୍ଜିତ କୁମାର ସାହୁ, ସାମାଜିକ କର୍ମୀ ରାମକୃଷ୍ଣ ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାୟ ୬ ଫୁଟ ଲମ୍ବ, ସାଢେ ୪ଫୁଟ ଓସାର ଓ ୨ ଫୁଟ ଗଭୀର ବିଶିଷ୍ଟ ଏହି ଦୀପ ଶ୍ରୀଲୋକନାଥଙ୍କ ପୀଠ ପାର୍ବତୀ ସାଗର ନିକଟରେ ପ୍ରଜ୍ୱଳନ କରାଯାଇଛି। ବାବା ଲୋକନାଥଙ୍କ ଜାଗର ପର୍ବର ଅନ୍ତିମ ପର୍ଯ୍ୟାୟ ମହାଦୀପ ଉଠିବା ପରେ ଏହି ଦୀପକୁ ପାର୍ବତୀ ସାଗରରେ ବିସର୍ଜନ କରାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

# ଯୁବତୀଙ୍କୁ କାର୍‌ରେ ଅପହରଣ ଉଦ୍ୟମ

## ଫେରାର ପ୍ରେମିକ ଗିରଫ

ଭୁବନେଶ୍ୱର,୧୯।୨(ବ୍ୟୁରେ)

ବିବାହ ପାଇଁ ରାଜି ନ ହେବାରୁ ଯୁବତୀଙ୍କୁ କାର୍‌ରେ ଅପହରଣ ଉଦ୍ୟମ ସହ ଅସଦାଚରଣ କରିଥିବା ଅଭିଯୁକ୍ତ ପ୍ରେମିକଙ୍କୁ ବୁଧବାର ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ନିଜାପୁରା ଗ୍ରାମର ଭବାନୀ ଶଙ୍କର ବାରିକ(୩୬)। ତାଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଭବାନୀଙ୍କୁ ଝାରପଡା ଜେଲ୍‌କୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଭବାନୀ ଲିଙ୍ଗରାଜ ଥାନା ପୁରୁଣା ଭୁବନେଶ୍ୱରର ବୈଶିଷ୍ଟନଗରରେ ରୁହନ୍ତି । ସେ ନୟାପଲ୍ଲୀ ଥାନା ସାଲିଆ ସାହି ଅଞ୍ଚଳର ଜଣେ ଯୁବତୀ କୌଣସି ଏକ ଜରୁରୀ ସମୟରେ ତାଙ୍କ ମୋବାଇଲ୍ ଫୋନ୍‌ରୁ କଲ୍ କରିଥିଲେ। ଏହାପରେ ଭବାନୀ ସେହି ନମ୍ବରରେ ଯୁବତୀଙ୍କ କଲ୍ କରି ବାରମ୍ବାର କଥା ହେବା ସହ ଏକ ତରଫା ଭଲ ପାଉଥିଲେ। ପରବର୍ତ୍ତୀ ସମୟରେ ଭବାନୀ ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ ତାଙ୍କ ପରିବାର ଲୋକଙ୍କୁ ଜଣାଇବାରୁ ସେମାନେ ବିରୋଧ କରିଥିଲେ। ଶେଷରେ ନିରାଶ ହୋଇ ଅଭିଯୁକ୍ତ ଭବାନୀ ଗତ ମଙ୍ଗଳବାର ଉକ୍ତ ଯୁବତୀଙ୍କୁ ନୟାପଲ୍ଲୀ ଟ୍ରାଫିକ ଛକ ନିକଟରେ ଅଟକାଇ ଅପହରଣ ଉଦ୍ୟମ କରିଥିଲେ। ଯୁବତୀଙ୍କୁ ଏକ କାର ଭିତରକୁ ନେବାକୁ ଟଣାଓଟରା କରିଥିଲା। ଯୁବତୀ ଜଣକ ପାଟି କରିବାରୁ ଲୋକେ ସେଠାରେ ପହଞ୍ଚିଯିବାରୁ ଭବାନୀ ଫେରାର ହୋଇଯାଇଥିଲେ। ଏ ନେଇ ଯୁବତୀ ଜଣକଥାନରେ ଅଭିଯୋଗ କରିବା ପରେ ପୋଲିସ ୯୪/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।




| ମଡେଲ | ଅପଗ୍ରେଡ୍ ଲାଭ*(₹) | ଏକ୍ସଚେଞ୍ଜ ଲାଭ*(₹) | କର୍ପୋରେଟ ଲାଭ*(₹ ପର୍ଯ୍ୟନ୍ତ) | ସର୍ବମୋଟ ଲାଭ*(₹ ପର୍ଯ୍ୟନ୍ତ) |
|---|---|---|---|---|
| M8 | 1 39 000.00 | 25 000.00 | 7 000.00 | 1 71 000.00 |
| M6 | 77 000.00 | 25 000.00 | 7 000.00 | 1 09 000.00 |
| M4 | 36 000.00 | 15 000.00 | 7 000.00 | 58 000.00 |

ଅନ୍ୟ ଡିଜେଲ MPVs ତୁଳନାରେ, ଇଞ୍ଜିନ୍ ବନ୍ଦ ଥିବା ଅବସ୍ଥାରେ ଡ୍ରାଇଭରର କାନ ପାଖରେ 43 dB। ବାୟୁ ଗତି 36 m/s। 1ମ ଏବଂ 2ୟ ଧାଡିରେ ସୋଲଡର ରୁମ ଏବଂ 3ୟ ଧାଡିରେ ଲେଗ୍ ରୁମ। *ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ। ଯାନର ରଙ୍ଗ ମୁଦ୍ରିତ ଚିତ୍ରଗୁଡିକଠାରୁ ଭିନ୍ନ ହୋଇପାରେ। ଅଧିକ ସୂଚନା ପାଇଁ, ଦୟାକରି ଆପଣଙ୍କ ନିକଟସ୍ଥ ମହିନ୍ଦ୍ରା ଡିଲରଶିପକୁ ଭିଜିଟ୍ କରନ୍ତୁ।

UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, JAJPUR, KENDRAPARA, PURI, NAYAGARH, KHURDA: 8929207515 | ADITYA MOTORS: CUTTACK, JAGATSINGHPUR, KENDRAPARA, PURI, NAYAGARH, KHURDA: 7873999400, JAJPUR, PANIKOILI: 7873999027

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ